

ହସ୍ତେ ସ୍ଫଟିକ ମାଳୀକାମ୍ ବିଦଧତୀଂ
ପଦ୍ମାସନେ ସଂସ୍ଥିତାମ୍,
ବନ୍ଦେତାଂ ପରମେଶ୍ୱରୀଂ ଭଗବତୀଂ
ବୁଦ୍ଧିପ୍ରଦାମ୍ ଶାରଦାମ୍ ।

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-208 ◆FRIDAY ◆23 JANUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୦୮ ◆ଶୁକ୍ରବାର ◆୨୩ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦






10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | SHRIRAM Finance | IDFC FIRST Bank | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ସଞ୍ଚୟ 31 ଜାନୁଆରୀ 2026 ପର୍ଯ୍ୟନ୍ତ ପ୍ରଯୁଜ୍ୟ । ଉଦ୍ଧୃତ ମୋଟ ସଞ୍ଚୟ ହେଉଛି କ୍ୟାଶ୍ ବ୍ୟାକ୍‌ଜନିତ ସଞ୍ଚୟ । ଶୂନ୍ୟ ପ୍ରୋସେସିଙ୍ଗ ଫୀ ଓ 5 ମାଗଣା ସର୍ଭିସ୍ (3 ଷ୍ଟାଣ୍ଡାର୍ଡ ମାଗଣା ସର୍ଭିସ୍ ଓ 2 ଅତିରିକ୍ତ ମାଗଣା ସର୍ଭିସ୍) । ମାଗଣା ସର୍ଭିସ୍ ର ସଞ୍ଚୟସବୁ ନିର୍ଦ୍ଧାରିତ ଲେବର୍ ଚାର୍ଜେସ୍ ଉଦ୍ଦିଷ୍ଟ । ପ୍ରଯୁଜ୍ୟ ଅଫର୍‌ସବୁ ମଡେଲ/ପ୍ରଦେଶ ଅନୁସାରେ ଭିନ୍ନ ହୋଇପାରେ । ଶୂନ୍ୟ ଡିଏଫ୍ ରେ ସଞ୍ଚୟ, ଫାଇନାନ୍ସର୍ ଉପରେ ନିର୍ଭର କରି ବିଭିନ୍ନ ଅଞ୍ଚଳରେ ଭିନ୍ନ ହୋଇପାରେ । ଫାଇନାନ୍ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମଗୁଡ଼ିକ ପାଳନ କରନ୍ତୁ । ପଲ୍‌ସର 125 ଅଫର୍ ନିଅନ୍ ଓ କାର୍ବନ୍ ଫାଇବର୍ ମଡେଲ୍ ସକାଶେ ।

**Authorised Dealers for BAJAJ Auto Ltd.: Bhubaneswar: Lewis Road** MSB BAJAJ 7381088720 • **Nayapalli** BHARAT BAJAJ 7064406721 • **Patia** BHARAT BAJAJ 7381099444 • **Rasulgarh** BHARAT BAJAJ 9124717803 • **Phulnakhara** BHARAT BAJAJ 9124717805 • **Charichak** MSB BAJAJ 8018881850 , • **Banki** MSB BAJAJ 9348819293• **Balugaon** BHARAT BAJAJ 7381099441 • **Puri MSB BAJAJ 7077735752** • **Pipili MSB BAJAJ 7077735755** • **Cuttack: Badambadi SURAJ BAJAJ 8093066603** • **Shikharpur RASHMI BAJAJ 9237379210** • **Satichaura RASHMI BAJAJ 9237379211** • **Nayagarh** MSB BAJAJ 7790048130 • **Rajsunakhala** MSB BAJAJ 9668820967 • **Daspalla** MSB BAJAJ 7873925390 • **Phulbani** MSB BAJAJ 8917341979

# କଟକ ସିଟି



## ଆଜି ନେତାଜୀ ଜୟନ୍ତୀ

# 'ସାଲିସ୍‌ବିହୀନ ସଂଗ୍ରାମୀ ସୁଭାଷ'



ତୁମେ ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି... ଏହି ଗୋଟିଏ ଆହ୍ୱାନରେ ସମଗ୍ର ଭାରତବର୍ଷର ଯୁବଶକ୍ତିଙ୍କ ମଧ୍ୟରେ ସ୍ୱାଧୀନତାର ସ୍ପୃହା ଜାଗ୍ରତ କରିଥିବା ମହାନ ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପବିତ୍ର ଜୟନ୍ତୀ । ଓଡ଼ିଶାର ମାଟି କଟକର ଓଡ଼ିଆ ବଜାରରୁ ଜନ୍ମ ନେଇ ବିଶ୍ୱ ମଞ୍ଚରେ ବ୍ରିଟିଶ ସାମ୍ରାଜ୍ୟବାଦର ମୂଳଦୁଆ ଦୋହଲାଇ ଦେଇଥିବା ଏହି ଅମର ନାୟକଙ୍କ ବୀରତ୍ୱ ଓ ସାଲିସବିହୀନ ସଂଗ୍ରାମର ଗାଥା ଆଜି ବି କୋଟି କୋଟି ଭାରତୀୟଙ୍କ ଧମନୀରେ ରକ୍ତର ଉଷ୍ମତା ଭରିଦିଏ..ତାଙ୍କର ସେହି ଅଦମ୍ୟ ସାହସ, ଦେଶପ୍ରେମ ଏବଂ "ଜୟ ହିନ୍ଦ'ର ମନ୍ତ୍ରକୁ ସ୍ମରଣ କରିବା ପାଇଁ ସାରା ଦେଶ ଆଜି ପ୍ରସ୍ତୁତ ହୋଇଥିବା ବେଳେ ତାଙ୍କ ଜନ୍ମମାଟି ତଥା ଜାନକୀ ନାଥ ଭବନରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି...

କଟକ,୨୨।୧(ସମିସ):

କଟକ ଓଡ଼ିଆ ବଜାରର ଜାନକୀନାଥ ଭବନ। ୧୮୯୭ ମସିହା ଜାନୁୟାରୀ ୨୩ରେ ଏହି ଘରେ ଜନ୍ମ ନେଇଥିଲେ ମହାନ ରାଷ୍ଟ୍ରନାୟକ ନେତାଜୀ। ପିତାଙ୍କ ନାମ ଜାନକୀନାଥ ବୋଷ ଓ ମା'ଙ୍କ ନାମ ପ୍ରଭାବତୀ ଦେବୀ। କଟକର ପାଣିପବନ ନେତାଜୀଙ୍କୁ ଗଢ଼ି ତୋଳିଥିଲା ବିଶ୍ୱର ଜଣେ ମହାନ ସଂଗ୍ରାମୀ ରୂପରେ। ୧୯୧୦ ମସିହା ଅଗଷ୍ଟ ୧୧ ତାରିଖ। ସହିଦ୍ ଖୁଦିରାମଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଉପବାସ ରହି ସେ ଦେଶପ୍ରେମ ଜାହିର କରିଥିଲେ। ରେଭେନ୍ସା କଲିଜିଏଟ ସ୍କୁଲରୁ ମାଟ୍ରିକ ପାସ୍ କରି କୋଲକାତାର ପ୍ରେସିଡେନ୍ସି କଲେଜରେ ଉଚ୍ଚଶିକ୍ଷା ନିମନ୍ତେ ନାମ ଲେଖାଇଥିଲେ। ସେଠାରେ ଦେଶବିରୋଧୀ ବାକ୍ୟ ବ୍ୟବହାର କରୁଥିବା ଅଧ୍ୟାପକଙ୍କୁ ବିରୋଧ କରି କଲେଜରୁ ବିତାଡିତ ହୋଇଥିଲା। ଏହି ଘଟଣାସମୂହ ନେତାଜୀଙ୍କ ମନରେ ଦେଶପ୍ରେମକୁ ଜାଗ୍ରତ କରିଥିଲା। ବିପ୍ଳବ ତାଙ୍କ ଧମନୀର ପ୍ରତିଟି ରକ୍ତବିନ୍ଦୁରେ ପ୍ରବାହିତ ହୋଇଥିଲା। ତେବେ ଦେଶର ପୂର୍ଣ୍ଣ ସ୍ୱରାଜ ପାଇଁ ଆଉ ପଛକୁ ଫେରି ନଥିଲେ। ଆଜାଦ ହିନ୍ଦ ଫୌଜ ଗଢ଼ି ଜୀବନକୁ ଦେଶସେବାରେ ସମର୍ପି ଦେଇଥିଲେ। ଭାରତୀୟଙ୍କୁ ସ୍ୱାଧୀନତାର ସ୍ୱାଦ ଚଖାଇବା ପାଇଁ ସଂଗ୍ରାମ ଜାରି ରଖିଥିଲେ। ତାଙ୍କ ଜୀବନ ସଂଗ୍ରାମର ସନ୍ତକକୁ ଛାତିରେ ଲୁଚାଇ ରଖିଛି ଓଡ଼ିଆବଜାରସ୍ଥିତ ଜାନକୀନାଥ ଭବନ। ୨୦୦୪ ମସିହାରେ ଏହି ଭବନକୁ ରାଜ୍ୟ ସରକାର ସଂଗ୍ରହାଳୟର ମାନ୍ୟତା ଦେଇଥିଲେ।




### ■ ଦିନ ୧ଟା ଯାଏଁ ରହିବ କଟକଣା

ଉପରାଷ୍ଟ୍ରପତି ସି.ପି ରାଧାକ୍ରିଷ୍ଣନନଙ୍କ କାର୍ଯ୍ୟକ୍ରମ ଥିବାରୁ ଜନସାଧାରଣଙ୍କ ପ୍ରବେଶ ଉପରେ ପ୍ରଶାସନ ପକ୍ଷରୁ କଟକଣା ଲଗାଯାଇଛି। ସକାଳ ୭ଟାରୁ ଅପରାହ୍ଣ ୧ଟା ପର୍ଯ୍ୟନ୍ତ ଜନସାଧାରଣ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟକୁ ପ୍ରବେଶ କରିପାରିବେ ନାହିଁ। ଦିନ ୧ଟା ପରେ ସାଧାରଣ ପ୍ରବେଶ ପାଇଁ ଅନୁମତି ମିଳିବ। ଅନ୍ୟପକ୍ଷରେ ପ୍ରବେଶ ଶୁଳ୍କକୁ ଜୟନ୍ତୀ ନିମନ୍ତେ ଛାଡ କରାଯାଇଛି।

### ■ ସ୍ମୃତି ବଖାଣୁଛି ରେଭେନ୍ସା କଲିଜିଏଟ୍

ନେତାଜୀ ନିଜ ଜୀବନର ପ୍ରାୟ ୧୬ବର୍ଷ କଟକରେ ବିତାଇଥିଲେ। ବାଲ୍ୟ ଜୀବନଠାରୁ ଶିକ୍ଷାଗ୍ରହଣ ପର୍ଯ୍ୟନ୍ତ ତାଙ୍କର ସମସ୍ତ ସ୍ମୃତି ସହର ସହିତ ଜଡିତ ରହିଛି। ବିଶେଷକରି ରେଭେନ୍ସା କଲିଜିଏଟ ସ୍କୁଲରେ ନେତାଜୀ ପାଠ ପଢିଥିଲେ। ୧୯୦୯ ଜାନୁଆରୀ ୧୨ ତାରିଖରେ ନେତାଜୀ ଏହି ସ୍କୁଲରେ ନାମ ଲେଖାଇଥିଲେ। ଓଡିଆବଜାରରେ ନିଜ ଘର ହୋଇଥିଲେ ମଧ୍ୟ ପିତା ଜାନକୀନାଥ ତାଙ୍କୁ ହଷ୍ଟେଲରେ ଭର୍ତ୍ତି କରିଥିଲେ। ସେହିଦିନ ଅନ୍ୟ ୬ଜଣ ମଧ୍ୟ ନାମ ଲେଖାଇଥିଲେ। ଏ ସମ୍ବନ୍ଧୀୟ କିଛି ପୁରାତନ ଦସ୍ତାବିଜ ରେଭେନ୍ସା କଲିଜିଏଟ ସ୍କୁଲରେ ରଖାଯାଇଛି।

### ■ ନେତାଜୀଙ୍କ ଅଗ୍ନିବର୍ଷୀ ଭାଷଣ

୧୯୩୯ ମସିହାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓଡିଶା ଆସିଥିଲେ। ଏହି ସମୟରେ ନିଜର ଜନ୍ମମାଟି କଟକ ଆସି ଓଡିଆ ବଜାରସ୍ଥିତ ନିଜର ପୈତୃକ ବାସଭବନ ଦେଖିଥିଲେ। ତତ୍କାଳୀନ ରେଭେନ୍ସା କଲେଜର ପ୍ରିନ୍ସିପାଲ ପ୍ରାଣକୃଷ୍ଣ ପରିଜା ନେତାଜୀଙ୍କୁ ଏକ ସଭାରେ ଯୋଗଦେବାକୁ ଆମନ୍ତ୍ରଣ କରିଥିଲେ। ନେତାଜୀଙ୍କୁ ଦେଖିବାକୁ ଛାତ୍ରଛାତ୍ରୀଙ୍କ ସମେତ ସ୍ଥାନୀୟ ଲୋକଙ୍କର ଭିଡ ଜମିଥିଲା। ମୁଖ୍ୟ ଅତିଥି ଭାବେ ଏହି ସଭାରେ ନେତାଜୀ ଯୋଗଦେଇ ନିଜ ଅଗ୍ନିବର୍ଷୀ ଭାଷଣ ଦେଇ ଛାତ୍ରଛାତ୍ରୀଙ୍କୁ ଦେଶପ୍ରେମରେ ଜାଗ୍ରତ ହେବାକୁ ଆହ୍ୱାନ ଦେଇଥିଲେ।

### ■ ପ୍ରଥମଥର ଆସୁଛନ୍ତି ଉପରାଷ୍ଟ୍ରପତି



ଉପରାଷ୍ଟ୍ରପତି ସି.ପି ରାଧାକ୍ରିଷ୍ଣନନ ପ୍ରଥମଥର ନିମନ୍ତେ ନେତାଜୀ ଜନ୍ମସ୍ଥାନ ଏବଂ ସଂଗ୍ରହାଳୟ ଆସୁଛନ୍ତି। ଏଥି ନିମନ୍ତେ ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଏପରିକି ସଂସ୍କୃତି ମନ୍ତ୍ରଣାଳୟ ତରଫରୁ ପ୍ରଥମଥର ଏଠାରେ ପରାକ୍ରମ ଦିବସ ପାଳନ କରାଯିବ। କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ମୁଖ୍ୟ ଅତିଥି ଭାବେ ଯୋଗ ଦେବେ।




## ନେତାଜୀ ଜୟନ୍ତୀ ପାଇଁ ପୁଲିସ ପ୍ରସ୍ତୁତି

# ସୁରକ୍ଷା ଦାୟିତ୍ୱରେ ୩୫ ପ୍ଲାଟୁନ୍ ଫୋର୍ସ

କଟକ,୨୨।୧(ସମିସ): ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ଆଜି ପରାକ୍ରମ ଦିବସ ପାଳିତ ହେବ। ଏହି କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାକୁ ଦୃଷ୍ଟିରେ ରଖି କଟକ କମିଶନରେଟ ପୁଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଛି। ସୁରକ୍ଷା ବ୍ୟବସ୍ଥାରେ ପ୍ରାୟ

**ସଂଗ୍ରହାଳୟକୁ ସର୍ବସାଧାରଣ ପ୍ରବେଶ କଟକଣା**

୩୫ ପ୍ଲାଟୁନ ପୋଲିସ ଫୋର୍ସ ଓ କର୍ମୀ ସାମିଲ ହେବେ ବୋଲି ଆଜି ଅନୁଷ୍ଠିତ ପୁଲିସ ସୁରକ୍ଷା ପରିଚାଳନା ବୈଠକରେ ଡିସିପି ଖିଲାରୀ ରଷିକେଶ ଦ୍ୟାନଦେଓ ସୂଚନା ଦେଇଛନ୍ତି।

ଉପରାଷ୍ଟ୍ରପତି କାର୍ ଯୋଗେ ଭୁବନେଶ୍ୱରରୁ ସିଧା ଓଡିଆ ବଜାର ସ୍ଥିତ ନେତାଜୀଙ୍କ ଜନ୍ମପୀଠରେ ପହଞ୍ଚିବେ। ପ୍ରଥମେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସଂଗ୍ରହାଳୟ ବୁଲିଦେଖିବେ। ଏହାପରେ ନିକଟରେ ଥିବା ସଂସ୍କୃତି ଭବନରେ





ଆୟୋଜିତ ହେଉଥିବା ପରାକ୍ରମ ଦିବସରେ ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ରହିବେ। ପ୍ରୋଟୋକଲ ଅନୁସାରେ ଉପରାଷ୍ଟ୍ରପତିଙ୍କ ନିମନ୍ତେ ଜେଡ ପ୍ଲସ ବା ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏଥିରେ ୩୫ ପ୍ଲାଟୁନ ଅର୍ଥାତ ପ୍ରାୟ ୯୦୦ ପୁଲିସ କର୍ମୀ ଦାୟିତ୍ୱରେ ରହିବେ। ସେହିପରି ୧୫୦ରୁ ଅଧିକ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। କଟକ ସହରର ବିଭିନ୍ନ ଥାନା ସହିତ ଜିଲ୍ଲା ବାହାରୁ କିଛି ଅଧିକାରୀ ଦାୟିତ୍ୱରେ ରହିବେ। ନେତାଜୀ ସଂଗ୍ରହାଳୟ, ସଂସ୍କୃତି ଭବନ ଓ କଟକ-ଭୁବନେଶ୍ୱର ରାସ୍ତାରେ ରୁଟ ଲାଇନିଂ ପାଇଁ ଏହି ପୋଲିସ କର୍ମୀ ଓ ଅଧିକାରୀ ନିୟୋଜିତ ହେବେ। ପୁଲିସ କମିଶନର ଓ ଡିସିପି କାର୍ଯ୍ୟକ୍ରମ ସ୍ଥଳରେ ଉପସ୍ଥିତ ରହିବେ ବୋଲି ଡିସିପି ଶ୍ରୀ ଦ୍ୟାନଦେଓ ପୁଲିସ ସୁରକ୍ଷା ପରିଚାଳନା ବୈଠକରେ ସୂଚନା ଦେଇଥିଲେ। ଏହାପରେ ସମସ୍ତ ପୁଲିସ ଅଧିକାରୀଙ୍କୁ ସେମାନଙ୍କ ଡ୍ୟୁଟି ସମ୍ପର୍କରେ ସୂଚନା ଦିଆଯାଇଥିଲା। ଆଜି ସକାଳୁ ସୁରକ୍ଷା କର୍ମୀ ମୁତୟନ କରାଯିବ। ଉପ ରାଷ୍ଟ୍ରପତିଙ୍କ କାରକେଡ ଆସିବା ବେଳେ କିଛି ସମୟ ପାଇଁ କଟକ ସହର ମଧ୍ୟରେ ଟ୍ରାଫିକ କଟକଣା କରାଯିବ। ଅନ୍ୟପଟେ, ସୁରକ୍ଷା ଦୃଷ୍ଟିରୁ ଶୁକ୍ରବାର ସକାଳ ୭ଟାରୁ ଦିନ ୧ଟା ଯାଏ ନେତାଜୀ ସଂଗ୍ରହାଳୟକୁ ସର୍ବସାଧାରଣଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ଦିନ ୧ଟା ପରେ ସମସ୍ତେ ପ୍ରବେଶ କରିପାରିବେ ବୋଲି ଜଣାପଡ଼ିଛି।

# ଲାଞ୍ଚ ନେଇ ରାଜସ୍ୱ ନିରୀକ୍ଷକ ଗିରଫ

କଟକ,୨୨।୧(ସମିସ): କଟକ ସଦର ତହସିଲ ଅଧୀନସ୍ଥ କଖଡ଼ି ସର୍କଲର ରାଜସ୍ୱ ନିରୀକ୍ଷକ (ଆରଆଇ) ଜାନକୀ ରଞ୍ଜନ ମଲ୍ଲିକଙ୍କୁ ଆଜି ଓଡ଼ିଶା ଭିଜିଲାନ୍ସ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଗିରଫ କରିଛି। ଜଣେ ଜମି ମାଲିକଙ୍କ ଏକ ମ୍ୟୁଟେସନ ମାମଲାରେ ଅନୁକୂଳ ରିପୋର୍ଟ ପ୍ରଦାନ କରିବା ଏବଂ ପଟ୍ଟା (ଆରଓଆର) ପ୍ରଦାନ କରିବା ପାଇଁ ଶ୍ରୀ ମଲ୍ଲିକ ୧୦ ହଜାର ଟଙ୍କା ଦାବି କରିଥିଲେ। ଜମି ମାଲିକ ଜଣକ ଏହି କାର୍ଯ୍ୟ ପାଇଁ ଅନଲାଇନ ମାଧ୍ୟମରେ ଆବେଦନ କରିଥିଲେ। ଆରଆଇ ଶ୍ରୀ ମଲ୍ଲିକ ମ୍ୟୁଟେସନ ମାମଲାର ଶୁଣାଣି ପାଇଁ ୨୦୨୬ ଜାନୁଆରି ୨୭ ତାରିଖ ଧାର୍ଯ୍ୟ କରିଥିଲେ ଏବଂ ଆବେଦନକାରୀଙ୍କୁ ୨୦ତାରିଖରେ କାର୍ଯ୍ୟାଳୟରେ ଭେଟିବା ସହ ଟଙ୍କା ଆଣିବାକୁ କହିଥିଲେ।



ଆବେଦନକାରୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ୨୨ ତାରିଖରେ ଭିଜିଲାନ୍ସ ଟିମ୍ ତାଙ୍କ କାର୍ଯ୍ୟାଳୟରେ ଚଢ଼ଉ କରି ତାଙ୍କୁ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ଧରିଥିଲେ। ଗିରଫ ପରେ ଭିଜିଲାନ୍ସ ଟିମ୍ ଶ୍ରୀ ମଲ୍ଲିକଙ୍କ କଟକ କନିକା ଛକ ସ୍ଥିତ ଭଡ଼ା ଘର, କଟକ ଜିଲ୍ଲା କାନପୁର ଥାନା ଅନ୍ତର୍ଗତ ନିଜ ଗ୍ରାମ ସିଆରିଆ ଏବଂ ତାଙ୍କ କାର୍ଯ୍ୟାଳୟରେ ଏକକାଳୀନ ଚଢ଼ଉ କରିଥିଲେ। ଚଢଉ ବେଳେ ନଗଦ ୩.୩୭ ଲକ୍ଷ ଜବତ କରାଯାଇଛି। ଏହି ଘଟଣାରେ ଶ୍ରୀ ମଲ୍ଲିକଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଏନଏସଏସ ଶିବିର ଉଦଘାଟିତ

କଟକ,୨୨।୧(ସମିସ): ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨୨ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଆଜି ଅଧ୍ୟକ୍ଷା ଡ. ସ୍ନେହଲତା ମିଶ୍ରଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡ. ସଞ୍ଜୟ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୫୦ ଜଣ ଏନ୍‌ଏସ୍‌ଏସ୍ ଛାତ୍ର ଭାଗନେଇ ସେବା ଯୋଜନାରେ ନିଜକୁ ସମର୍ପିତ କରିବା ପାଇଁ ସଂକଳ୍ପ କରିଥିଲେ। ଅଧ୍ୟକ୍ଷା ଡ. ମିଶ୍ର ପିଲାମାନଙ୍କୁ ଏନ୍‌ଏସ୍‌ଏସ୍‌ର ମହତ୍ୱ ଓ ତାତ୍ପର୍ଯ୍ୟ ସଂପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ଏଡିପିଓ ଜ୍ୟୋତି ପ୍ରକାଶ ପରିଡା, ଅଧ୍ୟାପକ ରଞ୍ଜନ ଜେନା, ଧର୍ମେନ୍ଦ୍ର ନାଥ ମହାନ୍ତି, ଶାରଦା ପ୍ରସନ୍ନ ସାହୁ, ଅଧ୍ୟାପିକା ସସ୍ମିତା ରଥ, ଡାଏନା ଦେ ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ।



# ଆତଙ୍କବାଦୀ ଆକ୍ରମଣରେ ଶାରୀରିକ ଅକ୍ଷମ ଯବାନଙ୍କ ପତ୍ନୀଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୨୨।୧(ସମିସ): ଦେଶ ପାଇଁ ପ୍ରାଣବଳି ଦେଉଥିବା ଯବାନଙ୍କ ପରିବାର ପ୍ରତି ସମ୍ବେଦନଶୀଳ ହେବାକୁ କେନ୍ଦ୍ର ସରକାର ଓ ସିଆରପିଏଫ କର୍ତ୍ତୃପକ୍ଷଙ୍କୁ କହିଛନ୍ତି ହାଇକୋର୍ଟ। ଶ୍ରୀନଗରରେ ଆତଙ୍କବାଦୀ ଆକ୍ରମଣର ଶିକାର ହୋଇ ଅକ୍ଷମ ହୋଇଥିବା ଜଣେ ସିଆରପିଏଫ ଯବାନଙ୍କ ପତ୍ନୀଙ୍କୁ ହେଡ କନଷ୍ଟେବଲ ଭାବେ ଅନୁକମ୍ପା ନିଯୁକ୍ତି ପାଇଁ ଜଣିକିଆ ବିଚାରପତି ଦେଇଥିବା ଆଦେଶକୁ କାଏମ ରଖିଛନ୍ତି ହାଇକୋର୍ଟ। ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କ ଆବେଦନକୁ ଖାରଜ କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅନୁକମ୍ପାମୂଳକ ନିଯୁକ୍ତି କ୍ଷେତ୍ରରେ ଲିଖିତ ପରୀକ୍ଷା କରିବା ପାଇଁ କୌଣସି ଆଇନଗତ ଆବଶ୍ୟକତା ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ୨୦୦୭ ମସିହା ଜାନୁଆରୀ ୨୩ ତାରିଖରେ ଶ୍ରୀନଗରରେ କାର୍ଯ୍ୟରତ ଥିବାବେଳେ ଏକ ବୋମା ବିସ୍ଫୋରଣରେ ସିଆରପିଏଫ ଯବାନ ଅଜିତ କୁମାର ଖୁଣ୍ଟିଆ ଗୁରୁତର ଭାବେ ଆହତ ହୋଇ ଶାରୀରିକ ଅକ୍ଷମ ହୋଇଥିଲେ। ତାଙ୍କର ଅକ୍ଷମତା ଯୋଗୁଁ ୨୦୧୪ ମସିହାରେ ତାଙ୍କୁ ଚାକିରିରୁ ଅବ୍ୟାହତି ଦିଆଯାଇଥିଲା। ଯବାନଙ୍କ ସ୍ନାତକ ଡିଗ୍ରୀଧାରୀ ପତ୍ନୀ ୨୦୧୩ ଯୋଜନା ଅନୁଯାୟୀ ହେଡ୍ କନଷ୍ଟେବଲ ପଦ ପାଇଁ ଆବେଦନ କରିଥିଲେ ମଧ୍ୟ କର୍ତ୍ତୃପକ୍ଷ ତାଙ୍କୁ ଅଯଥା ଲିଖିତ ପରୀକ୍ଷା ପାଇଁ ବାଧ୍ୟ କରିଥିଲେ ଓ ଏହାର ଫଳାଫଳ ଅନୁସାରେ ତାଙ୍କୁ ନିଯୁକ୍ତିରୁ ବଞ୍ଚିତ କରାଯାଇଥିଲା। ଏହା ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଣିକିଆ ବିଚାରପତି ତାଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହାକୁ ବିରୋଧ କରି କେନ୍ଦ୍ର ସରକାର ଓ ସିଆରପିଏଫ କର୍ତ୍ତୃପକ୍ଷ ଦୁଇ ଜଣିଆ ଖଣ୍ଡପୀଠରେ ରିଟ୍ ଆବେଦନ କରିଥିଲେ।

## ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରିକେଟ

# ଭିବିଏସ୍ ଚାମ୍ପିଅନ; ପାଟଳିପୁତ୍ର ରନର୍ସଅପ

କଟକ,୨୨।୧(ସମିସ):

ରେଭେନ୍ସା ବିଶ୍ୱବିଦ୍ୟାଳୟ ଏବଂ ଆସୋସିଏସନ ଅଫ ଇଣ୍ଡିଆନ ୟୁନିଭର୍ସିଟି(ଏଆଇୟୁ)ର ମିଳିତ ଆନୁକୂଲ୍ୟରେ ଆୟୋଜିତ




ଆନ୍ତଃବିଶ୍ୱବିଦ୍ୟାଳୟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମୁକାବିଲାରେ ଭିବିଏସ୍ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ୭ ୱିକେଟରେ ପାଟଳିପୁତ୍ର ବିଶ୍ୱବିଦ୍ୟାଳୟକୁ ହରାଇ ଚାମ୍ପିଅନ ହୋଇଛି। ଅନିମେଶ କୁମାରଙ୍କ ୬୮ରନ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ପାଟଳିପୁତ୍ର ୧୬୧ରନରେ ଅଲଆଉଟ ହୋଇଥିଲା। ଅଜିତ ବର୍ମାଙ୍କ ୫୬ରନ ଏବଂ ଅମନ ଅଲ୍ଲୀଙ୍କ ୪୭ରନ ବଳରେ ଭିବିଏସ୍ ୭ ୱିକେଟ ବାକି ରଖି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ସେହିପରି ୩ୟ ସ୍ଥାନ ନିମନ୍ତେ ଖେଳାଯାଇଥିବା ମ୍ୟାଚ୍‌ରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ୫୦ରନରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ହରାଇଥିଲା। ଉପରୋକ୍ତ ୪ଟି ଦଳ ଜାତୀୟ ସ୍ତରୀୟ ବିଶ୍ୱବିଦ୍ୟାଳୟ ଟୁର୍ଣ୍ଣାମେଣ୍ଟ ଖେଳିବା ନିମନ୍ତେ ଯୋଗ୍ୟତା ହାସଲ କରିଛନ୍ତି। ଅନ୍ୟପକ୍ଷରେ ଉକ୍ତ ଟୁର୍ଣ୍ଣାମେଣ୍ଟରୁ ପ୍ରଦର୍ଶନ ଭିତ୍ତିରେ ଏକ ଦଳ ଗଠନ କରାଯାଇଛି। ଏଆଇୟୁର ଅନୁମୋଦନ ପରେ ଉକ୍ତ ଦଳ ଭିଜି ଟ୍ରଫିରେ ଭାଗ ନେବ।

ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଆୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଓଡ଼ିଶା କ୍ରିକେଟ ଆସୋସିଏସନ ସଭାପତି ତଥା ଆମେଚର ଭଲିବଲ ଫେଡେରେଶନ ସଭାପତି ପଙ୍କଜ ଲୋଚନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳସଚିବ କାହ୍ନୁଚରଣ ମଲ୍ଲିକ, ପୂର୍ବତନ ରଣଜୀ ଖେଳାଳି ବିଶ୍ୱଜିତ ମହାନ୍ତି, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏଆଇୟୁ ପର୍ଯ୍ୟବେକ୍ଷକ ପ୍ରଫେସର ଭୀଷ୍ମ ସିଂହ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟ ଆୟୋଜନକୁ ପ୍ରଶଂସା କରିଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନା କମିଟି ଅଧ୍ୟକ୍ଷ ପ୍ରଫେସର ଧର୍ମବ୍ରତ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କମିଟି ସମ୍ପାଦକ ଡଃ ଅଞ୍ଜନ କୁମାର ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ। ସ୍ପୋର୍ଟସ କାଉନସିଲ ସଦସ୍ୟ ଡଃ ମନୋଜ କୁମାର ଦାସ, ଡଃ ଯାଜ୍ଞସେନୀ ରାଉତ, ଡଃ ସତ୍ୟବ୍ରତ ବେହେରା, କୋଚ୍ କଳିଙ୍ଗ କୁମାର ଦାସ, ମାନସ ପ୍ରସାଦ ରାଉତ, ପ୍ରସାଦ ପ୍ରଧାନ, ମହେଶ କୁମାର ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

| ବିଜ୍ଞାପନ ସଂ. CRPD/SCO/2025-26/22 (ଚୁକ୍ତିଭିତ୍ତିକ ପଦବୀ) | | | |
|---|---|---|---|
| ପୋଷ୍ଟର ନାମ | ଖାଲି ପଦବୀ | 31.12.2025 ରେ ବୟସ (ବର୍ଷ) | |
| | | ସର୍ବନିମ୍ନ | ସର୍ବାଧିକ |
| ଉପାଧ୍ୟକ୍ଷ (ୟୁଏକ୍ସ) | 1 | 40 | 50 |
| ଉପ-ଉପାଧ୍ୟକ୍ଷ (ୟୁଏକ୍ସ) | 1 | 36 | 44 |
| ସହାୟକ ଉପାଧ୍ୟକ୍ଷ (ୟୁଏକ୍ସ) | 1 | 32 | 40 |
| ବରିଷ୍ଠ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ (ୟୁଆଇ ଏବଂ ୟୁଏକ୍ସ) | 3 | 28 | 37 |

| ବିଜ୍ଞାପନ ସଂ. CRPD/SCO/2025-26/22 (ନିୟମିତ ପଦବୀ) | | | | |
|---|---|---|---|---|
| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ | 31.12.2025 ରେ ବୟସ (ବର୍ଷ) | |
| | | | ସର୍ବନିମ୍ନ | ସର୍ବାଧିକ |
| ଉପ-ପ୍ରବନ୍ଧକ (ୟୁଆଇ ଏବଂ ୟୁଏକ୍ସ) | ଏମ୍‌ଏମ୍‌ଜିଏସ୍-II | 6 | 25 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/ web/ careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query)ରେ ଉପଲବ୍ଧ ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 16.01.2026 ରୁ 05.02.2026 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 16.01.2026
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

### ଘୋଷଣାରେ ରହିଗଲା ଟ୍ରମା କେୟାର ସେଣ୍ଟର

# ଦୁର୍ଘଟଣା ଆହତଙ୍କୁ ଭରସା କଟକ ବଡ଼ ଡାକ୍ତରଖାନା



ଆନନ୍ଦପୁର,୨୨ ।୧(ସମିସ): କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ସମେତ ଜାତୀୟ ରାଜପଥ କଡ଼ରେ ଥିବା ୫ଟି ଡାକ୍ତରଖାନାରେ ଅତ୍ୟାଧୁନିକ ଟ୍ରମାକେୟାର ସେଣ୍ଟର ଖୋଲିବାକୁ ତତ୍କାଳୀନ ସରକାରଙ୍କ ସମୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ହେଲେ ଏହା ଘୋଷଣାରେ ରହିଯାଇଛି । କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ, ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ, ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟ୍ରମା କେୟାର ସେଣ୍ଟର ଖୋଲାଯିବ ବୋଲି ୨୦୨୩ ସେପ୍ଟେମ୍ବର ୧୫ରେ ଘୋଷଣା କରାଯାଇଥିଲା । ଏହାଦ୍ୱାରା ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ ତୁରନ୍ତ ଚିକିତ୍ସା ମିଳିପାରିବ ବୋଲି କୁହାଯାଇଥିଲା । କେବଳ କେନ୍ଦୁଝରରେ ଟ୍ରମା କେୟାର ସେଣ୍ଟର ଖୋଲା ଯାଇଥିବାବେଳେ ଅନ୍ୟସ୍ଥାନରେ ଏହା କେବଳ ଘୋଷଣାରେ ସୀମିତ ରହିଛି । ଆନନ୍ଦପୁର ଦେଇ ୨୦ନମ୍ବର ଜାତୀୟ ରାଜପଥ ଓ ୫୩ ନମ୍ବର ରାଜ୍ୟ ରାଜପଥ ଯାଇଛି । ରାସ୍ତାର ଦୁରବସ୍ଥା ତଥା ବେପରୁଆ ଗାଡ଼ି ଚାଳନା ପାଇଁ ବିଭିନ୍ନ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି । ଦୁର୍ଘଟଣାଗ୍ରସ୍ତ ଲୋକେ ଆମ୍ବୁଲାନ୍ସରେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ଆସୁଛନ୍ତି । କିଛି ସମୟ ମଧ୍ୟରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିବାକୁ ଡାକ୍ତର ପରାମର୍ଶ ଦେଉଛନ୍ତି । ଅନେକ ସମୟରେ ଆମ୍ବୁଲାନ୍ସ ଉପଲବ୍ଧ ରହୁ ନଥିବାରୁ କଟକ ଯିବାରେ ବିଳମ୍ବ ହେଉଛି । ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ କେନ୍ଦୁଝର ଜିଲ୍ଲା ସମେତ ପଡ଼ୋଶୀ ମୟୂରଭଞ୍ଜ, ଭଦ୍ରକ, ଯାଜପୁର ଜିଲ୍ଲାର ୨୦ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ନିର୍ଭର କରୁଛନ୍ତି । ବିଶେଷ କରି ମୁଣ୍ଡରେ ଆଘାତ ପାଇଥିବା ଲୋକଙ୍କ ଚିକିତ୍ସାପାଇଁ ଏଠାରେ କୌଣସି ବ୍ୟବସ୍ଥା ନାହିଁ । ଗୁରୁତର ରୋଗୀଙ୍କୁ ତୁରନ୍ତ ଚିକିତ୍ସାସେବା ଯୋଗାଇବା ପାଇଁ ତତ୍କାଳୀନ ରାଜ୍ୟ ସରକାରଙ୍କ ସମୟରେ ଆନନ୍ଦପୁର ସମେତ ୫ଟି ଡାକ୍ତରଖାନାରେ ସ୍ୱତନ୍ତ୍ର ଟ୍ରମା କେୟାର ସେଣ୍ଟର ଖୋଲାଯିବ ବୋଲି ଘୋଷଣା ହୋଇଥିଲା । ସରକାର ବଦଳିବା ପରେ ଏହି ନିଷ୍ପତ୍ତି ଫାଇଲ ତଳେ ଚାପି ହୋଇଯାଇଛି । ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ ପଦକ୍ଷେପ ଗ୍ରହଣ କରୁ ବୋଲି ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ କହିଛନ୍ତି ।

## ହଦଗଡ଼ରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ



ହାଟଡ଼ିହୀ,୨୨ ।୧(ସମିସ): ହାଟଡ଼ିହୀ ବ୍ଲକ ହଦଗଡ଼ଠାରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମଟି ସରପଞ୍ଚ ନିରୁପମା ନନ୍ଦିଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଶୁଭ ଉଦଘାଟନ କରିଥିଲା ବେଳେ ଏଥିରେ ଉପାଧ୍ୟକ୍ଷ ଜିଲ୍ଲା ପରିଷଦ ସୋମନାଥ ଦାସ, ହାଟଡ଼ିହୀ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଜିଲ୍ଲା ପରିଷଦ ସଭ୍ୟା କୌଶଲ୍ୟା ସେଠୀ, ହାଟଡ଼ିହୀ ବିଡିଓ ରଞ୍ଜନ କୁମାର ପରିଡ଼ା, ସିଡିପିଓ ଉମାମଣି ମହାପାତ୍ର, ହଦଗଡ଼ର ପୂର୍ବତନ ସରପଞ୍ଚ ଅଭିମନ୍ୟୁ ନାଏକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡି କର୍ମୀ ଗୋପାଳ ନାୟକ, ଅଭୟ ରାଉତଙ୍କ ସମେତ ପଞ୍ଚାୟତର ୱାର୍ଡମେମ୍ବରଙ୍କ ସହ ଗ୍ରାମବାସୀ ଯୋଗ ଦେଇଥିଲେ । ପୂର୍ବତନ ସରପଞ୍ଚ ମଦନ ନନ୍ଦି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଝୁମ୍ପୁରା ବ୍ଲକ ବିଜୁ ଜନତା ଦଳର ସାଂଗଠନିକ ବୈଠକ



ବାଲିବନ୍ଧ,୨୨ ।୧(ସମିସ): ପାଟଣା ନିର୍ବାଚନ ମଣ୍ଡଳୀ ଝୁମ୍ପୁରା ବ୍ଲକର ୧୦ଟି ପଞ୍ଚାୟତର ବିଜୁ ଜନତା ଦଳ ର କର୍ମକର୍ତ୍ତାମାନଙ୍କୁ ନେଇ ସାଙ୍ଗଠନିକ ବୈଠକ ବିଜୁ ଜନତା ଦଳର ବ୍ଲକ ସଭାପତି ଡମ୍ବରୁଧର ଦାସଙ୍କ ସଭାପତିତ୍ୱରେ ଟୁକୁଡିହା ପଞ୍ଚାୟତର ସରାସିଙ୍ଗା ଗ୍ରାମର ସିଦ୍ଧେଶ୍ୱର ମଠ ନିକଟରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଜୁ ଜନତା ଦଳର ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, ପୂର୍ବତନ ବିଧାୟକ ତଥା ରାଜ୍ୟ ସାଧାରଣସମ୍ପାଦକ ଜଗନ୍ନାଥ ନାୟକ, ଜିଲ୍ଲା ସାଧାରଣସମ୍ପାଦକ ମହେନ୍ଦ୍ର କୁମାର ସାହୁ, ଝୁମ୍ପୁରା ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକ, ବରିଷ୍ଠ କାର୍ଯ୍ୟକର୍ତ୍ତା ସତ୍ୟବ୍ରତ ନାୟକ, ଧନେଶ୍ୱର ମହାନ୍ତ, ୧୮ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ରାଧାକାନ୍ତ ନାୟକ, ସିନିୟର ଉପ ସଭାପତି ଯଦୁନାଥ ରାଉତ, ଉପ ସଭାପତି ଶ୍ରୀବତ୍ସ କୁମାର ସାହୁ, କୁଳଧର ମହାନ୍ତ, ପୂର୍ବତନ ଯୁବ ସଭାପତି ଇଂ ହରିଭକ୍ତ କୁନା ଗିରି, ସାମାଜିକ ଗଣମାଧ୍ୟମ ପ୍ରତିନିଧି ରୁଦ୍ରନାରାୟଣ ମହାନ୍ତ, ୧୮ ନମ୍ବର ଜୋନ ସଭାପତି ଯଦୁମଣି ବାରିକ, ୧୭ ନମ୍ବର ଜୋନ ସଭାପତି ବାହାଦୂର ବାରିକ ପ୍ରମୁଖ ମଞ୍ଚାସିନ ରହିଥିଲେ । ଏହି ସାଙ୍ଗଠନିକ ବୈଠକରେ ଯୋଗଦାନ କରିଥିବା ବିଜୁ ଜନତା ଦଳର କର୍ମକର୍ତ୍ତା ମାନେ ତାଙ୍କ ବକ୍ତବ୍ୟରେ କହିଲେ ଯେ ଦଳ ସରକାର କରି ନ ଥିଲେ ମଧ୍ୟ ଆଜିବି ଲୋକଙ୍କ ହୃଦୟରେ ରହିଛି । ତୃଣମୂଳସ୍ତରରେ ପୁଣିଥରେ ଦଳର କର୍ମକର୍ତ୍ତା ମାନଙ୍କୁ ସୁସଙ୍ଗଠିତ କରିବା ପାଇଁ ଗୁରୁମନ୍ତ୍ର ଦେଇଥିଲେ । ଏହି ବୈଠକରେ ୧୦ ପଞ୍ଚାୟତରୁ ମନୋନୀତ ହୋଇଥିବା ପଞ୍ଚାୟତ ସଭାପତିମାନଙ୍କୁ ଦଳ ତରଫରୁ ସ୍ୱାଗତ କରିଥିଲେ । ସେହିପରି ଦଳର କର୍ମକର୍ତ୍ତାମାନଙ୍କ ଉପସ୍ଥିତିରେ ଅନ୍ୟ ଦଳରୁ ଆସିଥିବା ୧୦ରୁ ଉର୍ଦ୍ଧ୍ୱ କର୍ମୀ ଦଳର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଯୋଗଦାନ କରିଛନ୍ତି । ବୈଠକରେ ୧୦ ଟି ପଞ୍ଚାୟତରୁ ୨ ଶହରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା । ଯଦୁମଣି ବାରିକ ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ବରିଷ୍ଠ କାର୍ଯ୍ୟକର୍ତ୍ତା ସୁଶାନ୍ତ କୁମାର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ‘ଚର୍ଚ୍ଚ ଅଫ୍ ଗଡ୍’ର ବିଶ୍ୱବ୍ୟାପୀ ସ୍ୱଚ୍ଛତା ଅଭିଯାନ



କେନ୍ଦୁଝର,୨୨।୧(ସମିସ): ଚର୍ଚ୍ଚ ଅଫ୍ ଗଡ୍ ବିଶ୍ୱବ୍ୟାପୀ ସ୍ୱଚ୍ଛତା ଅଭିଯାନ ଶୁଭାରମ୍ଭ ହୋଇଛି । କେନ୍ଦୁଝରଗଡ ପୌରପାଳିକାର ଅଧ୍ୟକ୍ଷା ନିକୁ ସାହୁ ସ୍ୱେଚ୍ଛାସେବକଙ୍କୁ ଉତ୍ସାହିତ କରିଥିଲେ ଏବଂ ପରିଷ୍କାର ପରିବେଶକୁ ଦେଖି ବହୁତ ପ୍ରଭାବିତ ହୋଇଥିଲେ ଓ ଚର୍ଚ୍ଚ ଅଫ୍ ଗଡ୍‌ର ସଦସ୍ୟମାନଙ୍କୁ ଧନ୍ୟବାଦ ଦେଇଥିଲେ । କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ ସ୍ଥାନ ପରିଦର୍ଶନ କରିଥିଲେ ଏବଂ ଗର୍ବର ଭାବନା ପ୍ରକାଶ କରି ସ୍ୱର୍ଗୀୟ ମାତା ନୂତନ ଯିରୁଶାଲମଙ୍କୁ ମଧ୍ୟ ଧନ୍ୟବାଦ ଅର୍ପଣ କରିଥିଲେ । ଏହିପରି ସ୍ୱଇଚ୍ଛ ସେବା କାର୍ଯ୍ୟକୁ ବଜାୟରଖିବା ପାଇଁ ଓ ମିଳିମିଶି କାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ । ଚର୍ଚ୍ଚ ଅଫ୍ ଗଡ୍ ବିଶ୍ୱବ୍ୟାପୀ ସ୍ୱଚ୍ଛତା ଅଭିଯାନରେ ତେଲକୋଇ ବସଷ୍ଟାଣ୍ଡ ଚାରିପାଖ ଅଞ୍ଚଳର ପ୍ରାୟ ୩୦୦ ଜଣ ସ୍ୱେଚ୍ଛାସେବୀଙ୍କ ଅଂଶଗ୍ରହଣରେ ପରିଷ୍କାର କରିଥିଲେ । ଏହାପରେ ସେମାନେ କେନ୍ଦୁଝର ସହରର ରାସ୍ତା ପାର୍ଶ୍ୱରେ ସଫେଇ କରିଥିଲେ । ବୁଧବାର ଦିନ ପ୍ରାୟ ୧୧ଟା ସମୟରେ ପ୍ରାୟ ୩୦୦ ଜଣ ସ୍ୱେଚ୍ଛାସେବକ, ମୁଖ୍ୟତଃ ଚର୍ଚ୍ଚ ଅଫ୍ ଗଡ୍ ସଦସ୍ୟ ତେଲକୋଇ ବସଷ୍ଟାଣ୍ଡରେ ଏକତ୍ରିତ ହୋଇଥିଲେ । ଏହି ଅଂଚଳଟି ବେଆଇନ ଭାବରେ ଫୋପାଡି ଦିଆଯାଉଥିବା ଅଳିଆ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିଲା । ସ୍ୱେଚ୍ଛାସେବକମାନେ ପ୍ଲାଷ୍ଟିକ କପ୍, ଷ୍ଟ୍ର, ପ୍ଲାଷ୍ଟିକ ବ୍ୟାଗ୍, ବାକ୍ସ ଏବଂ ସ୍ନାକ୍ସ ରାପର୍ ସମେତ ବିଭିନ୍ନ ପ୍ରକାରର ଘରୋଇ ଅଳିଆ ସଂଗ୍ରହ କରିଥିଲେ । ୨୧ ତାରିଖରେ ଚର୍ଚ୍ଚ ପକ୍ଷରୁ କେନ୍ଦୁଝରରେ ୯୧୬୪ ତମ ବିଶ୍ୱବ୍ୟାପୀ ସ୍ୱଚ୍ଛତା ଅଭିଯାନ ଆୟୋଜନ କରାଯାଇଛି ।

## ପାଟଣାରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ



ତୁରୁମୁଙ୍ଗା,୨୨।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକସ୍ତରୀୟ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଛି । ଶ୍ରୀଅନ୍ନ ଅଭିଯାନରେ ବୁଧବାର ବ୍ଲକ୍ କୃଷି ବିଭାଗ ତରଫରୁ ଏରେଣ୍ଡେଇ ଠାରେ ସ୍ୱେଚ୍ଛାସେବୀ ସଙ୍ଗଠନ ଭାରତ ସଂସ୍ଥା ପରିସରରେ ଶ୍ରୀବଳଭଦ୍ର ଚାଷୀ ଉତ୍ପାଦକ କମ୍ପାନୀ ଲିମିଟେଡ୍ ଓ ଏରେଣ୍ଡେଇ ଭାରତ ସଂସ୍ଥା ସାହଯୋଗରେ ଆୟୋଜିତ ଏ ନେଇ ସଭାରେ ମୁଖ୍ୟ ଅତିଥି ଭାବ ପାଟଣା ବ୍ଲକ୍ ଅଧ୍ୟକ୍ଷା ବୀଣାପାଣି ନାୟକ ଯୋଗ ଦେଇଥିଲେ ।

ଭାଷ୍ୟକାର ପାର୍ଥ ସାରଥୀ ବେଜଙ୍କ ସଂଯୋଜନାରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ପାଟଣା ବ୍ଲକ୍ ପ୍ରତିନିଧି କମଳା କାନ୍ତ ଦାଶ, ୨୩ନମ୍ବର୍ ଜୋନ ଜିଲ୍ଲାପରିଷଦ ସଦସ୍ୟା ରୁନୁ ମହାନ୍ତ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବିଶ୍ୱନାଥ ନାୟକ, ମୂଷାଖୋରୀ ସରପଞ୍ଚ ଭାମାମଣି ଦାସ, ଜିଲ୍ଲା କୃଷି ଅଧିକାରୀ କବିତା ବେହେରା, ବ୍ଲକ୍ କୃଷି ଅଧିକାରୀ ବର୍ଷା ବୈଶାଳୀ, ବ୍ଲକ୍ ଯୋଗାଣ ଅଧିକାରୀ ଦିବ୍ୟ ରାଜ ଭୋଇ, ଭାରତ ସ୍ୱେଚ୍ଛାସେବୀ ସଂଗଠନର ସମ୍ପାଦକ ନବ କିଶୋର ମିଶ୍ର, ଅଞ୍ଚଳ ଅଧିକାରୀ ଶିବନାଥ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ କୃଷି ଅଧିଦର୍ଶକ ଦୁର୍ଗା ଚରଣ ତ୍ରିପାଠୀ, ଅଭୟ ଚରଣ ରାଉତ, ଶ୍ରୀବଳଭଦ୍ର ଏଗ୍ରିକଲଚର ଫାର୍ମର ପ୍ରଡ୍ୟୁସ କମ୍ପାନୀର ଦୀନକୃଷ୍ଣ ମହାନ୍ତ, ରଣଜିତ ମହାନ୍ତ, ତ୍ରିଲୋଚନ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ । ଏଥିରେ ୨ଶହରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟିକା ଗ୍ରୁପର ମହିଳା ଉପସ୍ଥିତ ଥିବାବେଳେ ପ୍ରଥମ ଦିନରେ କ୍ୱିଣ୍ଟାଲ ପ୍ରତି ୪୮୮୬ ଟଙ୍କାରେ ୧୯ ଜଣ ଚାଷୀଙ୍କ ଠାରୁ ୧୭ କ୍ୱିଣ୍ଟାଲ ୫୦ କେଜି ମାଣ୍ଡିଆ କିଣା ଯାଇଥିଲା । ବ୍ଲକ୍ ଅଞ୍ଚଳରେ ୧ ହଜାର ୩୫ ଜଣ ଚାଷୀ ୫୦୦ ହେକ୍ଟରରେ ମାଣ୍ଡିଆ ଚାଷ କରିଛନ୍ତି । ଆସନ୍ତା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସମସ୍ତ ଚାଷୀଙ୍କ ଠାରୁ ମାଣ୍ଡିଆ କିଣାଯିବ ବୋଲି ବ୍ଲକ୍ କୃଷି ଅଧିକାରୀ ବର୍ଷା ବୈଶାଳୀ କହିଛନ୍ତି ।

## ଚୋରି ଘଟଣାରେ ୨ ନାବାଳକ ସହ ମୁଖ୍ୟ ଅଭିଯୁକ୍ତ ଗିରଫ



ଯୋଡ଼ା, ୨୨ ।୧( ସମିସ): ଯୋଡ଼ା ଥାନା ଅଧୀନ ବାଂଶପାଣି ଅଞ୍ଚଳର ଏକ ମୋଟରପାର୍ଟସ୍ ଦୋକାନ ଆଜବେଷ୍ଟସ୍ ଭାଙ୍ଗି ପ୍ରାୟ ଅଢେଇ ଲକ୍ଷ ଟଙ୍କା ମୂଲ୍ୟରେ ମୋଟର ପାର୍ଟସ ଚୋରି ହୋଇଛି । ଏହି ଘଟଣାରେ ଯୋଡ଼ା ପୁଲିସ ୨ ନାବାଳକ ସମେତ ମୁଖ୍ୟ ଅଭିଯୁକ୍ତ ବାଂଶପାଣି ଅଞ୍ଚଳର ଅମିତ ମୁଣ୍ଡାଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି । ଗତ ୧୭ ତାରିଖ ରାତିରେ ଏହି ଚୋରି ଘଟଣାଟି ଘଟିଥିବା ବେଳେ ଏନେଇ ଦୋକାନର ମାଲିକ ରାହୁଲ କେଜ୍ରିୱାଲ ଯୋଡ଼ା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୁକ୍ତଙ୍କଠାରୁ ସମସ୍ତ ଚୋରି ସାମଗ୍ରୀ ଜବତ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ ସାମଲ ସୂଚନା ଦେଇଛନ୍ତି । ଏନେଇ ଯୋଡ଼ା ଥାନାରେ ମାମଲା ରୁଜୁ ହୋଇଛି ।

## ୫୦ ଲିଟର ମଦ ଜବତ, ୩ ଗିରଫ

ହାଟଡ଼ିହୀ,୨୨ ।୧(ସମିସ): ହାଟଡ଼ିହୀ ବ୍ଲକର ବିଭିନ୍ନ ଅଞ୍ଚଳରେ ଚୋରା ମଦ କାରବାରବେଳେ ଅବକାରୀ ବିଭାଗ ପକ୍ଷରୁ ଅତର୍କିତ ଚଢ଼ଉ କରାଯାଇଛି । ପୃଥକ ପୃଥକ ୩ଟି ସ୍ଥାନରେ ଚଢ଼ଉ କରି ୫୦ ଲିଟରରୁ ଉର୍ଦ୍ଧ୍ୱ ଦେଶୀ ଓ ବିଦେଶୀ ମଦ ଜବତ କରିବା ସହିତ ୩ ଜଣଙ୍କୁ ଅବକାରୀ ବିଭାଗ ଗିରଫ୍ କରିଛି । ଜିଲ୍ଲା ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଇନ୍ସପେକ୍ଟର ବ୍ରଜମୋହନ ମଲ୍ଲିକଙ୍କ ନେତୃତ୍ୱରେ ନନ୍ଦିପଦା ଥାନା ଶାଳକଣିଆଁ, ଆନନ୍ଦପୁର ଥାନା ପୁରୁଣାଘାଟି ଓ ସୋସୋ ଥାନା ଅଧୀନସ୍ଥ ସୋସୋ ଗ୍ରାମରେ ଚଢ଼ଉ ୫୦ଲିଟରରୁ ଉର୍ଦ୍ଧ୍ୱ ଦେଶୀ ଓ ବିଦେଶୀ ମଦ ଜବତ୍ କରିଥିଲେ । ସୋସୋ ଗ୍ରାମର ବ୍ରହ୍ମାନନ୍ଦ ସିଂ ନିଜ ଦୋକାନ ଘରେ ଚୋରାରେ ବିଦେଶୀ ମଦ ବିକ୍ରି କରୁଥିବା ବେଳେ ଅବକାରୀ ବିଭାଗ ଚଢ଼ଉ କରି ବିପୁଳ ପରିମାଣର ମଦ ଜବତ୍ କାରିଥିଲା । ଏହି ଘଟଣାରେ ତିନୋଟି ମାମଲା ରୁଜୁ ହୋଇଛି । ଏହି ଘଟଣାରେ ପୁରୁଣାଘାଟି ଗ୍ରାମର ରାଜେଶ ହୋ(୩୦), ଶାଳକଣିଆଁ ଗ୍ରାମର ପଦ୍ମଲୋଚନ ମୁନ୍ଦୁଲି(୫୯) ଓ ସୋସୋ ଗ୍ରାମର ବ୍ରହ୍ମାନନ୍ଦ ସିଂ(୫୯) ଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ଠାରୁ ଗୋଟିଏ ବାଇକ୍ ମଧ୍ୟ ଜବତ୍ କରାଯାଇଥିବା ନେଇ ଇନ୍ସପେକ୍ଟର ବ୍ରଜମୋହନ ମଲ୍ଲିକଙ୍କ ସୂଚନା ଦେଇଛନ୍ତି ।

## ବିରଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଆନନ୍ଦପୁର,୨୨ ।୧(ସମିସ): ଘସିପୁରା ବ୍ଲକ୍ ବିରଗୋବିନ୍ଦପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଘସିପୁରା ଗୋଷ୍ଠୀ ଶିକ୍ଷାଧିକାରୀ ସଦ୍ୟସ୍ନାନ ପଣ୍ଡା ମୁଖ୍ୟଅତିଥି , ଏବିଇଓ ହାଡିବନ୍ଧୁ ସାହୁ ବିଶେଷ ଅତିଥି, ପ୍ରାକ୍ତନ ପ୍ରଧାନଶିକ୍ଷକ କାଳନ୍ଦୀଚରଣ ମହାପାତ୍ର, ଘସିପୁରା ଏସଏଚଜି ସଂଘ ସଭାପତି ଛବିରାଣୀ ମିଶ୍ର, ପରିଚାଳନା କମିଟି ସଭାପତି ନିରଞ୍ଜନ ନାଇକ, ପଞ୍ଚସଖା ସେତୁ ସଭାପତି ପ୍ରଦୀପ କୁମାର ପତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ । ପରେ ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସହକାରୀ ଶିକ୍ଷକ ମନୋଜ କୁମାର ବେଜ, ରମାମଣି ମହାପାତ୍ର, ଦୀପାଞ୍ଜଳି ସାହୁ, ପ୍ରତିମା ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

## ବାଉଁଶଗଡ଼-କଣ୍ଟିପାଳ ଧାନମଣ୍ଡି ପରିଦର୍ଶନ

ଆନନ୍ଦପୁର,୨୨ ।୧(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ଅଧୀନ ପଦ୍ମପୁର, ବାଉଁଶଗଡ଼ ଓ କଣ୍ଟିପାଳ ଆଦି ଧାନମଣ୍ଡୀକୁ ଆଜି ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ପରିଦର୍ଶନ କରିବା ସହିତ ଚାଷୀମାନଙ୍କ ସହିତ ଆଲୋଚନା କରିଛନ୍ତି । ଚଳିତବର୍ଷ ଖରିଫ୍ ଧାନ କିଣା କାରବାରକୁ ଶୃଙ୍ଖଳାର ସହିତ କରିବା ପାଇଁ ରାଜ୍ୟ ସରକାର ବ୍ୟାପକ ବ୍ୟବସ୍ଥା କରିଛନ୍ତି । ଚାଷୀମାନେ ଧାନ ଦେବାର ୪୮ ଘଣ୍ଟା ମଧ୍ୟରେ ସେମାନଙ୍କର ଆକାଉଣ୍ଟକୁ ପାଉଣା ଆସିବ ବୋଲି ଶ୍ରୀ ସାହୁ କହିଛନ୍ତି । ଧାନ କିଣା କାରବାରରେ ଯେଉଁ ମିଲର କିମ୍ବା ପ୍ରଶାସନିକ ଅଧିକାରୀମାନେ ଅସାଧୁ ଉପାୟ ଅବଲମ୍ବନ କରିବେ ତଥା କଟ୍‌ନୀଛଟନୀ କରୁଥିବା ଅଭିଯୋଗ ହେଲେ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏହି କାର୍ଯ୍ୟକ୍ରମରେ ସର୍ବଶ୍ରୀ ପ୍ରାଣବନ୍ଧୁ ସାହୁ, କୈଳାଶ ଚନ୍ଦ୍ର ନାୟକ, ପୁରୁଷୋତ୍ତମ ସାହୁ, ବାଇଧର ସାହୁ, ରାହାସ ବିହାରୀ ସାହୁ, ସନ୍ୟାସୀ ପାତ୍ର, ବସନ୍ତ କୁମାର ସାହୁ, କେଦାର ସାମଲ, ମନୋରଞ୍ଜନ ସାହୁ ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦଙ୍କ ସମେତ ଶତାଧିକ ଚାଷୀ ଯୋଗଦାନ କରିଥିଲେ ।

## ହାଇୱା ଚୋରି ଅଭିଯୋଗରେ ୩ ଗିରଫ

ହାଟଡ଼ିହୀ,୨୨ ।୧(ସମିସ): ପୁଲିସ ଜିମାରେ ଥିବା ଏକ ଟ୍ରକକୁ ଚୋରି କରିବା ଅଭିଯୋଗରେ ପୁଲିସ ତିନିଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଅନୁସାରେ, ଗତ ୧୮ ତାରିଖରେ କେନ୍ଦୁଝର ଜିଲ୍ଲାର କନିଷ୍ଠ ଖଣି ଅଧିକାରୀ ସୁନିଲ ଦେହୁରୀ ବାଲି ଅବୈଧ ପରିବହନ ଅଭିଯୋଗରେ ଓଡ଼ି-୨୨ଏବି-୫୯୩୨ ନମ୍ବର ବିଶିଷ୍ଟ ଟ୍ରକଟିକୁ ଜବତ କରିଥିଲେ । ଏ ସଂକ୍ରାନ୍ତରେ ନନ୍ଦିପଦା ଥାନାରେ ମଧ୍ୟ ଏକ ଲିଖିତ ଅଭିଯୋଗ । ଏନେଇ ମାମଲା ରୁଜୁ ହୋଇଥିଲା । ଗତ ୨୦ ତାରିଖ ରାତି ପ୍ରାୟ ୯ଟା ବେଳେ ଜବତ୍ ଯାନଗୁଡ଼ିକୁ ଯାଞ୍ଚ କରିବା ସମୟରେ ଏସଆଇ ବିନିତା ଲାକ୍ରା ଦେଖିଥିଲେ ଯେ ଟ୍ରକ୍ ନଂ ଓଡ଼ି-୨୨ଏବି-୫୯୩୨ ରଖାଯାଇଥିବା ସ୍ଥାନରେ ନଥିଲା । ଏହି ସଂକ୍ରାନ୍ତିରେ ତାଙ୍କ ରିପୋର୍ଟ ଆଧାରରେ ନନ୍ଦିପଦା ଥାନାରେ ଅନ୍ୟ ଏକ ମାମଲା ରୁଜୁ କରି ତଦନ୍ତ ଭାର ନିରୀକ୍ଷକ ବଳିଆ ବାରିକଙ୍କୁ ଦିଆଯାଇଥିଲା । ତଦନ୍ତରୁ ଜଣାଯାଇଥିଲା ଯେ, ଜବତ୍ ଯାନଟି ମାଲିକ ବିଶ୍ୱଜିତ ପୃଷ୍ଟି ତାଙ୍କ ଭାଇ ଦେବାଶିଷ ପୃଷ୍ଟି, ଉଭୟ ଗ୍ରାମ-ହାଟୁଆରୀ, ଥାନା-ତିହିଡ଼ି, ଜିଲ୍ଲା-ଭଦ୍ରକ ଏବଂ ଡ୍ରାଇଭର ସନ୍ୟାସୀ ବେହେରା, ଗ୍ରାମ-ବେରୁଣେଇ, ଥାନା-ତିହିଡ଼ି, ଜିଲ୍ଲା-ଭଦ୍ରକ, ନକଲି ଚାବି ବ୍ୟବହାର କରି ପୁଲିସ ଜିମାରୁ ଚୋରି କରିନେଇଥିଲେ । ଜବତ ବାଲିକୁ ୫୩ନଂ ରାଜ୍ୟ ରାଜପଥ ପାର୍ଶ୍ୱରେ ଢାଳି ଦେଇ, ସେମାନେ ଭଦ୍ରକ ଆଡ଼କପ ପଳାଇଥିଲେ । ପରେ ବାସୁଦେବପୁର ଥାନା ଅଧୀନ ବ୍ରହ୍ମାନଗାଁ ଗ୍ରାମରେ ଥିବା ତାଙ୍କ ମାମୁ ଅର୍ଜୁନ ଚରଣ ସାହୁଙ୍କ ଘରକୁ ଯାଇ, ତାଙ୍କ ସହଯୋଗରେ ଉକ୍ତ ଟ୍ରକଟିକୁ ଲୁଚେଇ ରଖିଥିଲେ । ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ବିଶ୍ୱଜିତ ପୃଷ୍ଟି, ଦେବାଶିଷ ପୃଷ୍ଟି ଓ ଅର୍ଜୁନ ଚରଣ ସାହୁଙ୍କୁ ନନ୍ଦିପଦା ପୁଲିସ ଗିରଫ କରି କୋର୍ଟକୁ ଚାଲାଣ କରିବା ସହ ଚୋରି ହୋଇଥିବା ଟ୍ରକ୍‌ଟିକୁ ଜବତ୍ କରି ନିଜ ହେପାଜତକୁ ଆଣିଛି ।

## ଅବସରପ୍ରାପ୍ତ ସୈନିକଙ୍କୁ ଶ୍ରଦ୍ଧାଞ୍ଜଳି



ଆନନ୍ଦପୁର,୨୨ ।୧(ସମିସ): ୧୯୭୧ ପାକିସ୍ଥାନ ସହିତ ଯୁଦ୍ଧରେ ନିଜର ବିରତ୍ୱ ପ୍ରଦର୍ଶନ କରିଥିବା ଆନନ୍ଦପୁର ବ୍ଲକ୍ ମୋଚିନ୍ଦା ଗ୍ରାମର ଅବସରପ୍ରାପ୍ତ ସୈନିକ ମଥୁରା ସାହୁଙ୍କ ଶ୍ରଦ୍ଧବାର୍ଷିକ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଆନନ୍ଦପୁର ସୈନିକ ସଂଘର ସଭାପତି ସୁବେଦାର ମେଜର ଅଭିମନ୍ୟୁ ସାହୁ, ସମ୍ପାଦକ କୈବଲ୍ୟ ବେହେରା, ସଦସ୍ୟ ବାବୁଲି ବେହେରା, ପ୍ରଭାକର ବିଶ୍ୱାଳ, ବିଦ୍ୟାଧର ସାମଲ, ସନ୍ତୋଷ ଦାସ, ପ୍ରଫୁଲ୍ଲ ସାହୁ, ବରିଷ୍ଠ ସାମ୍ବାଦିକ ଶତ୍ରୁଘ୍ନ ସାହୁ ପ୍ରମୁଖ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଦେଶପାଇଁ ତାଙ୍କର ତ୍ୟାଗ ସବୁଦିନ ପାଇଁ ମନେ ରହିବ ବୋଲି ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ସତ୍‌ସଂଗ ଅନୁଷ୍ଠିତ ହୋଇଥିବାବେଳେ ପରେ ସ୍ଥାନୀୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ପୁତ୍ର ରଂଜିତ୍ ସାହୁ, ବିଜୟ ସାହୁ, ଅଜୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ



ତେଲକୋଇ,୨୨ ।୧(ସମିସ): କେନ୍ଦୁଝର ଜିଲ୍ଲା ଅଧୀନ ତେଲକୋଇ ବ୍ଲକସ୍ଥିତ ଓରିଆ ଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅଧ୍ୟକ୍ଷ ରଘୁନାଥ ପରିଡ଼ାଙ୍କ ସଭାପତିତ୍ୱରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ‘ସଂଗମ ୨. ୦’ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମରେ ତେଲକୋଇ ବ୍ଲକ୍ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାଏକ, ତହସିଲଦାର ଅନୁପମା ମୁର୍ମୁ, ବିଧାୟକଙ୍କ ପ୍ରତିନିଧି ପଦ୍ମଲୋଚନ ସାହୁ ଏବଂ ସିଡିପି ଓ ସୀମା ଦାସ ଅତିଥି ଭାବେ ଯୋଗଦାନ କରିଥିଲେ । ବର୍ତ୍ତମାନ ସମାଜରେ ଶିକ୍ଷାର ଭୂମିକା ତଥା ତାହାର ଲକ୍ଷ୍ୟ କିପରି ସାଧିତ ହେବା ଆବଶ୍ୟକ ସେହି ବିଷୟରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ବାର୍ଷିକ ବିବରଣୀର ସୂଚନା ପ୍ରଦାନ କରିବା ସହ ବିଦ୍ୟାଳୟରେ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହାପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ବେହେରା ଓ ଶିକ୍ଷକ ସତ୍ୟକୃଷ୍ଣ ଦାସ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଚିତ୍ତରଞ୍ଜନ ସାହୁ, ପରିକ୍ଷିତ ଓଝା, ଅନୁଭବ ରାଉତ, ବିଶ୍ୱଭୂଷଣ ମହାନ୍ତ, ପିଙ୍କିରାଣୀ ବରାଳ, ବିନୋଦ ଚନ୍ଦ୍ର ଓରାମ, ସଞ୍ଜୟ କୁମାର ବେହେରା, ଜୁଗଳ କିଶୋର ସାହୁ, ରଞ୍ଜନା ଖରିଦା, ମିର ହେଦାତୁଲା, ବିଶ୍ୱଜିତ ବେହେରା, ନିବେଦିତା ମହାନ୍ତ, ନିତୁରାଣୀ ରାଉତ, ଦେବରାଜ ଲାକ୍ରା ସହଯୋଗ କରିଥିବାବେଳେ ସୁଦର୍ଶନ ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡ଼ିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/22 (ଚୁକ୍ତିଭିତ୍ତିକ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ | 31.12.2025 ରେ ବୟସ (ବର୍ଷ) | |
|---|---|---|---|
| | | ସର୍ବନିମ୍ନ | ସର୍ବାଧିକ |
| ଉପାଧ୍ୟକ୍ଷ (ୟୁଏକ୍ସ) | 1 | 40 | 50 |
| ଉପ-ଉପାଧ୍ୟକ୍ଷ (ୟୁଏକ୍ସ) | 1 | 36 | 44 |
| ସହାୟକ ଉପାଧ୍ୟକ୍ଷ (ୟୁଏକ୍ସ) | 1 | 32 | 40 |
| ବରିଷ୍ଠ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ (ୟୁଆଇ ଏବଂ ୟୁଏକ୍ସ) | 3 | 28 | 37 |

ବିଜ୍ଞାପନ ସଂ. CRPD/SCO/2025-26/22 (ନିୟମିତ ପଦବୀ)

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ | 31.12.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ଉପ-ପ୍ରବନ୍ଧକ (ୟୁଆଇ ଏବଂ ୟୁଏକ୍ସ) | ଏମ୍‌ଏମ୍‌ଜିଏସ୍-II | 6 | 25 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query)ରେ ଉପଲବ୍ଧ ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 16.01.2026 ରୁ 05.02.2026 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 16.01.2026
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

# ୫ ଡକାୟତ ଗିରଫ; ଖଣ୍ଡା, ଭୁଜାଲି ଓ ରଡ୍ ଜବତ



**ରାଉରକେଲା, ୨୨।୧(ସମିସ):** ଡକାୟତି ଯୋଜନା କରୁଥିବା ବେଳେ ପ୍ଲାଣ୍ଟ ସାଇଟ୍ ଥାନା ପୁଲିସ ଚଢ଼ଉ କରି ୫ ଜଣ ଡକାୟତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ, ନୂଆବଜାରର ମମ ମାଝୀ (୨୮), ଟିମ୍ବର କଲୋନୀର ଆଶୁତୋଷ ରଥ ଓରଫ ଶିବୁ (୨୭), ଗୋପବନ୍ଧୁପାଲିର ଯତୀନ ରାୟ (୧୯), କରନ କେରକେଟା (୨୮) ଓ ନିରଞ୍ଜନ ଠାକୁର (୨୪)। ସେମାନଙ୍କ ଠାରୁ ଗୋଟିଏ ଖଣ୍ଡା, ୨ଟି ଭୁଜାଲି ଓ ୨ଟି ରଡ ଜବତ କରାଯାଇଛି। ପୁଲିସ ସୂଚନା ମୁତାବକ, ରେଲୱେ କଲୋନୀ ବଡ ପାର୍କ ଠାରେ ବୁଧବାର ବିଳମ୍ବିତ ରାତିରେ କିଛି ଯୁବକ ଏକାଠି ବସିଥିବା ସୂଚନା ମିଳିଥିଲା। ଏସପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଟିମ୍ ସେଠାରେ ସଦଳବଳେ ଚଢ଼ଉ କରିଥିଲା। ପୁଲିସକୁ ଦେଖି ସମସ୍ତେ ଦୌଡି ଫେରାର ହେବାକୁ ଚେଷ୍ଟା କରିଥିଲେ। କିନ୍ତୁ ପୁଲିସ ୫ ଜଣଙ୍କୁ କାବୁ କରି ଗିରଫ କରିବାକୁ ସକ୍ଷମ ହୋଇଥିଲା। ନିକଟସ୍ଥ ଘର, ଦୋକାନ ଓ ପେଟ୍ରୋଲ ପମ୍ପରେ ଡକାୟତି ଯୋଜନା କରୁଥିବା ଗିରଫ ଅଭିଯୁକ୍ତ ମାନେ ପୁଲିସ ନିକଟରେ ସ୍ୱୀକାର କରିଛନ୍ତି। ଗିରଫ କରନ ନାଁରେ ପୂର୍ବରୁ ପ୍ଲାଣ୍ଟସାଇଟ୍, ସେକ୍ଟର -୭ ଓ ଜିଆରପି ଥାନାରେ ୧୨ଟି, ମମ ନାଁରେ ପ୍ଲାଣ୍ଟସାଇଟ୍ ଓ ଝିରପାଣି ଥାନାରେ ୪ଟି, ଆଶୁତୋଷ ନାଁରେ ପ୍ଲାଣ୍ଟସାଇଟ୍, ସେକ୍ଟର-୩ ଓ ୭ରେ ୧୦ଟି, ଯତୀନ ନାଁରେ ପ୍ଲାଣ୍ଟସାଇଟ୍ ଓ ଟିକାୟତପାଲି ଥାନାରେ ୪ଟି, ନିରଞ୍ଜନ ନାଁରେ ପ୍ଲାଣ୍ଟସାଇଟ୍ ଓ ଜିଆରପି ଥାନାରେ ୩ଟି ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି।

# ସରଣ୍ଡାରେ ପୁଲିସ-ମାଓବାଦୀ ଗୁଳି ବିନିମୟ

**ରାଉରକେଲା, ୨୨।୧(ସମିସ)**

ଓଡ଼ିଶା-ଝାଡଖଣ୍ଡ ସୀମାନ୍ତ ଝାଡଖଣ୍ଡ ଛୋଟାନାଗରା ଥାନା ଅଧୀନ ସରଣ୍ଡା ଜଙ୍ଗଲରେ ଗୁରୁବାର ଭୋରରୁ ମାଓବାଦୀ ଓ ସୁରକ୍ଷା ବାହିନୀ ମଧ୍ୟରେ ଭୀଷଣ ଗୁଳି ବିନିମୟ ହୋଇଛି। ଏଥିରେ ୧୫ ଜଣ କୁଖ୍ୟାତ ମାଓନେତା ନିହତ ହୋଇଥିବା ସୂଚନା ମିଳିଛି। ଗୁଳି ବିନିମୟ ବେଳେ ଝାଡଖଣ୍ଡ ସରକାରଙ୍କ ଦ୍ୱାରା ୨ କୋଟି ଟଙ୍କା ୩୫ ଲକ୍ଷ ପୁରସ୍କାର ରାଶି ଘୋଷଣା କରାଯାଇଥିବା କୁଖ୍ୟାତ ମାଓବାଦୀ ପତିରାମ ମାଞ୍ଝୀ ଓରଫ ଅନଲ ଦା ସମେତ ୧୫ ଜଣ ମାଓ ଟପ୍ ନେତା ନିହତ ହୋଇଛନ୍ତି। ନକ୍ସଲ କାର୍ଯ୍ୟକଳାପ ମୂଳୋତ୍ପାଟନ କରିବା ପାଇଁ ସରଣ୍ଡା ଜଙ୍ଗଲରେ ଝାଡଖଣ୍ଡ ପୁଲିସ, ସିଆରପିଏଫ୍, କୋବ୍ରା ବାହିନୀ ପକ୍ଷରୁ ଏବେ ବି ସର୍ଚ୍ଚ ଅପରେସନ ଜାରି ରହିଛି। ସର୍ଚ୍ଚ ଅପରେସନରେ ହେଲିକପ୍ଟର ବ୍ୟବହାର କରାଯାଇଥିବା କୁହାଯାଉଛି।

ମାଓ ସଂଗଠନ ଏବଂ ଏହାର କାର୍ଯ୍ୟକଳାପ ବିରୁଦ୍ଧରେ ଦୁଇ ଦିନ ପୂର୍ବରୁ ରାଉରକେଲାର ପଶ୍ଚିମାଞ୍ଚଳ ପୁଲିସ ଡିଆଇଜିଙ୍କ କାର୍ଯ୍ୟାଳୟ ପରିସରରେ ଡିଆଇଜି ବ୍ରିଜେଶ ରାଏଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ଏବଂ ଝାଡଖଣ୍ଡର ବରିଷ୍ଠ ପୁଲିସ ପଦାଧିକାରୀ ତଥା ପୁଲିସ ବିଭାଗ ଗୁଇନ୍ଦା ଅଫିସରମାନେ ଉପସ୍ଥିତ ଥିଲେ। ବୈଠକର ୩୬ ଘଣ୍ଟା ପରେ ଆଜି ପୁଲିସ ପକ୍ଷରୁ ଓଡ଼ିଶା-ଝାଡଖଣ୍ଡ ସୀମାବର୍ତ୍ତୀ ଛୋଟାନାଗରା ଥାନା ଅଧୀନ ସରଣ୍ଡା ଜଙ୍ଗଲ ଭିତରେ ଥିବା ମାଓ କ୍ୟାମ୍ପ ଉପରେ ସୁରକ୍ଷା ବାହିନୀ ପକ୍ଷରୁ ଅତର୍କିତ ଆକ୍ରମଣ କରାଯାଇଥିଲା। ଝାଡଖଣ୍ଡ ସରକାର ଦ୍ୱାରା ଗଠିତ ନକ୍ସଲ ଅଭିଯାନ 'ମେଘାବୁରୁ' ଅଧୀନରେ ଝାଡଖଣ୍ଡର ପୁଲିସ, ୨୦୯ କୋବ୍ରା ବାହିନୀ, ଝାଡଖଣ୍ଡ ଜାଗୁଆର, ସିଆଇଏସ୍ଏଫ, ଜିଲ୍ଲା ପୁଲିସ ପକ୍ଷରୁ ଆଜି ସକାଳ ୬.୩୦ରେ ସରଣ୍ଡା ଜଙ୍ଗଲରେ ସର୍ଚ୍ଚ ଅପରେସନ ଚାଲିଥିଲା। ଏହି ସମୟରେ



ଟପ୍ ମାଓନେତା ପତିରାମ ମାଞ୍ଝୀ ଓରଫ ଅନଲ ଏବଂ ତା ସହଯୋଗୀ ସୁରକ୍ଷା ବାହିନୀକୁ ଉପରକୁ ଗୁଳି ଚାଳନା କରିଥିଲେ। ଜବାବରେ ସୁରକ୍ଷା ବାହିନୀ ପକ୍ଷରୁ ପାଲଟା ଗୁଳି ଚାଳନା କରାଯାଇଥିଲା। ଏହି ଗୁଳି ବିନିମୟରେ ମୋଟ ୧୫ ଜଣ ଦୁର୍ଦ୍ଧାନ୍ତ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ନିହତ ୧୫ ଜଣଙ୍କ ମାଓବାଦୀଙ୍କ ମଧ୍ୟରୁ ୧୧ ଜଣଙ୍କୁ ସୁରକ୍ଷା ବାହିନୀ ପକ୍ଷରୁ ଚିହ୍ନଟ କରାଯାଇଛି। ସେମାନେ ହେଲେ ମାଓ ଟପ୍ ନେତା ପତିରାମ ଓରଫ ଅନଲ, ଅନମୋଲ ଓରଫ ଶୁଶାନ୍ତ, ଅମିତ ମୁଣ୍ଡା, ପିଣ୍ଟୁ ଲୋହରା, ଲାଲଜିତ୍ ଓରଫ ଲାଲୁ, ରାଜେଶ ମୁଣ୍ଡା, ବୁଲବୁଲ ଓଲଦା, ମହିଳା ମାଓ ନେତ୍ରୀ ବବିତା, ପୂର୍ଣ୍ଣିମା, କାର୍ଡର ନେତା ସୁରଜମୁନି ଏବଂ ଜୋଙ୍ଗା। ମୃତ ମାଓ ନେତା ଅନଲ ମୁଣ୍ଡରେ ବିଭିନ୍ନ

- **୧୫ ମାଓବାଦୀ ନିହତ**
- **ହେଲିକପ୍ଟର ଦ୍ୱାରା ଚାଲିଛି ସର୍ଚ୍ଚ ଅପରେସନ**
- **ଦୁର୍ଦ୍ଧାନ୍ତ ମାଓନେତା ଅନଲ ଦା ନିହତ ସୂଚନା**
- **୨ କୋଟି ୩୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିଲା ଅନଲ ମୁଣ୍ଡରେ**

ରାଜ୍ୟ ସରକାରଙ୍କ ପକ୍ଷରୁ ମୋଟ ୨ କୋଟି ୩୫ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଝାଡଖଣ୍ଡ ସରକାର ପକ୍ଷରୁ ୧ କୋଟି ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ୧ କୋଟି ୨୦ ଲକ୍ଷ ଟଙ୍କା, ଏନଆଇଏ ପକ୍ଷରୁ ୧୫ ଲକ୍ଷ ଟଙ୍କା ଘୋଷଣା କରାଯାଇଥିଲା। ଅନଲର ଘର ଝାଡଖଣ୍ଡ ଗିରିଡିହ ଜିଲ୍ଲା ପୀରଟାଣ୍ଡ ଥାନା ଅନ୍ତର୍ଗତ ଝାରହା ଗାଁରେ ବୋଲି ଜଣାପଡ଼ିଛି। ସେହିପରି ମୃତ ଅନମୋଲ ଓରଫ ସୁଶାନ୍ତ ବୋକାରୋ ନାବାଡିହ ଥାନା ଅଧୀନ ବଂଶୀଟୋଲା ଗାଁରେ ହୋଇଥିବା ବେଳେ ତା ପାଇଁ ଝାରଖଣ୍ଡ ସରକାର ପକ୍ଷରୁ ୨୫ ଲକ୍ଷ ଟଙ୍କା ଓ ଓଡ଼ିଶା ସରକାରଙ୍କ ପକ୍ଷରୁ ୬୫ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ମୃତ ଅମିତ ମୁଣ୍ଡାର ଘରରାଞ୍ଚିର ତମାଡ଼ ଥାନା ଅଞ୍ଚଳରେ ଏବଂ ତା ମୁଣ୍ଡରେ ଝାଡଖଣ୍ଡ ପକ୍ଷରୁ ୧୫ ଲକ୍ଷ ଟଙ୍କା, ଓଡ଼ିଶା ସରକାର ପକ୍ଷରୁ ୪୩ ଲକ୍ଷ ଟଙ୍କା, ଏନଆଇଏ ପକ୍ଷରୁ ୪ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା ହୋଇଥିଲା। ପିଣ୍ଟୁ ଲୋହରାର ଘର ରାଞ୍ଚିର ସୋନାହାତୁ ଅଞ୍ଚଳରେ ଏବଂ ତା ମୁଣ୍ଡରେ ଝାଡଖଣ୍ଡ ସରକାର ପକ୍ଷରୁ ୫ ଲକ୍ଷ ଟଙ୍କା ପୁରସ୍କାର ରହିଥିଲା। ଲାଲଜିତ୍‌ର ଘର ଚାଇଁବାସା କିରିବୁର ଥାନା ଅଞ୍ଚଳରେ ଏବଂ ତା ମୁଣ୍ଡରେ ଝାଡଖଣ୍ଡ ସରକାର ପକ୍ଷରୁ ୫ ଲକ୍ଷ ଟଙ୍କା ପୁରସ୍କାର ରହିଥିଲା।

୨୦୨୨ ମସିହାରୁ ଓଡ଼ିଶା ଓ ଝାଡଖଣ୍ଡରେ ଯେତେ ମାଓ ହିଂସା, ବିସ୍ଫୋରଣ ଘଟିଥିଲା, ସେ ସମସ୍ତ ଘଟଣାରେ ମୃତ ମାଓ ନେତା ଅନଲ ଓରଫ ପତିରାମର ସମ୍ପୃକ୍ତି ରହିଥିଲା। ତାର ମୃତ୍ୟୁ ସୁରକ୍ଷା ବାହିନୀ ପାଇଁ ଏକ ବଡ ଏବଂ ନିର୍ଣ୍ଣାୟକ ସଫଳତା ବୋଲି ବିବେଚନା କରାଯାଉଛି। ସୁରକ୍ଷା ବାହିନୀ ସତର୍କତା ଏବଂ ରଣନୀତି ସହିତ ଅପରେସନ୍ ଚଳାଇଥିବା ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ ପ୍ରକାଶ କରିଛନ୍ତି। ଏହି ଅପରେସନ୍ ଅଞ୍ଚଳରେ ଶାନ୍ତି ଏବଂ ସୁରକ୍ଷା ଫେରାଇ ଆଣିବା ପାଇଁ ଜାରି ରହିବ। ଏନକାଉଣ୍ଟର ସ୍ଥାନରେ ସର୍ଚ୍ଚ ଅପରେସନ୍ ଏବେ ବି ଜାରି ରହିଛି। ଅପରେସନ ପରେ ବିପୁଳ ମାତ୍ରାରେ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ ଓ ଅନ୍ୟାନ୍ୟ ନକ୍ସଲ ସାମଗ୍ରୀ ଉଦ୍ଧାର ହୋଇଥିବା ସୂଚନା ମିଳିଛି। ଆସନ୍ତାକାଲି ସବିଶେଷ ସୂଚନା ପୁଲିସ ପକ୍ଷରୁ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।

# ଚୋରା ବାଲି କାରବାର ଉପରେ ଆକ୍ରମଣ



**୮ ମାଫିଆ ଗିରଫ, ୧୮ ଟ୍ରାକ୍ଟର ଜବତ**

**ରାଉରକେଲା, ୨୨।୧(ସମିସ):** ରାଉରକେଲାର ବ୍ରାହ୍ମଣୀ ନଦୀ, କୋଏଲ ନଦୀରୁ ନିୟମିତ ହଜାର ହଜାର ଟନର ବାଲି ଚୋରା ଚାଲାଣ ହୋଇ ଆସୁଛି। ଏହି ଚୋରା କାରବାରରେ ଲିପ୍ତ ଅପରାଧିଙ୍କୁ ରାଉରକେଲା ପୁଲିସ ଧରିଛି। ଏହି ଘଟଣାରେ ମୋଟ ୧୮ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଥିବା ବେଳେ ୮ ଜଣ ବାଲି ମାଫିଆଙ୍କୁ ଗିରଫ କରାଯାଇଛି। ଖଣି ବିଭାଗ ଓ ବାଲି ଚୋରା ଚାଲାଣକାରୀ ମାଫିଆଙ୍କ ମଧ୍ୟରେ ରହିଥିବା ମଧୁଚନ୍ଦ୍ରିକା ଦ୍ୱାରା ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ପ୍ରତିକାର ସ୍ୱରୂପ ରାଉରକେଲା ଏସପି ନିତେଶ ୱାଧୱାନୀଙ୍କ ତତ୍ତ୍ୱାବଧାନରେ ପୁଲିସର ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇଥିଲା। ଏହି ସ୍କ୍ୱାର୍ଡ ପକ୍ଷରୁ ରାଉରକେଲାର ବ୍ରାହ୍ମଣୀ ଓ କୋଏଲ ନଦୀର ବିଭିନ୍ନ ନଦୀ ପଠାରେ ଗତ ଦୁଇ ଦିନ ଧରି ବିଳମ୍ବିତ ରାତିରେ ଅତର୍କିତ ଚଢ଼ଉ କରାଯାଇଥିଲା। ଚଢ଼ଉରେ ୧୮ଟି ଚୋରା ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଥିବା ବେଳେ ୮ ଜଣ ବାଲି ଚୋରା ଚାଲାଣକାରୀଙ୍କୁ ଗିରଫ କରିଥିଲା। ରାଉରକେଲା ସହର ଓ ସହର ନିକଟବର୍ତ୍ତୀ ଅଞ୍ଚଳରେ ବାଲି ଚୋରା କାରବାର ରୋକିବା ପାଇଁ ରାଉରକେଲା ପୁଲିସ ତତ୍ପର ହୋଇଥିବାରୁ ବାଲି ମାଫିଆଙ୍କ ମଧ୍ୟରେ ଏବେ କୋକୁଆ ଭୟ ସୃଷ୍ଟି ହୋଇଛି। ଗୋଟିଏ ଟ୍ରିପରେ ଗୋଟିଏ ଥର ବାଲି ନେବା ପାଇଁ ଅନୁମତି ଥିଲେ ମଧ୍ୟ ୪ ଥରରୁ ଅଧିକ ଥର ବାଲି ଚୋରା ଚାଲାଣ କରାଯାଉଥିବା ଅଭିଯୋଗ ହେବା ପରେ ପୁଲିସ ପକ୍ଷରୁ ଚଢ଼ଉକୁ ଜୋରଦାର କରାଯାଇଛି। ବାଲି ଚୋରା କାରବାର କରୁଥିବା ଗାଡି ଓ ବାଲି ମାଫିଆଙ୍କୁ ଧରିବା ପାଇଁ ରାଉରକେଲା ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଥିବା ରାଉରକେଲା ଏସପି ଶ୍ରୀ ୱାଧୱାନୀ ସୂଚନା ଦେଇଛନ୍ତି। ବାଲି ଚୋରା ଚାଲାଣ କରି ବାଲି ମାଫିଆମାନେ ମାଲେମାଲ ହେଉଥିବା ବେଳେ ସରକାର ରାଜସ୍ୱ ହରାଉଥିବା ଅଭିଯୋଗ ହେଉଛି। ଏହାସହ ଯେଉଁ ଅଞ୍ଚଳରେ ଅଧିକ ଚୋରା ବାଲି ଘାଟ ରହିଛି ଓ ବାଲି ଚୋରା କାରବାର ହେଉଛି ସେ ଅଞ୍ଚଳରେ ଆଉଟ ପୋଷ୍ଟ ପ୍ରତିଷ୍ଠା କରାଯିବ ବୋଲି ଏସପି ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଗତବର୍ଷ ରାଉରକେଲା ପୁଲିସ ପକ୍ଷରୁ ୧୨୧ଟି ଚୋରା ବାଲି ଗାଡି ଜବତ କରାଯାଇଥିଲା।

**ଫାଇଲେରିଆ ନିରାକରଣ ଅଭିଯାନ**

# ଦର୍ଲିପାଲି ନିରାମୟ ହସ୍ପିଟାଲରେ ହାଇଡ୍ରୋସିଲ ଅସ୍ତ୍ରୋପଚାର ଶିବିର



**ରାଉରକେଲା, ୨୨।୧(ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ସୁନ୍ଦରଗଡ଼ ଓ ଏନଟିପିସି ଦର୍ଲିପାଲି ସ୍ଥିତ ନିରାମୟ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ତୃତୀୟ ପର୍ଯ୍ୟାୟ ହାଇଡ୍ରୋସିଲ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଫାଇଲେରିଆ ମୁକ୍ତ ଅଭିଯାନ ଅଧୀନ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରୁ ହାଇଡ୍ରୋସିଲ ଅପରେସନ୍ ଏକ ମୁଖ୍ୟ କାର୍ଯ୍ୟକ୍ରମ। ଜିଲ୍ଲା ପ୍ରଶାସନ, ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ସୁନ୍ଦରଗଡ଼ ଓ ନିରାମୟ ହସ୍ପିଟାଲ, ଦର୍ଲିପାଲିର ମିଳିତ ଉଦ୍ୟମ କ୍ରମେ ୨୦ ତାରିଖ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୧୬ ଜଣ ବ୍ୟକ୍ତିଙ୍କର ହାଇଡ୍ରୋସିଲ ଅସ୍ତ୍ରୋପଚାର ହୋଇଯାଇଛି। ଲେଫ୍ରିପଡ଼ା ବ୍ଲକ ଓ ହେମଗିର ବ୍ଲକର ରୋଗୀ ମାନଙ୍କୁ ଶିବିରକୁ ଅଣାଯାଇଥିଲା। ନିରାମୟ ହସ୍ପିଟାଲ ଦର୍ଲିପାଲିର ମୁଖ୍ୟ ଚିକିତ୍ସା ଅଧିକାରୀ ଡ.ଅପରାଜିତା ମିଶ୍ରଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ସର୍ଜନ ଭାବେ ଏନଟିପିସିର ପୂର୍ବତନ ମୁଖ୍ୟ ଚିକିତ୍ସା ଅଧିକାରୀ ଇଡି ଡ.ଜିସି ମିଶ୍ର ଯୋଗଦାନ କରିଥିଲେ। ରୋଗୀ ମାନଙ୍କୁ ଖାଇବା, ପିଇବା, ଔଷଧ, ମଶାରୀ ଓ ବେଡସିଟ୍ ମାଗଣାରେ ପ୍ରଦାନ କରାଯାଇଥିଲା। ଏନଟିପିସି ଦର୍ଲିପାଲି ତରଫରୁ ଏଚଓପି ଫାଇଜ ତୟବ, ଏଚଓ ଏଚଆର, ନବୀନ ଅମିତାଭ ବକ୍କଲା ଓ ଅନ୍ୟାନ୍ୟ ଅଧିକାରୀ ଗଣ ଯୋଗଦାନ କରିଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ଡା. ସୁରେଶ ଚନ୍ଦ୍ର ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ସୁନ୍ଦରଗଡ଼, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶିବାଶିଷ ମହାରଣା। ଡ. ମହାନ୍ତି ତାଙ୍କର ଅଭିଭାଷଣରେ କହିଥିଲେ ଯେ- କ୍ୟୁଲେକ୍ସ ମଶା କାମୁଡିବା ଦ୍ୱାରା ଫାଇଲେରିଆ ତଥା ହାଇଡ୍ରୋସିଲ ସାଧାରଣତଃ ହୋଇଥାଏ। ଏହି ମଶା କାମୁଡିବାର ୫ରୁ ୧୫ ବର୍ଷ ମଧ୍ୟରେ ଗୋଦର ଗୋଡ ଏବଂ ଅଣ୍ଡକୋଷ ବୃଦ୍ଧି ହେବାର ସମ୍ଭାବନା ଥାଏ।

# ଜିଲ୍ଲା ମହୋତ୍ସବ 'ଯାତ୍ରା-୨୦୨୬' ପାଇଁ ପ୍ରସ୍ତୁତି



**ରାଉରକେଲା, ୨୨।୧(ସମିସ):** ସ୍ଥାନୀୟ ବିକାଶ ଭବନ ଠାରେ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ଡ.ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମହୋତ୍ସବ 'ଯାତ୍ରା-୨୦୨୬' ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଫେବୃଆରୀ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ନିକଟସ୍ଥ ଯାତ୍ରା ପଡ଼ିଆ ଠାରେ ସୁନ୍ଦରଗଡ଼ ଜିଲ୍ଲା ମହୋତ୍ସବ ଯାତ୍ରା ଆୟୋଜିତ ହେବ। ବୈଠକରେ ଜିଲ୍ଲାପାଳ ଡ.ମହାପାତ୍ର ଯାତ୍ରା ନିମନ୍ତେ ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ଯେଉଁଥିରେ ଆଞ୍ଚଳିକ, ରାଜ୍ୟ ସ୍ତରୀୟ ଏବଂ ଜାତୀୟ ସ୍ତରୀୟ ପ୍ରମୁଖ କଳାକାରମାନେ ଅଂଶଗ୍ରହଣ କରିବେ। ଏହା ସହିତ ତାରକା ରାତ୍ରି ମଧ୍ୟ ଅନୁଷ୍ଠିତ ହେବ। ଏହା ସହିତ ସାଂସ୍କୃତିକ ଶୋଭାଯାତ୍ରା ମଧ୍ୟ ଆୟୋଜିତ ହେବ। ସେହିଭଳି ବିଭିନ୍ନ ବର୍ଗରେ ପ୍ରତିଯୋଗିତା, ଆଲୋଚନାଚକ୍ର ଆଦି ମଧ୍ୟ ଅନୁଷ୍ଠିତ ହେବ ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବ୍ୟକ୍ତି, ଅନୁଷ୍ଠାନ, ସଂସ୍ଥା ଆଦିଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହାଛଡା ଆସନ୍ତା ଫେବୃଆରୀ ୧ରୁ ୫ ତାରିଖ ମଧ୍ୟରେ ସମସ୍ତ ବ୍ଲକସ୍ତରରେ ମଧ୍ୟ ଯାତ୍ରା ଅନୁଷ୍ଠିତ ହେବ। ବୈଠକରେ ଉପସ୍ଥିତ ସଦସ୍ୟ ମାନେ ଯାତ୍ରାକୁ କିଭଳି ଶାନ୍ତି ଶୃଙ୍ଖଳାର ସହିତ ସରସ ସୁନ୍ଦର ଭାବେ ଆୟୋଜନ କରାଯିବ ସେ ନେଇ ନିଜ ନିଜର ମତାମତ ରଖିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁରଞ୍ଜନ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମହେନ୍ଦ୍ର ନାଥ ମୁର୍ମୁ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ଆଇଏଏସ ଶିକ୍ଷାନବିଷ ଫାବିରସିଦ, ସଦର ତହସିଲଦାର କୁଳମଣି ରଣବିଡା, ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ସମସ୍ତ ବିଭାଗୀୟ ଅଧିକାରୀ, ସାଂସଦ ଏବଂ ବିଧାୟକ ମାନଙ୍କ ପ୍ରତିନିଧିବୃନ୍ଦ, ଜିଲ୍ଲାର ବରିଷ୍ଠ କଳାକାର, ବୁଦ୍ଧିଜୀବୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଉପସ୍ଥିତ ଥିଲେ।

# ବିଶିଷ୍ଟ ସାହିତ୍ୟିକ, ସ୍ତମ୍ଭକାର ରବି କାନୁନ୍‌ଗୋଙ୍କ ପରଲୋକ



**ରାଉରକେଲା, ୨୨।୧(ସମିସ):** ବିଶିଷ୍ଟ ସାହିତ୍ୟିକ, ସ୍ତମ୍ଭକାର ତଥା ଶ୍ରମିକ ନେତା ରବି କାନୁନଗୋଙ୍କ ୮୩ ବର୍ଷ ବୟସରେ ବିଳମ୍ବିତ ରାତିରେ ଭୁବନେଶ୍ୱରରେ ପରଲୋକ ଘଟିଛି। ଗତ କିଛି ଦିନ ହେଲା ସେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ରହିଥିଲେ। ଗତକାଲି ରାତି ପ୍ରାୟ ୧.୩୦ ମିନିଟରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଓଡ଼ିଶାର ଜଣେ ଆଗଧାଡିର ବୁଦ୍ଧିଜୀବୀ, ଲେଖକ, ସ୍ତମ୍ଭକାର ଓ ସମ୍ପାଦକ ରବି କାନୁନଗୋଙ୍କ ପରଲୋକରେ ରାଉରକେଲାରେ ଶୋକର ଛାୟା ଖେଳିଯାଇଛି। 'ରାଉରକେଲା ବୁଦ୍ଧିବାଦୀ ଫୋରମ' ପରି ଏକ ସଂଗଠନ ଗଠନ କରି ସେ ବେଶ ଲୋକପ୍ରିୟ ହୋଇଥିଲେ। ଏହା ଛଡା 'ସୂର୍ଯ୍ୟପ୍ରଭା'ର ସମ୍ପାଦକ ଭାବେ ମଧ୍ୟ ସେ କାର୍ଯ୍ୟ କରି ଜନପ୍ରିୟତା ହାସଲ କରିଥିଲେ।

# ଡାଲମିଆ ମହାବିଦ୍ୟାଳୟରେ ଜାତୀୟ ଭୋଟର ଦିବସ



**କୁତ୍ରା, ୨୨।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ଝାରବେଡାଠାରେ ଥିବା ଡାଲମିଆ ମହାବିଦ୍ୟାଳୟରେ 'ଜାତୀୟ ଭୋଟର ଦିବସ' ସରକାରଙ୍କ ନିର୍ଦ୍ଦେଶାନୁସାରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସଭାର ଆୟୋଜନ କରାଯାଇଥିଲା। ସଭାଟିକୁ ରାଜନୀତି ବିଭାଗର ଅଧ୍ୟାପକ ଚିତ୍ତରଞ୍ଜନ ପାତ୍ର ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟର ଏନସିସି, ଏନଏସଏସ ଏବଂ ୱାଇଆରସି ବିଭାଗର ପ୍ରୋଗ୍ରାମ ଅଫିସର ହମ୍ମିଦ ମହମ୍ମଦ, ମନୋଜ ମେହେର ଓ ପ୍ରଶାନ୍ତ ମାଝୀ ଆୟୋଜନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଜିତେନ୍ଦ୍ର ପଟେଲ ଶାନ୍ତିପୂର୍ଣ୍ଣ ନିର୍ବାଚନ ନିମିତ୍ତ ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ, ବିବିଧ ଭାଷାଦିର ପ୍ରଲୋଭନରେ ନପଡ଼ି ନିଜର ମତାଧିକାର ପ୍ରୟୋଗ କରିବା ଜନିତ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

**ସୁଗମ ଗତିବିଧି ବ୍ୟାପକ ବ୍ୟବସ୍ଥା ଓ ରୁଟ୍‌ଚାର୍ଟ**

# ହାଫ୍ ମାରାଥନ୍ ଅବ୍ୟବହିତ ପୂର୍ବରୁ 'ଏକତା ସେତୁ' ଉଦ୍‌ଘାଟିତ

**ରାଉରକେଲା, ୨୨।୧(ସମିସ)**

ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍ୱାରା ଆୟୋଜିତ ହେଉଥିବା ରାଉରକେଲା ହାଫ୍ ମାରାଥନ୍ ଅବ୍ୟବହିତ ପୂର୍ବରୁ ଜାନୁଆରୀ ୨୧ରେ ସେକ୍ଟର-୫ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ ଏବଂ ସେକ୍ଟର-୬ ଇସ୍ପାତ ଷ୍ଟାଡିୟମକୁ ସଂଯୋଗ କରୁଥିବା ଏକ ସଂଯୋଗକାରୀ ସେତୁ 'ଏକତା ସେତୁ'କୁ ଆରଏସପି ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସହର ଇଞ୍ଜିନିୟରିଂ ଓ ଉଦ୍ୟାନ କୃଷି ବିଭାଗର ସିଜିଏମ ବିକେ ଜୋଜୋ, ମେକାନିକାଲ୍ ବିଭାଗର ସିଜିଏମ ଡିକେ ପାଳ, ସହର ସେବା ଓ ସିଏସଆର ବିଭାଗର ସିଜିଏମ ଟିଜି କାନେକର, ଅନେକ ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ବହୁ ସଂଖ୍ୟକ କର୍ମଚାରୀ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ଉକ୍ତ ୩୪ ମିଟର ସେତୁ ଅଂଶଗ୍ରହଣକାରୀ ଏବଂ ବ୍ୟକ୍ତିବିଶେଷଙ୍କୁ ଆସନ୍ତା ଜାନୁଆରୀ ୨୪ରେ ଅନୁଷ୍ଠିତ ହେଉଥିବା ବୃହତ ସ୍ପୋର୍ଟିଂ ଇଭେଣ୍ଟ ସ୍ଥଳୀ ଇସ୍ପାତ ଷ୍ଟାଡିୟମକୁ ସୁଗମ ପଥ ପ୍ରଦାନ କରିବ। ଡିଜାଇନ୍ ବିଭାଗ ଏବଂ ସିଭିଲ୍ ଇଞ୍ଜିନିୟରିଂ (ସେବା) ବିଭାଗର ସହାୟତାରେ ଷ୍ଟ୍ରକଚରାଲ୍ ଏବଂ ଫେବ୍ରିକେସନ୍ ସପ ବିଭାଗ ନିଜସ୍ୱ ସମ୍ବଳର ଉପଯୋଗ କରି ଏହି ବିଶାଳ ଢ଼ାଞ୍ଚାକୁ ସୁରକ୍ଷିତ ଭାବେ ନିର୍ମାଣ କରିଛି। ସେତୁରେ ପ୍ରାୟ



୧୨ ଟନ୍ ଷ୍ଟ୍ରକଚରାଲ ଫେବ୍ରିକେଟ କରାଯାଇଛି। ଏହି ଆଭ୍ୟନ୍ତରୀଣ ପ୍ରୟାସ ନା କେବଳ ଯଥେଷ୍ଟ ନଗଦ ପ୍ରବାହ ସଞ୍ଚୟ କରିଛି ବରଂ ଆରଏସପିର ସାମଗ୍ରିକ ବୈଷୟିକ ଦକ୍ଷତା ଏବଂ ସହଯୋଗୀ ପ୍ରୟାସକୁ ମଧ୍ୟ ପ୍ରଦର୍ଶନ କରିଛି। ସାରା ଦେଶରୁ ୫୮୦୦ରୁ ଅଧିକ ଦୌଡାଳୀ ଏହି ମେଗା କ୍ରୀଡା ଇଭେଣ୍ଟରେ ଅଂଶଗ୍ରହଣ କରୁଥିବା ପରିପ୍ରେକ୍ଷୀରେ ମାରାଥନର ସହଜ ପ୍ରବେଶ, ସୁଗମ ଗତିବିଧି ଏବଂ ଉତ୍ତମ ପରିଚାଳନା ସୁନିଶ୍ଚିତ କରିବା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ପର୍ଯ୍ୟାପ୍ତ ଭିତ୍ତିଭୂମି ସୁବିଧା ଏବଂ ବିଭିନ୍ନ ବିଭାଗର ସମନ୍ୱିତ ପ୍ରୟାସ ଇଭେଣ୍ଟକୁ ସୁଦକ୍ଷ ଏବଂ ସୁବ୍ୟବସ୍ଥିତ ଭାବେ ପରିଚାଳିତ ହେବା ସୁନିଶ୍ଚିତ କରୁଛି। ମାରାଥନ ପରିପ୍ରେକ୍ଷୀରେ ରାସ୍ତା ବନ୍ଦ ଏବଂ ବିକଳ୍ପ ଟ୍ରାଫିକ୍ ରୁଟ୍ ବିଷୟରେ ଯାତ୍ରୀମାନଙ୍କୁ ସୂଚନା ଦେବା ପାଇଁ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବିସ୍ତୃତ ରୁଟ୍‌ଚାର୍ଟ ପ୍ରଦର୍ଶନ କରୁଥିବା ବ୍ୟାନରଗୁଡିକ ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମକୁ ସୁଗମ କରିବା ପାଇଁ ଯାତାୟାତ ବ୍ୟବସ୍ଥାରେ ଜାନୁଆରୀ ୨୩ ରାତି ୧୨ ଘଟିକା ଠାରୁ ଜାନୁଆରୀ ୨୪ ସକାଳ ୧୨ ଘଟିକା ପର୍ଯ୍ୟନ୍ତ କିଛି ପ୍ରମୁଖ ସଡକ ଅସ୍ଥାୟୀ ଭାବେ ବନ୍ଦ ରହିବ। ଜାନୁଆରୀ ୨୩ ରାତି ୧୨ ଠାରୁ ଜାନୁଆରୀ ୨୪ ସକାଳ ୧୨ ଘଟିକା ପର୍ଯ୍ୟନ୍ତ ସେକ୍ଟର-୬ ବିଏସଏନଏଲ ଛକରୁ ଇସ୍ପାତ ଷ୍ଟାଡିୟମ୍, ଇସ୍ପାତ ଷ୍ଟାଡିୟମ୍ ଠାରୁ ସେକ୍ଟର-୪ ମଧୁବନ ଛକ, ମଧୁବନ ଛକରୁ ଆମ୍ରାଗାନ ଛକ, ଏୟାରପୋର୍ଟରୁ ଏୟାରପୋର୍ଟ ଛକ ରିଙ୍ଗ୍‌ରୋଡ୍ ହୋଇ ଏଷ୍ଟେଟ୍ ଅଫିସ୍ ପର୍ଯ୍ୟନ୍ତ ରାସ୍ତାରେ ସମ୍ପୂର୍ଣ୍ଣ ରୂପେ ଯାତାୟାତ ପାଇଁ ବନ୍ଦ ରହିବ। କିନ୍ତୁ ଜାନୁଆରୀ ୨୪ ସକାଳ ୬ ଘଟିକା ପର୍ଯ୍ୟନ୍ତ ଏବଂ ତା'ପରେ କେବଳ ମେଡିକାଲ୍ ଜରୁରୀକାଳୀନ ପରିସ୍ଥିତି ପାଇଁ ଡିପିଏସ ଛକ, ସେକ୍ଟର-୭/୧୭ ଛକ, ରାଉରକେଲା କ୍ଲବ୍ ଛକ, ଏବଂ ସେକ୍ଟର-୫ ମେଣ୍ଟେନାନ୍ସ ବୁଥ୍ ଛକ ରାସ୍ତା ଅତିକ୍ରମ କରିବାକୁ ଅନୁମତି ଦିଆଯିବ। ଜେଇଇ ମେନ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀ ଯେଉଁମାନଙ୍କର ସେଣ୍ଟର ପଦ୍ମନାଭ ଇଞ୍ଜିନିୟରିଂ କଲେଜରହିଛି, ସେମାନେ ଟ୍ରାଫିକ ଟାୱାର ଛକ-ପାନ୍ଥ ନିବାସ- ସେକ୍ଟର-୫ ଟ୍ରେନିଜ ହଷ୍ଟେଲ, ଆଇଜି ପାର୍କ ପ୍ରାଚୀର କଡ ମାର୍ଗରେ ପରୀକ୍ଷା କେନ୍ଦ୍ରକୁ ପହଞ୍ଚିପାରିବେ। ଜନସାଧାରଣଙ୍କୁ ଅନୁରୋଧ ପରିବର୍ତ୍ତିତ ବ୍ୟବସ୍ଥା ଅନୁଯାୟୀ ନିଜନିଜ ଯାତ୍ରା ଯୋଜନା କରିବେ ଏବଂ ଏହି ସମୟରେ ବିକଳ୍ପ ମାର୍ଗରେ ଯାତାୟାତ କରିବେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ସମସ୍ତଙ୍କୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/22 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | 31.12.2025 ରେ ବୟସ (ବର୍ଷ) | |
|---|---|---|---|
| | | ସର୍ବନିମ୍ନ | ସର୍ବାଧିକ |
| ଉପାଧ୍ୟକ୍ଷ (ସ୍ୟୁଏଚ୍) | 1 | 40 | 50 |
| ଉପ-ଉପାଧ୍ୟକ୍ଷ (ସ୍ୟୁଏଚ୍) | 1 | 36 | 44 |
| ସହାୟକ ଉପାଧ୍ୟକ୍ଷ (ସ୍ୟୁଏଚ୍) | 1 | 32 | 40 |
| ବରିଷ୍ଠ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ (ସ୍ୟୁଆଇ ଏବଂ ସ୍ୟୁଏଚ୍) | 3 | 28 | 37 |

**ବିଜ୍ଞାପନ ସଂ. CRPD/SCO/2025-26/22 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ | 31.12.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ଉପ-ପ୍ରବନ୍ଧକ (ସ୍ୟୁଆଇ ଏବଂ ସ୍ୟୁଏଚ୍) | ଏମ୍ଏମ୍‌ଜିଏସ୍-II | 6 | 25 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query)ରେ ଉପଲବ୍ଧ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 16.01.2026 ରୁ 05.02.2026 ପର୍ଯ୍ୟନ୍ତ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 16.01.2026
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

# ଡବଲ ଇଞ୍ଜିନ ସରକାରରେ ଚାଷୀ ଅଲୋଡ଼ା

ବରଗଡ଼, ୨୨।୧(ସମିସ)



ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲାରେ ଏବେ ଚାଷୀମାନଙ୍କ ଦୁଃଖ ଦ୍ୱିଗୁଣିତ ହୋଇଛି। ଖରିଫ ଧାନ ସଂଗ୍ରହ ପାଇଁ ଗତ ନଭେମ୍ବର ୨୮ରୁ ମଣ୍ଡି ଖୋଲିଛି। ହେଲେ ଏପର୍ଯ୍ୟନ୍ତ ବହୁତ ଚାଷୀଙ୍କ ଟୋକନ ନଆସିବା, ବ୍ୟାପକ କଟନୀଛଟନୀ ଏବଂ ଠିକ ସମୟରେ ପ୍ରାପ୍ୟ ନମିଳିବା ଓ ମନ୍ଥର ଗତିରେ ଧାନ ଉଠିବା ଚାଷୀଙ୍କ ଦୁଃଖକୁ ବଢ଼ାଇ ଦେଇଛି।

ଏପରିକି ଚାଷୀ ପଞ୍ଜୀକରଣ ସମୟରେ ଯେଉଁ ବ୍ୟାଙ୍କରେ ଖାତା ଦେଇଥିଲେ ସେଠାକୁ ଟଙ୍କା ନଆସି ଅନ୍ୟ ଆକାଉଣ୍ଟକୁ ଚାଲି ଯାଇଥିବା କୁରୁଆଁ ଗାଁର ଚାଷୀ ଉପେନ୍ଦ୍ର ସେଠ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଚାଷୀ ହତାଶ ଓ ହଇରାଣ ହେଉଥିବା କହିଛନ୍ତି। ଡବଲ ଇଞ୍ଜିନ ସରକାରରେ ଏବେ ଚାଷୀ ଅଲୋଡା ହୋଇ ଯାଇଛନ୍ତି ବୋଲି ରାଜ୍ୟ ସମ୍ପାଦକ ଭବାନୀ ସାହୁ କହିଛନ୍ତି।

ଏହି ସମସ୍ୟାର ସମାଧାନ ତୁରନ୍ତ କରିବାକୁ ଆମ୍ ଆଦମୀ ପାର୍ଟି ଦାବି କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛି। ଆପ୍‌ର ଏକ ପ୍ରତିନିଧି ମଣ୍ଡଳୀ ଦଳରେ ଜିଲ୍ଲା ସଭାପତି ଯଦୁମଣି ପ୍ରଧାନ, ଶାହରୁଖ ଲୋଧିଆ, ଅମିତାଭ ପାତ୍ର, ମିଲୁ ନାଗ, ସୁବଳ କହର, ସରିତା ସୁନା ପ୍ରମୁଖ ଉପସ୍ଥିତ ଥିଲେ।

# ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସ୍ୱାସ୍ଥ୍ୟ ଶିବିର




ଅତାବିରା, ୨୨।୧(ସମିସ): ଅତାବିରା ଏନଏସି ଅଧୀନ ଲାଦରପାଲିଠାରେ ଥିବା ରଣେଶ୍ୱର ରାମଚଣ୍ଡୀ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ସାମୂହିକ ପୂଜାର୍ଚ୍ଚନା କରାଯାଇ ଭଜନ, କୀର୍ତ୍ତନ, ମାଗଣା ସ୍ୱାସ୍ଥ୍ୟ ଶିବିର, ଚକ୍ଷୁ ପରୀକ୍ଷା ଶିବିର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତାବିରା ବ୍ଲକର ଜନ କଲ୍ୟାଣ କୁଳିତା ସମାଜ ଆୟୋଜନରେ ଓଡ଼ିଶା ଓ ଛତିଶଗଡ଼ କୁଳିତା ମହାସଭାର ପ୍ରଭାରୀ ରଥୁଲାଲ ଗୁପ୍ତା ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରିଥିଲେ। ସାଙ୍ଗରେ ସହଧର୍ମିଣୀ ମମତା ଗୁପ୍ତା ସାମିଲ ହୋଇଥିଲେ। ସ୍ତ୍ରୀ ଓ ପ୍ରସୂତୀ ବିଭାଗ, ଶିଶୁ ବିଭାଗ ଭଳି ବିଭିନ୍ନ ବିଭାଗର ବିଶେଷଜ୍ଞ, ଟେକ୍ନିସିଆନ ରୋଗୀ ମାନଙ୍କର ପରୀକ୍ଷା ନିରୀକ୍ଷା କରିବା ସହ ଡାକ୍ତର ପଳଉ ପ୍ରଧାନଙ୍କ ସହଯୋଗରେ ମାଗଣାରେ ଔଷଧ ବଣ୍ଟନ ହୋଇଥିଲା। ଏଥିରେ ସମୁଦାୟ ୫୨୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହେବା ସହ ତ୍ରିଲୋଚନ ନେତ୍ରାଳୟର ସହଯୋଗରେ ୧୨୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୧୦ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ନିଆଯାଇଛି ଓ ୮୦ ଜଣଙ୍କୁ ମାଗଣାରେ ଚଷମା ପ୍ରଦାନ କରିଥିଲେ। ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗ ରହିଥିବା ବେଳେ କାର୍ଯ୍ୟକାରୀ ସଭାପତି ସୁରେନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ବାଲି ବୋଝେଇ ଟ୍ରାକ୍ଟର ଜବତ; ଡ୍ରାଇଭର ଗିରଫ

ପାଇକମାଳ, ୨୨।୧(ସମିସ): ପାଇକମାଳ ଥାନା ଅଧୀନ ବରତୁଣ୍ଡା ନିକଟରେ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରି ଡ୍ରାଇଭରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପାଇକମାଳ ପୁଲିସ।




ବୁଧବାର ପାଇକମାଳ ପୁଲିସ ସେହି ବାଟ ଦେଇ ପାଟ୍ରୋଲିଂ କରୁଥିବା ସମୟରେ ନିଲାଥର ନଦୀରୁ ବାଲି ବୋଝେଇ କରି ବରତୁଣ୍ଡା ପଟକୁ ଯାଉଥିବା ବେଳେ ପୁଲିସ ଟ୍ରାକ୍ଟରକୁ ଜବତ କରିଥିଲା। ନିଲାଥର ଗାଁର ଡ୍ରାଇଭର ଶ୍ୟାମ ଧରୁଆଙ୍କୁ (୨୬) ଗିରଫ କରିଛି। ଏନେଇ ପାଇକମାଳ ଥାନାରେ ମାମଲା ରୁଜୁ କରି ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ କହିଛନ୍ତି।

# ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

ଝାରବନ୍ଧ, ୨୨।୧(ସମିସ): ଚଳିତ ସାଧାରଣତନ୍ତ୍ର ଦିବସକୁ ଉତ୍ସାହ, ଗରିମା ଓ ଶୃଙ୍ଖଳାର ସହିତ ପାଳନ କରିବାକୁ ଝାରବନ୍ଧ ବ୍ଲକ ପ୍ରଶାସନ ପକ୍ଷରୁ ଚୂଡାନ୍ତ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଅବସରରେ ଝାରବନ୍ଧ ବ୍ଲକସ୍ତରୀୟ ପାଳନ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବିଡିଓ ପର୍ଶୁରାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ଶିକ୍ଷାଧିକାରୀ ଶୁଭମ କୁମାର ପତି, ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ ବେହେରା, ଝାରବନ୍ଧ ଜର୍ଣ୍ଣାଲିଷ୍ଟ ଆସୋସିଏସନର ସଭାପତି ସାମ୍ବାଦିକ ମୋତିଲାଲ ବାଗ, ଡିଗ୍ରୀ କଲେଜ ଅଧ୍ୟକ୍ଷ ଶ୍ୟାମ ସୁନ୍ଦର ବେହେରା, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସମୀର ଖମାରୀ, ଝାରବନ୍ଧ ଥାନା ଏ.ଏସ.ଆଇ. କୌଶିକ ସାହୁ ସହ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଝାରବନ୍ଧ ବ୍ଲକର ବୈତାଳି କ୍ଲଷ୍ଟରର ସିଆରସିସି ଦିବସ କୁମାର ସାହୁ, ଡାକ୍ତର ସମୀର କୁମାର ଖମାରୀ, ବ୍ଲକର କର୍ମଚାରୀ ସୁଶାନ୍ତ କୁମାର ସାମଲ, ଆର.ଡବ୍ଲ୍ୟୁ. ଏସଏସର କର୍ମଚାରୀ ଖିରୋଦ ସାହୁ, ତହସିଲ କାର୍ଯ୍ୟାଳୟର ଗଦାଧର ଭୋଇ, ଅଙ୍ଗନବାଡି ସନ୍ତୋଷିନୀ ଚଲାନ, ଶିକ୍ଷା ବିଭାଗର ଏବିଇଓ ବିଶିକେଶନ ଶତପଥୀ, ଡଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଷ୍ଟାଫନର୍ସ କମଳା ଶତପଥୀ, ଗୋପାଳଚନ୍ଦ୍ର ହରିଜନ ବି. ଏଲ. ଓ. ସୁପରଭାଇଜରଙ୍କୁ ସମ୍ମାନିତ କରିବା ପାଇଁ ସମ୍ମତି ପୂର୍ବକ ପ୍ରସ୍ତାବ ହୋଇଛି। ବୈଠକରେ ସାମ୍ବାଦିକ ଜୋହନ କୁମ୍ଭାର, ଦେବେନ୍ଦ୍ର ସାହୁ, ସୁଭଦ୍ରା ସହାୟିକା ଶ୍ରଦ୍ଧାଞ୍ଜଳି ପ୍ରଧାନ, ଡାକ୍ତର ଆଲୋକ ରଞ୍ଜନ ମେହେର, ସୁନୀଲ ନାୟକ ପ୍ରମୁଖ ସାମିଲ ଥିଲେ। ବୈଠକର ବିଡିଓ ପର୍ଶୁରାମ ପଣ୍ଡା ସମସ୍ତଙ୍କ ସହଯୋଗ ଓ ଶୃଙ୍ଖଳାବଦ୍ଧ ପ୍ରୟାସରେ ଗଣତନ୍ତ୍ର ଦିବସକୁ ସ୍ମରଣୀୟ କରିବାକୁ ଆହ୍ୱାନ କରିଥିଲେ।

# ‘ମଧ୍ୟପ୍ରଦେଶ ରାଷ୍ଟ୍ରଭାଷା’ ପୁରସ୍କାର ପାଇବେ ସୁଜିତ

ବରଗଡ଼, ୨୨। ୧(ସମିସ): ସମ୍ମାନଜନକ ବୀରେନ୍ଦ୍ର ତିୱାରୀ ସୃଜନାତ୍ମକ ରାଷ୍ଟ୍ରଭାଷା ପୁରସ୍କାର ପାଇବା ପାଇଁ ଲେଖକ ଏବଂ ସ୍ତମ୍ଭକାର ଡ଼ ସୁଜିତ କୁମାର ପୃଷ୍ଟେଠ ମନୋନୀତ ହେଇଛନ୍ତି। ମଧ୍ୟପ୍ରଦେଶ ରାଷ୍ଟ୍ରଭାଷା ପ୍ରଚାର ସମିତି ଆନୁକୂଲ୍ୟରେ ସ୍ଥାପିତ ବୀରେନ୍ଦ୍ର ତିୱାରୀ ସୃଜନାତ୍ମକ ପୁରସ୍କାର ହିନ୍ଦୀ ଭାଷାରେ ଲିଖିତ ସୃଜନାତ୍ମକ ରଚନା ପାଇଁ ପ୍ରତିବର୍ଷ ପ୍ରଦାନ କରାଯାଏ। ଆଇଆଇଏମ୍ ସମ୍ବଲପୁରର ପ୍ରଫେସର ଡ. ସୁଜିତ କୁମାର ପୃଷ୍ଟେଠ ଓଡ଼ିଆ, ସମ୍ବଲପୁରୀ, ହିନ୍ଦୀ ତଥା ଇଂରାଜୀ ଭାଷାରେ



ଜଣେ ଉଚ୍ଚକୋଟୀର ସୃଜନଶୀଳ ଲେଖକ। ଫେବୃଆରୀ ୭ରେ ଭୋପାଳ ଠାରେ ପ୍ର. ସୁଜିତ କୁମାର ପୃଷ୍ଟେଠ ଏହି ପୁରସ୍କାର ସହ ୨୧ ହଜାର ଟଙ୍କା, ପ୍ରଶସ୍ତିପତ୍ର ମଧ୍ୟପ୍ରଦେଶର ରାଜ୍ୟପାଳଙ୍କ ହାତରୁ ଗ୍ରହଣ କରିବେ। ତାଙ୍କର ଏହି କୃତିତ୍ୱ ପାଇଁ କ୍ରିଷ୍ଣା ବିକାଶ ଗ୍ରୁପ୍ ଚେୟାରମ୍ୟାନ ଡି. ମୁରଲି କ୍ରିଷ୍ଣା, ସଂସ୍କାର ଇଣ୍ଟର ନେସନାଲ ସ୍କୁଲ ଚେୟାରମ୍ୟାନ ସୁମନ ସାୱଡିଆ, ଦୀପକ ଗୋୟଲ୍, ଜୟ ପ୍ରକାଶ ଶତପଥୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଅଭିନନ୍ଦନ ଜଣାଇଛନ୍ତି।

# ମନଭଙ୍ଗରେ ପାଣି ପଞ୍ଚାୟତ ପରିଚାଳନା କମିଟି ଗଠିତ



ପାଇକମାଳ, ୨୨।୧(ସମିସ): ପାଇକମାଳ ବ୍ଲକ ମିଠାପାଲି ପଞ୍ଚାୟତ ମନଭଙ୍ଗ ଡ୍ୟାମରେ ମନଭଙ୍ଗ, ପିପଲଖୁଣ୍ଟା, ବିକ୍ରମନଗର, ଲୁକୁପାଲି ନୂଆଁ ଗାଁର ଶତାଧିକ ଚାଷୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଛି। ନକୁଳ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପଦ୍ମପୁର କ୍ଷୁଦ୍ର ଜଳସେଚନ ବିଭାଗର କନିଷ୍ଠ ସହକାରୀ ଯନ୍ତ୍ରୀ ହେମନ୍ତ କୁମାର ମାରାଣ୍ଡି, ପାଇକମାଳ ବ୍ଲକକ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ମହେଶ୍ୱର ସାହୁଙ୍କ ଉପସ୍ଥିତିରେ ପାଣି ପଞ୍ଚାୟତ ଗଠନ ଦିଗରେ ବୈଠକରେ ଆଲୋଚନା କରାଯାଇଥିଲା। ଏକ ୩୦ ଜଣିଆ ମନଭଙ୍ଗ ମାଁ ଦୁର୍ଗେଇ ଦେବୀ ପାଣି ପଞ୍ଚାୟତ ନୂତନ ପରିଚାଳନା କମିଟି ନାମରେ ଗଠନ କରାଯାଇଥିଲା। ଏଥିରେ ନୂତନ ସଭାପତି ଭାବେ ହେମନ୍ତ କୁମାର ହଂସ, ସମ୍ପାଦକ ସୁବାସ ଚନ୍ଦ୍ର ମଲ୍ଲିକ, କୋଷାଧ୍ୟକ୍ଷ ରାଜକିଶୋର ସାହୁ ମନୋନୀତ ହୋଇଥିଲେ। ବୈଠକରେ ପଦ୍ମପୁର କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ନିର୍ବାହୀ କନିଷ୍ଠଯନ୍ତ୍ରୀ ମାରାଣ୍ଡି ଜଳସେଚନ ପ୍ରକଳ୍ପ ଗୁଡ଼ିକର ମରାମତି, ନୂତନ ଡ୍ରେନେଜରେ ଠିକ ଭାବରେ ଚାଷ ଜମିକୁ ଜଳସେଚିତ ହୋଇପାରିବ ସେ ନେଇ ମତପୋଷଣ କରିଥିଲେ। ଏହି ବୈଠକରେ ଭାଗୀରଥି ସାହୁ, ଚୂଡ଼ାମଣି ଦିଶିରି, ତାରାଚନ୍ଦ ସାହୁ, ସହଦେବ ସାହା, ମେଘନାଦ ମଲ୍ଲିକ, ସୁରଥ ମଲ୍ଲିକ, ବାବୁଲାଲ ମଲ୍ଲିକ, ଗାନ୍ଧୀ ରଣା, ହିରନ ମଲ୍ଲିକ, ରାଜକିଶୋର ବିଶି ପ୍ରମୁଖ ଉପସ୍ଥିତ ଥିଲେ। ଲାଲଧର ରଣା ଧନ୍ୟବାଦ ଦେଇଥିଲେ।

# ଶ୍ରୀଚୈତନ୍ୟ ସ୍କୁଲର ବାର୍ଷିକ ଉତ୍ସବ



ବରଗଡ଼, ୨୨।୧(ସମିସ): ଶ୍ରୀଚୈତନ୍ୟ ବିଦ୍ୟାଳୟ ବରଗଡ଼ ଠାରେ ବାର୍ଷିକ ଉତ୍ସବ ନିରାଡମ୍ବର ଭାବେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଚେୟାରମ୍ୟାନ ଶ୍ରୀନିବାସ ରାଓ ଗୋଦାବର୍ଥିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରଗଡ଼ ବିଧାୟିକ ଅଶ୍ୱିନୀ ଷଡଙ୍ଗୀ, ସମ୍ମାନୀୟ ଅତିଥି ଭାବେ ସୁରେଶ୍ୱର ଶତପଥୀ, ସମ୍ମାନିତ ଅତିଥି ଭାବେ ସୁସ୍ମିତା ରାଇଗୁରୁ ଯୋଗ ଦେଇଥିଲେ। ପ୍ରଥମରୁ ସ୍କୁଲ୍‌ର ଡାଇରେକ୍ଟର ରେନୁରାଓ ଗୋଦାବର୍ଥି ସ୍କୁଲ୍‌ର ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ଟ୍ରଫି ପ୍ରଦାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଗଜେନ୍ଦ୍ର ମେହେର ସହ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ବିଜେଡି ବରିଷ୍ଠ ନେତା ଭୁବନେଶ୍ୱର କାଣ୍ଡଙ୍କ ପରଲୋକ



ବରପାଲି, ୨୨।୧(ସମିସ): ବରିଷ୍ଠ ବିଜେଡି ନେତା ଭୂତପୂର୍ବ ସମିତି ସଭ୍ୟ, ସରପଞ୍ଚ, ବିଜୁ ଜନତା ଦଳ ବ୍ଲକ ସଭାପତି, ସ୍ୱର୍ଗତ ବିଜୁବାବୁ ଓ ନିକୁଞ୍ଜ ବିହାରୀ ସିଂହଙ୍କ ଅନୁଗତ, ଯାଦବ ସମାଜର କୂଳବୃଦ୍ଧ ସମ୍ମାନର ଅଧିକାରୀ, ଶୃଙ୍ଖଳିତ ନିଶ୍ୱାର୍ଥ କର୍ମୀ ସମ୍ମାନ ପ୍ରାପ୍ତ ଭୁବନେଶ୍ୱର କାଣ୍ଡଙ୍କ ଦେହାନ୍ତ ହୋଇଯାଇଛି। ନିଜ ପଞ୍ଚାୟତ ସହ ବରପାଲି ଅଞ୍ଚଳର ବିକାଶ ଦିଗରେ ତାଙ୍କର ସ୍ୱତନ୍ତ୍ର ଯୋଗଦାନ ରହିଥିଲା। ତାଙ୍କର ବିୟୋଗ ଖବର ଜଣାପଡ଼ିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

● କଲେଜ ପରିସରରେ କୋରେକ୍ସ

# କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲା ଛାତ୍ରକଂଗ୍ରେସ



ବରଗଡ଼, ୨୨।୧(ସମିସ): ବିଗତ କିଛି ଦିନ ହେବ ବରଗଡ଼ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ଭାବରେ ଚଡ଼ଉ କରି ଲକ୍ଷଲକ୍ଷ ଟଙ୍କାର କୋରେକ୍ସ ଜବତ କରାଯାଇଛି। ହେଲେ ଏବେ ଏହି ନିଶାରେ କଲେଜ ଛାତ୍ର ମାନେ ଅଭ୍ୟସ୍ତ ହୋଇଥିବା ଅଭିଯୋଗ ଆଣିଛନ୍ତି ବରଗଡ଼ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଆଜାଦ ପତି ଓ କିଛି ଛାତ୍ର ନେତା। ଏବେ ନିଶା କବଳରେ ଯୁବପିଢ଼ି। କଲେଜ ବାଥରୁମ୍‌ରୁ ମିଳୁଛି କୋରେକ୍ସ ଓ ମଦ ବୋତଲ। ଗୁରୁବାର ବରଗଡ଼ ଜିଲ୍ଲା ଛାତ୍ର କଂଗ୍ରେସର ଏକ ପ୍ରତିନିଧି ପଞ୍ଚାୟତ କଲେଜ, ଖୁଣ୍ଟପାଲି କଲେଜ ସହ ଅନେକ କଲେଜ ପରିଦର୍ଶନ କରିଥିଲେ। ତେବେ ପରିଦର୍ଶନ କରୁଥିବା ସମୟରେ କଲେଜ ବାଥରୁମରେ କୋରେକ୍ସ ବୋତଲ ଓ ମଦବୋତଲ ଦେଖାଯାଇଥିବା ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ଆଜାଦ ପତି ଅଭିଯୋଗ କରିଛନ୍ତି। କଲେଜ୍ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଏହାପ୍ରତି ଧ୍ୟାନ ନ ଦେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ ହେବବୋଲି ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି।

# ନୈତିକ ଶିକ୍ଷା ଚରିତ୍ର ଗଠନରେ ସହାୟକ



ବରଗଡ଼, ୨୨।୧(ସମିସ): ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନରେ ନୈତିକ ଶିକ୍ଷାର ଆବଶ୍ୟକତା ରହିଛି। କାରଣ ନୈତିକ ଶିକ୍ଷା ମଣିଷ ଜୀବନକୁ ପ୍ରଭାବିତ କରିଥାଏ ବୋଲି ସ୍ଥାନୀୟ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ମୁଖ୍ୟ ଅତିଥି ଭାବେ ବାବା ଓମ୍‌କାରାନନ୍ଦ ସରସ୍ୱତୀ ଏହି ମତ ପ୍ରକାଶ କରିଥିଲେ। ପ୍ରଧାନଶିକ୍ଷକ ସୁଦୀପ ରଥଙ୍କ ଅଧ୍ୟକ୍ଷତା ଏବଂ ସଂସ୍କୃତ ଶିକ୍ଷକ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ପୂର୍ବତନ ଛାତ୍ର ଜଗନ୍ନାଥ ଅଗ୍ରୱାଲ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟ କପିଳେଶ୍ୱର ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୧୯୭୪ ମସିହାରେ ଅଧ୍ୟୟନରତ ଛାତ୍ର ଜଗନ୍ନାଥ ଅଗ୍ରୱାଲଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାରତୀ ଶିଶୁ ସାହିତ୍ୟ ସଂସଦର ସଭାନେତ୍ରୀ ଧରିତ୍ରୀ ରାଉତ ଓ ସମ୍ପାଦିକା ସାଲିନି ସା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ ଶିବିର

ବରଗଡ଼, ୨୨। ୧(ସମିସ): ସ୍ଥାନୀୟ ପାର୍ବତୀଗିରି ମହିଳା ମହାବିଦ୍ୟାଳୟର ଯୁକ୍ତତିନି ପ୍ରଥମବର୍ଷର କଳା, ବିଜ୍ଞାନ ଓ ବାଣିଜ୍ୟ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା ରଞ୍ଜିତା ନାୟକଙ୍କ ନିରୀକ୍ଷଣରେ ଗତ ୧୨ ତାରିଖରୁ ଏହି ଶିବିର ଉଦ୍‌ଘାଟିତ ହୋଇ ପ୍ରତ୍ୟହ ସକାଳେ ତାଲିମ ଦିଆଯାଉଥିଲା। ବିଷୟ ବିଶେଷଜ୍ଞ ଭାବରେ ବରଗଡ଼ କରାଟେ ଏକାଡେମୀର ସହାୟତରେ ମୁଖ୍ୟ ପ୍ରଶିକ୍ଷିକା ଝରଣା ଦୁଆନ ଛାତ୍ରୀମାନଙ୍କୁ ତାଲିମ ଦେଇଥିଲେ।



ସେହିପରି ଗତ ୨୧ ତାରିଖ ଦିନ ଉଦ୍‌ଯାପନୀ ଉତ୍ସବରେ ଭାରପ୍ରାପ୍ତ ଅଧ୍ୟକ୍ଷା ଡ. ପୁଷ୍ପାଞ୍ଜଳି ପଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସାମ୍ପ୍ରତିକ ସାମାଜିକ ସ୍ଥିତିରେ ଝିଅମାନଙ୍କର ଅବସ୍ଥା ଓ ଆତ୍ମ ସୁରକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସଭାରେ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ ବରିଷ୍ଠ ପ୍ରାଧ୍ୟାପିକା ନନ୍ଦିନୀ ନିରୋଦ ପଣ୍ଡା ଓ ଅଧ୍ୟାପିକା ଅର୍ପିତା ପଣ୍ଡା। ସଂଯୋଜିକା ସାଗରିକ ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିରର ଅନ୍ୟତମ ସଂଯୋଜିକା ଅଧ୍ୟାପିକା ଅଳ୍ପନା ରାୟ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ନକୁଳ ବାଦୀଙ୍କ ପୁସ୍ତକ ‘ନାଟକ ଚୌରା’ ସମର୍ପିତ



ବରଗଡ଼, ୨୨।୧(ସମିସ): ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଅଧୀନ ଶୋଢ଼ାପାଲି ଗାଁର ଗୌନ୍ତିଆ ଦଧିବାବନ ଶତପଥୀଙ୍କ ନିମନ୍ତ୍ରଣ କ୍ରମେ ଗାଁରେ ଶିବମନ୍ଦିର ଓ ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ହୋଇଯାଇଛି। ଏଥିରେ ଯୋଗ ଦେଇଥିବା ଅତିଥି ମାନଙ୍କ ଗହଣରେ ମହିଳା କୀର୍ତ୍ତନ ଗାୟିକା ଭାରତୀ ଖମାରୀଙ୍କୁ ନାଟ୍ୟକାର ନକୁଳ ବାଦୀଙ୍କ ପୁସ୍ତକ ‘ନାଟକ ଚୌରା’ ସମର୍ପଣ କରାଯାଇଥିଲା। ଏଥିରେ ସନ୍ତୋଷ ପଣ୍ଡା, କୃଷ୍ଣଚନ୍ଦ୍ର ପଣ୍ଡା, ଲୁଲୁରବିନ ଦାସ ଓ ତୁଳସୀ ଚରଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଭାରତୀଙ୍କ ସ୍ୱାମୀ କୃଷ୍ଣ ଚନ୍ଦ୍ର ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ବାର୍ଷିକ ବିବରଣୀ ପୁସ୍ତିକା ଉନ୍ମୋଚନ ଉତ୍ସବ

ବରଗଡ଼, ୨୨।୧(ସମିସ)

ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ବାର୍ଷିକ ବିବରଣୀ ପୁସ୍ତିକା ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବଧିର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଥମ ସଭାପତି, ପୂର୍ବତନ ମନ୍ତ୍ରୀ ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦାନ କରିଥିବା ବେଳେ ଯୁଧିଷ୍ଠିର ମାହାର ଅଧ୍ୟକ୍ଷ ବୀର ସୁରେନ୍ଦ୍ର ସାଏ ପବ୍ଲିକ ସ୍କୁଲ ଭେଡେନ, ଦିବ୍ୟକାନ୍ତି ଭୋଇ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନିଶାମଣୀ ଉଚ୍ଚ ବିଦ୍ୟାଳୟ ବରଗଡ଼, ଶରତ କୁମାର ସାହୁ, ବିଦ୍ୟାଳୟ କମିଟିର ବରିଷ୍ଠ ପ୍ରତିଷ୍ଠାତା ସଭ୍ୟ ଯୋଗଦାନ କରିଥିଲେ। ବରିଷ୍ଠ କମିଟି ସଭ୍ୟ ମେଘନାଦ ସାହୁ, ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭୟ କୁମାର



ପଧାନ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଶ୍ରୀ ଆଚାର୍ଯ୍ୟ ସଦା ସର୍ବଦା ଯଥା ସମ୍ଭବ ସାହାଯ୍ୟ ସହଯୋଗ ପ୍ରଦାନ କରିବା ଓ ଆଗାମୀ ଦିନରେ ହାଇସ୍କୁଲ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପର୍ଯ୍ୟନ୍ତ ଖୋଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ୨୦୨୪/୨୫ ବର୍ଷର ବାର୍ଷିକ ବିବରଣୀ ପୁସ୍ତିକା ମୁଖ୍ୟଅତିଥି ଶ୍ରୀ ଆଚାର୍ଯ୍ୟଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବଦାନ୍ୟ ବ୍ୟକ୍ତି ଚନ୍ଦନଭାଟି ବଲାଙ୍ଗିରର ଶ୍ୟାମ ଅଗ୍ରୱାଲ, ଶକ୍ତି ନଗର ସରକାରୀ ପ୍ରାଥମିକ ବିଦ୍ୟାଳୟ ବରଗଡ଼ର ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ଜେନା ଓ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ସେବିକା ସୁଶ୍ରୀ ଆଶାବତୀ କୁମ୍ଭାରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶକ୍ତିନଗର ସ୍କୁଲର ମେଧାବୀ ଛାତ୍ର ଛାତ୍ରୀ - ଅନ୍ୱେଷା ପଣ୍ଡା, ତୁଳଶା ସାହୁ, ପ୍ରିନ୍ସ ବେହେରା, ହୃଷିକେଶ ମହାନନ୍ଦ ଓ ଦଶମଇଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ଆରାଧ୍ୟା ପଧାନଙ୍କୁ ଗତ ୨୦୨୪/୨୫ ସରକାରୀ ବୃତ୍ତି ପରୀକ୍ଷାରେ ସଫଳତା ପାଇଁ ପ୍ରମାଣପତ୍ର ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଦୃଷ୍ଟି ବାଧିତ ଛାତ୍ରଛାତ୍ରୀ ସଙ୍ଗୀତ ଶିକ୍ଷକ ଅମରେଶ ଚନ୍ଦ୍ର ବାରିକଙ୍କ ନିର୍ଦ୍ଦେଶନାରେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶ୍ରବଣ ବାଧିତ ଛାତ୍ରୀମାନେ ଆଶାବତୀ କୁମ୍ଭାରଙ୍କ ନିର୍ଦ୍ଦେଶନାରେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ସମାଜସେବୀ ପ୍ରିତମ ସିଂ, ପ୍ରକୃତି ବନ୍ଧୁ ଡୋଳାମଣୀ ଶତପଥି, ପ୍ରକୃତି ବନ୍ଧୁ ସମାଜସେବୀ ଦିବାକର ମାଝୀ, ଭଗବାନ ପଧାନ, ମାମି ମିଶ୍ର, ସମାରୁ ପଧାନ, ଅଶୋକ ପଧାନ, ବୁଦ୍ଧିଜୀବୀ, ଅଭିଭାବକ ଗଣ, କର୍ମଚାରୀ ଓ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ। ପରିଶେଷରେ ପ୍ରଧାନ ଶିକ୍ଷକ ନେପାଳ ଦୁଆନ ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ THE SAKALA



## ସ୍ୱାମୀ ବିବେକାନନ୍ଦ ଶିଶୁ ମନ୍ଦିରର ରଜତ ଜୟନ୍ତୀ ସମାରୋହ ଉଦ୍‌ଯାପିତ

# ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: ସଞ୍ଜୀବ

**ବନ୍ତ/ଆଗରପଡ଼ା, ୨୨।୧(ସମିସ)**

ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାରେ ଗୁରୁଜୀ ଗୁରୁମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ କପାଳୀକ୍ଷେତ୍ର ନିମାପଡ଼ାସ୍ଥିତ ସ୍ୱାମୀ ବିବେକାନନ୍ଦ ଶିଶୁ ମନ୍ଦିରର ରଜତ ଜୟନ୍ତୀ ସମାରୋହର ଗୁରୁବାର ଉଦ୍‌ଯାପନୀ ଉତ୍ସବର ପ୍ରଥମ ଅଧିବେଶନରେ ଅତିଥିମାନେ କହିଥିଲେ। ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡ. ଶୁଭେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ



### ମୁଖପତ୍ର 'କୈଶୋରିକା' ଉନ୍ମୋଚିତ

ଉତ୍ସବର ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ମୁଖ୍ୟବକ୍ତା ଭାବେ ଧାମନଗର ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ପବିତ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ସ୍ମୃତି ରଞ୍ଜନ ସ୍ୱାଇଁ, ଶିକ୍ଷାବିତ୍ ଗଣେଶ ପ୍ରସାଦ କରଶର୍ମା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୂର୍ଯ୍ୟମଣି ରାଉଳ, ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ, ଲକ୍ଷ୍ମୀନାରାୟଣ ଦାସଶର୍ମା, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ଚନ୍ଦ୍ର ସାମଲ, ହୃଷୀକେଶ ମିଶ୍ର, ପୂର୍ବତନ ସରପଞ୍ଚ ବିଜୟ ବିଶ୍ୱାଳ, ଶରତ ଚନ୍ଦ୍ର ଜେନା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଅଜୟ କୁମାର ପୃଷ୍ଟି, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ଇତିଶ୍ରୀ ମହାପାତ୍ର ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ମୁଖପତ୍ର 'କୈଶୋରିକା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପରେ ବହୁ ପ୍ରତିଭାଧର ବ୍ୟକ୍ତି, ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ଓ ପରିଚାଳନା କମିଟିର କର୍ମକର୍ତ୍ତାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହ ବିଦ୍ୟାଳୟର ବହୁ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା।

୨ୟ ଅଧିବେଶନରେ ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ. ପ୍ରଫୁଲ୍ଲ କୁମାର ସାହୁ, ଭୁବନେଶ୍ୱରସ୍ଥିତ ଗୀତା ଇଞ୍ଜିନିୟରିଂ କଲେଜର ଅଧକ୍ଷ ଡ. ମନ୍ମଥ କୁମାର ରାଉଳ, ରାଷ୍ଟ୍ରପତି ପୁରସ୍କୃତ ଅବସରପ୍ରାପ୍ତ ଶିକ୍ଷକ ଭାସ୍କର ଚନ୍ଦ୍ର ପାଢ଼ୀ, ସମାଜସେବୀ ଲମ୍ବୋଦର ଶଙ୍ଖୁଆ ଅତିଥି ଭାବେ ଯୋଗଦେଇଥିଲେ। ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ସୁନୀଲ ରାଉଳ, ମାନସ ନାୟକ, ପ୍ରସନ୍ନ ରଥ, ଶିକ୍ଷୟିତ୍ରୀ ଦମୟନ୍ତୀ ପାଣିଗ୍ରାହୀ, ଉଷାରାଣୀ ବେହେରା, ସୌଭାଗ୍ୟ ମଞ୍ଜରୀ ପରିଡ଼ା, ମିନତୀଲତା ରାଉତ, ସସ୍ମିତା ପତି, ସବିତାରାଣୀ ଦାସ, ନିରୁପମା ପାଣିଗ୍ରାହୀ, ପ୍ରଭାତୀ ପତି, ସାବିତ୍ରୀ ମାଝୀ, ସେବିକା ରେବତୀ ବାରିକ, ଖୁସି ପତି ପ୍ରମୁଖ ସହଯୋଗ କରିଥିଲେ। ସେହିପରି ପରିଚାଳନା କମିଟିର ସମ୍ପାଦକ ପ୍ରକାଶ ସାହୁ, ରବୀନ୍ଦ୍ର ରାଉତ, ରବି ନାରାୟଣ ନାୟକ, ମହେଶ ସାହୁ, ସନାତନ ସେଠୀ, ଷ୍ଟିୟରିଂ କମିଟିର ଉଦୟ ନାରାୟଣ ସାହୁ, ଆଶିଷ ସାହୁ, ଶରତ ରାଉଳ, ସୁରେଶ ବିଶ୍ୱାଳ, ବିଜୟ ବିଶ୍ୱାଳ, ପ୍ରଦୀପ ବିଶ୍ୱାଳ, ଶୁଭେନ୍ଦୁ ବିଶ୍ୱାଳ, ଉତ୍ତମ କୁମାର ଦାସ, ରବୀନ୍ଦ୍ର ରାଉତ, ପୁରାତନ ଛାତ୍ର ସଂସଦ ସମ୍ପାଦକ ସତ୍ୟ ରଞ୍ଜନ ସାହୁ, ସଭ୍ୟ ସଚୀନ ସାହୁ, ଆଲୋକ ପତି, ହିମାଂଶୁ ସାହୁ ପ୍ରମୁଖଙ୍କ ସହ ପରିଚାଳନା କମିଟି ଏବଂ ଷ୍ଟିୟରିଂ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଆଜିଠାରୁ ଭଣ୍ଡାରିପୋଖରୀ ମହୋତ୍ସବ



**ଭଣ୍ଡାରିପୋଖରୀ/ବାରିକପୁର, ୨୨।୧ (ସମିସ):** ସ୍ଥାନୀୟ ଚନ୍ଦ୍ରଭାନପୁର ପଡ଼ିଆଠାରେ ବର୍ଣ୍ଣାଢ଼୍ୟ ରଙ୍ଗାରଙ୍ଗ ସନ୍ଧ୍ୟାରେ ଶୁକ୍ରବାର ଭଣ୍ଡାରିପୋଖରୀ ମହୋତ୍ସବ ଉଦ୍‌ଘାଟନ ହେବ। ଏନେଇ ମହୋତ୍ସବ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦିଆଯାଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ନିର୍ବାଚନମଣ୍ଡଳୀ ବିଜେପି ନେତା ଡ. ସୁଧାଂଶୁ ନାୟକଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ଅତିଥି ଯୋଗଦେବେ ବୋଲି କମିଟି ସମ୍ପାଦକ ଗୋଲଖ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ୨୩ ତାରିଖ ସରସ୍ୱତୀ ପୂଜାଠାରୁ ୨୫ ତାରିଖ ମାଘ ସପ୍ତମୀ ଯାଏଁ ମହୋତ୍ସବ ଅନୁଷ୍ଠିତ ହେବ। ପଶ୍ଚିମବଙ୍ଗ ସମେତ ବାଲେଶ୍ୱର, ଭୁବନେଶ୍ୱର ତଥା ଓଡ଼ିଶାର କୋଣ ଅନୁକୋଣରୁ ଆସୁଥିବା କଳାକାରମାନଙ୍କ ଦ୍ୱାରା ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାଛଡ଼ା ସାହିତ୍ୟ ଆସର ସମେତ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ମଧ୍ୟ ଅନେକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଆମ ମାଟିର ଗୌରବ ବହନ କରୁଥିବା ଭଣ୍ଡାରିପୋଖରୀ ମହୋତ୍ସବକୁ ଶାନ୍ତି ଶୃଙ୍ଖଳାର ସହିତ ସମ୍ପନ୍ନ ପାଇଁ କମିଟି ପକ୍ଷରୁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଲଳିତ ରାଉତ, ସଦସ୍ୟ ରଜନୀକାନ୍ତ ଚନ୍ଦ, ପବନ ନାୟକ, ସତ୍ୟାନନ୍ଦ ମହାପାତ୍ର, ପ୍ରଶାନ୍ତ ସାହୁ, ବିଜୟଶଙ୍କର ମହାନ୍ତି, ଜ୍ୟୋତି ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କୋଷାଧକ୍ଷ ସୁଶାନ୍ତ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ନାବାଳିକା ଅପହରଣ ଅଭିଯୋଗ

## ମାସେ ପରେ ବି ପୁଲିସ ହାତ ଖାଲି

**ତିହିଡ଼ି, ୨୨।୧(ସମିସ):** ପୀରହାଟ ଥାନା ପୁଣି ଚର୍ଚ୍ଚାରେ। ଏକ ମାସ ପୂର୍ବରୁ ଜନୈକା ନାବାଳିକା ଅପହରଣ ଅଭିଯୋଗ ହେଇଛି। ଏହି ଥାନା ଅଧୀନସ୍ଥ ଖଡ଼ିଜାଣ ଗାଁର ଜନୈକ ବ୍ୟକ୍ତି ଏପରି ଅଭିଯୋଗ କରିଛନ୍ତି। ତାଙ୍କର ନାବାଳିକା ଝିଅକୁ ଅପହରଣ କରାଯାଇଛି। ସେ ଏ ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୂଳେ ଥାନାରେ ଏକ ମାମଲା ପଞ୍ଜୀକରଣ ହେଇଛି। ଅଥଚ ପୁଲିସ ଅଭିଯୁକ୍ତଙ୍କ ଟେର୍ ପାଇନି କି ନାବାଳିକାକୁ ଉଦ୍ଧାର କରିପାରି ନାହିଁ। ଫଳରେ ନାବାଳିକାର ବାପାମାଆ ପୀରହାଟ ଥାନାକୁ ଅନେକ ବାର ଆସିଲେଣି। ପୁଲିସ ଖାଲି ତାରିଖ ଘୁଞ୍ଚାଇ ଚାଲିଥିବା ସେ କହିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ ସହିତ ତାଙ୍କ ନାବାଳିକା ଝିଅକୁ ଉଦ୍ଧାର କରିବା ପାଇଁ ସେ ଦାବି କରିଛନ୍ତି। ନଚେତ୍ ବାପାମାଆ ଭଦ୍ରକ ଏସ୍‌ପିଙ୍କ କାର୍ଯ୍ୟାଳୟ ସାମ୍ନାରେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରିଣୀ କହିଛନ୍ତି, ଉକ୍ତ ଘଟଣାର ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବା ସହିତ ନାବାଳିକାକୁ ଉଦ୍ଧାର କରାଯିବ।

### ୩ ବର୍ଷରେ ଭଦ୍ରକ ଜିଲ୍ଲାରେ ଘଟିଛି ୨୦୩୯ ଦୁର୍ଘଟଣା

## ୪୭୫ଟି ଜୀବନ ଯାଇଛି, ୩୬୯ ଆହତ ହୋଇଛନ୍ତି

**ଭଦ୍ରକ, ୨୨।୧(ସମିସ):** ଭଦ୍ରକ ଜିଲ୍ଲାରେ ଗତ ୩ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୩, ୨୦୨୪ ଓ ୨୦୨୫ ମସିହା ଜାନୁଆରୀରୁ ଡିସେମ୍ବର ମାସ ଶେଷ ସୁଦ୍ଧା ଘଟିଛି ୨୦୩୯ଟି ଛୋଟବଡ଼ ସଡ଼କ ଦୁର୍ଘଟଣା। ଏହି ଦୁର୍ଘଟଣାରେ ୪୭୫ ଜଣଙ୍କ ଜୀବନ ଯାଇଥିବାବେଳେ ଗୁରୁତର ଓ ଆହତ ହୋଇଛନ୍ତି ୩୬୯ ଜଣ। ତେବେ ଏସବୁ ଦୁର୍ଘଟଣା ଜିଲ୍ଲାର ୧୯ଟି ଥାନା ଅଞ୍ଚଳରେ ଘଟିଛି। ଏହି ଦୁର୍ଘଟଣା ୧୬ ନମ୍ବର ଜାତୀୟ ରାଜପଥ, ରାଜ୍ୟ ରାଜପଥରେ ବି ଘଟିଛି।



ସୂଚନାନୁଯାୟୀ, ୨୦୨୩ରେ ଜିଲ୍ଲାର ମୋଟ୍ ୭୩୧ଟି ଦୁର୍ଘଟଣା ଘଟିଥିଲା। ଏଥିରେ ୧୬୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୦୯ ଜଣ ଗୁରୁତର ଭାବେ ଆହତ ହୋଇଥିଲେ ଓ ୨୧ ଜଣ ଆହତ ହୋଇଥିଲେ। ସେହିଭଳି ୨୦୨୪ରେ ଜିଲ୍ଲାରେ ୭୨୫ଟି ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ୧୬୯ ଜଣଙ୍କ ପ୍ରାଣହାନୀ ହୋଇଥିଲା ଓ ୧୦୭ ଜଣ ଗୁରୁତର ଭାବେ ଆହତ ହୋଇଥିଲାବେଳେ ୧୮ ଜଣ ଆହତ ହୋଇଥିଲେ। ୨୦୨୫ ଡିସେମ୍ବର ମାସ ଶେଷ ସୁଦ୍ଧା ମୋଟ୍ ୫୩୮ଟି ଛୋଟବଡ଼ ଦୁର୍ଘଟଣା ଘଟି ୧୪୫ ଜଣଙ୍କ ଜୀବନ ଯାଇଥିବାବେଳେ ଗୁରୁତର ଭାବେ ୯୭ ଜଣ ଆହତ ହୋଇଥିଲେ ଏବଂ ୧୭ ଜଣ ସାମାନ୍ୟ ଆହତ ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି। ଅନ୍ୟପକ୍ଷରେ ଏହି ୩ ବର୍ଷ ମଧ୍ୟରେ ମୋଟ୍ ୨୦୩୯ଟି ଦୁର୍ଘଟଣା ମଧ୍ୟରୁ ୪୫୦ଟି ଦୁର୍ଘଟଣାରେ ମୃତାହତ ହୋଇଥିଲେ। ସେହିଭଳି ଗତ ୩ ବର୍ଷରେ ଘଟିଥିବା ଦୁର୍ଘଟଣାରେ ୯ଟି ପଶୁ ସମ୍ପଦଙ୍କ ମୃତ୍ୟୁ ଘଟିଥିବାବେଳେ ୧୦ଟି ପଶୁ ସମ୍ପଦ ଆହତ ହୋଇଥିବା ଜଣାଯାଇଛି।

## ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ

**ଅସୁରାଳି, ୨୨।୧(ସମିସ):** ଧାମନଗର ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ କରକମଳରେ ଅନେକ ଉନ୍ନତିମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କାର୍ଯ୍ୟ ସଫଳତାର ସହିତ ସମ୍ପନ୍ନ ହୋଇଛି। ଏହି ପରିପ୍ରେକ୍ଷୀରେ ଅର୍ଜୁନପୁର ପଞ୍ଚାୟତର ପବିତ୍ର ମନ୍ଦିର ଓ ଧର୍ମାନୁଷ୍ଠାନଗୁଡ଼ିକର ମରାମତି କାର୍ଯ୍ୟ ଆରମ୍ଭ କରିବା ସହ ଭକ୍ତମାନଙ୍କ ପାଇଁ ନୂତନ କମ୍ୟୁନିଟି ସେଣ୍ଟର ଓ ସାଂସ୍କୃତିକ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହା ଛଡ଼ା ବାଲିପାଟଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସୁରକ୍ଷା ପାଚେରି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଶୁଭାରମ୍ଭ ଭଳି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ଉଦ୍‌ଘାଟନ କରିଥିଲେ। ସେହିପରି ଧୂଷୁରୀ ପଞ୍ଚାୟତରେ କଣ୍ଡିଆ ନାଳର ବାମପାର୍ଶ୍ୱ ନଦୀବନ୍ଧ ସୁରକ୍ଷା ପ୍ରାଚୀର ଓ ଉନ୍ନତୀକରଣ ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା। ଏହା ଦ୍ୱାରା ବନ୍ୟା ଓ ଭୂ-କ୍ଷୟର ଭୟ ଦୂର ହେବ। ଚାଷୀ ଓ ଗ୍ରାମବାସୀଙ୍କ ଜୀବନଜୀବିକାର ସୁରକ୍ଷା ସୁନିଶ୍ଚିତ ହେବ। କୋଠାର ପଞ୍ଚାୟତରେ ୧୪ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବା ସହିତ ୮ଟି ପ୍ରକଳ୍ପର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ସାଂସଦ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ବ୍ଲକ ସଭାପତି ଅଶୋକ ପୁହାଣ, ବିଜେପି ଜିଲ୍ଲା ଉପସଭାପତି ଚତୁର୍ଭୁଜ ନାୟକ, ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଅର୍ଜୁନପୁର ସମିତିସଭ୍ୟ ବିଦ୍ୟାଧର ରାଉତ, ରୁଦ୍ର କିଶୋର ନାୟକ, ନିରୋଦ ବେହେରା, ଲଲାଟେନ୍ଦୁ ଗୋସ୍ୱାମୀ, ଦେବାନନ୍ଦ ହୋତା, ଫନି ଭୂଷଣ ମଲ୍ଲିକ, ସରକାରୀ ଉଚ୍ଚପଦସ୍ଥ ଅଧିକାରୀ ଓ ବରିଷ୍ଠ ଦଳୀୟ ନେତୃବୃନ୍ଦଙ୍କ ସହିତ ସ୍ଥାନୀୟ ଗୁରୁଜନ ଓ ପଞ୍ଚାୟତବାସୀ ଉପସ୍ଥିତ ଥିଲେ। ସମାନ ଭାବେ ଧାମନଗର ଦଇପୁରଠାରେ ଚନ୍ଦ୍ରପୁର-ବଡ଼ଦାଣ୍ଡ ପୋଲ ପର୍ଯ୍ୟନ୍ତ ୫ ନମ୍ବର କେନାଲ ବନ୍ଧ ରାସ୍ତା ଉନ୍ନତୀକରଣର ଶିଳାନ୍ୟାସ ଏବଂ ଜାଗୁଲାଇସାହି, କୁସୁମା, ନାରାୟଣପୁର ଏବଂ ତାଳସିଠା ଅଞ୍ଚଳରେ 'ରେବ' ନଦୀର ବାମପାର୍ଶ୍ୱ ନଦୀବନ୍ଧ ସୁଦୃଢ଼ୀକରଣ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ।



## କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



**ବାରିକପୁର, ୨୨।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀ ଶାରଦା ବିଦ୍ୟାମନ୍ଦିରଠାରେ ଏକ ସମ୍ବର୍ଦ୍ଧନା ଉତ୍ସବ ପ୍ରଧାନ ଆଚାର୍ଯ୍ୟ ନିର୍ମଳ ଚନ୍ଦ୍ର ସେନାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ସୁଧାକର ଦାସ, ସମ୍ମାନିତ ଅତିଥି ପରମେଶ୍ୱର ପରିଡ଼ା, ଚନ୍ଦ୍ରମଣି ଜେନା, ବିଶ୍ୱନାଥ ନାୟକ ପ୍ରମୁଖ ଯୋଗଦେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଗୁରୁମା' ଦମୟନ୍ତୀ ବେହେରା ଅତିଥି ପରିଚୟ ପ୍ରଦାନ, ପ୍ରଦ୍ୟୁମ୍ନ ନାୟକ ସ୍ୱାଗତ ଭାଷଣ ଓ ଜ୍ୟୋତିରାଣୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ର ଦୀପଙ୍କର ପରିଡ଼ା, ଶାରଦା ପ୍ରସାଦ ଜେନା ଓ ଛାତ୍ରୀ ଖୁସୁ ନାୟକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ଗୁରୁଜୀ ସନ୍ତୋଷ ପଣ୍ଡା, ସସ୍ମିତା ମହାନ୍ତି, ସବିତା ରାଉତ, କ୍ରିଷ୍ଣା ପରିଡ଼ା, ରୁବିରାଣୀ ଜେନା, ଶ୍ରଦ୍ଧାଞ୍ଜଳି ସେନାପତି, ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ପରିଚାଳନା କରିଥିଲେ।

### ନିମ୍ନମାନର ସାମଗ୍ରୀରେ ଚାଲିଛି ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ କାମ

## ପୁରୁଣା କାନ୍ଥରେ ନୂଆ ଗେଟ୍; ଯନ୍ତ୍ରୀ ନିଖୋଜ

**ଦୋବଲ, ୨୨।୧(ସମିସ):** ରାଜ୍ୟ ସରକାର ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଧାମନଗର ବ୍ଲକ ଦିହୁଡ଼ି ଆନନ୍ଦପୁରଠାରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ପାଚେରି ଓ ପ୍ରବେଶ ଗେଟ୍ ନିର୍ମାଣରେ ସରକାରୀ ନିୟମାବଳୀ ଓ ଆଇଆର୍‌ସି ଗାଇଡ୍‌ଲାଇନ୍‌କୁ ସମ୍ପୂର୍ଣ୍ଣ ଜଳାଞ୍ଜଳି ଦିଆଯାଇଛି। ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟରେ ହେଉଥିବା ଏହି ପ୍ରକଳ୍ପରେ ନିମ୍ନମାନର କାମ କରି ସରକାରୀ ଅର୍ଥକୁ ହରିଲୁଟ୍ କରାଯାଉଥିବା ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଏକ ସୁରକ୍ଷା ପାଚେରି ପାଇଁ ଅତିକମ୍‌ରେ ୨.୫ରୁ ୩ ଫୁଟ୍ ଗଭୀରର ଫାଉଣ୍ଡେସନ ଏବଂ ସେଥିରେ ଫାଉଣ୍ଡେସନ ବିମ୍ ରହିବା କଥା। ମାତ୍ର ଆନନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ରର ପଛପଟ ପାଚେରିରେ କୌଣସି ଫାଉଣ୍ଡେସନ ବିମ୍ ଦିଆଯାଇ ନାହିଁ। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମି ମାନକ ଅନୁଯାୟୀ, କଂକ୍ରିଟ୍ ପାଇଁ ୨୦ଏମ୍ କିମ୍ବା ୨୫ଏମ୍ ଗ୍ରେଡ୍ ବ୍ୟବହାର ହେବା ଜରୁରୀ। କିନ୍ତୁ ଏଠାରେ ଅତି ନିମ୍ନମାନର ସିମେଣ୍ଟ, ବାଲି ଓ ଆଗ୍ରିଗେଟ୍ ବ୍ୟବହାର କରାଯାଇ ପିଲାର ଛିଡ଼ା କରାଯାଉଛି। ଠିକାଦାର କୌଣସି ନାମୀ କମ୍ପାନୀର ଛଡ଼ ବଦଳରେ ସ୍ଥାନୀୟ ନିମ୍ନମାନର ଛଡ଼ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ପ୍ରକଳ୍ପ ନିୟମ ଅନୁଯାୟୀ, ମୁଖ୍ୟ ଗେଟ୍ ପାଇଁ ଶକ୍ତିଶାଳୀ ଆର୍‌ସିସି ପିଲାର ଓ ନୂଆ ଭିତ୍ତିଭୂମି ଆବଶ୍ୟକ। ମାତ୍ର ଲାଭଖୋର୍ ମନୋଭାବ ରଖି ଠିକାଦାର ପୁରୁଣା ଦୁର୍ବଳ କାନ୍ଥ ଉପରେ ହିଁ ନୂଆ ଗେଟ୍ ଲଗାଇବାକୁ ଯୋଜନା କରିଛନ୍ତି, ଯାହାକି ଭବିଷ୍ୟତରେ ଏକ ବଡ଼ ଦୁର୍ଘଟଣାକୁ ନିମନ୍ତ୍ରଣ କରୁଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଚାଲିଥିବା ଏହି କାର୍ଯ୍ୟସ୍ଥଳକୁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଆସୁନାହାନ୍ତି। ଫଳରେ ନିର୍ମାଣର ମାନ ଯାଞ୍ଚ କରିବାକୁ କେହି ନାହାନ୍ତି।

ଅଭିଯୋଗ ଅନୁସାରେ, ଜଣେ ସ୍ଥାନୀୟ କୁଜିନେତା ଏହି କାମକୁ ନିୟନ୍ତ୍ରଣ କରୁଥିବାରୁ ନିଜର ବ୍ୟକ୍ତିଗତ ଫାଇଦା ପାଇଁ ସେ କାର୍ଯ୍ୟର ମାନ ସହ ସାଲିସ୍ କରୁଛନ୍ତି। ନିୟମ ଅନୁସାରେ ପାଚେରି ନିର୍ମାଣ ଲାଗି ଅତିକମ୍‌ରେ ୩ ଫୁଟ୍ ଗଭୀରତା ଓ ସିମେଣ୍ଟ କଂକ୍ରିଟ ଫାଉଣ୍ଡେସନ ହେବା କଥା। ସେହିପରି ପାଚେରିର ମୋଟେଇ ୨୩୦ ମି.ମି. ରହିବା ଦରକାର। ୧୨ରୁ ୨୦ ମି.ମି. ମୋଟେଇର ପ୍ଲାଷ୍ଟର ସହ ୧୪ ଦିନର କ୍ୟୁରିଂ କରାଯିବା କଥା। ହେଲେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ପାଚେରି କ୍ଷେତ୍ରରେ ଏହି ସବୁ ନିୟମ ଖୋଲାଖୋଲି ଉଲ୍ଲଂଘନ ହେଉଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଏହି ଘଟଣାରେ ଜିଲ୍ଲା ପ୍ରଶାସନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଯଦି ତୁରନ୍ତ ଏହାର ତଦନ୍ତ କରାଯାଇ କାର୍ଯ୍ୟକୁ ସୁଧାର କରା ନ ଯାଏ, ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିଥିଲେ ବି ସେ କୌଣସି ଉତ୍ତର ଦେଇ ନ ଥିଲେ।

## ସ୍କୁଲ ପ୍ରତିଷ୍ଠାତାଙ୍କ ବିୟୋଗରେ ଶୋକ



**ବନ୍ତ/ଆଗରପଡ଼ା, ୨୨।୧(ସମିସ):** ବନ୍ତ ବ୍ଲକ ଅନ୍ତର୍ଗତ ସିଳନ୍ଦି କାହ୍ନୁଚରଣ ବିଦ୍ୟାମନ୍ଦିରର ପୂର୍ବତନ ସମ୍ପାଦକ ସୂର୍ଯ୍ୟମଣି ପୃଷ୍ଟିଙ୍କର ବିୟୋଗ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୌଭାଗ୍ୟ ଦାଶଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ଝୁନୁବାଳା ନାୟକ, ସୁନିତା ଦାସ, ଶିକ୍ଷକ ସୁବାସ ଚନ୍ଦ୍ର ବେହେରା, ସିଦ୍ଧେଶ୍ୱର ପଣ୍ଡା, ଜୁନିୟର ଆସିଷ୍ଟାଣ୍ଟ ଉମେଶ ପ୍ରସାଦ କର, ଗଙ୍ଗାଧର ପାତ୍ର, ପଦ୍ମନାଭ ଜେନା, ହରମୋହନ କର ପ୍ରମୁଖ ଉପସ୍ଥିତ ରହି ଶୋକବ୍ୟକ୍ତ କରିଥିଲେ। ସେ ଜଣେ ନିଷ୍ଠାପର, ପରୋପକାରୀ ତଥା ସମାଜସେବୀ ଓ ଅନୁଷ୍ଠାନପ୍ରେମୀ ଥିଲେ ବୋଲି ଅଭିଭାଷଣ ଦେବା ସହ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ।

## କବୟିତ୍ରୀ ରାଜଶ୍ରୀ ଓଝାଙ୍କୁ ସମ୍ବର୍ଦ୍ଧନା



**ବାରିକପୁର, ୨୨।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ କଲ୍ୟାଣପୁର ଗ୍ରାମର ରାଜଶ୍ରୀ ଓଝା ଶ୍ରେଷ୍ଠ କବୟିତ୍ରୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି। କେଦାର ଭାରତୀ ସାହିତ୍ୟ ପତ୍ରିକା ପକ୍ଷରୁ ଯାଜପୁର ଜିଲ୍ଲା ଜାରକା ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ଷଷ୍ଠ ବାର୍ଷିକ ଉତ୍ସବ ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ସାହିତ୍ୟ ପତ୍ରିକା ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ରହି କବୟିତ୍ରୀ ରାଜଶ୍ରୀଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାର ଖ୍ୟାତନାମା ଲେଖକ, କବି, କବୟିତ୍ରୀମାନେ ଯୋଗଦେଇଥିଲେ। ଏଠାରେ ସୂଚିତ ନୂତନ ପୀଢ଼ିର କବୟିତ୍ରୀ ଜଣକ ଦୁଇ ତିନି ବର୍ଷ ଧରି କଲମ ଚାଳନା କରୁଥିବାବେଳେ ତାଙ୍କର ଅନବଦ୍ୟ ସୃଷ୍ଟି ପାଇଁ ସେ ଅନେକ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛନ୍ତି।

## ମୋବାରକପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



**ଭଣ୍ଡାରିପୋଖରୀ, ୨୨।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ପାଟୁଳୀ ପଞ୍ଚାୟତ ମୋବାରକପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ପ୍ରଧାନଶିକ୍ଷକ ନରେନ୍ଦ୍ର ଯେନାଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ନମିତା ନାୟକ ମୁଖ୍ୟଅତିଥି, ଭଣ୍ଡାରିପୋଖରୀ କଲେଜ ପୂର୍ବତନ ଅଧକ୍ଷ ଭରତ ଚନ୍ଦ୍ର କରଣ ମୁଖ୍ୟବକ୍ତା, ଶିକ୍ଷା ସଂଯୋଜକ କ୍ଷୀରୋଦ କୁମାର ଜେନା ଓ ପୂର୍ବତନ ସଂଯୋଜକ କୈଳାସ ଚନ୍ଦ୍ର ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଗ୍ରହଣ ସହ ଚରିତ୍ରଗଠନ ପ୍ରତି ଉପଯୁକ୍ତ ଧ୍ୟାନ ଦେବାକୁ ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଶିକ୍ଷୟିତ୍ରୀ ଲିନା ପ୍ରିୟଦର୍ଶନୀ ନାୟକ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଶୈକ୍ଷିକ ଓ ସହଶୈକ୍ଷିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ବିଶ୍ୱରଞ୍ଜନ ରଥ ଅତିଥି ପରିଚୟ ଓ ଶିକ୍ଷୟିତ୍ରୀ ତୁଳସୀ ମଞ୍ଜରୀ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ପରିବେଶରୁ ହଜିଯିବାକୁ ବସିଛନ୍ତି କାଉ

# ସକାଳୁ ଆଉ ଶୁଭୁନି କା... କା...

**ବନ୍ତ/ଆଗରପଡ଼ା, ୨୨।୧(ସମିସ)**



ଦିନ ଥିଲା 'ରାତି ପାହିଲାଣି ରାବଇ କାଉ, ଉଠ ଉଠ ମଠ ନକର ଆଉ' ଗୀତ ଶୁଣାଇ ମାଆ, ଜେଜେମା' ଓ ପରିବାରର ବୟସ୍କ ବ୍ୟକ୍ତି କୁନି କୁନି ପିଲାଙ୍କୁ ନିଦରୁ ଉଠାଉଥିଲେ। କାଉର କା... କା... ରାବରେ ସକାଳ ଆରମ୍ଭ ହେଉଥିଲା। କିନ୍ତୁ ସମୟଚକ୍ରରେ ଧୀରେ ଧୀରେ କାଉର ଏହି ରାବ ପରିବେଶରୁ ହଜିଯିବାକୁ ବସିଛି। କାଁ ଭାଁ ଦେଖିବାକୁ ମିଳୁଥିବା କାଉ ଆଗାମୀ ଦିନରେ କେବଳ ଚିଡ଼ିଆଖାନାରେ ଦେଖିବାକୁ ମିଳିବେ ବୋଲି ପରିବେଶବିତ୍‌ମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ଭାରତର ପରିବେଶ ଓ ପରମ୍ପରା ସହ କାଉର ଭାବ ବହୁ ପୁରୁଣା, ସେ ଉକ୍ତ ପରିବେଶ ସହିତ ସର୍ବଦା ଯୋଡ଼ି ହୋଇ ରହିଛି। ପକ୍ଷୀମାନଙ୍କ ମଧ୍ୟରେ କାଉକୁ ଅତ୍ୟନ୍ତ ଚତୁର ପକ୍ଷୀ ବୋଲି ବିବେଚନା କରାଯାଇଥାଏ। ଦକ୍ଷିଣ ମେରୁ, ଉତ୍ତର ମେରୁ, ଦକ୍ଷିଣ ଆମେରିକାର ଦକ୍ଷିଣ ଅଂଶ ଏବଂ ପ୍ରଶାନ୍ତ ମହାସାଗରର କେତେକ ଦ୍ୱୀପକୁ ଛାଡ଼ିଦେଲେ କାଉ ପ୍ରାୟ ଆଉ ସବୁଠି ଦେଖିବାକୁ ମିଳନ୍ତି। ପୃଥିବୀରେ ପ୍ରାୟ ୪୦ ପ୍ରଜାତିର କାଉ ଥିବାବେଳେ ଭାରତରେ ସାଧାରଣତଃ ଦୁଇଟି ପ୍ରଜାତିର କାଉ ଦେଖିବାକୁ ମିଳିଥା'ନ୍ତି। ଏହି ଦୁଇଟି ହେଲେ ଡାମରା କାଉ ଓ ପାତି କାଉ। ଡାମରା କାଉ ଅତି ଚିକ୍କଣ କଳା ହୋଇଥିବାବେଳେ ଏହାର ରାବ ଅତ୍ୟନ୍ତ କର୍କଶ ହୋଇଥାଏ। ଅପରପକ୍ଷରେ ପାତି କାଉ ବେକ ଟିକେ ପାଉଁଶିଆ। କାଉ ଏକ ସର୍ବଭକ୍ଷୀ ପକ୍ଷୀ ହୋଇଥିବାରୁ ସେ ଅଳିଆ ଆବର୍ଜନା ମଧ୍ୟ ଭକ୍ଷଣ କରିଥାଏ। ଯଦ୍ୱାରା ପରିବେଶ ସଫାସୁତରା ରହିବାରେ କାଉର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଗୋଟିଏ ଗଛରେ ଶହଶହ ସଂଖ୍ୟାରେ କାଉ ବସା ବାନ୍ଧି ରହିଥା'ନ୍ତି। ସକାଳୁ ଏମାନେ ଖାଦ୍ୟ ଅନ୍ୱେଷଣରେ ଦଳ ଦଳ ହୋଇ ବାହାରି ଯାଆନ୍ତି ଏବଂ ସନ୍ଧ୍ୟା ବେଳକୁ ଦଳ ଦଳ ହୋଇ ବସାକୁ ଫେରିଆସନ୍ତି। ଖାଦ୍ୟ ପାଇଁ ଏମାନେ ପ୍ରାୟ ୩୦/୪୦ ମାଇଲ୍ ରାସ୍ତା ଅତିକ୍ରମ କରିଥା'ନ୍ତି। ଖାଲି ଏତିକି ନୁହେଁ, କାଉ ଏପରି ଏକ ପକ୍ଷୀ ଯିଏକି କୋଇଲି ଅଣ୍ଡାକୁ ଉଷୁମେଇବା, ଅଣ୍ଡାରୁ ଛୁଆ ଫୁଟିବା ଏବଂ ଛୁଆ ବଡ଼ ହେବା ପର୍ଯ୍ୟନ୍ତ ତା'ର ଦାୟିତ୍ୱ ନିର୍ବାହ କରିଥାଏ। ବର୍ତ୍ତମାନ ପରିବେଶ ପରିବର୍ତ୍ତନ ହେବାରେ ଲାଗିଛି। ଜଳବାୟୁର ପରିବର୍ତ୍ତନ ଯୋଗୁଁ କାଉଙ୍କ ବଂଶ ଲୋପ୍ ପାଇବାରେ ଲାଗିଛି। ଦିନକୁ ଦିନ କାଉର ଖାଦ୍ୟ ଓ ବାସସ୍ଥାନ କମିବା ସହ ପ୍ରଦୂଷିତ ପରିବେଶ ଯୋଗୁଁ ସେମାନେ ବିଭିନ୍ନ ଦୁରାରୋଗରେ ଆକ୍ରାନ୍ତ ହୋଇ ଲୋପ୍ ପାଇବାକୁ ବସିଛନ୍ତି। ଆଗରୁ ଯେଉଁ ପରିବେଶ ଥିଲା ବର୍ତ୍ତମାନ ତାହା ଆଉ ନାହିଁ। ଦିନକୁ ଦିନ ପ୍ରଦୂଷଣ ବଢ଼ିବାରେ ଲାଗିଛି। ତେଣୁ ଏହାର ପ୍ରଭାବରେ କାଉ ବଂଶ ଲୋପ୍ ହେବାକୁ ବସିଛି। ତେଣୁ ଏକ ସନ୍ତୁଳିତ ପରିବେଶ ସୃଷ୍ଟି କରିବାକୁ ହେଲେ ପ୍ରଦୂଷଣ କମାଇବା ପାଇଁ ଅଧିକରୁ ଅଧିକ ବୃକ୍ଷରୋପଣ କରାଇବାର ଆବଶ୍ୟକତା ରହିଥିବାରୁ ଏଥିପ୍ରତି ଦୃଷ୍ଟି ଦେବାକୁ ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି। ଏହିପରି କରାଯାଇ ପାରିଲେ କାଉ ପରି ଏକ ପକ୍ଷୀର ବଂଶ ଲୋପ୍ ପାଇବାରେ ରୋକ୍ ଲାଗିପାରନ୍ତା।



### ଚାରିଦିନିଆ ଛୁଟି ପାଇଁ ରାଜଧାନୀ ରାସ୍ତାଘାଟ ଭିଡ଼

# ଅସମ୍ଭାଳ ଟ୍ରାଫିକ୍; ଅଣନିଶ୍ୱାସୀ ସହର

ଭୁବନେଶ୍ୱର, ୨୨।୧(ସମିସ): ରାଜଧାନୀରେ ଅସମ୍ଭାଳ ଟ୍ରାଫିକ୍ ଜାମ୍। ଅଧିକାଂଶ ରାସ୍ତା ଘଣ୍ଟା ଘଣ୍ଟା ଧରି ଜାମ୍ ରହିଥିଲା। ରାଜଧାନୀବାସୀ ବହୁ ସମୟ ଧରି ରାସ୍ତାରେ ଟ୍ରାଫିକ୍ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ରାସ୍ତାରେ ଗୋଟିଏ କିଲୋମିଟର ଗାଡି ଗଡ଼ାଇବାକୁ ଏକଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗିଯାଉଥିଲା। ଯାହା ଫଳରେ କିଏ ସମୟରେ ବସ୍ ଧରି ପାରି ନ ଥିଲା। ଆଉ କାହାର ଟ୍ରେନ୍ ମିଶ୍ ହୋଇଯାଇଥିଲା। ଆଉ କେହି ସମୟରେ ନିଜ କାର୍ଯ୍ୟସ୍ଥଳରେ ପହଁଞ୍ଚି ପାରିଲା ନାହିଁ। ଟ୍ରାଫିକ୍ ସମସ୍ୟା ଯୋଗୁଁ ଆମ୍ବୁଲାନ୍ସ, ପିସିଆର୍, ଫୁଡ୍ ଡେଲିଭରୀ ଭଳି ଜରୁରୀ କାଳୀନ ସେବା ବିଶେଷ ଭାବେ ପ୍ରଭାବିତ ହୋଇଥିଲା।



ରାଜଧାନୀରେ ଟ୍ରାଫିକ୍ ଜାମ୍‌କୁ ନେଇ ପଟିଆରୁ ଶିଖରଚଣ୍ଡୀ ପର୍ଯ୍ୟନ୍ତ ରାସ୍ତାରେ ଯାତାୟତ ଏକପ୍ରକାର ଠପ୍ ହୋଇଯାଇଥିଲା। ଅସମ୍ଭାଳ ଭିଡରେ ଯାତ୍ରୀ ଅଣନିଶ୍ୱାସୀ ହୋଇଯାଇଥିଲେ। ମାଷ୍ଟରକ୍ୟାଣ୍ଟିନ୍ ଛକରେ ଭିଡ ଅଣାୟତ ହୋଇଯାଇଥିଲା। ବିଭିନ୍ନ ଅଫିସ ସନ୍ଧ୍ୟାରେ ଛୁଟି ପରେ ଟ୍ରେନ୍ ଧରିବାକୁ ଲୋକେ ବ୍ୟାକୁଳ ଭଳି ଷ୍ଟେସନ ମୁହାଁ ହୋଇଥିଲେ। କିନ୍ତୁ ରାଜଧାନୀର ଟ୍ରାଫିକ୍ ବହୁ ସଂଖ୍ୟାରେ ଲୋକଙ୍କୁ ଟ୍ରେନ୍ ପର୍ଯ୍ୟନ୍ତ ପହଁଞ୍ଚିବାରୁ ଅଟକାଇ ଦେଇଥିଲା। ସେହିପରି ମାଷ୍ଟର କ୍ୟାଣ୍ଟିନ୍ ଛକରୁ ବାହାରୁଥିବା ଆମ ବସ୍ ଘଣ୍ଟା ଘଣ୍ଟା ଧରି ରାସ୍ତାରେ ଅଟକି ରହିଥିଲା।

ଜୟଦେବ ବିହାରରୁ ପଟିଆ ଯିବାକୁ ଥିବା ରାସ୍ତାରେ ହଜାର ହଜାର ସଂଖ୍ୟାରେ ଗାଡି ଘଣ୍ଟା ଘଣ୍ଟା ଧରି ଛିଡା ହେଲା। ଜାତୀୟ ରାଜପଥାରେ ମଧ ସମାନ ଅବସ୍ଥା ଦେଖାଦେଇଥିଲା। ହାଇଟେକ୍ ଛକ, ହସମ୍ପାଳ, ହାଇଟେକ୍ ଛଉ ଫ୍ଲାଏ ଓଭରରୁ ରସୁଲଗଡ଼ ଫ୍ଲାଏ ଓଭରବ୍ରିଜ୍ ପର୍ଯ୍ୟନ୍ତ ପ୍ରବଳ ଭିଡ ପରିଲିଖିତ ହୋଇଥିଲା। ରାଜଧାନୀର ଟ୍ରାଫିକ୍ ବ୍ୟବସ୍ଥା ଏକ ପ୍ରକାର ଅଚଳ ହୋଇଗଲା ଭଳି ମନେ ହେଉଥିଲା। ଲୋକେ ଟ୍ରାଫିକ୍‌ରେ ଫସି ବିରକ୍ତି ପ୍ରକାଶ କଲେ। ତେବେ ଆଗାମୀ ୪ଦିନିଆ ଛୁଟିକୁ ଦୃଷ୍ଟିରେ ରଖି ସହରରେ ଏଭଳି ଟ୍ରାଫିକ୍ ସମସ୍ୟା ହୋଇଥିବା ଅନୁମାନ କରାଯାଉଛି।

ଆସନ୍ତା ୨୩ ତାରିଖ ନେତାଜୀ ଜୟନ୍ତୀ ଅବସରରେ ଛୁଟି। ସେହିପରି ୨୪ ତାରିଖ ଚତୁର୍ଥ ଶନିବାର, ୨୫ ତାରିଖ ରବିବାର ହୋଇଥିଲା ବେଳେ୨୬ ତାରିଖ ସାଧାରଣତନ୍ତ୍ର ଦିବସ। ଏଣୁ ୪ଦିନ ଛୁଟି ପାଇ ରାଜଧାନୀରେ ରହୁଥିବା ବହୁ ପରିବାର ଗାଁ ମୁହାଁ ହୋଇଛନ୍ତି। ଶୀତ ଶେଷ ପର୍ଯ୍ୟାୟରୁ ଥିବାରୁ ଏତେ ଦିନ ଛୁଟି ପାଇ ଲୋକେ ରାଜଧାନୀ ବାହାରକୁ ବୁଲିବାକୁ ଚାଲି ଯାଉଛନ୍ତି।



## ପୂଜା ପାଇଁ ବଜାର ଗହଳି

ଭୁବନେଶ୍ୱର, ୨୨।୧(ସମିସ): ଆସନ୍ତା କାଲିମା' ସରସ୍ୱତୀଙ୍କ ଆବାହନ ପାଇଁ ଶେଷ ହୋଇଛି ସମସ୍ତ ପ୍ରସ୍ତୁତି। ଏଥିପାଇଁ ରାଜଧାନୀବାସୀଙ୍କ ମଧ୍ୟରେ ଦେଖାଛି ବେଶ୍ ଉତ୍ସାହ। ପୂଜାର ଅବ୍ୟବହିତ ପୂର୍ବରୁ ସହରର ବିଭିନ୍ନ ସ୍ଥାନରେ ମା' ବାଗ୍‌ଦେବୀଙ୍କ ମୂର୍ତ୍ତି ବିକ୍ରି ସହ ପୂଜା ସାମଗ୍ରୀ ଦୋକାନରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ତା ସହିତ ଫୁଲ ଓ ଫଳ କିଣିବାକୁ ଗ୍ରାହକମାନଙ୍କ ଭିଡ଼ ମଧ ଜମିଥିଲା। ପୂଜାରେ ସାଜସଜ୍ଜା ପାଇଁ ବିଭିନ୍ନ ଫୁଲ ସହ ଅଧିକ ପରିମାଣରେ ଗେଣ୍ଡୁ ଫୁଲ ଆମଦାନୀ ହୋଇଥିବା ବ୍ୟବସାୟୀମାନେ କହିଛନ୍ତି। ତେବେ ବଜାରରେ ଗେଣ୍ଡୁଫୁଲ କିଲୋ ୩ଶହରୁ ୩୫୦ଟଙ୍କା ରହିଛି। ସେହିପରି ପୂଜା ପାଇଁ କଦଳୀ ଓ ନଡ଼ିଆ ସମେତ ଅଙ୍ଗୁର, ସେଓ, ଡାଳିମ୍ବ, କମଳା ଆଦିର ବେଶ୍ ଚାହିଦା ରହିଥିବା ଦେଖିବାକୁ ମିଳିଛି। ସେହିପରି ସକାଳୁ ରାତି ପର୍ଯ୍ୟନ୍ତ ବିଭିନ୍ନ ପୂଜା ସାମଗ୍ରୀ ଦୋକାନ ସହ ପୋଷାକ ଦୋକାନ, ସପିଂ ମଲ୍, ଛୋଟବଡ଼ ଗାରମେଣ୍ଟସରେ ମଧ ନୂଆ ବସ୍ତ୍ର କିଣିବାକୁ ଗ୍ରାହକଙ୍କ ଅସମ୍ଭାଳ ଭିଡ଼ ଜମିଥିଲା। ଏଥିପାଇଁ ଏଜି ଛକ, ସମେତ ବିଭିନ୍ନ ଜନଗହଳି ସ୍ଥାନରେ ରାସ୍ତା ଜାମ୍ ହୋଇଥିବା ଦେଖିବାକୁ ମିଳିଥିଲା।

## ପରେଡ୍ ଓ ରିହର୍ସଲ ଲାଗି ଟ୍ରାଫିକ କଟକଣା

ଭୁବନେଶ୍ୱର, ୨୨।୧(ସମିସ): ଆଗାମୀ ରାଜ୍ୟସ୍ତରୀୟ ଗଣତନ୍ତ୍ର ଦିବସ ଉପଲକ୍ଷେ ଭୁବନେଶ୍ୱର ସ୍ଥିତ ମହାତ୍ମା ଗାନ୍ଧୀ ମାର୍ଗରେ ସାଧାରଣତନ୍ତ୍ର ଦିବସ ପରେଡ୍ ଅନୁଷ୍ଠିତ ହେବ। ୨୨ ଓ ୨୩ ତାରିଖ ଦିନ ଅପରାହ୍ଣ ୧ରୁ ୬ଟା ପର୍ଯ୍ୟନ୍ତ ଅଭ୍ୟାସ ପରେଡ୍ ସହ ୨୪ ତାରିଖ ସକାଳ ୬ ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ପୂର୍ଣ୍ଣ ଅଭ୍ୟାସ ପରେଡ୍ ଅନୁଷ୍ଠିତ ହେବ। ସେହିପରି ୨୬ ତାରିଖ ଦିନ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପରେଡ୍ ସକାଳ ୬ଟାରୁ ସରିବା ଯାଏଁ ଚାଲିବ। ଏହାକୁ ଦୃଷ୍ଟିରେ ରଖିଳ ସର୍ବସାଧାରଣଙ୍କ ସୁଗମନାଗମନ ଓ ପାର୍କିଂ ନିମନ୍ତେ ଓଡ଼ିଶା ସହରାଞ୍ଚଳ ଆଇନ ୨୦୦୩ର ଧାରା ୨୮ (ଓଡ଼ିଶା ଆକ୍ଟ ୨୦୦୭ ର ଧାରା ୮) ଏବଂ ଭୁବନେଶ୍ୱରକଟକ ପୁଲିସ କମିଶନରେଟ୍ (ଟ୍ରାଫିକ୍ ଓ ପବ୍ଲିକ୍ ଅର୍ଡ଼ର) ୨୦୦୮ ର ଧାରା ୩୬ ଓ ୩୭କୁ ଆଧାର କରି କଟକଣା ଲାଗୁ କରାଯାଇଛି। ଜାରି କଟକଣା ମଧ୍ୟରେ କୌଣସି ପ୍ରକାର ଭାରୀଯାନ ରାମମନ୍ଦିର ଏବଂ ରାଜମହଲ ଛକ ପଟୁ ମାଷ୍ଟରକ୍ୟାଣ୍ଟିନ୍ ଛକକୁ ଯିବାକୁ ଦିଆଯିବ ନାହିଁ। କେବଳ ଦୁଇଚକିଆ ତଥା ହାଲୁକା ଯାନ ରାଜମହଲ ଛକରୁ ମାଷ୍ଟରକ୍ୟାଣ୍ଟିନ୍ ଆଡ଼କୁ ଆସିପାରିବେ। କିନ୍ତୁ ପିଏମଜି ଛକ ଆଡ଼କୁ ଯିବାପାଇଁ ଅନୁମତି ଦିଆଯିବ ନାହିଁ। ହାଉସିଂବୋର୍ଡ ଛକ ପଟୁ ରବୀନ୍ଦ୍ରମଣ୍ଡପ ଆଡ଼କୁ ଆସୁଥିବା ଯାନବାହାନ କେଶରୀ ଟକୀଜରୁ ଆଗକୁ ନଯାଇ ସେହିଠାରୁ ବାମପଟ ଲେନ୍ ଦେଇ ଯାଇପାରିବେ। ସେହିପରି ଏଜି ଛକରୁ ପିଏମଜି ଛକ ଆଡ଼କୁ ଆସୁଥିବା ସମସ୍ତ ଯାନବାହାନ ଜୟଦେବ ଭବନ ଗଳି ଦେଇ ଇଉକଲ୍ ଅଡିଟୋରିୟମ୍ ପଟକୁ ଯିବେ। ୧୨୦ ବାଟାଲିୟନ୍ ଛକରୁ ରବୀନ୍ଦ୍ରମଣ୍ଡପ ଆଡ଼କୁ ଆସୁଥିବା ସମସ୍ତ ଯାନବାହାନ ଏମ୍‌ଏଲ୍ଏ କଲୋନୀ ରାସ୍ତା ଦେଇ ୪ ନମ୍ବର ଆଡ଼କୁ ଯିବେ। ମହାବା ଗାନ୍ଧୀ ମାର୍ଗ ସଂଲଗ୍ନ ସମସ୍ତ ଲେନ୍ ଓ ବାଇଲେନରେ ଯାନବାହାନ ଚଳାଚଳ ବନ୍ଦ ରହିବ। କେବଳ ପଦଚାରୀ ମାନେ ଚାଲିକରି ମହାତ୍ମା ଗାନ୍ଧୀ ମାର୍ଗକୁ ଆସିପାରିବେ ବୋଲି କମିଶନରେଟ୍ ପୁଲିସ୍ କହିଛି। ଜନସାଧାରଣଙ୍କ ଯାନବାହାନ ରଖିବା ଲାଗି ରହିଥିବା ସ୍ଥାନ ମଧ୍ୟରେ ରେଳଷ୍ଟେସନ ପାଖ ବିଡ଼ିଏ ବସଷ୍ଟାଣ୍ଡ, କଂଗ୍ରେସ ଭବନ ପାଖ ଖୋଲା ସ୍ଥାନ, ଇଉକଲ୍ ଅଡିଟୋରିୟମ୍ ପାଖ ଖୋଲା ସ୍ଥାନ, ଜୟଦେବ ଭବନ ସାମ୍ନାରେ ଥିବା ଖୋଲା ସ୍ଥାନ, ରବୀନ୍ଦ୍ରମଣ୍ଡପ ହତା ଭିତର ଖୋଲା ସ୍ଥାନ, ୩ ନମ୍ବର ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ ସାମ୍ନାରେ ଥିବା ଖୋଲା ସ୍ଥାନ ଏବଂ ୨ ନମ୍ବର ସରକାରୀ ବାଳିକା ବିଦ୍ୟାଳୟ ପଡ଼ିଆରେ ବ୍ୟବସ୍ଥା କରିଛି। ଅପରପକ୍ଷରେ ୨୬ ତାରିଖ ସକାଳ ୬ରୁ ପରେଡ୍ ସରିବା ପର୍ଯ୍ୟନ୍ତ ପିଏମଜି ଛକରୁ ମାଷ୍ଟରକ୍ୟାଣ୍ଟିନ୍ ଛକ ମଧ୍ୟରେ ଗ୍ୟାସ ବେଲୁନ୍ ବିକ୍ରି ନିଷେଧ କରାଯାଇଛି।

### ଗଙ୍ଗପଡ଼ା ଥାର୍ ଦୁର୍ଘଟଣା ମାମଲା

## ଭୋଜି ପରେ ୩ ସାଙ୍ଗଙ୍କ ଅନ୍ତିମ ଯାତ୍ରା

ଯାଁଳା, ୨୨।୧(ସମିସ): ଇନଫୋଭ୍ୟାଲି ଥାନା ୧୬ ନମ୍ବର ଜାତୀୟ ରାଜପଥ ଗଙ୍ଗପଡ଼ା ପୁରୁଣା ଟୋଲ ଗେଟ ନିକଟରେ ଥାର କାର ଦୁର୍ଘଟଣାରେ ମୃତକଙ୍କ ପରିଚୟ ମିଳିଛି। ମୃତକମାନେ ହେଲେ ଦେଓଗଡ଼ ଜିଲ୍ଲା ରିଆମାଳ ଥାନା ତାରଙ୍ଗ ଗ୍ରାମର ଜୋଗେଶ୍ୱର ସାହୁଙ୍କ ପୁଅ ଜଗଦେବ ରାକୁଲା ଓରଫ ସାହୁ (୧୭), ଇନଫୋଭ୍ୟାଲି ଥାନା କାଇମାଟିଆ ଜି-ନେଷ୍ଟ ଆପାର୍ଟମେଣ୍ଟରେ ରହୁଥିବା ପ୍ରକାଶ ଚନ୍ଦ୍ର ରଥିଙ୍କ ପୁଅ ହର୍ଷ ରଥି (୨୧) ଓ ଖୋର୍ଦ୍ଧା ମଡେଲ ଥାନା ଅନ୍ତର୍ଗତ ମୁକୁନ୍ଦ ପ୍ରସାଦର ବୀର କିଶୋର ବେହେରାଙ୍କ ପୁଅ କରନବୀର ବେହେରା (୨୧) ଓ ଗୁରୁତର ଆହତ ହୋଇଥିବା ଯୁବକ ଜଣକ ହେଲେ ପ୍ରିୟାଂଶୁ (୨୦)।



ସୂଚନା ଅନୁସାରେ ମୃତାହତ ୪ ଜଣ ଛାତ୍ର ପରସ୍ପର ସାଙ୍ଗ। ଜଗଦେବ ଗତ କିଛିଦିନ ତଳେ ଏକ ନୂଆ ଥାର କାର କିଣିଥିଲେ। ଗୁରୁବାର ତାଙ୍କ ସାଙ୍ଗଙ୍କୁ ଡାକି ଇନଫୋଭ୍ୟାଲି ଥାନା ମଦନପୁର ଅଞ୍ଚଳରେ ଏକ ଭୋଜି କରିଥିଲେ। ଭୋଜି ପରେ ରାତି ପ୍ରାୟ ୯ଟା ବେଳେ ଯାଁଳା ପେଟ୍ରୋଲ ପମ୍ପରେ ତେଲ ପକାଇ ମୁକୁନ୍ଦ ପ୍ରସାଦର ସାଙ୍ଗ କରନବିରକୁ ଛାଡିବା ପାଇଁ ଯାଉଥିଲେ। ଯିବା ବେଳେ ଗଙ୍ଗପଡ଼ା ପୁରୁଣା ଟୋଲଗେଟ ନିକଟରେ ଏକ ଟ୍ରଲର ବ୍ରେକ ଡାଉନ ହୋଇ ଠିଆହୋଇଥିଲା। ଥାର ଗାଡିଟି ଦ୍ରୁତଗତିରେ ଆସି ଟ୍ରଲର ପଛରେ ପିଟିଥିଲା। ଏତେ ଯୋର ଦୁର୍ଘଟଣା ଥିଲା ଯେ ଥାର କାରଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିଲା। ଫଳରେ ଘଟଣାସ୍ଥଳରେ ଜଗଦେବ, ହର୍ଷ ଓ କରନବୀରଙ୍କ ଜୀବନ ଚାଲିଯାଇଥିଲା। ପ୍ରୀୟାଂଶୁଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ସ୍ଥାନୀୟ ଲୋକ ଦୁର୍ଘଟଣା ଶବ୍ଦ ଶୁଣି ଘଟଣା ସ୍ଥଳରୁ ଦୌଡ଼ି ଆସି ମୃତାହତଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ଇନଫୋଭ୍ୟାଲି ଥାନା ପୁଲିସ ଗୁରୁତର ଆହତ ପ୍ରିୟାଂଶୁଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାକୁ ପଠାଇଥିଲେ। ମୃତକଙ୍କୁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଆଜି ପୁଲିସ ମୃତକ ମାନଙ୍କ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ଘଟଣାର ତଦନ୍ତ ଚଳାଇଛି। ସୂଚନା ଥାଉକି ରାଜପଥାରେ ବେଆଇନ ପାର୍କିଂ ବଢୁଥିବାରୁ ଦୁର୍ଘଟଣାଘଟୁଥିବାସ୍ଥାନୀୟଲୋକଅଭିଯୋଗକରିଛନ୍ତି।

## ୬ ଲକ୍ଷର ହେରୋଇନ୍ ଜବତ; ଜଣେ ଗିରଫ

ଭୁବନେଶ୍ୱର, ୨୨।୧(ସମିସ): ହେରୋଇନ୍ ଚୋରା ଚାଲାଣ ଅଭିଯୋଗରେ ଅବକାରୀ ଥାନା ପୁଲିସ ବିରେନ୍ କୁମାର ନାୟକ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଠାରୁ ୬୨ଗ୍ରାମ୍‌ର ହେରୋଇନ୍ ଜବତ ହୋଇଛି। ଯାହାର ମୂଲ୍ୟ ୬ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଅବକାରୀ ଅତିରିକ୍ତ ସୁପରିନ୍‌ଟେଣ୍ଡେଣ୍ଟ ରାଜଶେଖର ସ୍ୱାଇଁଙ୍କ ସୂଚନା ମୁତାବକ ବିରେନ୍ ମଞ୍ଚେଶ୍ୱର ଥାନା ଧୂରୁକୁଟି ବସ୍ତି ଅଞ୍ଚଳରେ ନିଶା କାରବାର କରୁଥିଲେ। ଏସମ୍ପର୍କରେ ଜଣାପଡ଼ିବା ପରେ ତାଙ୍କୁ ଧରିବାକୁ ଅବକାରୀ ବିଭାଗ ମୋବାଇଲ୍ ୟୁନିଟ୍ ଇନ୍ସପେକ୍ଟର କୃଷ୍ଣ ଚନ୍ଦ୍ର ପରିଡ଼ା ଜାଲ ବିଛାଇ ଥିଲେ। ଛଦ୍ମ ବେଶରେ ଅବକାରୀ ପୁଲିସ ନିଶା କିଣିବାକୁ ଗ୍ରାହକ ବେଶରେ ଯାଇଥିଲା। ସେ ହେରୋଇନ୍ ବିକ୍ରି କରୁଥିଲା ବେଳେ ତାଙ୍କୁ ମାଡି ବସିଥିଲା। ଯାଞ୍ଚ ବେଳେ ତାଙ୍କ ଠାରୁ ହେରୋଇନ୍ ଜବତ ହୋଇଥିଲା।

## ଆକ୍ରମଣକାରୀଙ୍କୁ ଜରିମାନା

ଭୁବନେଶ୍ୱର, ୨୨।୧(ସମିସ): ଆକ୍ରମଣକାରୀଙ୍କୁ ୨ହଜାର ଜରିମାନା ଦଣ୍ଡାଦେଶ ଦେଇଛନ୍ତି ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୪ଙ୍କ ଅଦାଲତ। କୋର୍ଟ ଅମୂଲ୍ୟ କୁମାର ଦାସଙ୍କୁ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଜୋରିମାନା ଅନାଦେୟ ହେଲେ ଅତିରିକ୍ତ ୩୦ ଦିନର ସରଳ କାରାଦଣ୍ଡ ଭୋଗ କରିବାକୁ ଆଦେଶ ଦେଇଛନ୍ତି। ପୁଲିସ ସୂଚନା ମୁତାବକ, କଳ୍ପନା ଷ୍ଟାଣ୍ଡର ସଦସ୍ୟ ଶିବରାମ ବିଶ୍ୱାଳଙ୍କୁ ଅମୂଲ୍ୟ ଆକ୍ରମଣ କରିଥିଲେ। ଟଙ୍କା ଦେବାକୁ ଅସ୍ୱୀକାର କରିବାରୁ, ଆସାମୀ ଅମୂଲ୍ୟ କୁମାର ଦାସ ତାଙ୍କ ମୁହଁ ଏବଂ ମୁଣ୍ଡରେ ବାଡ଼ିଦ୍ୱାରା ଆକ୍ରମଣ କରିଆଘାତ ଦେଇଥିଲେ, ଯାହାରଫଳରେଅଭିଯୋଗକାରୀଙ୍କ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଏହି ସମ୍ପର୍କରେ ଅଭିଯୋଗକାରୀ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ବଡଗଡ଼ ଥାନାରେ ମାମଲା ରୁଜୁ କରିଥିଲେ।

● ଆମେରିକା ସାମ୍ରାଜ୍ୟବାଦକୁ ତୀବ୍ର ନିନ୍ଦା

## ଗର୍ଜିଲେ ବାମପନ୍ଥୀ ଶ୍ରମିକ ସଂଗଠନ




ଭୁବନେଶ୍ୱର, ୨୨।୧(ସମିସ): ବିଶ୍ୱ ଟ୍ରେଡ୍ ୟୁନିୟନ ମହାସଂଘର ଆହ୍ୱାନ କ୍ରମେ ଗୁରୁବାର ଭୁବନେଶ୍ୱରରେ ପ୍ରମୁଖ ବାମପନ୍ଥୀ ଶ୍ରମିକ ସଂଗଠନମାନଙ୍କ ପକ୍ଷରୁ ଏକ ମିଳିତ ସଂହତି ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏଆଇଟିୟୁସି, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ ଏବଂ ଟିୟୁସିସି ଭଳି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନଗୁଡ଼ିକ ଏହି ବିକ୍ଷୋଭରେ ସାମିଲ ହୋଇ ଆମେରିକାର ସାମ୍ରାଜ୍ୟବାଦୀ ନୀତି ବିରୋଧରେ ଗର୍ଜିଥିଲେ। ଏହି ସମାବେଶରେ ଶ୍ରମିକ ନେତା ବିଜୟ ଜେନା, ଉଲ୍ଲାସ ଚନ୍ଦ୍ର ପ୍ରଧାନ, ଜୟସେନ ମେହେର ଏବଂ ରାଧାକାନ୍ତ ସେଠୀ ସେମାନଙ୍କ ଅଭିଭାଷଣରେ ଆମେରିକାର ସାମ୍ରାଜ୍ୟବାଦୀ କାର୍ଯ୍ୟକଳାପକୁ ତୀବ୍ର ସମାଲୋଚନା କରିଥିଲେ। ପ୍ରତିବାଦକାରୀମାନେ ଭେନେଜୁଏଲାର ରାଷ୍ଟ୍ରପତି ନିକୋଲାସ ମାଦୁରୋ ଏବଂ ତାଙ୍କ ପତ୍ନୀ ସିଲିଆ ଫ୍ଲୋରେସଙ୍କୁ ତୁରନ୍ତ ମୁକ୍ତ କରିବା ପାଇଁ ଦାବି କରିଛନ୍ତି। ଆମେରିକା ଦ୍ୱାରା ହୋଇଥିବା ଏହି ବେଆଇନ କାର୍ଯ୍ୟ ଆନ୍ତର୍ଜାତୀୟ ନିୟମର ଉଲ୍ଲଂଘନ ବୋଲି ନେତାମାନେ ମତବ୍ୟକ୍ତ କରିଛନ୍ତି। ଏହି ସଂହତି ଶୋଭାଯାତ୍ରା ଓ ସଭାରେ ଅନ୍ୟମାନଙ୍କ ମଧ୍ୟରେ କମ୍ରେଡ ଜନାର୍ଦ୍ଦନ ପତି, ମହେନ୍ଦ୍ର ପରିଡ଼ା, ପ୍ରଦୀପ୍ତ ନାୟକ, ନିରଞ୍ଜନ ମହାନ୍ତି, ସୁରା ଜେନା ପ୍ରମୁଖ ନେତୃବୃନ୍ଦ ଅଂଶଗ୍ରହଣ କରି ଶ୍ରମିକମାନଙ୍କ ମଧ୍ୟରେ ଏକତା ବଜାୟ ରଖିବା ସହ ଆନ୍ତର୍ଜାତୀୟ ସ୍ତରରେ ଶୋଷଣ ବିରୋଧରେ ଲଢ଼େଇ ଜାରି ରଖିବାକୁ ଆହ୍ୱାନ ଦେଇଛନ୍ତି।

## ଚୋରି ସାମଗ୍ରୀ ଜବତ; ୩ ଗିରଫ



ବାଲିଅନ୍ତା, ୨୨।୧(ସମିସ): ବାଲିଅନ୍ତା ଥାନା ପୁଲିସ ଆଜି ଲୁଟ ମାମଲାରେ ୩ ଚୋରଙ୍କୁ ବାନ୍ଧିଛି। ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଲିଅନ୍ତା ଥାନା ଟଙ୍କପାଣି ବ୍ରିଜ ନିକଟରେ ରହୁଥିବା ସୂର୍ଯ୍ୟକାନ୍ତ ପାତ୍ର (୨୨), ରବି ନାରାୟଣ ସେଠି (୨୫) ଓ ରାଜା ଗୋଚ୍ଛାୟତ (୧୯)। ସେମାନଙ୍କ ନିକଟରୁ ପୁଲିସ ସିନ୍ଧି ଚୋରିରେ ବ୍ୟବହୃତ ଶାବଳ ସମେତ ଅନ୍ୟାନ୍ୟ ମାରଣାସ୍ତ୍ର, ରନ୍ଧନ ଗ୍ୟାସ ସିଲିଣ୍ଡର ଏବଂ ଅନ୍ୟାନ୍ୟ ଗୃହ ଉପକରଣ ଜବତ କରିଛି। ସୂଚନା ଅନୁସାରେ ଦୈତାରୀ ମହାନ୍ତି ଏନେଇ ବାଲିଅନ୍ତା ଥାନାରେ ଅଭିଯୋଗ କରିଥିଲେ। ସ୍ଥାନୀୟ ସତ୍ୟଭାପୁର ପଞ୍ଚାୟତ ଅଞ୍ଚଳର ଦୈତାରୀ ପତ୍ନୀ ଏବଂ ତାଙ୍କ ପରିବାର ସଦସ୍ୟମାନେ ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଗତ ରାତିରେ ଦୁର୍ବୃତ୍ତମାନେ ଘରର ପଛ ପାର୍ଶ୍ୱରୁ ତାଲା ଭାଙ୍ଗି ଘର ଭିତରକୁ ପ୍ରବେଶ କରି ସାମଗ୍ରୀ ଚୋରି କରିଥିଲେ। ଚୋରି ସାମଗ୍ରୀ ମଧ୍ୟରେ ତିନୋଟି ଲୁହା ରଡ୍, ଗୋଟିଏ ଇଣ୍ଡେନ ଗ୍ୟାସ୍ ସିଲିଣ୍ଡର, ୪ ଷ୍ଟିଲ୍ ବେସିନ୍, ତିନୋଟି ରସ ବାଲଟି ଏବଂ ୨ଟି ରସ ଟପ ରହିଛି। ସୂର୍ଯ୍ୟକାନ୍ତ ନାମରେ ନିଶ୍ଚିନ୍ତକୋଇଲି ଥାନାରେ ଅନ୍ୟ ୨ଟି ମାମଲା ରହିଛି।

# ଖଣି ବେପାରରୁ ଫୁଟୁଛି ଗୁଳି, ଗଡୁଛି ମୁଣ୍ଡ

ଭୁବନେଶ୍ୱର, ୨୨।୧ (ସମିସ): ରାଜଧାନୀ ଓ ଆଖପାଖରେ ବେଆଇନ ଖଣି ଖନନ ବଢ଼ିବାରେ ଲାଗିଛି। ସଞ୍ଜ ନଇଁଲେ ମାଫିଆମାନେ ସକ୍ରିୟ ହୋଇ ଲଘୁ ଖଣିଜ ଦ୍ରବ୍ୟ ଲୁଟି ନେଉଛନ୍ତି। ମାଙ୍କଡ଼ା ପଥାର ଠାରୁ ଆରମ୍ଭ କରି ମାଟି ଓ ମୋରମ୍ ପର୍ଯ୍ୟନ୍ତ, ରାତି ଲୁଟ୍ କରୁଛନ୍ତି ମାଫିଆ। ତେବେ ବେଆଇନ ଖଣି ଖନନ ଲାଗି ସରକାର କେବଳ ରାଜସ୍ୱ ହରାଉ ନାହାନ୍ତି, ସାଧାରଣ ଲୋକଙ୍କ ଜୀବନ ମଧ ଚାଲିଯାଉଛି। ଖଣି ବେପାରରୁ ସୃଷ୍ଟି ହେଉଥିବା ବିବାଦ କେତେ ଯେ ଭୟଙ୍କର, ତାହା ନିକଟ ଅତୀତରେ ଘଟିଥିବା ଗୁଳିମାଡ଼ ଓ ହତ୍ୟାକାଣ୍ଡ ଘଟଣାରୁ ସ୍ପଷ୍ଟ ହୋଇଛି। ବେଆଇନ ଖଣି ବେପାର ଏବେ ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି।

ଖଣି ବ୍ୟବସାୟକୁ ନେଇ ବେଗୁନିଆ ଥାନା ଜାମୁସାହିର ବାସୁଦେବ ପରିଡ଼ା ଓ ଦେବବ୍ରତ ବରାଳ ଓରଫ୍ ନକୁଳ ମଧ୍ୟରେ ପୂର୍ବରୁ ବିବାଦ ଲାଗି ରହିଥିଲା। ଏହାକୁ ନେଇ ଉଭୟପକ୍ଷଙ୍କ ମଧ୍ୟରେ ପୂର୍ବରୁ ଗଣ୍ଡଗୋଳ ମଧ ହୋଇଥିଲା। ଗତ ସୋମବାର ଦିନ ଶୌଚ ହେବାକୁ ଯାଇଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଅଟକାଇ ଗାଳିଗୁଲଜ କରିଥିଲେ। ବାସୁଦେବ ବିରୋଧ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଗୁଳିମାଡ଼ କରିଥିଲେ। ଫଳରେ ତାଙ୍କର ମୃତ୍ୟୁ। ସେହିପରି ଗତବର୍ଷ ଏପ୍ରିଲ ମାସ ୩ ତାରିଖ ରାତିରେ ଜଟଣୀ ବଡ଼ ନୂଆଗାଁର ମାନସ ଦଳାଇଙ୍କୁ ଘରକୁ ଫେରୁଥିଲେ। ସେ ଜଟଣୀ ଆଦର୍ଶ ବିଦ୍ୟାଳୟ ନିକଟରେ ପାଇଥିବା ବେଳେ ଉପରବସ୍ତର ସପନା ବଳିଆରସିଂ ଓ ସହଯୋଗୀମାନେ ତାଙ୍କୁ ଅଟକାଇ ଗାଳିଗୁଲଜ କରିଥିଲେ। ମାନସ ବିରୋଧ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଫଳରେ ତାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ତଦନ୍ତ ବେଳେ ଯାହା ଜଣାପଡ଼ିଥିଲା, ତାହା ସାଙ୍ଘାତିକ। ବେଆଇନ ଖଣି ବେପାର ଓ ପତିଆରା ପାଇଁ ମାନସଙ୍କୁ ହତ୍ୟା କରାଯାଇଥିବା ତଦନ୍ତ ବେଳେ ସାମ୍ନାକୁ ଆସିଥିଲା।

କେବଳ ଏହି ଦୁଇଟି ହତ୍ୟାକାଣ୍ଡ ନୁହଁ, ଖଣି ବେପାରକୁ କେନ୍ଦ୍ରକରି ପୂର୍ବରୁ ଗୁଳିମାଡ଼ ମଧ ହୋଇଛି। ଅଙ୍ଗାରପଡ଼ାର ଲିପକ ପରିଡ଼ା ଓ ପିତାପଲ୍ଲୀର ପ୍ରତାପ ସ୍ୱାଇଁଙ୍କ ମଧ୍ୟରେ ମୋରମ୍ ଖନନ ଓ ଚାଲାଣକୁ ନେଇ ବିବାଦ ରହିଥିଲା। ଗତବର୍ଷ ଏପ୍ରିଲ ୪ ତାରିଖ ରାତିରେ ଲିପକର ଚାଳକ ମନୋଜ ଟ୍ରକ୍ ନେଇ ଆସୁଥିବା ବେଳେ ପିତାପଲ୍ଲୀର ପ୍ରତାପ ସ୍କୁଟିରେ ଆସୁଥିଲେ। ସାଇଡ୍ ମରାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଲିପୁ ଘଟଣାସ୍ଥଳରେ ପହଞ୍ଚି ପ୍ରତାପଙ୍କୁ ଗୁଳିମାଡ଼ କରିଥିଲା।

ମାଫିଆମାନେ ଭୁବନେଶ୍ୱର, ଖୋର୍ଦ୍ଧା ଓ ଜଟଣୀ ତହସିଲ ଅଧୀନସ୍ଥ ବିଭିନ୍ନ ମୌଜାରୁ ମୋରମ୍ ଓ ମାଙ୍କଡ଼ା ପଥାର ବୋହି ନେଉଛନ୍ତି। ଅନାବାଦି ଠାରୁ ଆରମ୍ଭ କରି ଜଙ୍ଗଲ କିସମର ଜମି ପର୍ଯ୍ୟନ୍ତ କିଛି ବି ମାଫିଆଙ୍କ ଲୋଲୁପ ଦୃଷ୍ଟିରୁ ବାଦ୍ ପଡୁନାହିଁ। ବିନା କୌଣସି ନିବେଶ ବା ସରକାରୀ ରୟାଲଟିରେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର ହେଉଥିବାରୁ ଏହି ବେଆଇନ କାରବାର ବୃଦ୍ଧି ପାଉଛି। ଗୋଟିଏ ଗୋଷ୍ଠୀ ମୋରମ୍ ଖନନକୁ ଅନ୍ୟ ଗୋଷ୍ଠୀ ବିରୋଧ କରୁଥିବାରୁ ବିବାଦ ହେବା ସହ ଗ୍ୟାଙ୍ଗୱାର୍ ଭଳି ପରିସ୍ଥିତି ସୃଷ୍ଟି ହେଉଛି। ଲକ୍ଷ ଲକ୍ଷ ଟଙ୍କାର ଲୋଭ ଆଗରେ ମାଫିଆମାନେ ସବୁକିଛି ଭୁଲିଯାଇ ମଣିଷର ଜୀବନ ନେବାକୁ ମଧ ପଛାଉନାହାନ୍ତି।

### ଖଣି ଅଧିକାରୀଙ୍କୁ ମିଳୁନି ପୁଲିସ ବଳ

ଖଣି ସମ୍ବନ୍ଧୀୟ କାରବାର ଲାଗି ସରକାର ଜିଲ୍ଲାଗୁଡ଼ିକରେ ଖଣି ଅଧିକାରୀ ନିଯୁକ୍ତି ଦେଇଛନ୍ତି। ସମ୍ପୃକ୍ତ ଅଧିକାରୀମାନେ ଧରପଗଡ଼ କରି ବେଆଇନ ଖଣି ଖନନରେ ରୋକ୍ ଲଗାଇବା ସହ ଗାଡ଼ି ଜବତ କରୁଛନ୍ତି। ହେଲେ ଅନେକ ସମୟରେ ଖଣି ଅଧିକାରୀମାନେ ମଧ ମାଫିଆଙ୍କ ଆକ୍ରମଣର ଶିକାର ହେଉଛନ୍ତି। ନିଜ ବିଭାଗ ପାଖରେ ସେଭଳି କୌଣସି ସୁରକ୍ଷା ବ୍ୟବସ୍ଥା ନଥିବାରୁ ସ୍ଥାନୀୟ ପୁଲିସର ସହାୟତା ନେଉଛନ୍ତି। ଖଣି ଅଧିକାରୀମାନେ ଚଢ଼ଉ ଲାଗି ଯିବାବେଳେ ପୁଲିସ ଫୋର୍ସ ଦେବା ପାଇଁ ଜିଲ୍ଲା ପୁଲିସ ମୁଖ୍ୟ ଓ ରିଜର୍ଭ ଇନ୍ସପେକ୍ଟରଙ୍କୁ ଅନୁରୋଧ କରୁଛନ୍ତି। ସେମାନେ ବେଳେବେଳେ ପୁଲିସ ଫୋର୍ସ ଯୋଗାଉଥିଲେ ମଧ ଅନେକ ସମୟରେ କର୍ମଚାରୀ ଅଭାବ ଆଳରେ ମନା କରି ଦେଉଛନ୍ତି। ଫଳରେ ରୀତିମତ ଚଢ଼ଉ ହୋଇ ପାରୁନାହିଁ। ସେପଟେ ସ୍ଥାନୀୟ ପୁଲିସ ଜାଣତରେ ମୋରମ୍ ଖନନ ହେଉଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଛି। ପୁଲିସ ହାତଗଣତି ଲଘୁ ଖଣିଜ ଦ୍ରବ୍ୟ ଚାଲାଣକାରୀଙ୍କୁ ଗିରଫ କରୁଛି, କିନ୍ତୁ ପୁଲିସର ନୀରବ ସମର୍ଥନ ମାଫିଆମାନଙ୍କୁ ବେଶ୍ ସୁହାଉଛି।

## ମାଟି ଚୋରି; ଡ୍ରାଇଭର ଗିରଫ

● ଦୁଇଟି ହାଇୱା ଜବତକଲା ପୁଲିସ

ଭୁବନେଶ୍ୱର, ୨୨।୧(ସମିସ): ରାତିରେ ଜଙ୍ଗଲରୁ ବେଆଇନ୍ ମାଟିଚାଲାଣ ହେଉଥିବା ଖବରପାଇ ଚନ୍ଦକା ଥାନା ପୁଲିସ ଚଢଉ କରିଛି। ଚଢଉ ବେଳେ ପୁଲିସ ୨ଟି ହାଇୱା ଜବତ କରିବା ସହ ୨ ଜଣ ଡ୍ରାଇଭରଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ରାତ୍ରି ପାଟ୍ରୋଲିଂ ଡ୍ୟୁଟି ସମୟରେ ଚନ୍ଦକା ଥାନା ପୁଲିସ ଗୋଠପାଟଣା ଜଙ୍ଗଲ ଜମିରୁ ମାଟି ଚୋରା ଚାଲାଣ ନେଇ ଖବର ପାଇଥିଲା। ଲାଟେରାଇଟ୍ ମାଟି ବୋଝେଇ ହୋଇଥିବା ଏକ ହାଇୱା ଟ୍ରକ୍‌କୁ ଗୋଠପାଟଣା ସହାୟତା ପୋଷ୍ଟ ନିକଟରେ ଅଟକାଯାଇଥିଲା। ଉକ୍ତ ଗାଡ଼ିର ଡ୍ରାଇଭର ବେଆଇନ ଭାବେ ଲାଟେରାଇଟ୍ ମାଟି ଖନନ ଏବଂ ପରିବହନ କରିଥିବା ତଦନ୍ତରୁ ଜଣାପଡ଼ିଥିଲା। ଆଉ ଏକ ହାଇୱା ଟ୍ରକ୍‌କୁ ଆଇଆଇଟି ଛକ ନିକଟରେ ଅଟକାଯାଇଥିଲା। ଉଭୟ ଗାଡ଼ି ଗୋଠପାଟଣା ଜଙ୍ଗଲ ଜମିରୁ ଖନନ କରାଯାଇଥିବା ଲାଟେରାଇଟ୍ ମାଟିର ବେଆଇନ ପରିବହନରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ତେବେ ମାଟି ଖୋଳିବା ଏବଂ ହାଇୱାରେ ଲୋଡ୍ କରିଥିବା ପ୍ରୋକ୍ଲିନ୍ କିମ୍ବା ଜେସିବି ମେସିନ୍‌କୁ ଏପର୍ଯ୍ୟନ୍ତ ପୁଲିସ ଠାବ କରିବାରେ ବିଫଳ ହୋଇଛି।

ଖବର ପ୍ରସାରଣ ପରେ ପ୍ରଶାସନ ତତ୍ପର

# ଡାଙ୍ଗରଚୁଆରେ ପହଞ୍ଚିଲେ ପରିମଳ ଅଧିକାରୀ

ଶରତ, ୨୨।୧(ସମିସ): କପ୍ତିପଦା ବ୍ଲକ ମଝିଗୋଡ଼ିଆ ଗ୍ରାମପଞ୍ଚାୟତ ଅଧୀନ ଡାଙ୍ଗରଚୁଆ(ମରାସାହି) ଗ୍ରାମର ୬୦ରୁ ଊର୍ଦ୍ଧ୍ୱ ଜନଜାତି ପରିବାର ଚୁଆ ଓ ଝରଣା ପାଣି ପିଉଛନ୍ତି। ଏ ନେଇ ୨୦ ତାରିଖରେ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଗ୍ରାମର ଆଦିମ ଅଧିବାସୀମାନେ ଅତ୍ୟନ୍ତ ଦୟନୀୟ ଭାବରେ ଚୁଆ ଏବଂ ଝରଣାର ପାଣିକୁ ଉଭୟ ପାନୀୟ ଏବଂ ରୋଷେଇ ପାଇଁ ବ୍ୟବହାର କରୁଥିବା ପ୍ରସଙ୍ଗକୁ ଅତ୍ୟନ୍ତ ଗୁରୁତର ସହକାରେ ନେଇ ପରିମଳ ବିଭାଗର ଅଧିକାରୀମାନେ ଆଜି ଉକ୍ତ ଡାଙ୍ଗରଚୁଆ ଗ୍ରାମକୁ ପରିଦର୍ଶନରେ ଯାଇଛନ୍ତି। ପାଣି ଓ ପରିମଳ



'ସକାଳ' ପ୍ରଭାବ

## ଗ୍ରାମରେ ନଳକୂପ ଖନନ ପାଇଁ ସର୍ଭେ


ସକାଳ
ଅଭିଶପ୍ତ ଗାଁ ଡାଙ୍ଗରଚୁଆ
ଚୁଆ ଓ ଝରଣା ପାଣି ପିଉଛନ୍ତି ୬୦ରୁ ଊର୍ଦ୍ଧ୍ୱ ଜନଜାତି ପରିବାର

ବିଭାଗ କପ୍ତିପଦା ଉପଖଣ୍ଡ(ଉଦଳା)ର ନିର୍ବାହୀ ଯନ୍ତ୍ରୀ ସୁଜିତ କୁମାର ଲୁଗୁନ, କପ୍ତିପଦା ବ୍ଲକ ଅତିରିକ୍ତ ଜଳ ବିଭାଗ ଯନ୍ତ୍ରୀ ସୃଷ୍ଟିଧର ବେହେରା ପ୍ରମୁଖ ଯାଇ ଗ୍ରାମର ସ୍ଥିତି ଅନୁଧ୍ୟାନ କରିବା ସହିତ ନଳକୂପ ଖୋଳା ଯିବା ନିମନ୍ତେ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। କପ୍ତିପଦା ବ୍ଲକ ଅତିରିକ୍ତ ଜଳ ବିଭାଗ ଯନ୍ତ୍ରୀ ସୃଷ୍ଟିଧର ବେହେରା କହିଛନ୍ତି 'ଆମେ ଉକ୍ତ ଗ୍ରାମକୁ ଯାଇ ଗ୍ରାମର ପାନୀୟ ଜଳର ସମସ୍ୟାକୁ ଅନୁଧ୍ୟାନ କରି ସାରିଛୁ ଏବଂ ଏହି ପ୍ରସଙ୍ଗରେ ଜିଲ୍ଲା ପ୍ରଶାସନକୁ ଆମେ ନଳକୂପ ଖୋଳା ଯିବା ନିମନ୍ତେ ପ୍ରସ୍ତାବ ଦେଇସାରିଛୁ। ପ୍ରକଳ୍ପ ଅନୁମୋଦନ ହେଲେ ଆମେ ଯୁଦ୍ଧକାଳୀନ ଭିତ୍ତିରେ ଗ୍ରାମରେ ନଳକୂପ ଖନନ କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବୁ। ଗ୍ରାମକୁ ଜଳ ଓ ପରିମଳ ବିଭାଗର ଅଧିକାରୀଙ୍କ ଗସ୍ତ ସମୟରେ ଗ୍ରାମର ୱାର୍ଡ ମେମ୍ବର ବୁଧିରାମ ସିଂ, ଜିଙ୍ଗୀ ସିଂ ପୂର୍ତ୍ତି, ବେଲମଣି ତିୟୁ, ନବୀନ ମୁଣ୍ଡୁରୀ, ସୋମନାଥ ହୋ', ମେଚ ଗୁନ୍ଦୁଆ ପ୍ରମୁଖ ଉପସ୍ଥିତ ଥିଲେ। ଅଧିକାରୀମାନେ ପାନୀୟ ଜଳର ସମସ୍ୟା ସମାଧାନ ନିମନ୍ତେ ତଦନ୍ତ କରି ନଳକୂପ ଖୋଲିବା ନିମନ୍ତେ ପଦକ୍ଷେପ ଗ୍ରହଣ କରୁଥିବାରୁ ପାନୀୟ ଜଳ ପାଇବା ସକାଶେ ଗ୍ରାମବାସୀଙ୍କ ମନରେ ଆଶା ସଞ୍ଚାର ହୋଇଛି।

## ମା' ଶୀତଳାଙ୍କ ଚତୁର୍ଥ ବାର୍ଷିକ ପୂଜା



ରାସଗୋବିନ୍ଦପୁର, ୨୨।୧(ସମିସ): ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଝାଟିଅଡା ପଞ୍ଚାୟତ ଝାଟିଅଡା ଛକରେ ମା ଶୀତଳା କମିଟି ପକ୍ଷରୁ ଚତୁର୍ଥ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ସତ୍ୟଶିବ ଭାଟଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନରେ ଚଳିତ ମାସ ୨୦ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଖୁବ୍ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ମା ଶୀତଳାଙ୍କ ବାର୍ଷିକ ପୂଜା ସହ ତିନି ଦିନ ଧରି ଯାତ୍ରା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମିଟିର ସଦସ୍ୟ ମାନସ କୁମାର ସେନାପତି, ଜିତେଶ କୁମାର ସାମଲ, ମିହିର ସେନାପତି, ସୁଧୀର ସେନାପତି, ଶାଶ୍ୱତ ପ୍ରଧାନ, ବିଶ୍ୱଜିତ୍ ଜେନା, ଜିତୁ କୁମାର ସାମଲ, ପଙ୍କଜ ଭାଟ, ମିଥୁନ ଦତ୍ତ, ଚନ୍ଦନ ପାତ୍ର, ସୁବ୍ରତ ସେଠୀ, କରୁଣାକର ଭୂୟାଁ, ନିରଞ୍ଜନ ଭୁଁୟା, ଅଟଳ ଦତ୍ତ ପ୍ରମୁଖ ପୂଜାକୁ ସୁଚାରୁ ରୂପେ ପରିଚାଳନା କରିଥିବା ବେଳେ କମିଟି ପକ୍ଷରୁ ଏକ ଅନ୍ତର୍ଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଥିଲା।

## ମତଦାନ ଦିବସ ପାଇଁ ଶପଥ ପାଠ



ମହୁଲଡିହା, ୨୨।୧(ସମିସ): ରାଷ୍ଟ୍ରୀୟ ମତଦାନ ଦିବସ ଜାନୁଆରୀ ୨୫ରେ ପାଳିତ ହେଉଥିବାବେଳେ ଚଳିତବର୍ଷ ଛୁଟି କାରଣରୁ ୨୨ ତାରିଖରେ ପାଳିତ ହୋଇଛି। ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କର୍ମଚାରୀମାନେ ଶପଥ ପାଠ କରିଛନ୍ତି। ଠାକୁରମୁଣ୍ଡା ବନାଞ୍ଚଳ କାର୍ଯ୍ୟାଳୟରେ ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରାଙ୍କ ନେତୃତ୍ୱରେ କର୍ମଚାରୀମାନେ ନିଜ ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ରକ୍ଷା କରିବାକୁ ତଥା ମୁକ୍ତ, ଅବାଧ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗାରିମା ଅକ୍ଷୁର୍ଣ୍ଣ ରଖିବାକୁ ନିର୍ଭିକ ହୋଇ ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ, ଭାଷା ନିର୍ବିଶେଷରେ ଅଥବା ଅନ୍ୟ କୌଣସି ପ୍ରଲୋଭନର ବଶବର୍ତ୍ତୀ ନହୋଇ ପ୍ରତ୍ୟେକ ନିର୍ବାଚନରେ ନିଜର ମତାଧିକାର ସାବ୍ୟସ୍ତ କରିବାକୁ ଶପଥ ନେଇଛନ୍ତି।

## ବନାଞ୍ଚଳରେ ଜଙ୍ଗଲ ନିଆଁ ପ୍ରଶମନ ପ୍ରଶିକ୍ଷଣ ଶିବିର




ବେତନଟୀ, ୨୨।୧(ସମିସ): ବେତନଟୀ ବନାଞ୍ଚଳ ଅଧୀନରେ ଥିବା ୪ଟି ଫରେଷ୍ଟ ସେକ୍ସନ ୧୩ଟି ବିଟର ଫରେଷ୍ଟର ଗାର୍ଡ, ଫାୟାର ସ୍ୱାର୍ଡ, ଫରେଷ୍ଟ ସହଯୋଗୀଙ୍କ ପ୍ରଶିକ୍ଷଣ ଶିବିର ବେତନଟୀ ବନାଞ୍ଚଳ ଅଫିସରେ ବେତନଟୀର ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଧ୍ରୁବେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜାତୀୟ ସବୁଜ ବାହିନୀ (ଇକୋ କ୍ଲବ)ର ମାଷ୍ଟର ଟ୍ରେନର ଇକୋଫ୍ରେଣ୍ଡ ଡକ୍ଟର ରମାକାନ୍ତ ମହାନ୍ତ, ମୁଖ୍ୟବକ୍ତା ଭାବେ ବେତନଟୀ ଫାୟାର ଅଫିସର ସତ୍ୟବାଦୀ ପଲେଇ ଯୋଗଦାନ କରି ଜଙ୍ଗଲ ନିଆଁ ଲାଗିବାର କାରଣ, ନିରାକରଣ ଓ ଜଙ୍ଗଲ ନିଆଁ ଲାଗିବାର କୁପରିଣାମ ବିଷୟରେ ଆଲୋଚନା କରି ଜଙ୍ଗଲ ବିଭାଗର କର୍ମଚାରୀଙ୍କୁ ଜଙ୍ଗଲ ନିଆଁ ପ୍ରତି ସଦା ଜାଗ୍ରତ ରହି ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାଇକା ସଂଯୋଜକ ନିହାର ରଞ୍ଜନ ସାମଲ, ରତିକାନ୍ତ ବେହୁରା, ଫରେଷ୍ଟର କାଞ୍ଚନମଣି ନାଏକ, ଦୀପକ କୁମାର ପାତ୍ର, ସସ୍ମିତା ଶତପଥୀ, ଉତ୍ତମ ଦାସ, ପ୍ରଦୀପ୍ତ ଭାମା (ମଣ୍ଟୁ) ମହାନ୍ତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଜଙ୍ଗଲ ନିଆଁକୁ କିପରି ପ୍ରଶମନ କରାଯାଇପାରିବ, ସେଥିପାଇଁ ନିଜ ନିଜର ଅଭିଜ୍ଞତା ପ୍ରକାଶ କରିଥିଲେ। ବେତନଟୀ ଫରେଷ୍ଟର ଲକ୍ଷ୍ମୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବନାଗ୍ନି ପ୍ରଶମନ ପ୍ରଶିକ୍ଷଣ ଶିବିର




ମୋରଡ଼ା, ୨୨।୧(ସମିସ): ଗୁରୁବାର ମୋରଡ଼ାସ୍ଥିତ ରାସଗୋବିନ୍ଦପୁର ରେଞ୍ଜ କାର୍ଯ୍ୟାଳୟରେ ଜଙ୍ଗଲ ମାନଙ୍କରେ ନିଆଁ ଲାଗିବା ସମ୍ଭାବନା କୁ ଦୃଷ୍ଟିରେ ରଖି ଆକସ୍ମିକ ନିଆଁ ନିୟନ୍ତ୍ରଣ କୁ ନେଇ ପୂର୍ବ ପ୍ରସ୍ତୁତି ପାଇଁ ବନବିଭାଗ ତରଫରୁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ମୁଖ୍ୟ ଅତିଥି ଭାବେ ଡିଏଫଓ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଅଗ୍ନିଶମ ବିଭାଗ ଅଧିକାରୀ ଉମାକାନ୍ତ ଦାସ, ରାସଗୋବିନ୍ଦପୁର ପୁଲିସ ଅଧିକାରୀ, ମୋରଡ଼ା ସରପଞ୍ଚ ରବି ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଜଙ୍ଗଲରେ ଥିବା ମହୁଲ ଗଛରୁ ମହୁଲ ସଂଗ୍ରହ ପାଇଁ ଲୋକମାନେ ଗଛ ମୂଳରେ ନିଆଁ ଲଗାଇରୁ ନିବୃତ ରହିବା ପାଇଁ ସଚେତନତା କରିବା, ନିଆଁ ଲିଭାଇବା ସମୟରେ କେହି ଆହତ ହେଲେ କିପରି ଉଦ୍ଧାର କରିବା ଭଳି ବିଭିନ୍ନ କଥା କହି ସଚେତନତା ସୃଷ୍ଟି କରାଯାଇଛି। ଜଙ୍ଗଲ ଭିତରେ ଯଦି କେହି କର୍ମଚାରୀ ଦୁର୍ଘଟଣାର ଶିକାର ହୁଅନ୍ତି, ସେମାନଙ୍କୁ କିଭଳି ଉଦ୍ଧାର କରାଯିବ ସେ ନେଇ ଅଗ୍ନିଶମ ବିଭାଗ ପକ୍ଷରୁ ମକଡ୍ରିଲ କରାଯାଇଥିଲା। ବନଖଣ୍ଡ ଡିଏଫ୍‌ଓ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ତାଙ୍କ ବକ୍ତବ୍ୟରେ ପ୍ରତ୍ୟେକ ଗାଁ ରେ ବିଭିନ୍ନ ପ୍ରକାର ସଚେତନତା ସୃଷ୍ଟି କରିବା ସହ ମହୁଲ ଫଳ ସଂଗ୍ରହ କରିବା ପୂର୍ବରୁ ମେସିନ ସାହାଯ୍ୟରେ ଗଛ ମୂଳରୁ ଅପରିଷ୍କାରକୁ ବନବିଭାଗ ସଫା କରିବା ପାଇଁ ପଦକ୍ଷେପ ନିଆଯାଉଛି। ତେବେ ଅଗ୍ନିଶମ ବିଭାଗ ପକ୍ଷରୁ ରେଞ୍ଜର ଘନଶ୍ୟାମ ସିଂ ଙ୍କ ତତ୍ତ୍ୱାବଧାନରେ ହୋଇଥିବା ଉକ୍ତ ଶିବିରରେ ବହୁ ସଂଖ୍ୟକ କର୍ମଚାରୀ ଉପସ୍ଥିତ ରହି ତାଲିମ ଗ୍ରହଣ କରିଥିଲେ।

## ଜିଲ୍ଲା ପରିଷଦ ସାଧାରଣ ବଣ୍ଟନ ବ୍ୟବସ୍ଥା ଷ୍ଟାଣ୍ଡିଂ କମିଟି ବୈଠକ



ବାରିପଦା, ୨୨।୧(ସମିସ): ଜିଲ୍ଲା ପରିଷଦ ସାଧାରଣ ବଣ୍ଟନ ବ୍ୟବସ୍ଥା ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଙ୍କ ଅଧ୍ୟକ୍ଷତାରେ କମିଟିର ସଦସ୍ୟ/ସଦସ୍ୟା ଯୋଗଦେଇ ବିଭାଗର ସମୀକ୍ଷା କରିଥିଲେ। ଜନକଲ୍ୟାଣ ନିମନ୍ତେ ବିଭିନ୍ନ ଆଲୋଚନା ପରେ ପ୍ରସ୍ତାବିତ ପଦକ୍ଷେପ ନିଆଯିବା ପାଇଁ ଗୃହୀତ ହୋଇଥିଲା। ଅଧ୍ୟକ୍ଷା ଭାରତୀ ହାଁସଦାଙ୍କ ସହିତ କମିଟି ସଦସ୍ୟ ସୁବାସିନୀ ନାଏକ, ଦଶରଥ ରାମ, ଝରଣା ମୁର୍ମୁ ଓ ଭାରପ୍ରାପ୍ତ ଯୋଗାଣ ଅଧିକାରୀ ଆଶିଷ ରାଉତ ଉପସ୍ଥିତ ଥିଲେ।

## ପିଏମ୍‌ଶ୍ରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ




ମୋରଡ଼ା, ୨୨।୧(ସମିସ): ମୋରଡା ବ୍ଲକ ଗଡ଼ିଗାଁ ରେ ଥିବା ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାରିଦିନ ଧରି ଚାଲୁଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ପିଏମ୍‌ଶ୍ରୀ ଉତ୍ସବ ଏବଂ ବାର୍ଷିକ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଭାରତୀ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ମୁଖ୍ୟବକ୍ତା ସାମ୍ବାଦିକ ରଞ୍ଜିତ ସାହୁ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ପାଣିଗ୍ରାହୀ ମହୋଦୟ ଯୋଗଦାନ କରିଥିଲେ। ତେବେ ସମସ୍ତ ଅତିଥିଙ୍କ ଦ୍ୱାରା ସ୍ମରଣିକା 'ନବ ପଲ୍ଲବ' ଉନ୍ମୋଚିତ ହୋଇଥିଲା। ସନ୍ଧ୍ୟା ସମୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। ବିଭିନ୍ନ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ବିଦ୍ୟାଳୟର ଶିକ୍ଷକ ସରୋଜ କୁମାର ବେହେରା ସମସ୍ତ କାର୍ଯ୍ୟକୁ ଠିକ ଭାବେ ସମ୍ପାଦନ କରିଥିବା ବେଳେ ଅନ୍ୟ ଶିକ୍ଷକମାନେ ପରିଚାଳନା ରେ ସହଯୋଗ କରିଥିଲେ।

## ଜାତୀୟ ମତଦାତା ଦିବସରେ ଶପଥ ପାଠ



ବାରିପଦା, ୨୨।୧(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ୧୬ତମ ଜାତୀୟ ମତଦାତା ଦିବସ ଉପଲକ୍ଷେ ଶପଥ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏକ ସୁଦୃଢ଼ ଗଣତନ୍ତ୍ର ରାଷ୍ଟ୍ର ପାଇଁ ମତଦାତାଙ୍କ ମତଦାନର ମହତ୍ତ୍ୱ ଓ ମୂଲ୍ୟବୋଧକୁ ଅକ୍ଷୁର୍ଣ୍ଣ ରଖିବା ଉଦ୍ଦେଶ୍ୟରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଓ ଈଶ୍ୱର ଚନ୍ଦ୍ର ନାଏକଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀଗଣ ଉପସ୍ଥିତ ରହି ଶପଥ ପାଠରେ ଅଂଶ ଗ୍ରହଣ କରିଥିଲେ।

## ୨ ଗୋରୁ ବୋଝେଇ ଗାଡ଼ି ଜବତ

ରାଇରଙ୍ଗପୁର, ୨୨।୧(ସମିସ): ସୀମାନ୍ତ ଅଞ୍ଚଳରୁ ଦୁଇଟି ଗୋ ଚାଲାଣ ଗାଡ଼ିକୁ ଜାମଦା ଥାନା ପୁଲିସ ଜବତ କରିଛନ୍ତି। ଏ ନେଇ ଜାମଦା ଥାନାରେ ପୁଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ସୂଚନା ଅନୁଯାୟୀ, ପୁଲିସ ପକ୍ଷରୁ ପାଟ୍ରୋଲିଂ ଜାରି ଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବଳେଡିହି ଗ୍ରାମରେ ପୁଲିସ ଚଢ଼ଉ କରିଥିଲେ। ଗ୍ରାମରେ ଜଣକ ଘର ସମ୍ମୁଖରେ କିଛି ଦିନ ହେବ ପାର୍କିଂ ହୋଇଥିବା ଗାଡ଼ି ଯାଞ୍ଚ କରିଥିଲେ। ଗାଡ଼ିକୁ ଗୋଚାଲାଣ କରିବାକୁ ତିଆରି ହୋଇଥିବା ଜାଣିବାକୁ ପାଇଥିଲେ। ଗାଡ଼ିର କେହି ମାଲିକ ଜଣା ପଡ଼ିନଥିବା ବେଳେ ପୁଲିସ ଗାଡ଼ି ଜବତ କରି ଯାଞ୍ଚ କରୁଛି। ସେହିପରି ଉକ୍ତ ଟିମ ଖବର ପାଇ ଖଇରପାଳ ଗ୍ରାମରେ ଚଢ଼ଉ କରିଥିଲା। ସେଠାରେ ମଧ୍ୟ ଅନୁରୂପ ଭାବେ ଗୋଚାଲାଣ ନିମନ୍ତେ ବ୍ୟବହୃତ ଗାଡ଼ି ଜବତ କରାଯାଇଛି। ରାସ୍ତା କଡ଼ରେ ଗାଡ଼ି ପାର୍କିଂ କରି ପଳାଇଥିଲେ। ଉକ୍ତ ଗାଡ଼ିଗୁଡ଼ିକ ମାଲିକ ବାବଦରେ ପୁଲିସ ଖୋଳତାଡ଼ କରୁଛନ୍ତି। କିଛିଦିନ ପୂର୍ବରୁ ପୁଲିସ ପକ୍ଷରୁ ଗୋ ତସ୍କର ଉପରେ ବଡ଼ ଧରଣ ଚଢ଼ାଉ କରିଥିଲେ। ଯାହା ଫଳରେ ଚାଲାଣକାରୀ ଗାଡ଼ି ଛାଡ଼ି ଫେରାର ହୋଇଥିବା ସନ୍ଦେହ କରାଯାଉଛି।

## ବ୍ଲକସ୍ତରୀୟ ବୃତ୍ତିଗତ ମାର୍ଗଦର୍ଶନ ପ୍ରଶିକ୍ଷଣ ଶିବିର

ବେତନଟୀ, ୨୨।୧(ସମିସ): କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ବେତନଟୀ ବ୍ଲକ ହେଡ୍ କ୍ୱାଟରରେ ଅବସ୍ଥିତ ସଠିଲୋ ଉଚ୍ଚବିଦ୍ୟାଳୟରେ ବେତନଟୀ ଓ ବଡ଼ସାହି ଦୁଇଟି ବ୍ଲକ ଅଧୀନସ୍ଥ ମାଧ୍ୟମିକ ଓ ଉଚ୍ଚବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ନେଇ ବୃତ୍ତିଗତ ମାର୍ଗଦର୍ଶନ (କ୍ୟାରିୟର ଗାଇଡେନ୍ସ) ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ବୃତ୍ତିଗତ କର୍ମଶାଳାକୁ ବେତନଟୀ ବିଇଓ ବିପ୍ଳବ କର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିବାବେଳେ ଏବିଇଓ ଅପର୍ଣ୍ଣା ସାହୁ ଓ ସଠିଲୋ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ନରହରି ମହାନ୍ତ ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଏହି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସୂଚନା ପ୍ରଦାନ ସହିତ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତ କର୍ମପନ୍ଥା ନେଇ ରୁଚି ଅନୁସାରେ ନିଜର ବୃତ୍ତି ଚୟନ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ। ରାଷ୍ଟ୍ର ନିର୍ମାଣରେ ଦେଶର ଛାତ୍ରଛାତ୍ରୀଙ୍କ ଗୁରୁଦାୟିତ୍ୱ ଥିବାବେଳେ କେବଳ ପୁସ୍ତକଗତ ଜ୍ଞାନ ସେମାନଙ୍କ ଭବିଷ୍ୟତ ଗଠନରେ ସହାୟକ ହୋଇପାରିବନାହିଁ ବୋଲି କହିବା ସହିତ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀ ସେ ବିଷୟରେ ସଚେତନ ହୋଇ ମାର୍ଗଦର୍ଶନ ଦେଲେ ଛାତ୍ରଛାତ୍ରୀ ସଫଳତା ହାସଲ କରିପାରିବେ। ଏହି ବୃତ୍ତିଗତ ମାର୍ଗଦର୍ଶନ କର୍ମଶାଳାରେ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚବିଦ୍ୟାଳୟର ଶିକ୍ଷକ ସୁବୋଧ ସାହୁ, ତାଳପଦା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ଶିକ୍ଷକ ଦେବରାଜ ନାୟକ ଓ ପଦ୍ମଲୋଚନ ଉଚ୍ଚବିଦ୍ୟାଳୟ ବଡଛରୁଣୀର ଶିକ୍ଷୟିତ୍ରୀ ମଲ୍ଲିକା କିସ୍କୁ ପ୍ରମୁଖ ତାଲିମଦାତା ଭାବେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବଡ଼ସାହି ଓ ବେତନଟୀ ଦୁଇଟି ବ୍ଲକରୁ ୫୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଦିବସରେ ସଠିଲୋ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ନରହରି ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।




## ଇଗ୍ନୋ ବିଇଡି କର୍ମଶାଳା ଉଦ୍‌ଘାଟିତ

ବାରିପଦା, ୨୨।୧(ସମିସ): ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଇଗ୍ନୋ ବିଇଡି ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀଙ୍କ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଖିରୋଦ କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ପ୍ରଫେସର ଡକ୍ଟର ସଞ୍ଜୟ କୁମାର ଦେ ଯୋଗଦେଇ ଉତ୍ତମ ଆଦର୍ଶ ଶିକ୍ଷକ ନିର୍ମାଣରେ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ପ୍ରଶିକ୍ଷଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ସହକାରୀ ପ୍ରଫେସର ଡକ୍ଟର ଚିତ୍ରସେନ ସେଠୀ, ଡକ୍ଟର କେ ଲକ୍ଷ୍ମୀ ସେନାପତି, ଡକ୍ଟର ରୁବି ଟୁଡୁ, ରାଜକିଶୋର ରାଉଳ, ଉମେଶ ଚନ୍ଦ୍ର ମାଝୀ, ଅଦ୍ୱୈତ ପ୍ରସାଦ ବେହେରା ଯୋଗଦେଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସହକାରୀ ପ୍ରଫେସର ସରୋଜ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଦେବଶ୍ରୀ ଦ୍ୱିବେଦୀ ଅତିଥି ପରିଚୟ ପ୍ରଦାନ, ନବୀନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କର୍ମଶାଳାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୫୦ଜଣ ପ୍ରଶିକ୍ଷାର୍ଥୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।





ସକାଳ
THE SAKALA



# ଗ୍ରାମସଭାରେ ଏନଏଲସି କୋଇଲାଖଣିକୁ ଘୋର୍ ବିରୋଧ

ଛେଣ୍ଡିପଦା,୨୨ ।୧(ସମିସ):



ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକର ୧୦ ମୌଜାରେ ନୈଭାଲି ଲିଗନାଇଟ କର୍ପୋରେସନ (ଏନ୍ଏଲ୍ସି) ଇଣ୍ଡିଆ ଲିମିଟେଡ୍ କୋଇଲାଖଣି କରିବା ପାଇଁ ସରକାରୀ ସ୍ତରରେ ଜମି ଅଧିଗ୍ରହଣ ପାଇଁ କସରତ ଚଳାଇଥିବା ବେଳେ

## ସାମିଲ ହେଲେ ଶହ ଶହ ପୁରୁଷ ଓ ମହିଳା

ଏହାକୁ ଘୋର୍ ବିରୋଧ ଆରମ୍ଭ କରିଛନ୍ତି ଶିମିଳିପାଳ ପଞ୍ଚାୟତବାସୀ। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଶିମିଳିପାଳ ପଞ୍ଚାୟତ ପକ୍ଷରୁ ଜମି ଅଧିଗ୍ରହଣ ନେଇ ଗୁରୁବାର ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥଲା। ଏଥିରେ ଉପସ୍ଥିତ ଲୋକେ ଆରମ୍ଭରୁ କମ୍ପାନୀକୁ ଜମି ଦେବେନାହିଁ କହି ହୋହଲା କରିଥିଲେ। ଫଳରେ ଗ୍ରାମସଭା ସଫଳ ହୋପାରିନାହିଁ। ଜମି ଦିଆଯିବ ନାହିଁ ବୋଲି ସଭାରେ ଉପସ୍ଥିତ ସମସ୍ତ ପୁରୁଷ ଏବଂ ମହିଳା ମତ ଦେବା ସହ ଆଗମୀ ଦିନରେ ଅଞ୍ଚଳରେ କମ୍ପାନୀର ସମସ୍ତ କାର୍ଯ୍ୟକଳାପକୁ ବିରୋଧ କରାଯିବ ବୋଲି କହିଥିଲେ। ପ୍ରଦୂଷଣରେ ଅନୁଗୋଳ ଜିଲ୍ଲା ଭାରତବର୍ଷରେ ପ୍ରଥମ ସ୍ଥାନରେ ରହୁଥିବା ବେଳେ ଛେଣ୍ଡିପଦା ଅଞ୍ଚଳରରେ ନାଲକୋ, ସିଂଗ୍ରାନୀ କମ୍ପାନୀ କୋଇଲା ଉତ୍ତୋଳନ କରୁଛି। ପୁଣି ଏନଏଲସି କମ୍ପାନୀ କୋଇଲା ଉତ୍ତୋଳନ କଲେ ଅଞ୍ଚଳର ହଜାର ହଜାର ଏକର ଚାଷଜମି ସହ ଜଙ୍ଗଲ ଜମି ନଷ୍ଟ ହେବା ସହିତ ଲକ୍ଷ ଲକ୍ଷ ବୃକ୍ଷରାଜି ବଳି ପଡ଼ିବେ। କମ୍ପାନୀକୁ ବିରୋଧକରି ଶିମିଳିପାଳ ପଞ୍ଚାୟତ ୧୨ ୱାର୍ଡର ଶହ ଶହ ପୁରୁଷ ଏବଂ ମହିଳା ଗ୍ରାମସଭାରେ ଯୋଗଦେଇଥିଲେ। ସରକାର ଓ କମ୍ପାନୀ ବିରୋଧରେ ନାରାବାଜି ଦେଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପୁଣି କୋଇଲା ଖଣି ପ୍ରତିଷ୍ଠା ହେଲେ ଅଞ୍ଚଳର ପରିବେଶ ଆହୁରି ପ୍ରଦୂଷିତ ହେବା ସହ ହଜାର ହଜାର ଚାଷୀ ନିଜ ଭିଟାମାଟି ଓ ଜୀବିକା ହରାଇବେ। ପୂର୍ବରୁ ହୋଇଥିବା ଖଣି ପ୍ରକଳ୍ପଗୁଡ଼ିକରେ ଜମିହରାମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଓ ନିଯୁକ୍ତି ମିଳି ନ ଥିବା ବେଳେ ପୁଣି ନୂଆ ଖଣିକୁ ସେମାନେ ଦୃଢ଼ ବିରୋଧ କରିଥିଲେ। ଜଙ୍ଗଲ କ୍ଷୟ ଏବଂ ଜଳ ସଂକଟ ଯୋଗୁଁ ଆଗାମୀ ଦିନରେ ଅଞ୍ଚଳରେ ରହିବା ଅସମ୍ଭବ ହୋଇପଡ଼ିବ। ତେଣୁ ଖଣି ପ୍ରକଳ୍ପ ବାତିଲ ନ ହେଲେ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଗ୍ରାମସଭାରେ ଶିମିଳିପାଳ ସରପଞ୍ଚ ଗିରୀଶ ଚନ୍ଦ୍ର ପ୍ରଧାନ, ପୂର୍ବତନ ପ୍ରଧାନଶିକ୍ଷକ ମହାଦେବ ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ପୁଷ୍ପିତା ପ୍ରଧାନ, ଗଣେଶ୍ୱର ସାହୁ, କୃପାସିନ୍ଧୁ ବିଶ୍ୱାଳ, କରୁଣାକର ବିଶ୍ୱାଳ, ଜୟନ୍ତ କୁମାର ସାହୁ, ପରେଶ ମାଝୀ, ବିଶ୍ୱନାଥ ସାହୁ, କଲ୍ୟାଣ ବିଶ୍ୱାଳ, ରାଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ବ୍ରିଗେଡ୍ ସ୍କୁଲର ବାର୍ଷିକ ଉତ୍ସବ



ଅନୁଗୋଳ,୨୨ ।୧(ସମିସ): ଓଡ଼ିଶା ବ୍ରିଗେଡ ସ୍କୁଲର ୨୮ ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ମୁଖ୍ୟଅତିଥି ରୂପେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ମୁଖ୍ୟବକ୍ତା ଭାବେ ସମାଜସେବୀ ସୁଶାନ୍ତ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ତୁରଙ୍ଗ ସରପଞ୍ଚ ସମରେନ୍ଦ୍ର ଦେହୁରୀ, ରାଜ୍ୟ ବିଜେପି ମହିଳା ମୋର୍ଚ୍ଚା ସଂଯୋଜିକା ରୋଜାଲିନ ଦାସ, ବିଦ୍ୟାଳୟ ଉପସଭାପତି ଛବି ନାରାୟଣ ସାହୁ, ବ୍ରଜବନ୍ଧୁ ସାହୁ ଯୋଗଦେଇଥିଲେ। ବିଧାୟକ ବେହେରା ଜାତୀୟ ଶିକ୍ଷାନୀତି-୨୦୨୦ ଏବଂ କୃତ୍ରିମ ବୁଦ୍ଧିମତା ଶିକ୍ଷା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ତ୍ରିପାଠୀ ପିଲାଙ୍କୁ ଶିକ୍ଷା ଗ୍ରହଣ ସହ ଭଲ ମଣିଷ ରୂପେ ଗଢ଼ି ତୋଳିବାକୁ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ସମସ୍ୟା ସମାଧାନ କରିବା ନିମନ୍ତେ ବିଦ୍ୟାଳୟ ପକ୍ଷରୁ ବିଧାୟକଙ୍କୁ ଅନୁରୋଧ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

● ମିଷ୍ଟର ଆଣ୍ଡ ମିସ୍ ଓଡ଼ିଶା ଫ୍ୟାସନ୍ ଶୋ’

# ଅନୁଗୋଳ ରୋଟାରି ପବ୍ଲିକ ସ୍କୁଲ ଛାତ୍ରୀ ପୁରସ୍କୃତ



ଅନୁଗୋଳ,୨୨ ।୧(ସମିସ): ରାଉରକେଲା ଫେସନ ସୋସାଇଟି ପକ୍ଷରୁ ସ୍ଥାନୀୟ ଏଫ ଇ ଟୁ ଆରକେଡ୍ ମଲରେ ୨ ଦିନ ବ୍ୟାପୀ ଅନୁଷ୍ଠିତ ମିଷ୍ଟର ଆଣ୍ଡ ମିସ ଓଡ଼ିଶା-୨୦୨୬ ଫ୍ୟାସନ ଶୋ’ରେ ଅନୁଗୋଳ ରୋଟାରି ପବ୍ଲିକ ସ୍କୁଲର ୭ମ ଶ୍ରେଣୀ ଛାତ୍ରୀ ଏଲଏସ କୁଇନ କ୍ୟୁରୀ ଅଂଶଗ୍ରହଣ କରି ମିସ୍ ଟ୍ୟାଲେଣ୍ଟେଡ-୨୦୨୬ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ତାଙ୍କୁ ଟ୍ରଫି, ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଛି। ଏଲଏସ କୁଇନ କ୍ୟୁରୀ ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ପୋଇପାଳ ଗ୍ରାମର ଲିଙ୍ଗରାଜ ପ୍ରଧାନ ଓ ସଙ୍ଗୀତାରାଣୀ ବେହେରାଙ୍କ ଝିଅ। ପ୍ରତିଯୋଗିତାରେ ପ୍ରଶ୍ନୋତ୍ତର ବିଭାଗ, ଟ୍ୟାଲେଣ୍ଟେଡ ରାଉଣ୍ଡ ଓ ୱାକିଂ ରାଉଣ୍ଡରେ ସେ ଉତ୍ତମ ପ୍ରଦର୍ଶନ କରିଥିଲେ। ରାଜ୍ୟବ୍ୟାପୀ ପ୍ରତିଯୋଗୀମାନଙ୍କୁ ଅଡିସନ ମାଧ୍ୟମରେ ବଛାଯାଇ ଫାଇନାଲରେ ସ୍ଥାନିତ କରାଯାଇଥିଲା।

# କଫ୍ ସିରପ କବଳରେ ଯୁବପିଢ଼ି



ଅନୁଗୋଳ,୨୨ ।୧(ସମିସ): ଅନୁଗୋଳ ସହରରୁ ୩ ହଜାର ବେଆଇନ କଫସିରପ ଜବତ ଘଟଣାକୁ ସପ୍ତାହ ବିତି ନ ଥିବା ବେଳେ ଏବେ ସହରର ଗଳି କନ୍ଦି ରେ ଏସ୍କଫ ଓ କୋଡ଼ିଲେକ୍ସ କଫସିରପ୍ ବୋତଲ ପଡ଼ିଥିବା ଦେଖିବାକୁ ମିଳୁଛି। ଏ ସବୁ କଫସିରପ୍ ଅନୁଗୋଳକୁ ଯୋଗାଣ ହେଉ ନ ଥିବା ବେଳେ ଆସୁଛି କେଉଁଠୁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପଶ୍ଚିମବଙ୍ଗରେ ଏ ସବୁ କଫସିରପ୍ର ବହୁଳ ବିକ୍ରି ହେଉଥିବା ବେଳେ ସମ୍ଭବତଃ ସେଠାରୁ ବାଲେଶ୍ୱର ଦେଇ ଅନୁଗୋଳ ଆସୁଥିବା ସନ୍ଦେହ କରାଯାଉଛି। ତେବେ ଅନୁଗୋଳ ଡ୍ରଗ୍ସ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଏ ନେଇ କୌଣସି ତଥ୍ୟ ରହୁନାହିଁ। ଗତ ୧୦ ବର୍ଷ ଧରି ଏହି ବିଭାଗ କେବଳ ଲୋକଦେଖାଣିଆ କିଛି ସାମ୍ପଲ୍ ନେଇ ଉପର ଅଫିସକୁ ପଠାଇ ହାତବାନ୍ଧି ବସିଥିବା ସାଧାରଣରେ ଅଭିଯୋଗ ହେଉଆସୁଛି। ଅନ୍ୟପକ୍ଷରେ ଜିଲ୍ଲା ଅବକାରୀ ବିଭାଗ ଓ ପୁଲିସକୁ ଅବୈଧ ନିଶା କାରବାର ନେଇ ଖବର ଆସୁଥିବା ବେଳେ ଡ୍ରଗ୍ସ ବିଭାଗ ନିଦରେ ଶୋଇବା ଦୁର୍ଭାଗ୍ୟଜନକ ବୋଲି କୁହାଯାଉଛି। କୋଡିନ ଫସଫେଟଯୁକ୍ତ ଏହି ସିରପ୍ ସେବନ ଦ୍ୱାରା ଲିଭର, କିଡ୍ନୀ, ହାର୍ଟ ଖରାପ ହେବା ସମ୍ଭାବନା ରହିଥିବା ଡାକ୍ତର କହୁଛନ୍ତି। ଏବେ ବି ଅନୁଗୋଳକୁ ଚୋରାରେ କଫସିରପ୍ ଆସୁଥିବାରୁ ଏ ନେଇ ବ୍ୟାପକ ଚଢ଼ଉ କରାଯିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# ଘୋଷର କପ୍ କ୍ରିକେଟ; ରେଢ଼ାଖୋଲ ବିଜୟୀ



କିଶୋରନଗର,୨୨ ।୧(ସମିସ): କିଶୋରନଗର ବ୍ଲକ ଘୋଷର ଗାଁ ଖେଳପଡ଼ିଆରେ ଗୁରୁବାର ଘୋଷର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ସମାଜସେବୀ କୃପାସିନ୍ଧୁ ବିଶ୍ୱାଳ, ଅନ୍ୟତମ ଅତିଥି ଭାବେ ଯୋଗୀନ୍ଦ୍ର ରାଉଳ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଉଦଘାଟନୀ ମ୍ୟାଚରେ ରେଢ଼ାଖୋଲ ଦଳ କିଶୋରନଗରକୁ ପରାସ୍ତ କରିଛି। ଦ୍ୱିତୀୟ ମ୍ୟାଚରେ ଆମ୍ବପାଳ ଦଳ କୁଞ୍ଜାମହୁଲକୁ ପରାସ୍ତ କରିଛି। ବୁନୁ ପ୍ରଧାନ ଓ ଅସୀତ ଦେହୁରୀ ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଶୁଭମ ବଘାର ଦାୟିତ୍ୱ ତୁଲାଇଥିଲେ। ବୀରବର ଖାଁ ଧାରାବିରଣୀ ପ୍ରଦାନ କରିଥିଲେ।

# ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦଯାପିତ

ଅନୁଗୋଳ,୨୨ ।୧(ସମିସ): ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଦୁଇଦିନ ବ୍ୟାପୀ ଚାଲିଥିବା ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଗୁରୁବାର ଉଦଯାପିତ ହୋଇଛି। ଅତିରିକ୍ତ



ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଚମ୍ପତିମୁଣ୍ଡା ନବୋଦୟ ବିଦ୍ୟାଳୟ ଅଧକ୍ଷ ସିଦ୍ଧାର୍ଥ ଶଙ୍କର ବରାଳ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମୁଖ୍ୟଅତିଥି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ ଗଡ଼ନାୟକ ଓ ପେଡ଼ାଗୋଜି କୋଅର୍ଡିନେଟର ମନୋରଞ୍ଜନ ସାହୁ ମଞ୍ଚ ପରିଚାଳନା କରିଥିଲେ।

# ଜାତୀୟ ମତଦାତା ଦିବସ ଉପଲକ୍ଷେ ଶପଥପାଠ



ଅନୁଗୋଳ,୨୨ ।୧(ସମିସ): ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଜାୟ ରଖିବା ତଥା ମୁକ୍ତ, ଅବାଧ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନ ନିମନ୍ତେ ଗୁରୁବାର ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜାତୀୟ ମତଦାତା ଦିବସ ଉପଲକ୍ଷେ ଶପଥପାଠ କରାଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍ପି ରାଜୀବ ଲୋଚନ ପଣ୍ଡା, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଡେପୁଟି କଲେକ୍ଟର ଜୟକୃଷ୍ଣ ପାତ୍ର, ଡେପୁଟି କଲେକ୍ଟର (ନିର୍ବାଚନ) ମମତା ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ ଧଳ, ଡେପୁଟି କଲେକ୍ଟର ଶ୍ରୀହା ମହାନ୍ତି, ଆସିଷ୍ଟାଣ୍ଟ କଲେକ୍ଟର ସୁକାନ୍ତ କୁମାର ସାହୁ, ସଞ୍ଜୟ ନାୟକ, ମନ୍ମଥ ନାଥ ଦାସ, ପ୍ରତାପହରି ପ୍ରଧାନ, ସଞ୍ଜୟ କୁମାର ଭୋଇଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଜାନୁଆରୀ ୨୫ ତାରିଖ ଭାରତୀୟ ନିର୍ବାଚନ ଆୟୋଗ ଦ୍ୱାରା ୧୬ତମ ଜାତୀୟ ମତଦାତା ଦିବସ ପାଳନ କରାଯିବ।

# ଔଷଧ ଦୋକାନରେ ବେଆଇନ ଗର୍ଭପାତ କିଟ୍ ବିକ୍ରି

■ ୩ ଦୋକାନ ସାମୟିକ ସିଲ୍

ଅନୁଗୋଳ,୨୨ ।୧(ସମିସ): ଅନୁଗୋଳ ଜିଲ୍ଲାର ବିଭିନ୍ନ ଔଷଧ ଦୋକାନରେ ବେଆଇନ ଭାବେ ଗର୍ଭପାତ କିଟ୍ ବିକ୍ରି ହେଉଥିବା ଗଣମାଧ୍ୟମରେ ଚର୍ଚ୍ଚା ହେବା ପରେ ଜିଲ୍ଲା ଔଷଧ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ଔଷଧ ଦୋକାନରେ ଚଢ଼ଉ କରାଯାଇଛି। ଡିଆଇ-୧ର ଅଧିକାରିଣୀ ମନସ୍ୱିନୀ ବିଶ୍ୱାଳ, ଡିଆଇ-୨ର ଅଧିକାରୀଙ୍କ ସହଯୋଗରେ ବଁଅରପାଳ ଅଞ୍ଚଳର ଏକ ଦୋକାନକୁ ୧୫ ଦିନ, ଅନ୍ୟ ଏକ ଦୋକାନକୁ ୩୦ ଦିନ ପାଇଁ ସିଲ୍ କରିଛନ୍ତି। ମହିଧରପୁରରେ ମଧ୍ୟ ଗୋଟିଏ ଦୋକାନକୁ ତିନିଦିନ ପାଇଁ ସିଲ୍ କରାଯାଇଛି। ସେହିଭଳି ବିଭିନ୍ନ ଅଞ୍ଚଳରେ ବେଆଇନ କଫସିରପ ବିକ୍ରି ନେଇ ଚଢ଼ଉ ଜାରି ରହିଥିବା ଔଷଧ ନିରୀକ୍ଷକ ମନସ୍ୱିନୀ ବିଶ୍ୱାଳ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଏହି ଗର୍ଭ ନିରୋଧକ କିଟ୍ ବ୍ୟବହାର କରି ବହୁ ମହିଳାଙ୍କ ସ୍ୱାସ୍ଥ୍ୟହାନି ଘଟୁଥିବା ସାଧାରଣରେ ଅଭିଯୋଗ ହେଉଛି।

# ନାଲକୋ ପକ୍ଷରୁ ପାରିପାର୍ଶ୍ୱିକ ଗ୍ରାମରେ କ୍ରୀଡ଼ା ସାମଗ୍ରୀ ବଣ୍ଟନ

ଅନୁଗୋଳ,୨୨ ।୧(ସମିସ): ଭାରତ ସରକାରଙ୍କ ନବରତ୍ନ ଉଦ୍ୟୋଗ ନାଲକୋ ଅନୁଗୋଳ ତରଫରୁ ପାରିପାର୍ଶ୍ୱିକ ଗ୍ରାମର ଯୁବବର୍ଗଙ୍କୁ କ୍ରୀଡ଼ା ସାମଗ୍ରୀ ବଣ୍ଟନ କରାଯାଇଛି। ମୁଖ୍ୟଅତିଥି ଭାବେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏସ ଆଣ୍ଡ ପି) ସଚ୍ଚିଦାନନ୍ଦ ଜେନା, ସମ୍ମାନିତ ଅତିଥି ଭାବେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବସମ୍ବଳ) ତଥା କର୍ପୋରେଟ ସଞ୍ଚାର ମୁଖ୍ୟ ଆଶୁତୋଷ ରଥ, ସିଜିଏମ (ଏଚଆର) ହିମାଂଶୁ ଶେଖର ପ୍ରଧାନଙ୍କ ସମେତ ଏସ ଆଣ୍ଡ ପିର ସମସ୍ତ ସିଜିଏମ ଯୋଗଦେଇଥିଲେ। ସାମୂହିକ ଭାବେ ୨୮ ପାରିପାର୍ଶ୍ୱିକ ଗ୍ରାମରୁ ଆସିଥିବା କ୍ରୀଡ଼ାବିତଙ୍କୁ କ୍ରିକେଟ ଖେଳ ସରଞ୍ଜାମ ଓ ଭଲିବଲ ସରଞ୍ଜାମ ବଣ୍ଟନ କରାଯାଇଥିଲା। ପାରିପାର୍ଶ୍ୱିକ ଗ୍ରାମଗୁଡ଼ିକର ସରପଞ୍ଚ ଉଷାରାଣୀ ସ୍ୱାଇଁ, ଛବିରାଣୀ ଦେହୁରି, ଜୟନ୍ତୀ ସାହୁ, ଧୀରେନ ପ୍ରଧାନ, ପାର୍ଥସାରଥି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏତଦବ୍ୟତୀତ ନାଲକୋ ଏସ ଆଣ୍ଡ ପି କମ୍ପ୍ଲେକ୍ସ ତରଫରୁ



କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ଜେନା ଓ ଆଶୁତୋଷ ରଥ କନ୍ୟାବେଢ଼ା ଗ୍ରାମ ଉପାନ୍ତରେ ଥିବା ନାଲକୋ ମେଡିକାଲ ଛକରୁ ଆସ୍‌ପଣ୍ଡ ଛକ ପର୍ଯ୍ୟନ୍ତ ରାସ୍ତା ମରାମତି ନିମନ୍ତେ ଭୂମିପୂଜା କରିଥିଲେ। ୨୫ ଲକ୍ଷ ଟଙ୍କା ବ୍ୟୟରେ ମରାମତି ହେବାକୁ ଥିବା ଏହି ରାସ୍ତା କନ୍ୟାବେଢ଼ା, କୁରୁଡୋଲ, କୁକୁଡ଼ାଙ୍ଗ ତଥା ଗୋବରା ଅଞ୍ଚଳକୁ ପ୍ରମୁଖ ସଂଯୋଗୀକରଣ ରାସ୍ତା ଭାବେ ବ୍ୟବହୃତ ହେଉଛି। ଭୂମିପୂଜନ ଉତ୍ସବରେ ସିଜିଏମ୍ (ଏଚଆର) ହିମାଂଶୁ ପ୍ରଧାନ, ଜିଏମ (ପ୍ରଣାଳୀ) ରାଜାରାମ ମିଶ୍ର ଉପସ୍ଥିତ ଥିଲେ।

# ୮ ଗ୍ରାମ ବ୍ରାଉନସୁଗର ଜବତ; ୨ ଗିରଫ

ବଁଅରପାଳ,୨୨ ।୧(ସମିସ): ବଁଅରପାଳ ଥାନା ଗାଡ଼ରଖାଲସ୍ଥିତ ନାଲକୋ ଆଲୁମିନିୟମ ପାର୍କ ଅଞ୍ଚଳରୁ ପୁଲିସ ଦୁଇ ବ୍ରାଉନସୁଗର ବେପାରୀଙ୍କୁ କାବୁ କରିବାରେ ସଫଳ ହୋଇଛି। ସେମାନେ ହେଲେ କାଙ୍ଗୁଲା ଗ୍ରାମର ଲିପନ ସାହୁ ଓ ତନ୍ମୟ ସେଠୀ। ଅଭିଯୁକ୍ତଙ୍କ ନିକଟରୁ ପୁଲିସ ୮ ଗ୍ରାମ ବ୍ରାଉନସୁଗର ଜବତ କରିଛି। ବୁଧବାର ମଧ୍ୟାହ୍ନ ୧୨ରେ ପୁଲିସ



ଆଲୁମିନିୟମ ପାର୍କ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଲିପନ ଓ ତନ୍ମୟ ବ୍ରାଉନସୁଗର ସହ ଗ୍ରାହକଙ୍କୁ ଅପେକ୍ଷା କରିଥିବା ସୂଚନା ପାଇଥିଲା। ପୁଲିସ ସେଠାରେ ଚଢ଼ଉ କରି ଦୁଇ ଯୁବକଙ୍କୁ ଧରିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ତାଙ୍କଠାରୁ ୮ ଗ୍ରାମରୁ ଊର୍ଦ୍ଧ୍ୱ ଓଜନର ବ୍ରାଉନସୁଗର ସହ ଏକ ଆକ୍ଟିଭା ସ୍କୁଟର ଜବତ କରିଥିଲା।

# ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ




ବଁଅରପାଳ,୨୨ ।୧(ସମିସ): ବଁଅରପାଳ ବ୍ଲକ ଗଡ଼ସନ୍ତ୍ରୀ ନେହରୁ ଉଚ୍ଚ ବିଦ୍ୟାଳୟର ୯୩ ବ୍ୟାଚ ଛାତ୍ରଛାତ୍ରୀଙ୍କ ବୈଠକ ସ୍କୁଲ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ଶିକ୍ଷକମାନେ ଯୋଗଦେଇଥିଲେ। ଶଯ୍ୟାଶାୟୀ ଥିବା ଶିକ୍ଷକ ନରେଶ ଗଡ଼ନାୟକଙ୍କ ଘରେ ପହଞ୍ଚି ମାନପତ୍ର ସହ ଉତ୍ତରୀୟ ଓ ଫଳ ପ୍ରଦାନ କରିଥିଲେ। ପରେ ଶିକ୍ଷକ ପ୍ରମୋଦ ସାହୁ, ଭ୍ରମରବର ମାଝୀ, ସୁରେଶ ନାଥ, ନେରେଶ ନାଥ, କୈଳାସ ରାଉତ, ପିଅନ ଅମିନ ବାରିକ, ପଦି ଗୋଛାୟତ, ବର୍ଜୁ ନାଏକଙ୍କୁ ଉତ୍ତରୀୟ ଓ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଦିବଂଗତ ଶିକ୍ଷକ ଓ ସାଥୀଙ୍କ ପାଇଁ ଏକ ମିନିଟ ନିରବ ପ୍ରାଥନା କରାଯାଇଥିଲା। ସ୍କୁଲ ପରିସରରେ ଶିକ୍ଷକ ଓ ପୁରାତନ ଛାତ୍ରଛାତ୍ରୀମାନେ ଆମ୍ବ ଚାରା ରୋପଣ କରିଥିଲେ। ବିଦ୍ୟାଳୟରେ ପିଲାଙ୍କ ପରୀକ୍ଷା ସମୟରେ ଅସୁବିଧା ନ ହେବା ପାଇଁ ତିନଟି କାନ୍ଥଘଣ୍ଟା ପ୍ରଦାନ କରାଯାଇଥିଲା। ପତିତପାବନ ମାଝୀ, ସଞ୍ଜୀବ ପାଇକ, ନୀଳମଣି ମାଝୀ, ନିର୍ମଳ ନାଥ, ପପୁ ଗଡ଼ନାୟକ, ଅଶୋକ ସାମଲ, ସୌମ୍ୟରଞ୍ଜନ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମଧୁବାବୁଙ୍କୁ ଅପମାନିତ କରିବାକୁ ପ୍ରଶାସନର ପ୍ରୟାସ

ଆଠମଲ୍ଲିକ,୨୨ ।୧(ସମିସ): ଆଠମଲ୍ଲିକ ଉପଖଣ୍ଡ ପ୍ରଶାସନ ପକ୍ଷରୁ କୁଳବୃଦ୍ଧ ମଧୁସୂଦନ ଦାସଙ୍କୁ ଅପମାନିତ କରିବାକୁ ପ୍ରୟାସ କରିବା ଘଟଣା ସାମ୍ନାକୁ ଆସିଛି। ପ୍ରଶାସନର ଏତାଦୃଶ କାର୍ଯ୍ୟକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆସନ୍ତା ଜାନୁଆରୀ ୨୬ ତାରିଖ ସାଧାରଣତନ୍ତ୍ର ଦିବସକୁ ଉପଖଣ୍ଡ ପ୍ରଶାସନ ଧୁମାଧାମରେ ପାଳନ କରିବାକୁ ନିଷ୍ପତ୍ତି ନେଇଛି। ସାଧାରଣତନ୍ତ୍ର ଦିବସ ପାଳନ ପୂର୍ବରୁ ଉପଖଣ୍ଡ ପ୍ରଶାସନ ଗତ ୯ ତାରିଖ ପ୍ରସ୍ତୁତି ବୈଠକ କରିଥିଲା। ବୈଠକରେ ସର୍ବସମ୍ମତି କ୍ରମେ ପ୍ରତ୍ୟେକ ବର୍ଷଭଳି ଜାତିର ପିତା ମହାତ୍ମା ଗାନ୍ଧୀ, ସମ୍ବିଧାନ ପ୍ରଣେତା ବାବାସାହେବ ଡ. ଭୀମରାଓ ଆମ୍ବେଦକର, ପ୍ରବାଦପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, କୁଳବୃଦ୍ଧ ମଧୁସୂଦନ ଦାସ, ସ୍ଥାନୀୟ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଥିବା ବରପୁତ୍ର ଓ ସହରରେ ଥିବା ଅନ୍ୟ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପ୍ରଶାସନ ପକ୍ଷରୁ ମାଲ୍ୟାର୍ପଣ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ନିଷ୍ପତ୍ତି ଅନୁଯାୟୀ ଉପଖଣ୍ଡ ଅଧିକାରୀ ତଥା ଉପଜିଲ୍ଲାପାଳଙ୍କ ଦସ୍ତଖତ ଥାଇ ବିବରଣୀ ପ୍ରକାଶ ପାଇ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଥିବା ସମସ୍ତଙ୍କୁ ବଣ୍ଟନ କରାଗଲା। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଉପଖଣ୍ଡ ପ୍ରଶାସନ ଦ୍ୱାରା ପ୍ରସ୍ତୁତ ହୋଇ ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବଣ୍ଟନ କରିଥିବା ନିମନ୍ତ୍ରଣ ପତ୍ରରେ ଥିବା କାର୍ଯ୍ୟକ୍ରମ ସୂଚୀରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସ୍ଥାନ ପାଇନାହିଁ। ମଧୁବାବୁଙ୍କ ପ୍ରତି ଉପଜିଲ୍ଲାପାଳଙ୍କ ଏପରି ମନୋଭାବକୁ ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି।

୨୦୨୩ ଅଗଷ୍ଟ ୧୫ ତାରିଖ ଓକିଲସଂଘ ପକ୍ଷରୁ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ସଂଘ କାର୍ଯ୍ୟାଳୟରେ ସ୍ଥାପିତ ହୋଇଥିଲା। ପ୍ରତିମୂର୍ତ୍ତି ସ୍ଥାପନ ପରେ ଓକିଲସଂଘର ଅନୁରୋଧ କ୍ରମେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ଜାତୀୟ ଦିବସ (ସ୍ୱାଧୀନତା ଓ ସାଧାରଣତନ୍ତ୍ର), ଉତ୍କଳ ଦିବସ ଓ ସ୍ୱାୟତ୍ତ ଶାସନ ଦିବସରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି। ତେବେ ବର୍ତ୍ତମାନର ଉପଜିଲ୍ଲାପାଳ କିନ୍ତୁ ମଧୁବାବୁଙ୍କୁ ସମ୍ମାନିତ କରିବାକୁ କୁଣ୍ଠାବୋଧ କରୁଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ନିମନ୍ତ୍ରଣ ପତ୍ରରୁ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମକୁ ଅପସାରଣ କରାଯାଇଛି। ଉପଖଣ୍ଡ ପ୍ରଶାସନର ଏଭଳି ମନୋଭାବ କାହିଁକି ବୋଲି ଓକିଲସଂଘ ସଭାପତି ସୁଶାନ୍ତ ମହାପାତ୍ର ପ୍ରଶ୍ନ କରିଛନ୍ତି। ଏ ନେଇ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ପଚାରିବାରେ ସେ ଏହା ଆମ ପ୍ରଶାସନ ବସି ନିଷ୍ପତ୍ତି ନେଇଛି ବୋଲି କହିଛନ୍ତି। ଉପଖଣ୍ଡ ପ୍ରଶାସନର ଏଭଳି ଦାୟିତ୍ୱହୀନ ଉତ୍ତର ଓ ମନୋଭାବକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରନ୍ତୁ ବୋଲି ଓକିଲସଂଘ ସଭାପତି ମହାପାତ୍ର ଦାବି କରିଛନ୍ତି।

ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ଭେଣ୍ଡିଂ ଜୋନ୍ କାହା ସ୍ୱାର୍ଥରେ !

# ବୁଲା ଗୋରୁ, କୁକୁରଙ୍କ ଆଡ୍ଡାସ୍ଥଳୀ ପାଲଟିଛି

ତାଳଚେର,୨୨ ।୧(ସମିସ):

ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ ପକ୍ଷରୁ ସ୍ଥାନୀୟ ଲିଙ୍ଗରାଜ ରାସ୍ତା ପାଶ୍ୱର୍ରେ ୨୦୨୪ ଜାନୁଆରୀ ୨୮ ରେ ତତ୍କାଳୀନ ଢେଙ୍କାନାଳ ସାଂସଦ ମହେଶ ସାହୁ, ବିଧାୟକ ବ୍ରିଜକିଶୋର ପ୍ରଧାନ, ନଗରପାଳ ପବିତ୍ର ଭୂତିଆ, ଉପନଗରପାଳ ଶୁଭଶ୍ରୀ ପ୍ରଧାନ, ୧୫ନଂ ୱାର୍ଡ କାଉନସିଲର ସବିତା ପାଲ, ତତ୍କାଳୀନ କାର୍ଯ୍ୟନିର୍ବାହୀ ଅଧିକାରୀ ବଳୟ ଦେହୁରୀଙ୍କ ଉପସ୍ଥିତିରେ ତାଳଚେର ପୌରପରିଷଦ ପକ୍ଷରୁ ଭେଣ୍ଡିଂ ଜୋନର ଉଦଘାଟନ କରାଯାଇଥିଲା। ତେବେ ଇତିମଧ୍ୟରେ ଦୁଇବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ହେଁ ଏହି ଭେଣ୍ଡିଂ ଜୋନ କାମରେ ଲାଗିନାହିଁ। ଏବେ ଏହା ବୁଲା ଗୋରୁ ଓ କୁକୁରଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସେହିପରି ସଞ୍ଜ ନଇଁଲେ ଏଠାରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ଭେଣ୍ଡିଂ ଜୋନରେ ନ ବସି ପରିବା ବ୍ୟବସାୟୀମାନେ



ରାସ୍ତା କଡ଼ରେ ବସି କାରବାର କରିବା ଫଳରେ ଉକ୍ତ ରାସ୍ତାରେ ଟ୍ରାଫିକ ସମସ୍ୟା ସହ ଦୁର୍ଘଟଣା ମଧ୍ୟ ଘଟୁଛି। ଏ ସମ୍ପର୍କରେ ପରିବା ବ୍ୟବସାୟୀଙ୍କୁ ପଚାରିବାରୁ ଦୋକାନ ଗୃହଗୁଡ଼ିକ ଅତି ଛୋଟ ଓ ଟିଣରେ ନିର୍ମାଣ ହୋଇଥିବାରୁ ସେଠାରେ ପନିପରିବା ରଖି କାରବାର କରିବା ଆଦୌ ସମ୍ଭବପର ନୁହେଁ ବୋଲି କହିଛନ୍ତି। ତାଳଚେରର ଜଳବାୟୁ ବର୍ତ୍ତମାନ ଯାହା ସେଥିରେ ପରିବା ପଚିଶଢ଼ି ନଷ୍ଟ ହେବା ସହ ବ୍ୟବସାୟରେ କ୍ଷତି ସହିବାକୁ ପଡ଼ିବ ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ନିର୍ବାହୀ ଅଧିକାରୀଙ୍କୁ ଯୋଗଯୋଗ କରାଯାଇଥିଲେ ହେଁ ତାହା ସମ୍ଭବ ହୋଇପାରି ନାହିଁ।

ଭେଣ୍ଡିଂ ଜୋନ ନିର୍ମାଣ ପୂର୍ବରୁ ପୌରପରିଷଦ ସମସ୍ତ ବ୍ୟବସାୟୀଙ୍କୁ ନେଇ ଏକ ବୈଠକ କରି ସେମାନଙ୍କ ମତାମତରେ ଯଦି ଏହା ନିର୍ମାଣ କରାଯାଇଥାନ୍ତା ତେବେ କୌଣସି ସମସ୍ୟା ଆଜି ଉପୁଜି ନ ଥାନ୍ତା ବୋଲି ଚର୍ଚ୍ଚା ହେଉଛି। ଏହି ଗୃହଗୁଡ଼ିକ ପାଇଁ କିଛି ବ୍ୟବସାୟୀ ଆଜକୁ ୧ବର୍ଷ ହେବ ୫ହଜାର ଟଙ୍କା ଲେଖାଏ ଡ୍ରାଫ୍ଟ ମାଧ୍ୟମରେ ଦେଇଥିବା ଜଣାପଡ଼ିଛି। କିନ୍ତୁ ଗୃହ ନିର୍ମାଣ ଶେଷ ହେବାପରେ ମଧ୍ୟ ବ୍ୟବସାୟୀଙ୍କୁ କିଛି ଗୃହ ବଣ୍ଟନ କରାଯାଇଥିବା ବେଳେ ଆଉ କିଛି ବଣ୍ଟନ ହୋଇ ନ ଥିବା ଜଣାପଡ଼ିଛି। ଏଥିପ୍ରତି ତୁରନ୍ତ ପୌର ପରିଷଦ ନିର୍ବାହୀ ଅଧିକାରୀ ଦୃଷ୍ଟି ଦେଇ ବ୍ୟବସାୟୀଙ୍କ ନିମନ୍ତେ ଭେଣ୍ଡିଂ ଜୋନ ପରିଚାଳନା ବ୍ୟବସ୍ଥା କରିବା ସହ ଟ୍ରାଫିକ ସମସ୍ୟା ସମାଧାନ ଦିଗରେ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।

ପ୍ରେମ ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ

# ବିବାହ ବେଦି ବଦଳରେ ଜେଲ୍ ଗଲେ

ଅନୁଗୋଳ,୨୨ ।୧(ସମିସ): ପ୍ରେମ ପ୍ରତାରଣାର ଭୟଙ୍କର ପରିଣାମ। ବାହାଘର ପାଇଁ ଘରେ ସାହାନାଇ ବାଜୁଥିଲା। ସବୁଆଡ଼େ ଉତ୍ସବର ମାହୋଲ ଥିଲା। ହେଲେ ଏହି ସମୟରେ ପହଞ୍ଚିଲା ପୁଲିସ। ବିବାହର ଦିନକ ପୂର୍ବରୁ ପ୍ରେମିକାଙ୍କ ଅଭିଯୋଗ ଆଧାରରେ ଯୁବକଙ୍କୁ ଉଠାଇ ନେଇଛି ପୁଲିସ। ବିବାହ ବେଦି ବଦଳରେ ଜେଲ୍ ଯିବାକୁ ପଡ଼ିଛି। ଏଭଳି ଘଟଣା ଘଟିଛି ଅନୁଗୋଳ ସହରରେ।

ଅନୁଗୋଳ ପୁରୁଣା ବସ୍ଷ୍ଟାଣ୍ଡ ଅଞ୍ଚଳର ଯୁବ ବ୍ୟବସାୟୀ ତଥା ହୋଟେଲ ମାଲିକ ଲିପୁନ୍ ସାହୁ ନିଜ ହୋଟେଲର ଜଣେ ମହିଳା କର୍ମଚାରୀଙ୍କ ଝିଅ ସହ ପ୍ରେମ ସମ୍ପର୍କ ରଖିଥିଲେ। ବିବାହ ପ୍ରତିଶ୍ରୁତି ଦେଇ ଲିପୁନ୍ ଉକ୍ତ ଯୁବତୀଙ୍କ ସହ ଦୀର୍ଘଦିନ ଧରି ଶାରୀରିକ ସମ୍ପର୍କ ରଖିଥିଲେ। ଦୁହେଁ ସ୍ୱାମୀ-ସ୍ତ୍ରୀ ଭଳି ମଧ୍ୟ ରହୁଥିଲେ। ହେଲେ ଯୁବତୀଙ୍କୁ ଅନ୍ଧାରରେ ରଖି ଲିପୁନ୍ଙ୍କ ପରିବାର ଲୋକେ ଅନ୍ୟ ଜଣେ ଯୁବତୀଙ୍କ ସହ ତାଙ୍କ ବିବାହ ସ୍ଥିର କରିଥିଲେ। ବିବାହ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା। ତେବେ ଲିପୁନ ଅନ୍ୟତ୍ର ବିବାହ କରୁଥିବା ଖବର ପାଇ ତାଙ୍କ ପ୍ରେମିକା ତୁରନ୍ତ ଅନୁଗୋଳ ଟାଉନ ଥାନାର ଆଶ୍ରୟ ନେଇଥିଲେ। ପୁଲିସକୁ ସେ ସବୁକଥା ଜଣାଇବା ସହ ତାଙ୍କୁ ପ୍ରତାରିତ କରାଯାଇଥିବା ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ମାତ୍ରେ ପୁଲିସ ତତ୍ପରତା ପ୍ରକାଶ କରି ଲିପୁନ୍ଙ୍କ ଘରେ ଚଢ଼ଉ କରିଥିଲା। ବାହାଘରର ସମସ୍ତ ଖୁସି ମାହୋଲ ମଧ୍ୟରେ ପୁଲିସ ଲିପୁନ୍ଙ୍କୁ ଉଠାଇ ନେଇଥିଲା। ତାଙ୍କୁ ଗିରଫ କରାଯାଇ ଅନୁଗୋଳ ଜେଲ ପଠାଇ ଦିଆଯାଇଛି।







## ରାଜଧାନୀ ଗଳିରେ ଜଗିବସିଛି ଯମ

# ମଝି ରାସ୍ତାରେ ବିଦ୍ୟୁତ୍ ଖୁଣ୍ଟ

ଭୁବନେଶ୍ୱର, ୨୨।୧(ସମିସ): ବିପଦପୂର୍ଣ୍ଣ ଅବସ୍ଥାରେ ରାସ୍ତା ମଝିରେ ରହିଛି ବିଦ୍ୟୁତ୍ ଖୁଣ୍ଟ। ରାସ୍ତାର ଠିକ ମଝି ଭାଗରେ ଏହି ବିଦ୍ୟୁତ୍ ଖୁଣ୍ଟ ମାଡ଼ିବସିଛି। ଏଠାରେ କେଉଁ ମୁହୂର୍ତ୍ତରେ କୌଣସି ବଡ ବିପଦକୁ ଏଡାଇ ଦିଆଯାଇ ନପାରେ। ସେହି ରାସ୍ତାରେ ଯିବା ସମୟରେ ବାଇକ୍, ଅଟୋ ଏବଂ କାର୍ ଭଳି ଯାନଗୁଡ଼ିକ ବିଦ୍ୟୁତ୍ ଖୁଣ୍ଟିର ଦୁଇ ପାର୍ଶ୍ୱରେ ବିପଦପୂର୍ଣ୍ଣ ଅବସ୍ଥାରେ ଯାତ୍ରା କରଥିବା ପରିଲକ୍ଷିତ ହେଉଛି।

କଳିଙ୍ଗ ଷ୍ଟାଡିଅମ ଛକରୁ ନୂଆପଲ୍ଲୀ ବେହେରା ସାହି ଆଡ଼କୁ ଗଲାବେଳେ ମହିମା ଆଶ୍ରମ ଛକ ପାଖାପାଖି ଏଭଳି ଭାବରେ ଦୁଇରୁ ୩ଟି ବିଦ୍ୟୁତ୍ ଖୁଣ୍ଟ ରାସ୍ତାରେ ମଝିରେ ଦେଖିବାକୁ ମିଳୁଛି। ଯାହା ଅନେକ ସମୟରେ ଦୁର୍ଘଟଣାର ଆଶଙ୍କା ବଢ଼ାଉଛି। ଅଞ୍ଚଳର ବିଭିନ୍ନ ସ୍ଥାନରେ ରହିଛି ଏଭଳି ଦୁଇ ତିନୋଟି ବିଦ୍ୟୁତ ଖୁଣ୍ଟ। ଯାହାକି କେବଳ ବାଇକ୍, କାର କିମ୍ବା ଅଟୋ ଚାଳକଙ୍କ ପାଇଁ ବିପଦ ସୃଷ୍ଟି କରୁନି ଏହାସହ ଭାରିଯାନ ଗୁଡ଼ିକ ଯିବାଆସିବା ବେଳେ ସମସ୍ୟା ସୃଷ୍ଟି କରୁଛି। ଏହି ଖୁଣ୍ଟଗୁଡ଼ିକ ଏଭଳି ସ୍ଥାନରେ ରହିଛି ଯେ ଯଦି ଦ୍ରୁତ ଗତିରେ ବାଇକ, ସାଇକଲ କିମ୍ବା ଅନ୍ୟ କୌଣସି ଗାଡ଼ି ଆସୁଥିବା ସମୟରେ ଟିକେ ଅନ୍ୟମନସ୍କ ହେବା ମାତ୍ରେ କେଉଁ ମୁହୂର୍ତ୍ତରେ ବି ଦୁର୍ଘଟଣା ଘଟିବା ସୁନିଶ୍ଚିତ। ବିଶେଷକରି ରାତି କିମ୍ବା ବର୍ଷା ସମୟରେ ଏହା ଅଧିକ ସମସ୍ୟା ସୃଷ୍ଟି କରିଥାଏ ବୋଲି ସ୍ଥାନୀୟ ଲୋକଙ୍କଠୁ ଜାଣିବାକୁ ମିଳିଥିଲା। ଏନେଇ ସ୍ଥାନୀୟ ଜଣେ ଦୋକାନୀ କୁହନ୍ତି ଦୀର୍ଘବର୍ଷ ଧରି ଏହି ବିଦ୍ୟୁତ୍ ଖୁଣ୍ଟଟି ରାସ୍ତାର ଗୋଟିଏ ପାଖରେ ଥିଲା। ହେଲେ ଯେତେବେଳେ ରାସ୍ତା ଚଉଡା ହେଲା, ଖୁଣ୍ଟ ଆର ପାଖରେ ମଧ୍ୟ ରାସ୍ତା ତିଆରି ହୋଇଗଲା। ସେଥିପାଇଁ ଖୁଣ୍ଟଟି ଏବେ ରାସ୍ତା ମଝିରେ ଅଛି। ବର୍ତ୍ତମାନସୁଦ୍ଧା କୌଣସି ଦୁର୍ଘଟଣା ଘଟିନଥିଲେ ହେଁ ରାସ୍ତା ମଝିରେ ଏପରି ବିଦ୍ୟୁତ୍ ଖୁଣ୍ଟ ସବୁବେଳେ ବିପଦପୂର୍ଣ୍ଣ ଅଟେ। ରାତି ସମୟରେ ଦୁର୍ଘଟଣା ଘଟିବାର ଅଧିକ ଭୟ ରହୁଛି।

**ବିପଦସଂକୁଳ ଅବସ୍ଥାରେ ଯାତାୟତ କରୁଛନ୍ତି ଗାଡ଼ି ଚାଳକ**

ଏ ସମ୍ପର୍କରେ ସେହି ୱାର୍ଡର କର୍ପୋରେଟର ବନ୍ଦିତା ପାଲ କହିଛନ୍ତି, ଏ ବିଷୟରେ ସେ ଅବଗତ ଅଛନ୍ତି। ରାସ୍ତା ମଝିରେ ଥିବା ବିଦ୍ୟୁତ୍ ଖୁଣ୍ଟ ଖୁବ ଶୀଘ୍ର ହଟାଯିବାର ଅଛି। ସେହି ରାସ୍ତାଟି ୩୦ ଫୁଟ୍ ଚଉଡା ଥିବାବେଳେ ତାକୁ ବଢ଼ାଇ ୯୦ ଫୁଟ୍‌ର କରାଯାଇଛି। ସେଥିପାଇଁ ଏହି ସମସ୍ୟା ଉପୁଜିଛି। ରାସ୍ତା ମଝିରୁ ଖୁଣ୍ଟ ହଟାଇବାକୁ ଟାଟା ଏବଂ ବିଏମସି ର କର୍ତ୍ତୃପକ୍ଷ ଆସି ଦେଖିକି ଯାଇଛନ୍ତି। ସେଠାକାର କିଛି ଅଂଶ ଉଚ୍ଛେଦ ହେବା ବାକି ଅଛି, ତେଣୁ ସମୟ ଲାଗୁଛି। ସେଇଟା ସରିଗଲେ ଖୁବଶିଘ୍ର ରାସ୍ତା ମଝିରୁ ବିଦ୍ୟୁତ୍ ଖୁଣ୍ଟଗୁଡିକୁ ସ୍ଥାନାନ୍ତର କରି ଦିଆଯିବ ବୋଲି ସୂଚନା ରହିଛି।

ସେହିଭଳି କଳିଙ୍ଗନଗର ପାତ୍ରପଡ଼ାସ୍ଥିତ ଭଗବାନପୁର ଅଞ୍ଚଳରେ ମଝି ରାସ୍ତାରେ ଏକ ବିଜୁଳି ଖୁଣ୍ଟ ଦେଖିବାକୁ ମିଳିଛି। ଯାହା ଅନେକ ସମୟରେ ଦୁର୍ଘଟଣାର କାରଣ ପାଲଟିଛି। ଗୋଟିଏ କି ଦୁଇଟି ନୁହେଁ ଅଞ୍ଚଳର ବିଭିନ୍ନ ସ୍ଥାନରେ ଏଭଳି ବିଦ୍ୟୁତ ଖୁଣ୍ଟ ରହିଛି।

● 'ଅଜିତ'ଜାତୀୟ ନାଟ୍ୟ ମହୋତ୍ସବ

## ଦ୍ୱିତୀୟ ସନ୍ଧ୍ୟାରେ 'ନିଷିଦ୍ଧ କକ୍ଷ'



ଭୁବନେଶ୍ୱର, ୨୨।୧(ସମିସ): ଜଣେ ମଣିଷର ପ୍ରବଳ ଇଚ୍ଛା ତାକୁ ତାଙ୍କ ଜୀବନର ପଥାରୁ ଫେରାଇ ଆଣିପାରେ। ଯେପରି ଲଙ୍କାର ରାଜା ରାବଣ ତାଙ୍କ ଇଚ୍ଛା ପାଇଁ ସ୍ୱର୍ଣ୍ଣ ଲଙ୍କାକୁ ନଷ୍ଟ କରି ପାଉଁଶ କରିଦେଇଥିଲେ। ଏମିତି କିଛି କାହାଣୀକୁ ନେଇ ରଙ୍ଗାଶାଳା, ପୁରୀ ପକ୍ଷରୁ ଗୁରୁବାର ଭଞ୍ଜକଳା ମଣ୍ଡପରେ ରଙ୍ଗାଶାଳା, ପୁରୀ ଦ୍ୱାରା ମଞ୍ଚସ୍ଥ ହୋଇଥିଲା ନାଟକ'ନିଷିଦ୍ଧ କକ୍ଷ'। 'ଅଭିନୟ ଜାଗୃତି ଇନଷ୍ଟିଚ୍ୟୁଟ ଅଫ ଥିଏଟର' (ଅଜିତ୍) ନାଟ୍ୟ ଅନୁଷ୍ଠାନର ୨୬ ତମ ପ୍ରତିଷ୍ଠା ଦିବସ ଅବସରରେ ଚତୁର୍ଦ୍ଦଶ ଜାତୀୟ ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଏହି ନାଟକ ମଞ୍ଚସ୍ଥ ହୋଇଥିଲା। ପ୍ରାରମ୍ଭିକ ସଭାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଚନ୍ଦ୍ର ଶେଖର ହୋତା ଏବଂ ସମ୍ମାନିତ ଅତିଥି ଭାବେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ଜେନା ଯୋଗଦେଇଥିଲେ। ସଭାରେ ଅଜିତ୍ ଅନୁଷ୍ଠାନର ଅଧ୍ୟକ୍ଷା ମାୟା ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଅଜିତ୍ ଅନୁଷ୍ଠାନର କଳାକାର ପୀତବାସ ସେନାପତିଙ୍କୁ 'ଅଜିତ୍ ନାଟ୍ୟ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥିସହିତ ନାଟକର ନିର୍ଦ୍ଦେଶକ ବିକ୍ରମ ସାହୁଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।

## ଓଡ଼ିଶା ଓ ନିମି ଲଣ୍ଡନଠାରେ ପାଳନ ହେବ କେଲୁଚରଣଙ୍କ ଜନ୍ମଶତବାର୍ଷିକୀ




ଭୁବନେଶ୍ୱର, ୨୨।୧(ସମିସ): ଓଡ଼ିଶୀଗୁରୁ ପଦ୍ମବିଭୂଷଣ କେଲୁ ଚରଣ ମହାପାତ୍ରଙ୍କର ଜନ୍ମଶତବାର୍ଷିକୀ ଓଡ଼ିଶା ଓ ନିମି ଲଣ୍ଡନଠାରେ ପାଳନ କରାଯିବ। ରାଜ୍ୟ ସଂଗ୍ରହାଳୟ ସହଯୋଗରେ 'କଳା ଦି ଆର୍ଟସ୍ ଚାରିଟି'ର ପ୍ରତିଷ୍ଠାତ୍ରୀ ତଥା ସିଇଓ ନୃତ୍ୟଶିଳ୍ପୀ ସୁସ୍ମିତା ପତି ଏହି ଶତବାର୍ଷିକୀ ଉତ୍ସବ ପାଳନ କରିବାକୁ ପ୍ରୟାସ କରିଛନ୍ତି। ୧୯୯୬ ମସିହାରୁ ଲଣ୍ଡନଠାରେ ଓଡ଼ିଶୀ ନୃତ୍ୟର ପ୍ରଚାର ଓ ପ୍ରସାର କରୁଥିବା ସୁସ୍ମିତା ଓଡ଼ିଶା ଏବଂ ଲଣ୍ଡନରେ କେଲୁ ଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ପାଳନ କରିବା ଲାଗି ନିଷ୍ପତ୍ତି ନେଇଥିବା ଗୁରୁବାର ପ୍ରେସ୍ କ୍ଲବ ଅଫ୍ ଓଡ଼ିଶାଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଇଂଲଣ୍ଡରେ ଥିବା ସୁସ୍ମିତାଙ୍କର ଅନେକ ଓଡ଼ିଶୀ ଛାତ୍ର ଓଡ଼ିଶା ଆସି ନୃତ୍ୟ ପରିବେଷଣ କରିବେ। ଦେଶର ୭ଟି ଶାସ୍ତ୍ରୀୟ ନୃତ୍ୟ ମଧ୍ୟରୁ ଓଡ଼ିଶୀ ଅନ୍ୟତମ ହୋଇଥିବା ସ୍ଥଳେ ବିଦେଶରେ ଏହାର ଲୋକପ୍ରିୟତା ବଢୁଥିବା ସୁସ୍ମିତା କହିଛନ୍ତି। ଏହି ଜନ୍ମ ଶତବାର୍ଷିକୀ ଉତ୍ସବ ବର୍ଷବ୍ୟାପୀ ପାଳନ କରାଯିବ ବୋଲି ସେ କହିଛନ୍ତି।

## ଅଚାନକ ଆଇଜି ପାର୍କ ପରିଦର୍ଶନ କଲେ ନଗର ଉନ୍ନୟନ ମନ୍ତ୍ରୀ

### ରକ୍ଷଣାବେକ୍ଷଣରେ ତୁରନ୍ତ ସୁଧାର ଆଣିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୨।୧(ସମିସ): ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ଆଇଜି ବା ଇନ୍ଦିରା ଗାନ୍ଧୀ ପାର୍କ ଗୁରୁବାର ଅଚାନକ ପରିଦର୍ଶନ କରି ସେଠାରେ ଜନସାଧାରଣଙ୍କ ପାଇଁ ଉପଲବ୍ଧ ସୁବିଧା ଏବଂ ପାର୍କର ସାମଗ୍ରିକ ରକ୍ଷଣାବେକ୍ଷଣର ସମୀକ୍ଷା କରିଛନ୍ତି।

ଆଇଜି ପାର୍କକୁ ପ୍ରତିଦିନ ବହୁ ସଂଖ୍ୟାରେ ପର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦା ଆସୁଥିବାରୁ ଏହାର ଯତ୍ନ ଏବଂ ପରିମଳ ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବା ଆବଶ୍ୟକ। ପରିଦର୍ଶନ ସମୟରେ ମନ୍ତ୍ରୀ ସେଠାକୁ ଆସିଥିବା ପର୍ଯ୍ୟଟକମାନଙ୍କ ସହ ଆଲୋଚନା କରିବା ସହ ସେମାନଙ୍କୁ ମିଳୁଥିବା ସୁବିଧା ସୁଯୋଗ ସମ୍ପର୍କରେ ପଚାରି ବୁଝିଥିଲେ। ପାର୍କର ଅବ୍ୟବସ୍ଥା, ବିଶେଷ କରି ଶୌଚାଳୟ ଏବଂ ପରିସ୍ରାଗାରର ଶୋଚନୀୟ ଅବସ୍ଥା ଦେଖି ଡ଼. ମହାପାତ୍ର ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ପାର୍କର ତୁରନ୍ତ ସୁଧାର ଆଣିବା ସହ ଉପଯୁକ୍ତ ପରିମଳ, ନିୟମିତ ରକ୍ଷଣାବେକ୍ଷଣ ଏବଂ ସେବା ମାନରେ ଉନ୍ନତି ଆଣିବାକୁ ସେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଯଦି ଏହି ଅବହେଳା ଜାରି ରହେ, ତେବେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଚେତାବନୀ ଦେଇଛନ୍ତି। ମନ୍ତ୍ରୀଙ୍କ ଏହି ପରିଦର୍ଶନ ସମୟରେ ଭୁବନେଶ୍ୱର ମହାନଗର ନିଗମର ଡେପୁଟି କମିସନର ଏନ୍. ଗଣେଶ ବାବୁ ଉପସ୍ଥିତ ରହିଥିଲେ। ପାର୍କକୁ



ସବୁବେଳେ ସ୍ୱଚ୍ଛ, ନିରାପଦ ଏବଂ ପରିଦର୍ଶକ-ଅନୁକୂଳ କରିବା ପାଇଁ ଅଧିକାରୀ ଓ ରକ୍ଷଣାବେକ୍ଷଣ କର୍ମଚାରୀମାନଙ୍କୁ ନିରୀକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଆଖଣ୍ଡଳମଣି ମନ୍ଦିର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୨୨।୧(ସମିସ): ବାବା ଆଖଣ୍ଡଳମଣି ମନ୍ଦିର କମିଟି, ସହିଦନଗର ମାର୍କେଟ ବିଲଡିଂ, ପୁରୁଣା ହାଟ, ଭବାନୀ କମ୍ପ୍ଲେକ୍ସ ପକ୍ଷରୁ ବାବା ଆଖଣ୍ଡଳମଣିଙ୍କ ୨୬ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୪ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପ୍ରଥମ ଦିନ ଯଜ୍ଞାଧିବାସ, ଅଙ୍କୁରରୋପଣ କରାଯାଇଥିଲା। ଦ୍ୱିତୀୟ ଦିବସ ପୂର୍ବାହ୍ନରେ ଜଳଯାତ୍ରା, ମଧ୍ୟାହ୍ନରେ କର୍ମାରମ୍ଭ ଓ ଅଗ୍ନିସ୍ଥାପନ, ଆହୁତି, ଆଳତି, ପୁଷ୍ପାଞ୍ଜଳି ଆଦି କରାଯାଇଥିଲା। ତୃତୀୟ ଦିନ ଅର୍ଥାତ୍ ଗୁରୁବାର ସୂର୍ଯ୍ୟାର୍ଘ୍ୟ, ଘଟ ମଣ୍ଡଳାଦି ପୂଜା, ଆହୁତି, ଗୀତା ଯଜ୍ଞ, ପୁଷ୍ପାଞ୍ଜଳୀ ଅନୁଷ୍ଠିତ ହୋଇଯାଇଛି।

## ଘାସଚାଷର ସମ୍ପ୍ରସାରଣ ଓ ସୁପରିଚାଳନା ଦିଗରେ ଆଲୋଚନାଚକ୍ର



ଭୁବନେଶ୍ୱର, ୨୨।୧(ସମିସ): ଓଡ଼ିଶା ରାଜ୍ୟ କୃଷକ ବିକାଶ ସମବାୟ ସମିତି ଲିଃ ଆନୁକୂଲ୍ୟରେ ଏବଂ ଓମଫେଡ୍ ସଂସ୍ଥାର ସହଯୋଗରେ ଘାସ ଚାଷର ସମ୍ପ୍ରସାରଣ ଓ ପରିଚାଳନା ସଂକ୍ରାନ୍ତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସମିତିର ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଜଗନ୍ନାଥ ବିହାରସ୍ଥିତ ମା' ବାରାଦେବୀ ମନ୍ଦିର ସଭାଗୃହରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥି ଭାବେ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟର ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ ଡା. ବୀର କିଶୋର ପରିଡ଼ା, ସୋଆ ବିଶ୍ୱବିଦ୍ୟାଳୟର ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନର ସହକାରୀ ଅଧ୍ୟାପିକା ଡା. ପ୍ରଜ୍ଞା ମହାପାତ୍ର, ସୋଆ ବିଶ୍ୱବିଦ୍ୟାଳୟର ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନର ସହକାରୀ ଅଧ୍ୟାପକ ଡା. ସମରେନ୍ଦ୍ର ମହାନ୍ତି, ସମିତିର ପୂର୍ବତନ ପରିଚାଳନା କର୍ତ୍ତୃପକ୍ଷ ତଥା ସମବାୟ ବିଭାଗର ଅବସରପ୍ରାପ୍ତ ଅଧିକାରୀ କଲ୍ୟାଣ କୁମାର ଚାଟାର୍ଜୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତିର ଉପାଧ୍ୟକ୍ଷା ଅମିତା ପଟ୍ଟନାୟକ, ଭାରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ବିକ୍ରମ ଚନ୍ଦ୍ର ସିଂହ, ନିର୍ଦ୍ଦେଶକ ବ୍ରଜରାଜ ରାଉତ ପ୍ରମୁଖ ଶତାଧିକ ଚାଷୀବନ୍ଧୁ ଅଂଶଗ୍ରହଣ କରିଥିଲେ।

## ଓୟୁଟିଆର୍‌ରେ ଜାତୀୟ ମତଦାତା ଦିବସ

ଭୁବନେଶ୍ୱର, ୨୨।୧(ସମିସ): ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍)ରେ ଜାତୀୟ ମତଦାତା ଦିବସ ଅବସରରେ ଗଣତାନ୍ତ୍ରିକ ମୂଲ୍ୟବୋଧ ସଂକ୍ରାନ୍ତ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଯୁବପିଢ଼ିଙ୍କ ମଧ୍ୟରେ ମତଦାନର ଗୁରୁତ୍ୱ, ମହତ୍ତ୍ୱ, ଗଣତନ୍ତ୍ରର ମୂଲ୍ୟ ସମ୍ପର୍କରେ ଅବଗତ କରିବା ସହ ଦାୟିତ୍ୱବାନ ନାଗରିକ ଭାବେ ଗଢ଼ି ତୋଳିବା ପାଇଁ ସଚେତନତା ସୃଷ୍ଟି କରିବା କାର୍ଯ୍ୟକ୍ରମର ପ୍ରମୁଖ ଉଦ୍ଦେଶ୍ୟ ରହିଛି। କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ ମତଦାନ ହେଉଛି ଗଣତନ୍ତ୍ରର ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର। ପ୍ରତ୍ୟେକ ଯୁବ ମତଦାତା ନିଜ ଅଧିକାରକୁ ସଚେତନ ଭାବେ ବ୍ୟବହାର କଲେ ଦେଶର ଭବିଷ୍ୟତ ସୁଦୃଢ଼ ହୋଇପାରିବ। ଡିନ୍, ବିଭାଗୀୟ ମୁଖ୍ୟ, ଅଧ୍ୟାପକ/ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ମତଦାନ ସଚେତନତା ସମ୍ପର୍କିତ ଶପଥ ନେଇଥିଲେ।

## ୪୨ ପ୍ରତିଭାଙ୍କୁ ଓଡ଼ିଶା ଯୁବରତ୍ନ ସମ୍ମାନ ପ୍ରଦାନ

ଭୁବନେଶ୍ୱର, ୨୨।୧(ସମିସ): ଯୁବ ଶକ୍ତି, ସୃଜନଶୀଳତା ଓ ସାମାଜିକ ଅବଦାନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ବ୍ରାଇଟ୍ ଓଡ଼ିଶା ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ହୋଇଛି ପ୍ରଥମ 'ଓଡ଼ିଶା ଯୁବ ରତ୍ନ ସମ୍ମାନ–୨୦୨୬'। କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ବିକାଶରେ ଯୁବ ପ୍ରତିଭାର ଭୂମିକା ଉପରେ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥି ଭାବେ ମନ୍ତ୍ରୀ ରବି ନାରାୟଣ ନାୟକ, ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ବାବୁ ସିଂହ, କଲ୍ୟାଣ ଫାଉଣ୍ଡେସନ୍ ସଭାପତି ସୌମିତ୍ରୀ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗଣମାଧ୍ୟମ, ନୃତ୍ୟ, ସଙ୍ଗୀତ, ଅଭିନୟ, ସ୍ୱାସ୍ଥ୍ୟ, ଚଳଚ୍ଚିତ୍ର, କ୍ରୀଡ଼ା, ସମାଜସେବା, ଫିଟନେସ୍, ସାଇବର ସୁରକ୍ଷା ଆଦି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୪୨ ଜଣ ଯୁବ ପ୍ରତିଭାଙ୍କୁ ସମ୍ମାନୀତ କରାଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ସଞ୍ଜୟ କୁମାର ମହାକୁଡ଼, ଆଡ଼ଭାଇଜର ରୋଜାଲିନ ପାଟ୍ଟଶଣୀ, ସଞ୍ଜୟ ନାୟକ, ସୁଜିତ ରାଉତ, ସନ୍ତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲିପାଟଣା, ୨୨।୧(ସମିସ) : ଭାକରସାହିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ ବୁଧବାର ପୂର୍ବାହ୍ଣରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସନ୍ତୋଷ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଉପଜିଲ୍ଲାପାଳ ମନୋରଞ୍ଜନ ସାହୁ ଯୋଗଦେଇ ଶିକ୍ଷା ବ୍ୟବସ୍ଥାର ବିକାଶ ସହିତ ସମାଜକୁ ଦିଗଦର୍ଶନ ଦେବାଭଳି ପ୍ରତିଭା ସୃଷ୍ଟି ହେବା ଦରକାର୍ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଂଶୁ ଶେଖର ପାଢ଼ୀ, ବେଣୁପୁର୍ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟବ୍ରତ ସାମଲ, ସମାଜସେବୀ ଜ୍ୟୋତିରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କୃତି ଛାତ୍ର ଛାତ୍ରୀଙ୍କୁ ପ୍ରମାଣ ପତ୍ର ବଣ୍ଟନ ପରେ କୁନି କଳାକାରମାନେ ନୃତ୍ୟ ସଙ୍ଗୀତ ପରିବେଷଣ କରି ମନୋରଞ୍ଜନ କରିଥିଲେ। ପ୍ରିୟଦର୍ଶିନୀ ଦାସ, ସଙ୍ଗୀତା ବିଶ୍ୱାଳ, ପୂଜାରାଣୀ ସାହୁ, ବର୍ଷାରାଣୀ ଦଳାଇ କାର୍ଯ୍ୟକ୍ରମ ଉପସ୍ଥାପନା ଓ ଶିକ୍ଷକ ଶେଷଦେବ ପରିଡ଼ା, ରାକେଶ କୁମାର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ। ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ସରସୀ ଦାସ, ସସ୍ମିତା ସାହୁ, ସୁଧୀର ପ୍ରଧାନ, ସର୍ବେଶ୍ୱର ବୈଠାରୁ, ସାବିତ୍ରୀ ପ୍ରଧାନ, ସୁଭଙ୍କରୀ ବେହେରା, ରାଜଶ୍ରୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ସଫଳତାରେ ସହଯୋଗ କରିଥିଲେ।

## ନିଶା ନିବାରଣ କେନ୍ଦ୍ରରେ ରକ୍ତଦାନ

ଯାଁଳା, ୨୨।୧(ସମିସ): ମିତପାଇଁ ରକ୍ତଦାନ ଆରାଧନା ଫାଉଣ୍ଡେସନର ପରିସରଠାରେ ଥିବା ନିଶା ନିବାରଣ କେନ୍ଦ୍ର ପରିସରରେ ଭିଏଲ୍‌ଇ ୟୁନିୟନ ଓଡ଼ିଶା ଓ ସାମାଜିକ ଅନୁଷ୍ଠାନ ଆରାଧନା ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଭିଏଲ୍‌ଇ ୟୁନିୟନ ଓଡ଼ିଶାର ରାଜ୍ୟ ସଭାପତି ସଂଗ୍ରାମ କେଶରୀ ସାମନ୍ତରାୟଙ୍କ ସମେତ ଅନେକ ବରିଷ୍ଠ ପଦାଧିକାରୀ ଯୋଗଦାନ କରିଥିଲେ। ଫାଉଣ୍ଡେସନର ପ୍ରତିଷ୍ଠାତା ନିର୍ଦ୍ଦେଶକ ଅଭିଜିତ ଦାସଙ୍କ ତତ୍ତ୍ୱାବଧାନରେ ଓ ଫାଉଣ୍ଡେସନର ଶକ୍ତିପ୍ରସାଦ ପତି(କାଉନସିଲର), ଡାକ୍ତର ବି.ଶି ଦାସ, ଈଶ୍ୱର ଚନ୍ଦ୍ର ଭୁଇଁଆ(ପାଥୋଲୋଜିଷ୍ଟ), ରମେଶ ବେହେରା(ସଞ୍ଚାଳକ) ଓ ବିଶ୍ୱଜିତ୍ ନାୟକ (ଶିବିର ସଂଯୋଜକ)ଙ୍କ ସହଯୋଗରେ ଏବଂ ଓଡ଼ିଶା ରକ୍ତକେନ୍ଦ୍ର, ଖୋରଧାର ଡାକ୍ତର ସ୍ୱରୂପ ରାୟ, ଲକ୍ଷ୍ମୀପ୍ରିୟା ପ୍ରଧାନ (କାଉନସିଲର), ଝୁନାରାଣୀ ସାହୁ(ଟେକ୍ନିସିଆନ୍), ଝାନସିରାଣୀ ପାତ୍ର(ନର୍ସଂଅଫିସର) ଙ୍କ ଦ୍ୱାରା ବର୍ତ୍ତମାନ ସୁଦ୍ଧା ଶିବିରରେ ପୂର୍ଣ୍ଣ ସଫଳତାର ସହ ୨୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

## ନଟବର ଷଡ଼ଙ୍ଗୀଙ୍କ ବିୟୋଗରେ ଶୋକ

ଭୁବନେଶ୍ୱର, ୨୨।୧(ସମିସ): ଜୈବ କୃଷି ବିଶେଷଜ୍ଞ, ପ୍ରଖ୍ୟାତ କୃଷି ଗବେଷକ ଓ ବରିଷ୍ଠ ସମାଜ ବିଜ୍ଞାନୀ ନଟବର ଷଡ଼ଙ୍ଗୀଙ୍କ ଆକସ୍ମିକ ବିୟୋଗରେ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ), ଓଡ଼ିଶା ରାଜ୍ୟ କମିଟି ଗଭୀର ଶୋକ ପ୍ରକାଶ କରୁଛି। ନଟବର ଷଡ଼ଙ୍ଗୀ କେବଳ ଜଣେ କୃଷି ବିଶାରଦ ନୁହେଁ, ସେ ମାଟି, ବିହନ ଓ ଚାଷୀଙ୍କ ସହ ନିଜ ଜୀବନକୁ ଏକାତ୍ମ କରିଥିବା ଏକ ଦୃଢ଼ ସଙ୍କଳ୍ପବଦ୍ଧ ସଂଗ୍ରାମୀ ଥିଲେ। ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଜୈବ ଓ ପ୍ରାକୃତିକ କୃଷିର ପ୍ରଚାର, ପ୍ରସାର ଓ ଗବେଷଣାରେ ନିରନ୍ତର ସକ୍ରିୟ ଥିଲେ। ନିଜର ଉଦ୍ୟମରେ ସେ ଓଡ଼ିଶା ସହିତ ରାଜ୍ୟ ବାହାରୁ ୭୦୦ ଶହରୁ ଅଧିକ ଦେଶୀ ପାରମ୍ପାରିକ ଧାନ ବିହନ ସଂଗ୍ରହ କରି ସେଗୁଡ଼ିକର ସଂରକ୍ଷଣ ଓ ପୁନଃଚାଷକୁ ବ୍ୟାପକ କରିବାରେ ଏକ ପ୍ରୟୋଗଶାଳା ପ୍ରତିଷ୍ଠା କରି ଅଗ୍ରଣୀ ଭୂମିକା ନେଇଥିଲେ। ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ନଟବର ଷଡ଼ଙ୍ଗୀ ତ୍ୟାଗ ସଙ୍ଘର୍ଷ ଓ ସାଧନାର ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।

## ରବି କାନୁନଗୋଙ୍କ ବିୟୋଗରେ ଶୋକ

ଭୁବନେଶ୍ୱର, ୨୨।୧(ସମିସ): ସାମ୍ବାଦିକ, ଗାଳ୍ପିକ, ସ୍ତମ୍ଭକାର ତଥା ଦୈନିକ ଖବରକାଗଜ ସୂର୍ଯ୍ୟପ୍ରଭାର ସମ୍ପାଦକ ଓ ବିଶିଷ୍ଟ ଶ୍ରମିକ ନେତା ରବି କାନୁନଗୋଙ୍କ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇଛି। ଗୁରୁବାର ବିଶ୍ୱ ଓଡିଆ ପରିବାର କାର୍ଯ୍ୟାଳୟଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶୋକସନ୍ତପ୍ତ ପରିବାରକୁ ଏହି ଅସହ୍ୟ ଦୁଃଖ ସହିବାର ସାହସ ଦିଅନ୍ତୁ ବୋଲି ବକ୍ତାମାନେ କହିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ବିଶ୍ୱ ଓଡ଼ିଆ ପରିବାର ଅଧ୍ୟକ୍ଷ ସଜ୍ଜନ ଶର୍ମା, ସାମ୍ବାଦିକ ଭକ୍ତ ତ୍ରିପାଠୀ, ଭବାନୀ ପ୍ରସାଦ ମିଶ୍ର, ସୁରେଶ କୁମାର ସାହୁ, ସୁଜିତ ଦାସ ପ୍ରମୁଖ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ।

## 'ଅପେକ୍ଷା'ର ଅଡିଓ ଓ ଟ୍ରେଲ୍ ରିଲିଜ୍

ଭୁବନେଶ୍ୱର, ୨୨।୧(ସମିସ): ଷ୍ଟୁଡିଓ ଥ୍ରୀ ସିକଷ୍ଟି ଫାଇଭ୍ ବ୍ୟାନରରେ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର 'ଅପେକ୍ଷା'ର ଅଡିଓ ଏବଂ ଟ୍ରେଲର ଲୋକାର୍ପଣ ଉତ୍ସବ ସ୍ଥାନୀୟ ପ୍ରେସ୍‌କ୍ଲବରେରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ କଣ୍ଠଶିଳ୍ପୀ ସ୍ୱର୍ଗତଃ ହ୍ୟୁମାନ ସାଗର ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ବିଶିଷ୍ଟ ପ୍ରଯୋଜକ ରମେଶ ବାରିକ, ଶ୍ରୀଧର ମାର୍ଥା ଏବଂ ହିନ୍ଦୁସ୍ଥାନ ଆଡଭରଟାଇଜିଙ୍ଗ ଏଜେନ୍ସିର ନିର୍ଦ୍ଦେଶକ ସୁଜିତ କୁମାର ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ଡ. କେ. ତମନ୍ନାଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରର କାହାଣୀ, ଚିତ୍ରନାଟ୍ୟ ଏବଂ ନିର୍ଦ୍ଦେଶନା ଭାର ଆନନ୍ଦ କୁମାର ସମ୍ଭାଳିଥିବା ବେଳେ ସାର୍ଥକ, ଶୁଭାଙ୍ଗୀ, ସୌମ୍ୟ ବନ୍ଦନା ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। ସେହିପରି ଚୌଧୁରୀ ବିକାଶ ଦାସ, ପ୍ରଦୀପ ଦେବତା, ଶକ୍ତି ବରାଳ, ପୁଷ୍ପା ପଣ୍ଡା, ଅଲିଭା ଦାଶ, ଐଶ୍ୱର୍ଯ୍ୟା, ଗୁଡୁ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମରେ ସଙ୍ଗୀତ ନିର୍ଦ୍ଦେଶନା ବୈଦ୍ୟନାଥ ଦାଶ ଦେଇଥିବା ବେଳେ ଚିରାଗଦୀପ ପଣ୍ଡା, ହ୍ୟୁମାନ ସାଗର, ଅସୀମା ପଣ୍ଡା, ଇପସିତା ସାହୁ, ଉମାକାନ୍ତ ବାରିକ ପ୍ରମୁଖ କଣ୍ଠଦାନ କରିଛନ୍ତି। ସମ୍ପାଦନା ଦାୟିତ୍ୱରେ ରଞ୍ଜନ ଖଟେଇ ଏବଂ ନୃତ୍ୟ ନିର୍ଦ୍ଦେଶନାରେ ବବି ଇସଲାମ ରହିଥିବା ବେଳେ ଶୈଳେନ୍ଦ୍ର ପରିଡ଼ାଙ୍କ ଦ୍ୱାରା ନିର୍ଦ୍ଦେଶିତ ଆହ୍ୱନ ଦୃଶ୍ୟ ଏବଂ ସୃଜନ ଫିଲ୍ମସର ପୋଷ୍ଟ ପ୍ରଡକ୍ସନ ଫିଲ୍ମଟିକୁ ଅଧିକ ଆକର୍ଷଣୀୟ କରିଥିବା ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି। ଆଜିର ଏହି ଏହି ଅଡିଓ ଲୋକାର୍ପଣ ଉତ୍ସବରେ ପ୍ରଯୋଜକ, ଫିଲ୍ମର କ୍ରିଏଟିଭ ପବ୍ଲିସିଟି ଡିଜାଇନର ଶ୍ୟାମା ପ୍ରସାଦ ମିଶ୍ରଙ୍କ ସମେତ ଫିଲ୍ମର ପୁରା ଟିମ୍ ଉପସ୍ଥିତ ଥିଲେ। ଫିଲ୍ମଟି ଆସନ୍ତା ଫେବୃଆରୀ ୬ ତାରିଖରେ ମୁକ୍ତିଲାଭ କରିବ।




## ଉପରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଟ୍ରାଫିକ ମାର୍ଗଦର୍ଶିକା

■ ଗସ୍ତ ପାଇଁ ଗାଡ଼ି ଚଳାଚଳ କଟକଣା
■ ଆସିବା ସମୟରେ ଭାରୀଯାନ ବାରଣ

ଭୁବନେଶ୍ୱର, ୨୨।୧ (ସମିସ): ଆସନ୍ତା ୨୩ ତାରିଖରେ ଉପ ରାଷ୍ଟ୍ରପତି ଓଡ଼ିଶା ଗ୍ରସ୍ତରେ ଆସୁଛନ୍ତି। ଏହାକୁ ନଜରରେ ରଖି କମିଶନରେଟ୍ ପୁଲିସ ପକ୍ଷରୁ ଟ୍ରାଫିକ କଟକଣା କରାଯାଇଛି। ବିଶେଷ କରି ଉପରାଷ୍ଟ୍ରପତି କଟକରେ ବିଭିନ୍ନ କାର୍ଯ୍ୟକ୍ରମାର ଯୋଗଦେବେ। ସକାଳ ୮ଟା ସମୟରେ ସକାଳ ୯ଟା ଏବଂ ମଧ୍ୟାହ୍ନ ୧୨ଟାରୁ ଅପରାହ୍ଣ ୨.୧୫ ମଧ୍ୟରେ ଭୁବନେଶ୍ୱର ଏବଂ କଟକର ବିଭିନ୍ନ ସ୍ଥାନରେ ଗାଡ଼ି ଚଳାଚଳ ବନ୍ଦ ରହିବ। ଉପ ରାଷ୍ଟ୍ରପତି ଯିବା ସମୟରେ ବିମାନ ବନ୍ଦର ଛକ, କ୍ୟାପିଟାଲ ହସ୍ପିଟାଲ ଏବଂ ଏଜିଛକ ଦେଇ ଲୋକ ଭବନ ଛକରେ ପହଞ୍ଚିବେ। ଏହାପରେ ପାୱାର ହାଉସ ଛକ ଦେଇ ଜୟବିହାର ନିକଟରେ ପହଞ୍ଚିବେ। ସେଠାରୁ ଉପରାଷ୍ଟ୍ରପତିଙ୍କ କାରକେଡ୍ ୟୁଟର୍ଣ୍ଣ ନେଇ ଜୟଦେବ ବିହାର ଫ୍ଲାଏ ଓଭର ଦେଇ ଆଚାର୍ଯ୍ୟବିହାର, ସତସଂଘ ବିହାର ନିକଟରେ ପହଞ୍ଚିବ। ଭିଏସ୍‌ଏସ୍ ନଗର ଛକ, ପଳାଶୁଣି ଛକ ଦେଇ ହାଇଟେକ୍ ନିକଟରେ ପହଞ୍ଚିବେ। ସେଠାରୁ ଶିଖରପୁର, କାଳିଆବୁଦା ଭିୟୁପି ଦେଇ ଜୋବ୍ରା ଛକ, ମାତା ମଠ ଛକ ଦେଇ ମଧୁସୂଦନ ମୂର୍ତ୍ତି ଛକ ଦେଇ ସମାଜ ଅଫିସ, ବକ୍ସିବଜାର ଛକ, ବରପଥାର ଛକ, ତିନିକୋଳିଆ ବଗିଚା ଛକ ଏବଂ ଜେଲରୋଡ଼ ଛକ ଦେଇ ଉପ ରାଷ୍ଟ୍ରପତି ଯିବାର କାର୍ଯ୍ୟକ୍ରମ ରହିଛି।

ସେହିପରି ରାଷ୍ଟ୍ରପତି ଯିବା ସମୟରେ ଭାରିଯାନ ଚଳାଚଳ ଉପରେ ରୋକ୍ ଲଗାଯାଇଛି। କଟକ ମହାନଦୀ ରିଙ୍ଗ ରୋଡ୍‌ରେ ଶିଖରପୁର ଛକ ଠାରୁ ଚହଟା ପର୍ଯ୍ୟନ୍ତ ଏବଂ ଏହାକୁ ସଯୋଗ କରୁଥିବା ସମସ୍ତ ରାସ୍ତାରେ ବାରିଯାନ, ଟ୍ରକ୍, ଟ୍ରାକ୍ଟର, ଆମ ବସ୍' ଚଳାଚଳ ସକାଳ ୭ଟାରୁ କାର୍ଯ୍ୟକ୍ରମ ଶେଷ ହେବା ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ବନ୍ଦ ରହିବ। ସେହିପରି ଉପ ରାଷ୍ଟ୍ରପତି ଗ୍ରସ୍ତ ସମୟରେ ଜାତୀୟ ରାଜପଥ-୧୬ରେ ଭାରୀଯାନର ଗତିପଥ ପରିବର୍ତ୍ତନ କରାଯିବ ବୋଲି କମିଶନରେଟ୍ ପୁଲିସ ପକ୍ଷରୁ ପ୍ରେସ ବିବୃତ୍ତି ଜରିଆରେ ସୂଚନା ଦେଇଛନ୍ତି।

## ପାଲାକାର ସଂଘର ବାର୍ଷିକ ସମ୍ମିଳନୀ

**ଧର୍ମଶାଳା,୨୩।୧(ସମିସ):** ଧର୍ମଶାଳା ବ୍ଲକ ଅଲୟପୁର ପଞ୍ଚାୟତ ନାଳଦେଇପୁର ଶନିଶ୍ୱର ପୀଠରେ ଜିଲ୍ଲା ଶାଖା ଶ୍ରୀଭଗନାରାୟଣ ପାଲାକାର ସଂଘର ଏକ ଦିବସୀୟ ଦୁଇଦିନିଆ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଦାଶରଥି ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉଦଘାଟକ ଭାବେ ସଂଘର ସ୍ଥାୟୀ ସଭାପତି ବଳଭଦ୍ର କୁମାର ମିଶ୍ର ଯୋଗଦେଇ ଉଦଘାଟନ କରିଥିଲେ। ଭାରତଚନ୍ଦ୍ର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫୁଲ୍ଲ ଆଚାର୍ଯ୍ୟ, ଗୟାଧର ମହାପାତ୍ର, କେଶବ ଚନ୍ଦ୍ର ବେହେରା, ପଣ୍ଡିତ ବସନ୍ତ କୁମାର ସ୍ୱାଇଁ, ଦେବେନ୍ଦ୍ର କର, ଅଜୟ କୁମାର ଦାଶ, ଧର୍ମଶାଳା ବ୍ଲକ ଅଧ୍ୟକ୍ଷା ଶୁଚିସ୍ମିତା ଦାସ ଓ ସନ୍ତୋଷ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ସଂଘର ଉପସଭାପତି ପରମାନନ୍ଦ ଘଡେଇ ମଙ୍ଗଳା ଚରଣ ପାଠ କରିଥିଲେ। ସାଂସ୍କୃତିକ ସମ୍ପାଦକ ରବି ନାରାୟଣ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର କର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପରିବେଶ ସୁରକ୍ଷା ସଚେତନତା



**ବରୀ,୨୩।୧(ସମିସ):** ଅଭିମନ୍ୟୁ ସାମନ୍ତସିଂହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଜାତୀୟ ସେବା ଯୋଜନାର ଦିଗଦର୍ଶନ କାର୍ଯ୍ୟକ୍ରମ ଓ ପରିବେଶ ସୁରକ୍ଷା ସଚେତନତା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜାତୀୟସେବା ଯୋଜନାର ରାଜ୍ୟ ସଂଯୋଜକ ଡ. ବିଶ୍ୱମୋହନ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଜାତୀୟ ସେବାଯୋଜନାର ସ୍ୱେଚ୍ଛାସେବୀ ଭାବରେ ଅଂଶଗ୍ରହଣ କରି ପାଠପଢ଼ା ସହିତ ସମାଜର ବିଭିନ୍ନ ଜନହିତକର କାର୍ଯ୍ୟରେ କିଭଳି ଯୋଗଦାନ କରି ନିଜର ବ୍ୟକ୍ତିତ୍ୱର ବିକାଶ କରିବା ସହିତ ପରିବେଶ ଯେଉଁଭଳି ଆମମାନଙ୍କର ଉପକାରରେ ଆସୁଛି ଆମେ ମଧ୍ୟ ପରିବେଶକୁ କିଭଳି ସୁରକ୍ଷିତ ରଖିବା ତାହା ଉପରେ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପିକା ସରୋଜିନୀ ପୃଷ୍ଟି, ଅଧ୍ୟାପକ ଅଜିତ୍ ଚନ୍ଦ୍ର ମହାନ୍ତି, ଅଧ୍ୟାପକ ନିମାଇଁ ଚରଣ ଲେଙ୍କା, ଅଧ୍ୟାପକ ବିକାଶ ଚନ୍ଦ୍ର ସାହୁ, ଅଧ୍ୟାପିକା ଶୁଭଶ୍ରୀ ଦାଶ, ଅଧ୍ୟାପକ ତନ୍ମୟସି ନାୟକ ପ୍ରମୁଖ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ଶିକ୍ଷା ବିଭାଗର ଅଧ୍ୟାପିକା ଶ୍ରୀମତୀ ଶୁଭଶ୍ରୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପ୍ରଦୀପ କୁମାର ମୁଦୁଲିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଞ୍ଚାଳିତ ହୋଇଥିଲା।

## ୧୬ ତମ ଜାତୀୟ ମତଦାତା ଦିବସ



**ଯାଜପୁର,୨୩।୧(ସମିସ):** ଗଣତନ୍ତ୍ରର ମୂଳ ଆଧାର ଭୋଟ ଅଧିକାର ପ୍ରତି ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ୧୬ତମ ଜାତୀୟ ମତଦାତା ଦିବସ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ଅମ୍ବର କୁମାର କର ସମସ୍ତ ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ଗଣତନ୍ତ୍ର ପ୍ରତି ନିଷ୍ଠା, ସ୍ୱଚ୍ଛ ଓ ନିର୍ଭୟ ମତଦାନ, ଏବଂ ନିର୍ବାଚନ ପ୍ରକ୍ରିୟାରେ ସକ୍ରିୟ ଭାଗିଦାରୀ ସମ୍ପର୍କିତ ଶପଥ ପାଠ କରାଇଥିଲେ। ଉକ୍ତ ଦିବସରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ଶିବାନନ୍ଦ ସ୍ୱାଇଁ, ଉପ ଜିଲ୍ଲାପାଳ, ତାପସ ରଞ୍ଜନ ଦେହୁରୀ, ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଗଣତନ୍ତ୍ର ସୁଦୃଢ଼ତା ପ୍ରତି ନିଜ ଅଙ୍ଗୀକାର ପୁନଃବ୍ୟକ୍ତ କରିଥିଲେ। ଏହି ଦିବସ ପାଳନ ମାଧ୍ୟମରେ ମତଦାନ ସଚେତନତା ବୃଦ୍ଧି ସହ ଏକ ସକ୍ରିୟ, ସମାବେଶୀ ଓ ସୁଦୃଢ଼ ଗଣତନ୍ତ୍ର ଗଢ଼ି ତୋଳିବା ପାଇଁ ସମସ୍ତଙ୍କୁ ପ୍ରେରଣା ମିଳିଥିଲା।

# ପ୍ଲାଷ୍ଟିକ ମୁକ୍ତ ବଣଭୋଜି ପାଇଁ ସଚେତନତା







**ଯାଜପୁର,୨୩।୧(ସମିସ):**

ରାଜ୍ୟ ସରକାରଙ୍କର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ଓ ଯାଜପୁର ଜିଲ୍ଲାର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ, ଜିଲ୍ଲାପରିବେଶ ସମିତି ଆନୁକୂଲ୍ୟରେ ପାଣିକୋଇଲି କେନାଲ ପାଣ୍ଡର୍ ମା' ନେକ୍ସୁଣୀ ପୀଠରେ ଓ ଧର୍ମଶାଳା ବ୍ଲକର ଗୋକର୍ଣ୍ଣେଶ୍ୱର ପୀଠରେ ପ୍ଲାଷ୍ଟିକ ମୁକ୍ତ ବଣଭୋଜି ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିବେଶ ସମିତିର ସମ୍ପାଦକ ଡ. ଶରତ କୁମାର ସାହୁ ଓ ସଭ୍ୟମାନେ, ସଚେତନ ନାଗରିକ ମଞ୍ଚ ବେଡା ମଧୁପୁରର ସମ୍ପାଦକ ଅର୍ଜୁନ ଚରଣ ସାହୁ ଓ ଅନ୍ୟାନ୍ୟ ସଭ୍ୟ ଆସାତରୁ ନାୟକ, ଶିବପ୍ରସାଦ ପଣ୍ଡା, ଜାରକା ଉଚ୍ଚ ବିଦ୍ୟା ଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ବେହେରା, ସାଗର କୁମାର ଭୋଇ ଓ ଉକ୍ତ ବିଦ୍ୟାଳୟର ଇକୋ କ୍ଲବ ଛାତ୍ରଛାତ୍ରୀ, ଧର୍ମଶାଳା ବାଣୀପୀଠର ଶିକ୍ଷକ ଅମରେଶ କୁମାର ସାହୁ ଓ ଇକୋ କ୍ଲବ ଛାତ୍ରଛାତ୍ରୀ ଧର୍ମଶାଳା ପ୍ରାଥମିକ ବିଦ୍ୟାଳୟର ଇକୋ କ୍ଲବ ଛାତ୍ରଛାତ୍ରୀ, ଇକୋ କ୍ଲବ ଶିକ୍ଷକ ସେକ୍ ସାମସୁଦ୍ଦିନ, ଜାରକା ଉଚ୍ଚ ପ୍ରଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ନାରାୟଣ ନନ୍ଦ ପ୍ରମୁଖ ଶୋଭାଯାତ୍ରାରେ ବାହାରି ପର୍ଯ୍ୟଟକ ଓ ବଣଭୋଜି ଆୟୋଜକମାନଙ୍କୁ ପ୍ଲାଷ୍ଟିକ ମୁକ୍ତ ବଣଭୋଜି ପାଇଁ ସଚେତନ କରିଥିଲେ। ସଚେତନ କରିବା ସହିତ ଉକ୍ତ ଦୁଇଟି ପିକନିକ ସ୍ଥଳରୁ କିଛି ଏକକ ବ୍ୟବହୃତ ପ୍ଲାଷ୍ଟିକ ସଫା କରିଥିଲେ। ଏହାସହିତ ଇକୋ କ୍ଲବ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉକ୍ତ ପ୍ରସଙ୍ଗ ସମ୍ପର୍କିତ ତର୍କ, କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

**ବରୀ:** ବିଶ୍ୱ ପ୍ରସିଦ୍ଧ ବୌଦ୍ଧପୀଠ ରତ୍ନଗିରିଠାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ, ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ପରିବେଶ ସମିତି ଆନୁକୂଲ୍ୟରେ ପ୍ଲାଷ୍ଟିକ୍ ମୁକ୍ତ ବଣଭୋଜି ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିକଟବର୍ତ୍ତୀ ଅଜାଣବନ ଶୋଭନୀୟ ଶିକ୍ଷାଶ୍ରମ, ମେଦୁଆକୂଳ, ମହେଶ୍ୱରମଲ୍ଲ ଉଚ୍ଚ ବିଦ୍ୟାଳୟ, ଶୁକଳ, ପଞ୍ଚାୟତହାଇ ସ୍କୁଲ, ରାମପୁର, ସାଧୁଚରଣ ବିଦ୍ୟାପୀଠ, ପଣସୁଆପଲ ଇକୋ କ୍ଲବର୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ବ୍ୟାନର, ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ସ୍ଥାନୀୟ ବାସିନ୍ଦା ଓ ବଣଭୋଜି କରିବାକୁ ଆସିଥିବା ଭ୍ରମଣକାରୀ ଓ ଅନ୍ୟ ଦେଶରୁ ଆସିଥବା ବୌଦ୍ଧ ସନ୍ନ୍ୟାସୀ ମାନଙ୍କ ମଧ୍ୟରେ ପ୍ଲାଷ୍ଟିକ ମୁକ୍ତ ବଣଭୋଜି ସଚେତନତା ସୃଷ୍ଟି କରିଥିଲେ। ପ୍ଲାଷ୍ଟିକ ବ୍ୟବହାର ବନ୍ଦକରିବା ଓ ଅନ୍ୟମାନଙ୍କୁ ବ୍ୟବହାର ନ କରାଇବାକୁ ପ୍ରବର୍ତ୍ତାଇବା ପାଇଁ ଶପଥପାଠ କରିଥିଲେ। ସଂଗୀତ ଗାନ କରି ସଚେତନତା ସୃଷ୍ଟି କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଚେତନତା ପାଇଁ ତର୍କ, ଚିତ୍ରାଙ୍କନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲାପରିବେଶ ସମିତିର ସଂପାଦକ ଡଃ ଶରତ କୁମାର ସାହୁ, ଶିକ୍ଷାଶ୍ରମର ଆଜୀବନ ସେବକ ଡଃ ନୃସିଂହ ଚରଣ ବେହେରା, ପ୍ରଧାନଶିକ୍ଷକ ସୌଭାଗ୍ୟ କୁମାର ଜେନା, ଉମାକାନ୍ତ ଦାସ, ଦୁର୍ଯ୍ୟୋଧନ ଓଝା, ଅଜୟ କୁମାର ଜେନା, ଦୁର୍ଯ୍ୟୋଧନ ଜେନା, ଶୈଳବାଳା ଜେନା, ଅହଲ୍ୟା ଦାସ, ସ୍ମିତାରାଣୀ ସାହୁ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ, ଶିକ୍ଷିକା ମାନେ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ମଣ୍ଡିରେ ଧାନ ବିକ୍ରୟ ସମସ୍ୟାକୁ ନେଇ ଦାବିପତ୍ର



**ଯାଜପୁର,୨୩।୧(ସମିସ):** ଜରି ଅଖା ପରିବର୍ତ୍ତେ ଝୋଟ ଅଖାରେ ଧାନ ମଣ୍ଡିକୁ ଆଣିବାକୁ ନେଇ ସମସ୍ୟା ଦେଖା ଦେଇଥିବାରୁ ନବଭାରତ ହିନ୍ଦୁ ସଙ୍ଗଠନ ପକ୍ଷରୁ ଗୁରୁବାର କେତେକ ଚାଷୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଧାନ ଅଦ୍ୟାବଧି ମଣ୍ଡିରେ ପହଞ୍ଚି ନଥିବା ବେଳେ ମିଲର ଝୋଟ ଅଖାରେ ଧାନ ଆଣିବାକୁ ତାଗିଦ୍ କରୁଛନ୍ତି। ଯାହାକୁ ନେଇ ଚାଷୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଚାଷୀ ଜରି ବସ୍ତାରେ ଧାନ ପୁରାଇ ସାରିଥିବା ବେଳେ ଏବେ ଝୋଟ ଅଖା କେଉଁଠୁ ଆଣିବେ ତାକୁ ନେଇ ସମସ୍ୟା ସୃଷ୍ଟି ହୋଇଛି। ବଜାରରେ ଝୋଟ ଅଖା ମିଳୁନଥିବା ବେଳେ ଯେଉଁ କେତୋଟି ଦୋକାନରେ ଝୋଟ ଅଖା ମିଳୁଛି ତାହାର ଦାମ୍ ୩୦ ଟଙ୍କା ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଚାଷୀଙ୍କ ଧାନକୁ କଟନୀ ଛଟନୀ କରିବାର ନିୟମ ନଥିବା ବେଳେ ମିଲର ଜୋର ଜବରଦସ୍ତ କଟନି କରୁଥିବା ଚାଷୀ ଅଭିଯୋଗ କରିଛନ୍ତି। ନବ ଭାରତ ହିନ୍ଦୁ ସଙ୍ଗଠନ ପକ୍ଷରୁ ସ୍ମୃତି ରଞ୍ଜନ ରାଉତରାୟ, ଅଭିନାଶ ପାତ୍ର, ଦୀନକୃଷ୍ଣ ରାଉତରାୟ, ଗୟାଧର ଦ୍ୱିବେଦୀ, ଭାଗବତ ରାଉତ, ରାଜା ଗେଡ଼ୀ, ସଞ୍ଜୟ କୁମାର ସେଠୀ ସମେତ କେତେକ ଚାଷୀ ଶୋଭାଯାତ୍ରାରେ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ଯୁଧିଷ୍ଠିର ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ବିଞ୍ଝାରପୁର ବ୍ଲକ ଅରେଇ ସେବା ସମବାୟ ସମିତି ଅଧିନ ଅରେଇ, ଘଣ୍ଟିଆଳୀ, ଚିକଣା, ଗୁହାଳୀ ସମେତ ବିଭିନ୍ନ ଅଞ୍ଚଳର ଚାଷୀ ଓ କୃଷକ ନେତାମାନେ ସମାନ ଅଭିଯୋଗ ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିଞ୍ଝାରପୁରରେ ମିଲର ୭ଧ କଟନିଛଟନି ସହ ଝୋଟ ଅଖାରେ ଧାନ ନେବା ପାଇଁ ଜିଦ୍ ଧରି ଥିବାରୁ ଏ ଯାଏ ମଣ୍ଡିରୁ ଧାନ ଉଠି ନଥିବା ବେଳେ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୃଷକ ନେତା ସରୋଜ କୁମାର ସାମଲଙ୍କ ନେତୃତ୍ୱରେ ସୂର୍ଯ୍ୟକାନ୍ତ ଦାସ, ଉପେନ୍ଦ୍ର ସାମଲ ସମେତ ବହୁ ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ କରିବା ସହିତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

● ଫେବ୍ରୁଆରୀ ୪ରେ ରାଷ୍ଟ୍ରପତିଙ୍କ ଯାଜପୁର ଗସ୍ତ

## ମା' ବିରଜାଙ୍କ ଦର୍ଶନ କରିବେ

**ଯାଜପୁର,୨୩।୧(ସମିସ):** ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫେବ୍ରୁଆରୀ ମାସରେ ପାଞ୍ଚ ଦିନିଆ ଓଡ଼ିଶା ଗସ୍ତରେ ଆସିବା ନେଇ ସୂଚନା ମିଳିଛି। ସେଥିମଧ୍ୟରୁ ଫେବ୍ରୁଆରୀ ୪ ତାରିଖରେ ଯାଜପୁର ଜିଲ୍ଲା ଗସ୍ତ କରିବେ। ଏଥିପାଇଁ ଜିଲା ପ୍ରଶାସନ, ପୁଲିସ ପ୍ରଶାସନ ମଧ୍ୟରେ ତତ୍ପରତା ଦେଖିବାକୁ ମିଳିଛି। ରାଷ୍ଟ୍ରପତି ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କୁ ଦର୍ଶନ କରିବା ସହିତ ନାଭିଗୟାରେ ପିଣ୍ଡ ପକାଇବାର କାର୍ଯ୍ୟକ୍ରମ ରହିଛି ବୋଲି ଜଣାପଡ଼ିଛି। ତେବେ ପ୍ରଥମଥର ପାଇଁ କୌଣସି ରାଷ୍ଟ୍ରପତି ମା' ବିରଜାଙ୍କ ଦର୍ଶନ ପାଇଁ ଆସୁଛନ୍ତି। ଏହି ଖବର ଜଣାପଡ଼ିବା ପରେ ଯାଜପୁର ଜିଲାରେ ଏକ ଖୁସିର ଲହରି ଖେଳିଯାଇଛି। ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ପାଇଁ ଏବେ ଠାରୁ ପ୍ରସ୍ତୁତି ଆରମ୍ଭ କରାଯାଇଥିବା ଦେଖିବାକୁ ମିଳିଛି।

## ବାଇକ୍ ଚୋରି ଅଭିଯୋଗରେ ଯୁବକ ଗିରଫ

**ଯାଜପୁର,୨୩।୧(ସମିସ):** ବାଇକ୍ ଚୋରି ଅଭିଯୋଗରେ ଯାଜପୁର ଟାଉନ ପୁଲିସ ଭଦ୍ରକ ଜିଲ୍ଲା ଧାମନଗର ଥାନା ଅନ୍ତର୍ଗତ ଷେଣ୍ଢପୁର ଗ୍ରାମର ବିଜୟ କୁମାର ଦାସଙ୍କ ପୁଅ ରାଜା ଓରଫ ବିକ୍ରମ ଦାସ(୨୫)କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ଘଟଣାର ବିବରଣୀରୁ ପ୍ରକାଶ ଗତ ୧୨ ତାରିଖରେ ଧର୍ମଶାଳା ଅଞ୍ଚଳର ସନ୍ତୋଷ କୁମାର ମଲ୍ଲିକ ପତ୍ନୀଙ୍କ ଦେହ ଅସୁସ୍ଥ ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ଆସିଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କ ବାଇକଟିକୁ ମେଡ଼ିକାଲ ପରିସରରୁ ଚୋରି ନେଇ ଯାଇଥିଲେ। ଏ ନେଇ ସନ୍ତୋଷ ଗତ ୨୧ ତାରିଖ ବୁଧବାର ଦିନ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ପୁଲିସ କେଶ ନଂ.୩୧/୨୬, ଦଫା ୩୦୩(୨) ବିଏନ୍ଏସ୍‌ରେ ଏକ ମାମଲା ରୁଜୁ କରି ଏସ୍ଆଇ ମହେନ୍ଦ୍ର କୁମାର ସେଠୀ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଗୁରୁବାର ଅଭିଯୁକ୍ତ ରାଜା ଓରଫ ବିକ୍ରମ ଦାସକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

## ତାରିଣୀ ଯଜ୍ଞ ଉଦ୍‌ଯାପିତ



**ପାଣିକୋଇଲି,୨୨।୧(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତସ୍ଥିତ କ୍ଷରୋ ସରସଦା ଗ୍ରାମରେ ମା' ତାରିଣୀ ଯଜ୍ଞ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ତିନିଦିନ ଧରି ପାଳିତ ହୋଇଥିବା ବେଳେ କମିଟିର ମୁଖ୍ୟ ରାଧାକାନ୍ତ ବେହେରା, ହେମନ୍ତ ନାୟକ, ସଞ୍ଜୀବ ନାୟକ, ଭାସ୍କର ବେହେରା, ଶ୍ୟାମ ସୁନ୍ଦର ବାଣ୍ଠ, ଶ୍ରୀକାନ୍ତ ବାଣ୍ଠ, ବାବାଜୀ ମହାରଣା, ଲମ୍ବୋଦର ନାୟକ, ଗଣେଶ ଦାସ, ପ୍ରଫୁଲ୍ଲ ନାୟକ ପ୍ରମୁଖ ଗ୍ରାମାବସୀଙ୍କ ସହଯୋଗରେ କାର୍ଯ୍ୟଭାର ତୁଲାଇଥିଲେ। ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟେଜନ କରାଯାଇଥିଲା। ଶେଷରେ ଅପେରା କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ଆୟୋଜିତ ଉଦଯାପନୀ ସଭା ଓ ସମ୍ବର୍ଦ୍ଧନା ସଭା କରାଯାଇଥିଲା। ପାଣିକୋଇଲି ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି, ବରିଷ୍ଠ ସାମ୍ବାଦିକ ସୁବାସ ଧଳ, ଯୁବନେତା ପ୍ରକାଶ ଧଳ, ପୂର୍ଣ୍ଣଚନ୍ଦ୍ର ଦାସ, ଯୁବ ସମ୍ବାଦିକ ପ୍ରଦୀପ ମାଝୀ, ତୁଷାର ବେଉରା, ଭାସ୍କର ସାହୁ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।

## ଧର୍ମଶାଳା ଓ ରଶୁଲପୁର ବ୍ଲକ କଂଗ୍ରେସ ସଭାପତି

**ଧର୍ମଶାଳା/କୁଆଖିଆ,୨୩।୧(ସମିସ):** ଯାଜପୁର ଜିଲ୍ଲାର ବିଭିନ୍ନ ବ୍ଲକରେ ନୂତନ ସଭାପତିମାନଙ୍କ ନାମକୁ ଆଜି ଜିଲ୍ଲା ସଭାପତି ଘୋଷଣା କରିଛନ୍ତି। ଏଥିରେ ଧର୍ମଶାଳା ବ୍ଲକରୁ ସଞ୍ଜୟ କୁମାର ରାଉତ ଓ ରଶୁଲପୁର ବ୍ଲକରୁ ମିହିର ମିଶ୍ରଙ୍କ ନାମ ଘୋଷଣା କରାଯାଇଛି। ସଞ୍ଜୟ ରାଉତ ବିଗତ ଦିନରେ ଧର୍ମଶାଳା ବ୍ଲକ ଯୁବ ସଭାପତି ଭାବରେ କାର୍ଯ୍ୟକରି ଦଳର ସଙ୍ଗଠନକୁ ତୃଣମୂଳ ସ୍ତରରେ ମଜବୁତ କରିବାରେ ସକ୍ଷମ ହୋଇପାରିଛନ୍ତି। ମିହିର ମିଶ୍ର ବିଗତ ଦିନରେ ବଡକଇଁଚି ସରପଞ୍ଚ ଭାବେ ଏବଂ ରସୁଲପୁର ବ୍ଲକ କଂଗ୍ରେସ କମିଟି ସଭାପତି ଭାବରେ କାର୍ଯ୍ୟକରିଆସିଛନ୍ତି।

## ଶିକ୍ଷାବିତଙ୍କ ସ୍ମୃତିଚାରଣ ସଭା

**ସିଂହପୁର,୨୩।୧(ସମିସ):** ନିଖିଳ ଉତ୍କଳ ପ୍ରାଥମିକ ସଂଘର ପୂର୍ବତନ ମହାସଚିବ ସଚ୍ଚିଦାନନ୍ଦ ରାଉତଙ୍କ ଦେହାନ୍ତରେ ସିଂହପୁରଠାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ନିତ୍ୟାନନ୍ଦ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିରଞ୍ଜନ ଦାସ, ଅକ୍ଷୟ କୁମାର ସାମଲ, ମେଘନାଥ ମହାଳିକ, ଶରତ ଚନ୍ଦ୍ର ମିଶ୍ର, କୁଶଚନ୍ଦ୍ର ସାମଲ, ଅମିୟ କୁମାର ବିଶ୍ୱାଳ, ଅଭୟ କୁମାର ବିଶ୍ୱାଳ, ଅମ୍ବୁଜ କୁମାର ଦାସ, ଚନ୍ଦ୍ରଶେଖର ନାୟକ, କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ।

## ଫାଇଲେରିଆ ନିରାକରଣ ସମନ୍ୱୟ ବୈଠକ

**ଯାଜପୁର,୨୩।୧(ସମିସ):** ଫାଇଲେରିଆ ରୋଗ ନିରାକରଣ ପାଇଁ ଦ୍ୱିତୀୟ ଜିଲ୍ଲା ସମନ୍ୱୟ ବୈଠକ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରାରମ୍ଭିକ ସ୍ୱାଗତ ଭାଷଣ କରିଥିଲେ। ପରେ ଡା. ରଶ୍ମିରଞ୍ଜନ ସାହୁ ଏହି ବୈଠକର ଉଦ୍ଦେଶ୍ୟ ଏବଂ ଜିଲ୍ଲାରୁ ଫାଇଲେରିଆ ରୋଗ ନିରାକରଣ ନିମନ୍ତେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର କ୍ଷେତ୍ରୀୟ ସମ୍ପାଦକ ଡା. ନିଶିଥ ରଞ୍ଜନ ପାଢ଼ୀ ପାୱାର ପଏଣ୍ଟ ଜରିଆରେ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଜିଲ୍ଲାର ରସୁଲପୁର ବ୍ଲକରେ ଫାଇଲେରିଆ ରୋଗ ନିରାକରଣ ପାଇଁ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଆସନ୍ତା ଫେବୃୟାରୀ ୧୦ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମୟ ମଧ୍ୟରେ ଆଶା, ଅଙ୍ଗନୱାଡି କର୍ମୀ ଓ ସ୍ୱେଚ୍ଛାସେବୀ ମାନେ ଘରକୁ ଘର ବୁଲି ଏହି ଔଷଧ ସେବନ କରାଇବେ। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ୬୬୬ ଜଣ ତାଲିମ ପ୍ରାପ୍ତ ଔଷଧ ସେବନକାରୀ ୬୬ ଜଣ ପରିଦର୍ଶକ ଏବଂ ୫ ଗୋଟି ତୁରନ୍ତ ସେବା ପ୍ରଦାନକାରୀ ଟିମ୍‌ଙ୍କୁ ନିୟୋଜିତ କରାଯାଇଛି। ରସୁଲପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମକୁ ସଫଳ କରାଇବା ପାଇଁ ସମସ୍ତ ସରପଞ୍ଚମାନଙ୍କୁ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ମଧ୍ୟ ସଚେତନ କରାଯାଇଛି। ଜିଲ୍ଲାପାଳ ଶ୍ରୀ କର ଏହି କାର୍ଯ୍ୟକ୍ରମକୁ ଯେପରି ସଫଳ ରୂପାୟନ ହେବ ସେଥିପାଇଁ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବ୍ଲକ୍ ସ୍ତରୀୟ ଅଧିକାରୀ, ମହାରାଜା ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟର ବରିଷ୍ଠ ଅଧିକାରୀଗଣ ଅଂଶଗ୍ରହଣ କରି ସେମାନଙ୍କ ମତାମତ ପ୍ରଦାନ କରିଥିଲେ। ଶେଷରେ ବଳଦେବ ନନ୍ଦ, ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଶିଶୁ ବିଦ୍ୟାମନ୍ଦିରର ମେଧାବୀ ବୃତ୍ତି ସଫଳତା

**ବ୍ୟାସନଗର,୨୩।୧(ସମିସ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବ୍ୟାସନଗର ପ୍ରତ୍ୟେକ ବର୍ଷ ତୃତୀୟ, ପଞ୍ଚମ, ଓ ନବମ ଶ୍ରେଣୀର ମେଧାବୀ ବୃତ୍ତି ପରୀକ୍ଷାରେ କ୍ରମାଗତ ଭାବେ ସଫଳତା ହାସଲ କରି ଆସୁଅଛି। ଛାତ୍ରଛାତ୍ରୀଙ୍କର ନିଷ୍ଠା, ପରିଶ୍ରମ ଓ ଗୁରୁଜୀ, ଗୁରୁମା ମାନଙ୍କର ସଠିକ ମାର୍ଗଦର୍ଶନ ଫଳରେ ଏହା ସମ୍ଭବ ହେଉଛି ବୋଲି ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ବିଦ୍ୟାଳୟର ସମ୍ପାଦକ ଶ୍ରୀଯୁକ୍ତ ରଜତ କୁମାର ରାଉତ ସଫଳ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତରେ ଆହୁରି ଉନ୍ନତି କରିବାକୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଉପଲବ୍ଧ ଅନ୍ୟ ଛାତ୍ରଛାତ୍ରୀମାନଙ୍କୁ ଅଧ୍ୟୟନ ପ୍ରତି ଅଧିକ ଉତ୍ସାହିତ କରିବ ବୋଲି ଶିକ୍ଷାନୁରାଗୀ ମାନେ ଆଶା ପ୍ରକାଶ କରିଛନ୍ତି। ଶିକ୍ଷାବର୍ଷ ୨୦୨୪-୨୫ର ତୃତୀୟ ଶ୍ରେଣୀ ବୃତ୍ତିରେ ପ୍ରଥମ ସ୍ଥାନ ସାଇପ୍ରକାଶ ସାହୁ, ପଞ୍ଚମ ସ୍ଥାନ ସଞ୍ଜନ ଅରୁଲ ଜେନା ଓ ଷଷ୍ଠ ସ୍ଥାନ ନିହାରିକା ବେହେରା ଅଧିକାର କରିଛନ୍ତି। ପଞ୍ଚମ ଶ୍ରେଣୀ ବୃତ୍ତିରେ ସାହିଲ କୁମାର ସାହୁ ପ୍ରଥମ ସ୍ଥାନ, ପ୍ରିୟାଂଶୁ ସାହୁ ତୃତୀୟ ସ୍ଥାନ ଓ ପ୍ରତିଭା ସ୍ୱାଇଁ ପଞ୍ଚମ ସ୍ଥାନରେ ସଫଳ ହୋଇଛନ୍ତି। ୨୦୨୩-୨୪ ଶିକ୍ଷା ବର୍ଷରେ ଆଦିତ୍ୟ ମହାପାତ୍ର ଓ ଅଲକ ନନ୍ଦା ସାହୁ(ଷଷ୍ଠ ଶ୍ରେଣୀ), ୨୦୨୩-୨୪ ଶିକ୍ଷା ବର୍ଷରେ ନବମ ଶ୍ରେଣୀ ର ଛାତ୍ରୀ ଶୁଭଶ୍ରୀ ବେହେରା ଓ ସୁଶ୍ରୀ ସଂଗୀତା ସାହୁ ଏବଂ ୨୦୨୪-୨୫ ଶିକ୍ଷା ବର୍ଷରେ ନବମ ଶ୍ରେଣୀ ର ରୁଦ୍ରପ୍ରତାପ ସାହୁ, ପ୍ରୀତିନନ୍ଦା ପୃଷ୍ଟି, ଶାଶ୍ୱତୀ ସ୍ୱାଇଁ ଓ ଆୟୁଷ କୁମାର ସାହୁ ପଠାଣି ସାମନ୍ତ ମେଧା ବୃତ୍ତି ଅର୍ଜନ କରି ବିଦ୍ୟାଳୟର ତଥା ସ୍ଥାନୀୟ ଅଞ୍ଚଳର ଗୌରବ ବୃଦ୍ଧି କରିଛନ୍ତି।

## ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

**ସୁକିନ୍ଦା,୨୩।୧(ସମିସ):** କଳିଙ୍ଗନଗର ଥାନା ଡୁବୁରୀ କପିଳେଶ୍ୱର ପେଟ୍ରୋଲ ପମ୍ପ ନିକଟରେ ଏକ ବାଇକ ଦୁର୍ଘଟଣାରେ ଧିରଜ ଲାଗୁରୀ(୩୫)ନାମକ ଯୁବକ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ଆହତ ଯୁବକ ଦାନଗଦି ବ୍ଲକ ଅନ୍ତର୍ଗତ ନଡ଼ିଆଭଙ୍ଗା ଗ୍ରାମ ପଞ୍ଚାୟତ ଜାମୁପଶି ଗ୍ରାମ ଧିରଜ ଲାଗୁରୀ। ଧୀରଜ ଗୁରୁବାର ସନ୍ଧ୍ୟାରେ ଘରକୁ ଫେରୁଥିବା ସମୟରେ ଦୁର୍ଘଟଣାର ଶୀକାର ହୋଇ ଗୁରୁତର ଆହତ ହୋଇଥିଲେ। ଏହି ଦୁର୍ଘଟଣାରେ ଧିରଜ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସୂଚନା ପାଇ କଳିଙ୍ଗନଗର ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତ ଧିରଜକୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

# ଭୋଜି ଭାତରେ ସରିଲା ଜଳ ବିଭାଜିକ ପ୍ରକଳ୍ପ ମହୋତ୍ସବ

**କବାଟବନ୍ଧ,୨୨।୧(ସମିସ):**

ବ୍ୟାପକ ଦୁର୍ନୀତିରେ ବୁଡ଼ି ରହିଥିବା ଧର୍ମଶାଳା ଜଳ ବିଭାଜିକା ପ୍ରକଳ୍ପର ଏକ ମହୋତ୍ସବ ହିତାଧିକାରୀଙ୍କ ଅଜାଣତରେ ଏବଂ ଅନୁପସ୍ଥିତରେ କେବଳ କେତେ ଜଣ ମୁଷ୍ଟିମେୟ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତରେ ସମ୍ପନ୍ନ ହୋଇଛି। ନୂଆବର୍ଷର ଭୋଜିଭାତ ଭଳି ଏହି ମହୋତ୍ସବ ଜଳ ବିଭାଜିକା ପ୍ରକଳ୍ପର ଅଧିକାରୀମାନେ ପାଳନ କରିଥିବା ଦେଖିବାକୁ ମିଳିଛି। ଧର୍ମଶାଳାରେ ଜଳ ବିଭାଜିକା କାର୍ଯ୍ୟର ସ୍ଥିତି ଅତ୍ୟନ୍ତ ନିମ୍ନମାନର ହୋଇଥିବା ବେଳେ ବିଭାଗୀୟ ଅଧିକାରୀମାନେ ଜଳ ବିଭାଜିକା ଅର୍ଥକୁ କାଗଜପତ୍ର କରି ବଣ୍ଟା ବଣ୍ଟି କରିବା ସହ ଭୋଜିଭାତରେ ଖର୍ଚ୍ଚ କରୁଥିବା ଦେଖିବାକୁ ମିଳୁଛି। ଜଳ ବିଭାଜିକାର ମୁଖ୍ୟ ଲକ୍ଷ ଚାଷୀଙ୍କ ପାଇଁ ଜଳ ଅମଳ ପ୍ରକଳ୍ପ ତିଆରି କରିବା। ମାତ୍ର ଅଧିକାରୀମାନେ ଏହାକୁ ନକରି ସିଂହ ଭାଗ ଅର୍ଥକୁ ନିଜ ଅନ୍ୟାନ୍ୟ ଉପାୟରେ ଖର୍ଚ୍ଚ କରୁଥିବା ଦେଖିବାକୁ ମିଳୁଛି। ଏପରି ପରିସ୍ଥିତିରେ ଚାଷୀମାନଙ୍କୁ ନ ଜଣାଇ କାହାକୁ ସଚେତନ କରିବା ପାଇଁ ବିଭାଗୀୟ ଅଧିକାରୀ ମାନେ ମଙ୍ଗଳବାର ଚକ୍ରଧରପୁର ପଞ୍ଚାୟତର କୁସୁନପୁର ଠାରେ ଏକତ୍ରିତ ହୋଇଥିଲେ। କେହି କେହି ଏହାକୁ ନୂଆ ବର୍ଷର ଭୋଜି ଆଖ୍ୟା ଦେଉଥିବା ବେଳେ ସେଠାରେ ଉପସ୍ଥିତ ଥିବା ଅଧିକାରୀମାନେ କିନ୍ତୁ ସଚେତନତା ସଭା ବୋଲି ସଫେଇ ଦେଉଛନ୍ତି। ବାସ୍ତବରେ ସେଠାରେ କେହି ହିତାଧିକାରୀ ଉପସ୍ଥିତ ନ ଥିଲେ। ପୂର୍ବରୁ ମଧ୍ୟ କାହାକୁ ଏ ବିଷୟରେ ଜଣା ଯାଇ ନ ଥିଲା। ହଠାତ ଏଭଳି ଏକ ବୈଠକକୁ ସାଧାରଣରେ ଗ୍ରହଣ କରାଯାଇ ପାରୁନାହିଁ। ତେବେ ପ୍ରଶ୍ନ ଉଠୁଛି ଏଭଳି ମିଛ ସଚେତନତା ସଭା କରି ଜଳ ବିଭାଜିକା ପ୍ରକଳ୍ପ ଅର୍ଥକୁ ଖର୍ଚ୍ଚ କରି ବିଭାଗୀୟ ଅଧିକାରୀମାନେ ନିଜ ଦାୟିତ୍ୱ ସାରି ଦେବେ ନାହିଁ ତ ବୋଲି ପ୍ରଶ୍ନ ଉଠୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଧର୍ମଶାଳା ବ୍ଲକରେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା-୨.୦ କାର୍ଯ୍ୟକାରୀ ସମୟରେ ବ୍ୟାପକ ଦୁର୍ନୀତି ପଦାକୁ ଆସିଥିଲା। ବିଭାଗୀୟ ତଦନ୍ତ ମଧ୍ୟ ହୋଇଥିଲା। ମାତ୍ର ଉକ୍ତ ତଦନ୍ତକୁ ସାମନା କରି ନ ପାରି ବିଭାଗୀୟ ଅଧିକାରୀ ମାନେ କରିଥିବା ଦୁର୍ନୀତିକୁ ଘୋଡ଼ାଇବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଘୋଡ଼ାଇ ପାରିନାହାଁନ୍ତି। ଲୁଚିଛି ନା ଗୋଡ଼ ଦୁଇଟା ଦିଶୁଛି ଭଳି ତାଙ୍କ ଦ୍ୱାରା ହୋଇଥିବା ଦୁର୍ନୀତି ଜଳ ଜଳ କରି ଦେଖାଯାଉଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି। ଏଥିରେ ସମାଜସେବୀ ମିନତୀ ସାହୁଙ୍କ ସହ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ, ଉଦ୍ୟାନ କୃଷି ବିଭାଗ କର୍ମଚାରୀ, ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀ, ପ୍ରାଣୀ ଏବଂ ମତ୍ସ୍ୟ ସମ୍ପଦ ବିଭାଗ ଅଧିକାରିଣୀ, ସମେତ ଅନ୍ୟାନ୍ୟ କୃଷି ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଏକ୍ସପାରି ପ୍ୟାକେଟ ଖାଦ୍ୟ ଖାଇ ଛାତ୍ର ଗୁରୁତର

**ଦଶରଥପୁର,୨୩।୧(ସମିସ):** ଜଣେ ନାବାଳକ ସ୍କୁଲ ଛାତ୍ର ଏକ୍ସପ୍ୟାରି ପ୍ୟାକେଟ ଭର୍ତ୍ତି ଖାଦ୍ୟ ଖାଇ ଗୁରୁତର ଅସୁସ୍ଥ ହୋଇପଡିଛି। ଜୈନିକ ବ୍ୟବସାୟୀ ଏକ୍ସପାରି ପ୍ୟାକେଟ ଖାଦ୍ୟ ବିକ୍ରି କରି ନାବାଳକ ଛାତ୍ରକୁ ଗୁରୁତର ଅସୁସ୍ଥ କରିଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଦଶରଥପୁର ବ୍ଲକ ଅକରପଡା ଅଞ୍ଚଳରେ ଥିବା ଗୋପୀନାଥଜୀୟୁ ନୋଡାଲ ବିଦ୍ୟାଳୟର ୩ୟ ଶ୍ରେଣୀର ନାବାଳକ ଛାତ୍ର ରୁଦ୍ର ମଲ୍ଲିକ ଆଜି ଖେଳଛୁଟି ସମୟରେ ବିଦ୍ୟାଳୟ ନିକଟରେ ସ୍ଥାନୀୟ ଅଞ୍ଚଳର ତ୍ରିଲୋଚନ ମହାଳିକଙ୍କ ଦୋକାନରୁ ଏକ ପ୍ୟାକେଟ ଖାଦ୍ୟ କିଣି ଖାଇଥିଲେ। କିଛି ସମୟ ମଧ୍ୟରେ ଉକ୍ତ ନାବାଳକ ଛାତ୍ରର ପ୍ରବଳ ବାନ୍ତି ହେବା ସହିତ ସେ ଗୁରୁତର ଅସୁସ୍ଥ ହୋଇ ଚେତାଶୂନ୍ୟ ହୋଇପଡ଼ିଥିଲା। ଖବର ପାଇ ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ଖୋଳତାଡ଼ କରିବାରୁ ଛାତ୍ର ଜଣକ ଏକ୍ସପାରି ପ୍ୟାକେଟ ଭର୍ତ୍ତି ଖାଦ୍ୟ ଖାଇଥିବା ଜଣାପଡିଥିଲା। ଯାହାକୁ ନେଇ ସମ୍ପୃକ୍ତ ଦୋକାନ ସମୁଖରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଟାଉନ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପରିବାର ଲୋକେ ଗୁରୁତର ଅସୁସ୍ଥ ନାବାଳକ ଛାତ୍ରକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିବା ସହିତ ଘଟଣା ସମ୍ପର୍କରେ ଦୋକାନୀ ଜ୍ୟୋତିରଞ୍ଜନଙ୍କ ବିରୁଦ୍ଧରେ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# ନାଚ ଗୀତରେ 'ଉତ୍ସବ ପ୍ରଧାନପାଟ-୨୦୨୬' ଉଦ୍‌ଯାପିତ

## ମହୋତ୍ସବ ପାଳନରେ ଦେବଗଡ଼ ଜିଲ୍ଲା ସର୍ବୋତ୍ତମ-ମନ୍ତ୍ରୀ ଶ୍ରୀ ପୂଜାରୀ





**ଦେବଗଡ଼, ୨୨।୧(ସମିସ)**

ଦେବଗଡ଼ ଜିଲ୍ଲା ପ୍ରଶାସନ, ସଂସ୍କୃତି ବିଭାଗ ଓ ଓର୍‌ମାସ୍‌ର ମିଳିତ ଆନୁକୂଲ୍ୟରେ ଗତ ରବିବାର ଠାରୁ ଆରମ୍ଭ ହୋଇଥିବା ଜିଲ୍ଲା ମହୋତ୍ସବ 'ଉତ୍ସବ ପ୍ରଧାନପାଟ-୨୦୨୬' ଗୁରୁବାର ଉଦ୍‌ଯାପିତ ହୋଇଛି। ପ୍ରଧାନପାଟ ଜଳ ପ୍ରପାତ ନିକଟସ୍ଥ ବଡବଗିଚା ପଡ଼ିଆ ଠାରେ ନିର୍ମିତ ମୁକ୍ତାକାଶ ରଙ୍ଗମଞ୍ଚରେ ଦେବଗଡ଼ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇଥିଲେ। ମନ୍ତ୍ରୀ ଉତ୍ସବର ପଞ୍ଚମ ତଥା ଉଦ୍‌ଯାପନୀ ସନ୍ଧ୍ୟାର କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ମହୋତ୍ସବ ପାଳନରେ ଦେବଗଡ଼ ଜିଲ୍ଲା ସର୍ବୋତ୍ତମ ବୋଲି ପ୍ରକାଶ କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ। ସଭାକୁ ଉପସ୍ଥାପିକା ଭାବେ ରାଉରକେଲାର ମୋନାଲିଶା ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ସୁଶୀଳ କର, ଅଙ୍ଗନବାଡି କର୍ମୀ ରାଜୀପ୍ତା ବିଶ୍ୱାଳ ଓ ନାଟ୍ୟକଳା ନିମନ୍ତେ ହିତେଶ ଭଞ୍ଜଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମୁଖ୍ୟ ଅତିଥିଙ୍କ ଦ୍ୱାରା ଉତ୍ସବ ପ୍ରଧାନପାଟ -୨୦୨୬ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଆଜିର କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଦେବଗଡ଼ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧିରଜ ଚୋପଦାର, ଉପଜିଲ୍ଲାପାଳ ପରକ୍ଷୀତ ସାହୁ, ଜିଲ୍ଲା ସଂସ୍କୃତି ପରିଷଦର ସଂଯୋଜକ ଦିଲ୍ଲିପ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ଆଜି ସନ୍ଧ୍ୟାରେ ଦେବଗଡ଼ର ନୃତ୍ୟଦଳ ଦ୍ୱାରା ଲୋକନୃତ୍ୟ ଓ କାଶ୍ମୀରର କାଶ୍ମୀର ଦଳ ଦ୍ୱାରା କାଶ୍ମୀରୀ ଲୋକନୃତ୍ୟ ପରିବେଷିତ ହୋଇଥିଲା। ଶେଷରେ ଓଡ଼ିଶାର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଆଶିଷ କୁମ୍ଭାର ଓ ସାଥୀଙ୍କ ଦ୍ୱାରା ପରିବେଷିତ ଅର୍କେଷ୍ଟ୍ରାର ତାଳେ ତାଳେ ଦର୍ଶକ ମାନେ ଝୁମି ଉଠିବା ସହିତ 'ଉତ୍ସବ ପ୍ରଧାନପାଟ-୨୦୨୬'କୁ ବିଦାୟ ଦେଇଥିଲେ।

## ସ୍କୁଲରେ ଶିକ୍ଷକ ନିଯୁକ୍ତି ଦାବି

# ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରଉ



**ରିଆମାଳ, ୨୨।୧(ସମିସ):** ରିଆମାଳ ବ୍ଲକ ଅଧୀନ ଘମମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ନେଇ ସ୍କୁଲ୍ ପରିଚାଳନା କମିଟି ସଭାପତି, ସଦସ୍ୟ ଏବଂ ଛାତ୍ରଛାତ୍ରୀ ଗୁରୁବାର ରିଆମାଳ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଘେରଉ କରିଥିବା ଦେଖିବାକୁ ମିଳିଛି। ସୋମବାର ସ୍କୁଲ ପରିଚାଳନା କମିଟିର ସଭାପତି ହରିହର କିଷାନ ଓ ପରିଚାଳନା କମିଟି ସଦସ୍ୟ ମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇଥିଲେ। ଘଟଣା ପରେ ସଙ୍ଗେ ସଙ୍ଗେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବନିତା ବେହେରା ଓ ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ବସନ୍ତ ବେହେରା ବିଦ୍ୟାଳୟରେ ପହଞ୍ଚି ଆଲୋଚନା କରିଥିଲେ। ମାତ୍ର ଆଲୋଚନା ବିଫଳ ହୋଇଥିଲା। ଯେପର୍ଯ୍ୟନ୍ତ ବିଦ୍ୟାଳୟରେ ଆଉ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବା ନାହିଁ, ସେବେ ଯାଏଁ ବିଦ୍ୟାଳୟ ଫାଟକରେ ତାଲା ପଡ଼ିରହିବ ବୋଲି ସ୍କୁଲ ପରିଚାଳନା କମିଟି ସଦସ୍ୟ ମାନେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ସ୍ପଷ୍ଟ କରି ଦେଇଥିଲେ। ପୁନର୍ବାର ଆଜି ସ୍କୁଲ ପରିଚାଳନା କମିଟି ସଦସ୍ୟ ମାନେ ଛାତ୍ରଛାତ୍ରୀଙ୍କୁ ଧରି ରିଆମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟକୁ ଘେରଉ କରିଥିଲେ। ପରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କାଲୋ ସ୍କୁଲ ପରିଚାଳନା କମିଟି ସଭାପତିଙ୍କ ସହିତ ଆଲୋଚନା କରି, ସଙ୍ଗେ ସଙ୍ଗେ ଉକ୍ତ ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କୁ ଅବସ୍ଥାପିତ କରାଇବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ନିଖୋଜ ୪ ସ୍କୁଲ ଛାତ୍ର ଉଦ୍ଧାର

**ଦେବଗଡ଼, ୨୨।୧(ସମିସ):** ରିଆମାଳ ଥାନା ଟିଙ୍କବୀର ଗାଁରେ ଘରୁ ଖେଳିବାକୁ ଯାଇ ନିଖୋଜ ଥିବା ୪ ନାବାଳକ ଛାତ୍ରଙ୍କୁ ଗୁରୁବାର ଗ୍ରାମବାସୀ ନିକଟସ୍ଥ ପାହାଡ ଉପରେ ଥିବା ଏକ ବୁଦା ମୂଳରୁ ଉଦ୍ଧାର କରିଛନ୍ତି। ଉଦ୍ଧାର ଛାତ୍ର ମାନେ ହେଲେ ପଞ୍ଚମ ଶ୍ରେଣୀ ଛାତ୍ର ସତ୍ୟସାଇ ପ୍ରଧାନ, ପ୍ରିୟମ ପ୍ରଧାନ, ପାର୍ଥ ପ୍ରଧାନ ଓ ତୃତୀୟ ଶ୍ରେଣୀ ଛାତ୍ର ଆରଟିନ ମାଝୀ। ଗତକାଲି ସମସ୍ତେ ସ୍କୁଲରୁ ଫେରି ଗାଁ ପଡ଼ିଆରେ କ୍ରିକେଟ ଖେଳ ପାଇଁ ଯାଇ ଫେରି ନ ଥିବାରୁ ଗାଁରେ ହଇଚଇ ସୃଷ୍ଟି ହୋଇଥିଲା। ନିଖୋଜ



ଛାତ୍ର ମାନଙ୍କ ସମ୍ପର୍କିତ ଖବର ବିଭିନ୍ନ ସୋସିଆଲ ମିଡିଆରେ ପ୍ରଚାର ହେବା ଦେଖି ପୁଲିସ ଅପହରଣ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଦେବଗଡ଼ ଏସଡିପିଓ ରମେଶ ମାହାନା, କୁଣ୍ଢେଇଗୋଲା ଥାନା ଅଧିକାରୀ ଜୋହାନ କୁଜୁରଙ୍କ ସମେତ ରିଆମାଳ ଥାନାର ସମସ୍ତ ଅଧିକାରୀ ପରିବାର ଲୋକଙ୍କ ସହ ସାରା ରାତି ଭିନ୍ନଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ନିଖୋଜ ଛାତ୍ରଙ୍କ ପତ୍ତା ମିଳିପାରି ନଥିଲା। ଆଜି ସକାଳୁ ପୁଣି ଥରେ ଖୋଜା ଖୋଜି ଆରମ୍ଭ ହୋଇଥିଲା। ଗାଁ ମୁଣ୍ଡରେ ଥିବା ବାନା ପାହାଡ ଉପରେ ଥିବା ଏକ ବୁଦା ମୂଳେ ନିଖୋଜ ୪ ନାବାଳକ ବସିଥିବା ଦେଖି ଗ୍ରାମବାସୀ ସେମାନଙ୍କୁ ସେଠାରୁ ଉଦ୍ଧାରକରି ଗାଁକୁ ଆଣିଥିଲେ। ଛାତ୍ରଙ୍କ ଉଦ୍ଧାର ଖବର ଗାଁରେ ଜଣାପଡ଼ିବା ପେର ଗ୍ରାମବାସୀ, ପରିବାର ଓ ପୁଲିସ ଆଶ୍ୱସ୍ତ ହୋଇଥିଲେ। ପରେ ରିଆମାଳ ଥାନା ପୁଲିସ ଉଦ୍ଧାର ନାବାଳକ ଛାତ୍ରଙ୍କୁ ନିଜ ହେପାଜତରେ ପରିବାର ଲୋକଙ୍କ ସହ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନେବା ସହ ସେଠାରୁ ଉଦ୍ଧାର ଛାତ୍ରଙ୍କ ବୟାନ ରେକର୍ଡ ପାଇଁ ରିଆମାଳ ଜେଏମଏଫସି କୋର୍ଟରେ ହାଜର କରାଇଥିଲେ। ତେବେ କେଉଁ ପରିସ୍ଥିତିରେ ପିଲାମାନେ ଶୀତ ରାତିରେ ରାତିସାରା ଜଙ୍ଗଲରେ ରହିଲେ ସେ ନେଇ କୌଣସି ନିର୍ଦ୍ଦିଷ୍ଟ ସୂଚନା ମିଳିପାରି ନାହିଁ।

# ଜିଏମ୍‌ୟୁରେ 'ଭାରତର ଜଳ ଶାସନ ବ୍ୟବସ୍ଥା' ଉପରେ ଜାତୀୟ କର୍ମଶାଳା

**ସମ୍ବଲପୁର, ୨୨।୧(ସମିସ):** ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ) ରେ ରାଜନୀତି ବିଜ୍ଞାନ ଓ ଅର୍ଥନୀତି ବିଭାଗ ଅଧୀନ ଦୀନଦୟାଲ ଉପାଧ୍ୟାୟ ସେଣ୍ଟର ଫର୍ ପବ୍ଲିକ ପଲିସି ଏଣ୍ଡ ଗଭର୍ନାନ୍ସ ପକ୍ଷରୁ 'ଭାରତର ଜଳ ଶାସନ ବ୍ୟବସ୍ଥା' ଶୀର୍ଷକରେ ଜାତୀୟସ୍ତରୀୟ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଛି। କୁଳପତି ପ୍ରଫେସର ସୁଶାନ୍ତ

## ନଦୀ ବଞ୍ଚାଇବା ଅର୍ଥ ଜୀବନ ବଞ୍ଚାଇବା

କୁମାର ଦାସଙ୍କ ଦ୍ୱାରା ଉଦ୍‌ଘାଟିତ କର୍ମଶାଳାରେ ମୁଖ୍ୟଅତିଥି ଏବଂ ବକ୍ତା ଭାବେ ପ୍ରଫେସର ପ୍ରଳୟ କାନୁଙ୍ଗୋ, ପୂର୍ବତନ ପ୍ରଫେସର, ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ, ଦିଲ୍ଲୀ ଏବଂ ପ୍ରଫେସର ପିଟର୍ ଡି'ସୋଉଜା, ପୂର୍ବତନ ନିର୍ଦ୍ଦେଶକ, ଆଇଆଇଏସ, ଶିମଳା ଯୋଗଦେଇଥିଲେ। ପ୍ରଫେସର୍ ପ୍ରଳୟ କାନୁଙ୍ଗୋ କହିଥିଲେ, ନଦୀ ମାନବ ସଭ୍ୟତାର ଜନ୍ମଦାତ୍ରୀ, ଯାହା ଚାଷ, ବାସସ୍ଥାନ, ସଂସ୍କୃତିକ ପରମ୍ପରା ଓ ଲୋକଙ୍କ ଜୀବନର ସହିତ ଗଭୀର ଭାବେ ଜଡ଼ିତ। ନଦୀକୁ 'ମା' ଭାବେ ଦେଖିବାର ପରମ୍ପରା ଭାରତୀୟ ସଭ୍ୟତାର ଗଭୀର ଦାର୍ଶନିକ ଅର୍ଥକୁ ପ୍ରତିବିମ୍ବିତ କରେ ବୋଲି ମତ ପ୍ରକାଶ କଲେ। ଆଧୁନିକ ଉନ୍ନୟନ ପ୍ରକ୍ରିୟାରେ ନଦୀକୁ ଅନେକ ସମୟରେ କେବଳ ସମ୍ପଦ ଭାବେ ବ୍ୟବହାର କରାଯାଉଛି, ଯାହା ତାହାର ପରିସ୍ଥିତିକ, ସାମାଜିକ ଓ ସାଂସ୍କୃତିକ ମୂଲ୍ୟକୁ ଅନଦେଖା କରୁଛି। ବଡ଼ ଡ୍ୟାମ୍, ଅନିୟନ୍ତ୍ରିତ ଶିଳ୍ପୀୟ ବ୍ୟବହାର ଓ ନଗରୀକରଣ ନଦୀର ସ୍ୱାଭାବିକ ପ୍ରବାହକୁ ବାଧା ଦେଇ ପରିବେଶୀୟ ସନ୍ତୁଳନକୁ ଭଙ୍ଗ କରୁଛି। ଏହାର ପ୍ରଭାବ ସିଧାସଳଖ



ଭାବେ ମାଛଧରା, କୃଷକ ଓ ନଦୀ ଉପରେ ନିର୍ଭରଶୀଳ ସମୁଦାୟମାନଙ୍କ ଜୀବିକା ଉପରେ ପଡ଼ୁଛି। ନଦୀ ସୁରକ୍ଷା କେବଳ ପରିବେଶୀୟ ପ୍ରଶ୍ନ ନୁହେଁ, ବରଂ ଏହା ଏକ ନୀତିଗତ ଓ ସାମାଜିକ ଦାୟିତ୍ୱ। ଯଦି ନଦୀଗୁଡ଼ିକୁ ସୁସ୍ଥ ରଖାଯାଇନାହିଁ, ତେବେ ଭବିଷ୍ୟତ ପିଢ଼ି ପାଇଁ ଜଳ ସୁରକ୍ଷା, ଖାଦ୍ୟ ସୁରକ୍ଷା ଓ ପରିବେଶ ସନ୍ତୁଳନ ସମ୍ଭବ ହେବ ନାହିଁ। ନଦୀକୁ ବଞ୍ଚାଇବାର ଅର୍ଥ ହେଉଛି ଜୀବନକୁ ବଞ୍ଚାଇବା ବୋଲି ପ୍ରଫେସର କାନୁଙ୍ଗୋ କହିଥିଲେ। ପ୍ରଫେସର୍ ପିଟର୍ ଡି'ସୋଉଜା କହିଥିଲେ ଯେ ନଦୀ କେବଳ ଭୂଗୋଳିକ ବା ପରିବେଶୀୟ ଉପାଦାନ ନୁହେଁ, ଏହା ଇତିହାସ, ରାଜନୀତି, ଅର୍ଥନୀତି ଓ ସମାଜ ସହ ଗଭୀର ଭାବେ ଜଡ଼ିତ। ଆଧୁନିକ ଉନ୍ନୟନ ପ୍ରକ୍ରିୟାରେ ନଦୀକୁ ନିୟନ୍ତ୍ରଣ କରିବାର ଚେଷ୍ଟା ତାହାର ସ୍ୱାଭାବିକ ଗତିଶୀଳତାକୁ ବାଧା ଦେଉଛି। ନଦୀ ଉପରେ ହୋଇଥିବା ନିଷ୍ପତ୍ତିଗୁଡ଼ିକ ଅନେକ ସମୟରେ ସ୍ଥାନୀୟ ସମୁଦାୟଙ୍କୁ ପ୍ରଭାବିତ କରେ, କିନ୍ତୁ ସେମାନଙ୍କ ମତାମତକୁ ଗୁରୁତ୍ୱ ଦିଆଯାଏ ନାହିଁ। ଏହି ପରିସ୍ଥିତି ଗଣତାନ୍ତ୍ରିକ ଜଳ ଶାସନର ଅଭାବକୁ ପ୍ରକାଶ କରେ। ଶେଷରେ କହିଥିଲେ ନଦୀକୁ ବଞ୍ଚାଇବାର ଅର୍ଥ କେବଳ ଜଳକୁ ସୁରକ୍ଷା କରିବା ନୁହେଁ, ବରଂ ସମାଜ, ସଂସ୍କୃତି ଓ ଲୋକତନ୍ତ୍ରକୁ ସୁଦୃଢ଼ କରିବା। ରାଜନୀତି ବିଜ୍ଞାନ ମୁଖ୍ୟ ଡ.କେଶବ ଚନ୍ଦ୍ର ରଥ କର୍ମଶାଳାକୁ ପରିଚାଳିତ କରିଥିଲେ। ଭୂଗୋଳ ବିଭାଗର ସହାୟକ ପ୍ରଫେସର୍ ଡ.ପମ୍ପି ନିତିନ ସିହ୍ନା ମଧ୍ୟ ବିଷୟବସ୍ତୁ ଉପରେ ତାଙ୍କର ମତ ରଖିଥିଲେ। କର୍ମଶାଳା ପରିଚାଳନାରେ ଉଭୟ ବିଭାଗର ଶିକ୍ଷକ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ, ଡ. ବନିତା ମହାନନ୍ଦିଆ, ସିଂହ ଶୁଭଲକ୍ଷ୍ମୀ ବୈଦାର, ପ୍ରିୟା ପ୍ରଧାନ, ପ୍ରୀତି ରାଉତ, ପ୍ରଳୟ କୁମାର ଓଝା, ଡ.ଡିପି ପ୍ରିୟଦର୍ଶୀ ଯୋଶୀ, ଅନୁରଞ୍ଜନ ତେତେ, ଡ.ତାପସ ପଧର, ଆନନ୍ଦ ମେହେର, ଅକ୍ଷୟ କୁମାର ଜେନା ପ୍ରମୁଖ ସହଯୋଗ କରିଥିଲେ। ଅର୍ଥନୀତି ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ.ସୁରଜ ବଡ଼ଇକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟ୍‌ର ବୈଠକ




**ଦେବଗଡ଼, ୨୨।୧(ସମିସ):** ଜିଲ୍ଲା ଶିକ୍ଷା ବିଭାଗର ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟର ବୈଠକ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ସନ୍ତୋଷ ଗୌଡ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରାଇବା ସହ ଶିଶୁବଟିକାରୁ ତୃତୀୟ ଶ୍ରେଣୀ ଶିକ୍ଷାର୍ଥୀ ମାନଙ୍କ ଶିକ୍ଷଣର ଗୁରୁତ୍ୱ, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ହାସଲ କରିବା ଏବଂ ତତ ସମ୍ପର୍କିତ ବିଦ୍ୟାଳୟ ସ୍ତରରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ତଥ୍ୟ ବିବରଣୀ ମାଧ୍ୟମରେ ଉପସ୍ଥାପନ କରିଥିଲେ। ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦରା କୁଜୁର, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନ, ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାରଙ୍କ ସମେତ କମିଟିର ସମସ୍ତ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ।

# ଅଲ୍ ଇଣ୍ଡିଆ ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**କୁଣ୍ଢେଇଗୋଲା, ୨୨।୧(ସମିସ)**

ରିଆମାଳ ବ୍ଲକ ଅଧୀନ କୁଣ୍ଢେଇଗୋଲା ଠାରେ କୁଣ୍ଢେଇଗୋଲା ସ୍ପୋର୍ଟସ କ୍ଲବ୍ ଆନୁକୂଲ୍ୟରେ ଅଲ୍ ଇଣ୍ଡିଆ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। କ୍ଲବ୍‌ର ସଭାପତି ଗୋପୀନାଥ ପ୍ରଧାନ ଓ ସମ୍ପାଦକ ରମାକାନ୍ତ ଦଳବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ ଅଶୋକ ପ୍ରଧାନ, ସଞ୍ଜୟ ବଳ, ପ୍ରିୟରଞ୍ଜନ ସାହୁ, ତୁଷାର କାନ୍ତ ପ୍ରଧାନ ଓ ନାରାୟଣ ଦଣ୍ଡସେନା ପ୍ରମୁଖ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ବାସନ୍ତୀ ବେହେରା, ଡାକ୍ତର ରୌନିତ୍ ରାଜଗୁରୁ, ସମିତି ସଭ୍ୟ ଲିଙ୍ଗରାଜ ସାହୁ, ସମିତି ସଭ୍ୟା ଜଲି ସେଠୀ, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଲଳିତ ମୋହନ ପ୍ରଧାନ ଓ ପୂର୍ଣ୍ଣଚନ୍ଦ୍ର ଦଳବେହେରା ଯୋଗ ଦେଇ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ରେନ୍‌ବୋ ଭୁବନେଶ୍ୱରର ରେନବୋ, ରାଉରକେଲାର ରାଇଜିଂ କ୍ଲବ୍, ଭୁବନେଶ୍ୱର ସ୍ପୋର୍ଟସ ହଷ୍ଟେଲ ଓ ଭଦ୍ରକର ସୂର୍ଯ୍ୟ ଶାଖା ଟିମ୍ ମଧ୍ୟରେ ପ୍ରଥମେ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟୁର୍ଣ୍ଣାମେଣ୍ଟ ଆୟୋଜନରେ କ୍ଲବ୍‌ର ସଦସ୍ୟ ପବିତ୍ର ମୋହନ ସାହୁ, ଟୁଲୁ ପ୍ରଧାନ, ପିଣ୍ଟୁ ପ୍ରଧାନ, ପ୍ରୀତିରଞ୍ଜନ ଦଳବେହେରା, ନୀତେଶ ଗଦନାୟକ୍, ବାପି ସାହୁ, ଜ୍ଞାନେନ୍ଦ୍ର ଗଡ଼ନାୟକ, ବାପି ସାହୁ, କୁନା ଧଳଙ୍କ ସମେତ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

ଦେବଗଡ ନିୟନ୍ତ୍ରିତ ବଜାର କମିଟି, ଦେବଗଡ
DEOGARH REGULATED MARKET COMMITTEE
ପ୍ରଧାନପାଟ ଲୋକ ମହୋତ୍ସବ ଉପଲକ୍ଷେ
ଦେବଗଡର ସମସ୍ତ ଚାଷୀ ଭାଇ ଭଉଣୀ
ମାନଙ୍କୁ ହାର୍ଷିକ ଅଭିନନ୍ଦନ
ଓ ସ୍ୱାଗତ ଜଣାଉଛି,
ନିୟନ୍ତ୍ରୀତ ବଜାର କମିଟି ଦେବଗଡ
ସମ୍ପାଦକ ଅଧକ୍ଷ
























■ କାର୍ ଧକ୍କାରେ ସାଇକଲ ଆରୋହୀ ମୃତ

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ



**ରେଢ଼ାଖୋଲ, ୨୨।୧ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ୫-ଈ ନଂ ଜାତୀୟ ରାଜପଥ ସହରର ରେଢାଖୋଲ ପୂର୍ତ୍ତ ବିଭାଗର ଡାକ ବଙ୍ଗଳା ନିକଟରେ କାର୍ ଧକ୍କାରେ ଜଣେ ସାଇକଲ ଆରୋହୀଙ୍କ ମୃତ୍ୟୁ ହୋଇଯାଇଛି। ମୃତ ସାଇକଲ ଆରୋହୀ ରେଢ଼ାଖୋଲ ସହରର ପୁରୁଣା ପେଟ୍ରୋଲ ପମ୍ପ ସ୍ଥିତ ବାଉଟପୁର ଗ୍ରାମର ବାସିନ୍ଦା ଅନାମ ଭୋଇ। ସୂଚନା ଯୋଗୁ ଉକ୍ତ ବ୍ୟକ୍ତି ଜଣଙ୍କ ସହରରେ ନିଜ କାର୍ଯ୍ୟସାରି ସାଇକଲ ଯୋଗେ ଘରକୁ ଫେରୁଥିବା ସମୟରେ ପୂର୍ତ୍ତବିଭାଗ ଡାକବଙ୍ଗଳା ନିକଟରେ ବିପରିତ ଦିଗରୁ କାର ନଂ ଓଡ଼ି ୦୨ ସିଡ଼ି-୪୮୦୭ଦ୍ରୁତ ଗତିରେ ଆସି ଅନାମ ଭୋଇକୁ ଧକ୍କା ଦେଇଥିଲା ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅଧିକ ଗୁରୁତର ଥିବାରୁ ଡାକ୍ତର ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ। ହେଲେ କିଛି ସମୟ ପରେ ବ୍ୟକ୍ତି ଜଣଙ୍କ ମୃତ୍ୟୁ ହୋଇଯାଇଥିଲା। ସେପଟେ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଏକ ଘଣ୍ଟା ପର୍ଯ୍ୟନ୍ତ ଜାତୀୟ ରାଜପଥ ଉପରେ ଶହ ଶହ ସଂଖ୍ୟାରେ ଗାଡି ଅଟକି ରହିଥିଲା। ଏଥିରେ ଉତ୍ତେଜନା ସୃଷ୍ଟି ହେବାରୁ ରେଢ଼ାଖୋଲ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା।

# ସମ୍ବଲପୁର ପୁସ୍ତକମେଳାରେ ହେବ ପୁସ୍ତକ, ସଂସ୍କୃତି ଓ ପିଲାମାନଙ୍କ ସମାଗମ

**ସମ୍ବଲପୁର, ୨୨।୧ (ସମିସ)**

ଆସନ୍ତା ୨୪ ତାରିଖରୁ ଆରମ୍ଭ ହେବାକୁ ଯାଉଛି ୨୬ତମ ସମ୍ବଲପୁର ପୁସ୍ତକ ମେଳା ୨୦୨୬। ପୁସ୍ତକମେଳା ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଏକ ସ୍ୱାୟତ୍ତ ସଂସ୍ଥା ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ (ଏନବିଟି), ସେତୁ ଏବଂ ଜିଲ୍ଲା ପ୍ରଶାସନ, ସମ୍ବଲପୁର ସହଯୋଗରେ ଆସନ୍ତା ୨୪ ରୁ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ଅଇଁଠାପାଲିସ୍ଥିତ ପି.ଏଚ୍.ଡି ଗ୍ରାଉଣ୍ଡରେ ଆୟୋଜିତ ହେଉଛି। ୨୪ ତାରିଖ ସନ୍ଧ୍ୟାରେ ଉଦଘାଟନୀ ସମାରୋହରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେବେ। ଏହି ଅବସରରେ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ଉଚ୍ଚଶିକ୍ଷା, କ୍ରୀଡ଼ା ଏବଂ ଯୁବ ବ୍ୟାପାର, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏନବିଟି ନିର୍ଦ୍ଦେଶକ କର୍ଣ୍ଣେଲ ଯୁବରାଜ ମଲ୍ଲିକ।

ଏହି ପୁସ୍ତକ ମେଳାରେ ବିଭିନ୍ନ ପ୍ରକାଶକଙ୍କ ଦ୍ୱାରା ୨୫୦ ରୁ ଅଧିକ ଷ୍ଟଲ୍ ରହିବ, ସେଠାରେ ଶିଶୁ ସାହିତ୍ୟ, କାଳ୍ପନିକ, ଅଣ-କାଳ୍ପନିକ, ଶୈକ୍ଷିକ ଶୀର୍ଷକ, ସନ୍ଦର୍ଭ ପୁସ୍ତକ ଏବଂ ଲୋକପ୍ରିୟ ପାଠ୍ୟ ସାମଗ୍ରୀ ସମେତ ବିଭିନ୍ନ ପୁସ୍ତକ ପ୍ରଦର୍ଶନ କରାଯିବ। ଏହି ମେଳାରେ ପ୍ରଫେସର ଧନେଶ୍ୱର ସାହୁ, ଗୌରହରି ଦାସ ଏବଂ ସୁଜାତା ଶିବେନଙ୍କ ସମେତ ପ୍ରସିଦ୍ଧ ସାହିତ୍ୟିକଙ୍କ ସହିତ 'ଲେଖକଙ୍କ ସହ ସାକ୍ଷାତ' ଅଧିବେଶନ ସମେତ ଅନେକ ସାରସ୍ୱତ କାର୍ଯ୍ୟକ୍ରମ ଆୟୋଜନ କରାଯିବ, ଯାହା ପାଠକମାନଙ୍କୁ ଲେଖକ ଏବଂ ବିଦ୍ୱାନଙ୍କ ସହିତ ସିଧାସଳଖ ଭାବବିନିମୟ କରିବାର ସୁଯୋଗ ପ୍ରଦାନ କରିବ। ଡଃ ସଂଘମିତ୍ରା ମିଶ୍ର, ଶୁଭେନ୍ଦୁ ଆଚାର୍ଯ୍ୟ ଏବଂ ଡଃ ପିତାମ୍ବର ବେହେରାଙ୍କ ସମେତ ପ୍ରସିଦ୍ଧ ବିଦ୍ୱାନଙ୍କ ସହିତ ପ୍ୟାନେଲ ଆଲୋଚନା କରାଯିବ।




'ସେତୁ' ସଭାପତି ଡଃ ମୀନକେତନ ପାଠୀଙ୍କ ସୂଚନା ଅନୁଯାୟୀ, 'ସେତୁ' ପକ୍ଷରୁ ସମ୍ବଲପୁର ପୁସ୍ତକମେଳାର ଉଦ୍‌ଯାପନୀ ଦିବସରେ ଜଣେ ବହୁମୁଖୀ ପ୍ରତିଭାଙ୍କୁ 'ସେତୁ ସମ୍ମାନ' ପ୍ରଦାନ କରାଯିବ। ଏହାସହ ଜଣେ ଆଦର୍ଶ ଶିକ୍ଷକଙ୍କୁ 'ଶିକ୍ଷାବିତ୍ ବାଳକୃଷ୍ଣ କର ସ୍ମୃତି ସମ୍ମାନ' ଏବଂ ଜଣେ ସମର୍ପିତ ମହିଳାଙ୍କୁ 'କର୍ମଯୋଗୀ ମହିଳା ସମ୍ମାନ' ପ୍ରଦାନ କରାଯିବ। ଅବିଭକ୍ତ ସମ୍ବଲପୁର ଜିଲ୍ଲାର ମାଟ୍ରିକ ଟପ୍ପରଙ୍କୁ 'ସ୍ୱାଧୀନତା ସଂଗ୍ରାମୀ ଘନଶ୍ୟାମ ପାଣିଗ୍ରାହୀ ସ୍ମୃତି ପୁରସ୍କାର' ଏବଂ ସମ୍ବଲପୁର ଜିଲ୍ଲାର ମାଟ୍ରିକ ଟପ୍ପରଙ୍କୁ 'କ୍ଷୀରୋଦ ମିଶ୍ର ସ୍ମୃତି ପୁରସ୍କାର' ପ୍ରଦାନ କରାଯିବ।

**୨୬ତମ ସମ୍ବଲପୁର ପୁସ୍ତକମେଳା**
**ଜାନୁଆରୀ ୨୪ରୁ ଫେବୃଆରୀ ୧**

ଏହି ମେଳାର ଏକ ପ୍ରମୁଖ ଆକର୍ଷଣ ହେବ ଶିଶୁ ମଣ୍ଡପ, ଯାହା ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆର, ଜାତୀୟ ଶିଶୁ ସାହିତ୍ୟ କେନ୍ଦ୍ର (ଏନ୍‌ସିସିଏଲ୍) ଦ୍ୱାରା ସଂରକ୍ଷିତ ଏବଂ ପରିଚାଳିତ। ଶିଶୁ କକ୍ଷ ବିଶେଷକରି ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଡିଜାଇନ୍ କରାଯାଇଥିବା ପାରସ୍ପରିକ, ଶିକ୍ଷାଗତ ଏବଂ ସୃଜନଶୀଳ କାର୍ଯ୍ୟକଳାପର ଏକ ସମୃଦ୍ଧ କାର୍ଯ୍ୟସୂଚୀ ଆୟୋଜନ କରିବ ଓ କାର୍ଯ୍ୟକ୍ରମରେ କାହାଣୀ କହିବା ଅଧିବେଶନ, ସଙ୍ଗୀତ, କୁଇଜ୍, ଚିତ୍ରାଙ୍କନ ଏବଂ ସ୍ଲୋଗାନ-ଲେଖା ପ୍ରତିଯୋଗିତା, ଏଟର କର୍ମଶାଳା, ପୁସ୍ତକ କଭର ଏବଂ ପୋଷ୍ଟର ଡିଜାଇନ୍ କର୍ମଶାଳା, ପିଲାମାନଙ୍କ ପାଇଁ ଯୋଗ, ବିଜ୍ଞାନ ସହିତ ମଜା, ମଣ୍ଡଳ କଳା, ପଟ୍ଟଚିତ୍ର ଚିତ୍ରକଳା, ଇକତ୍ କଳା କର୍ମଶାଳା ଏବଂ ସ୍ଥାନୀୟ ଲୋକନୃତ୍ୟ ଏବଂ ସମ୍ବଲପୁରୀ ନୃତ୍ୟ ପରମ୍ପରା ପ୍ରଦର୍ଶିତ ହେବ। ଏହି କାର୍ଯ୍ୟକଳାପ ଗୁଡ଼ିକ ଅଭିଜ୍ଞ ବ୍ୟକ୍ତି, କଳାକାର, ଶିକ୍ଷକ ଏବଂ ଏନ୍‌ସିସିଏଲ୍ ଦଳ ଦ୍ୱାରା ପରିଚାଳିତ ହେବ ଛାତ୍ରଛାତ୍ରୀମାନଙ୍କ ପାଇଁ ରାଷ୍ଟ୍ରୀୟ ଇ-ପୁସ୍ତକାଳୟ (ଆର୍‌ଇପି) ଦ୍ୱାରା ମଧ୍ୟ ପାରସ୍ପରିକ ଅଧିବେଶନ ଆୟୋଜନ କରାଯିବ, ସେମାନଙ୍କୁ ଭାରତର ଜାତୀୟ ଡିଜିଟାଲ୍ ଲାଇବ୍ରେରୀ ପ୍ଲାଟଫର୍ମ ସହିତ ପରିଚିତ କରାଯିବ।

ସମ୍ବଲପୁର ପୁସ୍ତକ ମେଳା ପ୍ରସିଦ୍ଧ କଳାକାରମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ଋଦ୍ଧିମନ୍ତ ହେବ ପ୍ରଦର୍ଶନୀଗୁଡ଼ିକରେ ଉମାକାନ୍ତ ବାରିକ ଏବଂ ସାଥି ସାମିଲ ହେବେ, ତା'ପରେ ମାଙ୍ଗାନିଆର ଏବଂ ବିଷ୍ଣୁମୋହନ କବି ଏବଂ ସାଥିଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯିବ। ସାଂସ୍କୃତିକ ସନ୍ଧ୍ୟା ଦୀପ୍ତିରେଖା ପାଢ଼ୀ ଏବଂ ସାଥି, ଅସୀମା ପଣ୍ଡା ଏବଂ ସାଥି ଏବଂ ଦି ୟୁବମ୍ ପ୍ରୋଜେକ୍ଟ ଦ୍ୱାରା ଆହୁରି ଅଧିକ ଚିତ୍ତାକର୍ଷକ ହେବ। ପୁସ୍ତକ ମେଳା ୧ ଫେବୃଆରୀରେ କର୍ଣ୍ଣିସ୍ ଲାଇଭ୍ ସହିତ ଶେଷ ହେବ।

# ପାୱାର କେନାଲରୁ ଦୁଇ ମୃତ ଦେହ ଉଦ୍ଧାର

**ସମ୍ବଲପୁର, ୨୨।୧(ସମିସ):** ବୁର୍ଲା ପାୱାର କେନାଲରୁ ଆଜି ଭିନ୍ନ ଭିନ୍ନ ସମୟରେ ଦୁଇଟି ମୃତ ଦେହ ବୁର୍ଲା ପୁଲିସ ଉଦ୍ଧାର କରିଛି। ସକାଳ ସମୟରେ ମିଳିଥିବା ମୃତକ ଜଣଙ୍କ ହେଉଛନ୍ତି ସୁନ୍ଦରଗଡ଼ର ରାମ କିଶୋର ଭୁଇଁଶାଳ। ସେ ମାନସିକ ରୋଗୀ ରହିଥିଲେ। ତେଣୁ ପରିବାର ଲୋକ ତାଙ୍କୁ ବୁର୍ଲା ଭିମସାର ମେଡିକାଲକୁ ଚିକିତ୍ସା ଲାଗି ଆଣିଥିଲେ। ଗତ ୧୪ ତାରିଖରୁ ସେ ନିଖୋଜ ରହିଥିଲେ। ଆଜି ପୁଲିସ ଶବ ଉଦ୍ଧାର କରିଛି। ସେହିପରି ଅପରାହ୍ଣରେ ପୁଲିସ ୪୫ ବର୍ଷିୟ ବ୍ୟକ୍ତିଙ୍କ ମୃତ ଶରୀର ପାୱାର କେନାଲରୁ ଉଦ୍ଧାର କରିଛି। ବ୍ୟକ୍ତି ଜଣଙ୍କ ବୁର୍ଲା ସହରରେ ଭିକ୍ଷାବୃତ୍ତି କରୁଥିଲେ। ତେଣୁ ଗାଧୋଉଥିବା ବେଳେ ଗୋଡ ଖସି ପାଣିରେ ବୁଡି ମୃତ୍ୟୁ ହୋଇଥିବା ପୁଲିସ ଅନୁମାନ କରିଛି।

# ମୋବାଇଲ ଲୁଟ୍ ଘଟଣାରେ ଜଣେ ଗିରଫ

**କୁଚିଣ୍ଡା, ୨୨।୧(ସମିସ):** ବାମରା ମକର ଯାତ୍ରାରେ ମୋବାଇଲ ଫୋନ୍ ଲୁଟ କରିବା ଅଭିଯୋଗରେ ପୁଲିସ ବାମରା ଅଞ୍ଚଳର ଜଣେ ରିକ୍ସା ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ ବୁଧବାର ଅପରାହ୍ଣରେ କବରିବାହାଲ ଗ୍ରାମର ନଳିତା ଲାକ୍ରା ନିଜ ପରିବାର ଲୋକଙ୍କ ସହ ଯାତ୍ରା ବୁଲିବାକୁ ଆସୁଥିଲେ। ବାମରା ହାଇସ୍କୁଲ ପଡ଼ିଆ ଠାରେ ଥିବା ମୀନା ବଜାରରେ ଛିଡା ହୋଇ ଫୋନ୍‌ରେ କଥା ହେଉଥିଲେ। ସେହି ସମୟରେ ଜଣେ ଦୃର୍ବୃତ୍ତ ନଳିତାଙ୍କ ଫୋନ ଲୁଟି ନେଇ ଫେରାର ମାରିଥିବା ବେଳେ ସ୍ଥାନୀୟ ଲୋକମାନେ ତାଙ୍କୁ କାବୁ କରି ପୁଲିସକୁ ଜିମା ଦେଇଥିଲେ। ସମ୍ପୃକ୍ତ ଅଭିଯୁକ୍ତ ଜଣକ ବାମରା ସିସଲଫାର୍ମ ଅଞ୍ଚଳର କ୍ରିଷ୍ଣା ପ୍ରଧାନ ଓରଫ କନ୍ହେୟା ବୋଲି ଜଣାପଡ଼ିଛି। ସେ ବାମରା ଅଞ୍ଚଳରେ ରିକ୍ସା ଚାଳକ ଭାବେ କାମ କରନ୍ତି। ପୁଲିସ ତାଙ୍କ ଠାରୁ ଚୋରି ମୋବାଇଲ ଜବତ କରିବା ସହ ତାକୁ ଗିରଫ କରି କୁଚିଣ୍ଡା କୋର୍ଟକୁ ଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି।



# ଭିସୁଟ୍‌ରେ ସୃଜନୀ ଷ୍ଟାର୍ଟଅପ୍ ଆଲୋଚନାଚକ୍ର



**ସମ୍ବଲପୁର, ୨୨।୧ (ସମିସ) :** ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ଅନୁକୂଲ୍ୟରେ ନବୋନ୍ମେଷ ଏବଂ ଉଦ୍ୟମିତା ଉପରେ ଆଧାରିତ ସୃଜନୀ ଷ୍ଟାର୍ଟଅପ୍ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଜୁ ପଟ୍ଟନାୟକ ଯାନ୍ତ୍ରିକ ଓ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟ, ରାଉରକେଲାର ପୂର୍ବତନ ଟ୍ରେନିଂ ଏବଂ ପ୍ଲେସମେଣ୍ଟ ନିର୍ଦ୍ଦେଶକ ଇଂ. ମନୋରଞ୍ଜନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ କର୍ମଚାରୀଙ୍କୁ ନିଜ ବକ୍ତବ୍ୟ ଦ୍ୱାରା ଅନୁପ୍ରେରିତ କରିଥିଲେ। ଭାରତ ଅର୍ଥନୀତିର ବିକାଶ ଧାରାରେ ଷ୍ଟାର୍ଟଅପ୍‌ର ଭାଗିଦାରୀ ତଥା ବିକଶିତ ଭାରତର ପରିକଳ୍ପନାକୁ ସାକାର କରିବା ଦିଗରେ ଷ୍ଟାର୍ଟଅପ୍‌ର ଗୁରୁତ୍ୱ ଉପରେ ମୁଖ୍ୟଅତିଥି ନିଜ ଅଭିଭାଷଣରେ ଆଲୋକପାତ କରିଥିଲେ। ଷ୍ଟାର୍ଟଅପ୍ ଯାତ୍ରାର ବିଭିନ୍ନ ସୋପାନ ତଥା ଭିନ୍ନ ଭିନ୍ନ ଦିଗ ଉପରେ ମଧ୍ୟ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ସାହୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଦୀପ ଡାଙ୍ଗ, ଡିନ୍ ଇନୋଭେସନ ପ୍ରଫେସର ଦେବଦତ୍ତ ମିଶ୍ର, ପ୍ରଫେସର ହରିଶ କୁମାର ସାହୁ, ପ୍ରଫେସର ସଞ୍ଜୟ ପାତ୍ର ତଥା ବିଭିନ୍ନ ବିଭାଗରେ କାର୍ଯ୍ୟରତ ପ୍ରଧ୍ୟାପକ ଏବଂ ପ୍ରାଧ୍ୟାପିକାମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଉଦ୍ୟମିତା ସେଲ୍‌ଫର ଶିକ୍ଷକ ପରାମର୍ଶଦାତା ଅନିଲ କୁମାର ମୁର୍ମୁ ଏବଂ ଡ. ଅରୋ କୁମାର ସାହୁ ସଞ୍ଚାଳନ କରିଥିଲେ।

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଛାତ୍ର ଆତ୍ମହତ୍ୟା ଘଟଣା

# କୁଳସଚିବ ଓ ଥାନାଧିକାରୀଙ୍କୁ ଭେଟିଲା କଂଗ୍ରେସ ପ୍ରତିନିଧି ଦଳ



**ସମ୍ବଲପୁର, ୨୨।୧ (ସମିସ) :** ସମ୍ବଲପୁର ବିଶ୍ୱବିଦ୍ୟାଳୟ ଛାତ୍ରାବାସରେ ସ୍ନାତକୋତ୍ତର ଅର୍ଥନୀତି ବିଭାଗ ଦ୍ୱିତୀୟବର୍ଷ ଛାତ୍ର ସୁରଜ୍ କୁଜୁରୁ (୨୨) ଆତ୍ମହତ୍ୟା କରିଥିଲେ। ଏନେଇ ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ କମିଟି ଆଜି ଯାଇ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବ ଡଃ ପ୍ରଦୀପ ନାୟକଙ୍କ ସହିତ ସାକ୍ଷାତ କରି ଘଟଣା ବିଷୟରେ ଆଲୋଚନା କରିଛନ୍ତି ଏବଂ ଆଗାମୀ ଦିନରେ ଏପରି ଘଟଣା ନ ଘଟୁ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପ୍ରତ୍ୟେକ ଛାତ୍ରଙ୍କୁ କାଉନସେଲିଂ ମାଧ୍ୟମରେ ଏପରି ମାନସିକ ଚାପରୁ ନିଜକୁ ଦୂରେଇବାକୁ ପରାମର୍ଶ ଦିଆଯାଉ ବୋଲି ମତପ୍ରକାଶ କରିଥିଲେ। ଏହାପରେ ବୁର୍ଲା ଥାନା ଅଧିକାରୀ ଏସ୍.କେ ବଳିଆର ସିଂହଙ୍କ ସହିତ ସାକ୍ଷାତ କରି ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଆତ୍ମହତ୍ୟା କରିଥିବା ଛାତ୍ର କେଉଁ କାରଣରୁ ଆତ୍ମହତ୍ୟା କଲେ ସେ ବିଷୟକୁ ନେଇ ଆଲୋଚନା କରିଥିଲେ। ସମ୍ବଲପୁର ଜିଲ୍ଲା କଂଗ୍ରେସ ସଭାପତି ଅମିତ ଗୁରୁ, ହୀରାକୁଦ ନଗର ସଭାପତି ରବି ରାଉତ, ବୁର୍ଲା ନଗର ସଭାପତି ଗିରିଜା ନାୟକ, ମନୋରଞ୍ଜନ ପଟ୍ଟନାୟକ, ଆଇଜାକ ନାଗ, ଚୈତନ୍ୟ ଭୋଇ, ଜିତେନ ମହାନନ୍ଦ, ଭବାନୀ ବେହେରା, ଟୁନା ବେହେରା ପ୍ରମୁଖ ବହୁ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀ ପ୍ରତିନିଧି ଦଳରେ ସାମିଲ ହୋଇଥିଲେ।

# ଜେଏସଡବ୍ଲ୍ୟୁରେ ଜଳ ସଂରକ୍ଷଣ ଉପରେ କର୍ପୋରେଟ ତାଲିମ

**ସମ୍ବଲପୁର, ୨୨।୧ (ସମିସ):** ଜେଏସଡବ୍ଲ୍ୟୁ ପିବିଏସଏଲ ସମ୍ବଲପୁର, ୟୁନାଇଟେଡ ନେସନ ଗ୍ଲୋବାଲ କମ୍ପାକ୍ଟ ନେଟୱାର୍କ ଇଣ୍ଡିଆ(ୟୁଏନଜିସିଏନଆଇ)ସହିତ ମିଳିତ ଭାବରେ, 'ସ୍ୱିଡ'ପଦକ୍ଷେପ ଅଧୀନରେ ସମ୍ବଲପୁର ୱାର୍କ୍ସରେ ଜଳ-ସଂରକ୍ଷଣ ମାଧ୍ୟମରେ ନିରନ୍ତରତା ହାସଲ କରିବା ଉପରେ ଏକ ଦିନିକିଆ କର୍ପୋରେଟ୍ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କମ୍ପାନୀର ଅଧ୍ୟକ୍ଷ ଏବଂ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଅନିଲ କୁମାର ସିଂହଙ୍କ ମାର୍ଗଦର୍ଶନରେ ଏବଂ ମୁଖ୍ୟ ପରିଚାଳନା ଅଧିକାରୀ ଉମେଶ ରାୟ ଏବଂ ବରିଷ୍ଠ ଉପାଧ୍ୟକ୍ଷ(ଅପରେସନ୍ସ) ପ୍ରକାଶ ସାପାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ସମ୍ବଲପୁରର ଆଞ୍ଚଳିକ ଅଧିକାରୀ ଡକ୍ଟର ସତ୍ୟ ନାରାୟଣ ନନ୍ଦ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଜଳ ପରିଚାଳନା ପାଇଁ ଏକ ସାମୂହିକ ଶପଥ ପାଠ କରାଇଥିଲେ। ଜେଏସଡବ୍ଲ୍ୟୁ ଗ୍ରୁପର ମୁଖ୍ୟ-ନିରନ୍ତରତା ଅଧିକାରୀପ୍ରବୋଧ ଆଚାର୍ଯ୍ୟ କମ୍ପାନୀର ନେଟ୍ ଜିରୋ ରୋଡମ୍ୟାପ୍‌ରେ ଜଳ ସୁରକ୍ଷା ଏବଂ ଇଏସଜି ସମନ୍ୱୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବୈଷୟିକ ଅଧିବେଶନଗୁଡ଼ିକୁ ୟୁଏନଜିସିଏନଆଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରତ୍ନେଶ ଝା, ନିତିନ ବାସି, ବି.ଏସ୍. ଏନଭିଟେକ୍ ପ୍ରାଇଭେଟ୍ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସାଇ ଭାସ୍କର ଭେଲୁରି ଏବଂ ଆଦିତ୍ୟ ଆଲୁମିନିୟମର ଜୈବ ବିବିଧତା ପରିଚାଳନାର ପ୍ରମୁଖ ଶ୍ୟାମଳେନ୍ଦୁ ମହାପାତ୍ର ପରିଚାଳନା କରିଥିଲେ। ବକ୍ତାମାନେ ଜଳ ପରିଚାଳନା, ଜୈବ ବିବିଧତା ସଂରକ୍ଷଣ ଏବଂ ପ୍ରକୃତି-ଆଧାରିତ ସମାଧାନ ଉପରେ ଆଲୋଚନା କରିଥିଲେ। ଉପସର୍ବ ଅଧିବେଶନରେ ମନୋଜ କୁମାର ପଟୱାରୀ ଏବଂ ବି. ଡି. ପାୱାର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସାଲେମ, ରାୟଗଡ଼ ଏବଂ ଡୋଲଭିର ଜେଏସଡବ୍ଲ୍ୟୁ ଷ୍ଟିଲ୍ ୟୁନିଟ୍, ଜେଏସଡବ୍ଲ୍ୟୁ କର୍ପୋରେଟ୍ ସଷ୍ଟେନେବିଲିଟି ଟିମ ଏବଂ ଏନଟିପିସି ଜେଇ ପାୱାର ସର୍ଭିସେସ୍, ଜିଓ କ୍ଲାଇମେଟ୍ ରିସ୍କ ସଲ୍ୟୁସନ୍ସ ପ୍ରାଇଭେଟ୍ ପରି ସଂଗଠନରୁ ୬୫ ରୁ ଅଧିକ ଅଂଶଗ୍ରହଣକାରୀ ସାମିଲ ହୋଇଥିଲେ।



# ଏକବିଂଶ ଶତାବ୍ଦୀରେ ମାନବ ବିଜ୍ଞାନର ଯାତ୍ରା ଉପରେ ଆଲୋଚନା

**ସମ୍ବଲପୁର, ୨୨।୧ (ସମିସ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗ, ସାଣ୍ଟାକ୍ରୁଜ୍‌ର କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗର ଏମିରିଟସ୍ ପ୍ରଫେସର ପ୍ରଫେସର ତ୍ରିଲୋକନାଥ ପାଣ୍ଡେଙ୍କ ଦ୍ୱାରା '୨୧ ଶତାବ୍ଦୀରେ ନୃବିଜ୍ଞାନ' ବିଷୟବସ୍ତୁ ଉପରେ ଏକ ବକ୍ତୃତାମାଳା ଆୟୋଜିତ ହୋଇଯାଇଛି। ପ୍ରଫେସର ପାଣ୍ଡେ ତାଙ୍କ ଭାଷଣରେ ନୃବିଜ୍ଞାନର ଏକ ସ୍ୱାଧୀନ ଶୃଙ୍ଖଳା ଭାବରେ ଉଭା ହେବା ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ସେ କିପରି ମାନବବିଜ୍ଞାନ ତଥାକଥିତ 'ସରଳ ସମାଜ' ଅଧ୍ୟୟନରୁ ଏକ ଦ୍ରୁତ ପରିବର୍ତ୍ତିତ ବିଶ୍ୱରେ ବିଶ୍ୱାୟନ, ବିକାଶ, ପରିବେଶ, ରାଜନୀତି ଏବଂ ସଂସ୍କୃତି ସମସ୍ୟା ସହିତ ଗଭୀର ଭାବରେ ଜଡିତ ଏକ ଶୃଙ୍ଖଳାରେ ବିକଶିତ ହୋଇଛି ତାହା ଉପରେ ଆଲୋକପାତ କରିଥିଲେ। ସେ ଓଡ଼ିଶାରେ ଶିଳ୍ପାୟନ ଏବଂ ଖଣି କାର୍ଯ୍ୟକଳାପର ଦ୍ରୁତ ଗତି ଉପରେ ଚିନ୍ତା ପ୍ରକାଶ କରି ପରିବେଶ, ଆଦିବାସୀ ଜୀବିକା ଏବଂ ସାଂସ୍କୃତିକ ଐତିହ୍ୟ ଉପରେ ଏହାର ପ୍ରତିକୂଳ ପ୍ରଭାବକୁ ସୂଚାଇଥିଲେ। ଏହି ବକ୍ତୃତାମାଳାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଦୀପକ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ଦୀପକ କୁମାର ବେହେରା ତାଙ୍କ ଭାଷଣରେ ଆଦିବାସୀ ଏବଂ ଅବହେଳିତ ସମ୍ପ୍ରଦାୟ ଦ୍ୱାରା ସମ୍ମୁଖୀନ ହେଉଥିବା ସମସାମୟିକ ଚ୍ୟାଲେଞ୍ଜଗୁଡ଼ିକୁ ବୁଝିବା ପାଇଁ ଚାହୁଁଥିବା ଛାତ୍ର ଏବଂ ଗବେଷକଙ୍କ ପାଇଁ ଛାତ୍ରବୃତ୍ତିର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡକ୍ଟର ମୀନକେତନ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ବାମରା ମକର ମହୋତ୍ସବ କମିଟି କର୍ମକର୍ତ୍ତା ସମ୍ବର୍ଦ୍ଧିତ

**କୁଚିଣ୍ଡା, ୨୨।୧(ସମିସ):** ବାମରା ମକର ମହୋତ୍ସବ କମିଟି ପକ୍ଷରୁ ଯାତ୍ରା ପଡ଼ିଆରେ ବୁଧବାର ସନ୍ଧ୍ୟାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟି କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ଓ ମିଡ଼ିଆ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।ସରପଞ୍ଚ ବିମଳ ଲାକ୍ରା, କମିଟି ସଭାପତି ପ୍ରଫୁଲ୍ଲ ନାୟକ, ଉପାଧ୍ୟକ୍ଷ ମହେନ୍ଦ୍ର ଚୌଧୁରୀ, ଇନ୍ଦ୍ରଦେବ ଚୌଧୁରୀ, ସାଧାରଣ ସମ୍ପାଦକ ଜ୍ୟୋତି କୁମାର ଲାଠ, ସମ୍ପାଦକ ସଞ୍ଜୟ ମେହେର, ସଞ୍ଜୟ ଜୈନ, ଅଲେଖ ବିଶ୍?ାଳ, ବିଚିତ୍ର ବିଶ୍ୱାଳ, ମଙ୍ଗଳି ନାୟକ, କୁମାର ଚନ୍ଦ୍ର ପଟେଲ, କୋଷାଧ୍ୟକ୍ଷ ଓମ୍ ଖଣ୍ଡେଲୱାଲ, ସହ କୋଷାଧ୍ୟକ୍ଷ ସୁଧୀର ରାୟ, ଉପଦେଷ୍ଟା ବିଷ୍ଣୁ ଶର୍ମା, ଅରବିନ୍ଦ ସାହୁ, ଦିଲୀପ ତ୍ରିପାଠୀ, ମୀନା ନାୟକ, କଲ୍ୟାଣୀ ଦୁବେ, ସାମ୍ବାଦିକ ରାଜା ଖାନ, ଟେଣ୍ଟ କର୍ମୀ ସୁରେଶ ରାଠୋର, ସ୍ୱେଚ୍ଛା ସେବୀ ତେଜ ରାଜ ନାୟକ, ବିପିନ ବିହାରୀ ପଟେଲ, ପ୍ରବୀଣ କବାଟ, ଦୀପକ ଶର୍ମା, ଦିନେଶ ଚୌଧୁରୀ, ରାମଲାଲ ଓଝା, ଆକାଶ ଦୀକ୍ଷିତ ଓ ଅନ୍ୟମାନଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।ଗୋଟିଏ ମାସ ପର୍ଯ୍ୟନ୍ତ ଦିନରାତି ସମୟ ଦେଇ ମହୋତ୍ସବକୁ ସଫଳ କରିଥିବାରୁ ସାଧାରଣ ସମ୍ପାଦକ ଜ୍ୟୋତି କୁମାର ଲାଠ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଜାତୀୟ କନ୍ୟା ସନ୍ତାନ ସପ୍ତାହ ଉଦ୍‌ଯାପିତ

**ସମ୍ବଲପୁର, ୨୨।୧(ସମିସ):** ଜିଲ୍ଲା ସମାଜ ମଙ୍ଗଳ ବିଭାଗ ତରଫରୁ ଜାତୀୟ କନ୍ୟା ସନ୍ତାନ ସପ୍ତାହ ଉଦ୍‌ଯାପିତ ହୋଇଛି। ଏହା ୧୭ରୁ ୨୨ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ବିଭିନ୍ନ କାର୍ଯକ୍ରମ ଆୟୋଜିତ ହୋଇଥିଲା। ମାନେଶ୍ୱର ବ୍ଲକରେ ଏହି ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହୋଇଥିଲା। ୨୧ତାରିଖରେ ଅଙ୍ଗନବାଡ଼ି କର୍ମୀ, କିଶୋର ବାଳକ ବାଳିକା, ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା ମାନଙ୍କୁ ନେଇ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାକୁ ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ ଶେଖର ଭୋଇ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ପଦଯାତ୍ରାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ, ପ୍ରୋଗ୍ରାମ ଅଫିସର, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ହବ କର୍ମକର୍ତ୍ତା ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗର କର୍ମକର୍ତ୍ତାମାନେ ଯୋଗ ଦାନ ଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ବିଭାଗ ତରଫରୁ ଶିଳ୍ପ ତାଲିମ ଅନୁଷ୍ଠାନ ରାସନପୁର ଠାରେ ମଧ୍ୟ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଆଲୋକ ରଞ୍ଜନ ଅଧକ୍ଷ ଶିଳ୍ପ ତାଲିମ ଅନୁଷ୍ଠାନ ରାସନପୁର ଯୋଗ ଦେଇଥିଲେ। ପ୍ରୋଗ୍ରାମ ଅଫିସର ଜିଲ୍ଲା ସମାଜ ମଙ୍ଗଳ ବିଭାଗ ସରିତା ଦାସ ଯୋଗଦେଇ କନ୍ୟା ସନ୍ତାନ ଦିବସ ର ଉଦ୍ଦେଶ୍ୟ ସମ୍ପର୍କରେ ମତ ପ୍ରଦାନ କରିଥିଲେ। ଜିଲ୍ଲା ସଂଯୋଜିକା ଏଡ୍.ଇଟ୍.ଆକ୍ସନ ସୁନୀତା ତ୍ରିପାଠୀ କିପରି ଭାବରେ ସମାଜରେ କନ୍ୟା ସନ୍ତାନ ମାନଙ୍କୁ ସମାନ ସୁଯୋଗ ପ୍ରଦାନ କରାଯିବ ସେ ଉପରେ ମତାମତ ରଖିଥିଲେ। ଉକ୍ତ କାର୍ଯକ୍ରମରେ ହୀରାକୁଦ ଶିଳ୍ପ ତାଲିମ ଅନୁଷ୍ଠାନ ଓ ରାସନପୁର୍ ଶିଳ୍ପ ତାଲିମ ଅନୁଷ୍ଠାନର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବକ୍ତୃତା ଓ ସ୍ଲୋଗାନ ପ୍ରତିଯୋଗିତା ହୋଇଥିଲା। ଶେଷରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ହବର କର୍ମକର୍ତ୍ତା ଓ ଶିଳ୍ପ ତାଲିମ ଅନୁଷ୍ଠାନର କର୍ମକର୍ତ୍ତା ମାନେ ଆୟୋଜନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ସଂଯୋଜକ ହବ ଛୋଟେଲାଲ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

**ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ**

# ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ବର୍ଜନ କରିବ ପୁରାତନ ଛାତ୍ରସଂଘ

**ସମ୍ବଲପୁର, ୨୨।୧ (ସମିସ)**

ପଶ୍ଚିମ ଓଡ଼ିଶାର ସର୍ବପୁରାତନ ବିଦ୍ୟାଳୟ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ ଆସନ୍ତା ୨୪ ତାରିଖ ବାର୍ଷିକ ଉତ୍ସବ ପାଳନ କରିବ। କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଏହି ଅବସରରେ ବୋଇଂ ଷ୍ଟେମ୍ ଲାବୋରେଟୋରୀ ଉଦ୍‌ଘାଟନ କରିବେ। ତେବେ, ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସ୍କୁଲ ପୁରାତନ ଛାତ୍ର ସଂଘ (ଓବିଏ) ବର୍ଜନ କରିବ ବୋଲି ଜଣାଇଛି।

ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ ପୁରାତନ ଛାତ୍ର ସଂସଦ ଅଧ୍ୟକ୍ଷ ଇଂ. ସୁରଜିତ ମିଶ୍ର ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ବିଦ୍ୟାଳୟର ବିଭିନ୍ନ ଉଦଘାଟନ କାର୍ଯ୍ୟକ୍ରମ ତଥା ବାର୍ଷିକ ଉତ୍ସବରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଯୋଗଦେବାକୁ ସମ୍ମତି ପ୍ରକାଶ କରିଥିବାରୁ କୃତଜ୍ଞତା ଜଣାଇଛନ୍ତି। ବିଦ୍ୟାଳୟରେ 'ବୋଇଙ୍ଗ ଷ୍ଟେମ୍ ଲାବ୍' କେନ୍ଦ୍ର ମନ୍ତ୍ରୀ ଉଦଘାଟନ କରିବେ ତାହା ଗୌରବର ବିଷୟ। ଏଥିସହକାରେ ସମ୍ବଲପୁର ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀ ସମସ୍ତ ପ୍ରକାର ଉଦ୍ୟମ କରିଥିବାରୁ ଇଂ. ମିଶ୍ର ସେମାନଙ୍କୁ ସାଧୁବାଦ ଜଣାଇଛନ୍ତି। ତେବେ, ବିଦ୍ୟାଳୟର କେତୋଟି ସମସ୍ୟା ବର୍ଷ ବର୍ଷ ଧରି ସମାଧାନ ହେଉନଥିବାରୁ ସେ କ୍ଷୋଭ ପ୍ରକାଶ କରିବାସହ ଓବିଏର ନିଷ୍ପତ୍ତିକ୍ରମେ କାର୍ଯ୍ୟକ୍ରମକୁ ବର୍ଜନ କରିବେ ବୋଲି ସୂଚନା ଦେଇଛନ୍ତି।

ବିଦ୍ୟାଳୟର ଦାବି ଗୁଡ଼ିକ ମଧ୍ୟରେ - ଜିଲ୍ଲା ସ୍କୁଲ ଛାତ୍ରାବାସକୁ ୨୦୧୯ ମସିହାରେ ସାମୟିକ ଭାବେ କ୍ରୀଡ଼ା ଛାତ୍ରାବାସ କରିବା ପାଇଁ ନିଆଗଲା। ତେବେ, ଏହାର ୬ ବର୍ଷ ପରେ ବି ବାରମ୍ବାର ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ବ୍ୟକ୍ତିଗତ ସାକ୍ଷାତ ଓ ଲିଖିତ ଦାବି ସତ୍ତ୍ୱେ ଛାତ୍ରାବାସକୁ ଫେରାଇ ଦିଆଯାଉନାହିଁ। ଫଳତଃ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଜିଲ୍ଲା ସ୍କୁଲକୁ ପଢ଼ିବା ପାଇଁ ଆସୁଥିବା ଛାତ୍ରମାନେ ଛାତ୍ରାବାସ ଅଭାବରୁ ସ୍କୁଲ ଛାଡ଼ି ଚାଲିଯାଉଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଉପରିସ୍ଥ ଅଧିକାରୀଙ୍କଠାରୁ ସେଭଳି କୌଣସି ନିର୍ଦ୍ଦେଶନାମା ପାଇନଥିଲେ ହେଁ ତତ୍‌କାଳୀନ ଜିଲ୍ଲାପାଳ ସାମୟିକ ଭାବେ ବୋଲି କହି ଏହାକୁ କ୍ରୀଡ଼ା ବିଭାଗ ହାତରେ ଟେକି ଦେଇଥିଲେ। ଦ୍ୱିତୀୟତଃ, ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ ୧୯୨ ବର୍ଷ ପୁରାତନ ଏବଂ ଏକ ଗୌରବଶାଳୀ, ଐତିହ୍ୟସମ୍ପନ୍ନ ବିଦ୍ୟାଳୟ। ଏହାର ସମସ୍ତ ଯୋଗ୍ୟତା ଥିବା ସତ୍ତ୍ୱେ ଏବଂ 'ପିଏମ୍‌ଶ୍ରୀ ବିଦ୍ୟାଳୟ' ପାଇଁ ସମସ୍ତ ମାନଦଣ୍ଡ ପୂରଣ କରୁଥିବା ସତ୍ତ୍ୱେ ଏହି ଯୋଜନାରେ ବିଦ୍ୟାଳୟକୁ ଅନ୍ତର୍ଭୁକ୍ତ କରାଗଲାନାହିଁ। ଜିଲ୍ଲାରେ ୨୪ଟି ସ୍କୁଲ ଏହି ତାଲିକାରେ ଅନ୍ତର୍ଭୁକ୍ତ ହୋଇଛି। ତୃତୀୟତଃ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍କୁଲରେ ପାଠପଢ଼ା ସମୟରେ ବିଭିନ୍ନ ଉତ୍ସବ ଓ ଶୋଭାଯାତ୍ରା ମାନଙ୍କରେ ନିଆଯାଉଛି। ସ୍କୁଲର ନିର୍ଦ୍ଧାରିତ ପାଠପଢ଼ା ସମୟରେ ଏଭଳି ପଦକ୍ଷେପ ଅତ୍ୟନ୍ତ ଆପତ୍ତିଜନକ, ଯେଉଁଥିରେ ଛାତ୍ରଛାତ୍ରୀମାନଙ୍କ ପାଠପଢ଼ା ଏବଂ ଶିକ୍ଷକଙ୍କ ପାଠପଢ଼ାଇବାରେ ବ୍ୟାଘାତ ସୃଷ୍ଟି ହେଉଛି।

ଉପରୋକ୍ତ ଆପତ୍ତି ଅଭିଯୋଗ ଗୁଡ଼ିକ ସମାଧାନ ନହେଲା ପର୍ଯ୍ୟନ୍ତ ପ୍ରତୀକ ପ୍ରତିବାଦ ସ୍ୱରୂପ ପୁରାତନ ଛାତ୍ରସଂଘ ଉଦ୍‌ଘାଟନୀ ଉତ୍ସବ ଓ ବାର୍ଷିକୋତ୍ସବକୁ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିବା ଓବିଏ ଅଧ୍ୟକ୍ଷ ଇଂ. ମିଶ୍ର ପ୍ରେସ ରିଲିଜ ମାଧ୍ୟମରେ ସୂଚନା ଦେଇଛନ୍ତି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/22 (ଚୁକ୍ତିଭିତ୍ତିକ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ | 31.12.2025 ରେ ବୟସ (ବର୍ଷ) | |
|---|---|---|---|
| | | ସର୍ବନିମ୍ନ | ସର୍ବାଧିକ |
| ଉପାଧ୍ୟକ୍ଷ (ୟୁଏକ୍ସ) | 1 | 40 | 50 |
| ଉପ-ଉପାଧ୍ୟକ୍ଷ (ୟୁଏକ୍ସ) | 1 | 36 | 44 |
| ସହାୟକ ଉପାଧ୍ୟକ୍ଷ (ୟୁଏକ୍ସ) | 1 | 32 | 40 |
| ବରିଷ୍ଠ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ (ୟୁଆଇ ଏବଂ ୟୁଏକ୍ସ) | 3 | 28 | 37 |

ବିଜ୍ଞାପନ ସଂ. CRPD/SCO/2025-26/22 (ନିୟମିତ ପଦବୀ)

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ | 31.12.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ଉପ-ପ୍ରବନ୍ଧକ (ୟୁଆଇ ଏବଂ ୟୁଏକ୍ସ) | ଏମ୍‌ଏମ୍‌ଜିଏସ୍-II | 6 | 25 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query)ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 16.01.2026 ରୁ 05.02.2026 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 16.01.2026
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)



ଝାଡ଼ଖଣ୍ଡର ରାଞ୍ଚିରେ ହେବାକୁ ଥିବା ଜାତୀୟ ସ୍କୁଲ କ୍ରୀଡ଼ା ହକି ୧୭ ବର୍ଷରୁ କମ୍ ବର୍ଗରେ ଭାଗ ନେବାକୁ ଯାଉଥିବା ଛାତ୍ରଛାତ୍ରୀଙ୍କ ସହ କେନ୍ଦ୍ରମନ୍ତ୍ରୀ

### ସମ୍ବଲପୁରୀ ଧନୁଯାତ୍ରା-୨୦୨୬ ମହୋତ୍ସବରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

# ସମ୍ବଲପୁରୀ ଭାଷାରେ ଧନୁଯାତ୍ରା ଆୟୋଜନ ଆମ ସଂସ୍କୃତିର ଯଥାର୍ଥ ପ୍ରତିଫଳନ

ସମ୍ବଲପୁର, ୨୨ ।୧(ସମିସ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସମ୍ବଲପୁର ଠାରେ ଆୟୋଜିତ ଭବ୍ୟ "ସମ୍ବଲପୁରୀ ଧନୁଯାତ୍ରା-୨୦୨୬" ମହୋତ୍ସବରେ ଯୋଗଦେଇଛନ୍ତି । ଏହି ଅବସରରେ ସେ ସ୍ଥାନୀୟ ଲୋକସଂସ୍କୃତିର ପ୍ରଶଂସା କରିବା ସହ ସହରର ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ, ସମ୍ବଲପୁରୀ ଧନୁଯାତ୍ରା କେବଳ ଏକ ମଞ୍ଚ ନାଟକ ନୁହେଁ, ବରଂ ଏହା ଅଧର୍ମ ଉପରେ ଧର୍ମର ଓ ଅନ୍ୟାୟ ଉପରେ ନ୍ୟାୟର ବିଜୟର ଏକ ଜୀବନ୍ତ ପ୍ରତୀକ । ମା' ସମଲେଇଙ୍କ ପବିତ୍ର ପୀଠରେ ଆୟୋଜିତ ଏହି ମହୋତ୍ସବ ଆମର ସମୃଦ୍ଧ ପରମ୍ପରା ଏବଂ ପୌରାଣିକ ମୂଲ୍ୟବୋଧକୁ ଉଜ୍ଜୀବିତ କରିବାର ଏକ ଅନନ୍ୟ ପମ୍ପରା ଅଟେ । କୃଷ୍ଣଲୀଳା ଓ ଲୋକସଂସ୍କୃତି ଭିତ୍ତିକ ଏହି ମହାନ ଯାତ୍ରାର ପରିଚୟ ଏହି ମାଟିର ଇତିହାସ ସହ ଓତପ୍ରୋତ ଭାବେ ଜଡ଼ିତ । ଏଠାର ବିଶ୍ୱପ୍ରସିଦ୍ଧ ଶୀତଳଷଷ୍ଠୀ ପରି ଏବେ ବିଭିନ୍ନ ସ୍ଥାନରେ ଧନୁଯାତ୍ରା ପାଳନ ହେଉଥିବା ବେଳେ, ମାତୃଭାଷା ସମ୍ବଲପୁରୀରେ ଏହାର ଆୟୋଜନ ଲୋକସଭ୍ୟତା ଓ ସଂସ୍କୃତିକୁ ପ୍ରକୃତ ଅର୍ଥରେ ପ୍ରତିଫଳିତ କରୁଛି । ଏହି ଭବ୍ୟ ଆୟୋଜନ ପାଇଁ ସେ 'ସମ୍ବଲପୁରୀ ଧନୁଯାତ୍ରା କମିଟି'ର ସମସ୍ତ ସଦସ୍ୟଙ୍କୁ ସାଧୁବାଦ ଜଣାଇଛନ୍ତି ।

ଉତ୍ସବରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇ କହିଛନ୍ତି ଯେ, ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ସାରା ଦେଶରେ 'ସ୍ୱଚ୍ଛ ଭାରତ ଅଭିଯାନ' ଜାରି ରହିଛି । ଏହି କ୍ରମରେ ସମ୍ବଲପୁର ମ୍ୟୁନିସିପାଲଟି ସ୍ୱଚ୍ଛତା ପାଇଁ ଦାୟିତ୍ୱ ନେଇଥିଲେ ହେଁ, କେବଳ ପ୍ରଶାସନିକ ପ୍ରଚେଷ୍ଟା ଯଥେଷ୍ଟ ନୁହେଁ । ଏଥିରେ ଜନସାଧାରଣଙ୍କ ସମ୍ପୂର୍ଣ୍ଣ ସମ୍ପୃକ୍ତି ଏକାନ୍ତ ଆବଶ୍ୟକ । ଆଗାମୀ ଦିନରେ ଆୟୋଜିତ ହେବାକୁ ଥିବା "କେଉଁ ସହର କେତେ ସୁନ୍ଦର" ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ସହରବାସୀ ଏବେଠାରୁ ସଜାଗ ହେବା ଦରକାର ।ସମ୍ବଲପୁରକୁ ଏକ ସ୍ୱଚ୍ଛ ଓ ସୁନ୍ଦର ସହର ଭାବେ ଗଢ଼ି ତୋଳିବାକୁ ସେ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି ।



# ଗ୍ୟାରେଜରେ ନିଆଁ, ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ

**ଝାରବନ୍ଧ, ୨୨ ।୧(ସମିସ):** ଝାରବନ୍ଧରେ ଥିବା ଏକ ବାଇକ୍ ଗ୍ୟାରେଜରେ ନିଆଁ ଲାଗିଯାଇ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ, ଗ୍ୟାରେଜ ଝାରବନ୍ଧର ତୁଳାରାମ ପଟେଲଙ୍କର ଥିଲା । ଆଜକୁ ପ୍ରାୟ ଦଶ ବର୍ଷ ହେବ ବାଇକ୍ ମରାମତି ଦୋକାନ ଖୋଲି ଜୀବିକା ଚାଳାଇ ଆସୁଥିଲେ । ଅଗ୍ନିକାଣ୍ଡରେ ଗ୍ୟାରେଜରେ ରହିଥିବା ବାଇକ୍ ଯନ୍ତ୍ରାଂଶ, ମରାମତି ସାମଗ୍ରୀ, ତେଲ ଓ ଅନ୍ୟାନ୍ୟ ଉପକରଣ ସବୁ ଜଳିଯାଇଥିବା ଜଣାପଡ଼ିଛି । ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନଥିଲେ ମଧ୍ୟ ବିଦ୍ୟୁତ୍ ସର୍ଟସର୍କିଟ ହୋଇଥିବା ସନ୍ଦେହ କରାଯାଉଛି । ଖବର ପାଇ ଝାରବନ୍ଧ ଅଗ୍ନିଶମ ବିଭାଗର ଓଆଇସି କୃଷ୍ଣ ଚନ୍ଦ୍ର ଶବରଙ୍କ ନେତୃତ୍ୱରେ ଅଗ୍ନିଶମ ଟିମ୍ ପହଞ୍ଚି ନିଆଁକୁ ନିୟନ୍ତ୍ରଣରେ ଆଣିଥିଲେ । ଅଗ୍ନିକାଣ୍ଡ ଘଟଣାରେ ଦୋକାନ ମାଲିକ ତୁଳାରାମ ପଟେଲ ଗୁରୁତର ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଥିବା ବେଳେ ସେ ପ୍ରଶାସନ ପକ୍ଷରୁ ଯଥୋଚିତ କ୍ଷତିପୂରଣ ଓ ସହାୟତା ପ୍ରଦାନ ପାଇଁ ଦାବି କରିଛନ୍ତି ।



# ୪୬୬ ଭୂମିହୀନଙ୍କୁ ପଟ୍ଟା ବଣ୍ଟନ

**ବରଗଡ଼, ୨୨। ୧(ସମିସ):** ବରଗଡ଼ ଯଦୁମଣି ପଧାନ ଅଡ଼ିଟୋରିୟମରେ ବରଗଡ଼ ତହସିଲ ତରଫରୁ ଭୂମିହୀନ ଯୋଗ୍ୟ ହିତାଧିକାରୀଙ୍କୁ ଜମି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଏବଂ ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ବରଗଡ଼ ତହସିଲଦାର ସୋନାଲି ପଟ୍ଟନାୟକ, ଡେପୁଟି କଲେକ୍ଟର ମଦନ ପଣ୍ଡା, ଯୋଗ ଦେଇଥିଲେ । ଏହି ପରିପ୍ରେକ୍ଷୀ ରେ ୪୬୬ ପଟ୍ଟା ଗତ ୨୦୨୫ ବର୍ଷ ପ୍ରସ୍ତୁତ କରାଯାଇଥିବା ସ୍ଥଳେ ତନ୍ମଧ୍ୟରୁ ୨୮୬ ପଟ୍ଟା ବଣ୍ଟନ କରଗଲା । ଅନ୍ୟ ୧୮୦ଟି ପଟ୍ଟା ଗତ ବିକାଶ ମେଳାରେ ରାଜସ୍ୱ ମନ୍ତ୍ରୀଙ୍କ ଦ୍ୱାରା ବଣ୍ଟନ ସରିଥିଲା । ୨୮୬ ପଟ୍ଟା ମଧ୍ୟରୁ ସରସରା ମୌଜାର ୧୨୫, ଜାମୁର୍ଡ଼ାର ୪୪, ତାଲସିର୍ଗିଡ଼ାର ୧୭, ଗାଇସିମାର ୧୨, ତେଲେନ୍ ପାଲିର ୧୪, ବାଲିଯୋରିର ୨, କୁରୁଆଁର ୪୯ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା । ବରଗଡ଼ ବ୍ଲକର ଶହ ଶହ ହିତାଧିକାରୀ ଉପସ୍ଥିତ ରହି ଜମି ପଟ୍ଟା ଗ୍ରହଣ କରି ଖୁସି ବ୍ୟକ୍ତ କରି ସରକାରଙ୍କୁ ଧନ୍ୟବାଦ ଜଣାଇ ଥିଲେ । ଅତିରିକ୍ତ ତସିଲଦାର ନିଶିକାନ୍ତ ମେହେର ଏବଂ ଆର୍ ଆଇ ସଞ୍ଜୀବ ମିଶ୍ରଙ୍କ ସମେତ ତହସିଲ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ଯୋଗ ଦେଇଥିଲେ ।



## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ଅମ୍ବାଭୋନା, ୨୨ । ୧(ସମିସ):** ବରଗଡ଼ ଜିଲ୍ଲା ଅନ୍ତର୍ଗତ ଅମ୍ବାଭୋନା ବ୍ଲକର ଭୁକ୍ତା ଗ୍ରାମର ପୂର୍ବତନ ଖବରକାଗଜ ଏଜେଣ୍ଟ ସୁରେଶନ ସାହୁଙ୍କ ପୁଅ ପ୍ରିୟଦର୍ଶୀ ଅରୂପ କୁମାର ସାହୁ (ବାପି-୨୮) ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି । ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ସେ ସମ୍ବଲପୁରରୁ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଭଟଲିସ୍ଥିତ ନୂତନ ଥାନା ପାଖରେ ଅଜଣା ଗାଡ଼ି ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳ ରେ ହିଁ ପ୍ରାଣ ହରାଇଥିଲେ । ମୃତକ ପ୍ରିୟଦର୍ଶୀ ସମ୍ବଲପୁର ମ୍ୟୁନିସିପାଲଟି କାର୍ଯ୍ୟାଳୟରେ ସୁପରଭାଇଜର ଭାବେ କାର୍ଯ୍ୟରତ ଥିଲେ । ତାଙ୍କ ଅକାଳ ବିୟୋଗ ଖବର ପାଇ ଭୁକ୍ତା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଯୁବକ ସଂଘ, ଅମ୍ବାଭୋନା ବ୍ଲକ ସାମ୍ବାଦିକ ସଂଘ, ବ୍ୟବସାୟିକ ସଂଘ, ଅମ୍ବାଭୋନା ବ୍ଲକ ଗୁଡ଼ିଆ ସମାଜ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମୃତକଙ୍କ ବାସଭବନକୁ ପହଞ୍ଚି ଶେଷ ଦର୍ଶନ କରିଥିଲେ । ଅନ୍ତିମ ସତ୍କାର ସମୟରେ ତାଙ୍କ ସାନ ଭାଇ କାହ୍ନା ମୁଖାଗ୍ନି ଦେଇଥିଲେ ।

## ସର୍ବଭାରତୀୟ ଗୋଲ୍ଡେନ ଷ୍ଟାର କ୍ରିକେଟ କପ୍: ସେମିରେ ତାଳଚେର

**ଦହିତା, ୨୨ ।୧(ସମିସ):** ପଦ୍ମପୁର ନିକଟସ୍ଥ ଖଇରପାଲି ହାଇସ୍କୁଲ ପଡ଼ିଆରେ ଗୋଲ୍ଡେନଷ୍ଟାର କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ସର୍ବଭାରତୀୟ ଗୋଲ୍ଡେନ ଷ୍ଟାର କ୍ରିକେଟ କପ ଦ୍ୱିତୀୟ ଦିବସ ହୋଇଯାଇଛି । ଦ୍ୱିତୀୟ ଦିବସର ଖେଳରେ ୪ଟି ଦଳ ମଧ୍ୟରୁ ତାଳଚେର କ୍ୱାଟର ଫାଇନାଲ ମ୍ୟାଚରେ ରାଞ୍ଚିକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି । ଦ୍ୱିତୀୟ ଦିନର ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବରେ ପଦ୍ମପୁରର ଆଇଆଇସି ମମତା ନାୟକ ମ୍ୟାନ୍ ଅଫଦି ମ୍ୟାଚ୍ ଭାବରେ ତାଳଚେର ଦଳର ଜଗତଙ୍କୁ ପୁରସ୍କୃତ କରିଥିଲେ । ଆସନ୍ତା ୨୫ ତାରିଖ ଦିନ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ସୂଚନା ଦେଇଛନ୍ତି । ଦ୍ୱିତୀୟ ଦିନର ମ୍ୟାଚକୁ ଅମ୍ପାୟାର ସନମ ସାହୁ, ଅନ୍ତର୍ଯ୍ୟାମୀ ପଧାନ ପରିଚାଳନା କରିଥିବା ବେଳେ ସୁନୀଲ, ସନ୍ତୋଷ ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ବୁଦ୍ଧଦେବ ମହାରଣା ଓ କୁମାର ଆନନ୍ଦ ଧାରାବିବରଣୀ ପ୍ରଦାନ କରିଥିଲେ । ସାନ୍ଟୁ, ଚନ୍ଦନ, ଗୋକୁଳ, ଉମେଶ, ଆକାଶ, ସୁଜିତ, ବିକାଶ, ଅର୍ଜୁନ, ସନ୍ତୋଷ, ଦୟା, ରୋହନ, ସୁଶୀଲ, କ୍ୟାମେରା ମେନ ପପୁ, ଦେବା, ପ୍ରଦୀପ, ଯତୀନ, ସୌରଭ, ଜଗନ୍ନାଥ, ଓ ଅନ୍ୟ ସଦସ୍ୟ ମାନେ ସହଯୋଗ କରିଥିଲେ ।

# ବଣଭୋଜିସ୍ଥଳରେ ପ୍ଲାଷ୍ଟିକମୁକ୍ତ ପରିବେଶ ପାଇଁ ସଚେତନତା

**ଭଟଲି, ୨୨ ।୧(ସମିସ):** ବରଗଡ଼ ବନଖଣ୍ଡ ଅଧୀନସ୍ଥ ବରଗଡ଼ ବନାଞ୍ଚଳ ପକ୍ଷରୁ ଜିଲ୍ଲାର ଭଟଲି ବ୍ଲକ ପର୍ଯ୍ୟଟନସ୍ଥଳୀ ଖଜୁରିଆ ଡ୍ୟାମକୁ ପ୍ଲାଷ୍ଟିକ ମୁକ୍ତ ବଣଭୋଜିସ୍ଥଳ କରିବା ସକାଶେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କମଗାଁ ବନପାଳ କୈଳାସ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବରେ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ତଥା ପରିବେଶବିତ ସଞ୍ଜୟ ଖମାରୀ, ସମ୍ମାନିତ ଅତିଥି ଭାବରେ ହାସ୍ୟ କବି ଦେବେନ୍ଦ୍ର ସାହୁ, ସ୍ଥାନୀୟ ବରିଷ୍ଠ ସେଚ୍ଛାସେବୀ ନୀଳାମ୍ବର ପଧାନ ଓ ଶିକ୍ଷକ ଅଶ୍ୱିନୀ ସାହୁ ମଞ୍ଚାସୀନ ଥିଲେ ।ପ୍ରାରମ୍ଭରେ ଅତିଥିବୃନ୍ଦଙ୍କୁ ଚାରା ଓ ଉପଢୌକନ ଦେଇ ସ୍ୱାଗତ କରିବା ପରେ ଅତିଥିବୃନ୍ଦ ପରିବେଶ ଉପରେ ପ୍ଲାଷ୍ଟିକ ପ୍ରଦୂଷଣର କୁପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟଅତିଥି ଶ୍ରୀ ଖମାରୀ ବଣଭୋଜି ସ୍ଥଳକୁ ପ୍ଲାଷ୍ଟିକ ମୁକ୍ତ କରିବା ଲାଗି ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ଉପସ୍ଥିତ ସମସ୍ତ ପ୍ରକୃତିପ୍ରେମୀ ବଣଭୋଜି ସ୍ଥଳରୁ ବର୍ଜ୍ୟବସ୍ତୁ ସଂଗ୍ରହ କରିବା ସହିତ ବେଲବାହାଲି ସ୍କୁଲ, କମଗାଁ ହାଇସ୍କୁଲ ଓ ଭିଙ୍ଗୋତୋରା ସ୍କୁଲର ଛାତ୍ରଛାତ୍ରୀଙ୍କ ଓ ସମସ୍ତ ଜନ ସାଧାରଣଙ୍କୁ ପ୍ଲାଷ୍ଟିକମୁକ୍ତ ପରିବେଶ ସୃଷ୍ଟି କରିବା ପାଇଁ ସଚେତନତାର ବାର୍ତ୍ତା ଦେଇଥିଲେ । କାର୍ଯ୍ରକ୍ରମରେ କମଗାଁ ବନପାଳ କୈଳାସ ମାଝୀ, ବରଗଡ଼ ବନପାଳ ସୁଦୀପ୍ତ କୁମାର ରଥ, ତୁରୁମ ବନପାଳ ଲୋକେଶ୍?ର ଭୋଇ, ବରପାଲି ବନପାଳ ଶଶୀକାନ୍ତ ମଲ୍ଲିକ, ଅତାବିରା ବନପାଳ ଉଷେଶ୍ୱରୀ ପ୍ରଧାନ, ବନରକ୍ଷୀ କିଶୋରକୁମାର ସେଠ୍, ସ୍ୱରୂପା ପ୍ରଧାନ, ରୀତା ରହେନା, ଜୟଶ୍ରୀ ଝାଙ୍କର, ବିଶ୍ୱରଞ୍ଜନ ସାହୁ, ଫରେଷ୍ଟ ସ୍ୱାର୍ଡ ସୁମନ୍ତ ମିର୍ଦ୍ଧା, ରାକେଶ ବେହେରା, ବନ୍ୟପ୍ରାଣୀ ବିଭାଗର ବନରକ୍ଷୀ ରଶ୍ମିତା ବେହେରା, ସୀମାରେଖା ଦାଶ, ବନ୍ୟପ୍ରାଣୀ ସ୍କ୍ୱାର୍ଡ ବିମଳ କିଶୋର ପ୍ରଧାନ, ପ୍ରୀତମ ଗଡ଼ତିଆ, ପଞ୍ଚବଟୀ ବନ ସୁରକ୍ଷା ସମିତି, ବେଲବାହାଲି, ବନ ସୁରକ୍ଷା ସମିତି କମଗାଁର ଉପସଭାପତି ଗୀତା ବାଗ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।କାର୍ଯ୍ୟକ୍ରମର ସ୍ମୃତି ସ୍ୱରୂପ ବଣଭୋଜି ସ୍ଥଳରେ ଏକ ପିଜୁଳି ଚାରା ରୋପଣ କରାଯାଇଥିଲା । ବରଗଡ଼ ଡିଏଫ୍ଓ ସରୋଜ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏବଂ ବନାଞ୍ଚଳ ଅଧିକାରୀ ରଞ୍ଜିତ ସିଂ ବାବୁଙ୍କ ମାର୍ଗ ଦର୍ଶନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତୁରୁମ ବନପାଳ ଲୋକେଶ୍ୱର ଭୋଇ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଭଟଲି ବନପାଳ କୈଳାସ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।



# କୁଚିଣ୍ଡା ମହାବିଦ୍ୟାଳୟରେ ରକ୍ତଦାନ ଶିବିର



**କୁଚିଣ୍ଡା, ୨୨ ।୧(ସମିସ):** କୁଚିଣ୍ଡା ମହାବିଦ୍ୟାଳୟ +୩ ବିଭାଗ ଜାତୀୟ ସେବା ଯୋଜନା ପକ୍ଷରୁ ନୂତନ ରକ୍ତଦାତା ସୃଷ୍ଟି କରିବା ଲାଗି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ମନୋଜ ପଣ୍ଡାଙ୍କ ମାର୍ଗଦର୍ଶନରେ ପ୍ରୋଗ୍ରାମ ଅଫିସର ବେଲମତୀ କୁମୁରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ମହାବିଦ୍ୟାଳୟରୁ ନୂତନ ଭାବେ ୧୫ଜଣ ରକ୍ତଦାତା ରକ୍ତଦାନ କରିଥିଲେ । ପ୍ରାଧାପକ ପ୍ରମୋଦ ସ୍ୱାଇଁ, ଅଧାପକ ସୁଧାଂଶୁ ମହାପାତ୍ର, ଆଲୋକ ପଟେଲ, ଡ଼ଃ ପ୍ରକାଶ ଚନ୍ଦ୍ର ପଟେଲ, କାହ୍ନୁ ଚରଣ ମୁନ୍ନା, ଦୀପକ ବିଶ୍ୱାଳ, ଗଣନାଥ ନାୟକ, ପରମଜୀତ ନାୟକ, ଅଧାପିକା ସଞ୍ଜୁଶ୍ରୀ ସାହୁ, ଗଜାମତୀ କୁମୁରା, ଜିନିଆ ଭଟ୍ଟାଚାର୍ଯ୍ୟ, ପୂଜା ଦାସ, ପଦ୍ମିନୀ ପ୍ରଧାନ, ଜାଗୃତି ବାଗ, କେ.ବେଗମ୍ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏନଏସଏସ ସ୍ୱେଚ୍ଛାସେବୀଙ୍କ ମଧ୍ୟରୁ ଅଙ୍କିତ ମେହେର, ସାଗର ପଣ୍ଡିତ, ରାକ୍ଷୀ ଅର୍କ ସ୍ମୃତିମୟୀ ସାହୁ, ସୁନେଶ ଲୁହା, ଧରଣୀ କିସାନ, ଅଙ୍କିତ ରାଉତ, ଚୁମକି ମହାନନ୍ଦୀଆ ସହଯୋଗ କରିଥିଲେ । ପୁରାତନ ଛାତ୍ରି ରୁପାଲୀ ପଣ୍ଡା ଯୋଗଦେଇ ରକ୍ତଦାନ କରିଥିଲେ । ରୋଗୀମାନଙ୍କୁ ସଠିକ ସମୟରେ ରକ୍ତ ଯୋଗାଇବାର ମହତ ଉଦ୍ଦେଶ୍ୟ ରଖି କୁଚିଣ୍ଡା ମହାବିଦ୍ୟାଳୟ ଏନ. ଏସଏସ ପକ୍ଷରୁ ପ୍ରତିବର୍ଷ ରକ୍ତଦାନ ଶିବିର ଆୟୋଜନ କରାଯାଉଛି । ଏହା ସହ ବହୁମୁଖୀ ପ୍ରତିଭାର ଅନ୍ୱେଷଣ ଓ ଛାତ୍ରଛାତ୍ରୀଙ୍କ ବ୍ୟକ୍ତିତ୍ୱର ବିକାଶ ସାମାଜିକ ଦାୟିତ୍ୱ ଓ ରାଷ୍ଟ୍ରପ୍ରେମ ଭାବନା ଜାଗ୍ରତ କରିବା ଉଦ୍ଦେଶ୍ୟରେ ଶିକ୍ଷା ବିଭାଗର ଅଧାପିକା ତଥା ଏନଏସ୍ଏସ ପ୍ରୋଗ୍ରାମ ଅଫିସର ବେଲମତୀ କୁମୁରାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ ।

# ଜାତୀୟ ମତଦାତା ଦିବସ ପାଳିତ











## ପଦ୍ମପୁର ଉପଖଣ୍ଡ

ପଦ୍ମପୁର, ୨୨ ।୧(ସମିସ)

ପଦ୍ମପୁର ଉପଖଣ୍ଡସ୍ତରରେ ଜାତୀୟ ମତଦାତା ଦିବସ ଗଭୀର ଉତ୍ସାହ ଓ ଶିଷ୍ଟାଚାର ସହ ପାଳିତ ହୋଇଛି । ସ୍ଥାନୀୟ ଉପଜିଲ୍ଲାପାଳଙ୍କ ସମ୍ମେଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଅଧକ୍ଷତା ଉପଜିଲ୍ଲାପାଳ ସ୍ନେହ ଅରୁଗୁଲା କରିଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ମତଦାତା ସଚେତନତା ସମ୍ବନ୍ଧୀୟ ଶପଥପାଠ, ଯାହାର ମାଧ୍ୟମରେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ଉଦ୍ଦେଶ୍ୟ ନିଆଯାଇଥିଲା ।ଏହି ଅବସରରେ ଉପଜିଲ୍ଲାପାଳ ଶ୍ରୀମତୀ ଅରୁଗୁଲା ନିଜ ବକ୍ତବ୍ୟରେ ସ୍ୱତନ୍ତ୍ର, ନିଷ୍ପକ୍ଷ ଓ ଦାୟିତ୍ୱଶୀଳ ମତଦାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।ଶପଥପାଠ କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ପତି, ସହାୟକ ଜିଲ୍ଲାପାଳଙ୍କ, ନେପାଳ ମୁଣ୍ଡା ଡେପୁଟିକଲେକ୍ଟର ସହ ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଶପଥ ଗ୍ରହଣ କରିଥିଲେ ।ତଦନନ୍ତରେ ଉପଜିଲ୍ଲାପାଳ କାର୍ଯ୍ୟାଳୟର କର୍ମଚାରୀଙ୍କ ସହ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ପ୍ରଶାସନିକ କାର୍ଯ୍ୟପ୍ରଗତି, ମତଦାତା ସଚେତନତା କାର୍ଯ୍ୟକ୍ରମ ଓ ଆଗାମୀ ଦାୟିତ୍ୱ ସମ୍ବନ୍ଧୀୟ ଆଲୋଚନା କରାଯାଇଥିଲା । ଶେଷରେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇ ଉପଜିଲ୍ଲାପାଳ ସମାବେଶର ସମାପ୍ତି ଘୋଷଣା କରିଥିଲେ ।

## ଅଞ୍ଚଳ ମହାବିଦ୍ୟାଳୟ

**ପଦ୍ମପୁର:** ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟ ପରିସରରେ ଅଧକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ପୌରୋହିତ୍ୟରେ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି । ଗଣତନ୍ତ୍ରର ମୂଳଦୁଆକୁ ସୁଦୃଢ଼ କରିବା ପାଇଁ ଭୋଟର ସଚେତନତାର ଆବଶ୍ୟକତା ସମ୍ପର୍କରେ ଅଧକ୍ଷ ନିଜ ଅଭିଭାଷଣରେ ଗୁରୁତ୍ୱାରୋପ କରିଥିଲେ । ।ଏହି ଅବସରରେ ସାମୂହିକ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଯେଉଁଠାରେ ଉପସ୍ଥିତ ସମସ୍ତେ ଦେଶର ଗଣତାନ୍ତ୍ରିକ ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ସହ ନିର୍ଭୟ ଓ ନିରପେକ୍ଷ ଭାବେ ମତାଧିକାର ସାବ୍ୟସ୍ତ କରିବାକୁ ସଂକଳ୍ପ ନେଇଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇ ଥିଲେ । ବିଶେଷ କରି ନୂତନ ଭୋଟର ଭାବେ ପଞ୍ଜିକୃତ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା ।

## ବରପାଲି ମହାବିଦ୍ୟାଳୟ

**ବରପାଲି:** ବରପାଲି ମହାବିଦ୍ୟାଳୟର ପରିସରରେ ଜାତୀୟ ଭୋଟର ଦିବସ ଉପଲକ୍ଷେ ଶପଥ ଗ୍ରହଣ ଉତ୍ସବ ପାଳିତ ହୋଇଯାଇଛି । ଭାରତ ସରକାରଙ୍କ ନିର୍ଦ୍ଦେଶ କ୍ରମେ ୨୦୧୧ ମସିହାରୁ ପ୍ରତିବର୍ଷ ଜାନୁୟାରୀ ୨୫ ତାରିଖ ଜାତୀୟ ଭୋଟର ଦିବସ ଭାବରେ ପାଳନ କରାଯିବା ସହ ସଚେତନତା ବାର୍ତ୍ତା ପ୍ରଦାନ କରାଯାଉଛି । ଆୟୋଜିତ ଶପଥ ଗ୍ରହଣ ଉତ୍ସବ ମୁଖ୍ୟଅତିଥି ଭାବରେ କଲେଜ ଅଧକ୍ଷା ଜୟନ୍ତୀ ଦାଶ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ପ୍ରଶାସନିକ ପ୍ରଭାରୀ ପ୍ରାଧାପକ ସୁଶୀଲ କୁମାର ଶତପଥୀ ତଥା ଆଇକ୍ୟୁଏସି ମୁଖ୍ୟ ଅଧାପକ ଧିରୋଜ କୁମାର ତ୍ରିପାଠୀ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ । ସଭା କାର୍ଯ୍ୟକୁ ସଂଯୋଜନା କରିଥିଲେ ରାଜନୀତି ବିଜ୍ଞାନ ମୁଖ୍ୟ ଅଧାପକ ଅଲେଖ କୁମାର ମହାନନ୍ଦ । ଅନ୍ୟମାନଙ୍କ ମଧ୍ୟରେ ରାଜନୀତି ବିଜ୍ଞାନ ବିଭାଗର ଅଧାପିକା ଦେବାଙ୍ଗିନୀ ସାହୁ, ଅଧାପିକା ସୀମା ଭୋଇ ତଥା ଅଧାପିକା ଅଞ୍ଜନା ଭୋଇ ଯୋଗଦାନ କରିଥିଲେ । ଶେଷରେ ଅଧାପକ ଉତ୍ତର କୁମାର ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ ।

## ଝାରବନ୍ଧ ଡିଗ୍ରୀ କଲେଜ

**ଝାରବନ୍ଧ:** ଝାରବନ୍ଧ ଡିଗ୍ରୀ କଲେଜରେ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ହୋଇଥିବା ଏହି ସଭାରେ ଅଧକ୍ଷ ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ବେହେରା ଅଧକ୍ଷତା କରିଥିଲେ । ସଭାରେ ବରିଷ୍ଠ ଅଧାପକ ତଥା ରାଜନୀତି ବିଜ୍ଞାନ ମୁଖ୍ୟ ସାର୍ତିକ ସାହୁ ମୁଖ୍ୟବକ୍ତା ଭାବରେ ଯୋଗଦାନ କରି ଉତ୍ତମ ନାଗରିକ ଓ ଉତ୍ତମ ମତଦାତା ହେବା ପାଇଁ ପ୍ରୋତ୍ସାହିତ କରିଥିଲେ । ରାଜନୀତି ବିଜ୍ଞାନ ଅଧାପକ ଡ଼. ଖ୍ୟାତିମୟ ତ୍ରିପାଠୀ ସରକାରଙ୍କ ଦ୍?ାରା ପ୍ରଦତ୍ତ ଭୋଟର ଦିବସର ସ୍?ତନ୍ତ୍ର ଶପଥ ପାଠ କରାଇଥିଲେ । ଅଧାପିକା ରୀତାଞ୍ଜଳି ଗୁରୁ ଧନ୍ୟବାଦ୍ ଅର୍ପଣ କରିଥିଲେ । ସଭାରେ ଇତିହାସ ଅଧାପିକା ରଶ୍ମି ମହାଲିଂ, ଇଂରାଜୀ ଅଧାପିକା ମିନପ୍ରଭା ପ୍ରଧାନ, ଇତିହାସ ଅଧାପକ ମୁକେଶ ବାଗ, ଅର୍ଥନୀତି ଅଧାପକ ଚନ୍ଦ୍ରମଣି ବାଗ, ଡିଇଓ ଅଞ୍ଜନ ବରିହା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ସଡ଼କ ସୁରକ୍ଷା ସଚେତନତା

**ପଦ୍ମପୁର, ୨୨ ।୧(ସମିସ):** ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶୀତକାଳୀନ ସ୍ୱତନ୍ତ୍ର ଶିବିର ଗୁରୁବାର ଚତୁର୍ଥ ଦିବସରେ ପହଞ୍ଚିଛି । ଦିବସର ପ୍ରାରମ୍ଭରେ ପୋଷ୍ୟଗ୍ରାମ ଚାରପାଲିଠାରେ ପତାକା ଉତ୍ତୋଳନ, ଯୋଗାଭ୍ୟାସ ଏବଂ ଗ୍ରାମ୍ୟପରିସର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହା ପରେ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା କରାଯାଇଥିଲା । ସ୍ୱେଚ୍ଛାସେବୀମାନେ ଅଭିନବ ପ୍ରୟାସ କରି ହେଲମେଟ ପିନ୍ଧି ଗାଡ଼ି ଚଳାଉଥିବା ବାଇକ ଆରୋହୀଙ୍କୁ ଗୋଲାପ ଫୁଲ ଦେଇ ଶୁଭେଚ୍ଛା ଜଣାଇବା ସହ ସୁରକ୍ଷିତ ଯାତ୍ରା ପାଇଁ ଉତ୍ସାହିତ କରିଥିଲେ । ଏହି ପରିପ୍ରେକ୍ଷୀରେ ଆୟୋଜିତ ସଭାରେ ଅଧକ୍ଷ ପ୍ରଫେସର ଖଗେଶ୍ୱର ଦାଶ ସଭାପତିତ୍ୱ କରିଥିବା ବେଳେ ଦର୍ଶନ ଶାସ୍ତ୍ର ବିଭାଗର ମୁଖ୍ୟ ଅଧାପକ ସନ୍ତୋଷ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷା ନିୟମ ପାଳନ କରିବାକୁ ପରାମର୍ଶ ଦେଇଥିଲେ । ମଧ୍ୟାହ୍ନ ପରବର୍ତ୍ତୀ ଅଧିବେଶନରେ 'ବେଟି ବଚାଓ ବେଟି ପଢ଼ାଓ' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗଣିତ ବିଭାଗର ମୁଖ୍ୟ ପ୍ରାଧାପିକା ଝୁନୁ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ କନ୍ୟା ସନ୍ତାନର ଶିକ୍ଷା ଓ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ଶିବିରାର୍ଥୀମାନଙ୍କ ମଧ୍ୟରେ ଆକର୍ଷଣୀୟ ରଙ୍ଗୋଲି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ସନ୍ଧ୍ୟାରେ ପତାକା ଅବତରଣ ସହ ଦିବସର କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ସଞ୍ଜୟ ତିଗା, ଅଧାପିକା ବୁନି ସାହୁ ଏବଂ ସୁରେଶ୍ୱରୀ ପାଣ୍ଡେ ସହଯୋଗ କରିଥିଲେ । ଶେଷରେ କାର୍ଯ୍ୟକ୍ରମ ଅଧିକାରୀ ଭୁବନେଶ୍ୱର ବରିହା ଧନ୍ୟବାଦ ଅର୍ପଣ କରିଥିଲେ ।



## ମତଦାତାଙ୍କ ସଂକଳ୍ପ ଗ୍ରହଣ



ବ୍ରହ୍ମପୁର,୨୨।୧(ସମିସ): ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପୂର୍ବାହ୍ନରେ ଉପଜିଲ୍ଲାପାଳ ଅବିନାଶ କୁମାର, ଡେପୁଟି କଲେକ୍ଟର ସୁବ୍ରତ ରାମ ବିରାମ ଶତପଥୀ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ୧୬ତମ ଜାତୀୟ ମତଦାତା ଦିବସ ଅବସରରେ ସଂକଳ୍ପ ଗ୍ରହଣ କରିଥିଲେ। ସେହିପରି ବ୍ରହ୍ମପୁର ଉପଖଣ୍ଡର ସମସ୍ତ ତହସିଲ ଅଫିସ, ବ୍ଲକ ଅଫିସ ଓ ଶିକ୍ଷାନୁଷ୍ଠାନରେ ସମସ୍ତେ ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଜାୟ ରଖିବା ସହ ଶାନ୍ତିପୂର୍ଣ୍ଣ ନିର୍ବାଚନରେ ଓ ପ୍ରତ୍ୟେକ ନିର୍ବାଚନରେ ନିଜ ମତାଧିକାରର ପ୍ରୟାଗ କରିବୁ ବୋଲି ଶପଥ ଗ୍ରହଣ କରିଥିଲେ।

## ୧୩ ଲକ୍ଷ ଠକି ହାଇଦ୍ରାବାଦ ପଳାଇଲେ ମହିଳା

ବ୍ରହ୍ମପୁର,୨୨।୧(ସମିସ): ବ୍ରହ୍ମପୁର ତୁଳସୀନଗର ଅଞ୍ଚଳର ଜଣେ ବ୍ୟକ୍ତିଙ୍କଠାରୁ ସେହି ଅଞ୍ଚଳର ଜଣେ ମହିଳା ୧୩ଲକ୍ଷ ଟଙ୍କା ଠକି ନେଇ ହାଇଦ୍ରାବାଦ ପଳାଇଥିବା ଅଭିଯୋଗ ହୋଇଛି। ଏନେଇ ବ୍ରହ୍ମପୁର ଟାଉନ ଥାନାରେ ଏକ ମାମଲା ରୁଜୁ ହେବା ସହ ପୁଲିସ ଅଭିଯୁକ୍ତ ମହିଳାଙ୍କୁ ଠାବ କରିବାକୁ ଉଦ୍ୟମ ଚଳାଇଛି। ସୂଚନାପ୍ରକାରେ, ତୁଳସୀନଗର ଦ୍ୱିତୀୟ ଲାଇନରେ ରହୁଥିବା ନାଗେଶ୍ୱର ପଟ୍ଟନାୟକଙ୍କ ସହ ସେହି ଅଞ୍ଚଳରେ ରହୁଥିବା ଜଣେ ମହିଳାଙ୍କ ମଧ୍ୟରେ ପାରିବାରିକ ସମ୍ପର୍କ ରହିଥିଲେ। ଗତବର୍ଷ ଏପ୍ରିଲ ମାସରେ ମହିଳା ଜଣଙ୍କ ଜରୁରୀ କାମ ଥିବା କହି ନାଗେଶ୍ୱରଙ୍କ ଠାରୁ ୧୩ଲକ୍ଷ ଟଙ୍କା ନେଇଥିଲେ। ହେଲେ ଟଙ୍କା ନେବା ପରେ ମହିଳା ଜଣଙ୍କ ନିଜ ସ୍ୱାମୀ ସହ ହାଇଦ୍ରାବାଦ ପଳାଇଛନ୍ତି। ଏହାଭିତରେ ଅନେକ ମାସ ବିତି ସାରିଥିଲେ ମଧ୍ୟ ମହିଳା ଜଣଙ୍କ ନାଗେଶ୍ୱରଙ୍କୁ ତାଙ୍କ ଟଙ୍କା ଫେରସ୍ତ କରୁନାହାନ୍ତି କି ଫୋନ କଲେ ମଧ୍ୟ ସନ୍ତୋଷଜନକ ଉତ୍ତର ଦେଉନାହାନ୍ତି। ଏପରିକି ଟଙ୍କା ମାଗିଲେ ଧମକଚମକ ଦେଉଛନ୍ତି ବୋଲି ନାଗେଶ୍ୱର ଅଭିଯୋଗରେ ଦର୍ଶାଇଛନ୍ତି।

### ଜିଲ୍ଲାର ବିଭିନ୍ନ କୋର୍ଟରେ ସରକାରୀ ଓକିଲଙ୍କ ନିଯୁକ୍ତିକୁ ନେଇ ଦ୍ୱନ୍ଦ୍ୱ

# କୋର୍ଟ ନ ଥାଇ ସୁଦ୍ଧା ଦିଆଯାଇଛି ନିଯୁକ୍ତି

- ପୂର୍ବାପେକ୍ଷା ନିଯୁକ୍ତି ପାଇଛନ୍ତି ଦୁଇଗୁଣା
- କିଏ ଇସ୍ତଫା ଦେଲେଣି ତ, ଆଉ କିଏ ଦାୟିତ୍ୱ ନେବାକୁ ଚାହୁଁନି
- ବ୍ରହ୍ମପୁର 'ଏଲଏଆର୍ଆର' କୋର୍ଟରେ ଜଟିଳ ପରିସ୍ଥିତି

ବ୍ରହ୍ମପୁର,୨୨।୧(ସମିସ): ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଜିଲ୍ଲାରେ ସରକାରୀ ଓକିଲ ବା 'ଲ ଅଫିସର'ଙ୍କ ନିଯୁକ୍ତି ଦିଆଯାଇଛି। ଏହି କ୍ରମରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ କୋର୍ଟରେ ସରକାରୀ ଓକିଲ (ନନ୍ କ୍ୟାଡର)ଙ୍କୁ ନିଯୁକ୍ତି ଦିଆଯାଇଛି। ମାତ୍ର ଏହି ସଂଖ୍ୟା ପୂର୍ବାପେକ୍ଷା ପ୍ରାୟ ଦୁଇଗୁଣା ଅଧିକ। ପୂର୍ବରୁ ଜିଲ୍ଲାରେ ନନ କ୍ୟାଡର ସରକାରୀ ଓକିଲଙ୍କ ସଂଖ୍ୟା ପ୍ରାୟ ୮୦ ଥିବାବେଳେ ବର୍ତ୍ତମାନ ପ୍ରାୟ ୧୭୦ରୁ ଊର୍ଦ୍ଧ୍ୱ। ସାଧାରଣତଃ ନନ୍ କ୍ୟାଡର ସରକାରୀ ଓକିଲଙ୍କ କାର୍ଯ୍ୟକାଳ ୩ବର୍ଷ ରହୁଥିବା ବେଳେ ପରେ ଏହା ବୃଦ୍ଧି ପାଉଥିଲା। ଏହି ସମସ୍ତ ନିଯୁକ୍ତି ଯଦିଓ ରାଜନୈତିକ ତଥାପି ଏଥିରେ ରାଜ୍ୟ ସରକାରଙ୍କ ଆଇନ ବିଭାଗର ଅନୁମୋଦନ ଥାଏ।

ମାତ୍ର ଡିସେମ୍ବର ୨୪ରେ ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ତାଲିକାକୁ ନେଇ ଆଇନଜୀବୀଙ୍କ ମହଲରେ ସୃଷ୍ଟି ହୋଇଛି ଦ୍ୱନ୍ଦ୍ୱ। ପ୍ରଥମତଃ ପୂର୍ବ ସରକାର ଅମଳରେ ସରକାରୀ ଓକିଲ (ନନ କ୍ୟାଡର) ଭାବେ ନିଯୁକ୍ତି ପାଇଥିବା ଅନେକଙ୍କ ୩ବର୍ଷର କାର୍ଯ୍ୟକାଳ ଶେଷ ହୋଇନାହିଁ। ଅବଶ୍ୟ ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଆମେଣ୍ଡମେଣ୍ଟ ଅଣାଯାଇ ନିୟମରେ ପରିବର୍ତ୍ତନ ବା ସଂଶୋଧନ କରାଯାଇଥିବା କୁହାଯାଉଛି। ତେବେ ଏନେଇ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇନଥିବା ଆଲୋଚନା ହେଉଛି। ସେହିଭଳି ଜିଲ୍ଲାରେ ବିଭିନ୍ନ କୋର୍ଟରେ କ୍ୟାଡର ଲ' ଅଫିସରଙ୍କ ନିଯୁକ୍ତ ଥିବାବେଳେ ଉକ୍ତ କୋର୍ଟଗୁଡିକରେ ପୁଣି ଏକାଧିକ ନନ୍ କ୍ୟାଡର ଲ' ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛଛି। ଏପରିକି କେତେକ କ୍ଷେତ୍ରରେ କୋର୍ଟ ନଥାଇ ମଧ୍ୟ ସେଠାରେ ସରକାରୀ ଓକିଲଙ୍କୁ ନିଯୁକ୍ତି ମିଳିଛି। ଅନ୍ୟପଟେ ଏଭଳି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ଦୀର୍ଘବର୍ଷ ଧରି ଓକିଲାତି ନକରି ଅନ୍ୟ ବୃତ୍ତିରେ ବେତନ ଭୋଗୀ ଭାବେ ନିୟୋଜିତ ଥିଲେ ମଧ୍ୟ ସେମାନଙ୍କ ନାମ ତାଲିକାରେ ରହିଛି। କେତେକ ନବାଗତଙ୍କ ସର୍ବନିମ୍ନ ଅଭିଜ୍ଞତା ନଥାଇ ସୁଦ୍ଧା ତାଲିକାରେ ନାମ ରହିଛି।

ଗଞ୍ଜାମ ପିପିଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ପ୍ରକାରେ, ଜିଲ୍ଲାରେ ପୂର୍ବରୁ ଜଣେ ପିପିଙ୍କ ସମେତ ଅତିରିକ୍ତ ଜିଲ୍ଲା ଦୌରାଜଜ୍ କୋର୍ଟ ଗୁଡିକରେ ୯ଜଣ ଅତିରିକ୍ତ ପିପି ଏବଂ ୨ଜଣ ସହକାରୀ ପିପି ଏହିଭଳି ମୋଟ ୧୨ଜଣ କ୍ୟାଡର ସରକାରୀ ଓକିଲ ଥିଲେ। ଯାହା ବର୍ତ୍ତମାନ ମଧ୍ୟ ଅଛନ୍ତି। ସେହିଭଳି ଜିଲ୍ଲାର ବିଭିନ୍ନ କୋର୍ଟରେ ପୂର୍ବରୁ ପ୍ରାୟ ୮୦ଜଣ ନନ କ୍ୟାଡର ସରକାରୀ ଓକିଲ ଥିବାବେଳେ ବର୍ତ୍ତମାନ ସେହି ସଂଖ୍ୟା ପ୍ରାୟ ୧୭୫କୁ ବୃଦ୍ଧି ପାଇଛି। ସେଥିମଧ୍ୟରୁ କୋଦଳାରେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ବା କୋର୍ଟ ନଥାଇ ସୁଦ୍ଧା ସେଠାରେ ୨ଜଣ ଏପିପିଙ୍କୁ ନିଯୁକ୍ତି ଦିଆଯାଇଛି। ସେପଟେ କୋଦଳାରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ କୋର୍ଟ ସମେତ ସହକାରୀ ସେସନ୍ସ ଜଜ୍ ଓ ଜେଏମଏଫସିଙ୍କ କୋର୍ଟ ଥିବା ସତ୍ତ୍ୱେ ସେଠାରେ କାହାରିକୁ ନିଯୁକ୍ତି ମିଳିନଥିବା ଜଣାପଡିଛି। ଚିକିଟି ଠାରେ ଜେଏମଏଫସି କୋର୍ଟ ନଥାଇ ଜଣେ ସରକାରୀ ଓକିଲ ନିଯୁକ୍ତି ପାଇଛନ୍ତି। ଭଞ୍ଜନଗର ଏସ୍‌ଡିଜେଏମଙ୍କ କୋର୍ଟରେ ନିଯୁକ୍ତି ପାଇଥିବା ସରକାରୀ ଓକିଲଙ୍କ ନିକଟରେ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଅନୁରୂପ ଭାବେ ବ୍ରହ୍ମପୁରରେ ୪ରୁ୫ଟି ଜେଏମଏଫସି କୋର୍ଟ ଥିବା ବେଳେ ଏଠାରେ ୮ଟି କୋର୍ଟ ଥିବା ଭଳି ଅଧିକ ସଂଖ୍ୟକ ସରକାରୀ ଓକିଲଙ୍କୁ ନିଯୁକ୍ତି ଦିଆଯାଇଛି। ଚିକିଟି ଓ କୋଦଳା ଭଳି ବ୍ରହ୍ମପୁରରେ ମଧ୍ୟ କେତେକ କୋର୍ଟ ନଥାଇ ସରକାରୀ ଓକିଲଙ୍କୁ ନିଯୁକ୍ତି ମିଳିଛି। ଖାସ କରି ଜିଲ୍ଲାର ବିଭିନ୍ନ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ନିକଟରେ କାମ ଅଧିକ ନଥିଲେ ହେଁ ସେଠାରେ ୨ଜଣ ଲେଖାଏଁ ସରକାରୀ ଓକିଲଙ୍କ ନାମ ତାଲିକାରେ ଥିବା ଦେଖିବାକୁ ମିଳିଛି।




ସବୁଠାରୁ ବଡକଥା ହେଲା ଗତ ଡିସେମ୍ବର ୨୪ରେ ନିଯୁକ୍ତି ନେଇ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଇତି ମଧ୍ୟରେ ଜଣେ ଇସ୍ତଫା ଦେଇ ସାରିଥିବା ବେଳେ ଆଉ କେତେଜଣ କାର୍ଯ୍ୟରେ ଯୋଗଦେବେ କି ନାହିଁ ବିଚାର କରୁଛନ୍ତି। ଏଭଳି ସ୍ଥିତିରେ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଛି ଦକ୍ଷିଣାଞ୍ଚଳର ୮ଟି ଜିଲ୍ଲା ପାଇଁ ଉଦ୍ଦିଷ୍ଟ ତଥା ସ୍ଥାନୀୟ 'ଏଲଏ ଆର ଆଣ୍ଡ ଆର' ବା ଜମି ଅଧିଗ୍ରହଣ, କ୍ଷତିପୂରଣ ଓ ପୁନଃ ଥଇଥାନ କୋର୍ଟରେ ସରକାରୀ ଓକିଲଙ୍କ ନିଯୁକ୍ତିକୁ ନେଇ। ପୂର୍ବରୁ ଏହି କୋର୍ଟରେ ଜଣେ ମାତ୍ର ସରକାରୀ ଓକିଲ ଥିବାବେଳେ ବର୍ତ୍ତମାନ ଗତ ଜାନୁଆରୀ ୬ତାରିଖରେ ଗଞ୍ଜାମ ଜିପି ଅଶ୍ୱିନୀ କୁମାର ମହାପାତ୍ରଙ୍କୁ ଗଞ୍ଜାମ ଜିଲ୍ଲାପାଳ ମକଦ୍ଦମା ପରିଚାଳନା ପାଇଁ ଦାୟିତ୍ୱ ପ୍ରଦାନ କରିଛନ୍ତି। ସେପଟେ ଏହି କୋର୍ଟରେ ମକଦ୍ଦମା ପରିଚାଳନା ପାଇଁ ରାୟଗଡାର ଆଇନଜୀବୀ ପଦ୍ମନାଭ ଦାଶଙ୍କୁ ଗତ ଜାନୁଆରୀ ୧୫ତାରିଖରେ ରାୟଗଡା ଜିଲ୍ଲାପାଳ ଦାୟିତ୍ୱ ଦେଇଥିବା ଜଣାପଡିଛି। ଫଳରେ ଆଗକୁ ୮ଟି ଜିଲ୍ଲା ପାଇଁ ଉଦ୍ଦିଷ୍ଟ ଏହି କୋର୍ଟରେ ବିଭିନ୍ନ ଜିଲ୍ଲାରୁ ପୃଥକ ପୃଥକ ଭାବେ ୮ଜଣ ସରକାରୀ ଓକିଲ ମକଦ୍ଦମା ପରିଚାଳନା କରିବା ଭଳି ଆଶଙ୍କା ସୃଷ୍ଟି ହୋଇଛି। ଯାହାକୁ ନେଇ ପରିସ୍ଥିତି ଜଟିଳ ହେବା ସହିତ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି। କମ୍ ସଂଖ୍ୟକ କୋର୍ଟରେ ଅଧିକ ସଂଖ୍ୟକ ସରକାରୀ ଓକିଲ କିଭଳି ନିଜର ଦାୟିତ୍ୱ ସମ୍ପାଦନ କରିବେ ଓ ସେମାନଙ୍କୁ କିଭଳି ସେମାନଙ୍କ ଆର୍ଥିକ ସୁବିଧା ମିଳିବ ତାକୁ ନେଇ ବଢିଛି ଚିନ୍ତା। ଏସବୁକୁ ଦେଖିବାକୁ ଗଲେ ପୂର୍ବାପେକ୍ଷା ଯେହେତୁ ସରକାରୀ ଓକିଲଙ୍କ ସଂଖ୍ୟା ପ୍ରାୟ ଦୁଇଗୁଣ ହୋଇଛି ତଦନୁସାରେ ଏଥିପାଇଁ ରାଜକୋଷରୁ ଅଧିକ ଖର୍ଚ୍ଚ ହୋଇ ଆର୍ଥିକ ବୋଝ ସରକାରଙ୍କ ଉପରେ ପଡିବ ବୋଲି ବୁଦ୍ଧିଜୀବୀଙ୍କ ମହଲରେ ଆଲୋଚନା ହେଉଛି। ଆଗକୁ ଏହି ସମସ୍ୟାର କିଭଳି ସମାଧାନ ହେଉଛି ତାହା ଦେଖିବାକୁ ବାକି ରହିଲା।

### ଉତ୍କଳ ଆଶ୍ରମ ଶତବାର୍ଷିକୀ ସମାରୋହ ଉଦ୍‌ଯାପିତ

## 'ଉତ୍କଳ ଆଶ୍ରମ ଆମ ଜାତୀୟତାର ଐତିହାସିକ ସ୍ମୃତିପୀଠ'

ବ୍ରହ୍ମପୁର,୨୨।୧(ସମିସ): ଓଡ଼ିଆ ଜାତୀୟତାର ଐତିହାସିକ ସ୍ମୃତିପୀଠ ଉତ୍କଳଆଶ୍ରମ ଶତବର୍ଷିକୀ ସମାରୋହର ଉଦ୍-ଯାପନୀ ମହୋତ୍ସବ ଆଜି ଏକ ଭାବପୂର୍ଣ୍ଣ ବର୍ଣ୍ଣାଢ୍ୟ ବାତାବରଣ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବର୍ଷ ସାରା ଉତ୍କଳଆଶ୍ରମ ନ୍ୟାସ ଆନୁକୂଲ୍ୟରେ ବ୍ରହ୍ମପୁର ସହର ସମେତ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଲୋଚନା ଚକ୍ର, ପାଠଚକ୍ର, ସ୍ମାରକୀ ବକ୍ତୃତା ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉତ୍କଳଆଶ୍ରମ ନ୍ୟାସର ବରିଷ୍ଠ ସଦସ୍ୟ କୃଷ୍ଣ ଚରଣ ସିଂହ ଶତବାର୍ଷିକୀ ଉଦ୍-ଯାପନୀ ମହୋତ୍ସବରେ ପୌରୋହିତ୍ୟ କରିଥିଲେ। ନ୍ୟାସର ସଂପାଦକ ଡକ୍ଟର୍ ସିଦ୍ଧାର୍ଥ ଶଙ୍କର ପାଢ଼ୀ ପ୍ରାକ୍-ସୂଚନା ସହ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଏହି ମହୋତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର୍ ବିଷ୍ଣୁଚରଣ ଚୌଧୁରୀ ମୁଖ୍ୟଅତିଥି ଓ ଯଶସ୍ୱୀ ଇତିହାସ ଗବେଷକ ଡକ୍ଟର୍ ଅନନ୍ତରାମ କର କୌଣ୍ଡିନ୍ୟ ମୁଖ୍ୟବକ୍ତା ରୂପେ ଯୋଗଦେଇ ଉତ୍କଳଆଶ୍ରମ ନିର୍ମାଣର ଇତିହାସ, ହିତବାଦିନୀ ସଭା ଓ ଗଞ୍ଜାମ ଜାତୀୟ ସମିତିର ଭୂମିକା, ଉତ୍କଳସମ୍ମିଳନୀର ସର୍ବାଧିକ ଅଧିବେଶନ ଆୟୋଜନ, ତତ୍କାଳୀନ ଓଡ଼ିଶାର ବିଶିଷ୍ଟ ବରପୁତ୍ରଙ୍କ ଅବଦାନ ବିଷୟରେ ଅଭିଭାଷଣ ରଖିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ମେଜର୍ ରମାରମଣ ପାଢ଼ୀ, ସୁଖ୍ୟାତ ସାହିତ୍ୟ ଓ ସଂସ୍କୃତି ଗବେଷକ ଡ. ଲମ୍ବୋଦର ପାଣିଗ୍ରାହୀ, ଓଡ଼ିଆ ଭାଷା ଆନ୍ଦୋଳନର ଆବାହକ ପବିତ୍ର ମହାରଥା, ବଡ଼ଖେମୁଣ୍ଡି ରାଜ ପରିବାରର ସଦସ୍ୟ ଲଳିତ ମୋହନ ଦେଓ, ଉତ୍କଳସମ୍ମିଳନୀ ଗଞ୍ଜାମ ଜିଲ୍ଲା ଶାଖା ସଭାପତି ଡ. ସୁବ୍ରତ କୁମାର ସାହୁ, ବଡ଼ଖେମୁଣ୍ଡି ରାଜ ପରିବାରର ସଦସ୍ୟ ସିଦ୍ଧାନ୍ତ କୁମାର ଗଙ୍ଗଦେଓ ପ୍ରମୁଖ ଉତ୍କଳଆଶ୍ରମ ପ୍ରତିଷ୍ଠାର ସ୍ମୃତିଚାରଣ କରିଥିଲେ। ଡ. କୁଳମଣି ଓଝାଙ୍କ ସଂଯୋଜନାରେ ସଂଚାଳିତ ଉଦ୍-ଯାପନୀ ମହୋତ୍ସବରେ ଡ. ବନମାଳୀ ପାଣିଗ୍ରାହୀ ଅତିଥି ପରିଚୟ ଓ ଡ. କୃଷ୍ଣପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ 'ଉତ୍କଳଆଶ୍ରମ ଶତବର୍ଷିକୀ ସ୍ମୃତିଗ୍ରନ୍ଥ' ଓ କଳିଙ୍ଗ ସାହିତ୍ୟ ସମାଜର ମୁଖପତ୍ର 'କଳିଙ୍ଗର ସ୍ୱର' ଲୋକାର୍ପିତ ହୋଇଥିଲା। ଏ ଅବସରରେ ଚିତ୍ରଶିଳ୍ପୀ କେଦାର ଆପ୍ତା, ନାଟ୍ୟ ନିର୍ଦ୍ଦେଶକ ରାଜୁ ପାଢ଼ୀ, ଭାରତଲୀଳା ଗୁରୁ ସନ୍ତୋଷ ପାଢ଼ୀ, ଡ. ସୁବ୍ରତ କୁମାର ସାହୁ, ଡା. ସାଗର ରଞ୍ଜନ ତ୍ରିପାଠୀ, ଲୋକନୃତ୍ୟ ଗୁରୁ ଆଲୋକ ବିଷୋୟୀ, ସମାଜସେବୀ ବାଳକୃଷ୍ଣ ସାମନ୍ତରାୟ, ଯୁବ ସମାଜସେବୀ ତୁତୁନ୍ ପାତ୍ରଙ୍କ ସମେତ ୧୫ ଜଣ ବ୍ୟକ୍ତିଙ୍କୁ ମାନପତ୍ର ଓ ଉପାୟନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ନରେ ଆୟୋଜିତ ଜାତୀୟତାବାଦୀ କବିତା ଆବୃତ୍ତି ଆସରରେ ସ୍ୱର୍ଣ୍ଣପ୍ରଭା ପାଢ଼ୀ ପୌରୋହିତ୍ୟ କରିଥିଲେ। ଡ. ବନମାଳୀ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କବିତା ଆସରରେ କବି ପ୍ରଶାନ୍ତ ମହାନ୍ତି ଓ କବି ମନୋରଞ୍ଜନ ପାଣିଗ୍ରାହୀ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଜାତୀୟତାବାଦୀ କବିତାର ଧାରା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଦୀନବନ୍ଧୁ ଶ୍ରୀପଲ୍ଲବ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସନ୍ଧ୍ୟାରେ 'ସ୍ୱରାଞ୍ଜଳି' ପକ୍ଷରୁ ଅଭୟେନ୍ଦୁ ଶେଖର ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ଦେଶାଦେବାଧକ ସଂଗୀତ ଓ ପାରମ୍ପରିକ ଓଡ଼ିଶୀ ସଂଗୀତ, ଚମ୍ପୁ ଓ ଛାନ୍ଦ ଗାନ କରାଯାଇଥିଲା। କଣ୍ଠଶିଳ୍ପୀ ଭବାନୀ ଶଙ୍କର ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଏବଂ ଯତୀନ୍ ଦାସ ନିର୍ଦ୍ଦେଶନା ଦେଇଥିଲେ। ଦିବସ ବ୍ୟାପୀ ଏହି ମହୋତ୍ସବ ପରିଚାଳନାରେ ଡ. ରମେଶ ଚନ୍ଦ୍ର ପ୍ରଧାନ, ଡ. ଶରତ କୁମାର ଜେନା, ଡ. ହୃଷୀକେଶ ପଣ୍ଡା, ଡ. ସଞ୍ଜୟ କୁମାର ପଣ୍ଡା, ଡ. ଅଶୋକ କୁମାର ପଣ୍ଡା ଓ ନଳିନୀକାନ୍ତ ଗୌଡ଼ ପ୍ରମୁଖ ସହଯୋଗ କରିଥିଲେ।



## ବିଇଏମ୍‌ସିରେ ବଡ଼ ଓ ସାନ କୁଶସ୍ଥଳିକୁ ସାମିଲ ପାଇଁ ଦାବିପତ୍ର

ବ୍ରହ୍ମପୁର,୨୨।୧(ସମିସ): ସହର ତଳି ଅଞ୍ଚଳ ଗୁଡ଼ିକ ବ୍ରହ୍ମପୁର ମହାନଗର ନିଗମ(ବିଇଏମସି)ରେ ସାମିଲ ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ସାନି ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ ବଡ କୁଶସ୍ଥଳି ପଞ୍ଚାୟତର ବଡ଼ କୁଶସ୍ଥଳି ଓ ସାନ କୁଶସ୍ଥଳି ଗ୍ରାମକୁ ଚୂଡାନ୍ତ ବିଜ୍ଞପ୍ତିରେ ସ୍ଥାନିତ କରିବାକୁ ଦାବି ହୋଇଛି। ଏ ନେଇ ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ଏକ ମିଳିତ ପ୍ରତିନିଧି ମଣ୍ଡଳୀ ବିଇଏମସି ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରାଙ୍କ ସାକ୍ଷାତ କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ। ଉଭୟ ଗ୍ରାମବାସୀ ଓ କମିଟି ସଦସ୍ୟମାନେ ପଞ୍ଚାୟତର ଏବଂ ପଞ୍ଚାୟତ ରାଜ ବିଭାଗର ଅନୁମୋଦନ ଥିବା ସତ୍ତ୍ୱେ ବଡ଼ କୁଶସ୍ଥଳି ପଞ୍ଚାୟତର ୪ଟି ଗ୍ରାମ ମଧ୍ୟରୁ ପଲ୍ଲୀଗୁମୁଳା ଓ ବଡ଼ ଗୁମୁଳା ଗ୍ରାମ ବ୍ରହ୍ମପୁର ମହାନଗର ନିଗମରେ ମିଶ୍ରଣ ନିମନ୍ତେ ପ୍ରଥମରୁ ସଂକଳ୍ପପତ୍ର ଦାଖଲ କରିସାରିଥିଲେ।

ଦ୍ୱିତୀୟ ପର୍ଯ୍ୟାୟରେ ଗତ ଡ଼ିସେମ୍ବର ୨୪ରେ ବଡ଼କୁଶସ୍ଥଳି ପଞ୍ଚାୟତ ପକ୍ଷରୁ ବଡ଼କୁଶସ୍ଥଳି ଓ ସାନ କୁଶସ୍ଥଳି ଗ୍ରାମକୁ ବିଇଏମସିରେ ସାମିଲ ନେଇ ପଞ୍ଚାୟତ ରାଜ ବିଭାଗ ନିକଟରେ ସଙ୍କଳ୍ପ ପତ୍ର ଦାଖଲ କରିଥିଲେ। ଏହା ପରେ ମଧ୍ୟ ବିଜ୍ଞପ୍ତିରେ ସ୍ଥାନିତ ହୋଇନଥିବା କହିଛନ୍ତି। ଦାବିପତ୍ର ପ୍ରଦାନ ବେଳେ କମିଟିର ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ, ତପନ କୁମାର ସାହୁ, ଗୌରହରି ସାହୁ, ରାମକୃଷ୍ଣ ସାହୁ, ଆର୍. ରାମଚନ୍ଦ୍ର ରେଡ୍ଡୀ, ଟୁନା ସେଠୀ, ମିଟୁ ବେହେରା, କିଶୋର ଚନ୍ଦ୍ର ଗୌଡ଼, ଲକ୍ଷ୍ମୀକାନ୍ତ ଜେନା ଓ ପ୍ରେମାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



## ଶିଶୁ ସାହିତ୍ୟ ବିକାଶ ପରିଷଦର ମାସିକ ଆସର

ବ୍ରହ୍ମପୁର,୨୨।୧(ସମିସ): ଶିଶୁ ସାହିତ୍ୟ ବିକାଶ ପରିଷଦର ମାସିକ ଶିଶୁ ସାହିତ୍ୟ ଆସର ସଭାପତି ହାଡ଼ିବନ୍ଧୁ ମାଳିଙ୍କ ସଭାପତିତ୍ୱରେ ଉତ୍କଳ ଆଶ୍ରମ ପାଠାଗାରରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ଏବଂ ସଂଯୋଜିକା ପଦ୍ମିନୀ ମିଶ୍ର ମଞ୍ଚାସିନ ଥିଲେ। ଶଙ୍କର୍ଷଣ ତ୍ରିପାଠୀ ଉଦ୍‌ଘାଟନୀ ଶ୍ଳୋକ ପାଠ ଏବଂ ଭଜନ ଗାନ କରିଥିଲେ। ଓଡ଼ିଆ ସାହିତ୍ୟର ବିଶିଷ୍ଟ ଗବେଷକ ସାହିତ୍ୟିକ ଡ଼ ସୂର୍ଯ୍ୟ ନାରାୟଣ ଦାସଙ୍କ ଦେହାନ୍ତରେ ଗଭୀର ଶୋକ ଶ୍ରଦ୍ଧାଞ୍ଜଳି ଦେଇ ନିରବ ପ୍ରାର୍ଥନା କରାଯାଇଥିଲା। ଚଳିତବର୍ଷ ମୁଖପତ୍ର 'ସୁନା ଅଜା' ନିମନ୍ତେ କବିତା, ଗଳ୍ପ, ପ୍ରବନ୍ଧ, ଏବଂ ଏକାଙ୍କିକା ଇତ୍ୟାଦି ଶିଶୁ ଲେଖା ଆହ୍ୱାନ କରିଥିଲେ। ଉପଦେଷ୍ଟା ଡ଼ ବିଜୟ ମହାରଣା, କବୟିତ୍ରୀ ଜ୍ୟୋତ୍ସ୍ନାରାଣୀ ଦେବୀ, ବଂଶୀଧର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚେତନ ଶିବିର



ବ୍ରହ୍ମପୁର,୨୨।୧(ସମିସ): ଗଞ୍ଜାମ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଅଶାନ୍ତ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକଙ୍କ ପୌରାହିତ୍ୟରେ ଲିଙ୍ଗରାଜ ଆଇନ ମହାବିଦ୍ୟାଳୟରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଲିଙ୍ଗରାଜ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ା ଏନ.ସି ପଟ୍ଟନାୟକ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ରଖିଥିବା ବେଳେ ଆଇନସେବା ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକ ଆଜି ଦିବସର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଥମ ଅତିରିକ୍ତ ଜିଲ୍ଲା ଜଜ୍ ନରେଶ ମହାନ୍ତି, ପରିବାର ଅଦାଲତ ବିଚାରପତି ଜାନକୀ ବିଶ୍ୱାଳ, ପୋକସୋ କୋର୍ଟ ବିଚାରପତି ପ୍ରଣତି ପଟ୍ଟନାୟକ, ପିଓ ଓପିଆଇଡି ସଂଗୀତା ପାଣି, ଜେଏମଏସସି ଟ୍ରାନ୍ସପୋର୍ଟ ସବ୍ୟସାଚୀ ପଣ୍ଡା, ସିଭିଲ କୋର୍ଟ ବିଚାରପତି ରାଜଶ୍ରୀ ଆର୍ଯ୍ୟବାଳା ତ୍ରିପାଠୀ, ଜେଏମଏସସି ଏଲଆର ଏବଂ ଏଲଟିଭି ଅନନ୍ୟା ଦାସ, ଜେଏମଏସସି ବ୍ରହ୍ମପୁର ସସ୍ମିତା ସାମଲ ଉପସ୍ଥିତ ରହିବା ସହ ମହାବିଦ୍ୟାଳୟର ପ୍ରତ୍ୟେକ ଅଧ୍ୟାପକ/ଅଧ୍ୟାପିକା ଏବଂ ସମସ୍ତ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

### ଆଜି ବିଦ୍ୟାଦାତ୍ରୀଙ୍କୁ ଆବାହନ

# ଖଡ଼ିଛୁଆଁ ବଞ୍ଚିଛି; ହଜିଛି ଶ୍ରୀଫଳ ପୂଜା

ବ୍ରହ୍ମପୁର, ୨୨।୧ (ସମିସ): ଆଧୁନିକତାର ଚାକଚକ୍ୟରେ ମଣିଷ ଯେତେ ମଜ୍ଜିଥିଲେ ବି ପରମ୍ପରା ତାର ଚିରସାକ୍ଷୀ। ସମୟକ୍ରମେ ବହୁ ପରମ୍ପରା ଓ ପୂଜାପାର୍ବଣ ଜନମାନସରୁ ଉଭେଇ ଯାଇଥିଲେ ହେଁ ଆଉକିଛି ଏଯାବତ ଗରିମା ବଜାୟ ରଖିଛି। ତନ୍ମଧ୍ୟରୁ ସରସ୍ୱତୀ ପୂଜା ଅନ୍ୟତମ। ଏହା କେବଳ ପୂଜା ନୁହେଁ, ଶିକ୍ଷାରମ୍ଭର ମୂଳଦୁଆ ଭାବେ ସମାଜରେ ବିବେଚିତ। ପିଲାଟି ଦିନରୁ ଆଧାତ୍ମିକ ଚେତନା ଜାଗ୍ରତ ସହ ସାଙ୍ଗସାଥିଙ୍କ ଆସରର ପର୍ବମାନଙ୍କ ମଧ୍ୟରେ ସରସ୍ୱତୀ ଓ ଗଣେଷ ପୂଜା ଅନ୍ୟତମ। ଏହିଦିନ ମାନଙ୍କରେ ମୂର୍ତ୍ତିପୂଜା, ଧ୍ୟାନ ସମେତ ମଉଜ ମସ୍ତି ସହ ପିଲାଟି ଦିନରୁ ବିଦ୍ୟାର୍ଥୀମାନେ ଅବଗତ ହୋଇଥାନ୍ତି। ତେବେ ଏହି ପରମ୍ପରାର ରୀତିନୀତି ଦିନକୁ ଦିନକୁ ପରିବର୍ତ୍ତନ ହେବାରେ ଲାଗିଛି। ମୂଳ ପରମ୍ପରା ଆଉ ନଥିବା ବେଳେ ଏବେ ଗଣେଶ ଓ ସରସ୍ୱତୀ ପୂଜା ଏକ ଉତ୍ସବର ମାହୋଲ ସୃଷ୍ଟି କରୁଛି ମାତ୍ର। ଶିକ୍ଷା ଗ୍ରହଣ କ୍ଷେତ୍ରରେ ପାଦ ଥାପିବା ପୂର୍ବରୁ ଶିଶୁକୁ ଖଡ଼ି ଛୁଆଁଇବା ଆମର ଏକ ମୁଖ୍ୟ ପରମ୍ପରା। ଶିକ୍ଷାର ମୂଳଦୂଆ ଖଡ଼ିଛୁଆଁରୁ ହିଁ ଆରମ୍ଭ ହୁଏ। ସରସ୍ୱତୀ ପୂଜା ଦିନ ଶିଶୁଙ୍କୁ ସ୍ଥାନୀୟ ବିଦ୍ୟାଳୟ କିମ୍ବା ମନ୍ଦିରକୁ ନେଇ ଶିକ୍ଷକ ଅବା ବ୍ରାହ୍ମଣଙ୍କ ସହାୟତାରେ ବିଦ୍ୟାଦାତ୍ରୀଙ୍କୁ ସୁମରଣା କରି ଖଡ଼ି ଛୁଆଁଯାଇଥାଏ। ଏହା ଗାଁ ଗହଳି ସମେତ ସହରର କିଛି ସ୍ଥାନରେ ଆଜି ବି ବଞ୍ଚିରହିଛି। ଏପରିକି କିଛି ସ୍ଥାନରେ ସାମୂହିକ ଭାବେ ମଧ୍ୟ ଖଡ଼ିଛୁଆଁ କାର୍ଯ୍ୟକ୍ରମର ନଜିର ରହିଛି। ଏହି ଦିନରେ ପାଳନ ହେଉଥିବା ଅନ୍ୟ ଏକ ପରମ୍ପରା ହେଉଛି ଶ୍ରୀଫଳ। ଏହି ବିଷୟରେ ଯୁବାପିଢ଼ି ଅଜ୍ଞ ଅଛନ୍ତି। ଇତିହାସ ପୃଷ୍ଠାରେ ଏହା ଲିପିବଦ୍ଧ ନଥିଲେ ମଧ୍ୟ ଘରର ମୁରବୀଙ୍କଠାରୁ ଏ ବିଷୟରେ ଶୁଣିବାକୁ ମିଳିଥାଏ। ଶ୍ରୀଫଳ ଏକ ଗୁରୁ ପୂଜନ ପରମ୍ପରା ବୋଲି କୁହାଯାଏ। ପୂର୍ବରୁ ବରଦା ଚତୁର୍ଥୀ ଦିନ ଶ୍ରୀଫଳ ପୂଜା ପାଳନ କରାଯାଉଥିବା ବେଳେ ସମୟକ୍ରମେ ଶ୍ରୀ ପଞ୍ଚମୀ ଦିନ ମଧ୍ୟ ପାଳିତ ହେଲା। "ଯାହାକୁ ଯାଏ ସେ ଶ୍ରୀଫଳ, ତାହାକୁ ବିଦ୍ୟା ପ୍ରାପତ' ବୋଲି ଏକ ଲୋକକଥା ରହିଛି। ବିଦ୍ୟାର୍ଥୀଙ୍କ ପକ୍ଷରୁ ନଡ଼ିଆକୁ ଶ୍ରୀଫଳ ଭାବେ ପୂଜା କରିବା ପରେ ସ୍ଥାନୀୟ ଜଳାଶୟ ନିକଟରେ ତାକୁ ଲୁଚାଇ ଦିଆଯାଇଥାଏ। ସେହି ନଡ଼ିଆ ଯାହାକୁ ମିଳେ ତାକୁ ବିଦ୍ୟାପ୍ରାପ୍ତି ହେଲା ବୋଲି ଧରିନିଆଯାଏ। ବହୁବର୍ଷ ପୂର୍ବେ ଏହି ପରମ୍ପରା ପାଳନ ହେଉଥିବା ବେଳେ ଏବେ ଆଉ ଦେଖିବାକୁ ମିଳୁନାହିଁ। ଅପରପକ୍ଷେ ସରସ୍ୱତୀ ପୂଜା ପାଇଁ ବ୍ରହ୍ମପୁର ସହରର ବିଭିନ୍ନ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନ ଉତ୍ସବ ମୁଖର। ଏଥିପାଇଁ ମୂର୍ତ୍ତି କିଣା ବି ସରିଛି। ପୂଜା ଆସ୍ଥାନକୁ ବିଭିନ୍ନ ଢଙ୍ଗ ରଙ୍ଗରେ ସଜାଇ ଦିଆଯାଇଛି। ମା'ଙ୍କୁ ସୁମରଣା କରି ବିଦ୍ୟାରମ୍ଭ କରିବେ ବୋଲି ଜଣାପଡ଼ିଛି।



## ୩୧ରୁ ମା' ତାରାତାରିଣୀ ମହୋତ୍ସବ

ବ୍ରହ୍ମପୁର,୨୨।୧(ସମିସ): ବ୍ରହ୍ମପୁର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଓଡ଼ିଶୀ ନୃତ୍ୟାୟନ ପକ୍ଷରୁ ସ୍ଥାନୀୟ ୟୁସିପି ସ୍କୁଲ ପଡ଼ିଆରେ ଆସନ୍ତା ୩୧ ଓ ୧ତାରିଖ ଦୁଇଦିନ ବ୍ୟାପି ମା' ତାରାତାରିଣୀ ମହୋତ୍ସବ ଆୟୋଜିତ ହେବ। ଏନେଇ ଗୁରୁ ଶିବାନନ୍ଦ ବାରିକ ସୂଚନା ଦେଇଛନ୍ତି। ଦୁଇଦିନ ରାଜ୍ୟ ଓ ଏବଂ ଜିଲ୍ଲାର ବହୁ କଳାକାର, ଅତିଥି ଓ ସାଂସ୍କୃତିକ ପ୍ରେମୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେହିଭଳି ଘୁଡ଼କୀ, ସମ୍ବଲପୁରୀ, ଡେମସା, ଘୁଡ଼କା, ପଶୁମୁଖା, ଢୋଲବାଦ୍ୟ ଆଦି ନୃତ୍ୟ ପ୍ରଦର୍ଶନ ସହ ବିଭିନ୍ନ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧନା କରିବାର କାର୍ଯ୍ୟକ୍ରମ ରହିଛି।

## ତାଲା ବନ୍ଦ ଘରୁ ୨୫ ତୋଳା ସୁନା ଓ ଟଙ୍କା ଚୋରି

ବ୍ରହ୍ମପୁର,୨୨।୧(ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ନିଗମ ନଗର ଅଞ୍ଚଳରେ ରହୁଥିବା ଏସ୍ କେ ପାଢ଼ୀଙ୍କ ଘରୁ ବଡ଼ ଧରଣର ଚୋରି ହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି। ଶ୍ରୀ ପାଢ଼ୀ ବାହାରେ ରହୁଥିବା ବେଳେ ତାଙ୍କ ପରିବାର ଲୋକେ ଘରେ ତାଲା ପକାଇ ଏକ ଭୋଜିରେ ଯୋଗ ଦେବାକୁ ଯାଇଥିଲେ। ଦୁର୍ବୃତ୍ତମାନେ ଘରେ ପଶି ଦୁଇଟି ଆଲମାରୀରୁ ୩୫ହଜାର ଟଙ୍କା ଓ ୨୫ ତୋଳା ସୁନା ଅଳଙ୍କାର ଚୋରି କରିନେଇଥିଲେ। ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ୍ ପୁଲିସ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପାଇଁ ପ୍ରୟାସ ଜାରି ରଖିଛି।

SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/22 (ଚୁକ୍ତିଭିତ୍ତିକ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ | 31.12.2025 ରେ ବୟସ (ବର୍ଷ) | |
|---|---|---|---|
| | | ସର୍ବନିମ୍ନ | ସର୍ବାଧିକ |
| ଉପାଧ୍ୟକ୍ଷ (ୟୁଏକ୍ସ) | 1 | 40 | 50 |
| ଉପ-ଉପାଧ୍ୟକ୍ଷ (ୟୁଏକ୍ସ) | 1 | 36 | 44 |
| ସହାୟକ ଉପାଧ୍ୟକ୍ଷ (ୟୁଏକ୍ସ) | 1 | 32 | 40 |
| ବରିଷ୍ଠ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ (ୟୁଆଇ ଏବଂ ୟୁଏକ୍ସ) | 3 | 28 | 37 |

ବିଜ୍ଞାପନ ସଂ. CRPD/SCO/2025-26/22 (ନିୟମିତ ପଦବୀ)

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ | 31.12.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ଉପ-ପ୍ରବନ୍ଧକ (ୟୁଆଇ ଏବଂ ୟୁଏକ୍ସ) | ଏମ୍‌ଏମ୍‌ଜିଏସ୍-II | 6 | 25 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query)ରେ ଉପଲବ୍ଧ ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 16.01.2026 ରୁ 05.02.2026 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 16.01.2026

ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

## ଶାଳିଅଞ୍ଚ ଛକରେ ମର୍ମନ୍ତୁଦ ଦୁର୍ଘଟଣା

ଆଳି,୨୨(୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା କଟକ-ଚାନ୍ଦବାଲି ରାସ୍ତାର ଶାଳିଅଞ୍ଚ ଛକ ସମ୍ମୁଖରେ ଏକ ଅଟୋକୁ ଦ୍ରୁତଗାମୀ କାର ଧକ୍କା ଦେବାରୁ ଅଟୋଟି ଭାରସାମ୍ୟ ହରାଇ ରାସ୍ତା ତଳକୁ ଚାଲିଯାଇଥିଲା। ଫଳରେ ଅଟୋ ଚାଳକଙ୍କ ସହ ଅଟୋ ରେ ବସିଥିବା ସମସ୍ତ ୯ ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ପଟ୍ଟାମୁଣ୍ଡାଇ ଥାନା ବଳଭଦ୍ରପୁର ପଞ୍ଚାୟତ ବାଲିପାଟଣା ଗ୍ରାମର ଭରତ ପରିଡ଼ା(୪୭) ଙ୍କ ଅଟୋ ରେ ଉକ୍ତ ଗ୍ରାମର ଶଶୀରେଖା ବେହେରା(୫୦), ବିଦ୍ୟୁଲତା ବେହେରା (୬୦), ଗୋଲେଖ ବେହେରା (୬୦), ରୋହିଣୀ ବେହେରା (୨୫), ସୁମିତ୍ରା ବେହେରା(୨୪), କଳ୍ପନା ବେହେରା (୯), ବିଶ୍ୱଜିତ ବେହେରା(୫), ପ୍ରିୟାଂଶୁ ବେହେରା (୫) ଙ୍କୁ ତାଙ୍କ ବନ୍ଧୁ ଘର ସିଂହପୁର ରୁ ବୁଲିବାକୁ ଯାଇ ନିଜ ଗ୍ରାମକୁ ଫେରୁଥିବା ସମୟରେ ଏକ ଦ୍ରୁତଗାମୀ କାର ତାଙ୍କ ଅଟୋ ଟିକୁ ଧକ୍କା ଦେଇଥିଲା କ୍ଷ ଫଳରେ ଉଭୟ କାର ଓ ଅଟୋ ଭାରସାମ୍ୟ ହରାଇ ରାସ୍ତା ତଳକୁ ଚାଲିଯିବା ସହ ଅଟୋ ରେ ବସିଥିବା ସମସ୍ତ ଯାତ୍ରୀ ରାସ୍ତାରେ ଛିଟିକି ପଡ଼ିଥିଲେ। ଛିଟକି ପଡିଯିବା ଫଳରେ ଶଶୀରେଖା, ବିଦ୍ୟୁଲତା, ସୁମିତ୍ରା ଓ ଗୋଲେଖ ଙ୍କ ଗୋଡ଼, ଆଣ୍ଠୁ, ମୁଣ୍ଡ ଓ ଅଣ୍ଟା ରେ ଗଭୀର ଆଘାତ ଲାଗି ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟମାନେ ଆଂଶିକ ଆହତ ହୋଇଥିଲେ। ଦୁର୍ଘଟଣା ଏତେ ଜୋରରେ ହୋଇଥିଲା ଯେ କାର ଟିର ବେଲୁନ ଫାଟି ଯାଇଥିଲା କ୍ଷ ।ଭସମସ୍ତ ଯାତ୍ରୀ ରାସ୍ତାରେ ପଡ଼ି ଛଟପଟ ହେଉଥିବା ବେଳେ ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଯୋଗେ ପ୍ରଥମେ ଆଳି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ୪ ଜଣଙ୍କୁ ଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ଚିକିତ୍ସାଳୟ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି।

● ବ୍ୟବସାୟୀ ସୁବାସ ମଲିକଙ୍କ ହତ୍ୟା ମାମଲା

## ଅଟକ ଅଭିଯୁକ୍ତଙ୍କର ପଲିଗ୍ରାଫ ଟେଷ୍ଟ

କେନ୍ଦ୍ରାପଡ଼ା,୨୨।୧(ସମିସ):କଳାବୁଦା ବାରେଣୀ ବଜାରରେ ସୁବାଷ ମଳିକଙ୍କୁ ପୋଡ଼ି ନୃଶଂସ ଭାବେ ହତ୍ୟା କରାଯାଇଥିବା ଘଟଣାରେ ତଦନ୍ତ ଆହୁରି ଗୁରୁତ୍ୱ ନେଇଛି କ୍ଷ ଏହି ମାମଲାରେ ପୋଲିସ ଦ୍ୱାରା ଅଟକ ରଖାଯାଇଥିବା ଅଭିଯୁକ୍ତଙ୍କର ଭୁବନେଶ୍ୱର ସ୍ଥିତ ରାଜ୍ୟ ଫୋରେନ୍ସିକ ସାଇନ୍ସ ଲାବୋରେଟରୀ (ଏସଏଫଏଲ୍) ରେ ପଲିଗ୍ରାଫ ଟେଷ୍ଟ, ଅର୍ଥାତ୍ "ମିଛ ଧରା ପରୀକ୍ଷା' କରାଯାଇଛି। ପୁଲିସ ସୂତ୍ର ଅନୁଯାୟୀ, ପଲିଗ୍ରାଫ ଟେଷ୍ଟ ସହିତ ଦୀର୍ଘ ସମୟ ଧରି ପଚରାଉଚରା ସତ୍ତ୍ୱେ ହତ୍ୟା ଘଟଣା ସମ୍ପର୍କରେ କୌଣସି ନିଷ୍କର୍ଷରେ ପହଞ୍ଚିପାରିନାହିଁ ପୁଲିସ। ପରୀକ୍ଷା ସମ୍ପୂର୍ଣ୍ଣ ହେବା ପରେ ଅଭିଯୁକ୍ତଙ୍କୁ ଛାଡ଼ି ଦିଆଯାଇଥିବା ବେଳେ, ଏସଏଫ୍ଏଲ୍ ଅନ୍ତିମ ରିପୋର୍ଟକୁ ନେଇ ପୁଲିସ ଅପେକ୍ଷାରେ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଡିସେମ୍ବର ମାସ ୨୭ ତାରିଖରେ କଳାବୁଦା ବାରେଣୀ ବଜାର ଅଞ୍ଚଳରେ ବ୍ୟବସାୟୀ ସୁବାସ ମଳିକଙ୍କୁ ପୋଡ଼ି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଯାହା ସାରା ଅଞ୍ଚଳକୁ ସ୍ତବ୍ଧ କରିଦେଇଥିଲା। ଘଟଣା ପରେ ବିଭିନ୍ନ ଅଞ୍ଚଳରୁ ସଂଗ୍ରହ କରାଯାଇଥିବା ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ଜଣଙ୍କୁ ସନ୍ଦେହଭାଜନକୁ ଅଟକ ରଖି ପଚରାଉଚରା କରିଥିଲା। ପୁଲିସ କହିଛି ଯେ, ପଲିଗ୍ରାଫ ଟେଷ୍ଟ ରିପୋର୍ଟ ଆସିବା ପରେ ତଦନ୍ତର ଆଗାମୀ ଦିଗ ନିର୍ଦ୍ଧାରଣ କରାଯିବ। ହତ୍ୟାକାଣ୍ଡର ସତ୍ୟ ଉଦ୍‌ଘାଟନ ଓ ଦୋଷୀଙ୍କୁ ଧରିବା ପାଇଁ ପୁଲିସ ସମସ୍ତ ପାର୍ଶ୍ୱରୁ ତଦନ୍ତ ଜାରି ରଖିଥିବା ଜଣାଇଦିଆଯାଇଛି।

## ନୀଳକଣ୍ଠପୁରରେ ଆଧ୍ୟାତ୍ମିକ ଓ ସାଂସ୍କୃତିକ ସମାରୋହ



ପଟ୍ଟାମୁଣ୍ଡାଇ,୨୨।୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ବଡ଼ମୋହନପୁର ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମରେ ପବିତ୍ର ମକର ସଂକ୍ରାନ୍ତି ଅବସରରେ ଏକ ଭବ୍ୟ ଆଧ୍ୟାତ୍ମିକ ଓ ସାଂସ୍କୃତିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ କୁମର ଚନ୍ଦ୍ର ବାୟୀଙ୍କ ପୌରୋହିତ୍ୟରେ ଆୟୋଜିତ ଆଧ୍ୟାତ୍ମିକ ଓ ସାଂସ୍କୃତିକ ସମାରୋହରେ ନୀଳକଣ୍ଠପୁର ମା' ବୁଦ୍ଧେଶ୍ୱରୀ ମହିଳା ସଂକୀର୍ତ୍ତନ ମଣ୍ଡଳୀ ସଭାପତି ରଞ୍ଜନ ନାୟକ, ସମ୍ପାଦକ ସଂଯୁକ୍ତା ନାୟକ, କଳ୍ପନା ଦାସ, ପଞ୍ଚାନନ ଧଳ, ପତିତପାବନ ଦାସ, ମେଘନାଦ ଦାସ, ବାବାଜୀ ଦଳାଇଙ୍କ ତତ୍ତ୍ୱାବଧାନରେ ସନ୍ଧ୍ୟାରାଣୀ ଦାସ ମାଗୁଣି ପରିଡ଼ା, ସାବିତ୍ରୀ ଦାସ, ମିନତୀ ଦାସ, ମମତା ଦାସ, ଭାରତୀ ନାୟକ, କୁନିପ୍ରଭା ସିଂ, ସୁମିତ୍ରା ବାରିକ, ସୌଦାମିନୀ ନାୟକ, ମଞ୍ଜୁଲତା ଦଳାଇ କୁନ୍ତଳା ବାୟୀ ସବିତା ବାୟୀ କୁନି ଦାସ, ସଂଯୁକ୍ତା ବାୟୀ କୌଶଲ୍ୟା ବେହେରା ସତ୍ୟଭାମା ଦାସ ରେବତୀ ଦାସ ପ୍ରମୁଖ ଭକ୍ତି ରସାତ୍ମକ ଭଜନ ଜଣାଣ, ନାମ ସଂକୀର୍ତ୍ତନ, ନୃତ୍ୟ ଓ ଭାଗବତ ଆଲୋଚନା କରିଥିଲେ। ଏଇ ଅବସରରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ଥିଲା। ବୈରାଗୀ ସେଠୀ ଭାଗବତ ପାଠ କରିବା ସହିତ ଗ୍ରାମେ ଗ୍ରାମେ ଭାଗବତ ଟୁଙ୍ଗୀ ପ୍ରଚାର ପ୍ରସାର ଲାଭ କଲେ ଗ୍ରାମ ପରିବାର ଓ ସମାଜରେ ଶାନ୍ତି ପ୍ରତିଷ୍ଠା ହୋଇ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ଉପସ୍ଥିତ ଶ୍ରୋତା ମାନଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମକୁ ସୂର୍ଯ୍ୟକାନ୍ତ ବାୟୀ, ସୁବାଷ ବାରିକ, ପଦ୍ମଲାଭ ଦାସଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।

ସରସ୍ୱତୀ ମେଢ଼ ନେବା ବେଳେ ଅଘଟଣ

# ଓଲଟିଲା ଅଟୋ; ବର୍ତ୍ତିଗଲେ ୬ ଯୁବକ

ଆଳି,୨୨।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଅରେହିକଣା ସେତୁ ନିକଟରେ ଆଜି ଏକ ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ସେଥିରେ ଥିବା ମା' ସରସ୍ୱତୀଙ୍କ ପ୍ରତିମୂର୍ତ୍ତି ସହ ଅଟୋରେ ଥିବା ସମସ୍ତ ୬ ଜଣ ଆହତ ହୋଇଥିବା ଜଣାପଡିଛି କ୍ଷ ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆସନ୍ତାକାଲି ବସନ୍ତ ପଞ୍ଚମୀ ଉପଲକ୍ଷେ ସରସ୍ୱତୀ ମୂର୍ତ୍ତି ଆଣି କିଛି ଯୁବକ ଆସୁଥିଲେ। ବାସୁଦେବ ଦାସ, ନରୋତ୍ତମ କର, ଆୟୁଷ୍ମାନ ଦାସ, କୈବଲ୍ୟ ସାହୁ, ପ୍ରମୋଦ ସେଠୀ, ସୂର୍ଯ୍ୟକାନ୍ତ ସାହୁ ନମୌଜା ନୂଆଗାଁରୁ ନିର୍ମିତ ହୋଇଥିବା ମେଢ଼ଟିକୁ ଏକ ଅଟୋରେ ସିଙ୍ଗିରି ନେଇ ଯାଉଥିଲେ। ଯିବା ସମୟରେ ନଳଦିଆ-ଅରେହିକଣା ସେତୁ ନିକଟରେ ଆଗରୁ ହଠାତ ଏକ ବାଇକ ଆସିବାରୁ ଭାରସାମ୍ୟ ହରାଇ ଅଟୋଟି ବନ୍ଧ ତଳକୁ ଖସି ପଡ଼ିଥିଲା। ସ୍ଥାନୀୟ ଲୋକେ ଅଟୋ ଟିକୁ ଉଠାଇବା ସହ ଆହତ ସମସ୍ତ ଯୁବକଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ପଠାଇଥିଲେ। ଖବର ଶେଷ ସୁଦ୍ଧା ସମସ୍ତ ଯୁବକ ମାନେ ଆଳି ସ୍ୱାସ୍ଥ୍ୟକେନ୍ଦ୍ରରୁ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାପଡ଼ିଛି।



● ବଜ୍ରକାପ୍ତା କାତି ଡିଲ ବେଳେ ଏସଟିଏଫ୍ ସହ ବନବିଭାଗ ଟିମ ଧରିବା ଘଟଣା

# ରେଞ୍ଜ କାର୍ଯ୍ୟାଳୟରେ ପଶି ଆସାମୀଙ୍କ ସମ୍ମୁଖରେ ଗର୍ଜିଲେ ଆଇଆଇସି

ରାଜନଗର,୨୨।୧(ସମିସ): ରାଜନଗର ବନଖଣ୍ଡ ପଟ୍ଟାମୁଣ୍ଡାଇ ଷଣ୍ଢପଲୀ ଗ୍ରାମରେ ବଜ୍ରକାପ୍ତା କାତି ଡିଲ ବେଳେ ଏସଟିଏଫ ସହ ବନବିଭାଗ ଟିମ ତିନିଜଣ ଆସାମୀଙ୍କୁ ଧରି ରାଜନଗର ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିଲା। ରେଞ୍ଜ କାର୍ଯ୍ୟାଳୟରେ ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରାଙ୍କ ଉପସ୍ଥିତିରେ ସହକାରୀ ବନସଂରକ୍ଷକ ଗଗନବିହାରୀ ମଲ୍ଲିକ ଆସାମୀଙ୍କୁ ପଚରାଉଚରା କରୁଥିବା ବେଳେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରିଣୀ ବନ୍ଦନା ପାତ୍ର ହଠାତ୍ ରେଞ୍ଜ କାର୍ଯ୍ୟାଳୟକୁ ପଶିଥିଲେ। ଆସାମୀମାନଙ୍କୁ ପଚରା ଉଚରା କରୁଥିବା ସହକାରୀ ବନସଂରକ୍ଷକ ଗଗନ ବିହାରୀ ମଲ୍ଲିକଙ୍କୁ କାହିଁକି ଆପଣ ମୋତେ ଜଣାଇଲେ ନାହିଁ। ସହକାରୀ ବନସଂରକ୍ଷକ ଶ୍ରୀ ମଲ୍ଲିକ ଆଇଆଇସି ଶ୍ରୀମତୀ ପାତ୍ରଙ୍କୁ ମୁଁ ଆସାମୀମାନଙ୍କୁ ପଚରା ଉଚରା କରୁଛି ଆପଣ ବସନ୍ତୁ ବୋଲି କହିଥିଲେ। ଆଇଆଇସି ଶ୍ରୀମତୀ ପାତ୍ର ଏ ଲୋକମାନଙ୍କୁ ଆଣିଲା ବେଳେ ମୋତେ କାହିଁକି ଜଣାଇଲେ ନାହିଁ ବୋଲି ବାରମ୍ବାର ପ୍ରଶ୍ନ କରିଥିଲେ। ଆପମାନଙ୍କ ବିରୁଦ୍ଧରେ ମୁଁ କେସ କରିବି ବୋଲି ଧମକ ଦେବାକୁ ପଛାଇନଥିଲେ। ଆପଣମାନେ କେତେବେଳେ ଗଲେ, କେତେବେଳେ ଧରିଲେ ସବୁ ଖବର ମୋ ପାଖରେ ଅଛି। ଏମିତି କାମ ଆପଣ କରନ୍ତୁନି ବୋଲି ବଡ଼ ପାଟିରେ କହି ଚାଲିଥିଲେ। ଅଫିସ ଷ୍ଟାଫ ଓ ବାହାରେ କିଛି ସାମ୍ବାଦିକଙ୍କ ପାଟି ଶୁଣିବାରୁ ତରବରିଆ ଭାବେ ଚାଲି ଯାଇଥିଲେ।

ଏଠାରେ ପ୍ରଶ୍ନଉଠୁଛି ଯେ, ଆଇଆସି ଯଦି ଏସଟିଏଫ ବଜ୍ରକାପ୍ତା କାତି ଚୋରାଚାଲାଣ କରୁଥିବା ଆନ୍ତରାଜ୍ୟ ରାକେଟର ଆସାମୀମାନଙ୍କୁ ଧରିବା ଜାଣିଥିଲେ, ସେମାନଙ୍କୁ ରେଞ୍ଜ କାର୍ଯ୍ୟାଳୟକୁ ଆଣିବା ମଧ୍ୟ ଜାଣିଥିଲେ, ତାଙ୍କଠାରୁ ଜଣେ ବରିଷ୍ଠ ଅଧିକାରୀଙ୍କୁ ଏଭଳି ବ୍ୟବହାର କଲେ ନାହିଁକି? ସେ ଯଦି ଏ ସମ୍ପର୍କରେ ଅବଗତ ଥିଲେ ତାହା ହେଲେ ଏଭଳି ଏକ ଆନ୍ତରାଜ୍ୟ ରାକେଟର ସଦସ୍ୟମାନଙ୍କୁ ପୂର୍ବରୁ ଗିରଫ କଲେ ନାହିଁ କାହିଁକି ? କେବଳ କଣ ବନବିଭାଗ ସେମାନଙ୍କୁ ଗିରଫ କରିବ, ପୁଲିସର ଏନେଇ କିଛି କର୍ତ୍ତବ୍ୟ ଅଛି କି ନାହିଁ, ଆସାମୀମାନଙ୍କ ସମ୍ମୁଖରେ ବନବିଭାଗର ବରିଷ୍ଠ ଅଧିକାରୀଙ୍କ ଉପରେ ଗର୍ଜିବା କେତେଦୂର ଠିକ? ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆସାମୀମାନେ ଆଦର୍ଶ ଥାନା ଅଞ୍ଚଳର ହୋଇଥିବା ବେଳେ ରାଜନଗର ରେଞ୍ଜ କାର୍ଯ୍ୟାଳୟ ପଟ୍ଟାମୁଣ୍ଡାଇ ଗ୍ରାମାଂଚଳ ଥାନାକୁ ଲାଗି ରହିଛି। ରେଞ୍ଜ କାର୍ଯ୍ୟାଳୟକୁ ଆସିବା ପୂର୍ବରୁ ଗ୍ରାମାଂଚଳ ଆଇଆଇସିଙ୍କୁ ଏସଂପର୍କରେ ଜଣାଇଥିଲେ କି? ଯାହାକି ବୁଦ୍ଧିଜୀବୀ ମହଲରେ ଆଲୋଡନ ସୃଷ୍ଟି କରିଛି। ଯାହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ବନକର୍ମଚାରୀ ସଂଘ ଦାବି କରିଛି। ଏ ନେଇ ଆଦର୍ଶ ଥାନା ଆଇଆଇସି ଶ୍ରୀମତୀ ପାତ୍ରଙ୍କୁ ପଚାରିବାରୁ ମୁଁ କାହାକୁ ଉଦ୍ଦେଶ୍ୟମୂଳକ ଭାବେ କାହାକୁ ଅପଦସ୍ତ କରିବା ଉଦ୍ଦେଶ୍ୟ ନଥିଲା। ମୁଁ ମଧ୍ୟ ଏସ୍‌ଟିଏଫଙ୍କୁ ଜାଣିନାହିଁ।

ଗିରଫ ହୋଇଥିବା ରାଜକିଶୋର ମଳିକଙ୍କ ସ୍ତ୍ରୀ ଓ ପୁଅଙ୍କ ସହିତ ଗାଁର ୩୦ରୁ ଊର୍ଦ୍ଧ୍ୱ ଲୋକ ଥାନାରେ ପହଞ୍ଚି ରାଜୁଙ୍କୁ କିଛି ଲୋକ ବନ୍ଧୁକ ଦେଖାଇ ଅପହରଣ କରି ନେଇଗଲେ ବୋଲି ଅଭିଯୋଗ କରିଥିଲେ। ଏପରିକି ରାଜକିଶୋରଙ୍କ ସ୍ତ୍ରୀ ଥାନାରେ ଚେତା ହରାଇବାରୁ ମୁଁ ଏହାକୁ ଗମ୍ଭୀରତାର ସହ ନେଇ ମୋବାଇଲ ଫୋନ ଟ୍ରାକିଂ କରି ସେଠାରେ ପହଂଚିଥିଲି। ଆପଣ ତାଙ୍କ ଆଣିବା ପରେ ତାଙ୍କ ପରିବାର ସଦସ୍ୟ କିମ୍ବା ମୋତେ ଜଣାଇଲେ ନାହିଁ ବୋଲି ଉଚ୍ଚ ସ୍ୱରରେ କହିଥିଲି। ଯାହା ମୋର ଭୁଲ ବୋଲି କହିଥିଲେ। ସୂଚନା ଥାଉକି, ରାଜ୍ୟ ଏସଟିଏଫ ଟିମ ବିଶ୍ୱସ୍ତ ସୂତ୍ରରୁ ବଜ୍ରକାପ୍ତା କାତି ଚାଲାଣ ହେଉଥିବା ଖବରପାଇ ତିନି ଆସାମୀଙ୍କ ସହିତ ମୋବାଇଲରେ କଥା ହୋଇଥିଲେ। ୧୪ଟି କାତିକୁ ସାତ ଲକ୍ଷ ଟଙ୍କା ଦେବାକୁ ସ୍ଥିର ହେବା ପରେ ତିନିଜଣ ଷଣ୍ଢପଲୀ ଗାଁ ରାସ୍ତା ଉପରକୁ ଆସିଥିଲେ। ଦୁଇଟି ବାଇକରେ ତିନି ଆସାମୀ ବଜ୍ରକାପ୍ତା ଆଣି ପହଂଚିବା ପରେ ଏସଟିଏଫ ଟିମ୍‌ଙ୍କ ସହିତ ଭେଟ ହୋଇଥିଲା। ଏସଟିଏଫ ଟିମ୍ କାତି ଦେଖିବା ପରେ ତିନିଜଣ ଆସାମୀଙ୍କୁ ଧରି ନେଇଥିଲେ। କିଛି ଦୂରରେ ଥିବା ବନବିଭାଗ ଟିମ ପହଞ୍ଚି ଦୁଇଟି ବାଇକ ସହ କାତି, ୩ଟି ମୋବାଇଲ ଜବତ କରି ରାଜନଗର ରେଂଜ କାର୍ଯ୍ୟାଳୟକୁ ଆଣିଥିଲେ। ପଟ୍ଟାମୁଣ୍ଡାଇ ଗାଁର ଏସକେ ବାରାକତୁଲ୍ଲା, ଷଣ୍ଢପଲୀ ଗାଁର ଅଭିରାମ ମଳିକ ଓ ରାଜକିଶୋର ମଳିକଙ୍କ ସହ ସେମାନେ ବ୍ୟବହାର କରୁଥିବା ଓଡି-୨୯-ଜେ-୨୯୭୧ ହିରୋ ସ୍ପ୍ଳେଣ୍ଡର ପ୍ଲସ ବାଇକ ଓ ହୋଣ୍ଡା ଭେଲୋ ବାଇକ ନଂ- ଓଡି-୨୯-ଜେ-୫୫୧୬କୁ ଜବତ କରିଥିଲେ। ଗିରଫ ଆସାମୀମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବନବିଭାଗ ସୂତ୍ରରୁ ଜଣାପଡିଛି।

## ପ୍ରଫେସର ନନ୍ଦକିଶୋର ପରିଡ଼ାଙ୍କ ଜୟନ୍ତୀ

ଡେରାବିଶ,୨୨।୧(ସମସ):(ସମିସ): ଡେରାବଶ ବ୍ଲକ୍ ଅଞ୍ଚଳର ପ୍ରବୀଣ ଶିକ୍ଷାବିତ୍ ପ୍ରଫେସର ନନ୍ଦକିଶୋର ପରିଡ଼ାଙ୍କ ୮୨ତମ ଜୟନ୍ତୀ କେନ୍ଦ୍ରାପଡ଼ାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ "ମୌସୁମୀ ସାହିତ୍ୟ ଓ ସଂସ୍କୃତି ପରିଷଦ' ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଏହି ଉତ୍ସବର ପ୍ରଥମାର୍ଦ୍ଧରେ ଅତିଥିମାନଙ୍କଦ୍ୱାରା ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ବିଗ୍ରହରେ ମାଲ୍ୟାର୍ପଣ, ବେଦପଠନ ସହିତ ଦୀପଦାନ କରାଯାଇ ପ୍ରଫେସର ପରିଡ଼ାଙ୍କ ଦୀର୍ଘାୟୁ କାମନା କରାଯାଇଥିଲା। ଇଂ ଅକ୍ଷୟ କୁମାର ପାଣି ଅତିଥି ପରିଚୟଦେବା ସହ ସଭା ପରିଚାଳନା କରିଥିଲେ। ଏହି ସଭାରେ ପରିଷଦର ସମ୍ପାଦକ କବି ଡ. ଶ୍ରୀଧର ସାମଲ ସ୍ୱାଗତ ଭାଷଣ ଓ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲାବେଳେ ମଞ୍ଚାସିନ ଅତିଥି ଡ. ବାସୁଦେବ ଦାସ, କବି ବୃନ୍ଦାବନ ଦାସ, କବି ପ୍ରେମାନନ୍ଦ



ଖଣ୍ଡୁଆଳ, କବି ଭବାନୀ ପ୍ରସାଦ ମହାପାତ୍ର ପ୍ରଫେସର ପରିଡ଼ାଙ୍କ କର୍ମମୟ ଜୀବନ ଉପରେ ସମ୍ୟକ ଆଲୋକପାତ କରିଥିଲେ। ଏହାପରେ ସଭାରେ ଉପସ୍ଥିତ ସମାଜସେବୀ ଭୁବନମୋହନ ଜେନା, ସଂଗଠକ ସରୋଜ କୁମାର ମହାନ୍ତି, ଡ. ଗିରିଶ କୁମାର ପାତ୍ର, ଡ. ପ୍ରଭାକର ମଲ୍ଲିକ, ଡ. ପ୍ରମୋଦ କୁମାର ଦାସ, ଡ. ପ୍ରଦୀପ୍ତ କୁମାର ଦାସ, ମନ୍ମଥ କୁମାର ବରାଳ, ନିରଞ୍ଜନ ମେକାପ, ସଞ୍ଜୟ କୁମାର ମଲ୍ଲିକ, ହେମନ୍ତ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ଶିଶିର କୁମାର ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ପୁରସ୍କାର ବିତରଣ ଉତ୍ସବ



ପଟ୍ଟାମୁଣ୍ଡାଇ,୨୨।୧(ସମିସ): ରାଜ୍ୟ ସରକାର ଓ ଜିଲ୍ଲା ସଂସ୍କୃତି ବିଭାଗ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ରାଷ୍ଟ୍ରୀୟ ସଂଗୀତ ବନ୍ଦେ ମାତରମର ୧୫୦ତମ ବାର୍ଷିକୀ ପାଳନ କରାଯାଇଛି। ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ ୩୦ଟି ବିଦ୍ୟାଳୟ ଓ ୨ଟି ମହାବିଦ୍ୟାଳୟରେ ବକ୍ତୃତା ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କବିତା ଆବୃତ୍ତି ଆଦି ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ ପୌର ପରିଷଦ ପ୍ରେକ୍ଷାଳୟ ଠାରେ ଏକ ପୁରସ୍କାର ବିତରଣୀ ସଭା ଆୟୋଜନ କରାଯାଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ଏସ ଡି ପି ଓ ସୁକାନ୍ତ ପାତ୍ର, ଅତିରିକ୍ତ ତହସିଲଦାର ପ୍ରଣବ କୁମାର ପଣ୍ଡା, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ଆଇଆଇସି ବନ୍ଦନା ପାତ୍ର, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ପୌର ପରିଷଦ ସିଇଓ ତପସ୍ୱିନୀ ଦାଶ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ମନୋରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସରୋଜ ପଣ୍ଡା, ଗଣେଶ ଦାସ, ଗଙ୍ଗାଧର ନାୟକ, ପ୍ରଫୁଲ୍ଲ ଦାଶ ଓ ହୃଷିକେଶ ନାଥ ପରିଚାଳନା କରିଥିଲେ।

କାନପୁରରେ ଚମକିଲେ ଓଡ଼ିଆ ପୁଅ

# ମିଷ୍ଟର ଇଣ୍ଡିଆ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଅବିନାଶଙ୍କୁ ସ୍ୱର୍ଣ୍ଣ

ଡେରାବିଶ,୨୨।୧(ସମିସ): ଡେରାବିଶ ବ୍ଲକ୍ ଚାଟରାଚକଡ଼ା ପଞ୍ଚାୟତ ଓଲଡ଼ି ଗ୍ରାମର ଅବିନାଶ ନାୟକ କାନପୁରଠାରେ ଅନୁଷ୍ଠିତ ମିଷ୍ଟର ଇଣ୍ଡିଆ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ୪ଟି ବିଭାଗରେ ସାରା ଦେଶରୁ ୨୮୦ ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ଅବିନାଶ ୬୦ରୁ ୬୫ କେଜିର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଓଡ଼ିଶା ପାଇଁ ଭାଗ ନେଇ ୨୮ ଜଣ ପ୍ରତିଯୋଗୀଙ୍କୁ ହରାଇଛନ୍ତି। ଫଳରେ ପ୍ରଥମ ସ୍ଥାନ ହାସଲ କରି ସ୍ୱର୍ଣ୍ଣ ଜିତିଛନ୍ତି। ପିଲାଦିନରୁ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ରେ ଭାଗ ନେବାର ଇଛା ରଖିଥିବା ଅବିନାଶ ପ୍ରତ୍ୟକ ଦିନ ଦୁଇ ରୁ ତିନି ଘଣ୍ଟା ନିଜ ସ୍ୱାସ୍ଥ୍ୟ ପାଇଁ ପୂର୍ବରୁ ପରିଶ୍ରମ କରୁଥିଲେ। ଏହି ପ୍ରତିଯୋଗିତା ପାଇଁ ତାଙ୍କ ଗୁରୁ ଏସ କେ ଜୈନୁଲଙ୍କ ମାର୍ଗଦର୍ଶନ ରେ ଆଜକୁ ସାତ ମାସ ହେବ ପ୍ରାୟ ଦିନକୁ ପାଞ୍ଚରୁ ଛ ଘଣ୍ଟା ପରିଶ୍ରମ କରି ସଫଳତା ପାଇଥିବା ବେଳେ ନିଜର ବାପା ମା'ଙ୍କ ଆଶୀର୍ବାଦ ସହ ସ୍ତ୍ରୀଙ୍କ ସହଯୋଗ ରହିଛି ବୋଲି କହିଛନ୍ତି। ଅବିନାଶଙ୍କ ସଫଳତା ଖବର ପାଇ ଚାରିଆଡୁ ଶୁଭେଚ୍ଛା ମିଳିଛି।



## ନିଆଁ ଲାଗି ଜଳିଗଲା ଚାଳଘର



ପଞ୍ଚୁପାଣ୍ଡବ,୨୨।୧(ସମିସ): ଡେରାବିଶ ବ୍ଲକ୍ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମର ନିରଞ୍ଜନ ମଳିକଙ୍କ ଦୁଇ ବଖରା ଚାଳ ଘରେ ନିଆଁ ଲାଗି ଯାଇଥିବା ଦେଖିବାକୁ ମିଳିଛି। ଏହି ନିଆଁ ବୁଧବାର ପ୍ରାୟ ରାତି ୮ ଟା ସମୟରେ ହଠାତ୍ ଘରେ ନିଆଁ ଲାଗି ଯାଇଥିଲା। ଗ୍ରାମବାସୀ ଡେରାବିଶ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ସମ୍ପୂର୍ଣ୍ଣ ଲିଭାଇଥିଲେ। ନିକଟରେ ଥିବା ଆଖ ପାଖ ଚାଳ ଘର ନିଆଁରୁ ବର୍ତ୍ତି ଯାଇଥିବା ଦେଖିବାକୁ ମିଳିଛି। ନିଆଁ ଲାଗିବାର କାରଣ ଜଣା ପଡ଼ିନାହିଁ। କିନ୍ତୁ ଘରେ ଥିବା ଚାଉଳ ସହ ଆସବାବପତ୍ର ପୋଡ଼ି ପାଉଁଶ ହୋଇଥିବା ନିରଞ୍ଜନ କହିଛନ୍ତି। ଏହାର ତଦନ୍ତ କରାଯାଇ ଦିନ ମଜୁରିଆ ଏହି ପରିବାରକୁ ସରକାରୀ ସାହାଯ୍ୟ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/22 (ଚୁକ୍ତିଭିତ୍ତିକ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ | 31.12.2025 ରେ ବୟସ (ବର୍ଷ) | |
|---|---|---|---|
| | | ସର୍ବନିମ୍ନ | ସର୍ବାଧିକ |
| ଉପାଧ୍ୟକ୍ଷ (ୟୁଏକ୍ସ) | 1 | 40 | 50 |
| ଉପ-ଉପାଧ୍ୟକ୍ଷ (ୟୁଏକ୍ସ) | 1 | 36 | 44 |
| ସହାୟକ ଉପାଧ୍ୟକ୍ଷ (ୟୁଏକ୍ସ) | 1 | 32 | 40 |
| ବରିଷ୍ଠ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ (ୟୁଆଇ ଏବଂ ୟୁଏକ୍ସ) | 3 | 28 | 37 |

ବିଜ୍ଞାପନ ସଂ. CRPD/SCO/2025-26/22 (ନିୟମିତ ପଦବୀ)

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ | 31.12.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ଉପ-ପ୍ରବନ୍ଧକ (ୟୁଆଇ ଏବଂ ୟୁଏକ୍ସ) | ଏମ୍ଏମ୍‌ଜିଏସ୍-II | 6 | 25 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query)ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 16.01.2026 ରୁ 05.02.2026 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 16.01.2026
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

# ଶ୍ରୀକ୍ଷେତ୍ର ସିଟି

୨୨/୧/୨୦୨୬ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୪୯,୩୨୧/- ସୁନା:୦୧.୦୫୦ ଗ୍ରାମ୍ ରୁପା: ୪୮.୦୦୦ ଗ୍ରାମ୍





### ଶ୍ରୀମନ୍ଦିର ଉପରେ ପୁଣି ଉଡ଼ିଲା ଡ୍ରୋନ୍

## ଡ୍ରୋନ୍ ଜବତ; ଜଣକୁ କାବୁ କଲା ପୁଲିସ

ପୁରୀ,୨୨।୧(ସମିସ): ଲଗାତର ଦ୍ୱିତୀୟ ଦିନରେ ଶ୍ରୀମନ୍ଦିର ଉପରେ ଉଡ଼ିଛି ଡ୍ରୋନ୍। ବୁଧବାର ସନ୍ଧ୍ୟାରେ ମନ୍ଦିର ଉପରେ ଡ୍ରୋନ୍ ଉଡୁଥିବାବେଳେ ପୁଲିସ ଜଣକୁ କାବୁ କରିଥିଲା। ଗୁରୁବାର ମଧ୍ୟ ସମାନ ଘଟଣା ଘଟିଛି। ଶ୍ରୀମନ୍ଦିର ଉପରେ ଏକ ଡ୍ରୋନ୍ ଉଡୁଥିବା ପୁଲିସ ନଜରକୁ ଆସିଥିଲା। ଏସ୍‌ପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶ କ୍ରମେ ସିଂହଦ୍ୱାର



**ଦୁଇ ଦିନରେ ୨ଟି ଘଟଣା**

ଥାନା ସମେତ ଅନ୍ୟ ଏକ ସ୍ୱତନ୍ତ୍ର ଟିମ୍ ଡ୍ରୋନ୍‌କୁ ଜବତ କରିବାରେ ସମର୍ଥ ହୋଇଛନ୍ତି। ଦୁଇଟି ଯାକ ଟିମ୍ ଦୋଳମଣ୍ଡପ ସାହି ନିକଟରୁ ଡ୍ରୋନ୍‌କୁ ଜବତ କରିବା ସହ ଜଣେ ଯୁବକଙ୍କୁ କାବୁ କରିଥିଲେ। ଡ୍ରୋନ୍ ଉଡ଼ାଉଥିବା ଝାଡ଼ଖଣ୍ଡ ରାଞ୍ଚିର ଯଶବତ ମାଥୋ(୨୦)ଙ୍କୁ ସିଂହଦ୍ୱାର ଥାନାରେ ଅଟକ ରଖି ପୁଲିସ ପଚରାଉଚରା କରୁଛି। ତାଙ୍କ ଡ୍ରୋନ୍‌କୁ ଯାଞ୍ଚବେଳେ ସେଥିରେ ଶ୍ରୀମନ୍ଦିର ଫଟୋ ରହିଥିବା ପୁଲିସ ଜାଣିବାକୁ ପାଇଛି। ତାଙ୍କ ବିରୋଧରେ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଉଥିବା ସୂଚନା ମିଳିଛି।

ସୂଚନାଥାଉ କି, ବାରମ୍ବାର ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଉଡୁଛି ଡ୍ରୋନ୍। ଏ ନେଇ ସବୁବେଳେ ତାଗିଦ୍ କରାଯାଉଛି। ଘଟଣା ପରେ ତତ୍ପରତା ଦେଖାଉଛନ୍ତି ଶ୍ରୀମନ୍ଦିର ପ୍ରଶାସନ ଆଉ ପୁଲିସ। ହେଲେ କିଛିଦିନ ପରେ ସେମାନେ ଏହି ପ୍ରସଙ୍ଗକୁ ଏକପ୍ରକାର ଭୁଲି ଯାଉଛନ୍ତି। ଯାହାଫଳରେ ପୁଣି ଶ୍ରୀମନ୍ଦିର ଉପରେ ଚକ୍କର କାଟୁଛି ଡ୍ରୋନ୍। ବାରମ୍ବାର ଏଭଳି ଘଟଣା ଘଟି ଚାଲିଥିବାବେଳେ ମନ୍ଦିର ପ୍ରଶାସନ ଚିରାଚରିତ ଭାବେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରୁଛି। ହେଲେ ଏହାକୁ ନେଇ ସେମିତି କିଛି କଡ଼ା ଦଣ୍ଡବିଧାନ ନ ଥିବାରୁ ପରୋକ୍ଷରେ ଏହା ଉଡ଼ାଣକାରୀଙ୍କୁ ପ୍ରୋତ୍ସାହିତ କରୁଛି। ହେଲେ ସୁରକ୍ଷା ବ୍ୟବସ୍ଥାକୁ କାଟି ମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ୍ ଚକ୍କର କାଟୁଥିବାବେଳେ ଏବେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ କୁଆଡ଼େ ଗଲା ଆଣ୍ଟି ଡ୍ରୋନ୍ ସିଷ୍ଟମ୍?

### ନେତାଜୀ ସଂଗ୍ରହାଳୟ

# ଖୋଲୁଛି ଅଳପ; ତାଲା ଝୁଲୁଛି ବେଶି

ପୁରୀ,୨୨।୧(ସମିସ): ସ୍ଥାନୀୟ ଶାରଦା ଦେବୀ ରୋଡ୍‌ରେ ରହିଛି ନେତାଜୀ ସଂଗ୍ରହାଳୟ। ଏଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଅନେକ ସ୍ମୃତି ସାଇତା ହୋଇରହିଛି। ଆଇନଗତ ବିବାଦରୁ ମୁକୁଳିବା ପରେ ଏହି ସଂଗ୍ରହାଳୟ ୭ ବର୍ଷ ହେବ ଖୋଲିଲାଣି। ହେଲେ ଏଠାରେ ୧୦ ହଜାର ପରିଦର୍ଶକଙ୍କ ପାଦ ପଡ଼ିଲାନି। ଏହାର ମୁଖ୍ୟ କାରଣ ହେଉଛି ସଂଗ୍ରହାଳୟ ଖୋଲୁଛି ଅଳପ, ତାଲା ଝୁଲୁଛି ବେଶି।

ଶାରଦା ଦେବୀ ରୋଡ୍‌ରେ ରହିଛି ନେତାଜୀଙ୍କ ପୈତୃକ ଘର। ସୁଭାଷ ବୋଷଙ୍କ ବାପା ଜାନକୀନାଥ ବୋଷ କଟକରେ ଓକିଲାତି କରୁଥିବାବେଳେ ୧୯୧୬ ମସିହାରେ ଶାରଦା ଦେବୀ ରୋଡ୍‌ରେ ଲିଜ୍ ସୂତ୍ରରେ ୦.୪୩୪ ଏକର ଜମି ପାଇଥିଲେ। ଏଠାରେ ମଧ୍ୟ କଟକ ସଦୃଶ ଦୁଇ ମମହଲା କୋଠା ନିର୍ମାଣ କରିଥିଲେ। ପୁରୀ ଆସିଲେ ଜାନକୀନାଥଙ୍କ ସମଗ୍ର ପରିବାର ସେଠାରେ ଅବସ୍ଥାନ କରୁଥିଲେ। ୧୯୩୮ରେ ଜାନକୀନାଥ ବୋଷଙ୍କ ମୃତ୍ୟୁ ପରେ ନେତାଜୀ ସୁଭାଷଙ୍କ ନାମରେ ଏହାକୁ ୧୯୪୬ ମସିହାରେ ପୁଣି ଲିଜ୍ ଦିଆଯାଇଥିଲା। ନେତାଜୀ ପୁରୀ ଆସୁଥିବାବେଳେ ଏହି କୋଠାରେ ଫରୱାଡ୍ ବ୍ଲକ୍‌ର ଗୁପ୍ତ ବୈଠକ କରାଉଥିଲେ। ତେବେ କାଳକ୍ରମେ ଏହା ଭୂତକୋଠି ପାଲଟି ଯାଇଥିଲା। କୋଠା ଭାଙ୍ଗିରୁଜି ଯାଇଥିଲା। କୋଠା ଉପରେ ଗଛଲତା ମାଡ଼ି ଯାଇଥିଲା। ଇଣ୍ଡିଆନ ନ୍ୟାସ୍‌ନାଲ ଟ୍ରଷ୍ଟ ଫର୍ ଆର୍ଟ ଆଣ୍ଡ କଲ୍‌ଚରାଲ ହେରିଟେଜ୍ (ଇନ୍‌ଟାକ୍)କୁ ଏହାର ପୁନରୁଦ୍ଧାର ଦାୟିତ୍ୱ ଦିଆଯାଇଥିଲା। ସେତେବେଳେ ୩.୯ କୋଟି ଟଙ୍କା ବ୍ୟୟରେ ଏହାର ପୁନରୁଦ୍ଧାର କରାଯାଇଥିଲା। ଐତିହ୍ୟ କୋଠାକୁ ସଂଗ୍ରହାଳୟର ରୂପ ଦିଆଯିବା ସହ ଗ୍ୟାଲେରି ନିର୍ମାଣ ହୋଇଥିଲା। ହେଲେ ଆଇନଗତ ବିବାଦ ଯୋଗୁଁ ଏହା ଖୋଲିବା ବିଳମ୍ବ ହୋଇଥିଲା। ଶେଷରେ ୨୦୧୯ ଜାନୁଆରୀ ୧୫ରେ ଏହା ଲୋକାର୍ପିତ ହୋଇଥିଲା। ଖୋଲିବା ପରେ ପରେ ଅଳ୍ପ କିଛି କିଛି ପର୍ଯ୍ୟଟକ ଆସୁଥିଲେ। ଏମିତି ବି ଏହାର ପ୍ରଚାରପ୍ରସାର ଦିଗରେ ସେମିତି କୌଣସି ଖାସ୍ ପଦକ୍ଷେପ ନିଆଯାଉନାହିଁ। ଫଳରେ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ଜାଣିପାରୁ ନ ଥିବାବେଳେ ପରିଷଦଙ୍କ ସଂଖ୍ୟା ବେଶ୍ କମ୍ ରହୁଥିଲା। ଦିନେ ଦିନେ ଆଦୌ ପର୍ଯ୍ୟଟକ ଆସି ନ ଥିବାବେଳେ କେଉଁଦିନ ଜଣେ ତ ପୁଣି କେଉଁଦିନ ୪ ଜଣ ଆସିବାର ରେକର୍ଡ ରହିଛି। ତେବେ ସଂଗ୍ରହାଳୟ ଖୋଲିବାର ବର୍ଷକ ପରେ କୋଭିଡ୍ ପାଇଁ ପୁଣି ବନ୍ଦ ରଖାଯାଇଥିଲା।

ଏମିତି ବି ସଂଗ୍ରହାଳୟ କୋଠାର ରକ୍ଷଣାବେକ୍ଷଣ ଠିକ୍ ଭାବେ କରାଯାଉ ନ ଥିଲା। କାନ୍ଥ ଫାଟି ବର୍ଷା ପାଣି ଗଳିବାରୁ ସଂଗ୍ରହାଳୟରେ ଥିବା କିଛି ଫଟୋ ନଷ୍ଟ ହୋଇଥିଲା। ତେଣୁ ଏହାର ମରାମତି ଆବଶ୍ୟକ ହୋଇପଡ଼ିଥିଲା। ପରବର୍ତ୍ତୀ ସମୟରେ ଏହି ସଂଗ୍ରହାଳୟର ମରାମତି ପାଇଁ ନିଷ୍ପତ୍ତି ହୋଇଥିଲା। ମରାମତି ନିମନ୍ତେ ଗତବର୍ଷ ଜାନୁଆରୀ ୫ ତାରିଖରୁ ସଂଗ୍ରହାଳୟକୁ ସର୍ବସାଧାରଣ ପରିଦର୍ଶନ ବନ୍ଦ ରଖାଯାଇଛି। ପ୍ରାୟ ୧୦୦ କୋଟି ଟଙ୍କାରେ ଏହାର ପୁନରୁଦ୍ଧାର ହେଉଛି। ବର୍ଷେରୁ ଊର୍ଦ୍ଧ୍ୱ ହେଲାଣି ସଂଗ୍ରହାଳୟ ଫାଟକରେ ତାଲା ଝୁଲୁଛି। ଶୁକ୍ରବାର ନେତାଜୀ ଜୟନ୍ତୀରେ ସଂଗ୍ରହାଳୟ ଖୋଲିବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଏ ସମ୍ପର୍କରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରାଙ୍କୁ ପଚାରିବାରେ ଉଦ୍ୟମ ଚାଲିଛି। ଜୟନ୍ତୀରେ ଖୋଲିପାରେ ବୋଲି କହିଛନ୍ତି।



ଆଜି ନେତାଜୀଙ୍କ ଜୟନ୍ତୀ




**● ସଂଗ୍ରହାଳୟରେ କ'ଣ ରହିଛି**

ଏହି ସଂଗ୍ରହାଳୟରେ ନେତାଜୀଙ୍କ ସମ୍ପର୍କିତ ଫଟୋ, ମାଗାଜିନ୍ ଆଦି ଉପଲବ୍ଧ। ଛୋଟ ମୁକ୍ତାକାଶ ମଞ୍ଚ ରହିଥିବାବେଳେ ନେତାଜୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। କୋଠାର ସବୁ କକ୍ଷରେ ଗ୍ୟାଲେରି ନିର୍ମାଣ ହୋଇଛି। ଗ୍ୟାଲେରିରେ ଆଜାଦ୍ ହିନ୍ଦ ଫୌଜର ଡାକ ଟିକଟ, ନ୍ୟାସ୍‌ନାଲ ସାର୍ଟିଫିକେଟ ଏବଂ ଇଣ୍ଡିଆନ ନ୍ୟାସ୍‌ନାଲ ଆର୍ମି (ଆଇଏନ୍‌ଏ)ର ବହୁ ବିରଳ ଫଟୋ ରହିଛି। ଏହାସହିତ ନେତାଜୀଙ୍କ ବହୁ ବିରଳ ଫଟୋଚିତ୍ର ଏଠାରେ ରହିଛି। ସଂଗ୍ରହାଳୟ ବୁଲି ଆସୁଥିବା ଦର୍ଶନାର୍ଥୀ ନେତାଜୀଙ୍କ ପଠନଶାଳା, ସମ୍ମିଳନୀ କକ୍ଷ, ନେତାଜୀଙ୍କ କୋଠରି, ଶୟନ କକ୍ଷ, ନେତାଜୀଙ୍କ ପାରିବାରିକ କୋଠରି ଆଦି ଦେଖିବାକୁ ପାଉଥିଲେ। ଏତଦ୍‌ବ୍ୟତୀତ ବ୍ରିଟିଶ୍ ଅମଳର କାଠ ପଲଙ୍କ, ଚୌକି, ଆଲମାରୀ, ନେତାଜୀଙ୍କ ବ୍ୟବହୃତ ପୋଷାକ ସଂଗ୍ରହାଳୟରେ ରଖାଯାଇଛି। ଆଜାଦ ହିନ୍ଦ୍ ବାହିନୀ ସହ ଫଟୋ, ଗାନ୍ଧିଜୀ ଏବଂ ଅନ୍ୟ ନେତାଙ୍କ ସହ ପରାମର୍ଶ ଆଲୋଚନା ଏବଂ ନେତାଜୀ ଲେଖିଥିବା କେତେକ ଆବେଗପୂର୍ଣ୍ଣ ଚିଠି ମଧ୍ୟ ରହିଛି। କିନ୍ତୁ ବର୍ଷାରୁ ଊର୍ଦ୍ଧ୍ୱ ହେବ ପୁନରୁଦ୍ଧାର କାମ ଯୋଗୁଁ ଏ ସବୁ ଦେଖିବାରୁ ପର୍ଯ୍ୟଟକ ବଞ୍ଚିତ ହେଉଛନ୍ତି।

### ଶ୍ରୀମନ୍ଦିର ପାର୍ଶ୍ୱ ସଫାରୁ ସ୍ୱଚ୍ଛ ରଥଯାତ୍ରା ଆହ୍ୱାନ

## ବାହାରିଲା ବସ୍ତାଏ ଖାଲି ମଦ ଓ କୋରେକ୍ସ ବୋତଲ

ପୁରୀ,୨୨।୧(ସମିସ): ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କୁ ଅତ୍ୟାବଶ୍ୟକ ସେବା, ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ପୂର୍ବର ବିଜେଡି ସରକାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପରିକଳ୍ପନା କରିଥିଲେ। ବହୁ ବାଧାବିଘ୍ନ ପରେ ଏହି ପ୍ରକଳ୍ପ ଏବେ ଶ୍ରଦ୍ଧାଳୁଙ୍କ ପାଇଁ ବେଶ୍ ସହାୟକ ହେଉଛି। ପୂର୍ବପରି ମନ୍ଦିର ଚତୁଃପାଶ୍ୱର୍ରେ ପରିକ୍ରମା କରିବା ପାଇଁ ଅସୁବିଧା ହେଉନି। ଖୋଲା ଜାଗାରେ ବସି ମହାପ୍ରଭୁଙ୍କୁ ନିଜ ମନ କଥା ଜଣାଇ ପାରୁଛନ୍ତି। ବଡ଼ଦେଉଳ ଚତୁଃପାଶ୍ୱର୍ର ଯେ କୌଣସି ଜାଗାରେ ଠିଆ ହୋଇ ଅବା ବସି ନୀଳଚକ୍ରରେ ବାନା ପରିବର୍ତ୍ତନର ଅପୂର୍ବ ଦୃଶ୍ୟ ଉପଭୋଗ କରୁଛନ୍ତି। କିନ୍ତୁ ପରିତାପର ବିଷୟ ହେଉଛି ପରିକ୍ରମା ମାର୍ଗ ଏବଂ ଏହା ସଂଲଗ୍ନ ଅଞ୍ଚଳରୁ ଏମିତି କିଛି ଦୃଶ୍ୟ ଆସୁଛି ଯାହା ଭକ୍ତ ସମାଜକୁ ବ୍ୟଥିତ କରୁଛି। ସିଂହଦ୍ୱାର ସମ୍ମୁଖ ମଙ୍ଗୁ ମଠ ନିକଟ ଜାଗା ସମ୍ପୂର୍ଣ୍ଣ ପରିତ୍ୟକ୍ତ ହୋଇପଡ଼ିଥିଲା। ଅସହ୍ୟ ହେଉଥିଲା ଶ୍ରୀମନ୍ଦିର ବାହ୍ୟ ପରିବେଶ। ଦୈନିକ ହଜାର ହଜାର ଲୋକ ବଡ଼ଦେଉଳ ସମ୍ମୁଖରେ ପରିଶ୍ରା କରୁଥିଲେ। ଦୁର୍ଗନ୍ଧରେ ଫାଟୁଥିଲା ସିଂହଦ୍ୱାର ଅଞ୍ଚଳ। ଯାତ୍ରୀଙ୍କ ସମେତ ଶ୍ରୀକ୍ଷେତ୍ରବାସୀ ନାକ ଟେକି ଉକ୍ତ ରାସ୍ତା ପାର୍ ହେଉଥିଲେ। ଶେଷରେ କିଛି ସ୍ଥାନୀୟ ବାସିନ୍ଦାଙ୍କ ସମେତ ସଚେତନ ସ୍ୱେଚ୍ଛାସେବୀ ଏ ନେଇ ଆକ୍ସନ ମୋଡ୍‌କୁ ଆସିଥିଲେ। ଗୁରୁବାର ସକାଳେ ସମ୍ପୃକ୍ତ ଅଞ୍ଚଳକୁ ସଫା କରିବା ସହ ବ୍ଲିଚିଂ ପାଉଡର ପକାଇ ଏଠାରେ ପରିଶ୍ରା ନ କରିବାକୁ ସଚେତନତା ସୃଷ୍ଟି କରିଥିଲେ। ଜଳଖିଆ ଦୋକାନୀ ଓ ଲୋକେ ଉକ୍ତ ଖାଲୁଆ ସ୍ଥାନକୁ ଅଳିଆ କୁଣ୍ଡ ଭାବେ ବ୍ୟବହାର କରୁଛନ୍ତି। ତେବେ ସଫେଇ ସମୟରେ ଶ୍ରୀମନ୍ଦିର ପାର୍ଶ୍ୱରୁ ବାହାରିଥିବା ବ୍ୟାଗ୍ ବ୍ୟାଗ୍ ପରିମାଣର ଖାଲି ମଦ ଓ କୋରେକ୍ସ ବୋତଲ ଦେଖଣାହାରୀଙ୍କୁ ତାଜୁବ କରିଦେଇଥିଲା। ପରିତ୍ୟକ୍ତ ଅବସ୍ଥାରେ ପଡ଼ିବାରେ ଶ୍ରୀମନ୍ଦିର ସମ୍ମୁଖ ଭଳି ମହତ୍ତ୍ୱପୂର୍ଣ୍ଣ ସ୍ଥାନର ଏପରି ଦୟନୀୟ ସ୍ଥିତି ରହିଥିବା ବାଲିସାହି ବାସିନ୍ଦା ମାନସ ବେହେରା, ଆଖଡ଼ା ମୁଖିଆ ନରେନ୍ଦ୍ର ମହାନ୍ତି, ଶିକ୍ଷାବିତ୍ ଅରୁଣ କୁମାର ମହାନ୍ତି, ବ୍ୟବସାୟୀ ପ୍ରଶାନ୍ତ ନାୟକ, ପ୍ରଦୀପ୍ତ ନାୟକ, ଯୁବ ସଂଗଠକ ପ୍ରଦୀପ୍ତ ପ୍ରଧାନ, ସେବାୟତ କାହ୍ନୁ ପଣ୍ଡା, ମାନସ ରଥ ପ୍ରମୁଖ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସରସ୍ୱତୀ ପୂଜାରେ ରଥ କାଠ ପୂଜା ଅନୁଷ୍ଠିତ ହେଉଥିବାରେ ଶ୍ରୀମନ୍ଦିର ସମ୍ମୁଖ ସଫାରୁ ୨୦୨୬ ରଥଯାତ୍ରାକୁ ସ୍ୱଚ୍ଛ ରଥଯାତ୍ରା ଭାବେ ପାଳନ କରିବାକୁ ସମସ୍ତ ଜଗନ୍ନାଥପ୍ରେମୀ ପ୍ରଶାସନ ତଥା ସଭିଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ଅନୁରାଗ ଟ୍ରଷ୍ଟ, ସାହି ଭାଇ, ଟିମ୍ ଆଟା, ସେବା ଓ ସଂସ୍କାର, ସମର୍ପଣ ଟ୍ରଷ୍ଟ ଆଦି ବିଭିନ୍ନ ଅନୁଷ୍ଠାନର ସଦସ୍ୟମାନେ ଯୋଗଦେଇଥିଲେ। ସ୍ୱଚ୍ଛତା କାର୍ଯ୍ୟକ୍ରମରେ ପରିକ୍ରମା ପ୍ରକଳ୍ପ ସଫେଇ ସାଥୀଙ୍କ ସମେତ ପୌରସଂସ୍ଥାର ମଧ୍ୟ ସହଯୋଗ ମିଳିଥିଲା।



### ଖବରକାଗଜ ବିତରକଙ୍କ ପରଲୋକ



ପୁରୀ,୨୨।୧(ସମିସ): ପୁରୀର ବରିଷ୍ଠ ଖବରକାଗଜ ବିତରକ ଚରଣ ମହାନ୍ତିଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା। ଅସୁସ୍ଥତା ଯୋଗୁଁ ସେ ଘରେ ରହିଥିଲେ। ଗୁରୁବାର ଅପରାହ୍ଣରେ ଲୋକନାଥ ରୋଡ୍‌ସ୍ଥିତ ବାସଭବନରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସାନପୁଅ ହରିହର ମହାନ୍ତି ମୁଖାଗ୍ନି ଦେଇଥିଲେ। ଶେଷକୃତ୍ୟ ସମ୍ପନ୍ନ ବେଳେ ଭାଇ ସୁରେନ୍ଦ୍ର ମହାନ୍ତି, ଭଣଜା ଦିଲ୍ଲୀପ ମହାନ୍ତି, ପ୍ରଦୀପ ମହାନ୍ତି, ଚନ୍ଦନ ମହାନ୍ତି ଓ କର୍ପୂର ମହାନ୍ତି, ପୁତୁରା ବିକାଶ ମହାନ୍ତିଙ୍କ ସମେତ ଖବରକାଗଜ ବିତରକ ଶାନ୍ତନୁ ସାହୁ, ଭିକାରୀ ସାହୁ, ବଳଭଦ୍ର ସାହୁ, ଜଗନ୍ନାଥ ମହାନ୍ତି, ବଳରାମ ମହାନ୍ତି, ତୋଫାନ୍ ମହାନ୍ତି, ବନମାଳୀ ଦେଓ, ଯୋଗେନ୍ଦ୍ର ପାଲ୍, ଅଲେଖ ସାମଲ, ସନ୍ତୋଷ ସାହୁ, ବେଣୁଧର ସାହୁ ଏବଂ ସମ୍ପର୍କୀୟ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସୂଚନାଥାଉ କି, ଚରଣ ମହାନ୍ତି ପ୍ରାୟ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପୁରୀ ସହରରେ ଖବରକାଗଜ ବିତରଣ କରୁଥିଲେ।

### ସୋସିଆଲ ମିଡିଆରେ ଧମକପୂର୍ଣ୍ଣ ପୋଷ୍ଟ ଘଟଣା

## ଅଭିଯୁକ୍ତ ପ୍ରତୀକ୍ ନାଁରେ ପୂର୍ବରୁ ରହିଛି ୧୦ ମାମଲା

ପୁରୀ,୨୨।୧(ସମିସ): 'ପୁରୀ ଜଗନ୍ନାଥ ମନ୍ଦିରରେ ଖୁବ୍‌ଶୀଘ୍ର ବୋମା ପଡ଼ିବ। ଖୁବ୍‌ଶୀଘ୍ର ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆଙ୍କୁ ଗୁଳିମାଡ଼ ହେବ। ସେହିପରି ଶ୍ରୀମନ୍ଦିର ନିକଟ ଗ୍ରାଣ୍ଡ ସେଣ୍ଟରରେ ଗୁଳି ଫୁଟାଇବୁ'। ସାମାଜିକ ଗଣମାଧ୍ୟମରେ ଏଭଳି ଧମକପୂର୍ଣ୍ଣ ପୋଷ୍ଟ କରିଥିବା ଅଭିଯୁକ୍ତକୁ ପୁଲିସ ଗିରଫ କରିଛି। ଅଭିଯୁକ୍ତ ହେଉଛି ବାସେଲିସାହି ଥାନା ମଙ୍ଗଳାଘାଟ ନୀଳାଦ୍ରି ବିହାରରେ ରହୁଥିବା କେନ୍ଦ୍ରାପଡ଼ା ଜିଲ୍ଲା ସଦର ଥାନା ଅନ୍ତର୍ଗତ ଅଢ଼ଙ୍ଗ ଗ୍ରାମର ପ୍ରତୀକ୍ ମିଶ୍ର। ତା' ନାଁରେ ପୂର୍ବରୁ ବିଭିନ୍ନ ଥାନାରେ ୯ଟି ମାମଲା ରହିଥିବା ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି। ଏସ୍‌ପି ଶ୍ରୀ ସିଂ କହିଛନ୍ତି, ଅଭିଯୁକ୍ତ ପ୍ରତୀକ୍ କେନ୍ଦ୍ରାପଡ଼ାର ଜଣୈକା ଯୁବତୀଙ୍କୁ ପ୍ରେମ ନିବେଦନ କରିଥିଲେ। ସେ ରାଜି ନ ହେବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପ୍ରତୀକ୍ ତାଙ୍କ ସିମ୍ ବ୍ୟବହାର କରି ୧୧ ତାରିଖରେ ତାଙ୍କ ନାମରେ ଫେକ୍ ଆକାଉଣ୍ଟ ଖୋଲିଥିଲେ। ସମ୍ପୃକ୍ତା ଯୁବତୀଙ୍କୁ ବଦ୍‌ନାମ କରିବାକୁ ଯାଇ ଏପରି କରିଥିଲେ। ପୁରୀ ପୁଲିସ ସୋସିଆଲ ମିଡିଆ ସେଲରୁ ଏହା ଜାଣି ଘଟଣାକୁ ଗୁରୁତ୍ୱର ସହ ନେଇଥିଲେ। ସାଇବର ପୁଲିସ ସହାୟତାରେ ଫେସ୍‌ବୁକ୍‌କୁ ଉକ୍ତ ଆଇଡି ସମ୍ପର୍କରେ ସବିଶେଷ ତଥ୍ୟ ମଗାଯାଇଥିଲା। ତଦନ୍ତ ପରେ ପ୍ରତୀକ୍ ମିଶ୍ର ଏକାକୀ ଏହି କାର୍ଯ୍ୟ କରିଥିବା ଜଣାପଡ଼ିଛି। ତାଙ୍କ ବିରୋଧରେ ସିଂହଦ୍ୱାର ଥାନାରେ (ନଂ.୧୮/୨୬) ମାମଲା ରୁଜୁ ହୋଇଛି। କେବଳ ନିଜ ପ୍ରେମିକା ଉପରେ ପ୍ରତିଶୋଧ ନେବା ପାଇଁ ସେ ଏଭଳି କାର୍ଯ୍ୟ କରିଥିବା ପୁଲିସ ନିକଟରେ ସ୍ୱୀକାର କରିଛନ୍ତି। ତେବେ ସିଂହଦ୍ୱାର ଥାନାରେ ରୁଜୁ ମାମଲାକୁ ମିଶାଇ ପ୍ରତୀକ୍‌ଙ୍କ ନାଁରେ ପୁରୀ ଓ କେନ୍ଦ୍ରାପଡ଼ାର ବିଭିନ୍ନ ଥାନାରେ ୧୦ରୁ ଊର୍ଦ୍ଧ୍ୱ ମାମଲା ରହିଛି।

## ଜିଲ୍ଲାସ୍ତରୀୟ କନ୍ୟା ସନ୍ତାନ ସପ୍ତାହ ପାଳିତ

ପୁରୀ,୨୨।୧(ସମିସ): ପୁରୀ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ମିଳିତ ଆନୁକୂଲ୍ୟରେ ବେଟି ବଞ୍ଚାଅ ବେଟି ପଢ଼ାଅ ତଥା ମିଶନ ବାତ୍ସଲ୍ୟ ଯୋଜନା ଅନ୍ତର୍ଗତ କାର୍ଯ୍ୟକ୍ରମ ଅଧୀନରେ ଗୁରୁବାର "ଜାତୀୟ କନ୍ୟା ସନ୍ତାନ ସପ୍ତାହ-୨୦୨୬' ପାଳିତ ହୋଇଯାଇଛି। ପୁରୀ ମହିଳା ମହାବିଦ୍ୟାଳୟ ଏବଂ ଉତ୍କଳ ବାଳାଶ୍ରମ ପରିସରରେ ଆୟୋଜିତ ଦୁଇଟି ପୃଥକ୍ କାର୍ଯ୍ୟକ୍ରମରେ କନ୍ୟା ସନ୍ତାନମାନଙ୍କ ସୁରକ୍ଷା, ଶିକ୍ଷା ଏବଂ ସମ୍ମାନଜନକ ଜୀବନ ଉପରେ ଗୁରୁତ୍ୱାରୋପ କରାଯାଇଛି। ଉତ୍କଳ ବାଳାଶ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କନ୍ୟା ସନ୍ତାନମାନଙ୍କର ଅଧିକାର ସୁରକ୍ଷା ପାଇଁ ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ। କନ୍ୟାସନ୍ତାନମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଶିକ୍ଷା, ନିଯୁକ୍ତି କ୍ଷେତ୍ରରେ ସହଭାଗୀ କରାଇବାକୁ ମତ ରଖିଥିଲେ।

ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଡ. ଅଜିତ କୁମାର ମହାପାତ୍ର, ସଦସ୍ୟ ଦେବଯାନୀ ହିମାଂଶୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତନୁପ୍ରଭା ବେଉରା, ପ୍ରୋଟେକ୍ସନ ଅଫିସର ଚନ୍ଦ୍ରପ୍ରଭା ଦେଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ କନ୍ୟା ସନ୍ତାନଙ୍କ ଅଧିକାର ଓ ସରକାରୀ ଯୋଜନା ବିଷୟରେ ଶିଶୁ ଓ କର୍ମକର୍ତ୍ତାମାନଙ୍କୁ ସଚେତନ କରାଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ପୁରୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ବିଶ୍ୱନାଥ ବଳିୟାରସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମ ସଂଯୋଜକ କୃଷ୍ଣ ଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ବାଳାଶ୍ରମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷା, କ୍ରୀଡ଼ା, ସମାଜସେବା, ନେତୃତ୍ୱ ଆଦି ଅନନ୍ୟ ପ୍ରତିଭା କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଜିଲ୍ଲାର ୨୦ ଜଣ ବାଳିକାଙ୍କୁ ଟ୍ରଫି, ସାର୍ଟିଫିକେଟ ଓ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ ସହିତ ସମ୍ମାନିତ କରାଯାଇଥିଲା। ଏହାଛଡ଼ା ଜିଲ୍ଲାର ବାଳିକା ଅନ୍ତେବାସୀ ରହୁଥିବା ଶିଶୁଯତ୍ନ ଅନୁଷ୍ଠାନରେ କନ୍ୟା ସପ୍ତାହ ପାଳନ ଅବସରରେ ବିବିଧ ପ୍ରତିଯୋଗିତା କରାଯାଇ ପୁରସ୍କାର ବିତରଣ କରାଯାଉଛି। ଚାଇଲ୍ଡ ହେଲ୍ପଲାଇନ୍ ୧୦୯୮ର ସଂଯୋଜକ କୃଷ୍ଣଚନ୍ଦ୍ର ମିଶ୍ର ଶିଶୁଙ୍କ ଜରୁରୀକାଳୀନ ସେବା ଓ ପୁନର୍ବାସ ସମ୍ପର୍କରେ ସୂଚନା ଦେବା ସହିତ ପ୍ରଚାର ପତ୍ର ବଣ୍ଟନ କରିଥିଲେ।

## ନୂଆବର୍ଷ ପୂର୍ବ ରାତିରେ ମହାପ୍ରଭୁଙ୍କୁ ଅନିଦ୍ରା ରଖାଯିବା ଅପସଂସ୍କୃତି: ମନ୍ତ୍ରୀ

ପୁରୀ,୨୨।୧(ସମିସ): ଇଂରାଜୀ ନୂଆବର୍ଷ ପୂର୍ବ ରାତିରେ ଜଗନ୍ନାଥ ମହାପ୍ରଭୁଙ୍କୁ ଅନିଦ୍ରା ରଖାଯିବା ଅପସଂସ୍କୃତି ବୋଲି କହିଛନ୍ତି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ନେବଳ ଦାସ ମଠରେ ଅନୁଷ୍ଠିତ ଶ୍ରୀରାମ ମହାଯଜ୍ଞ ଓ ଶ୍ରୀଜଗନ୍ନାଥ କଥାମୃତ ଉତ୍ସବରେ ଗୁରୁବାର ଯୋଗଦେଇ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି, ଅପସଂସ୍କୃତି ବଶବର୍ତ୍ତୀ ହୋଇ ଲୋକେ ଜିରୋନାଇଟ୍ ପାଳନ କରିବା ଓ ଏଥିପାଇଁ ମହାପ୍ରଭୁଙ୍କୁ ଅନିଦ୍ରା ରଖାଯିବା ଦୁର୍ଭାଗ୍ୟଜନକ। ଚଳିତବର୍ଷ ମହାପ୍ରଭୁଙ୍କ ନୀତି ଇଂରାଜୀ ନୂଆବର୍ଷ ଦିନ ଯଥାରୀତି ପାଳନ କରିବା ନିମନ୍ତେ ସେ ସରକାରଙ୍କୁ ଜଣାଇଥିଲେ। ଏହାକୁ ହୃଦୟଙ୍ଗମ କରି ସରକାର ଠାକୁରଙ୍କ ପହୁଡ଼ ୩ ଘଣ୍ଟା କରିବା ପରେ ଦ୍ୱାର ଖୋଲାଯାଇଥିଲା। ଆସନ୍ତା ବର୍ଷ ମହାପ୍ରଭୁଙ୍କ ପହୁଡ଼ ଯଥାରୀତି ସ୍ୱାଭାବିକ କରାଯିବ। ଜିରୋନାଇଟ୍ ନିମନ୍ତେ ମହାପ୍ରଭୁଙ୍କ ପହୁଡ଼ରେ କୌଣସି ହାନୀ କରାଯିବ ନାହିଁ। ଯଦି ସାଧାରଣ ମଣିଷର ଶୋଇବାବେଳେ କେହି ବାଧା ଦେଲେ ସେ ବିରକ୍ତ ହେଉଛି, ତେବେ ମାନବୀୟ ଲୀଳା କରୁଥିବା ମହାପ୍ରଭୁଙ୍କ ନିଦ୍ରାରେ କାହିଁକି ହାନୀ ପହଞ୍ଚିବ ବୋଲି ମନ୍ତ୍ରୀ ଯୁକ୍ତି ବାଢ଼ିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକ ନେବଳ ଦାସ ମଠର ମଠାଧୀଶ ଡ. ରାମଚରଣ ଦାସ ମହାରାଜଙ୍କ ଉପସ୍ଥିତିରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ଦଇତାପତି ରାମଚନ୍ଦ୍ର ଦାସମହାପାତ୍ର ସଭାପତିତ୍ୱ କରିଥିଲେ। ମନୋଜ ରଥ ମଞ୍ଚ ପରିଚାଳନା କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ଶ୍ରୀମନ୍ଦିର ପୁରୋହିତ ଡ. ସିଦ୍ଧେଶ୍ୱର ମହାପାତ୍ର, ଛତିଆ ଗୋବିନ୍ଦପୁର ସିଦ୍ଧଗିରି ଆଶ୍ରମର ବାବା ବିଶ୍ୱନାଥ ଦାସ, ଶ୍ରୀଜଗନ୍ନାଥ ଚେତନା ଗବେଷକ ଡ. ଗୁରୁପ୍ରସାଦ ମହାପାତ୍ର, ପରିଚାଳନା କମିଟି ସଦସ୍ୟ ମହେଶ ସାହୁ ପ୍ରମୁଖ ଯୋଗଦେଇଥିଲେ।

### ତୃତୀୟ 'ଦିଶା' ବୈଠକ

## ସ୍ୱାସ୍ଥ୍ୟ, ପାନୀୟ ଜଳକୁ ନେଇ ଆଲୋଚନା ସରଗରମ

ପୁରୀ,୨୨।୧(ସମିସ): ପୁରୀ ଜିଲ୍ଲା ତୃତୀୟ ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି ବା ଦିଶା ବୈଠକ ଗୁରୁବାର ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ତେବେ ସ୍ୱାସ୍ଥ୍ୟ, ବିଦ୍ୟୁତ୍ ଏବଂ ପାନୀୟ ଜଳକୁ ନେଇ ବୈଠକ ବେଶ୍ ସରଗରମ ହୋଇଥିଲା। ଜନପ୍ରତିନିଧି ଅଧିକାରୀଙ୍କୁ ପ୍ରଶ୍ନବାଣରେ ଘେରିଥିଲେ। ଏଥିରେ ସାଂସଦ ଡ. ସମ୍ବିତ୍ ପାତ୍ର ଅଧ୍ୟକ୍ଷତା କରିବା ସହ ସମସ୍ତ ସରକାରୀ ଯୋଜନା ଜନସାଧାରଣଙ୍କ ହିତ ପାଇଁ ଉଦ୍ଦିଷ୍ଟ। ସାଧାରଣ ଲୋକଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇବା ଆମର କର୍ତ୍ତବ୍ୟ। ତେଣୁ ପ୍ରତ୍ୟେକ ବିଭାଗ ନିଷ୍ଠାର ସହ କାର୍ଯ୍ୟ କରି ଲୋକମାନଙ୍କୁ ତାହାର ସୁଫଳ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକ ଏକ ଗୁରୁତ୍ୱପୂର୍ଣ୍ଣ ଓ ଜିଲ୍ଲାର ବିକାଶ ପାଇଁ ଅଭିପ୍ରେତ। ଯଦି କୌଣସି ଅଧିକାରୀ ବିନା ସୂଚନାରେ ଅନୁପସ୍ଥିତ ରହୁଛନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗ୍ରୀଷ୍ମ ଋତୁ ଆସୁଥିବାରୁ ପାନୀୟ ଜଳ ସଂକଟର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ବିଭିନ୍ନ ବିଭାଗର ଯୋଜନାଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯାଇ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସାଂସଦ ଡ. ପାତ୍ର ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସମସ୍ତଙ୍କୁ ସ୍ୱାଗତ କରିବା ସହ ବିଭିନ୍ନ ଯୋଜନାର ଜିଲ୍ଲା ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟକ୍ଷଙ୍କ ପରାମର୍ଶ କ୍ରମେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟକ୍ଷଙ୍କ ପରାମର୍ଶ କ୍ରମେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ଜାତୀୟ ମତଦାତା ଦିବସର ଶପଥପାଠ କରାଇଥିଲେ। ଏଥିରେ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ସମିତି ଅଧ୍ୟକ୍ଷ/ଅଧ୍ୟକ୍ଷା, ଏନ୍‌ଏସିର ଅଧ୍ୟକ୍ଷ/ଅଧ୍ୟକ୍ଷା, ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।





SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡ଼ିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

| ବିଜ୍ଞାପନ ସଂ. CRPD/SCO/2025-26/22 (ଚୁକ୍ତିଭିତ୍ତିକ ପଦବୀ) | | | |
|---|---|---|---|
| ପୋଷ୍ଟର ନାମ | ଖାଲି ପଦବୀ | 31.12.2025 ରେ ବୟସ (ବର୍ଷ) ସର୍ବନିମ୍ନ | 31.12.2025 ରେ ବୟସ (ବର୍ଷ) ସର୍ବାଧିକ |
| ଉପାଧ୍ୟକ୍ଷ (ୟୁଏକ୍ସ) | 1 | 40 | 50 |
| ଉପ-ଉପାଧ୍ୟକ୍ଷ (ୟୁଏକ୍ସ) | 1 | 36 | 44 |
| ସହାୟକ ଉପାଧ୍ୟକ୍ଷ (ୟୁଏକ୍ସ) | 1 | 32 | 40 |
| ବରିଷ୍ଠ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ (ୟୁଆଇ ଏବଂ ୟୁଏକ୍ସ) | 3 | 28 | 37 |

| ବିଜ୍ଞାପନ ସଂ. CRPD/SCO/2025-26/22 (ନିୟମିତ ପଦବୀ) | | | | |
|---|---|---|---|---|
| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ | 31.12.2025 ରେ ବୟସ (ବର୍ଷ) ସର୍ବନିମ୍ନ | 31.12.2025 ରେ ବୟସ (ବର୍ଷ) ସର୍ବାଧିକ |
| ଉପ-ପ୍ରବନ୍ଧକ (ୟୁଆଇ ଏବଂ ୟୁଏକ୍ସ) | ଏମ୍‌ଏମ୍‌ଜିଏସ୍-II | 6 | 25 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/ web/ careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query)ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 16.01.2026 ରୁ 05.02.2026 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 16.01.2026
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

## ଜଗତସିଂହପୁର ପୁସ୍ତକମେଳା ଉଦ୍‌ଯାପିତ

# ଭାଷାର ବିକାଶ ନିମନ୍ତେ ପୁସ୍ତକ ମେଳା ଗୁରୁତ୍ୱପୂର୍ଣ୍ଣ

ଜଗତସିଂହପୁର,୨୩।୧(ସମିସ)




ବହିର ବିକଳ୍ପ ନାହିଁ। ବହି ପଢ଼ିବା ଦ୍ୱାରା ଆମର ଜ୍ଞାନ ବୃଦ୍ଧି ହେବା ସହିତ ଆମ ଭିତରେ ସୁଧାର ଆସିଥାଏ ବୋଲି ୨୭ତମ ଜଗତସିଂହପୁର ପୁସ୍ତକ ମେଳାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମତ ପ୍ରକାଶ କରିଛନ୍ତି। ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ସାହିତ୍ୟିକ ଦୁର୍ଯ୍ୟୋଧନ କାଠୁଆ ଯୋଗଦେଇ ଆଦିକବି ସାରଳା ଦାସଙ୍କ ସାହିତ୍ୟ କୃତି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଜଗତସିଂହପୁର ଜିଲ୍ଲାପାଳ ତଥା ସାଂସ୍କୃତିକ ପରିଷଦର ସଭାପତି ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବରେ ସାଂସଦ ବିଭୁପ୍ରସାଦ ତରାଇ, ଜଗତସିଂହପୁର ଜିଲ୍ଲା ପରିଷଦର ସଭାପତି ମନୋଜ କୁମାର ଭୋଇ, ଜଗତସିଂହପୁର ଆରକ୍ଷୀ ଅଧିକ୍ଷକ ଅଙ୍କିତ ବର୍ମା, ପାରାଦୀପ ପୌରାଧକ୍ଷ ବସନ୍ତ କୁମାର ବିଶ୍ୱାଳ ଏବଂ ସ୍ମୃତିପତ୍ରର ମୁଖ୍ୟ ସମ୍ପାଦକ ମହେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ବଞ୍ଚିବା ପାଇଁ ତଥା ଓଡ଼ିଆ ଭାଷାର ବିକାଶ ନିମନ୍ତେ ପୁସ୍ତକ ମେଳାର ଗୁରୁତ୍ୱ ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକାରୀ ସଭାପତି ବିପ୍ଳବ ଚୌଧୁରୀ ମଞ୍ଚ ପରିଚାଳନା କରିଥିବା ବେଳେ ସାଧାରଣ ସମ୍ପାଦକ ସାରଦା ପ୍ରସନ୍ନ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରିଣୀ କମିଟି ସଦସ୍ୟ ମାନସ ରଥ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିରଞ୍ଚି ନାରାୟଣ ରଥ ଓ ସାଥି ମାନେ ବେଦ ପାଠ କରିଥିଲେ। ଅତିଥି ମାନଙ୍କ ଦ୍ୱାରା ଜଗତସିଂହପୁର ସାଂସ୍କୃତିକ ପରିଷଦର ମୁଖପତ୍ର ସ୍ମୃତିପତ୍ରର ଉନ୍ମୋଚନ କରାଯାଇଥିଲା। ମଧ୍ୟାହ୍ନରେ ରାଜ୍ୟସ୍ତରୀୟ କବିତାପାଠୋତ୍ସବ ଓ ଜଣାଅଜଣା କାର୍ଯ୍ୟକ୍ରମ ସହିତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବିଭିନ୍ନ କଳା ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାକୁ ସ୍ୱର୍ଗତ ସଂଗ୍ରାମ କେଶରୀ ମହାନ୍ତିଙ୍କ ସ୍ମୃତିରେ ଉତ୍ସର୍ଗ ହୋଇଥିଲା। ଶେଷରେ କ୍ରୀଷ୍ଟା କଲଚରାଲ ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଜାତୀୟ କନ୍ୟା ସନ୍ତାନ ସପ୍ତାହ



ଜଗତସିଂହପୁର,୨୩।୧(ସମିସ): ଆଜି ଜଗତସିଂହପୁର ସଦର ମହକୁମା ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସଭାଗୃହଠାରେ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରଶ୍ମିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ସପ୍ତାହ ପାଳିତ ହୋଇଯାଇଛି। ଉତ୍ସବରେ ବିଏସ୍ଏସଓ ଇନ୍ଦ୍ରମଣି ପ୍ରଧାନ, ଅତିରିକ୍ତ ତହସିଲଦାର ମନୋଜ କୁମାର ବେହେରା, ରଘୁନାଥପୁର ବ୍ଲକ ଏବିଡିଓ ବୈରାଗୀ ଚରଣ ସେଠୀ, ବିରିଡି ବ୍ଲକ ଏବିଡିଓ ଲୋପାମୁଦ୍ରା ନାୟକ, ଏଡିଡବ୍ଲୁଓ ରଞ୍ଜୁ ଦେଇ, ବାଲିକୁଦା ବ୍ଲକ ଏବିଡିଓ ଏସ୍ଆର ମହାନ୍ତି, ସାଇବର ଥାନା ଅଧିକାରୀ ଭାସ୍ୱତ୍ ରଞ୍ଜନ ରାୟ, ଆଇନ ଅଧିକାରୀ ଜଗନ୍ନାଥ ମିଶ୍ର, ବିଦ୍ୟାଳୟର ପ୍ରଧାନଶିକ୍ଷକ ମିହିର କୁମାର ପାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ସକାଳୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ରାଜେନ୍ଦ୍ର କୁମାର ପାଣିଗ୍ରାହୀ ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ପ୍ରସୂତି ୱାର୍ଡରେ ନବଜାତକ ଶିଶୁ କନ୍ୟାମାନଙ୍କର ମା'ମାନଙ୍କୁ ଶୀତ ବସ୍ତ୍ର ପ୍ରଦାନ କରିବା ସହିତ ଜନ ସଚେତନତା ନିମନ୍ତେ ଏକ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ରଥଟି ଜିଲ୍ଲାର ସମସ୍ତ ବ୍ଲକ୍ ଓ ପୌରାଞ୍ଚଳରେ ବୁଲି କନ୍ୟା ସନ୍ତାନ ମାନଙ୍କ ସୁରକ୍ଷା ବାର୍ତ୍ତା ବିଷୟରେ ଲୋକମାନଙ୍କୁ ସଚେତନ କରିବ। ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରମୋଦ କୁମାର ବାରିକ, ମୁଖ୍ୟ ଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟ ଡା. ସରୋଜ କୁମାର ଜେନା, ବରିଷ୍ଠ ଓ ଆଣ୍ଡ ଜି ସ୍ପେଶାଲିଷ୍ଟ ଡା. ଦୀପ୍ତି ରଞ୍ଜନ ଭୁଇଆଁ, ହସ୍ପିଟାଲ ମ୍ୟାନେଜର, ନର୍ସିଂ ଅଧିକାରୀ ଓ ସ୍ୱାସ୍ଥ୍ୟକର୍ମୀ ମାନେ ଉପସ୍ଥିତ ଥିଲେ। ଉତ୍ସବକୁ ଅତିରିକ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ କୁମାର ମହାପାତ୍ର ସହ ପରିଚାଳକ ନିରୋଦ କୁମାର ପ୍ରଧାନ, ଜିଲ୍ଲା ଟିକା ପରିଚାଳକ ପାର୍ଥସାରଥୀ କରସର୍ମା ପରିଚାଳନା କରିଥିଲେ। ଏହି ଅବସରରେ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ଓ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କେନ୍ଦ୍ରାପଡ଼ାରୁ ଅଠରବାଙ୍କୀ ରାସ୍ତା ୫ ଘଣ୍ଟା ଜାମ୍

ପାରାଦୀପ,୨୨।୧(ସମିସ): କେନ୍ଦ୍ରାପଡ଼ାରୁ ପାରାଦୀପ ଅଠରବାଙ୍କୀ ପର୍ଯ୍ୟନ୍ତ ରାସ୍ତା ଅପରାହ୍ନରୁ ରାତି ୧୦ଟା ପର୍ଯ୍ୟନ୍ତ ଜାମ ରହିଥିଲା। ରାସ୍ତାରେ ସହ ସହ ଆଇରନ ଟ୍ରକ, କଟକ-ପାରାଦୀପ ବସ୍, କାର, ବାଇକ୍ ଓ ଶିଳ୍ପ କଳ କାରଖାନାରୁ ଘରକୁ ଫେରୁଥିବା ଶ୍ରମିକ କର୍ମଚାରୀ ସମସ୍ତେ ରାସ୍ତାରେ ଏକ ପ୍ରକାର ଫସି ରହିଥିଲେ ଏହି ଜାମ ପାଇଁ। ଏପରିକି ପୁଲିସ ଏହି ଜାମକୁ ନିୟନ୍ତ୍ରଣ କରିବା ମୁସ୍କିଲ ହୋଇ ପଡ଼ିଥିଲା। ଥାନା ପକ୍ଷରୁ ୫ଟି ପିସିଆର ଭ୍ୟାନ ରାସ୍ତାରେ ପରିସ୍ଥିତିକୁ ସୁଧାରିବା ପାଇଁ ଚେଷ୍ଟା କରି ମଧ୍ୟ ଫେଲ ମାରିଥିଲେ। ଏସ୍ପିଙ୍କ ନିର୍ଦ୍ଦେଶ କ୍ରମେ ଆଡିସିନାଲ ଏସ୍ପିଙ୍କ ନେତୃତ୍ୱରେ ଲକ୍ଥାନା ଆଇଆଇସି ଓ ତାଙ୍କ ପୁଲିସ କର୍ମଚାରୀ ମାନେ ତମାମ ଏହି ନିୟନ୍ତ୍ରଣରେ ଲାଗି ଥିଲେ। ରାତି ୧୦ଟା ପରେ ଧୀରେ ଧୀରେ ଏହି ଜାମ ଖସିଥିବା ଦେଖିବାକୁ ମିଳିଥିଲା। ପାରାଦୀପ ଗଡ଼, ଦୋଛକିରେ ଓଭର ବ୍ରିଜ କାମ ଚାଲୁଥିବା ଯୋଗୁଁ ଏଠାରେ ଥିବା ଅଣଓସାରିଆ ରାସ୍ତା ଅଧିକ ଜାମ ହୋଇଥିଲା। ଏପରିକି ରାସ୍ତା ନିକଟ ଗାଁ ଭିତରେ ଟ୍ରକ ଗୁଡିକ ପଶି ଗାଁ ରାସ୍ତାକୁ ଜାମ କରିଦେଇଥିଲେ। କଟକ କିମ୍ବା ଚଣ୍ଡିଖୋଲ ପଟୁ ପାରାଦୀପକୁ ଆସୁଥିବା ବସ ଓ ସବୁ ଦୀର୍ଘ ସମୟ ବାଟରେ ଅଟକି ରହିଥିଲେ। ପାରାଦୀପରୁ ଦୀଘା, କଲିକତା ଓ ରାଉରକେଲାକୁ ଯାଉଥିବା ବସ ରାସ୍ତା ଜାମ ପାଇଁ ବିଳମ୍ବରେ ଛାଡିଥିବା ଜଣାପଡିଛି।

## ସମାଜସେବୀଙ୍କ ସ୍ମୃତିଚାରଣ ସଭା

ବାଲିକୁଦା,୨୨।୧(ସମିସ): ବାଲିକୁଦା ବ୍ଲକ ମରିଚିପୁର ଅଞ୍ଚଳର ସମାଜସେବୀ ଘନଶ୍ୟାମ ବେହେରାଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଦିଲୀପ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସଭାରେ ବାଲିକୁଦା ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଜିଲ୍ଲାପରିଷଦ ସଦସ୍ୟା ତଟିନା ସ୍ୱାଇଁ, ପୂର୍ବତନ ସରପଞ୍ଚ ସଦାନନ୍ଦ ବେହେରା, ଘନଶ୍ୟାମ ବେହେରା, ସମିତିସଭ୍ୟା ସୁନିତା ନାୟକ, ସମାଜସେବୀ ଉମେଶ ସ୍ୱାଇଁ, ସାମ୍ବାଦିକ ପ୍ରଣବ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ଘରୁ ଚୋରି; ଜଣେ ଗିରଫ

ତିର୍ତ୍ତୋଲ,୨୩।୧(ସମିସ): ତିର୍ତ୍ତୋଲ ଥାନା ଅନ୍ତର୍ଗତ ଏରଡ଼ଙ୍ଗା ପଞ୍ଚାୟତ ବ୍ରାହ୍ମଣବାଡ଼ି ଗ୍ରାମର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ନଳିନୀପ୍ରଭା ମହାପାତ୍ରଙ୍କ ଘରୁ ସ୍ୱର୍ଣ୍ଣ ଅଳଙ୍କାର ଚୋରି ଘଟଣାରେ ପୁଲିସ ଅଭିଯୁକ୍ତ ତାଙ୍କ ଘରେ ଭଡ଼ାସୂତ୍ରରେ ରହୁଥିବା ଯାଜପୁର ଅଞ୍ଚଳର ଜିତେନ୍ଦ୍ର ଓଝାକୁ ଗିରଫ କରିଛି। ନଳିନୀପ୍ରଭା ନିଜ ପିଲାମାନଙ୍କ ପଢ଼ା ପାଇଁ ଭୁବନେଶ୍ୱରରେ ରହୁଥିବାବେଳେ ତାଙ୍କ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି ବିରିଡ଼ିରେ ରହି ପିଲାମାନଙ୍କୁ ଟିଉସନ୍ ପଢ଼ାଉଛନ୍ତି। ଯାଜପୁର ଅଞ୍ଚଳର ଜିତେନ୍ଦ୍ର ତାଙ୍କ ସ୍ତ୍ରୀ ଓ ଦୁଇଟି ପିଲାଙ୍କ ସହିତ ଭଡ଼ାସୂତ୍ରରେ ନଳିନୀପ୍ରଭାଙ୍କ ତଳ ମହଲାରେ ରହୁଥିଲେ। ଘର ମାଲିକ ବାହାରେ ରହିଥିବାର ସୁଯୋଗ ନେଇ ଜିତେନ୍ଦ୍ର ଓ ତାଙ୍କ ସ୍ତ୍ରୀ ଘରର ତାଲା ଭାଙ୍ଗିବା ସହିତ ବାକ୍ସ ଭାଙ୍ଗି ସୁନାହାର ଚୋରି କରିନେଇଥିଲେ। ଗତ ୧୭ ତାରିଖରେ ପୂର୍ଣ୍ଣଚନ୍ଦ୍ର ମହାନ୍ତି ଘରକୁ ଆସି ଦେଖିଲାବେଳକୁ ଘର କବାଟ ତାଲା ଭଙ୍ଗାହୋଇଛି। ଘର ଭିତରକୁ ବାକ୍ସର ତାଲା ଓ କଡ଼ିଆ ଭଙ୍ଗା ହୋଇ ସୁନା ହାର ଚୋରି ହୋଇଥିବା ସେ ଜାଣିପାରି ସଙ୍ଗେ ସଙ୍ଗେ ତାଙ୍କ ସ୍ତ୍ରୀ ନଳିନୀଙ୍କୁ ଜଣାଇଥିଲେ। ନଳିନୀପ୍ରଭା ୧୮ ତାରିଖରେ ଭୁବନେଶ୍ୱରରୁ ଘରକୁ ଫେରି ବାକ୍ସରେ ସୁନାହାର ନ ପାଇବାରୁ ଭଡ଼ାରେ ରହୁଥିବା ଜିତେନ୍ଦ୍ରକୁ ପଚାରିଥିଲେ। ଜିତେନ୍ଦ୍ର ମାନିନଥିଲେ। ଅନ୍ୟପଟେ ତାଙ୍କ ସ୍ତ୍ରୀ ମାନହାନି ମକଦ୍ଦମା କରିବେ ବୋଲି ଧମକ ଦେଇଥିଲେ। ବାଧ୍ୟ ହୋଇ ନଳିନୀପ୍ରଭା ଗତ ୨୦ ତାରିଖରେ ତିର୍ତ୍ତୋଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ପାଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇ ଜିତେନ୍ଦ୍ରଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଜିତେନ୍ଦ୍ର ପୁଲିସ ଆଗରେ ଚୋରି କରିଥିବା ନେଇ ମାନି ଯାଇଥିଲା। ଜିତେନ୍ଦ୍ର ଚୋରି ସାମଗ୍ରୀକୁ ନେଇ ମଣିଜଙ୍ଗା ସ୍ଥିତ ମନପୁରାମ ଗୋଲଡ଼ ଫାଇନାନ୍ସ କମ୍ପାନୀରେ ବନ୍ଧାରଖି ୧ ଲକ୍ଷ ୩୮ ହଜାର ଟଙ୍କା ଓ ଗୋଟେ ମଙ୍ଗଳସୂତ୍ର ବନ୍ଧା ରଖି ୩୪ ହଜାର ଟଙ୍କା ସୁଧ ଆକାରରେ ଆଣିଥିଲା। ପୁଲିସ ଜିତେନ୍ଦ୍ରଠାରୁ ଏକ ସୁନା ହାର, ଗୋଟେ ମଙ୍ଗଳସୂତ୍ର ଓ ଦୁଇଟି ସୁନା ମୁଦ୍ରାକୁ ଜବତ କରିଥିଲା। ପୁଲିସ ଅଭିଯୁକ୍ତ ଜିତେନ୍ଦ୍ରକୁ ଆଜି ଅଦାଲତ ଚାଲାଣ କରିଥିବା ନେଇ ତିର୍ତ୍ତୋଲ ଥାନା ଅଧିକାରୀ ପ୍ରଦୀପ୍ତ

## 'ବରିଷ୍ଠ ନାଗରିକଙ୍କ ରକ୍ଷଣା ବେକ୍ଷଣ ଓ କଲ୍ୟାଣ ଆଇନ' କର୍ମଶାଳା



ଜଗତସିଂହପୁର,୨୨।୧(ସମିସ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ ହେଲ୍ପ ଏଜ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ପିତାମାତା ଏବଂ ବରିଷ୍ଠ ନାଗରିକଙ୍କ ରକ୍ଷଣା ବେକ୍ଷଣ ଓ କଲ୍ୟାଣ ଆଇନ, ୨୦୦୭ ସଂପର୍କିତ ଏକ ଜିଲ୍ଲା ସ୍ତରୀୟ ସଚେତନତା ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ଏଥିରେ ଅଧ୍ୟକ୍ଷତା କରି ବରିଷ୍ଠ ନାଗରିକ, ପିତାମାତା, ଗୁରୁଜନ ଆମ ପାଇଁ ସର୍ବଦା ପୂଜ୍ୟ ଏବଂ ସେମାନଙ୍କର ଅଭିଜ୍ଞତା ଓ ପରାମର୍ଶରେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। କିନ୍ତୁ ସମ୍ପ୍ରତି ଯୁବପିଢ଼ୀ ନିଜର ପିତାମାତାଙ୍କୁ ସଠିକ ସମ୍ମାନ ଦେଉନାହାନ୍ତି। ଏଭଳି କ୍ଷେତ୍ରରେ ସେମାନେ ଆଇନ୍‌ର ଆଶ୍ରୟ ନେବାକୁ ସେ ପରାମର୍ଶ ଦେଇଥିଲେ। ଏଥିରେ ୭୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ, ଏନ୍‌ଜିଓ କର୍ମକର୍ତ୍ତା ଏବଂ ସରକାରୀ କର୍ମଚାରୀ ଅଂଶଗ୍ରହଣ କରି ବରିଷ୍ଠ ନାଗରିକଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଧିନିୟମ ଏବଂ ଏହାର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ମମତା ନାୟକଙ୍କ ଦ୍ୱାରା ଆଗତ ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ କମିଟି ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହିତ ହୋଇଥିଲା। ଏଥିରେ ପ୍ରେମାନନ୍ଦ ପଢିହାରୀ, ନିକୁଞ୍ଜ କିଶୋର ବେହେରାଙ୍କୁ ଏମିନେଣ୍ଟ ପ୍ରାର୍ଥୀ ଏବଂ ସ୍ନେହମୟୀ ଆଚାର୍ଯ୍ୟ, ହିତେଶ କୁମାର ମହାନ୍ତିଙ୍କୁ ସ୍ପେସିଆଲିଷ୍ଟ ଆକ୍ଟିଭିଷ୍ଟ ଭାବରେ ମନୋନୀତ କରଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ପ୍ରତିଚୀ ତନୟା ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ, ଦିଲ୍ଲୀପ ଜେନା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଏସ୍. ଶୁଭ୍ର ପଟେଲ ଉପସ୍ଥିତ ଥିଲେ।

## ନବବଧୂ ପୋଡ଼ି ହେବା ଘଟଣା; ସ୍ୱାମୀ ଗିରଫ

ପାରାଦୀପ, ୨୨।୧ (ସମିସ): ପିପ୍ପଳରେ ନବବଧୂ ପୋଡ଼ି ହୋଇ ମୃତ୍ୟୁବରଣ କରିଥିବା ଘଟଣାରେ ସ୍ୱାମୀକୁ ଆଜି ଜେଲ ଯିବାକୁ ପଡିଛି। ନବବଧୂର ବାପାଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ଝିଅକୁ ଯୌତୁକ ପାଇଁ ମାରି ଦିଆଯାଇଛି। ଏହି ଅଭିଯୋଗ ଆଧାରରେ ସ୍ୱାମୀ ବିରୋଧରେ ମାମଲା ରୁଜୁ କରାଯିବା ସହ କୋର୍ଟ ଚାଲାଣ କରାଯାଇଛି। ସୂଚନା ମୁତାବକ ପିପ୍ପଳ ଗ୍ରାମର ସ୍ମୃତି ରଞ୍ଜନ ସ୍ୱାଇଁଙ୍କ ସ୍ତ୍ରୀ ରୀନା ଦଳାଇ ଗତ ଦୁଇଦିନ ତଳେ ନିଆଁରେ ପୋଡି ହୋଇ ମୃତ୍ୟୁବରଣ କରିଥିଲେ। ତାଙ୍କର ଏହି ମୃତ୍ୟୁ ପାଇଁ ଅଧିକ ଯୌତୁକ ହିଁ କାରଣ ଥିଲା। ତାକୁ ମାରି ଦିଆଯାଇଥିବା ମୃତକଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ରୀନାଙ୍କ ସ୍ୱାମୀ ସ୍ମୃତି ରଞ୍ଜନ ସ୍ୱାଇଁଙ୍କୁ ଲକ୍ ଥାନା ପୁଲିସ ଥାନାକୁ ଆଣି ଅଟକ ରଖି ଅଧିକ ପଚରା ଉଚରା କରୁଥିଲା। ତେବେ ଆଜି ତାକୁ କୋର୍ଟଚାଲାଣ କରାଯାଇଛି। ଅନ୍ୟ ପକ୍ଷରେ ରୀନାର ପରିବାର ପକ୍ଷରୁ ବିବାହ ସମୟରେ ଦାବି ମୁତାବକ ସୁନା, ଟଙ୍କା ଓ ଘରର ଆସବାସପତ୍ର ଦେଇଥିଲେ। କିନ୍ତୁ ବିବାହ ପରେ ପୁଅ ଡିୟୁଟି ଯିବା ନେଇ ଏକ ବାଇକ୍ କିଣିବା ପାଇଁ ଦେଢ଼ ଲକ୍ଷ ଟଙ୍କା ପରିବାର ଲୋକ ମାଗିଥିଲେ। ପରେ ୫୦ ହଜାର ଟଙ୍କା ବହୁ କଷ୍ଟରେ ବାପ ଘର ଲୋକେ ଯୋଗାଡ଼ କରି ଦେଇଥିଲେ। ସେଥିରେ ଜୋଇଁ ବାଇକ୍ କିଣି ଚଢ଼ିବା ପରେ ବାଇକ୍‌ର କିସ୍ତି ଦେବାକୁ ଦାବି କରିଥିଲେ। ହେଲେ ବାଇକ୍‌ର କିସ୍ତି ଦେବାକୁ ବାପ ଘର ଲୋକେ ଅସମର୍ଥ ବୋଲି ରୀନା ସ୍ୱାମୀଙ୍କୁ କହିଥିଲେ। ତେବେ ଜୋଇଁ ରାଗି ଯାଇ ରୀନାକୁ ପୋଡ଼ି ମାରି ଦେଇଥିବା ବାପା ରବୀନ୍ଦ୍ର ଦଳାଇ ଅଭିଯୋଗ କରିଥିଲେ। ଏନେଇ ଥାନାରେ ୨୫/୨୬ ଏକ ମାମଲା ରୁଜୁ କରାଯାଇଛି। ସାଇଣ୍ଟିଫିକ ଟିମ୍‌ର ତଦନ୍ତ ରିପୋର୍ଟ ଆସିଲେ ଘଟଣାର ସତ୍ୟତା ପଦାକୁ ଆସିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

## ବ୍ରାଉନସୁଗର ଜବତ; ଜଣେ ଗିରଫ

ଜଗତସିଂହପୁର,୨୩।୧(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଖେରସ ଠାରେ ନିର୍ମାଣାଧୀନ ଜାତୀୟ ରାଜପଥ ୫୫ ନିକଟରେ ଚଢ଼ଉ କରି ପୁଲିସ ୧୨.୩୮ ଗ୍ରାମ ବ୍ରାଉନସୁଗର ଜବତ କରିଛି। ଏକ ସୂତ୍ରରୁ ଖବର ପାଇ ସଦର ଥାନା ଆଇଆଇସିଙ୍କ ତତ୍ତ୍ୱାବଧାନରେ ଏସଆଇ ବ୍ରହ୍ମାନନ୍ଦ ପଣ୍ଡା ପୋଲିସ ଟିମ ସହିତ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ। ବ୍ରାଉନସୁଗର ବିକ୍ରି କରୁଥିବା ଅଭିଯୋଗରେ ଖେରସ ପାଟଣା ଗ୍ରାମର ସୁଦର୍ଶନ ଖଟୁଆକୁ ପୁଲିସ ଗିରଫ କରି ଉକ୍ତ ବ୍ରାଉନ ସୁଗାର ଜବତ କରିଥିଲା। ଜବତ ବ୍ରାଉନସୁଗରର କଳାବଜାର ମୂଲ୍ୟ ୧ ଲକ୍ଷ ୨୫ ହଜାର ହେବ ବୋଲି ପୁଲିସ ସୂଚନା ଦେଇଛି। ଗିରଫ ସୁଦର୍ଶନକୁ କୋର୍ଟଚାଲାଣ କରାଯାଇଛି।

## ଚୋରା ମଦ ଜବତ; ଦୁଇ ଗିରଫ

ଜଗତସିଂହପୁର,୨୩।୧(ସମିସ): ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ ଏବଂ ଆରକ୍ଷୀ ଅଧିକ୍ଷକ ଅଙ୍କିତ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ଓ ଜଗତସିଂହପୁର ଅବକାରୀ ଅଧିକ୍ଷକ ଅନିତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏରସମାର ଅତିରିକ୍ତ ତହସିଲଦାର ଦେବେନ୍ଦ୍ର ପାଲଙ୍କ ଉପସ୍ଥିତରେ ଏରସମା ଥାନା ସହିତ ବାଲିକୁଦା ଅବକାରୀ ଥାନା ପକ୍ଷରୁ ଏରସମା ତହସିଲର ରାମତରା ଗ୍ରାମରେ ମିଳିତ ଚଢ଼ଉ କରାଯାଇ ୧୨ ଲିଟର ବିଦେଶୀ ମଦ ଏବଂ ୪୧ ଲିଟର ବିଅର ଜବତ କରାଯାଇଛି। ଏଥି ସହିତ ଚୋରା ମଦ ବିକ୍ରି ଅଭିଯୋଗରେ ରାମତରା ଗ୍ରାମର କବିତାରାଣୀ ସେଠୀ ଓ ସୁମିତ୍ରା ମଣ୍ଡଳଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ଉରେ ପଦ୍ମପୁର ରାଜସ୍ୱ ନିରୀକ୍ଷକ ରାଜୀବ ରଞ୍ଜନ ନାୟକ, ବାଲିକୁଦା ଅବକାରୀ ଥାନାର ନିରୀକ୍ଷକ ଶ୍ରୀକାନ୍ତ ପଟ୍ଟନାୟକ, କନେଷ୍ଟବଳ ଦୀନବନ୍ଧୁ ସେଠୀ, ପ୍ରତିମା ଜେନା, ଶୁଭଶ୍ରୀ ବିଶ୍ୱାଳ, ଏରସମା ଥାନର ଏଏସ୍ଆଇ ଶୁଶାନ୍ତ କୁମାର ଆଚାର୍ଯ୍ୟ ଓ ଆଲିଶା ପ୍ରତିଭା ମିଞ୍ଜ ପ୍ରମୁଖ ସାମିଲଥିଲେ।

## ସାଇଧାମ ଟ୍ରଷ୍ଟ ସଭାପତିଙ୍କ ପରଲୋକ



ତିର୍ତ୍ତୋଲ,୨୩।୧(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତର ମୁରବୀ, ସାଇଧାମ ମନ୍ଦିର ଟ୍ରଷ୍ଟର ସଭାପତି କେଶବ ଚରଣ ମହାନ୍ତି(୯୩)ଙ୍କ ପରଲୋକ ହୋଇଯାଇଛି। ସେ ବ୍ୟବସାୟ କ୍ଷେତ୍ରରେ କେସିଏମ ପ୍ରାଇଭେଟ୍ ଲିମିଟେଡ, ସାଇ ଫିଲିଂ ଷ୍ଟେସନ, ସାଇ ଗଣେଶ ଲକ୍ଷ୍ମୀ ପ୍ରାଇଭେଟ୍ ଲିମିଟେଡର ପ୍ରତିଷ୍ଠାତା ଥିଲେ। ତାଙ୍କ ମୃତ୍ୟୁଖବର ପାଇ ସାଇଧାମ ମନ୍ଦିର ଟ୍ରଷ୍ଟ ସମ୍ପାଦକ ବିଷ୍ଣୁ ପ୍ରସାଦ ନାୟକ, ଅବସରପ୍ରାପ୍ତ ପୋଷ୍ଟମାଷ୍ଟର ନରେନ୍ଦ୍ର ଷଡ଼ଙ୍ଗୀ, ସାଂସଦଙ୍କ ପ୍ରତିନିଧି ସୁନନ୍ଦ ବିଶ୍ୱାଳ, ପ୍ରଶାସନିକ ଅଧିକାରୀ ପ୍ରଦୀପ୍ତ ପରିଡ଼ାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ମରଶରୀର ଏକ ଶୋଭାଯାତ୍ରାରେ ଜଗନାଥପୁର ଗ୍ରାମ ଓ ବଜାର ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

ବାଲିକୁଦା,୨୩।୧(ସମିସ): ବାଲିକୁଦା ବ୍ଲକ ବୋରିକିନା ଶାଖା ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ବୈଠକ ସଭାପତି ପଣ୍ଡିତ ହୃଷୀକେଶ ସାହୁଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବଂଶୀଧର ଶତପଥୀ ମଙ୍ଗଳା ଚରଣ ପାଠ କରିଥିଲେ। ଏହି ଅବସରରେ ସଂଘର ଦିବଂଗତ ସଦସ୍ୟ କାଶୀନାଥ ସାହୁ, ସପନୀ ବେହେରା, ବିଚିତ୍ରାନନ୍ଦ ମହାନ୍ତି, ବିଚିତ୍ରାନନ୍ଦ ସ୍ୱାଇଁ, ରମେଶ ଚନ୍ଦ୍ର ସାମଲଙ୍କ ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ୨ ମିନିଟ ନୀରବ ପାର୍ଥନା କରାଯାଇଥିଲା। ସଂଘର ସମ୍ପାଦକ ଡ. ବିଷ୍ଣୁ ଚରଣ ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ଉପସଭାପତି କୈଳାଶ ଚନ୍ଦ୍ର ବିଶ୍ୱାଳ ସଂଘର ବାର୍ଷିକ ଉତ୍ସବ ଆସନ୍ତା ଏପ୍ରିଲ ମାସ ରେ କରିବା ନେଇ ପ୍ରସ୍ତାବ ହୋଇଥିଲା। ନିରଞ୍ଜନ ସାହୁ ସଂଘର ନୂତନ ସଦସ୍ୟତା ଗ୍ରହଣ କରିଥିଲେ। ଏରସମା ସଂଘ ସଭାପତି ପଣ୍ଡିତ ନାଗୁ ଚରଣ ଦେବତା ଯୋଗ ଦେଇ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ବୈଠକରେ କୃଷ୍ଣଚନ୍ଦ୍ର ସ୍ୱାଇଁ, ନଗେନ୍ଦ୍ର ନାଥ ବିଶ୍ୱାଳ,ଗଜେନ୍ଦ୍ର ନାଥ ପଟ୍ଟନାୟକ, ଭୋଳାନାଥ ମହାନ୍ତି, ନିରଞ୍ଜନ ସ୍ୱାଇଁ, ଜଟାଧାରୀ ନାୟକ, ବିଷ୍ଣୁ ଚରଣ ପରିଡା, କୈଳାଶ ଚନ୍ଦ୍ର ସାହୁ, ବୁଲାକି ସ୍ୱାଇଁ, କଣ୍ଠମଣୀ ସାହୁ, ଆଦିକନ୍ଦ ଦାସ, ପ୍ରମୋଦ ବାରିକ, ଦୀନବନ୍ଧୁ ରାଉତ, ସଦାନନ୍ଦ ମହାନ୍ତି, ନାରାୟଣ ପରିଡା, ଶିବ ପ୍ରସାଦ ମହାନ୍ତି, ନିରଞ୍ଜନ ସାହୁ, ଧୂଳେଶ୍ୱର ସାହୁ, ଅପର୍ତ୍ତୀ ମହାନ୍ତି, ଶିବ ଚରଣ ଜେନା, ବାବାଜୀ ଚରଣ ସ୍ୱାଇଁ, ସର୍ବେଶ୍ୱର ବିଶ୍ୱାଳ, ପ୍ରମୋଦ କୁମାର ଜେନା, ସଚ୍ଚିଦାନନ୍ଦ ସାହୁ, ଗିରିଧାରୀ ପରିଡା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଭ୍ରମରବର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଲରୁ କ୍ଷତାକ୍ତ ହରିଣ ଉଦ୍ଧାର



ପାରାଦୀପ,୨୩।୧(ସମିସ): ଢିଙ୍କିଆ ଅଞ୍ଚଳରେ ଜଙ୍ଗଲ କଟାଯିବା ଯୋଗୁଁ ବନ୍ୟପ୍ରାଣୀ ଏବେ ଅସୁରକ୍ଷିତ ହୋଇ ପଡିଛନ୍ତି। ଫଳରେ ଢିଙ୍କିଆ ଚାରିଦେଶରେ ବାରମ୍ବାର ବନ୍ୟପ୍ରାଣୀଙ୍କ ମୃତ୍ୟୁ ଘଟୁଛି। କେତେକ ସ୍ଥାନରେ ସେମାନଙ୍କୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଉଛି। ଗତ ଦୁଇଦିନ ତଳେ ପାରାଦୀପ ଷଣ୍ଢକୁଦ ଅଞ୍ଚଳରେ ଏକ ହରିଣ ଜଣଙ୍କ ଘରେ ପଶି ଯାଇଥିବା ବେଳେ ତାକୁ ଉଦ୍ଧାର କରାଯାଇ ଜଙ୍ଗଲରେ ଛାଡି ଦିଆଯାଇଥିଲା। ପୁଣି ଆଜି ସକାଳୁ ଢିଙ୍କିଆ ଗ୍ରାମର ମାହାଳ ଯୋଗିସାହି ତୁଳସାମଠ ନିକଟରେ ବିଲରେ ବିଛା ଯାଇଥିବା ଏକ ଜାଲରେ କ୍ଷତାକ୍ତ ଅବସ୍ଥାରେ ଫସି ରହିଥିଲା ଏକ ହରିଣ ଉଦ୍ଧାର କରାଯାଇଛି। ଖବର ପାଇ ଜନ ଆନ୍ଦୋଳନକାରୀ ନେତା ଦେବେନ୍ଦ୍ର ସ୍ୱାଇଁ ବନ ବିଭାଗ ସହ ଯୋଗାଯୋଗ କରିଥିଲେ। ବନ ବିଭାଗର ଏକ ଟିମ୍ ସଙ୍ଗେ ସଙ୍ଗେ ଆସି କ୍ଷତାକ୍ତ ହରିଣଟିକୁ ଉଦ୍ଧାର କରିଥିଲେ।

## ବିକଶିତ ଭାରତ ଜି-ରାମ- ଜି କର୍ମଶାଳା



ଜଗତସିଂହପୁର,୨୩।୧(ସମିସ): ଜଗତସିଂହପୁର ସର୍କିଟ ହାଉସଠାରେ ଜିଲ୍ଲା ବିଜେପି ପକ୍ଷରୁ ବିକଶିତ ଭାରତ ଜି-ରାମ-ଜି ସମ୍ପର୍କୀତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଏବଂ ଆଜିମିକା ମିଶନ ଗ୍ରାମୀଣ ଉପରେ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ତଥା ଟୋଲି ପ୍ରମୁଖ ଗଣେଶ ପ୍ରସାଦ ମହାନ୍ତି କର୍ମଶାଳା ପରିଚାଳନା କରିଥିଲେ। ସେହିପରି ପ୍ରାକ୍ତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରତାପ ନାୟକ ପ୍ରଭୃତି ଏଥିରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଟୋଲିର ଅନ୍ୟତମ ସଦସ୍ୟ ଭବେନ୍ଦ୍ର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। କର୍ମଶାଳ ପରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟଅତିଥି ଭାବରେ ଜଗତସିଂହପୁର ସାଂସଦ ଡ. ବିଭୁପ୍ରସାଦ ତରାଇ ଯୋଗ ଦେଇ ଯୋଜନାର ରୂପରେଖ ଓ କାର୍ଯ୍ୟକାରିତା ଉପରେ ଆଲୋଚନା କରି ସାମ୍ବାଦିକଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ବିନୋଦ ମହାନ୍ତି, ତପନ ତ୍ରିପାଠୀ, ସୁବାଷ ଜେନା, କ୍ରିଷ୍ଣା ମହାନ୍ତି, ଦିପ୍ତୀରେଖା ନାୟକ,ମିଡ଼ିଆ ସେଲ ଅଧ୍ୟକ୍ଷ ନିହାର ପତି, ପ୍ରଜ୍ଞା ପ୍ରଣବ ଆଚାର୍ଯ୍ୟ, ସମସ୍ତ ଟୋଲିର ସଦସ୍ୟ, ମଣ୍ଡଳ ସଭାପତି,ମଣ୍ଡଳ ଟୋଲିର ସଦସ୍ୟ ଗଣ ପ୍ରଭୃତି ଯୋଗ ଦେଇଥିଲେ। ଶେଷରେ ଟୋଲିର ସଦସ୍ୟ ପ୍ରଶାନ୍ତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଏଏମ୍ଏନ୍ଏସ୍ କମ୍ପାନୀ ନିର୍ମାଣାଧୀନ ଟାଉନ୍‌ସିପ୍ ଫାଟକରେ ଧାରଣା

ପାରାଦୀପ,୨୩।୧(ସମିସ)



ପାରାଦୀପଗଡ଼ ଚକ୍ରଧରପୁର ଗ୍ରାମ ନିକଟରେ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ କମ୍ପାନୀର ନିର୍ମାଣଧୀନ ଟାଉନସିପ ଫାଟକ ନିକଟରେ ଧାରଣାରେ ବସି ରହିଛନ୍ତି ଗ୍ରାମବାସୀ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ପାରାଦୀପରେ ଏଏମ୍ଏନ୍ଏସ ନିର୍ମାଣ ପାଇଁ ଆମେ ଶାଗମାଛ ଦରରେ ଖୁବକମ ପଇସାରେ ପ୍ରଦାନ କରିଥଲୁ। କମ୍ପାନୀ ଆମ ପିଲାମାନଙ୍କୁ ନିଯୁକ୍ତି ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲେ। କମ୍ପାନୀ କାମ ଚାଲିବା ପରେ ବାହାର ରାଜ୍ୟରୁ ଶ୍ରମିକ ଆଣି କାର୍ଯ୍ୟରେ ଲଗାଉଥିବା ବେଳେ ଆମ ଗ୍ରାମର ପିଲାମାନଙ୍କୁ ନିଯୁକ୍ତି ଦେଉନାହାନ୍ତି। ଯାହାକୁ ନେଇ ପୂର୍ବରୁ ଅନେକଥର ଗ୍ରାମବାସୀ ଧାରଣାରେ ବସି ରହିବା ପରେ ପ୍ରଶାସନ ଓ କମ୍ପାନୀ ଅଧିକାରୀ ଆଲୋଚନା କରିବା ସହିତ ଲେଖାପଢ଼ା କରି ଆମ ପିଲାମାନଙ୍କୁ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ଏହାକୁ କାମରେ ଲଗାଉ ନାହାନ୍ତି ବୋଲି ଧାରଣାକାରୀମାନେ କହିଛନ୍ତି। ଯେ ପର୍ଯ୍ୟନ୍ତ କମ୍ପାନୀ ଆମ ପିଲାଙ୍କୁ ନିଯୁକ୍ତି ଦେଇନି ଏବଂ ଆମ ଗ୍ରାମବାସୀଙ୍କ ଦାବି ପୂରଣ କରିନାହିଁ ସେ ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସି ରହିବାକୁ ଚେତାବନୀ ଦେଇଛନ୍ତି ଧାରଣାରତ ଗ୍ରାମବାସୀ।

# ଇଏସ୍ଆଇ ସୁପର୍ ସ୍ପେସାଲିଟି ହସ୍ପିଟାଲ ଓ ମେଡିକାଲ କଲେଜ ପ୍ରତିଷ୍ଠା ଦାବି

ରାଉରକେଲା,୨୨।୧(ସମିସ)



ରାଉରକେଲାରେ ଇଏସଆଇ ସୁପର୍ ସ୍ପେସାଲିଟି ହସ୍ପିଟାଲ ଓ ମେଡିକାଲ କଲେଜ ପ୍ରତିଷ୍ଠା ଦାବି କରାଯାଇଛି। ଏହାକୁ ପୂରଣ ନ ହେଲେ ବଡ ଧରଣର ଆନ୍ଦୋଳନ କରାଯିବ ବୋଲି ସିଆଇଟିୟୁ ପକ୍ଷରୁ ଚେତାବନୀ ଦିଆଯାଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପଶ୍ଚିମ ଓଡ଼ିଶା ପ୍ରତି ଆନ୍ତରିକତା ଦେଖାଉ ନାହାନ୍ତି।

ଏନେଇ ସେକ୍ଟର -୧୬ ଶ୍ରମିକ ଭବନ ଠାରେ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ କହିଥିଲେ ଯେ, ଭୁବନେଶ୍ୱରରେ ଇଏସଆଇ ସୁପର ସ୍ପେଶାଲିଟି ହସ୍ପିଟାଲ ଓ ମେଡିକାଲ କଲେଜ ପ୍ରତିଷ୍ଠା ଲାଗି ଯୋଜନା ଆରମ୍ଭ ହୋଇଛି। ଭୁବନେଶ୍ୱରରେ ପୂର୍ବରୁ ୧୦ଟି ସୁପର ସ୍ପେଶାଲିଟି ହସ୍ପିଟାଲ ରହିଛି। ସେଠାରେ ଇଏସଆଇ ସୁପର ସ୍ପେସାଲିଟି ହସ୍ପିଟାଲ ଓ ମେଡିକାର କଲେଜ କରାଯିବାର କୌଣସି ଯଥାର୍ଥତା ନାହିଁ। ପଶ୍ଚିମ ଓଡ଼ିଶାର ସୁନ୍ଦରଗଡ, ଝାରସୁଗୁଡ଼ା, କେନ୍ଦୁଝର, ସମ୍ବଲପୁର ଜିଲ୍ଲା ସମେତ ପଡୋଶୀ ରାଜ୍ୟ ଝାଡଖଣ୍ଡରେ ଅନେକ ଶିଳ୍ପାନୁଷ୍ଠାନ ରହିଛି। ଏହି ଶିଳ୍ପାନୁଷ୍ଠାନ ଗୁଡିକରେ ହଜାର ହଜାର ଶ୍ରମିକ କାମ କରୁଛନ୍ତି। ଶିଳ୍ପାନୁଷ୍ଠାନରେ ଛୋଟ ବଡ ଦୁର୍ଘଟଣା ଘଟୁଛି ଓ ଶ୍ରମିତ ଆହତ ହେଉଛନ୍ତି। ଆହତ ଶ୍ରମିକଙ୍କୁ ୪୦୦ କିମି ଦୂର ଭୁବନେଶ୍ୱର ଯିବାକୁ ପଡୁଛି। ଯିବା ବେଳେ ରାସ୍ତାରେ ବହୁ ଶ୍ରମିକଙ୍କ ମୃତ୍ୟୁ ଘଟୁଛି। ତେଣୁ ଏଠାରେ ସୁପର ସ୍ପେସାଲିଟି ହସ୍ପିଟାଲ ଓ ମେଡିକାଲ କଲେଜ ପ୍ରତିଷ୍ଠା କରାଗଲେ ଶ୍ରମିକ ଭୁବନେଶ୍ୱର ଯିବାରୁ ବଞ୍ଚିବା ସହିତ ଜୀବନ ରକ୍ଷା ସୁଯୋଗ ପାଆନ୍ତେ। ସୁନ୍ଦରଗଡ ଜିଲ୍ଲାରେ ୧୦ଟି ଇଏସଆଇ ଡିସ୍ପେନସରୀ ରହିଛି। ପ୍ରତ୍ୟେକ ମାସରେ ୪ ଶହରୁ ଅଧିକ ଇଏସଆଇ ବୀମାଧାରୀ ଓ ସେମାନଙ୍କ ପରିବାର ଚିକିତ୍ସା ପାଇଁ ଆସୁଛନ୍ତି।

ଏପରିକି ସୁନ୍ଦରଗଡ ଜିଲ୍ଲାର ୪ ଲକ୍ଷ ବୀମାଧାରୀଙ୍କ ସମେତ ସେମାନଙ୍କ ପରିବାର ସଦସ୍ୟଙ୍କୁ ମିଶାଇରେ ପ୍ରାୟ ୧୦ ଲକ୍ଷରୁ ଅଧିକ ଲୋକ ରାଉରକେଲା ଇଏସଆଇ ମଡେଲ ହସ୍ପିଟାଲ ଉପରେ ନିର୍ଭର କରୁଛନ୍ତି। ନିକଟରେ ସୁନ୍ଦରଗଡ ସାଂସଦ ତଥା କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ରାଉରକେଲାରେ ଇଏସଆଇ ସୁପର ସ୍ପେସାଲିଟି ହସ୍ପିଟାଲ ଓ ମେଡିକାଲ କଲେଜ ପ୍ରତିଷ୍ଠା କରିବା ପାଇଁ ଚିଠି କରିଛନ୍ତି। ହେଲେ ମନ୍ତ୍ରୀ

## ବ୍ୟାପକ ଆନ୍ଦୋଳନ ଚେତାବନୀ

ଏନେଇ କେନ୍ଦ୍ର ଉପରେ ଚାପ ପକାଇବା ଉଚିତ। ତେଣୁ ସିଆଇଟିୟୁ ଦାବି କରୁଛି ରାଉରକେଲାରେ ଏହା ପ୍ରତିଷ୍ଠା କରାଯିବା ସହ ବୃତ୍ତିଗତ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିବା ଓ ମଡେଲ ହସ୍ପିଟାଲର ଉନ୍ନତିକରଣ ହେବା ଉଚିତ। ଯଦି ସରକାର ଦାବି ଉପରେ ପଦକ୍ଷେପ ନ ନିଅନ୍ତି ତାହେଲେ ସମସ୍ତ ରାଜନୈତିକ ଦଳ, ବିଭିନ୍ନ ସାମାଜିକ ସଂଗଠନଙ୍କୁ ନେଇ ବ୍ୟାପକ ଆନ୍ଦୋଳନ କରାଯିବ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସାଧାରଣ ସମ୍ପାଦକ ବିମାନ ମାଇତି, ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ, ଉପସଭାପତି ଶ୍ରୀମନ୍ତ ବେହେରା, ଯଯାତି କେଶରୀ ସାହୁ, ରାଜକିଶୋର ପ୍ରଧାନ, ଲକ୍ଷ୍ମୀଧର ନାୟକ, ଜିଲ୍ଲା ଉପସଭାପତି ଅଜୟ ଶର୍ମା, ଯୁଗ୍ମ ସମ୍ପାଦକ ବିଶ୍ୱଜିତ ମାଝୀ, ପ୍ରଭାତ ମହାନ୍ତି, ଅଜିତ ଦାସ ଓ ସରୋଜ ବାର୍ଲା ପ୍ରମୁଖ ଉପସ୍ଥିତ ଥିଲେ।

# ପିଏମ୍‌ଶ୍ରୀ ଜିଏଲ୍ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଝାରସୁଗୁଡ଼ା,୨୨।୧(ସମିସ): ପିଏମ୍‌ଶ୍ରୀ ଗିରିଧର୍ ଲାଲ୍ ଉଚ୍ଚ ବିଦ୍ୟାଳୟ, ବେଲପାହାଡର ବାର୍ଷିକ ଉତ୍ସବ ବୁଧବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ଡରାଧାକାନ୍ତ ଗଡତିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଝାରସୁଗୁଡ଼ା ବିଇଓ ଅନିଲ ପଟେଲ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ନିରୋଜ ପଟେଲ, ସମାଜସେବୀ ଚତୁର୍ଭୁଜ ସେଠ, ସିଆରସିସି ଯୁବରାଜ ସିଂହ, ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପ୍ରଧାନ ଓ ଆଲୁମିନି କମିଟିର ସଭାପତି ଗୁଣନିଧି ପତି ସମ୍ମାନିତ ଅତିଥି ଭାବେ ଉତ୍ସବରେ ମଞ୍ଚାସୀନ ଥିଲେ। ପ୍ରଧାନଶିକ୍ଷକ ସଚିନ୍ଦ୍ର ପଟେଲ ସଭାରେ ଅଧ୍ୟକ୍ଷତା କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ କୁଶ ସା ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ ମହେଶ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସୌଭାଗ୍ୟ ରଞ୍ଜନ ସାହୁ, ରଞ୍ଜନ ଜୟପୁରିଆ, ପ୍ରମୋଦ ବାଗ, ଯଶବନ୍ତକୁଆ ପ୍ରମୁଖଙ୍କୁ ବିଦ୍ୟାଳୟ ପ୍ରତି ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ଦଶମ ଶ୍ରେଣୀର ଛାତ୍ର ଶ୍ରେୟଶ ମହାପାତ୍ର, ଭାଗ୍ୟଜିତ ପ୍ରଧାନ ଓ ଶୀତଳ ଶର୍ମାଙ୍କୁ ଯଥାକ୍ରମେ ଷ୍ଟୁଡେଣ୍ଟ ଅଫ ଦି ଇୟର ଏକାଡେମୀକ, ଡିସିପ୍ଲିନ ଓ ସର୍ବୋଚ୍ଚ ଉପସ୍ଥାନ ପାଇଁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ସୁପରିଚାଳନାରେ ବିଦ୍ୟାଳୟର ଅରୁଣ ପାଢ଼ୀ, ନିତ୍ୟାନନ୍ଦ ନାୟକ, ପଙ୍କଜିନୀ ଭରାସାଗର, ଅଜିତ ଭୋଇ, ପ୍ରଦୀପ ନାୟକ, ଭବାନୀ ଶଙ୍କର ବାରିକ, ସୌଦାମିନୀ ପଶାୟତ, ପ୍ରମିଳା ପଧାନ, ସସ୍ମିତା କିଶାନ, ହିମାଦ୍ରୀ ବାର୍ଲା, ଅଞ୍ଜଳି ସାହୁ, ସୁଜାତା ସାହୁ, ମଞ୍ଜରୀ କାଲୋ, ସାରଦା ବାନି, ସ୍ନିଗ୍ଧା ଭୋଇ, ପି.ରୋଜାରାନି, କମଳା ସରାଫ, ଗୁରୁବାରୀ ଓରାମ, ଲୋଚନ କାଣ୍ଡରା, ତେଜରାଜ ବାରିକ, ରାମକୃଷ୍ଣ ପଧାନ ଓ ଏମଡି ସରଫରାଜ ପ୍ରମୁଖ ସହଯୋଗ କରିଥିଲେ।

# ଚତୁର୍ଥ ପଞ୍ଚ ଦିବସୀୟ ଶିକ୍ଷଣ ଶିବିର 'ଉନ୍ମେଷ' ଉଦ୍‌ଯାପିତ



ଝାରସୁଗୁଡ଼ା,୨୨।୧(ସମିସ): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଝାରସୁଗୁଡ଼ା ଓ ଟିଆରଏଲ କ୍ରୋସାକି, ବେଲପାହାଡର ମିଳିତ ଆନୁକୂଲ୍ୟରେ ଜୁବଲି ହଲ, ଗୁମାଡେରାଠାରେ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଶହେ ଜଣ ଏ୧ ଆକାଂକ୍ଷୀ ଛାତ୍ରଛାତ୍ରୀଙ୍କୁ ନେଇ ଚତୁର୍ଥ ତଥା ଶେଷ ପଞ୍ଚ-ଦିବସୀୟ ସହାୟକ ଶିକ୍ଷଣ କାର୍ଯ୍ୟକ୍ରମ 'ଉନ୍ମେଷ' ଗୁରୁବାର ଉଦ୍‌ଯାପିତ ହୋଇଯାଇଛି।

ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡତିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଲଖନପୁର ବିଇଓ ରାଜେନ୍ଦ୍ର ପ୍ରସାଦ ସାହୁ, ଟିଆର୍‌ଏଲ୍ କ୍ରୋସାକି ବେଲପାହାଡର ପିଆର ଆଣ୍ଡ ସିଏସଆର ଜେନେରାଲ ମ୍ୟାନେଜର ଡ.ସନ୍ତୋଷ ମିଶ୍ର, ଦୀପକ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ଗିରିଧରଲାଲ୍ ଉଚ୍ଚ ବିଦ୍ୟାଳୟ ବେଲପାହାଡର ପ୍ରଧାନଶିକ୍ଷକ ସଚିନ୍ଦ୍ର ପଟେଲ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ କୁଶ ସା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବୋର୍ଡ ପ୍ରଶ୍ନପତ୍ର ଢ଼ାଞ୍ଚାରେ ଶିକ୍ଷକମାନଙ୍କ ଦ୍ୱାରା ପ୍ରଶ୍ନପତ୍ର ପ୍ରସ୍ତୁତ ପୂର୍ବକ ମୂଲ୍ୟାୟନ କରାଯାଇ ଛାତ୍ରଛାତ୍ରୀଙ୍କର ବିଷୟଭିତ୍ତିକ ଦ୍ୱନ୍ଦ ଦୂର କରାଯାଇଥିଲା।

ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନଙ୍କ ମାର୍ଗଦର୍ଶନ ତଥା ଜିଲ୍ଲା ଶିକ୍ଷା ଅଧିକାରୀ ଡ.ଗଡତିଆଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହେଉଥିଲା। ଏହି ଶିକ୍ଷା ବର୍ଷରେ ଜୁବୁଲି ହଲ୍ ଗୁମାଡେରାଠାରେ ପ୍ରଥମ ଓ ଦ୍ୱିତୀୟ ଏବଂ ସମାସିଂହାଠାରେ ତୃତୀୟ ଶିବିର ଅନୁଷ୍ଠିତ ହୋଇଥିଲା। ଗତବର୍ଷ ମଧ୍ୟ ଏହି ଉନ୍ମେଷ କାର୍ଯ୍ୟକ୍ରମ ମାଧ୍ୟମରେ ତିନୋଟି ଶିବିର ଆୟୋଜନ କରାଯାଇଥିଲା। ଫଳ ସ୍ୱରୂପ ଜିଲ୍ଲାରେ ଏ୧ ସଂଖ୍ୟା ବୃଦ୍ଧି ପାଇବା ସହିତ ମାଟ୍ରିକ ପରୀକ୍ଷାଫଳରେ ଝାରସୁଗୁଡ଼ା ରାଜ୍ୟ ସ୍ତରରେ ପଞ୍ଚମରୁ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଏହାର ସଫଳ ରୂପାୟନ ପାଇଁ ଅଭିଜ୍ଞ ବିଷୟ ଶିକ୍ଷକ ସଚିନ୍ଦ୍ର ପଟେଲ, ରମେଶ ଖମାରି, ଟୁନା ରଣା, କୁଶ ସା, ପ୍ରମୋଦ ପଟେଲ, ବିପ୍ଳବ ପାତ୍ର, ରଞ୍ଜନ ପଧାନ, ବିଜୟ ତ୍ରିପାଠୀ, ସାରିକା ତ୍ରିପାଠୀ, ଜୟଶଙ୍କର ନାଗ, ଗୋବର୍ଦ୍ଧନ ସା, ଭାରତୀ ଭୋଇ, ଅରୁଣ ଭୋଇ, ଶିବଶଙ୍କର ମେହେର, ସବିତା ସାହୁ, ସୁଜିତ ପଧାନ, ପିଣ୍ଟୁ ପଧାନ ପ୍ରମୁଖଙ୍କୁ ସାଧନ କର୍ମୀ ଭାବେ ନିଯୁକ୍ତ କରାଯାଇଥିଲା।

## ୧୨ ଫେବୃଆରୀରେ ସର୍ବ ଭାରତୀୟ ଧର୍ମଘଟ ଡାକରା

# ଧର୍ମଘଟ ସଫଳ ପାଇଁ ସିଟୁ ପକ୍ଷରୁ ବୈଠକ

ରାଉରକେଲା,୨୨।୧(ସମିସ): ଦେଶ ବ୍ୟାପି ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ସୁନ୍ଦରଗଡ ଇଣ୍ଡଷ୍ଟ୍ରିଆଲ ମଜୁଦୁର ୟୁନିୟନ ନେତୃତ୍ୱରେ କଳୁଙ୍ଗା ଶିଳ୍ପାଞ୍ଚଳର ବିଭିନ୍ନ କଳ କାରଖାନାରେ ସଙ୍ଗଠନର ସାଧାରଣ ସମ୍ପାଦକ ଜାହାଙ୍ଗୀର ଅଲ୍ଲୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। କଳୁଙ୍ଗା ଶିଳ୍ପାଞ୍ଚଳର ଗୋଇଭଙ୍ଗା ଠାରେ ଥିବା ଇଷ୍ଟର୍ଣ୍ଣ ଆଲଏଜ, ଇଷ୍ଟର୍ଣ୍ଣ ଇକ୍ୟୁପମେଣ୍ଟ, ଆର୍‌ବି ଅଗ୍ରୱାଲ, ବାରବରିକ୍ ଷ୍ଟିଲ କର୍ପୋରେସନ, ବଲଣ୍ଡା ସ୍ଥିତ ଜୟ ଆଇରନ ଏଣ୍ଡ ଷ୍ଟିଲ ଲିମିଟେଡ, ରାଉରକେଲା ସ୍ପଞ୍ଜ, ବେଦବ୍ୟାସ ସ୍ଥିତ ଏସିଆଟିକ ଗ୍ୟାସସ ଲିମିଟେଡରେ କାମ କରୁଥିବା ଶ୍ରମିକ ମାନଙ୍କୁ ଆସନ୍ତା ସର୍ବ ଭାରତୀୟ ଧର୍ମଘଟକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରମିକ ମାନଙ୍କ ପାଇଁ ଉଦ୍ଦିଷ୍ଟ ୪୪ଟି ଶ୍ରମ ଆଇନ ମଧ୍ୟରୁ ୧୫ଟି ଶ୍ରମ ଆଇନକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିଛନ୍ତି। ଅବଶିଷ୍ଟ ୨୯ଟି ଶ୍ରମ ଆଇନକୁ ଭାଙ୍ଗି ୪ଟି ଶ୍ରମ କୋଡରେ



ପରିଣତ କରିବାକୁ ଗତ ୨୧ ନଭେମ୍ବରରେ ଘୋଷଣା କରିଛନ୍ତି। ଏହି କୋଡ ଲାଗୁ ହେଲେ ଶ୍ରମିକ ମାନେ ତାଙ୍କର ସମସ୍ତ ନ୍ୟାୟୋଚିତ ଅଧିକାରକୁ ହରାଇବେ। ନରେନ୍ଦ୍ର ମୋଦୀ ଶ୍ରମିକ ମାନଙ୍କ ସପକ୍ଷରେ ଗୋଟାଏ ହେଲେ ଆଇନ କରିନଥିବା ବେଳେ, ଶ୍ରମିକ ମାନେ ସ୍ୱାଧୀନତା ପୂର୍ବରୁ ଓ ପରେ ଲଢ଼େଇ କରି ହାସଲ କରିଥିବା ସମସ୍ତ ଆଇକୁ ପରିବର୍ତ୍ତନ କରି ମାଲିକ ସପକ୍ଷରେ ଶ୍ରମ କୋଡ କରିଛନ୍ତି। ତେଣୁ ଏହି ଶ୍ରମ କୋଡକୁ ସମ୍ପୂର୍ଣ୍ଣ ବାତିଲ କରିବା ସହିତ ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ କରିବା, ବେକାର ଯୁବକ ମାନଙ୍କ ପାଇଁ ନୂତନ ନିଯୁକ୍ତି, ବିଦ୍ୟୁତ ବିଲକୁ ବାତିଲ କରିବା ସହିତ କୃଷକ ମାନଙ୍କୁ ଉତ୍ପାଦନର ସଠିକ ମୂଲ୍ୟ ପ୍ରଦାନ କରିବା ଓ ବିହନ ବିଲ୍‌କୁ ବାତିଲ କରିବା ଦାବିରେ ୧୨ ଫେବୃଆରୀ ଦେଶ ବ୍ୟାପି ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ଜାହାଙ୍ଗୀର ଅଲ୍ଲୀ ଶ୍ରମିକ ମାନଙ୍କୁ ଉଦବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ମାନଙ୍କରେ ସିଟୁ ସମ୍ପାଦକ ଯଯାତୀ କେଶରୀ ସାହୁ, ଅଜିତ ଏକ୍କା, କ୍ଷୀରୋଦ ବେହେରା, ସମ୍ବିତ ସ୍ୱାଇଁ, ରଞ୍ଜନ ବେହେରା, ଶୁଧାଂଶୁ ଜେନା ପ୍ରମୁଖ ଉପସ୍ଥିତ ହୋଇ ଧର୍ମଘଟକୁ ସଫଳ ପାଇଁ ବକ୍ତବ୍ୟ ରଖିଥିଲେ।

# ଜିଲ୍ଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ

ଝାରସୁଗୁଡ଼ା,୨୨।୧(ସମିସ): ସମାଜ ମଙ୍ଗଳ ବିଭାଗ ଓ ଜିଲ୍ଲା ମହିଳା ସଶକ୍ତିକରଣ ବିଭାଗ, ଝାରସୁଗୁଡ଼ାର ଯୁଗ୍ମ ଆୟୋଜନରେ ଆଜି ଡିଏମଏଫ୍ ଅଡିଟୋରିଅମ୍‌ରେ ଜିଲ୍ଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଛି। ଏନେଇ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଆୟୋଜିତ ହୋଉଛି। ୧୭ ରୁ ୨୪ ଜାନୁଆରୀ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ସ୍କୁଲ, କଲେଜ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡିକରେ ଚିତ୍ରାଙ୍କନ, ନିବନ୍ଧ, ବକ୍ତୃତା ଓ ଅନ୍ୟାନ୍ୟ ପ୍ରତିଯୋଗିତାମାନ ଆୟୋଜନ କରାହେଉଛି। ଆଜିର ମୁଖ୍ୟ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସାଜଦା ବେଗମ୍, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଆଶିଷ ପଣ୍ଡା, ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଡ.ସୋମଦତ୍ତ ପୁରୋହିତ, ଜିଲ୍ଲା ଶିଶୁ ସୁରକ୍ଷା ଇଉନିଟର ଚୂଡାମଣି ପଣ୍ଡା ଏବଂ ସେହଡା ସ୍ୱେଚ୍ଛାସେବୀ ସଂସ୍ଥାର ଆନନ୍ଦିନୀ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଜାତୀୟ କନ୍ୟା ସନ୍ତାନ ଦିବସ ପାଳନର ଉଦ୍ଦେଶ୍ୟ, କନ୍ୟା ସନ୍ତାନମାନଙ୍କ ଅଧିକାର ଏବଂ ସେମାନଙ୍କ ସଶକ୍ତିକରଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ



ବିସ୍ତୃତ ଆଲୋଚନା କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଜୟନ୍ତୀ ଗର୍ତିଆ ସମସ୍ତ ଅତିଥି ଓ ଉପସ୍ଥିତ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିବା ବେଳେ, ଜିଲ୍ଲା ମହିଳା ସୁରକ୍ଷା ଅଧିକାରୀ ଯଜ୍ଞାସେନୀ ମହାନନ୍ଦ କାର୍ଯ୍ୟକ୍ରମଟିକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ସିଡିପିଓ, ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ, ଆଦ୍ୱିକା ବାଳିକା, ଶକ୍ତି ସଦନ କର୍ମକର୍ତ୍ତା, ୱାନ୍ ଷ୍ଟପ୍ ସେଣ୍ଟରର କର୍ମଚାରୀ, ବିଭିନ୍ନ ସ୍କୁଲ ଓ କଲେଜର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲା ଓ ରାଜ୍ୟ ସ୍ତରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କନ୍ୟା ଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ କ୍ରୀଷ୍ଟାପ୍ରିୟା ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରି କାର୍ଯ୍ୟକ୍ରମର ସମାପ୍ତି ଘୋଷଣା କରିଥିଲେ।

# ଆର୍‌ଏସ୍‌ପି ପକ୍ଷରୁ ଲାଠିକଟାରେ ବହୁମୁଖୀ ସ୍ୱାସ୍ଥ୍ୟ ଶିବିର

ରାଉରକେଲା,୨୨।୧(ସମିସ): ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍ୱାରା ଜାନୁଆରୀ ୧୫ରେ ଲାଠିକଟା ବ୍ଲକ୍‌ର ବିରିଡା ଗାଁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଏକ ବହୁମୁଖୀ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଆରଏସପିର କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗ ଦ୍ୱାରା ଚିକିତ୍ସା ଓ



ସ୍ୱାସ୍ଥ୍ୟସେବା ବିଭାଗର ସହଯୋଗରେ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମଓ ଇନଚାର୍ଜ ଡ.ଜୟନ୍ତ ଆଚାର୍ଯ୍ୟ, ସିଏସଆର ବିଭାଗର ଜିଏମ ଇନଚାର୍ଜ ମୁନମୁନ ମିତ୍ରା, ଜିଏମ ବିଭାବସୁ ମଲ୍ଲିକ, ଡିଜିଏମଆର ଏସ.ବାରା ଓ ଟିବି ଟପ୍ପୋ, ଡେପୁଟି ମ୍ୟାନେଜର ଏସକେ ସୁକୁଲା ଏବଂ ସିଏସଆର ବିଭାଗର ଅନ୍ୟ ଅଧିକାରୀମାନେ ଶିବିର ପରିଦର୍ଶନ କରିବା ସହିତ ଗ୍ରାମବାସୀଙ୍କ ସହ ମତ ବିନିମୟ କରିଥିଲେ। ଆରଏସପିର ଚିକିତ୍ସକ ଦଳମାନଙ୍କ ମଧ୍ୟରେ ଶଲ୍ୟ ବିଭାଗର ଡ.ମନୋଜ ପାଣିଗ୍ରାହୀ, ସ୍ତ୍ରୀ ଓ ପ୍ରସୂତି ବିଭାଗର ଡ.ପ୍ରିୟା, ମେଡିସିନ ବିଭାଗର ଡ.ନୀଳକଣ୍ଠ ସାହୁ, ଚକ୍ଷୁରୋଗ ବିଭାଗର ଡ.ଅନିନ୍ଦିତା ଦେବତା ଓ ଶିଶୁରୋଗ ବିଭାଗର ଡ.ବିବେକାନନ୍ଦ ସିଂ, ଚର୍ମରୋଗ ବିଭାଗର ଡ.ସତ୍ୟଜିତ ସାହୁ ଏବଂ ଇଏନଟି ବିଭାଗର ଡ. ଜିତେନ୍ଦ୍ର ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସିପିଏସକେ ଲିଙ୍ଗରାଜ, ଫର୍ମାସିଷ୍ଟ ଦେବସ୍ମିତା ଖଟୋଆ, ସିଏସଆର କୋଅର୍ଡିନେଟର ବିକେ ମହାପାତ୍ର ଓ ପୂର୍ଣ୍ଣିମା ଠାକୁର ଚିକିତ୍ସକ ଦଳଙ୍କୁ ସହଯୋଗ କରିଥିଲେ। ଶିବିରରେ ପ୍ରାୟ ୩୦୦ରୋଗୀଙ୍କୁ ପରୀକ୍ଷା କରାଯାଇ ମାଗଣା ଔଷଧ ଏବଂ ପରାମର୍ଶ ଦିଆଯାଇଥିଲା। ଏହା ବ୍ୟତୀତ ବିଭିନ୍ନ ସିଏସ୍‌ଆର୍ ଯୋଜନା ଅନ୍ତର୍ଗତ ଇସ୍ପାତ ଜେନେରାଲ୍ ହସ୍ପିଟାଲରେ ଅଧିକ ଚିକିତ୍ସା ପାଇଁ ୧୬ ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା।

# ବ୍ଲକ୍‌ସ୍ତରୀୟ ବନ୍ଦେ ମାତରମ୍‌ର ସାମୂହିକ ଗାନ



ଲହୁଣୀପଡ଼ା,୨୨।୧(ସମିସ): ଲହୁଣୀପଡା ବ୍ଲକ୍ ତାଲବାହାଲୀ ପଞ୍ଚାୟତ ଓଡ଼ିଶାର ଉଚ୍ଚ ତମ ଜଳପ୍ରପାତ ଭାବେ ପରିଚିତ ଖଣ୍ଡାଧାର ଜଳପ୍ରପାତ ପ୍ରକୃତି ନିବାସରେ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମର ୧୫୦ତମ ବର୍ଷ ପୂର୍ତ୍ତି ସାମୂହିକ ସଙ୍ଗୀତ ଗାନ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଲହୁଣିପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁରାଗ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ୍‌ର ଅତିରିକ୍ତ ବିଡିଓ, ଏସଓ, ଡ୍ଲଇଓ, ବିଜେପି ମଣ୍ଡଳ ବ୍ଲକ୍ ସଭାପତି ପୂର୍ଣ୍ଣଚନ୍ଦ୍ର ଓରାମ, ରାଉରକେଲା ଜିଲ୍ଲା ସାଙ୍ଗଠନିକ ସଧାରଣ ସମ୍ପାଦକ ଅଭିରାମ ମହାକୁଡ ସହ ସମିତି ସଭ୍ୟ ନୃପମଣି କିଷାନ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇ ଥିଲା। ୧୨ଟି ବିଦ୍ୟାଳୟର ପ୍ରାୟ ୧୦୦ ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ଓ ବ୍ଲକ୍ କର୍ମଚାରୀଙ୍କ ମିଳିତ ସହଯୋଗରେ ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ ଗାନ କରାଯାଇଥିଲା।

# ବିଭିନ୍ନ ରେଷ୍ଟୁରାଣ୍ଟରେ ଆର୍‌ଏମ୍‌ସି ପକ୍ଷରୁ ଚଢ଼ଉ



ରାଉରକେଲା,୨୨।୧(ସମିସ): ରାଉରକେଲା ମହାନଗର ନିଗମର ଖାଦ୍ୟ ସୁରକ୍ଷା ମାନଦଣ୍ଡର ପାଳନ ସୁନିଶ୍ଚିତ କରିବା ପାଇଁ ସହରର ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇଛି। ସହରର ସିଭିଲ୍ ଟାଉନସିପ୍, ଛେଣ୍ଡ, ବିସ୍ରାରୋଡ୍, ମଧୁସୂଦନ ମାର୍ଗ, ରେଳ ଷ୍ଟେସନ୍ ଅଞ୍ଚଳ ଏବଂ ବେଦବ୍ୟାସରେ ଅନେକ ହୋଟେଲ, ରେଷ୍ଟୁରାଣ୍ଟ ଗୁଡିକରେ ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀମାନେ ଯାଞ୍ଚ କରିଛନ୍ତି। ଯାଞ୍ଚ ସମୟରେ ଅନେକ ହୋଟେଲରେ ନିର୍ଦ୍ଧାରିତ ଖାଦ୍ୟ ସୁରକ୍ଷା ମାନଦଣ୍ଡର ଉଲ୍ଲଂଘନ ହୋଇଥିବା ଦେଖିବାକୁ ମିଳିଥିଲା। ତେଣୁ ସେହି ହୋଟେଲ ମାଲିକମାନଙ୍କ ଉପରେ ଦଣ୍ଡାଦେଶ ଲାଗୁ କରାଯାଇଥିଲା। ଜନସ୍ୱାସ୍ଥ୍ୟ ସୁରକ୍ଷା ଏବଂ ନାଗରିକମାନଙ୍କୁ ନିରାପଦ ଏବଂ ପରିଷ୍କାର ଖାଦ୍ୟର ଉପଲବ୍ଧତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏହି ଅଭିଯାନ ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନଦଣ୍ଡ ପ୍ରାଧିକରଣ (ଏଫଏସଏସଏଆଇ), ସୁନ୍ଦରଗଡ ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ସରକାରଙ୍କ ସମ୍ପୃକ୍ତ ବିଭାଗର ସମନ୍ୱୟରେ କରାଯାଇଥିଲା।

# ବସୁଧା ଯୋଜନାରେ ନିର୍ମିତ ପାନୀୟଜଳ ପ୍ରକଳ୍ପ ଅଚଳ

## ବିଭିନ୍ନ ଉତ୍ସରୁ ପାଣି ବ୍ୟବହାର କରି ଲୋକେ ରୋଗାକ୍ରାନ୍ତ

ଝାରସୁଗୁଡ଼ା,୨୨।୧(ସମିସ)

ଝାରସୁଗୁଡ଼ା ଜିଲ୍ଲା ଚାନ୍ଦିନୀମାଲ ପଞ୍ଚାୟତ ଅଧୀନ ବରପାଲି ଗାଁରେ ବସୁଧା ଯୋଜନାରେ ନିର୍ମାଣ ହୋଇଥିବା ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇ ପଡ଼ିରହିଛି। ପାନୀୟ ଜଳ ପ୍ରକଳ୍ପ ଅଚଳ ଫଳରେ ଜନସାଧାରଣ ନଦୀ, ନାଳ, ବନ୍ଧର ଗୋଳିଆ ପାଣି ପିଇବାକୁ ବାଧ୍ୟ ହେଉଥିବା ନେଇ ଅଭିଯୋଗ କରିଛନ୍ତି। ବରପାଲି ଗାଁର ଫୁଟବଲ୍ ପଡିଆ ନିକଟରେ କିଛି ବର୍ଷ ତଳେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ବସୁଧା ଯୋଜନା ଅଧୀନରେ ଓଭର୍ ହେଡ ଟାଙ୍କି ନିର୍ମାଣ ହୋଇଥିଲା। ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଫଳରେ ଲୋକେ ବେଶ୍ ଖୁସି ବ୍ୟକ୍ତ କରିଥିଲେ। କିନ୍ତୁ ଗତ ୨ ମାସ ହେବ ପାଣି ଟାଙ୍କି ଅଚଳ ଅବସ୍ଥାରେ ପଡିରହିଛି। ଏନେଇ ଅଭିଯୋଗ ହେଉଥିଲେ ସୁଦ୍ଧା ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ଗ୍ରାମବାସୀ କହିଛନ୍ତି। ପାନୀୟ ଜଳ ପ୍ରକଳ୍ପ ଅଚଳ ହେବା ଫଳରେ ବରପାଲି ଗାଁର ଗୋବିନ୍ଦପୁର, ବଢ଼େଇ ପଡା, କିଷାନ୍ ପଡା, ତେତେଲପଡା, ଉପର ପଡା, ମହୁଲ ପଡା ଓ ବସ୍ତିପଡାର ପ୍ରାୟ ୧୫୦ ପରିବାର ଲୋକେ ଗୋଳିଆ ପାଣି ବ୍ୟବହାର କରିବା ପାଇଁ ବାଧ ହେଉଛନ୍ତି। ଫଳରେ ଗାଁର ପିଲାଛୁଆ ଠାରୁ ବୟସ୍କ ପର୍ଯ୍ୟନ୍ତ ନାଳ ଓ ନଦୀ ପାଣି ବ୍ୟବହାର କରି ଚର୍ମରୋଗ ସହ ଝାଡା ବାନ୍ତିରେ ଆକ୍ରାନ୍ତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ସଙ୍ଗେ ସଙ୍ଗେ ପାଚେରି ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ହେଲେ ଜିଲ୍ଲା ପ୍ରଶାସନ ପକ୍ଷରୁ

### ସମାଧାନ ନହେଲେ ଆନ୍ଦୋଳନ ଚେତାବନୀ

କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରା ନଗଲେ ଗ୍ରାମବାସୀ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।



## ସୋନପୁରରେ ସାମୂହିକ ବନ୍ଦେ ମାତରମ୍ ଗାନ

**ତରଭା,୨୨ ।୧(ସମିସ):** ସୋନପୁର ଟାଉନ ହଲ୍‌ରେ 'ବନ୍ଦେ ମାତରମ'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସାମୂହିକ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଡ. ନୃପରାଜ ସାହୁ, ଉପ ଜିଲ୍ଲାପାଳ ଡ. ସୌମ୍ୟାରୂପା ରଥ, ସୋନପୁର ପୌର ପରିଷଦ ଅଧ୍ୟକ୍ଷା ତାମସୀ ତାମସ୍ମିତା ନାୟକ, ପୌରପରିଷଦ ନିର୍ବାହୀ ଅଧିକାରୀ ଋଷି ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂହ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଅର୍ଜୁନ ମାଝୀ, ପୌର ପରିଷଦର କାଉନସିଲରଙ୍କ ସମେତ ସୋନପୁର ସହରର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ମଦନ ସୁନ୍ଦର କ୍ଷେତି, ଚୌଧୁରୀ ବିଭାର ସହଯୋଗ କରିଥିଲେ । ଏହି ଅବସରରେ ସୋନପୁର ସହରର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ରଚନା ଅନୁଷ୍ଠିତ ହୋଇଥିଲା । କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ସହ ସମ୍ବର୍ଦ୍ଧିତ କରାଯାଇଥିଲା ।

## ରାଷ୍ଟ୍ରୀୟ ବାଳିକା ଦିବସ

**ବୌଦ୍ଧ,୨୨ ।୧(ସମିସ):** ବୌଦ୍ଧ ଟାଉନ ହଲରେ ରାଷ୍ଟ୍ରୀୟ ବାଳିକା ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ବିନୟ ଭୋଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତ ଅଧ୍ୟକ୍ଷତା କରିଥିଲେ ।

## ବୀରମହାରାଜପୁର ଲୋକମହୋତ୍ସବ ପାଇଁ ପ୍ରସ୍ତୁତି

**ବୀରମହାରାଜପୁର,୨୨ ।୧(ସମିସ):** ମାର୍ଚ୍ଚ ୨୦ରୁ ୨୪ପର୍ଯ୍ୟନ୍ତ ବୀରମହାରାଜପୁର ଲୋକ ମହୋତ୍ସବ ଅନୁଷ୍ଠିତ ହେବ । ଏଥିଲାଗି ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସଭାଗୃହରେ ବୀରମହାରାଜପୁର ଲୋକମହୋତ୍ସବ ମାଳେଶ୍ରୀ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର, ବୀରମହାରାଜପୁର ବିଧାୟକ ଇ. ରଘୁନାଥଜଗଦଲା, ଜିଲ୍ଲା ଭାଜପା ସଭାପତି ବେଣୁଧର ଦାସ, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସନ୍ତୋଷ ଭୋଇ, ନଳିନୀ ପଣ୍ଡା, ପଦାର୍ଥ ଜଗଦଳା, ଏକଲବ୍ୟ ବେହେରା, ସରକାରୀ ଓକିଲ ସତ୍ୟବ୍ରତ ମିଶ୍ର, ବରିଷ୍ଠ ସାମ୍ବାଦିକ ଶୟମୁନାଥ ଖଣ୍ଡଗିରୀ, କିଶୋର ହୋତା, ନିଳକମଲ ମିଶ୍ର, ରାଧାକାନ୍ତ ବାଗ, ଶତ୍ରୁଘ୍ନ ମେହେର, ରବୀନ୍ଦ୍ର ହୋତା, ଶେଷଦେବ ବାରିକ୍, ଦାମୋଦର ହୋତା, ଶରତ ମିଶ୍ର, ସୁମନ୍ତ ଜଗଦଳା, ଭୂଷଣ ପାତ୍ର, ଜିତେନ୍ଦ୍ରୀୟ ଦାସ, ଚମ୍ପାମଲ୍ ସରପଞ୍ଚ ମହେନ୍ଦ୍ର ଜଗଦଳା, ପ୍ରଭାସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଏକ କମିଟି ଗଠନ କରାଯାଇଛି । ସମ୍ପାଦକ ଭାବେ ବୀରମହାରାଜପୁର ବିଡିଓ ରାଜୀବ ହାଁସଦା, ସହକାରୀ ଜିଲ୍ଲାପାଳ ଅଜିତ ମିର୍ଦ୍ଧାଙ୍କୁ ସହକାରୀ ସମ୍ପାଦକ ଓ ଡେପୁଟି କଲେକ୍ଟର ଶୁଭମ୍ ଶିବାଶିଷଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି । ଯୁଗଳ କିଶୋର ମିଶ୍ର ସଭା ସଂଯୋଜନା କରିଥିଲେ ।

## ଡମପଡ଼ାରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

**ମନମୁଣ୍ଡା,୨୨ ।୧(ସମିସ):** ଶଗଡା ସିଦ୍ଧେଶ୍ୱର ବାବା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ପୁରୁଷ ବିଭାଗ)ର ୭ ଦିନିଆ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଅବସରରେ ପୌଷ୍ୟଗ୍ରାମ ଡମପଡାରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷା ସୁମିତ୍ରା ଭଟ୍ଟାଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ମାନବ ଦାସ, ସୁଜାତା ଭୁତିଆ, ମଳୟ ରଞ୍ଜନ ମହାକୁଡ଼ ପ୍ରମୁଖ ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଉପରେ ସଚେତନ କରିବା ସହିତ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ । ଜାତୀୟ ସେବା ଯୋଜନା ଅଧିକାରୀ ଶେଷଦେବ ପର୍ଡିଆ ସହଯୋଗ କରିଥିଲେ ।

## ବିଡିଓଙ୍କ ଭାରତ ମାତା ମନ୍ଦିର ପରିଦର୍ଶନ

**ବୌଦ୍ଧ,୨୨ ।୧(ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ ଗୋଛାପଡା ପଞ୍ଚାୟତ ବନପାଲି ଗ୍ରାମରେ ଥିବା ଭାରତମାତା ମନ୍ଦିରକୁ ବୌଦ୍ଧ ବିଡ଼ିଓ ଯୁଗଳ କିଶୋର ବିଶ୍ୱାଳ ପରିଦର୍ଶନ କରିଛନ୍ତି । ଜିଲ୍ଲା ପ୍ରଶାସନ ତରଫରୁ ଭାରତମାତା ମନ୍ଦିରରେ ଏଥର ସାଧାରଣତନ୍ତ୍ର ଦିବସ ପାଳନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ୧୯୪୨ରେ ପ୍ରତିଷ୍ଠିତ ଏହି ମନ୍ଦିରରେ ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସ ଭଳି ଜାତୀୟ ଦିବସରେ ପ୍ରଶାସନ ପହଞ୍ଚି ପାରୁ ନ ଥିବା ଗ୍ରାମବାସୀ ବିଡ଼ିଓଙ୍କ ନିକଟରେ ଅଭିଯୋଗ କରିଥିଲେ ।

## ସୁଶୀଳ ପ୍ରଧାନ ହତ୍ୟା ମାମଲାର ଖୁଲାସା

**ବୌଦ୍ଧ,୨୨ ।୧(ସମିସ):** କଉଡ଼ିଆତୋଳା ଗ୍ରାମର ସୁଶୀଳ ପ୍ରଧାନ ହତ୍ୟା ମାମଲାର ଖୁଲାସା ହୋଇଛି । ବୌଦ୍ଧ ଥାନାରେ ଏକ ସାମ୍ବାଦିକ ସମ୍ମିଳନୀ କରି ପୁଲିସ ଏ ନେଇ ତଥ୍ୟ ଦେଇଛି । ଆଇଆଇସି ନଳିନୀ କାନ୍ତ ଦାସ କହିଛନ୍ତି ଯେ, ପୂର୍ବ ଶତ୍ରୁତା ଓ ଜମିବାଡି ବିବାଦକୁ କେନ୍ଦ୍ର କରି ଅଭିଯୁକ୍ତମାନେ ଏହି ଘଟଣା ଘଟାଇଛନ୍ତି । ପୂର୍ବ ଯୋଜନା ଅନୁଯାୟୀ କଉଡ଼ିଆତୋଳା ରାସ୍ତାରେ ଟ୍ରାକ୍ଟର ଧକ୍କା ଦେଇ ସୁଶୀଳଙ୍କୁ ହତ୍ୟା କରିଛନ୍ତି । ମାମଲାରେ ଗ୍ରାମର ସନୋଜ ପ୍ରଧାନ, ମନୋଜ ପ୍ରଧାନ ଓ ରଂଜିତ ପ୍ରଧାନଙ୍କୁ ପୁଲିସ ଗିରଫ କରିଛି । ଅନ୍ୟମାନଙ୍କ ସମ୍ପୃକ୍ତି ନେଇ ପୁଲିସ ତଦନ୍ତ ଜାରି ରଖିଛି । ହତ୍ୟାକାଣ୍ଡରେ ବ୍ୟବହୃତ ଟ୍ରାକ୍ଟର ଜବତ ହୋଇଛି ।

## ସୁବଳୟା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ରୁବି ଜୟନ୍ତୀ

**ବୀରମହାରାଜପୁର,୨୨ ।୧(ସମିସ):** ସୁବଳୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ ରୁବି ଜୟନ୍ତୀ ଉଦ୍‌ଯାପିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ଅଞ୍ଜିଲିନା ପଧାନ, ସୋନପୁର ମହାବିଦ୍ୟାୟର ଇତିହାସ ଅଧ୍ୟାପକ ଡାକ୍ତର ସୁଦାମ ଦୀପ, ବିଦ୍ୟାଳୟର ପୂର୍ବତନ ଓଡ଼ିଆ ଅଧ୍ୟାପକ ମୀନକେତନ ଛୁରିଆ, ସୋନପୁର ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡାକ୍ତର ସୌରଭ ରଞ୍ଜନ ଖମାରି, ବିରାମହାରାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଜୟ ଲୁହା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ରମାକାନ୍ତ ପୁରାହିତ ସଭାପତିତ୍ୱ କରିଥିଲେ ।

# ୨୧ ଜଣକୁ ମିଳିଲା ଶ୍ରମିକ ପଞ୍ଜୀକରଣ କାର୍ଡ

### ଖଲିଆପାଲି ଓ ଲେନ୍ଦ୍ରିମାଲରେ ଶ୍ରମିକଙ୍କୁ ସଚେତନ



**ବୌଦ୍ଧ,୨୨ ।୧(ସମିସ):** ବୌଦ୍ଧ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ କଣ୍ଟାମାଲ ବ୍ଲକ୍ ବରଗାଁ ପଞ୍ଚାୟତର ଖଲିଆପାଲି ଓ ଲେନ୍ଦ୍ରୀମାଲ ଗାଁରେ ଶ୍ରମିକ ସଚେତନତା ଶିବିର ଆୟୋଜିତ ହୋଇଯାଇଛି । ଏହି ଅବସରରେ ଯୋଗ୍ୟ ୨୧ ଜଣ ନିର୍ମାଣ ଶ୍ରମିକଙ୍କୁ ଶ୍ରମିକ ପଞ୍ଜୀକରଣ କାର୍ଡ ବଣ୍ଟନ କରାଯାଇଥିଲା । ଆଲିକୁଡ଼ରୁ ଜଣେ, ଖଲିଆପାଲିରୁ ୧୩ଜଣ ଓ ଲେନ୍ଦ୍ରୀମାଲରୁ ୭ ଜଣ ଶ୍ରମିକଙ୍କୁ କାର୍ଡ ପ୍ରଦାନ କରାଯାଇଛି ।

ବୌଦ୍ଧ ଜିଲ୍ଲା ଶ୍ରମ ଅଧିକାରୀ ସୁଶ୍ରୀ କନ୍ୟା କୁମାରୀ ସାହୁ ଯୋଗଦେଇ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅଧୀନ ଶିକ୍ଷା, ବିବାହ, ମାତୃତ୍ୱ, ମୃତ୍ୟୁ ତଥା ଶବାଦାହ ସହାୟତା ସମ୍ପର୍କରେ ଏମାନଙ୍କୁ ସଚେତନ କରାଇଥିଲେ । ଯା ସହିତ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ପଞ୍ଜୀକରଣ, ନବୀକରଣ ଓ ପୁନଃଚାଲୁ ପ୍ରକ୍ରିୟା ବିଷୟ ତଥା ବିଭିନ୍ନ ଶ୍ରମ ଆଇନ ଓ ପ୍ରବାସୀ ଶ୍ରମିକଙ୍କ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ । ସମସ୍ତ ସୁବିଧା ସୁଯୋଗ ପାଇବା ପାଇଁ ଅନଲାଇନରେ ଆବେଦନ କରି ସାରିଲା ପରେ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଭେଟି ନିଜର କାର୍ଯ୍ୟ କରାଇ ନେବାକୁ କହିଥିଲେ । କୌଣସି ଦଲାଲଙ୍କ ହାବୁଡ଼ରେ ପଡ଼ି ଅଯଥା ଟଙ୍କା ଲାଞ୍ଚ ନ ଦେବାକୁ ଉପସ୍ଥିତ ନିର୍ମାଣ ଶ୍ରମିକଙ୍କୁ ପରାମର୍ଶ ଦେଇଥିଲେ ।

ଶ୍ରମିକଙ୍କୁ ସଚେତନତା ପାଇଁ ବିଭାଗ ପକ୍ଷରୁ ପଚରାର ପତ୍ର ବଣ୍ଟନ କରାଯାଇଥିଲା । କଣ୍ଟାମାଲ ବ୍ଲକ ଶ୍ରମ ଅଧିକାରୀ ଫିରୋଜ୍ ବଘାର ଏବଂ ବୌଦ୍ଧ ସହକାରୀ ଶ୍ରମ ଅଧିକାରୀ ସୁଶ୍ରୀ ପ୍ରଜ୍ଞା ପରମିତା ଉପସ୍ଥିତ ଥିଲେ । ଏହି ଶିବିରରେ ମୋଟ ୫୫ ଜଣ ପୁରୁଷ ଓ ମହିଳା ଶ୍ରମିକ ଯୋଗ ଦେଇଥିଲେ ।

## ପଦ୍ମମୁଖ ବେଶରେ ଦର୍ଶନ ଦେଲେ ଶ୍ରୀଜୀଉ

### ପାତାଳୀ ମହୋତ୍ସବର ତୃତୀୟ ସନ୍ଧ୍ୟା



**ବୀରମହାରାଜପୁର,୨୨ ।୧(ସମିସ):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦ୍ୟ ଲୀଳା କ୍ଷେତ୍ର ଶ୍ରୀ ପାତାଳୀ କ୍ଷେତ୍ର କୋଟସମଲାଇରେ ଚାଲିଥିବା ୨୧ତମ ପାତାଳୀ ମହୋତ୍ସବ ତୃତୀୟ ସନ୍ଧ୍ୟାରେ ପହଞ୍ଚିଛି । ଚତୁର୍ଦ୍ଧା ବିଗ୍ରହଙ୍କ ପଦ୍ମମୁଖ ବେଶ ଅନୁଷ୍ଠିତ ହୋଇଥିଲା । ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ପଦ୍ମମୁଖ ବେଶ ଦର୍ଶନ କରିଥିଲେ । ଅର୍ଜୁନ ପଣ୍ଡା ପୂଜକ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି । ତୃତୀୟ ସନ୍ଧ୍ୟା ଅଧିବେଶନରେ ଟ୍ରଷ୍ଟ ସମ୍ପାଦକ ଉତ୍ତର ପାତ୍ର ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ସୋନପୁର ପୌରାଧ୍ୟକ୍ଷା ତାମସୀ ତାମସ୍ମିତା ନାଏକ, ବୀରମହାରାଜପୁର ବ୍ଲକ୍ ଉପାଧ୍ୟକ୍ଷ ନାରାୟଣ ଲୁହା, କୃତ୍ତିବାସ ମିଶ୍ର, ପ୍ରକାଶ ଚନ୍ଦ୍ର ସାହୁ, ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ହୋତା ଓ ଶେଷଦେବ ବାରିକ ଯୋଗ ଦେଇଥିଲେ । ପୂର୍ଣ୍ଣଚନ୍ଦ୍ର ପାଢୀ ସଭା ପରିଚାଳନା କରିଥିଲେ ।

# ନାରାୟଣନଗର ଆଧ୍ୟାତ୍ମିକମୟ



**ଜହ୍ନାପଙ୍କ,୨୨ ।୧(ସମିସ):** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଲୋକକଳା ଗ୍ରାମ ନାରାୟଣନଗର ଆଧ୍ୟାତ୍ମିକମୟ ହୋଇଉଠିଛି । ଏଠାରେ ଭବ୍ୟ ଯୁଗ୍ମ ମନ୍ଦିର ଶ୍ରୀଜଗନ୍ନାଥ ଓ ଶ୍ରୀରାମଙ୍କ ପ୍ରତିଷ୍ଠା ଉତ୍ସବ ଅବସରରେ ନାମଯଜ୍ଞ ଓ ପାରାୟଣ ଆରମ୍ଭ ହୋଇଛି । ୨୪ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିଲା । ଜଗନ୍ନାଥ ଓ ରାମ ମନ୍ଦିରରୁ ଶତାଧିକ ମହିଳା ପୁରୁଷ ନାମ ସଂକୀର୍ତ୍ତନରେ ଶୋଭାଯାତ୍ରାରେ ବାହାରିଥିଲେ । ନାମ ମଣ୍ଡପରେ ପହଞ୍ଚିଲା ପରେ ହରିନାମ ଆରମ୍ଭ ହୋଇଥିଲା । ରଶ୍ମିତା ଦାସ ଶ୍ରୀରାମଙ୍କ କଥାମୃତ ପଠନ କରିଥିଲେ । ପୁରନ୍ଦର ମେହେର ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଦ୍ୱିତୀୟ ଦିନରେ ଗିରିଧାରୀ ମିଶ୍ର ଏବଂ ତୃତୀୟ ଦିନରେ ପଣ୍ଡିତ ଅନଙ୍ଗ ପ୍ରସାଦ ଦାସ ଯୋଗଦେଇ ପ୍ରବଚନ ଦେଇଥିଲେ । ରାତିରେ ଜଳନ୍ଧର ଦରବାର ଆରମ୍ଭ ହୋଇଥିଲା । ଜଳନ୍ଧର ଭୂମିକାରେ ମନରଞ୍ଜନ ଚିର୍ଗୁଣ, ମହାମନ୍ତ୍ରୀ ଭାବେ ପ୍ରସନ୍ନ ନାଥ, ମହାମଲ୍ଲ ଭାବେ କୃଷ୍ଣଚନ୍ଦ୍ର ବାରିକ, ଇନ୍ଦ୍ରଜିତ ଭାବେ ବିଜୟ ଷାଣ୍ଢ ପ୍ରମୁଖ ଅଭିନୟ କରିଥିଲେ । ମନ୍ଦିର କମିଟିର ଉପଦେଷ୍ଟା ଭୋଳାଗିରି ସାହୁଙ୍କ ସଭାପତିତ୍ୟରେ ରାଜ ଦରବାରରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ଥାନା ଅଧିକାରୀ ନଳିନୀକାନ୍ତ ଦାସ, ସମ୍ମାନିତ ଅତିଥି ଭାବେ ତେଲିବନ୍ଧ ମଣ୍ଡଳ ସଭାପତି ସୁଶୀଳ ହୋତା, ଲକ୍ଷ୍ମୀପ୍ରସାଦ ସମିତି ସଭ୍ୟ ପିଣ୍ଟୁ ମିର୍ଦ୍ଧା ମଞ୍ଚାସୀନ ଥିଲେ ।

କାର୍ଯ୍ୟକ୍ରମରେ ଜିତେନ୍ଦ୍ର ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଶ୍ରୀନିବାସ ମେହେର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଓଡିଶା ଷ୍ଟେଟ ବ୍ରିଗେଡ ସ୍କୁଲ, ଲକ୍ଷ୍ମୀପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## ଗୋଚର ଜମିରୁ ବେଆଇନ ଖଣିଜ ଉତ୍ତୋଳନ



**ବୌଦ୍ଧ,୨୨ ।୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳା ଅଞ୍ଚଳରୁ ଦିନ ଦ୍ୱିପ୍ରହରରେ ଗୋଚର ଜମିରୁ ଲକ୍ଷ ଲକ୍ଷ ଟଙ୍କାର ଲଘୁ ଖଣିଜଦ୍ରବ୍ୟ ବାହାର ରାଜ୍ୟକୁ ଚୋରା ଚାଲାଣ ହେଉଛି । କଣ୍ଟାମାଳ ତହସିଲ ପରା ରାଜସ୍ୱ ସର୍କଲ ଅଧୀନ ସିନ୍ଦୂରପୁର ନିକଟ ଏକ ବିସ୍ତୀର୍ଣ୍ଣ ଗୋଚରଜମିରେ ମୂଲ୍ୟବାନ ଧଳାପଥର ଖଣି ରହିଛି । ୧୦ ବର୍ଷ ପୂର୍ବେ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଚିହ୍ନଟ କରାଯାଇଥିଲା । ସେହି ଦିନଠାରୁ ଏହି ଗୋଚରଜମି ଉପରେ ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଥିଲା; ହେଲେ ମାଫିଆ ସୁଯୋଗ ପାଇ ପାରୁ ନ ଥିଲେ । ଗତ ୨ ବର୍ଷ ହେବ ଖଣିଜ ସମ୍ପଦ ସହିତ ବେଆଇନ ବାଲି ଉତ୍ତୋଳନ ହୋଇ ବାହାର ରାଜ୍ୟକୁ ଚୋରାଚାଲାଣ ହେବାରେ ଲାଗିଛି । ଗତ ୧୦ ଦିନ ପୂର୍ବରୁ କଣ୍ଟାମାଳ ତହସିଲର ୫୮ ନମ୍ବର ରାଜସ୍ୱ ଗ୍ରାମ ସିନ୍ଦୂରପୁର ନିକଟ ବିସ୍ତୀର୍ଣ୍ଣ ଗୋଚର ଜମି ଖାତା ନମ୍ବର ୭୩, ପ୍ଲଟ ନମ୍ବର ୭, ୨୨.୫ ଏକର ଜମିରୁ ଜେସିବି ସାହାଯ୍ୟରେ ବେଆଇନ ଭାବରେ ଧଳାପଥର ଖୋଳାଯାଇ ପଶ୍ଚିମବଙ୍ଗ ଚୋରା ଚାଲାଣ ହେଉଥିବା ଜଣାପଡ଼ିଥିଲା । ହେଲେ ଏତେ ସବୁ ହେଲା ପରେ ମଧ୍ୟ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ କେମିତି ଜାଣି ପାରିଲେ ନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ଚୋରା ଚାଲାଣରେ ବିଭାଗୀୟ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ନେଇ ସ୍ଥାନୀୟ ଲୋକ ମଧ୍ୟରେ ଆଲୋଚନା ହେଉଛି । ତେବେ କଣ୍ଟାମାଳ ତସିଲଦାର ଶ୍ୱେତପଦ୍ମା ଯୋଶୀଙ୍କୁ ପଚାରିବାରୁ ଚୋରା ଚାଲାଣ ହେଉଥିବା ଜାଣି ସେଠାକୁ ଯାଇଥିଲେ । ବନ୍ଦ କରି ଏ ସଂପର୍କରେ ଜିଲ୍ଲା ଖଣି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବୋଲି କହିଛନ୍ତି ।

## ହରଭଙ୍ଗା ଥାନା ଛକରେ ବିଶ୍ରାମାଗାର, ପରିସ୍ରାଗାର ଦାବି

**ହରଭଙ୍ଗା,୨୨ ।୧(ସମିସ):** ବୌଦ୍ଧ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ କେନ୍ଦ୍ର ହରଭଙ୍ଗା ଥାନା ଛକ ନିକଟରେ ଯାତ୍ରୀଙ୍କ ସୁବିଧା ପାଇଁ ଏକ ସ୍ଥାୟୀ ଯାତ୍ରୀ ବିଶ୍ରାମାଗାର ସହିତ ପରିସ୍ରାଗାର ନିର୍ମାଣ ପାଇଁ ଗ୍ରାମବାସୀ ଓ ସାଧାରଣ ଯାତ୍ରୀଙ୍କ ପକ୍ଷରୁ ଜୋରଦାର ଦାବି ଉଠିଛି । ଦୀର୍ଘଦିନ ଧରି ଏହି ଅଞ୍ଚଳରେ ଏପରି ମୌଳିକ ସୁବିଧାର ଅଭାବ ଥିବାରୁ ଯାତ୍ରୀ ଭାରି ଅସୁବିଧା ଭୋଗୁଛନ୍ତି । ହରଭଙ୍ଗା ଏକ ପ୍ରମୁଖ ବାଣିଜ୍ୟିକ ଓ ପ୍ରଶାସନିକ କେନ୍ଦ୍ର ଭାବେ ପରିଚିତ । ଏଠାରେ ସ୍କୁଲ, କଲେଜ, ମେଡିକାଲ, ଥାନା, ବ୍ୟାଙ୍କ ସହିତ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ରହିଛି । ଏହା ସହିତ ଦୈନନ୍ଦିନ ଭୁବନେଶ୍ୱର, କଟକ, ସୋନପୁର, ଅନୁଗୁଳ ସହିତ ଅନ୍ୟ ଜିଲ୍ଲାକୁ ଯୋଗାଯୋଗ କରୁଥିବା ଯାତ୍ରୀବାହୀ ବସଗୁଡିକ ଏହି ଛକ ମାଧ୍ୟମରେ ଚଳାଚଳ କରୁଛି । ଦୈନିକ ଶତାଧିକ ଯାତ୍ରୀ ଏଠାରେ ଗମନାଗମନ କରୁଥିବା ସତ୍ତ୍ୱେ ଏଠି ପରିସ୍ରାଗାର ବ୍ୟବସ୍ଥା ନ ଥିବା ଦୁଃଖଦ ଓ ଚିନ୍ତାଜନକ ବିଷୟ ପାଲଟିଛି । ବିଶେଷକରି ମହିଳା ଯାତ୍ରୀ ପରିସ୍ରାଗାର ଅଭାବରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାସହ ସ୍କୁଲ ନିକଟରେ ଥିବା ଅନାବାଦୀ ଜମିକୁ କିଛି ଅସାମାଜିକ ବ୍ୟକ୍ତି ଜବରଦଖଲ କରି ରଖିଥିବା ଅଭିଯୋଗ ମଧ୍ୟ ଉଠିଛି । ୨ ବର୍ଷ ପୂର୍ବେ ହରଭଙ୍ଗା ତହସିଲ କାର୍ଯ୍ୟାଳୟ ପକ୍ଷରୁ ଏହି ସ୍ଥାନରେ ଜବର ଦଖଲ ଉଚ୍ଛେଦ କରାଯାଇଥିଲା । ଏବେ ପୁଣି କିଛି ଉଠା ଦୋକାନୀ ମାଡ଼ିବସିଥିବା ଗ୍ରାମବାସୀ ଦାବି କରିଛନ୍ତି । ଏଣୁ ତହସିଲ ଓ ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହି ଅନାବାଦୀ ଜମିରୁ ଜବରଦଖଲ ଉଚ୍ଛେଦ କରି ସେଠାରେ ଏକ ଯାତ୍ରୀ ବିଶ୍ରାମାଗାର ସହିତ ସ୍ୱଚ୍ଛ ପରିସ୍ରାଗାର ନିର୍ମାଣ କରିବାକୁ ଲୋକେ ଦାବି କରିଛନ୍ତି ।

## ଗଞ୍ଜେଇ ଚାଲାଣ ଅଭିଯୋଗରେ ଜଣେ ଗିରଫ



**କଣ୍ଟାମାଳ,୨୨ ।୧(ସମିସ):** ବୌଦ୍ଧ ଜିଲ୍ଲାରେ ଗଞ୍ଜେଇ ଚାଷ ଓ ଗଞ୍ଜେଇ ବେପାରକୁ ନେଇ ରାଜ୍ୟରେ ଚର୍ଚ୍ଚା ହେଉଛି । କଣ୍ଟାମାଳ ଥାନା ଅଧୀନରେ ଲମ୍ବସରୀ ଗ୍ରାମ ପଞ୍ଚାୟତ ବରଗାଁର ରବୀନ୍ଦ୍ର କହଁର (୩୮)କୁ କଣ୍ଟାମାଳ ପୁଲିସ ଗଞ୍ଜେଇ ଚାରାଚାଲାଣ ଅଭିଯୋଗରେ ଗିରଫ କରିଛି । ଏ ନେଇ ଏକ ମାମଲା ରୁଜୁ ହୋଇଛି । କଣ୍ଟାମାଳ ଥାନା ଅଧିକାରୀ ବସୁଦେବ ଭୋଇ ଏହି ସୂଚନା ଦେଇଛନ୍ତି ।

## ରେଙ୍ଗସା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି



**ତରଭା,୨୨ ।୧(ସମିସ):** ତରଭା ବ୍ଲକ ସିଂହାରୀ କ୍ଲଷ୍ଟର ଅଧୀନ ରେଙ୍ଗସା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ୩ ଦିନ ଧରି ଆୟୋଜିତ ଏହି କର୍ମଶାଳା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିବେକାନନ୍ଦ ମିଶ୍ରଙ୍କ ସହଯୋଗ ଓ ସ୍ଥାନୀୟ ସିଆରସିସି ଜଗମୋହନ ଛତ୍ରିଆଙ୍କ ଅଧ୍ୟକ୍ଷତାରେ ସଞ୍ଚାଳିତ ହୋଇହିଲା । ଏହି କର୍ମଶାଳାରେ ଶିକ୍ଷକ ଜ୍ଞାନମୟ କିଷାନ, ରାଧେଶ୍ୟାମ ସାମଲ, ଗୋରେଖ ରଣା, ଯଜ୍ଞସେନୀ ମାଝୀ, ସବିତା ପାତ୍ର, ବିମଳ ଭୁଏ, ଅରୁଣ ନାୟକ ପ୍ରମୁଖ ଉପସ୍ଥିତି ଥିଲେ ।

## ଜଳଛାୟା ପ୍ରକଳ୍ପ ଦୁର୍ନୀତିର ତଦନ୍ତ



**ଶଗଡା, ୨୨ ।୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶିମିଳି ପଦର ପଞ୍ଚାୟତ ଅଧୀନ ତୁଳସୀକଟାର ମାଁ ସରସ୍ୱତୀ ଜଳଛାୟା ପ୍ରକଳ୍ପର ଦୁର୍ନୀତି ନେଇ ପଞ୍ଚାୟତ କାର୍ଯ୍ୟାଳୟରେ ତଦନ୍ତ ହୋଇଛି । କଣ୍ଟାମାଳ ବିଡ଼ିଓ ସାମି ଜୟଶ୍ରୀ ରେ‡ୀ ଓ ତହସିଲଦାର ଶ୍ୱେତପଦ୍ମା ଯୋଶୀ ପହଞ୍ଚି ତଦନ୍ତ କରିଛନ୍ତି । ଜିଲ୍ଲାପାଳଙ୍କ ନିକଟରେ ଚାଷୀଙ୍କ ଅଭିଯୋଗ ଅନୁସାରେ ଜଳଛାୟା ପ୍ରକଳ୍ପରେ ଜଣେ ଚାଷୀ ପିଛା ୧୫ ହଜାର ଟଙ୍କା ଆସିଥିଲା । ସମ୍ପାଦକ ଓ ସଭ୍ୟଙ୍କ ପରିବାର ଲୋକଙ୍କୁ କିନ୍ତୁ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ୧୧୫ ଜଣ ଚାଷୀଙ୍କୁ ୩ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଏ ନେଇ ଚାଷୀ କଣ୍ଟାମାଳରେ ହୋଇଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ । ସେତେବେଳେ ଜନ ଶୁଣାଣିରେ ଜଳଛାୟା ଅଧିକାରୀ ଉପସ୍ଥିତ ନ ଥିବାରୁ କଣ୍ଟାମାଳ ତହସିଲଦାର ଓ ବିଡ଼ିଓଙ୍କୁ ଏହାର ତଦନ୍ତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଶେଷରେ ଏହାର ତଦନ୍ତ ହୋଇଛି । ସହାୟତା ପାଇଁ ଆବେଦନ କରିଥିବା ୭୦ ଜଣ ଚାଷୀଙ୍କ ମଧ୍ୟରୁ ୬୭ଜଣକୁ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଛି । ପ୍ରମାଣ ଅଭାବରୁ ୩ଜଣକୁ ବାଦ ଦିଆ ଯାଇଛି । ସେମାନେ ନ୍ୟାୟାଳୟର ଦ୍ୱାରସ୍ଥ ହେବାକୁ ଗଣମାଧ୍ୟମକୁ କହିଛନ୍ତି ।

# କେନଝରିଆପାଲି ଜ୍ୟୋତି ସ୍ପୋର୍ଟିଂ କ୍ରିକେଟ କ୍ଲବର ଦ୍ୱିତୀୟ ଦିବସ ପ୍ରତିଯୋଗିତା: ସେମିରେ ହିଙ୍ଗମା

**ବୀରମହାରାଜପୁର,୨୨ ।୧(ସମିସ):** କେନଝରିଆପାଳି ହାଇସ୍କୁଲ ପଡିଆରେରେ ଜ୍ୟୋତି ସ୍ପୋର୍ଟିଂ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ୧୯ତମ କ୍ରିକେଟ କପ୍ ଉଦ୍‌ଘାଟିତ ହୋଇଛି । ଗୁରୁବାର ଦ୍ୱିତୀୟ ଦିବସରେ ଖଇରମାଲ ଓ ହରିଣାପାଲି ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା । ଖଇରମାଲ ବ୍ୟାଟିଂ କରି ୮ ଓଭରରେ ୯ ଉଇକେଟ ହରାଇ ୯୫ରନ୍ କରିଥିଲା । ଜବାବରେ ହରିଣାପାଳି ୮ଓଭରରେ ୭ ଉଇକେଟ ହରାଇ ୯୧ରନ୍ କରି ପରାସ୍ତ ହୋଇଥିଲା । ୨ୟ ମ୍ୟାଚ ହିଙ୍ଗମା ଓ ଉଫୁଲା ମଧ୍ୟରେ ହୋଇଥିଲା । ପ୍ରଥମେ ଉଫୁଲା ଦଳ ବ୍ୟାଟିଂ କରି ୮ ଓଭରରେ ୭ହରାଇ ୬୩ରନ କରିଥିଲା । ଜବାବରେ ହିଙ୍ଗମା ଦଳ ୫ ଓଭର ୪ ବଲରେ ୪ଉଇକେଟ ହରାଇ ୬୪ରନ କରି ବିଜୟୀ ହୋଇଥିଲା । ପ୍ରଥମ ମ୍ୟାଚର ବିଜେତା ଖଇରମାଲ ଓ ଦ୍ୱତୀୟ ମ୍ୟାଚର ବିଜେତା ହିଙ୍ଗମା ମଧ୍ୟରେ ମ୍ୟାଚ ହୋଇଥିଲା । ଏଥିରେ ପ୍ରଥମେ ଖଇରମାଲ ଦଳ ବ୍ୟାଟିଂ କରି ୬ ଓଭରରେ ୪ଉଇକେଟ ହରାଇ ୫୨ରନ କରିଥିଲା । ଜବାବରେ ହିଙ୍ଗମା ଦଳ ୫ ଓଭର ୩ ବଲ୍‌ରେ ୬ ଉଇକେଟ ହରାଇ ୫୩ରନ କରି ବିଜୟୀ ହୋଇଥିଲା । ହିଙ୍ଗମା ଦଳ ଖଇରମାଲ ଦଳକୁ ହରାଇ ଦ୍ୱିତୀୟ ଦଳ ଭାବରେ ସେମିଫାଇନାଲରେ ପ୍ରବେଶ କରିଛି । ଅଶ୍ୱିନୀ ସାହୁଙ୍କ ସଂଯୋଜନାରେ ପୁରସ୍କାର ବିତରଣ ଉତ୍ସବରେ ପିକୁଲ ଚନ୍ଦ୍ର ପଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ତରଣୀସେନ ପଧାନ, ପ୍ରବୀଣ ଦେହୁରୀ, ବେଣୁଧର ପଧାନ, ସର୍ବେଶ୍ୱର ପଧାନ, ପିଣ୍ଟୁ ମେଣ୍ଡିଲି, ରାମ ନାଏକ, ଦୀନବନ୍ଧୁ ନାଏକ, ନୟନ କର୍ଣ୍ଣ, ସବ୍ୟକାନ୍ତ ଦେହୁରୀ, ସୁଶାନ୍ତ ମେଣ୍ଡିଲି, ନୃପତି ପଧାନ, ଅଭିଷେକ କର୍ଣ୍ଣ, ଦେବଶ୍ରୀ ବାଘ, ସଚିନ ଦେହୁରୀ ପୃଥ୍ୱିରାଜ ମହାକୁର, ଝସକେତନ ରଣା, ତପୁପଧାନ ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ ।





## ମୁକୁଳା ପଡ଼ିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର

**ଜହ୍ନାପଙ୍କ,୨୨ ।୧(ସମିସ):** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ନାରାୟଣନଗର ହାଟପଦାଠାରୁ ଜହ୍ନାପଙ୍କ ଗଲା ବାଟରେ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ଦଶ ବର୍ଷ ପୂର୍ବେ ସ୍ଥାପନ କରାଯାଇଛି; ହେଲେ ଆଜି ପର୍ଯ୍ୟନ୍ତ ସୁରକ୍ଷା ବକ୍ଷଡ଼ ବ୍ୟବସ୍ଥା କରାଯାଇନାହିଁ । ଟ୍ରାନ୍ସଫର୍ମରକୁ ଲାଗି ଗୋଟେ ପଟେ ଘର ଥିବା ବେଳେ ଅନ୍ୟପଟେ କଲ୍ୟାଣ ମଣ୍ଡପ ଅଛି । ବେଳେ ବେଳେ ଟ୍ରାନ୍ସଫର୍ମରରୁ ନିଆଁ ହୁଳା ପଡୁଛି । ନିତିଦିନ ଏହି ରାସ୍ତା ଦେଇ ସ୍କୁଲ, କଲେଜ ଛାତ୍ରଛାତ୍ରୀ ପାଠ ପଢିବା ପାଇଁ ଯାଉଥିବା ବେଳେ ଟ୍ରାନ୍ସଫର୍ମରରୁ ନିଆଁ ହୁଳା ପଡୁଛି । ଏଣୁ ପିଲାମାନେ ଏବଂ ସାଧାରଣ ଲୋକେ ସବୁବେଳେ ଏହି ରାସ୍ତାରେ ଭୟଭୀତ ଅବସ୍ଥାରେ ଯାଉଛନ୍ତି ।

### ବଡ଼ ଖଲିଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

## ୩ ଶିକ୍ଷକରେ ଚାଲିଛି ୯ ଶ୍ରେଣୀ

**ବୌଦ୍ଧ,୨୨ ।୧(ସମିସ)**

ବୌଦ୍ଧ ସଦର ବ୍ଲକ୍ ପଦ୍ମନପୁର ପଞ୍ଚାୟତ ବଡ଼ ଖଲିଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅବ୍ୟବସ୍ଥାରେ ଚାଲିଛି । ୧୯୫୪ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରେ ଏବେ ଶିଶୁ ବାଟିକାଠାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି । ୩ ଜଣ ଶିକ୍ଷକ ୯ଟି ଶ୍ରେଣୀ ସମ୍ଭାଳୁଛନ୍ତି । ପୂର୍ବରୁ ଏଠାରେ ୫ ଜଣ ଶିକ୍ଷକ ଥିଲେ । ୨୦୨୩ ମସିହାରେ ଶିକ୍ଷକ ସତ୍ୟ ନାରାୟଣ ସାହୁଙ୍କ ସିଆରସିସି ଭାବେ ପଦୋନ୍ନୋତି ହୋଇଗଲା । ସେହିଭଳି ୨୦୨୫ ଫେବୃଆରୀରେ ପ୍ରସନ୍ନ ନାଏକ ଅବସର ନେଇଥିଲେ । ଏହାପରଠାରୁ ୩ ଜଣ ଶିକ୍ଷକରେ ବିଦ୍ୟାଳୟ ଚାଲୁଛି । ତେବେ ପ୍ରଧାନ ଶିକ୍ଷକ ସରୋଜ ସାହୁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଗଲେ ୨ ଜଣ ଶିକ୍ଷକରେ ପାଠ ପଢ଼ା ହେଉଛି । ଏନେଇ ଗ୍ରାମବାସୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଗୋଚର କରିଥିଲେ ମଧ୍ୟ କିଛି ଫଳ ହୋଇନାହିଁ । ତେବେ ତୁରନ୍ତ ଏଠାରେ ଆଉ ୨ ଜଣ ଶିକ୍ଷକଙ୍କୁ ନିଯୁକ୍ତି ନକଲେ ଗ୍ରାମବାସୀ ସ୍କୁଲ ଫାଟକରେ ତାଲା ପକାଇବାକୁ ଚେତାବନୀ ଦେଇଛନ୍ତି । ଏନେଇ ଏବିଇଓ କମଳାକାନ୍ତ ଦଳବେହେରାଙ୍କୁ ଯୋଗାଯୋଗ କରିବାରୁ ଆଉ ଜଣେ ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି କହିଥିଲେ ।

# ଢେଙ୍କାନାଳ ମଗଜି ସପ୍ତାହ ଉଦ୍‌ଯାପିତ

ଢେଙ୍କାନାଳ,୨୨।୧(ସମିସ): ଢେଙ୍କାନାଳ ମଗଜିପ୍ରେମୀଙ୍କ ଦ୍ୱାରା ପବିତ୍ର ମକର ସଂକ୍ରାନ୍ତି ଜାନୁଆରୀ ୧୪ରୁ ଆରମ୍ଭ ହୋଇଥିବା ଢେଙ୍କାନାଳର ସ୍ୱାଦିଷ୍ଟ ମିଠା ମଗଜି ସପ୍ତାହ ଉଦଯାପିତ ହୋଇଛି। ସପ୍ତାହ ବ୍ୟାପୀ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଅନୁଷ୍ଠାନରେ ମଗଜି ବଣ୍ଟନ କରାଯାଇ ଏହି ସପ୍ତାହ ପାଳନ କରାଯାଇଛି। ଉଦଯାପନୀ ଉତ୍ସବରେ ଜିଲ୍ଲା ସଂସ୍କୃତି ବିଭାଗ ସହଯୋଗରେ ସ୍ଥାନୀୟ ମିଠା ଦୋକାନୀ ସଂଘ ସଦସ୍ୟଙ୍କ ଦ୍ୱାରା ସରକାରୀ ମହିଳା ମହାବିଦ୍ୟାଳୟରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଉପ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀନିବାସ ରାଉତ, ମହାବିଦ୍ୟାଳୟ ଅଧ୍ୟକ୍ଷା ଶକୁନ୍ତଳା ଜେନା,



ଅଧ୍ୟାପକ ଭୁବନେଶ୍ୱର ମୁଦୁଲି, ମିଠା ଦୋକାନୀ ସଂଘ ସଭାପତି ଜୟପ୍ରକାଶ ସାହୁ, ସମ୍ପାଦକ ଜିତେଶ କୋଟାକ ସାମିଲ ହୋଇ ଢେଙ୍କାନାଳ ମଗଜିର ମହତ୍ତ୍ୱ ଓ ଜିଆଇ ଟ୍ୟାଗ୍ ଯାତ୍ରା ଉପରେ ମତ ରଖିଥିଲେ। ପରେ ଉପସ୍ଥିତ ସମସ୍ତ ଛାତ୍ରୀଙ୍କୁ ମଗଜି ବଣ୍ଟନ କରାଯାଇଥିଲା। ଆଗାମୀ ଦିନରେ ଏହାର ପ୍ରସାରପ୍ରଚାର ପାଇଁ ସମସ୍ତ ଢେଙ୍କାନାଳବାସୀ ଏକ ହେବା ଦରକାର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ମଗଜି ମହୋତ୍ସବ ତଥା ମଗଜି ସପ୍ତାହ ପାଳନ କମିଟି ଆବାହକ ଇଂ ସୌମ୍ୟବ୍ରତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଡ. ପଙ୍କଜ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## କାମାକ୍ଷାନଗର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



କାମାକ୍ଷାନଗର,୨୨।୧(ସମିସ): କାମାକ୍ଷାନଗର ମହାବିଦ୍ୟାଳୟର ୪୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ସାଂସଦ ରୁଦ୍ରନାରାୟଣ ପାଣି ଯୋଗଦେଇ ଛାତ୍ରଛାତ୍ରୀ ପାଠ ସହ କ୍ରୀଡ଼ା ଓ ଅନ୍ୟ କ୍ଷେତ୍ର ଉପରେ ମଧ୍ୟ ନିଜ ପ୍ରତିଭା ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା ଉପସ୍ଥିତ ଥିଲେ।

● ଦଶମ ରାଜ୍ୟସ୍ତରୀୟ ହଳଦୀକୁଣ୍ଡି କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ପୁରୀକୁ ହରାଇ ସେମିରେ ତାଳଚେର ୟୁଥ୍ ସ୍ପୋର୍ଟିଂ




କାମାକ୍ଷାନଗର,୨୨।୧(ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ହଳଦୀକୁଣ୍ଡି ଗ୍ରାମରେ ଦଶମ ରାଜ୍ୟସ୍ତରୀୟ ହଳଦୀକୁଣ୍ଡି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ତାଳଚେର ୟୁଥ୍ ସ୍ପୋର୍ଟିଂ କ୍ଲବ ପୁରୀ ପାୟୋନିଅର କ୍ଲବକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ୟୁଥ ସ୍ପୋର୍ଟିଂ ତାଳଚେର ପ୍ରଥମେ ବ୍ୟାଟି କରି ନିର୍ଦ୍ଧାରିତ ୨୫ ଓଭରରେ ୨୦୯ ରନ ସଂଗ୍ରହ କରିଥିଲା। ଜବାବରେ ପୟୋନିଅର କ୍ଲବ ୧୫୯ ରନ ସଂଗ୍ରହ କରି ଅଲଆଉଟ ହୋଇଯାଇଥିଲା। ମୁଖ୍ୟଅତିଥି ଭାବେ ରାଇବୋଲ ସରପଞ୍ଚ ଶାନ୍ତନୁ କୁମାର ସାହୁ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟର ସୁରେନ୍ଦ୍ର ସାହୁ ଓ ଦିବ୍ୟଜ୍ୟୋତି ସାହୁ ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସାମନ୍ତ ସତ୍ୟପ୍ରଜ୍ଞ, ଦୀପତେଶ କୁମାର ସାହୁ, ଶୁଭମ ନନ୍ଦ, ଅଭୟ ବେହେରା ସହଯୋଗ କରିଥିଲେ। ଜାତୀୟ ଘୋଷକ ବିପିନ ବିହାରୀ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ।

## ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ



କାମାକ୍ଷାନଗର,୨୨।୧(ସମିସ): ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତ ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ୧୫୦ ଓ ଉଚ୍ଚ ବିଦ୍ୟାଳୟରୁ ୧୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସବ ଜୁନିଅର ଜୁନିଅର ଓ ସିନିଅର ବର୍ଗରେ ଲିଖିତ କୁଇଜ ପ୍ରତିଯୋଗିତା ହୋଇଥିଲା। ଜୁନିଅର ଗ୍ରୁପରୁ ୮ ଓ ସିନିଅର ଗ୍ରୁପରୁ ୮ ଜଣଙ୍କୁ ବଛାଯାଇ ୪ଟି ଦଳ କରି ଓପନ କୁଇଜ ପ୍ରତିଯୋଗିତା କରାଯାଇଥିଲା। ସଫଳ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟରେ ବିଜ୍ଞାନ କିଟ୍‌ର ବ୍ୟବହାର ସମ୍ପର୍କରେ ବିଜ୍ଞାନ ଶିକ୍ଷକମାନଙ୍କୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କାମାକ୍ଷାନଗର ଉପଜିଲ୍ଲାପାଳ ଦୀନମଣି ନାୟକ, ସମ୍ମାନିତ ଅତିଥି ଭାବେ ବିଇଓ ସରୋଜ କୁମାର ସାହୁ, ଏବିଇଓ କୃଷ୍ଣଚନ୍ଦ୍ର ଭୋଇ, ବିଷ୍ଣୁପ୍ରସାଦ ମହାଳିକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତପନ କୁମାର ଶତପଥୀ, କାନପୁରା ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀରାମ ରାଉତ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରଥ କୁମାର ଚିନାରା ପ୍ରମୁଖ ଯୋଗଦେଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ



ଢେଙ୍କାନାଳ,୨୨।୧(ସମିସ): ସଦର ବ୍ଲକ ବେଲଟିକିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଉନ୍ନବିଂଶ ବାର୍ଷିକ ଉତ୍ସବ ବୁଧବାର କୈଳାସ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଅଖିଳ ଭାରତୀୟ ସାହିତ୍ୟ ପରିଷଦ ସଭାପତି ଦୁର୍ଗାମାଧବ ପୃଷ୍ଟି, ସମ୍ମାନିତ ଅତିଥି ଭାବେ ବେଲଟିକିରି ମହାବିଦ୍ୟାଳୟ ଅଧ୍ୟକ୍ଷ ବିକାଶ କୁମାର ଦାଶ ଯୋଗଦେଇଥିଲେ। ଶିଶୁ ମନ୍ଦିରର ସମ୍ପାଦକ ପ୍ରଦୀପ କୁମାର ସାହୁ ଅତିଥି ପରିଚୟ ପ୍ରଦାନ ଓ ପ୍ରଧାନ ଆଚାର୍ଯ୍ୟ କୃଷ୍ଣଚନ୍ଦ୍ର ବେହେରା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ କୃତୀ ଶିଶୁ ଭାଇଭଉଣୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପରେ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆଚାର୍ଯ୍ୟା ଆରତୀ ଦାସ, ସରିତା ଶତପଥୀ, ରଶ୍ମିତା ରାଉତ ସହଯୋଗ କରିଥିଲେ। ବିଦ୍ୟାଳୟର ଉପଦେଷ୍ଟା ସତ୍ୟବ୍ରତ ଦାଶ, ବିବେକାନନ୍ଦ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଓଡ଼ିଶା ଯୁବରତ୍ନ ସମ୍ମାନ

## ଢେଙ୍କାନାଳର ସମାଜସେବୀ ପାର୍ଥସାରଥି ସମ୍ବର୍ଦ୍ଧିତ



ଢେଙ୍କାନାଳ,୨୨।୧(ସମିସ): ଯୁବଶକ୍ତି, ସୃଜନଶୀଳତା ଓ ସାମାଜିକ ଅବଦାନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ "ବ୍ରାଇଟ୍ ଓଡ଼ିଶା ଫାଉଣ୍ଡେସନ୍' ପକ୍ଷରୁ ପ୍ରଥମ 'ଓଡ଼ିଶା ଯୁବରତ୍ନ ସମ୍ମାନ-୨୦୨୬' ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ ହୋଇଛି। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, କଲ୍ୟାଣ ଫାଉଣ୍ଡେସନ ସଭାପତି ସୌମିତ୍ର ଲେଙ୍କା, ରୋଟାରିଆନ୍ ଯଜ୍ଞାଶିଷ ମହାପାତ୍ର, ମେଟ୍ରୋ ଗ୍ରୁପ୍‌ର ନିର୍ଦ୍ଦେଶକ ମହମ୍ମଦ ଅଲିମ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମିଡିଆ, କ୍ରୀଡ଼ା, ସଂସ୍କୃତି, ସ୍ୱାସ୍ଥ୍ୟ, ସମାଜସେବା, ବ୍ୟବସାୟ ଓ ପ୍ରଯୁକ୍ତି ସହ ବିଭିନ୍ନ କ୍ଷେତ୍ରରୁ ବହୁ ଯୁବ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଛି। ସମାଜସେବା କ୍ଷେତ୍ରରେ ଢେଙ୍କାନାଳର ଯୁବ ସମାଜସେବୀ ପାର୍ଥସାରଥି ମହାକୁଳ ସମ୍ବର୍ଦ୍ଧିତ ହୋଇଛନ୍ତି। ବାଲେଶ୍ୱରର ବାହାନଗା ରେଳ ଦୁର୍ଘଟଣାର ଆହତ ଯାତ୍ରୀଙ୍କୁ କଟକ ବଡ଼ ମେଡିକାଲ୍‌ରେ ଦେଇଥିବା ତ୍ୱରିତ ସେବା କାର୍ଯ୍ୟ, ଫାଇଲିନ୍ ବାତ୍ୟା ସମୟରେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅଞ୍ଚଳରେ ଖାଦ୍ୟ ଓ ବସ୍ତ୍ର ବଣ୍ଟନ, ଅସହାୟ ଲୋକଙ୍କ ଶବଦାହ, ଚାରାରୋପଣ ଓ ତଦାରଖ ଭଳି ଅନେକ ଜନହିତକର କାର୍ଯ୍ୟକରି ଅନନ୍ୟ ଉଦାହରଣ ସୃଷ୍ଟି କରିଥିବାରୁ ମହାକୁଳଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଓଡ଼ିଶାର ଯୁବ ପ୍ରତିଭା ନେତୃତ୍ୱ ଓ ସାମାଜିକ ଦାୟିତ୍ୱର ପ୍ରତୀକ ଭାବେ 'ଓଡ଼ିଶା ଯୁବରତ୍ନ ସମ୍ମାନ–୨୦୨୬' ଆଗାମୀ ଦିନରେ ଯୁବପିଢ଼ିଙ୍କ ପାଇଁ ଏକ ବଡ଼ ପ୍ରେରଣା ହେବ ବୋଲି ବ୍ରାଇଟ ଫାଉଣ୍ଡେସନର ପ୍ରତିଷ୍ଠାତା ସଞ୍ଜୟ କୁମାର, ଉପଦେଷ୍ଟା ରୋଜାଲିନ ପାଟ୍ଟଶାଣୀ, ସଞ୍ଜୟ ନାୟକ (ଟୁଟୁ), ସୁଜିତ ରାଉତ, ସନ୍ତୋଷ ପ୍ରଧାନ, ପ୍ରମୁଖ ଆଶା ପ୍ରକାଶ କରିଛନ୍ତି।

## ସ୍ୱତନ୍ତ୍ର ଏନ୍‌ଏସ୍‌ଏସ୍ ଶିବିର ଉଦଯାପିତ



ଢେଙ୍କାନାଳ,୨୨।୧(ସମିସ): ଢେଙ୍କାନାଳ ମହିଳା ମହାବଦ୍ୟାଳୟ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଶିବିର ଉଦଯାପିତ ହୋଇଛି। ୫୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କୁ ନେଇ ଅନୁଷ୍ଠିତ ଏହି ଶିବିରରେ ପ୍ରତିଦିନ ଶୃଙ୍ଖଳିତ ଜୀବନଚର୍ଯ୍ୟା ଯଥା ପ୍ରାର୍ଥନା, ପ୍ରାଣାୟମ, ଯୋଗ, ବ୍ୟାୟାମ ଆଦି ସହ ପ୍ରାୟ ୧୮ଟି ପ୍ରଶିକ୍ଷଣ ଅଧିବେଶନ ଆୟୋଜନ କରାଯାଇଥିଲା। ପୋଷ୍ୟ ଗ୍ରାମ ଶିମିଳିଆରେ ନାରୀଶିକ୍ଷା, ଯୌତୁକ ପ୍ରଥା ନିରାକରଣ, ଝିଅ ପାଇଁ ନ୍ୟାୟ, ସାଇବର ସୁରକ୍ଷା ଆଦି ସମ୍ବେଦନଶୀଳ ବିଷୟଗୁଡ଼ିକ ଉପରେ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ନାଟକ ମାଧ୍ୟମରେ ସଚେତନ କରାଯାଇଥିଲା। ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉଦଯାପନୀ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଶକୁନ୍ତଳା ଜେନା ଯୋଗଦେଇ ଏହା ଏକ ସାମାଜିକ ସଚେତନତାର ଆରମ୍ଭ ବୋଲି କହିଥିଲେ। ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କ ଶୃଙ୍ଖଳା ତଥା ସେବା ମନୋଭାବର ପ୍ରଶଂସା କରିଥିଲେ। ଜିଲ୍ଲା ଏନ୍‌ଏସ୍‌ଏସ୍‌ର ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ଡ. ଦେବରାଜ ପରିଡ଼ା ଛାତ୍ରୀମାନଙ୍କୁ ସମାଜମୁଖୀ ହେବାପାଇଁ ବାର୍ତ୍ତା ଦେଇଥିଲେ। ସ୍ୱେଚ୍ଛାସେବୀ ରୁନିତ ମିଶ୍ର ନିଜ ଅନୁଭବ ବୟାନ କରି କହିଲେ ଯେ ସମାଜ ପ୍ରତି ତାଙ୍କର କର୍ତ୍ତବ୍ୟ ରହିଛି। ସମାଜ ପ୍ରତି ଜଣେ ଶିକ୍ଷିତ ଝିଅର ଗୁରୁଦାୟିତ୍ୱ ରହିଛି। ପ୍ରତ୍ୟେକ ଛାତ୍ରୀ ନିଜ ଦାୟିତ୍ୱ ବୁଝି କର୍ତ୍ତବ୍ୟ କରିବାକୁ ଅଙ୍ଗୀକାରବଦ୍ଧ ହେବା ଉଚିତ୍ ବୋଲି ସେ କହିଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ. ମଧୁସ୍ମିତା ନାୟକ ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅଙ୍କିତା ପ୍ରିୟଦର୍ଶିନୀ ବିଶ୍ୱାଳଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ପୁରସ୍କାର ପ୍ରଦାନ କରାଯାଇଥିଲା।

## ବ୍ଲକସ୍ତରୀୟ ୱାଟର୍‌ସେଡ୍ ମହୋତ୍ସବ




କଙ୍କଡ଼ାହାଡ଼,୨୨।୧(ସମିସ): କଙ୍କଡ଼ାହାଡ଼ ବ୍ଲକ ପଙ୍ଗାତିରା ଗ୍ରାମରେ ବ୍ଲକସ୍ତରୀୟ ୱାଟରସେଡ ମହୋତ୍ସବ ଅନୁଷ୍ଠିତ ହୋଇଛି। ଜଳବିଭାଜିକା ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ କଳ୍ପବଟ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜଳ ହିଁ ଜୀବନ। ତେଣୁ ଜଳ ସଂରକ୍ଷଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଯଶୋବନ୍ତ ଦେହୁରୀ, ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା, ବ୍ଲକ କୃଷି ଅଧିକାରୀ ମଧୁସ୍ମିତା ଶତପଥୀ, ଜିଲ୍ଲା ପରିଷଦ ସଭ୍ୟ ନବକିଶୋର ସାହୁ, ପଙ୍ଗାତିରା ସରପଞ୍ଚ କରୁଣାକର ସାହୁ, ଦଶୀପୁର ସରପଞ୍ଚ ସୁଧୀର ପାଳ, କଙ୍କଡ଼ାହାଡ଼ ବ୍ଲକ ସାମ୍ବାଦିକ ସଂଘ ସଭାପତି ରାଜେଶ କୁମାର ଦେହୁରୀ, ମହାବିରୋଡ୍ ମଣ୍ଡଳ ସଭାପତି ଜିତେନ୍ଦ୍ର କର, ବିରାଶାଳ ମଣ୍ଡଳ ସଭାପତି ସୂର୍ଯ୍ୟନାରାୟଣ ମିଶ୍ର, ପୂର୍ବତନ ସରପଞ୍ଚ ଜଗନ୍ନାଥ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପଙ୍ଗାତିରା ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଓ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଜଳବିଭାଜିକା ବିଭାଗ ପକ୍ଷରୁ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜଳବିଭାଜିକାର ଗୁରୁତ୍ୱ ଏବଂ ସ୍ୱାବଲମ୍ବୀ କୃଷକ ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ଦିଆଯାଇଥିଲା। ସୁରେଶ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ମାନା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

● ଢେଙ୍କାନାଳ ଜିଲ୍ଲା ମହୋତ୍ସବରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ବାର୍ତ୍ତା

## ସଂସ୍କୃତି ଓ ପରମ୍ପରା ଶିକ୍ଷାର ଅବିଚ୍ଛେଦ୍ୟ ଅଙ୍ଗ: ଧର୍ମେନ୍ଦ୍ର

ଢେଙ୍କାନାଳ,୨୨।୧(ସମିସ): ଶିକ୍ଷା କେବଳ ବହି ଭିତରେ ସୀମିତ ନୁହେଁ। ଆମ ପରମ୍ପରା, ଲୋକକଳା ଏବଂ ସାଂସ୍କୃତିକ ମୂଲ୍ୟବୋଧ ବିଷୟରେ ଜାଣିବା ମଧ୍ୟ ଶିକ୍ଷାର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ୧୮ତମ ଢେଙ୍କାନାଳ ଜିଲ୍ଲା ମହୋତ୍ସବ ଅବସରରେ ଭିଡିଓ ବାର୍ତ୍ତା ମାଧ୍ୟମରେ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଢେଙ୍କାନାଳ କେବଳ ଏକ ଜିଲ୍ଲା ନୁହେଁ, ଏହା ହେଉଛି ବୀରତ୍ୱ ଓ ସଂସ୍କୃତିର ପବିତ୍ର ଭୂମି। ଭାରତର ସର୍ବକନିଷ୍ଠ ସହିଦ ବୀର ବାଜି ରାଉତ, ସ୍ୱାଧୀନତା ସଂଗ୍ରାମୀ ବୈଷ୍ଣବ ଚରଣ ପଟ୍ଟନାୟକ, ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସ, ମହେଶ ଚନ୍ଦ୍ର ସୁବାହୁ ସିଂ, ମୂଷା ମଲ୍ଲିକ, ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ ଓ ବିଶିଷ୍ଟ କବି ବ୍ରଜନାଥ ବଡ଼ଜେନାଙ୍କ ଭଳି ମହାନ୍ ବ୍ୟକ୍ତିତ୍ୱମାନେ ଏହି ମାଟିକୁ ଗୌରବାନ୍ୱିତ କରିଛନ୍ତି। କପିଳାସର ଶିବଲୋକଠାରୁ ଆରମ୍ଭ କରି ମହିମା ଧର୍ମର ପ୍ରଚାର ପୀଠ ଯୋରନ୍ଦା ଏବଂ ସପ୍ତଶଯ୍ୟାର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟନ୍ତ, ଏହି ମାଟିର ପ୍ରତିଟି ଧୂଳିକଣାରେ ଇତିହାସ ଜୀବନ୍ତ। ସେହି ଜିଲ୍ଲାରେ ଆୟୋଜିତ ଏହି ମହୋତ୍ସବ ଓଡ଼ିଶାର କଳା, ସଂସ୍କୃତି ଏବଂ ସ୍ୱାଭିମାନର ଜ୍ୱଳନ୍ତ ଉଦାହରଣ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ କହିଛନ୍ତି। ଶିଶୁଙ୍କ ଅପପୁଷ୍ଟି ଦୂର ପାଇଁ ପ୍ରଧାନମନ୍ତ୍ରୀଙ୍କ 'ପୋଷଣ ଅଭିଯାନ'ରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ପାଇଁ ୨୦୨୬ରୁ ହିଁ ପ୍ରୟାସ ଆରମ୍ଭ କରିବାକୁ ସେ ଅନୁରୋଧ କରିଛନ୍ତି। ଏକ ସୁସ୍ଥ ଶିଶୁ ହିଁ ଶ୍ରେଷ୍ଠ ଓଡ଼ିଶା ଓ ଶ୍ରେଷ୍ଠ ଭାରତ ଗଠନ କରିପାରିବ ବୋଲି ସେ ଭିଡିଓ ବାର୍ତ୍ତାରେ କହିଛନ୍ତି।

## ମାନସିକ ଓ ଶାରୀରିକ ବିକାଶ ନିମନ୍ତେ କ୍ରୀଡ଼ା ନିତାନ୍ତ ଆବଶ୍ୟକ



ଢେଙ୍କାନାଳ,୨୨।୧(ସମିସ): ସ୍ଥାନୀୟ ପୁଲିସ ଲାଇନ ସରକାରୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମାନସିକ ତଥା ଶାରୀରିକ ବିକାଶ ନିମନ୍ତେ କ୍ରୀଡ଼ା ନିତାନ୍ତ ଆବଶ୍ୟକ ବୋଲି କହିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଦୌଡ଼, ପୁଚି, ଦଉଡ଼ି ଡିଆଁ, ଗଣିତ ଦୌଡ଼, ବେଙ୍ଗଡିଆଁ, ଅଖାଦୌଡ଼, ମ୍ୟୁଜିକାଲ ଚେୟାର ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ୫୦ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଜୁନିଅର ବର୍ଗରେ କ୍ରିଷ୍ଣା ସାହୁ ଓ ସିନିଅର ବର୍ଗରେ ପ୍ରଜ୍ଞାଶ ବେହେରା ଚାମ୍ପିଅନ ହୋଇ ପୁରସ୍କୃତ ହୋଇଥିଲେ। ଅଷ୍ଟମ ଶ୍ରେଣୀ ଛାତ୍ର ପ୍ରତ୍ୟୁଷ ଦାସଙ୍କୁ ଅଲରାଉଣ୍ଡର ପୁରସ୍କାର ଦିଆଯାଇଥିଲା। ବିଦ୍ୟାଳୟ ଏସଏମସି ଅଧ୍ୟକ୍ଷ ମଞ୍ଜୁଲତା ବେହେରାଙ୍କ ସମେତ ଏମଟିଏ, ପିଟିଏ ସଦସ୍ୟମାନେ ଯୋଗଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ଶକୁନ୍ତଳା ମିଶ୍ର, ମନୋଜାବାଳା ମିଶ୍ର, ସ୍ନେହପ୍ରଭା ସାହୁ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷୟିତ୍ରୀ ରେଖା ସାହୁ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ।

## ପାଣିରେ ବୁଡ଼ି ଶିଶୁ ମୃତ

ଖଜୁରିଆକଟା,୨୨।୧(ସମିସ): ପୋଖରୀରେ ବୁଡ଼ି ହିନ୍ଦୋଳ ରୋଡ୍ ଫାଣ୍ଡି ନୂଆ ବାଙ୍ଗୁରସିଂହ ଗ୍ରାମର ସତ୍ୟବ୍ରତ ସାହୁଙ୍କ ୪ ବର୍ଷର ପୁଅର ମୃତ୍ୟୁ ହୋଇଛି। ଶିଶୁଟି ଘର ନିକଟରେ ଖେଳୁଥିବା ବେଳେ ହଠାତ୍ ପୋଖରୀ ଆଡ଼କୁ ଚାଲିଯାଇଥିଲା। ସେଠାରେ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ିଯାଇଥିଲା। ଏ ସମ୍ପର୍କରେ ପରିବାର ଲୋକେ ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟ ପଠାଇଛି। ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ବାଳିକା ଆତ୍ମରକ୍ଷା ଶିବିର ଉଦଯାପିତ



ଖଜୁରିଆକଟା,୨୨।୧(ସମିସ): ହିନ୍ଦୋଳରୋଡ୍‌ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ୮ ଦିନିଆ ବାଳିକା ଆତ୍ମରକ୍ଷା ଶିବିର ଉଦଯାପିତ ହୋଇଛି। ଅର୍ଥନୀତି ବିଭାଗ ଅଧ୍ୟାପିକା ତଥା ଆତ୍ମରକ୍ଷା ତାଲିମ୍ କାର୍ଯ୍ୟକ୍ରମ ସଂଯୋଜିକା ନୟନା ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ ମୁଖ୍ୟଅତିଥି ରୂପେ ଯୋଗଦେଇ ବର୍ତ୍ତମାନ ସମୟରେ ଆତ୍ମରକ୍ଷା କୌଶଳ ଶିକ୍ଷା ବାଳିକାମାନଙ୍କ ନିମନ୍ତେ ଅତ୍ୟାବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଆ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ ଯୋଗଦେଇ ଆତ୍ମରକ୍ଷା ପ୍ରଶିକ୍ଷଣ ନାରୀ ସଶକ୍ତୀକରଣ ନିମନ୍ତେ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ଇତିହାସ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ଦାସ, ଇଂରାଜୀ ବିଭାଗ ମୁଖ୍ୟ ପ୍ରାଧ୍ୟାପକ କପିଳ ଚରଣ ମହାନ୍ତି ଓ ଉଦ୍ଭିଦବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ମନୋଜ କୁମାର ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିବିରରେ ମୋଟ ୧୨୫ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ମାଷ୍ଟର ଟ୍ରେନର୍ ଭାବେ ପୂଜା ବେହେରା ତାଲିମ ପ୍ରଦାନ କରିଥିଲେ। ଡ. ଦେବାନନ୍ଦ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଛାତ୍ରୀ ପ୍ରତିନିଧି ପ୍ରଜ୍ଞା ପାରମିତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

ଶାରଳା କ୍ଲବ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ

## ମୁକ୍ତାଦେଇପୁର ଅହମଦିୟା କ୍ଲବ୍ ଚାମ୍ପିଅନ

ଢେଙ୍କାନାଳ,୨୨।୧(ସମିସ)



ସହର ଉପକଣ୍ଠ ଗୁଣ୍ଡିଚାପଡ଼ାସ୍ଥିତ ରାଣୀ ରତ୍ନପ୍ରଭା ଦେବୀ ଷ୍ଟାଡିୟମରେ ଶାରଳା କ୍ଲବ୍ ପକ୍ଷରୁ ଆୟୋଜିତ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୯ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ୍ ମ୍ୟାଚ୍ ମୁକ୍ତାଦେଇପୁର ଅହମଦିୟା କ୍ଲବ୍ ଓ ଖୁଣ୍ଟକଟା କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରୋମାଞ୍ଚକର ମୁକାବିଲାରେ ଅହମଦିୟା କ୍ଲବ୍ ୨-୧ ଗୋଲ୍‌ରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ମୁଖ୍ୟଅତିଥି ଭାବେ ଉତ୍କଳ ଆଜବେଷ୍ଟସ ଲିମିଟେଡ୍, ଢେଙ୍କାନାଳର କାର୍ଯ୍ୟ ପରିଚାଳକ କ୍ଷୀରୋଦ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଗୁଣ୍ଡିଚାପଡ଼ା ସରପଞ୍ଚ କାର୍ତ୍ତିକ କୁମାର ସାହୁ ଯୋଗଦେଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ରେଫରୀ ଆଶୀର୍ବାଦ କାନୁନଗୋ, ବନସନ ବରାଳ ଓ ମଣି ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ପ୍ରେମାନନ୍ଦ ମହାନ୍ତ ସହଯୋଗ କରିଥିଲେ। ଶାରଳା କ୍ଲବର ପରିଚାଳକ ମହିଉଦ୍ଦିନ ଖାଁ, ମହମ୍ମଦ ଖାଁ, କରିମ୍ ଖାଁ, ସ୍ୱରୂପ କୁମାର ସାହୁ, ସଲିମଉଦ୍ଦିନ ଖାଁ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

### ପ୍ରିନ୍ସପାଲ୍‌ଙ୍କ ମାନସିକ ନିର୍ଯାତନା ଅଭିଯୋଗ

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ



କୋରାପୁଟ,୨୨।୧(ସମିସ): କୋରାପୁଟ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଏକାଦଶ ଶ୍ରେଣୀ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ ମାନେ ସ୍କୁଲର ପ୍ରିନ୍ସପାଲଙ୍କ ବିରୁଦ୍ଧରେ ମାନସିକ ନିର୍ଯାତନା ଦିଆଯାଉଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପ୍ରିନ୍ସପାଲ୍ ପିଲାଙ୍କୁ ସବୁବେଳେ ଅପଶବ୍ଦ କହିବା ସହ ପିଲାଙ୍କ କୌଣସି ନିଷ୍ପତି ଉପରେ ସହଯୋଗ କରୁନଥିବା ଛାତ୍ରଛାତ୍ରୀ ଆପତ୍ତି କରିଛନ୍ତି। ସ୍କୁଲର ମୁଖିଆ ଯଦି ପିଲାଙ୍କ ସହ ଏଭଳି ଆଚରଣ କରିବେ ତାହେଲେ ପିଲା ମାନଙ୍କ ଶିକ୍ଷା କ୍ଷେତ୍ରରେ ଏହା ଖରାପ ପ୍ରଭାବ ପକାଉଛି ବୋଲି ପିଲାମାନେ କହିଛନ୍ତି। ଏଥି ପୂର୍ବରୁ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ମୁଖ୍ୟ ଅଧିକାରୀଙ୍କୁ ପିଲାମାନେ ପ୍ରିନ୍ସପାଲଙ୍କ ଆଚରଣ ବିଷୟରେ ଜଣାଇଥିଲେ। ଏହାକୁ ନେଇ ଚଳିତ ବର୍ଷ ଜାନୁୟାରୀ ୨୧ ତାରିଖରେ ସଂଗଠନର ଅତିରିକ୍ତ କମିଶନର ତଦନ୍ତ କରିବାକୁ କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟକୁ ଆସିଥିଲେ ଓ ପିଲାମାନଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ଏହାର ଦିନକ ପରେ ପ୍ରିନ୍ସପାଲ ବିଦ୍ୟାଳୟକୁ ଆସି ତାଙ୍କର ନିଜ ଲୋକ ସଂଗଠନରେ ଅଛନ୍ତି, ତେଣୁ ତାଙ୍କର କିଛି ହେବନାହିଁ ବୋଲି ପିଲାଙ୍କୁ କହିଲେ। ଏଥିରେ ପିଲା ମାନେ ଭାଙ୍ଗି ପଡି ଜିଲ୍ଲାପାଳଙ୍କୁ ନିଜର ଅସୁବିଧା ଜଣାଇଲେ। ଜିଲ୍ଲାପାଳ ୨ ଦିନ ମଧ୍ୟରେ ଏକ ଟିମ ପଠାଇ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପିଲାଙ୍କୁ ପ୍ରତିଶୃତି ଦେଇଥିବା ଛାତ୍ରଛାତ୍ରୀ ମାନେ କହିଛନ୍ତି। ଏଥିସହ ବିଭିନ୍ନ ସମୟରେ ପିଲାଙ୍କ ଅଭିଭାବକ ମାନଙ୍କୁ ମଧ୍ୟ ପ୍ରିନ୍ସପାଲ ଖରାପ ବ୍ୟବହାର କରୁଥିବା ନେଇ ଅଭିଭାବକ ମଧ୍ୟ ଅଭିଯୋଗ କରିଛନ୍ତି।

# ୩ କୋଟି ୬୦ ଲକ୍ଷ ଟଙ୍କାର ନୀଳ ଜହର ନଷ୍ଟ



ବୈପାରୀଗୁଡ଼ା, ୨୨।୧(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଶିମିଳିପଦର ଏବଂ ତଟାପୋଡ଼ା ଅଞ୍ଚଳରେ ସ୍ଥାନୀୟ ପୋଲିସ ଏବଂ ଅବକାରୀ ବିଭାଗର ମିଳିତ ଚଢଉ କରି ନୀଳ ଜହର ନଷ୍ଟ କରିଛି। ସରକାରୀ ଜମି ଓ ଜଙ୍ଗଲ ଜମିରେ ବେଆଇନ ଭାବେ ଚାଷ ହୋଇଥିବା ୩୦ ଏକର ଅଞ୍ଚଳର ଗଞ୍ଜେଇ ଚାଷକୁ କାଟି ପୋଡି ଦିଆଯାଇଛି। ବୈପାରୀଗୁଡାର ବିଭିନ୍ନ ଅଞ୍ଚଳରେ ବେଧଡକ ଗଞ୍ଜେଇ ଚାଷ ହେଉଛି। ବାହାର ରାଜ୍ୟର ମାଫିଆ ଆଦିବାସୀଙ୍କୁ ହାତ କରି ଜଙ୍ଗଲ ଓ ଉପାନ୍ତ ଅଞ୍ଚଳରେ ଚାଷ ସହ ବ୍ୟବସାୟର କାୟା ବିସ୍ତାର କରି ଚାଲିଛନ୍ତି। ଏହାକୁ ରୋକିବାକୁ ପ୍ରଶାସନ ପକ୍ଷରୁ ନୀଳଜହର ନଷ୍ଟ ଅଭିଯାନ ଚାଲିଛି । ଆଜି ବୈପାରୀଗୁଡା ପୋଲିସ ପକ୍ଷରୁ ୧୬ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିବା ବେଳେ ଅବକାରୀ ବିଭାଗ ପକ୍ଷରୁ ୧୪ ଏକର ନଷ୍ଟ କରାଯାଇଛି । ମୋଟ ୩୬ ହଜାର ଗଞ୍ଜେଇ ଗଛ କାଟି ପୋଡି ଦିଆଯାଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୩ କୋଟି ଷାଠିଏ ଲକ୍ଷ ଟଙ୍କା ବୋଲି ସୂଚନା ରହିଛି । ଏହି ଚଢ଼ଉରେ ବୈପାରିଗୁଡା ଅତିରିକ୍ତ ତହସିଲଦାର ଝାଡେଶ୍ୱର ସଉରା, ପୁଲିସ ଅଧିକାରୀ ସଂଜୀବ ବେହେରା, ନନ୍ଦପୁର ଅବକାରୀ ଅଧିକାରୀ ସୁଧୀର କୁମାର ସାହୁ, ବୈପାରୀଗୁଡା ଭାରପ୍ରାପ୍ତ ଅବକାରୀ ଅଧିକାରୀ ଅଜୟ କୁମାର ନାୟକ, ଅବକାରୀ ବିଭାଗର ଡିଏଫ ଏସ ଚନ୍ଦ୍ର ଶେଖର ପାଡିଆରୀ, ବୈପାରୀଗୁଡା ଏଏସଆଇ ସରୋଜ କୁମାର ବେହେରା ଏଏସଆଇ ଜୟପୁର ସୋନା ମାଝୀ, ରଘୁନାଥ ସାଉନ୍ତା, ମହେଶ ବେହେରା, ରାଉତ୍ତୁ ଦୀନବନ୍ଧୁ, ପ୍ରମୁଖ ଉପସ୍ଥିତ ରହି ଗଞ୍ଜେଇ ଗଛ ନଷ୍ଟ କରିବା ସହିତ ସେଥିରେ ନିଆଁ ଲଗାଇ ପୋଡି ଦେଇଥିବା ଜଣାପଡିଛି।

## ନଡ଼ା ନିଆଁକୁ ଆୟତ୍ତ କଲା ଅଗ୍ନିଶମ ବିଭାଗ

ମାଲକାନଗିରି,୨୨।୧ (ସମିସ): ଫସଲ ଅମଳ ପରେ ଜମିରେ ଗଦା ହୋଇ ଥିବା ନଡ଼ାରେ ନିଆଁ ଲାଗି ଗାଁ ମୁହାଁ ହୋଇଥିଲା ବେଳେ ଘଟଣା ସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏପରି ଘଟଣା ଘଟିଛି ମାଲକାନଗିରି ବ୍ଲକସ୍ଥ ଏମ୍‌ଭି ୯ ଗ୍ରାମରେ। ଉକ୍ତ ଗ୍ରାମ ନିକଟରେ ଥିବା ଚାଷ ଜମିରେ ଧାନ ଅମଳ ପରେ ସେଠାରେ ନଡ଼ା ଗଦା ହୋଇଥିଲା। ହଠାତ୍ ସନ୍ଧ୍ୟାରେ କୌଣସି ଏକ କାରଣରୁ ସେହି ନଡ଼ାଗଦାରେ ନିଆଁ ଲାଗି ଯାଇଥିଲା। ସେ ନିଆଁ ନିକଟସ୍ଥ ଗାଁ ଆଡକୁ ବଢୁଥିବା ଦେଖି ଗ୍ରାମବାସୀ ଅଗ୍ନିଶମ ବିଭାଗକୁ ଫୋନ କରିଥିଲେ। ସଙ୍ଗେ ସଙ୍ଗେ ମାଲକାନଗିରି ଅଗ୍ନିଶମ ଅଧିକାରୀ କମଳ ଗୌଡ଼ଙ୍କ ନେତୃତ୍ୱରେ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଯାହା ଫଳରେ ଅସନ୍ନ ଅଗ୍ନିକାଣ୍ଡରୁ ନିକଟସ୍ଥ ଗ୍ରାମ ରକ୍ଷା ପାଇପାରିଛି।

## ଛୁଟିରେ କାମ କରିବେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ କର୍ମଚାରୀ

କୋରାପୁଟ,୨୨।୧(ସମିସ): ଆର୍ଥିକ ବର୍ଷ ଶେଷ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ କରିବା ଲକ୍ଷ୍ୟ ରଖି ଛୁଟି ଦିନ ମାନଙ୍କରେ ମଧ୍ୟ କାମ କରିବାକୁ କୋରାପୁଟ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ନିର୍ଦ୍ଦେଶନାମା ଅନୁଯାୟୀ ଚଳିତ ଆର୍ଥିକ ବର୍ଷର ଅନେକ କାମ ବାକି ଥିବାରୁ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଛୁଟି ଦିନରେ ବି କାର୍ଯ୍ୟାଳୟ ଆସି କାମ କରିବେ। କୋରାପୁଟ ରାସ୍ତା ଓ ଗୃହ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଶୁଭକାନ୍ତ ବାରିକ ଚିଠି ନଂ ୮୧୫/୨୧-୧-୨୦୨୬ ରେ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଲକ୍ଷ୍ୟଧାର୍ଯ୍ୟ ରହିଥିବା ଅନେକ କାମ ବାକି ରହିଥିବାବେଳେ ଏଥିପାଇଁ ମାତ୍ର ୨ ମାସ ରହିଥିବାରୁ ଏହି କାର୍ଯ୍ୟକୁ କିପରି ଶେଷ କରାଯିବ, ସେ ନେଇ କାର୍ଯ୍ୟାଳୟ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି ହୋଇଛି ବୋଲି ଶ୍ରୀ ବାରିକ ପ୍ରକାଶ କରିଛନ୍ତି। ଅତି ଜରୁରୀ କାମ ପଡିଲେ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଜଣାଇ କର୍ମଚାରୀ ଛୁଟିରେ ଯାଇ ପାରିବେ ବୋଲି ଶ୍ରୀ ବାରିକ ପ୍ରକାଶ କରିଛନ୍ତି।

## ମଦୁଆ କାର ଚାଳକ ଗିରଫ, କାର୍ ଜବତ

ଜୟପୁର,୨୨।୧(ସମିସ) : କୋରାପୁଟ ଜିଲ୍ଲା ଜୟପୁର ବୋରିଗୁମ୍ମ ୩୨୬ ନମ୍ବର ଜାତୀୟ ରାଜପଥ ଆମ୍ବାଗୁଡା ଗ୍ରାମ ନିକଟସ୍ଥ ଏକ ପେଟ୍ରୋଲ ପମ୍ପ ନିକଟରେ ବେପରୁଆ କାର(ଓଡି୦୨-ଏଡି-୧୯୫୭) ଯାଉଥିବା ବେଳେ ପାଟ୍ରୋଲିଂ କରୁଥିବା ସଦରଥାନା ପୁଲିସର ସନ୍ଦେହ ହେବାକୁ ଉକ୍ତ କାରକୁ ପିଛା କରିବା ସହ ରାସ୍ତା ପାର୍ଶ୍ୱରେ ଅଟକାଇଥିଲେ। ଏହିପରି କାର ଚାଳଣା କରୁଥିବା ବ୍ୟକ୍ତି ତଥା ସ୍ଥାନୀୟ ମୂଳାସର ଗ୍ରାମର ଗୋବିନ୍ଦ ପାଇକ (୩୫)ଙ୍କୁ କାର ଭିତରୁ ବାହାରକୁ ଆସିବାକୁ କହିଥିଲେ। ଗାଡି ଚାଳକ ବାହାରକୁ ଆସିଥିଲେ ଏବଂ ସେ ମାତାଲ ଅବସ୍ଥାରେ ରହିଥିବା ବେଳେ ତାଙ୍କ ପାଟି ମଦ ବାସନା ବାହାରୁଥିଲା। ମେସିନ ସହାୟତାରେ ତାଙ୍କର ଯାଞ୍ଚ ବେଳେ ପ୍ରଚୁର ପରିମାଣରେ ମଦ୍ୟପାନ କରିଥିବା ନେଇ ଜଣାପଡିଥିଲା । ଅଭିଯୁକ୍ତ କାର ଚାଳକଙ୍କୁ ଗିରଫ କରିବା ସହ ତାଙ୍କ କାରକୁ ଥାନାକୁ ଅଣାଯାଇ ଜବତ କରାଯାଇଛି ବୋଲି ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି। ଏହି ପୁଲିସ ପାଟ୍ରୋଲିଂରେ ଏସଆଇ ଅମରେଶ ନାହାକଙ୍କ ନେତୃତ୍ୱରେ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ମା'ଶୀତଳା ଠାକୁରାଣୀ ଭବାନୀ ପଣ୍ଡା ମେମୋରିଆଲ ନକ୍‌ଆଉଟ୍ ଫୁଟବଲ୍ ପ୍ରତିଯୋଗିତା




କୋଟପାଡ଼, ୨୨।୧(ସମିସ), ଗୁରୁବାର ଦିନ ୟୁନାଇଟେଡ ସ୍ପୋର୍ଟିଂ କ୍ଲବ୍ କୋଟପାଡ଼ ଆନୁକୁଲ୍ୟରେ ସ୍ଥାନୀୟ ନୂଆଗୁଡ଼ା ପଡ଼ିଆ ଠାରେ ମା'ଶୀତଳା ଠାକୁରାଣୀ ଭବାନୀ ପଣ୍ଡା ମେମୋରିଆଲ ନକ୍‌ଆଉଟ୍ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଭଣ୍ଡାରିଗୁଡ଼ା ଦଳ ଓ ଚିତ୍ରକୋଟ ଦଳ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ଚିତ୍ରକୋଟ ଦଳ ୨-୦ ଗୋଲ ରେ ବିଜୟୀ ହୋଇଥିଲା। ଚିତ୍ରକୋଟ ବିଜୟୀ ଦଳକୁ ଟ୍ରଫି ସହ ନଗଦ ୨୫ ହଜାର ଟଙ୍କା ଦିଆଯାଇଛି। ଭାଣ୍ଡରି ଗୁଡ଼ା ଉପବିଜେତା ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ଦିଆଗଲା। ୧୯ ଦିନ ଧରି ଚାଲିଥିବା ଟର୍ଣ୍ଣାମେଣ୍ଟରେ ମୋଟ ୨୦ଟି ଦଳ ଭାଗ ନେଇଥିଲେ। ଆଜିର ଏହି ଉଦ୍‌ଯାପନ ସମାରୋହରେ ମୁଖ୍ୟ ଅତିଥି କୋଟପାଡ ବିଧାୟକ ରୂପୁ ଭାତ୍ରା ଉପସ୍ଥିତ ଥିବା ବେଳେ ସମ୍ମାନିତ ଅତିଥି ରୂପେ ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ, ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀ, ପୂର୍ବତନ ଜାତୀୟ ଫୁଟବଲ୍ ଖେଳାଳି ଜେ ହେମା ରାଓ, ଏନ୍‌ଏସି ଅଧ୍ୟକ୍ଷ ଏମ୍ ଶଙ୍କର ରାଓ, ସାଂସଦ ପ୍ରତିନିଧି ରାମେଶ୍ୱର ଜେନା, କଂଗ୍ରେସ ବିଧାୟକ ପ୍ରାର୍ଥୀ ଅନାମ ଦିଆନ, ଓକିଲ ସଂଘ ସଭାପତି ମଣି ପ୍ରସାଦ ପଟ୍ଟନାୟକ, ସଂପାଦକ ବାବୁଲି ନାୟକ, ଶଙ୍କର ପଣ୍ଡା , ପ୍ରଦୀପ ବକ୍ସି, ପ୍ରକାଶ ମହାନ୍ତି ଓ ଅଜିତ୍ ପଟ୍ଟନାୟକ ଉପସ୍ଥିତ ଥିଲେ। ଟର୍ଣ୍ଣାମେଣ୍ଟର ପରିଚାଳନା କମିଟିର ସଭାପତି ଅକ୍ଷୟ ସ୍ୱାଇଁ କରିଥିଲେ। ଉପସଭାପତି ସନ୍ତୋଷ ଜେନା, କୋଷାଧ୍ୟକ୍ଷ ରମେଶ ରନ୍ଧାରୀ ଓ ଅନ୍ୟାନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ୟୁନାଇଟେଡ୍ କ୍ଲବର ସଂପାଦକ ବାଲ୍ୟ ନାୟକ ଓ ଦେବେନ୍ଦ୍ର ବୈଦ୍ୟ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଏହି ଫୁଟବଲ୍ ଟର୍ନାମେଣ୍ଟ କୋଟପାଡ ପ୍ରେସ କ୍ଲବ୍ ସଂପାଦକ ଶଙ୍କର ପଣ୍ଡାଙ୍କ କନିଷ୍ଠ ଭ୍ରାତା ଭବାନୀ ପଣ୍ଡାଙ୍କ ସ୍ମୃତି ଉଦେଶ୍ୟରେ କରାଯାଇଥିଲା। ପ୍ରତିଯୋଗିତାରେ ମୋଟ ୨୦ ଦଳଟି ଭାଗ ନେଇଥିବା ବେଳେ ୧୯ ଦିନ ଧରି ଚାଲିଥିବା ଏହି ଫୁଟବଲ୍ ଖେଳ ଦେଖିବା ପାଇଁ କୋଟପାଡ ଅଞ୍ଚଳରୁ ଶହ ଶହ ଦର୍ଶକ ସାମିଲ ହୋଇଥିଲେ। ଫାଇନାଲ ମ୍ୟାଚକୁ ପୂର୍ବତନ ଖେଳାଳି ସୁକାନ୍ତ ଗୌଡ, ସପନ ନାୟକ ଓ ଏମ୍‌ଡି ଆସୁ ରେଫରି ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାଚ୍ ଭାଷ୍ୟକାର ଭାବରେ ପ୍ରଶାନ୍ତ ପଣ୍ଡା, ହେମନ୍ତ ପାତ୍ର ଓ ଦୁର୍ଗା ମଣ୍ଡଳ ସହଯୋଗ କରିଥିଲେ।

## ଉତ୍କଳ ସମ୍ମିଳନୀ କୋରାପୁଟ ଶାଖାର ବୈଠକ




ଜୟପୁର,୨୨।୧(ସମିସ): ଉତ୍କଳ ସମ୍ମିଳନୀ କୋରାପୁଟ ଜିଲ୍ଲା ଶାଖାର ଏକ ବୈଠକ ଆଜି ଖାଲସାହିସ୍ଥିତ ହରିଶ୍ଚନ୍ଦ୍ର ପାର୍କ ପରିସରରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଭାପତି ମଦନ ମୋହନ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟତଃ ୨ଟି ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଏଥିରେ ସହରରେ ଆସନ୍ତା ଫେବୃଆରୀ ୨୮ ଏବଂ ମାର୍ଚ୍ଚ ୧ ତାରିଖରେ ହେବାକୁ ଥିବା ସମ୍ମିଳନୀର ସ୍ୱତନ୍ତ୍ର ଅଧିବେଶନ ପାଇଁ ମାଲକାନାଗିରି କମିଟି ସହ ଆଲୋଚନା ନେଇ କାର୍ଯ୍ୟକ୍ରମ ସ୍ଥିରିକୃତ ଏବଂ ବିଭିନ୍ନ କମିଟି ଗଠନ ନେଇ ଆଲୋଚନା ହୋଇଥିଲା। ଶାଖାର ବ୍ୟାଙ୍କ ଏକାଉଣ୍ଟ ସୁପରିଚାଳନା ପାଇଁ ସମ୍ପାଦକ ନବୀନ ମାଦଳାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବୈଠକରେ କେନ୍ଦ୍ର ସମ୍ପାଦକ ବୀରେନ ମୋହନ ପଟ୍ଟନାୟକ, ରାଜ୍ୟ ପରିଷଦ ସଦସ୍ୟ ସୂର୍ଯ୍ୟ ନାରାୟଣ ରଥ, ବାଲା ରାୟ, ହରିହର କରସୁଧା ପଟ୍ଟନାୟକ, କୃଷ୍ଣଚନ୍ଦ୍ର ହୋତା, ରାଜେନ୍ଦ୍ର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ଚନ୍ଦ୍ରକାନ୍ତ ସୂତାର ଧନ୍ୟବାଦ ଅର୍ପଣ କରିଥିଲେ।

# ୧୯ ଲକ୍ଷ ୬୭ ହଜାର ୨୭୦ କ୍ୱିଣ୍ଟାଲ ଖରିଫ ଧାନ କ୍ରୟ

### ଫେବୃୟାରୀ ୧ମ ସପ୍ତାହରେ ଶେଷ ହେବ

ଜୟପୁର, ୨୨।୧ (ସମିସ) : କୋରାପୁଟ ଜିଲ୍ଲାରେ ଚଳିତ ବର୍ଷ ଚାଷୀଙ୍କ ଅମଳ ଖରିଫ ଧାନକ୍ରୟ ଜୋରଦାର ହୋଇଛି। ବର୍ତ୍ତମାନ ସୁଦ୍ଧା ପଞ୍ଜୀକରଣ କରିଥିବା ୪୧ ହଜାର ୫୭୬ଜଣ ଚାଷୀଙ୍କ ମଧ୍ୟରୁ ୩୪ହଜାର ୮୯୭ ଚାଷୀଙ୍କ ଠାରୁ ୧୯ଲକ୍ଷ ୬୭ ହଜାର ୨୭୦ କ୍ୱିଣ୍ଟାଲ ଧାନ କ୍ରୟ ପ୍ରାପ୍ତ ସୂଚନା ଅନୁଯାୟୀ ଶେଷ ହୋଇଯାଇଛି। ଏହିପରି ଆସନ୍ତା ଫେବୃୟାରୀ ପ୍ରଥମ ସପ୍ତାହ ସୁଦ୍ଧା ପଞ୍ଜୀକୃତ ଏବଂ ଟୋକେନଧାରୀ ସମସ୍ତ ଚାଷୀଙ୍କ ଧାନ କ୍ରୟ ହୋଇଯିବା ନେଇ ଅନୁମାନ କରାଯାଉଛି। କୋରାପୁଟ ଜିଲ୍ଲାରେ ଗତ ଡିସେମ୍ବର ମାସ ୧୧ ତାରିଖରେ ଚାଷୀଙ୍କ ଅମଳ ଖରିଫ ଧାନ କ୍ରୟ ନେଇ ଶୁଭାରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ପଞ୍ଜୀକୃତ କରିଥିବା ଚାଷୀଙ୍କୁ ପ୍ରାୟ ୫୩ହାଜର ୪୦୧ ଟୋକେନ ପ୍ରଦାନ କରାଯାଇଥିବା ବେଳେ ଧାନ ବିକ୍ରି କରିଥିବା ୨୭ ହାଜାର ୯୧୨ ଜଣ ଚାଷୀଙ୍କ ଧାନ ବିକ୍ରି ବାବଦକୁ ବ୍ୟାଙ୍କ ଜମାଖାତା ମାଧ୍ୟମରେ ଟଙ୍କା ପଇଠ ହୋଇଯାଇଛି। ପ୍ରକାଶ ଯେ, କୋରାପୁଟ ଜିଲ୍ଲାରେ ୨୦ଟି ଲ୍ୟାମ୍ପସ ଏବଂ ୩ଟି ପାଣି ପଞ୍ଚାୟତ କ୍ରୟକାରୀ ସଂସ୍ଥା ମାଧ୍ୟମରେ ୯୬ଟି ମଣ୍ଡିରୁ ଆଜି ଅପରାହ୍ନ ସୁଦ୍ଧା ଖରିଫ ଧାନ କ୍ରୟ ଜାରି ରହିଛି। ଏହିପରି କୋରାପୁଟ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ଚାଷୀଙ୍କ ଖରିଫ ଧାନ କ୍ରୟ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ୧୫ ଲକ୍ଷ ୫ ହଜାର ଧାର୍ଯ୍ୟ କରାଯାଇଥିବା ବେଳେ ଦ୍ୱିତୀୟ ପାର୍ଯ୍ୟାୟରେ ପୁଣି ୬ ଲକ୍ଷ କ୍ରୟ ନେଇ ଧାର୍ଯ୍ୟ କରାଯାଇଛି। ଏହିପରି ସମୁଦାୟ ୨୩ ଲକ୍ଷ ୫ଶହ ଜଣ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯିବା ନେଇ ଧାର୍ଯ୍ୟ କରାଯାଇଛି। ପଞ୍ଜୀକୃତ ଚାଷୀଙ୍କ ଚାଷଜମିର ସ୍ୟାଟେଲାଇଟ ଯାଞ୍ଚ ଏବଂ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ ପରେ ଚାଷୀଙ୍କୁ ଟୋକେନ ପ୍ରଦାନ କରାଯାଇ ଧାନ କ୍ରୟ କରାଯାଇଛି।

## ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

ଜୟପୁର, ୨୨।୧(ସମିସ): ଜୟପୁର ସଦର ଥାନାର କୁନ୍ତରଖାଲ ଗ୍ରାମରେ ଜଣେ ବିବାହିତ ମହିଳା ବିଷ ପିଇ ଆତ୍ମହତ୍ୟା କରିଥିବା ନେଇ ସଦର ଥାନାରେ ଏକ ମାମଲା ରୁଜୁ ହୋଇଛି। ପୁଲିସ ସୂଚନା ଅନୁଯାୟୀ କୁନ୍ତରଖାଲ ଗ୍ରାମର ବାବୁଲି ଗଣ୍ଡାଙ୍କ ପତ୍ନୀ ରୁକୁଣା ଗଣ୍ଡ (୪୫) କୌଣସି କାରଣରୁ ନିଜ ଗୃହରେ କେହି ନଥିବା ସମୟରେ ବିଷ ପିଇ ଆତ୍ମହତ୍ୟା କରିଥିଲେ। ଏଥିନେଇ ପରିବାର ଲୋକେ ଜାଣିବା ପରେ ତୁରନ୍ତ ଜୟପୁର ଡାକ୍ତରଖାନାକୁ ଆଣିଥିଲେ। କିନ୍ତୁ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ଏକ ମାମଲା ରୁଜୁ ହୋଇଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ସାଂସଦଙ୍କୁ ପାପଡାହାଣ୍ଡି ସହରବାସୀଙ୍କ ଦାବିପତ୍ର ପ୍ରଦାନ



ପାପଡାହାଣ୍ଡି,୨୨।୧(ସମିସ): ନବରଙ୍ଗପୁର ଜିଲ୍ଲାର ପାପଡାହାଣ୍ଡି ସହର ମଧ୍ୟ ଦେଇ ଯାଇଥିବା ଦୁଇ ଲାଇନ ବିଶିଷ୍ଟ ୨୬ ନଂ ଜାତୀୟ ରାଜପଥ ବର୍ତ୍ତମାନ ଚାରି ଲାଇନ ବିଶିଷ୍ଟ ହେବ। ଗ୍ରାମବାସୀ ମିଳିତ ହୋଇ ପାପଡାହାଣ୍ଡି ପାଇଁ ଏକ ବାଇପାସ ରାସ୍ତା କରିବାକୁ ଏବଂ ସେହି ବାଇପାସ ରାସ୍ତାକୁ ଚାରି ଲାଇନ କରିବାକୁ ଏବଂ ନୂତନ ଭାବେ ଆରମ୍ଭ ହେବାକୁ ଥିବା ଜୁନାଗଡ଼ ଠାରୁ ଜୟପୁର ରେଳପଥର ଷ୍ଟେସନ ପାପଡାହାଣ୍ଡି ଠାରୁ ୮ କିଲୋମିଟର ଦୂରରେ ନ କରି ପାପଡାହାଣ୍ଡି ନିକଟ ଦଳେଇଗୁଡ଼ାରେ ଥିବା ୫୦ ଏକରରୁ ଅଧିକ ସରକାରୀ ସ୍ଥାନରେ କରିବା, ପାପଡାହାଣ୍ଡିରେ ଏକ ପୋଷ୍ଟମୋଟମ ଗୃହ ସ୍ଥାପନ କରିବା, ପାପଡାହାଣ୍ଡି ପାଇଁ ଏକ ଶବବାହକ ଗାଡି ପ୍ରଦାନ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଯଦି ଚାରିଲାଇନ ରାସ୍ତା ପାପଡାହାଣ୍ଡି ସହର ମଧ୍ୟ ଦେଇ ଯାଏ, ତେବେ ପାପଡାହାଣ୍ଡିର ୨୦୦ରୁ ଅଧିକ ବ୍ୟବସାୟ ପ୍ରତିଷ୍ଠାନ ଏବଂ ବାସଗୃହ, ତିନୋଟି ମନ୍ଦିର ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହେବ। ଲୋକଙ୍କୁ ରହିବାକୁ ଆଉ ଜାଗା ରହିବ ନାହିଁ। ଏଣୁ ଆଜି ପୂର୍ବତନ ସରପଞ୍ଚ ବି. ଜଗନମୋହନ ରାଓଙ୍କ ନେତୃତ୍ୱରେ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ପୂର୍ବତନ ଅଧ୍ୟକ୍ଷ ଲିଙ୍ଗରାଜ ଭତରା, ପୂର୍ବତନ ଉପାଧ୍ୟକ୍ଷ ତ୍ରିନାଥ ପ୍ରଧାନ, ପୂର୍ବତନ ସରପଞ୍ଚ ଶିବପ୍ରସାଦ ଅଗ୍ରୱାଲ, ସାଂସଦ ପ୍ରତିନିଧି ସୋମନାଥ ପୂଜାରୀ, ମଣ୍ଡଳ ସଭାପତି ମନୋଜ ଅଗ୍ରୱାଲ, ଅଜୟ ବିଶୋଇ, କିସାନ ଅଗ୍ରୱାଲ, ତିରୁ ପଟ୍ଟନାୟକ, ଲାଲମହମ୍ମଦ ଖାନ, ବିଭୁତି ପଣ୍ଡା, ହରି ପାଣିଗ୍ରାହୀ, ଜଗନ୍ନାଥ ବିଶୋଇ, ଗୁଡୁ ଗୁପ୍ତା, ବିଜୟ ବିଶୋଇ, ଲିଙ୍ଗରାଜ ପାଣିଗ୍ରାହୀ, ମହେଶ୍ୱର ହୋତା, ମହେନ୍ଦ୍ର ବିଶୋଇ, ସୁବ୍ରତ ଜେନା, ରିଙ୍କୁ ସିଂ, ରିଣ୍ଟୁ ନାୟକ, ଲୁକା ଭତରା,ଭି . ଶ୍ରୀନିବାସ ରାଓ, ତନୟ ଜେନା, ଏନ.ଜେନାର୍ଧନ ରାଓ, ସୀତାକାନ୍ତ ବିଶୋଇ,ବବଲୁ ଖାନ, ସୁରେଶ ରାଓ, ଟିମି ଘଣ୍ଟ, ପରି ବିଶୋଇ, ସୀମାଦ୍ରୀ ରାଓ,ଶୁଭମ୍ ପ୍ରଧାନ, ଚାନ୍ଦୁ ନାୟକ, ଶିବୁ ଜୈନ, ତ୍ରିନାଥ ଅମନାତ୍ୟ, ଶଙ୍କରଲାଲ ଅଗ୍ରୱାଲଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

## ଆଦିତ୍ୟ ଆଲୁମିନା ରିଫାଇନେରୀରେ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ



ଟିକିରି,୨୨।୧(ସମିସ): ଆଦିତ୍ୟ ବିର୍ଲା ଗ୍ରୁପ୍‌ର ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଆଦିତ୍ୟ ଆଲୁମିନା ରିଫାଇନେରୀ, କଂସାରୀଗୁଡ଼ା ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ସପ୍ତାହରେ କର୍ମଚାରୀ, ଶ୍ରମିକ, ବ୍ୟବସାୟିକ ସହଭାଗୀ ଓ ସ୍ଥାନୀୟ ଲୋକମାନଙ୍କୁ ସାମିଲ କରାଯାଇ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍କୁଲ୍ ଛାତ୍ରଛାତ୍ରୀ ଓ ଶ୍ରମିକମାନଙ୍କ ପାଇଁ ସଡ଼କ ସୁରକ୍ଷା କୁଇଜ୍, ପ୍ରତିଫଳକ ସୁରକ୍ଷା ଜାକେଟ୍ ବଣ୍ଟନ, ସିଏଟ,ସେଲ, ଓ ସନି ପକ୍ଷରୁ ଡିଫେନ୍ସିଭ୍ ଡ୍ରାଇଭିଂ ପ୍ରଶିକ୍ଷଣ, ଏବଂ ସୁରକ୍ଷା ରଥ ମାଧ୍ୟମରେ ୧୫ରୁ ୨୦ଟି ନିକଟସ୍ଥ ଗାଁରେ ସଡ଼କ ସୁରକ୍ଷା ସନ୍ଦେଶ ପ୍ରଚାର କରାଯାଇଥିଲା। 'ରାହଗିରି' କାର୍ଯ୍ୟକ୍ରମ ମାଧ୍ୟମରେ ସଡ଼କ ଉପଯୋଗକାରୀଙ୍କୁ ସକାରାତ୍ମକ ଭାବରେ ସଚେତନ କରାଯିବା ଏହାର ମୁଖ୍ୟ ଆକର୍ଷଣ ଥିଲା। କାର୍ଯ୍ୟକ୍ରମର ଉଦ୍‌ଘାଟନ ଆଦିତ୍ୟ ଆଲୁମିନା ରିଫାଇନେରୀର ୟୁନିଟ୍ ହେଡ୍ ଓ ପ୍ରେସିଡେଣ୍ଟ ମଜହର ବେଗ୍‌ଙ୍କ ଦ୍ୱାରା କରାଯାଇଥିଲା। ଏହି ଅବସରରେ ରମେଶ ଚନ୍ଦ୍ର ଦୁବ୍‌ଡ଼ା, ପି.କେ.ପାଢ଼ୀ, ବସୁଦେବ ରାଓ ଘଣ୍ଟା, ଦୀପକ ମହାନ୍ତି ,ମଧୁମାଳୟ ଦ୍ୱିବେଦୀ ସହ ପିଏମଟି, ଟିଇସି,ଏଲ ଏଣ୍ଡ ଟି ଇଶର, ଓ ମୈତ୍ରୀର ପ୍ରତିନିଧିମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ସମାପନୀ ଉତ୍ସବରେ ପ୍ରତିଯୋଗିତାର ବିଜେତାମାନଙ୍କୁ ସମ୍ମାନିତ କରାଯାଇଥିଲା ଏବଂ ସ୍ଥାନୀୟ ଲୋକମାନଙ୍କୁ କ୍ରାଶ୍ ହେଲମେଟ୍ ବଣ୍ଟନ କରାଯାଇଥିଲା। ଆଦିତ୍ୟ ଆଲୁମିନା ରିଫାଇନେରୀର ସେଫ୍ଟି ବିଭାଗ, ଟିଇସି ସେଫ୍ଟି ଟିମ୍ ଓ ୟୁନିଟ୍ ସିଏସ ଆର ଟିମ୍‌ର ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳତାର ସହିତ ପାଳନ କରାଯାଇ ସୁରକ୍ଷିତ ଓ ଦାୟିତ୍ୱଶୀଳ ସମୁଦାୟ ଗଢ଼ିବା ପ୍ରତି ରିଫାଇନେରୀର ପ୍ରତିବଦ୍ଧତା ପ୍ରମାଣିତ ହୋଇଛି।

## ମା' ଅଗ୍ନି ଗଙ୍ଗାମା ମନ୍ଦିର ଉଦ୍‌ଘାଟିତ



ପୋଡ଼ାଗଡ଼,୨୨।୧(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଏ ମାଲକାନଗିରି ପଞ୍ଚାୟତ ଅଧିନସ୍ଥ ଜାନିଗୁଡା ଗ୍ରାମରେ ଅଗ୍ନି ଗଙ୍ଗମା ମନ୍ଦିର ଉଦ୍‌ଘାଟିତ ହେଇଯାଇଛି। ଦଶମନ୍ତପୁର ବ୍ଲକ ଜୋନ ୨ ଜିଲ୍ଲା ପରିଷଦ ସଭ୍ୟ ଧନପତି ସାଉନ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ଦିର ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ , ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

## ଜାତୀୟ ମତଦାତା ଦିବସରେ ଶପଥ ପାଠ

କୋରାପୁଟ,୨୨।୧(ସମିସ): ମତଦାନର ମହତ୍ତ୍ୱ ଓ ମୂଲ୍ୟବୋଧକୁ ଅକ୍ଷୁର୍ଣ୍ଣ ରଖିବା ଉଦ୍ଦେଶ୍ୟରେ ଆସନ୍ତା ୨୫ ତାରିଖ ଦିନ ୧୬ ତମ ଜାତୀୟ ମତଦାତା ଦିବସ ୨୦୨୬ ପାଳନ କରାଯିବ। ଏଥି ପୂର୍ବରୁ ଆଜି କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମତଦାନ ସଚେତନତା ସମ୍ପର୍କିତ ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଯୋଗଦେଇ ଉପସ୍ଥିତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଶପଥ ପାଠ କରାଇଥିଲେ। ଡେପୁଟି କଲେକ୍ଟର ଏମ ନୀଳକଣ୍ଠ ନାଇଡୁ ଓ ମଙ୍ଗଳ ଚରଣ ବାସ୍କେ ଯୋଗଦେଇ ପରିଚାଳନା କରିଥିଲେ।

## ଭେନେଜୁଏଲା ରାଷ୍ଟ୍ରପତିଙ୍କ ତୁରନ୍ତ ମୁକ୍ତି ପାଇଁ ବିକ୍ଷୋଭ ପ୍ରଦର୍ଶନ

ଜୟପୁର, ୨୨।୧ (ସମିସ): ବିଶ୍ୱ ଶ୍ରମିକ ସଂଗଠନ୍ ଡବ୍ଲୁଏଫ୍‌ଟିୟୁ ପକ୍ଷରୁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକଛତ୍ରବାଦ ଶାସନ ଏବଂ ଅନ୍ୟ ଦେଶର ସାର୍ବଭୌମ ଉପରେ ଆକ୍ରମଣ କରିବା ସହିତ ଭେନେଜୁଏଲା ଦେଶରେ ପ୍ରବେଶ କରି ରାଷ୍ଟ୍ରପତି ନିକୋଲାସ୍ ମାଦୁ୍ୟରୋ ଓ ତାଙ୍କ ସ୍ତ୍ରୀଙ୍କୁ ଗିରଫ କରି ଆମେରିକାରେ ରଖିବାକୁ ସାରା ବିଶ୍ୱରେ ବିରୋଧ କରାଯାଇଛି। ତେଣୁ ତାଙ୍କୁ ତୁରନ୍ତ ଖଲାସ କରିବା ଦାବି ଏବଂ ଭେନେଜୁଏଲାର ତୈଳ ସମ୍ପଦକୁ ଲୁଟ୍ କରିବା ବନ୍ଦ କରି ଅନ୍ୟଦେଶର ସ୍ୱାଧୀନତା ଉପରେ ହସ୍ତକ୍ଷେପ ବନ୍ଦ କରିବା ପାଇଁ ଦାବି ନେଇ ଆଜି ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ ଚାଲିଥିବା ବେଳେ ଜୟପୁର ସହରରେ ମଧ୍ୟ ବାମପନ୍ଥୀ ଶ୍ରମିକ ସଂଗଠନ ଓ ଗଣ ସଂଗଠନ ମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଟ୍ରାଫିକ ଛକରେ ଶ୍ରମିକ ନେତା ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତି, ରାମକୃଷ୍ଣ ଦାଶ, ଉତ୍ତମ ମଲ୍ଲିକ,ବସନ୍ତ ବେହେରା, ନନ୍ଦ କୁମାର, ଭାସ୍କର ମିଶ୍ର ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସାମ୍ରାଜ୍ୟବାଦୀ ଆମେରିକାର ଜାତିସଂଘ ପ୍ରତି ଅବମାନନା କରିଥିବା ବେଳେ ଆମେରକା ରାଷ୍ଟ୍ରପତି ଟ୍ରମ୍ପ୍ ସରକାର ଗ୍ରୀନଲାଣ୍ଡ ଓ ଡେନମାର୍କକୁ ମଧ୍ୟ ଅକ୍ତିଆରକୁ ନେବାକୁ ଘୋଷଣା କରିଛି। ସାରା ବିଶ୍ୱ ଟ୍ରମ୍ପ ସରକାରର ଏଭଳି ଆଚରଣକୁ ବିରୋଧ କରୁଛି ଏବଂ ବିଶ୍ୱ ଶାନ୍ତି ପାଇଁ ଏହା ପ୍ରଚଣ୍ଡ ଆଘାତ କରିଛି ବୋଲି ବିକ୍ଷୋଭ ପ୍ରଦର୍ଶନ ବେଳେ ବକ୍ତା ମାନେ ଭାଷଣ ମାଧ୍ୟମରେ ସମାଲୋଚନା କରିଥିଲେ।

### ଖାତିଗୁଡାରେ ମୁଖାପିନ୍ଧା ଦୁର୍ବୃତ୍ତଙ୍କ ଆତଙ୍କରାଜ

# ଘରେ ପଶି ଆକ୍ରମଣ କରି ଟଙ୍କା, ସୁନା ଲୁଟିନେଲେ

ତେନ୍ତୁଳିଖୁଣ୍ଟି,୨୨।୧(ସମିସ): ନବରଙ୍ଗପୁର ଜିଲ୍ଲା ଖାତିଗୁଡା ଥାନା ଅଞ୍ଚଳରେ ଲଗାତାର ଭାବରେ ଚୋରି ଏବଂ ଲୁଟ ତରାଜ ବୃଦ୍ଧି ପାଉଥିବାରୁ ଲୋକେ ଆତଙ୍କିତ ହୋଇପଡିଛନ୍ତି । ବୁଧବାର ରାତିରେ ଫଟାଗୁଡା ପ୍ରକଳ୍ପ କଲୋନୀର ଘର ନଂ ଜି ୧୩୨ ରେ ଆତଙ୍କରାଜ ଚଳାଇଥଲେ ୧୦ରୁ ଅଧିକ ମୁଖା ପିନ୍ଧା ଦୁର୍ବୃତ୍ତ। ଘରେ ଥିବା ନଡ଼ିଆ ବତୀ ନାୟକଙ୍କୁ ଆକ୍ରମଣ କରି ଟଙ୍କା ସୁନା ଗହଣା ଲୁଟି ନେଇଥିଲେ। ଏନେଇ ଖାତିଗୁଡା ଥାନାରେ ଅଭିଯୋଗ କରିଛନ୍ତି ନଡ଼ିଆବତୀ । ଅଭିଯୋଗ ଅନୁଯାୟୀ, ବୁଧବାର ରାତିରେ ଘରେ ନଡ଼ିଆବତୀ ଏବଂ ତାଙ୍କ ସ୍ୱାମୀ ମୋହନ ସୁନା (୪୫)ଙ୍କ ସମେତ ୧୭ ବର୍ଷୀୟ ପୁଅ ଅନିଲ ଓ ୮ ବର୍ଷୀୟ ପୁଅ ସୁନୀଲ ଶୋଇଥିଲେ। ହଠାତ୍ ତିନିଜଣ ଦୁର୍ବୃତ୍ତ ଘର କବାଟକୁ ତାଡି ଘର ଭିତରେ ପଶିଥିଲେ। ପାଖ ପଡୋଶୀଙ୍କୁ ଘର ବାହାର ଆଡୁ କବାଟ ଗେଡା ବନ୍ଦ କରି ୭ରୁ ଅଧିକ ଦୁର୍ବୃତ୍ତ ଆତଙ୍କ ଖେଳାଇଥିଲେ। ଘରେ ପଶିବା ପରେ ଭୁଜାଳିରେ ଆକ୍ରମଣ କରି ସେ ପିନ୍ଧିଥିବା ଗୋଟିଏ ସୁନା ମାଳି ଏବଂ ନାକର ଗୁଣା ସମେତ ପେଡିରେ ଥିବା ସୁନା ଚେନ ହାର ଏବଂ ନଗଦ ୫୦ ହଜାର ଟଙ୍କା ଲୁଟି ନେଇଥିଲେ। ଦୁର୍ବୃତ୍ତଙ୍କ ଆକ୍ରମଣରେ ନଡ଼ିଆବତୀ ଚିତ୍କାର କରିଥିଲେ ହେଁ କେହି ସାହାଯ୍ୟ କରିପାରିନଥିଲେ । ଖାତିଗୁଡା ଥାନା ଅଞ୍ଚଳରେ ଲଗାତାର ଭାବରେ ଚୋରି, ରାହାଜାନି, ଡକାୟତି, ଲୁଟ ତରାଜ ବୃଦ୍ଧି ପାଇଥିଲେ ହେଁ ପୁଲିସ ଅପରାଧୀଙ୍କ ନିକଟରେ ପହଞ୍ଚିବାରେ ବିଫଳ ହୋଇଛି । ନିକଟରେ ମୋବାଇଲ ବ୍ୟବସାୟୀଙ୍କ ଘରେ ପଶି ନଗଦ ୨ଲକ୍ଷ ଟଙ୍କା ଏବଂ ସୁନା ଗହଣା ଚୋରି କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା । ଏଥିରେ ପୁଲିସକୁ ସଫଳତା ମିଳିନଥିବା ବେଳେ ପୁଣି ଏହି ଘଟଣାକୁ ନେଇ ଲୋକେ ଆତଙ୍କିତ ହୋଇପଡିଲେଣି। ଏହା ପୂର୍ବରୁ ମଧ୍ୟ ଅନେକ ଚୋରି ଏବଂ ଲୁଟ ରାହାଜାନି ନେଇ ଥାନାରେ ମାମଲା ପରେ ପୁଲିସ ଅପରାଧୀଙ୍କ ଟେର ପାଇପାରିନାହିଁ। ଘଟଣା ସ୍ଥଳରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସନ୍ଦୀପ ମଡକର ଏବଂ ଏସଡିପି ଓ କୃଷ୍ଣଚନ୍ଦ୍ର ଭତ୍ରା ପହଞ୍ଚି ତଦନ୍ତ କରିଛନ୍ତି । ମାମଲାରେ ଥାନା ଅଧିକାରୀ ହରିଶ ଚନ୍ଦ୍ର ଗୋଲାରୀ ତଦନ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଖାତିଗୁଡା ଥାନା ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବା ସହ ଆଇନ ଶୃଙ୍ଖଳା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବ ହେଉଛି।

## ୩ରେ ବାଲେଶ୍ୱର ଆସିବେ ରାଷ୍ଟ୍ରପତି

ବାଲେଶ୍ୱର, ୨୨।୧(ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଥମଥର ପାଇଁ ବାଲେଶ୍ୱର ଗସ୍ତରେ ଆସିବେ। ରାଷ୍ଟ୍ରପତି ହେବା ପରେ ଏହା ତାଙ୍କର ପ୍ରଥମ ଗସ୍ତ ହେବ। ଆସନ୍ତା ମାସ ୩ତାରିଖରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ୧୨ତମ ସମାବର୍ତ୍ତନ ଉତ୍ସବରେ ସେ ଯୋଗେଦେବେ। ସେଠାରେ ନୂଆ କରି ତିଆରି ହୋଇଥିବା ଏକ ହଜାର ସିଟ୍ କ୍ଷମତା ବିଶିଷ୍ଟ ଏକ ଅଡିଟୋରିୟମକୁ ମଧ ରାଷ୍ଟ୍ରପତି ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ପୁଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହେଲାଣି।

## ବୃତ୍ତି ପରୀକ୍ଷାରେ ଛାତ୍ରୀଙ୍କ କୃତିତ୍ୱ



ବାଲେଶ୍ୱର, ୨୨।୧(ସମିସ): ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଓଡ଼ିଶା ଦ୍ୱାରା ପରିଚାଳିତ ମେଧା ବୃତ୍ତି ପରୀକ୍ଷାରେ ମାଣିଖମ୍ବ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ଦିବ୍ୟାଶା ଜେନା କୃତିତ୍ୱ ହାସଲ କରିଛନ୍ତି। ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ପାଇଁ ମେଧା ବୃତ୍ତି ପାଇବାକୁ ସେ ଯୋଗ୍ୟ ବିବେଚିତ ହୋଇଛନ୍ତି। ରଣସାହି ଗ୍ରାମର ଶିକ୍ଷୟିତ୍ରୀ ସବିତା ନାୟକ ଓ ଅବନୀ କୁମାର ଜେନାଙ୍କ ସୁପୁତ୍ରୀ ହେଉଛନ୍ତି ଦିବ୍ୟାଶା। ଏହି ସଫଳତା ପାଇଁ ଦିବ୍ୟାଶା ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମାଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି।

## 'ଏକ୍ସପୋ ଓଡ଼ିଶା -୨୦୨୬'ର ଦ୍ୱିତୀୟ ଦିବସ

# 'କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରି ଆତ୍ମନିର୍ଭର ହେବାକୁ ଯୁବପିଢ଼ିଙ୍କୁ ଆହ୍ୱାନ'

ବାଲେଶ୍ୱର, ୨୨।୧(ସମିସ)




ଭାରତ ସରକାରଙ୍କ ଏମଏସଏମଇ ଉନ୍ନୟନ ସଂସ୍ଥା, ଓଡ଼ିଶା ସରକାରଙ୍କ ଏମଏସଏମଇ ବିଭାଗ, ବାଲେଶ୍ୱର ଜିଲ୍ଲା ପ୍ରଶାସନ, ଜିଲ୍ଲା କ୍ଷୁଦ୍ର ଶିଳ୍ପ ସଂଘ ଓ ଉତର ଓଡ଼ିଶା ଶିଳ୍ପ ଓ ବାଣିଜ୍ୟ ମହାସଂଘ (ନୋସି) ମିଳିତ ସହଯୋଗରେ ବାଲେଶ୍ୱର ଶିଳ୍ପ ଓ ବାଣିଜ୍ୟ ସଂଘ (ବିସିଆଇସି) ପକ୍ଷରୁ ଆରମ୍ଭ ହୋଇଥିବା ଜାତୀୟସ୍ତରର ଶିଳ୍ପ ପ୍ରଦର୍ଶନୀ ଓ ବାଣିଜ୍ୟ ମେଳାର ୨୩ତମ ସଂସ୍କରଣ 'ଏକ୍ସପୋ ଓଡ଼ିଶା -୨୦୨୬'ର ଦ୍ୱିତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମକୁ ରଙ୍ଗୀନ କରିଛି। ଆୟୋଜିତ ସଭାରେ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାରେ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ନେଇ ଅପାର ସୁଯୋଗ ଥିବା ବେଳେ ଚାକିରୀ ପାଇଁ ବାହାର ରାଜ୍ୟକୁ ନ ଯାଇ ଏମଏସଏମଇ ମାଧମରେ ଛୋଟ ଛୋଟ ଶିଳ୍ପ ପ୍ରତିଷ୍ଠା କରି ଆତ୍ମନିର୍ଭରଶୀଳ ହେବାକୁ ଆହ୍ୱାନ ଦେଇଥିଲେ। ସଦର ବିଧାୟକ ମାନସ କୁମାର ଦତ୍ତ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ରାଉତ, ଜିଲ୍ଲା ଶିଳ୍ପ କେନ୍ଦ୍ର ଜେନେରାଲ ମ୍ୟାନେଜର ସୂର୍ଯ୍ୟକାନ୍ତ ବେହେରା ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲାରେ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସୃଷ୍ଟି ହୋଇଥିବା ବିଭିନ୍ନ ସରଳୀକୃତ ଯୋଜନାର ଲାଭ ଉଠାଇବା ସମ୍ପର୍କରେ ଆଲୋଚନା କରିଥିଲେ। ବାଲେଶ୍ୱର ଚାମ୍ବର ଅଫ୍ ଇଣ୍ଡଷ୍ଟ୍ରିଜ୍ ଏଣ୍ଡ କମର୍ସର ସଭାପତି ସଞ୍ଜୟ ଦାସ ବକ୍ତବ୍ୟ ପ୍ରଦାନ କରିଥିଲେ। ବିସିଆଇସିର ଉପସଭାପତି ଭଗବାନ ଗୁପ୍ତା ଏଥିରେ ଅଧକ୍ଷତା କରିବା ସହିତ ଏକ୍ସପୋର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ବିସିଆଇସିର ଏମଏସଏମଇ ବିଭାଗ ସମ୍ପାଦକ ରାଜେନ୍ଦ୍ର ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଏକ୍ସପୋରେ ଲୋକଙ୍କ ଭିଡ ବଢୁଛି। ୨୩ ତାରିଖ ଦିନ ଉତ୍ସବକୁ ମହିଳାଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯିବ ବୋଲି ବିସିଆଇସି ସଭାପତି ସଞ୍ଜୟ ଦାସ ସୂଚନା ଦେଇଛନ୍ତି। ସଭା ପୂର୍ବରୁ ବାଲେଶ୍ୱର ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଭା ପରେ ଶ୍ରୀଜିତା, ପୌଶାଲି ଏବଂ ଅମିତ୍ ତାଲୁକଦାର ପ୍ରମୁଖ ଚିତ୍ତାକର୍ଷକ ସଙ୍ଗୀତ ବିଚିତ୍ରା ପ୍ରସ୍ତୁତ କରିଥିଲେ। ରାଧାନାଥ ରଥ ଓ ଅରବିନ୍ଦ ସାହୁଙ୍କ ସହ ବିସିଆଇସିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବ୍ରାଉନସୁଗର ବେପାରୀକୁ ୧୦ବର୍ଷ ଜେଲ୍, ଲକ୍ଷେ ଜରିମାନା

ବାଲେଶ୍ୱର, ୨୨।୧(ସମିସ): ଏକ ବ୍ରାଉନସୁଗର ମାମଲାକୁ ଆଜି ଓପିଆଇଡି ଜଜ ମୋହନ ରାଓ ଡୋରା ୮ ଜଣ ସାକ୍ଷୀ ଏବଂ ୫୫ଟି ଦସ୍ତାବିଜ ଆଧାରରେ ବିଚାର କରି ଜଣେ ବ୍ରାଉନସୁଗାର ବେପାରୀ ଅଶୋକ କୁମାର ବେହେରାକୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ଏକ ଲକ୍ଷ ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଟଙ୍କା ଅନାଦେୟ ହେଲେ ଅଧିକ ଏକ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ତାଙ୍କ ରାୟରେ ଶୁଣାଇଛନ୍ତି। ଏହାଛଡା ଏହି ମାମଲାରେ ସମ୍ପୃକ୍ତ ଥିବା ଅନ୍ୟ ଜଣେ ଅଭିଯୁକ୍ତ ବିଜୟ କୁମାର ଯାଦବଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି। ୨୦୨୧ ନଭେମ୍ବର ୮ରେ ସହଦେବଖୁଣ୍ଟା ଥାନା ଅର୍ନ୍ତଗତ ଅରଡବଜାର ଅଞ୍ଚଳରେ ଏସଟିଏଫ, ବାଲେଶ୍ୱର ପୁଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇ ଏକ କେଜି ୫୦ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଏହି ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଆଜି ଜଜ୍ ବିଚାର କରି ଉପରୋକ୍ତ ରାୟ ଶୁଣାଇଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ଜୟନ୍ତ କୁମାର ସାହୁ ପରିଚାଳନା କରୁଥିଲେ।



ସରସ୍ୱତୀ ପୂଜା ପାଇଁ ଉତ୍ସବମୁଖର ବାଲେଶ୍ୱର ସହର

## ବାଲେଶ୍ୱର ନାଟ୍ୟୋତ୍ସବର ତୃତୀୟ ସନ୍ଧ୍ୟା

ବାଲେଶ୍ୱର, ୨୨।୧(ସମିସ): ସ୍ଥାନୀୟ ଗାନ୍ଧିସ୍ମୃତି ଭବନରେ ଚାଲିଥିବା 'ନାଟ୍ୟପ୍ରଭା'ର ୨୨ ତମ ବାର୍ଷିକ ଉତ୍ସବ ଓ ପ୍ରଥମ ବାଲେଶ୍ୱର ନାଟ୍ୟୋତ୍ସବର ତୃତୀୟସନ୍ଧ୍ୟା ତଥା କାଂଶବାଂଶ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ଏହି ସନ୍ଧ୍ୟାରେ ନାଟକ 'ଚକ୍ରବ୍ୟୁହ' ନୂପୁର ଅନୁଷ୍ଠାନ ବାରିପଦା ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ତୃତୀୟ ସନ୍ଧ୍ୟାରେ ଅଧ୍ୟାପକ ଡ. କୁମରମଣି ନାୟକଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକଟି ଦର୍ଶକଙ୍କୁ ବେଶ ମନୋରଞ୍ଜନର ଖୋରାକ ଯୋଗାଇଥିଲା। ଡ. କୁମାର



ଗୋପାଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଚିତ୍ତ ରଞ୍ଜନ ଚିରଞ୍ଜିବୀ, ବକ୍ତା ବିଧାୟିକା ସୁବାସିନୀ ଜେନା, ଯାତ୍ରା ନାଟ୍ୟକାର ଅଧାପକ ସୁଧାଂଶୁ ନାୟକ, 'ନାୟିକା'ର ଅଧକ୍ଷା ସୁସ୍ମିତା ରଣା, କଳା କଳ୍ପିତ ଅନୁଷ୍ଠାନର ସମ୍ପାଦକ ରାଜେନ୍ଦ୍ର ରାଉତ ଏବଂ ବୟୋଜ୍ୟେଷ୍ଠ ଅଭିନେତା ପ୍ରଦୀପ ଚାଟାର୍ଜୀଙ୍କ ଆଶୀର୍ବାଦ ନାଟ୍ୟ ପ୍ରଭାର ସମସ୍ତ ସଦସ୍ୟ/ସଦସ୍ୟା ମାନେ ଆଶୀର୍ବାଦ ନେଇଥିଲେ। ନାଟକ ସମାଜର ବାର୍ତ୍ତା ବହନ କରେ, ଏବେ ଡିଜିଟାଲ ଯୁଗରେ ନାଟକର ଗୁରୁତ୍ୱ କମିନାହିଁ ଆଜି ବି ଦର୍ଶକ ୬୦୦/୭୦୦ ଟିକେଟ କାଟି ନାଟକ ଦେଖୁଛନ୍ତି। ଭଲ କଥା ବସ୍ତୁ ରହିଲେ ନାଟକ ଦେଖିବାକୁ ଆଗଭର ହେବେ। ଏହି ଅବସରରେ ବିଶିଷ୍ଟ ଯାତ୍ରା ନାଟ୍ୟକାର ସୁଧାଂଶୁ ନାୟକଙ୍କୁ ଡ. ରମାକାନ୍ତ ନାୟକ ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଥିଲା ଏହି କାର୍ଯ୍ୟକ୍ରମ ନାଟ୍ୟପ୍ରଭାର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲେ ସିପିଏମ୍ ପ୍ରତିନିଧି ମଣ୍ଡଳୀ



ବାଲେଶ୍ୱର, ୨୨।୧(ସମିସ): ସିପିଆଇ(ଏମ) ରାଜ୍ୟସମ୍ପାଦକ ସୁରେଶ ପାଣିଗ୍ରାହୀଙ୍କ ସହିତ ସିପିଆଇ (ଏମ) ବାଲେଶ୍ୱର ଜିଲ୍ଲା ସମ୍ପାଦକ ଶିଶିର ହୁଇଙ୍କ ସହିତ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଏକ ୬ ଜଣିଆ ପ୍ରତିନିଧି ମଣ୍ଡଳୀ ଭେଟି ବାଲେଶ୍ୱର ରେଳ ଷ୍ଟେସନ ପାର୍ଶ୍ୱରେ ଥିବା ବସ୍ତି ବାସିନ୍ଦାଙ୍କ ଥଇଥାନ ଏବଂ ଫୁଲାଡି ଛକ ଠାରୁ ଚଷାଖଣ୍ଡ ଗ୍ରାମ ପଞ୍ଚାୟତ, ବାଘାଯତୀନ ସ୍ମୃତି ପୀଠ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ସମ୍ପର୍କରେ ଆଲୋଚନା କରିଥିଲେ। ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

## 'ସାପ କାମୁଡ଼ା ଏବଂ ବଜ୍ରପାତ' ଉପରେ ସଚେତନତା କର୍ମଶାଳା

ବାଲେଶ୍ୱର, ୨୨।୧(ସମିସ): ଆଜି ଜିଲ୍ଲା ଅଡିଟୋରିୟମ ସମ୍ମିଳନୀ କକ୍ଷରେ ଭୁବନେଶ୍ୱର, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ବାଲେଶ୍ୱର ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମିଳିତ ସହଯୋଗରେ 'ସାପକାମୁଡା ଏବଂ ବଜ୍ରପାତ' ଉପରେ ଜନସଚେତନତା ନିମନ୍ତେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ହେମନ୍ତ କୁମାର ସିଂ ଏବଂ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ (ସାଧାରଣ) ଯୋଗ ଦେଇଥିଲେ। ଏହାପରେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ (ସାଧାରଣ) ତାଙ୍କ ବକ୍ତବ୍ୟରେ କହିଥିଲେ ବିପର୍ଯ୍ୟୟ ପରିଚାଳନାରେ ବିପଦ ହ୍ରାସ ଆଶା ଓ ଅଙ୍ଗନବାଡି କର୍ମୀମାନଙ୍କ ବହୁମୁଖୀ ଭୂମିକା ରହିଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ଜରୁରୀ କାଳୀନ କାର୍ଯ୍ୟାଳୟର ପ୍ରକଳ୍ପ ଅଧିକାରୀ ଅବନୀ କାନ୍ତ ଭୂୟାଁ ଓ ଓଡ୍ରାଫ ବାହିନୀର ସତ୍ୟ ପ୍ରକାଶ ପଣ୍ଡା ପାୱାର ପଏଣ୍ଟ ମାଧମରେ ସାପ କାମୁଡା ଏବଂ ବଜ୍ରପାତ ଉପରେ ସଚେତନତା ନିମନ୍ତେ ସମସ୍ତ ବିଷୟରେ ଦଳଗତ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସାଇକୃଷ୍ଣ ଜେନା ସ୍ୱାଗତ ଭାଷଣ ପ୍ରଦାନ କରି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ବାଲେଶ୍ୱର, ଓଡ୍ରାଫ ବାହିନୀ, ଏନଡିଆରଏଫ୍ ବାହିନୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ବାଲେଶ୍ୱର, ଉପ ବିଭାଗୀୟ ଅଧିକାରୀ ଜରୁରୀ କାଳୀନ ପୂର୍ଣ୍ଣଚନ୍ଦ୍ର ବେହେରା, ସ୍ୱେଚ୍ଛାସେବୀ ସଂଗଠନ ସହ ବିଭାଗୀୟ ପଦାଧିକାରୀ ଏବଂ ବିଭିନ୍ନ ବ୍ଲକର ୧୦୦ ଜଣ ଆଶା ଓ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିବାବେଳେ ଜିଲ୍ଲା ଜରୁରୀ କାଳୀନ କାର୍ଯ୍ୟାଳୟ ପ୍ରକଳ୍ପ ଅଧିକାରୀ ଅବନୀ କାନ୍ତ ଭୂୟାଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସାଇକୃଷ୍ଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଏଫ୍ଏମ୍ୟୁରେ ଦୁଇଦିନିଆ ଜାତୀୟ ସେମିନାର

ବାଲେଶ୍ୱର, ୨୨।୧(ସମିସ): ଏକବିଂଶତମ ଶତାବ୍ଦୀରେ ଆଦିବାସୀ ଜୀବିକା ସମସ୍ୟା ଉପରେ ଜାତୀୟ ସେମିନାର ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଆନ୍ଥ୍ରୋପୋଲୋଜି ବିଭାଗ ପକ୍ଷରୁ ଦୁଇଦିନିଆ ଜାତୀୟ ସେମିନାର



ଆୟୋଜିତ ହୋଇଯାଇଛି। ଏହି ସେମିନାରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଏକବିଂଶତମ ଶତାବ୍ଦୀର ଦ୍ରୁତ ପ୍ରଯୁକ୍ତିଗତ, ସାମାଜିକଆର୍ଥିକ ଓ ସାଂସ୍କୃତିକ ପରିବର୍ତ୍ତନ ପରିପ୍ରେକ୍ଷୀରେ ଆଦିବାସୀ ଓ ମୂଳବାସୀ ସମ୍ପ୍ରଦାୟମାନେ ସମ୍ମୁଖୀନ ହେଉଥିବା ନୂତନ ଜୀବିକା ସମସ୍ୟାଗୁଡ଼ିକୁ ଆଲୋଚନା କରିବା। ଉଦ୍‌ଘାଟନୀ ସଭାରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି, ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଭାସ୍କର ବେହେରା ସମ୍ମାନିତ ଅତିଥି ଏବଂ ପ୍ରଫେସର ଏ. ବି. ଓଟା (ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥା, ଓଡ଼ିଶାର ପୂର୍ବତନ ନିର୍ଦ୍ଦେଶକ) ଉଦ୍‌ଘାଟକ ଭାବେ ଅଭିଭାଷଣ ରଖିଥିଲେ। ପ୍ରଫେସର ଜଗନ୍ନାଥ ଦାଶ ମୁଖ୍ୟ ବକ୍ତା ଭାବେ ଉଦ୍‌ବୋଧନ ପ୍ରଦାନ କରିଥିଲେ। ସେମିନାରର ମୁଖ୍ୟ ସଂଯୋଜକ ଡ. ସଚିତା ନନ୍ଦ ସା ସେମିନାରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବ୍ୟାଖ୍ୟା କରିଥିଲେ। ପ୍ଲେନାରୀ ଅଧିବେଶନରେ ପ୍ରଫେସର ଅମିତ କୁମାର କିସ୍କୁ ଓ ଡ଼କ୍ଟର ମୀରା ସ୍ୱାଇଁ ମୁଖ୍ୟ ବକ୍ତୃତା ପ୍ରଦାନ କରିଥିଲେ। ତିନୋଟି ପ୍ରାଯୁକ୍ତିକ ଅଧିବେଶନରେ ବିକାଶ, ଆଦିବାସୀ ଅଧିକାର ଓ ଜୀବିକା ସମସ୍ୟା; ମାନବ ସୁରକ୍ଷା ଓ ସ୍ଥାୟୀତ୍ୱ; ଏବଂ ପରମ୍ପରା, ଆଧୁନିକତା ଓ ଡିଜିଟାଲିକରଣ ଭଳି ବିଷୟଗୁଡ଼ିକୁ ଆଲୋଚନା କରାଯାଇଥିଲା। ସେମିନାର ଅବସରରେ ଗୋଟିଏ ସ୍ମୃତିଗ୍ରନ୍ଥ ସହିତ 'ହେଲ୍ଥ କେୟାର ଆଣ୍ଡ ଲାଇଭଲିହୁଡ' ଓ 'ସଷ୍ଟେନେବଲ ହେଲ୍ଥ ଆଣ୍ଡ ୱେଲ୍-ବିଙ୍ଗ୍' ଶୀର୍ଷକ ଦୁଇଟି ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଯାହା ଅଧ୍ୟାପକ ଡ଼କ୍ଟର ସଚିତା ନନ୍ଦ ସା, ଡ. ବିଶ୍ୱଜିତ ପରିଡ଼ା ଓ ଡ. ଆକାଶ ମଲ୍ଲିକଙ୍କ ଦ୍ୱାରା ରଚିତ ହୋଇଛି। ଡ. ବିଶ୍ୱଜିତ ପରିଡ଼ା ଓ ଡ. ଆକାଶ ମଲ୍ଲିକ ସଫଳତାର ସହିତ ସମନ୍ୱୟ କରିଥିଲେ।

## ● ଯୁକ୍ତ ଦୁଇ କାଉନସିଲ ଚେୟାରମେନ କପ୍ ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା

## ଏଫ୍ଏମ୍ କଲେଜର ଅର୍ଥଦର୍ଶୀ ଓ ସୌମ୍ୟଙ୍କ ସଫଳତା



ବାଲେଶ୍ୱର, ୨୨।୧(ସମିସ): ଭୁବନେଶ୍ୱରସ୍ଥିତ ରାଜଧାନୀ କଲେଜ ପରିସରରେ ଅନୁଷ୍ଠିତ ଯୁକ୍ତ ଦୁଇ କାଉନସିଲ ଚେୟାରମେନ କପ୍ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ବାଲେଶ୍ୱରର ଫକୀରମୋହନ ମହାବିଦ୍ୟାଳୟର ଯୁକ୍ତ ଦୁଇ ଛାତ୍ରଛାତ୍ରୀମାନେ ଚମତ୍କାର ପ୍ରଦର୍ଶନ କରି ଶିକ୍ଷାନୁଷ୍ଠାନ ତଥା ଜିଲ୍ଲା ପାଇଁ ଗୌରବ ଆଣି ଦେଇଛନ୍ତି। ଆଜି ଆୟୋଜିତ ଏହି ପ୍ରତିଯୋଗିତାରେ ମହାବିଦ୍ୟାଳୟର ଦୁଇଜଣ ଯୁକ୍ତ ଦୁଇ କୃତୀ ଛାତ୍ର ଛାତ୍ରୀ ନିଜର ବାଗ୍ମୀତା ଓ ନିଷ୍ଠା ବଳରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଅର୍ଥଦର୍ଶୀ ନାୟକ ହିନ୍ଦୀ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଚେୟାରମ୍ୟାନ ଟ୍ରଫି ଜିତି ଥିବା ବେଳେ, ସୌମ୍ୟ ମହାନ୍ତି ଇଂରାଜୀ ବକ୍ତୃତା ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ହାସଲ କରି ରାଜ୍ୟ ସ୍ତରରେ ସଫଳତା ପାଇଛନ୍ତି। ଏହି ସଫଳତା ପଛରେ ରସାୟନ ବିଜ୍ଞାନ ବିଭାଗର ଅଧାପକ ରାଜେଶ କୁମାର ମଲ୍ଲିକ ଓ ଗଣିତ ବିଭାଗର ଅଧାପିକା ସୁଶ୍ରୀ ଶେତ୍ୱା ପଦ୍ମାଶିନୀ ସାହୁଙ୍କର ନିରନ୍ତର ପ୍ରଚେଷ୍ଟା ରହିଛି। ଏହି ସଫଳତା ପାଇଁ ମହାବିଦ୍ୟାଳୟର ଅଧକ୍ଷା ଡକ୍ଟର ସୋନାଲିସା ମହାନ୍ତି, ପ୍ରଶାସନିକ ଅଧିକାରୀ ଡକ୍ଟର ସନ୍ତୋଷ କୁମାର ରାଉତ, ସହ ପ୍ରଶାସନିକ ଅଧିକାରୀ ଲକ୍ଷ୍ମୀନାରାୟଣ ନାୟକ, ଆକାଡେମିକ ବର୍ଷାର ସୁଜିତ୍ କୁମାର ଦାସ, ମେଧାବୃତ୍ତି ଅଧିକାରିଣୀ ଶାଶ୍ୱତୀ ଦାସ ମହାପାତ୍ର, ଜାତୀୟ ସେବା ଅଧିକାରୀ ପିତାମ୍ବର ବେହେରା, ପରୀକ୍ଷା ନିୟନ୍ତ୍ରକ ଅଧାପିକା ସୁଲୋଚନା ସିଂ, ସହ ପରୀକ୍ଷା ନିୟନ୍ତ୍ରକ ଅଧାପିକା ଅପର୍ଣ୍ଣା ସେଠୀ, ନୋଡାଲ ନାମ ଲେଖା ଅଧିକାରୀ ପ୍ରିୟଙ୍କା ପତି, ଆକାଉଣ୍ଟ ବର୍ଷାର ମନୋରଞ୍ଜନ ପଣ୍ଡା, ସେକ୍ସନ ଅଧିକାରୀ ବଳରାମ ନାଏକଙ୍କ ସମେତ ଅନ୍ୟାନ୍ୟ ଅଧାପକ, ଅଧାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ସାଇ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ବାଲେଶ୍ୱର, ୨୨।୧(ସମିସ): ସାଇ ଶିଶୁ ବିଦ୍ୟା ମନ୍ଦିରର ୧୪ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ମଧୁସୂଦନ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ କବି ତଥା 'ପ୍ରତିଭାଶ୍ରୀ' ମୁଖ୍ୟ ପ୍ରଶାନ୍ତ ଦାସ ମୁଖ୍ୟ ଅତିଥି ନିଜ ଅଭିଭାଷଣରେ ଗୁଣାତ୍ମକ ଶିକ୍ଷାର ପ୍ରଭାବ ଶିକ୍ଷାର୍ଥୀ ଜୀବନରେ ଶିକ୍ଷା ସହ ଜ୍ଞାନକୁ ଯୋଡି ତାକୁ ଜୀବନରେ ସଫଳ ମାର୍ଗରେ ଚାଲିବା ପାଇଁ ବାଟ ଦେଖାଏ ବୋଲି କହିଥିଲେ। ପ୍ରକାଶକ ଅଭୟ ଦାସ ମୁଖ୍ୟ ବକ୍ତା, ଉତ୍କଳ ଶିକ୍ଷା ପରିଷଦର ରାଜ୍ୟ ସମ୍ପାଦକ ଯୋଗେନ୍ଦ୍ର ଦାଶ ସମ୍ମାନିତବକ୍ତା କ୍ଷେତ୍ର ମୋହନ କଲେଜ ଅଫ ବେସିକ ସାଇନ୍ସର ଚେୟାରମ୍ୟାନ କାଳି ଚରଣ ସେଠି ସ୍ୱତନ୍ତ୍ର ଅତିଥି, ପାତ୍ରପଡ଼ା ସରପଞ୍ଚ ଅଞ୍ଜନା ଦାସ, ବରିଷ୍ଠ ଶିକ୍ଷାବିତ ପଦ୍ମଲୋଚନ ଦାସ, ବିଦ୍ୟାଳୟ



ଚେୟାରମ୍ୟାନ ପ୍ରଫୁଲ୍ଲ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଆଭାମୟୀ ବାରିକ ମଞ୍ଚ ଆହ୍ୱାନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ହେମନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସଂଯୁକ୍ତା ଓଝା, ବିଜୟଲକ୍ଷ୍ମୀ ପାଢ଼ୀ, ନିମାଇଁ ଚରଣ ମାଇତି, ନିହାର ରଞ୍ଜନ ମହାପାତ୍ର, ଶିବଶଙ୍କର ବେହେରା, ଅର୍ପିତା ପ୍ରଧାନ, ସୁଭଦ୍ରା ତରେଇ, ନେହା ଫାରୁକି, ଜହୁରା ଖାତୁନ, ପୁଷ୍ପକାନ୍ତି ମିଶ୍ର, କମଳା ରାଣୀ କର, ମେଡିଆ ସଂଯୋଜକ ଅଜିମ ବାଲେଶ୍ୱରୀ ଏବଂ ସହାୟକ କର୍ମଚାରୀ ଦେବସ୍ମିତା ଦାସ, ବାସନ୍ତୀ ଗିରି, ନାଜରା ବିବି, ସାବିତ୍ରୀ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଭିନ୍ନ ସ୍ଥାନରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ







ବାଲେଶ୍ୱର, ୨୨।୧(ସମିସ)

ସଡକ ସୁରକ୍ଷା ସଚେତନତାର ବାର୍ତ୍ତା ଘରେ ଘରେ ପହଞ୍ଚି ପାରିଲେ ଦୁର୍ଘଟଣାଜନିତ ମୃତ୍ୟୁହାରକୁ ନିୟନ୍ତ୍ରଣ କରାଯାଇ ପାରିବ ବୋଲି ବାଲେଶ୍ୱରର ଆଞ୍ଚଳିକ ପରିବହନ ବିଭାଗର ଅଧିକାରୀ ଇଂ ଶ୍ୟାମଳେନ୍ଦୁ ରାଉତ ମତବ୍ୟକ୍ତ କରିଛନ୍ତି। ଆଜି ରେମୁଣା ସ୍ନାତକ ମହାବିଦ୍ୟାଳୟ ପରିସରରେ ଓଡ଼ିଶା ସାମ୍ବାଦିକ ୟୁନିଅନ ପକ୍ଷରୁ ଆଞ୍ଚଳିକ ପରିବହନ ବିଭାଗ ସହଯୋଗରେ ଆୟୋଜିତ ସଡକ ସୁରକ୍ଷା ସଚେତନତା ଅଭିଯାନ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଆରଟିଓ ରାଉତ ଯୋଗଦେଇଥିଲେ। ଓୟୁଜେ ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତଙ୍କ ଅଧକ୍ଷତାରେ ଅତିଥି ଭାବେ ରେମୁଣା ଡିଗ୍ରୀ କଲେଜର ପୂର୍ବତନ ଅଧକ୍ଷ ଜୟନ୍ତୀ ନାୟକ, ମୁଖ୍ୟବକ୍ତା ଭାବେ ରେମୁଣା ସ୍ନାତକ ମହାବିଦ୍ୟାଳୟର ଅଧକ୍ଷା ମାଳତୀ ସାମଲ ଛାତ୍ରଛାତ୍ରୀଙ୍କୁ ସଡ଼କ ସୁରକ୍ଷା ଉପରେ ସଚେତନ କରିଥିଲେ। ଓୟୁଜେର କୋଷାଧକ୍ଷ ସୁରେଶ ଚନ୍ଦ୍ର ଦାସ ସ୍ୱାଗତ ଭାଷଣ, ଅତିଥି ପରିଚୟ ଦେଇଥିବା ବେଳେ ରେମୁଣା ବ୍ଲକ ସଂଯୋଜକ ଲକ୍ଷ୍ମୀଧର ଗାଣ ଧନ୍ୟବାଦ ଦେଇଥିଲେ। ସାମ୍ବାଦିକ କହ୍ନେଇ ଚରଣ ପ୍ରଧାନ, ମହେଶ୍ୱର ପ୍ରଧାନ, ରେମୁଣା ସ୍ନାତକ ମହାବିଦ୍ୟାଳୟର ଅଧାପକ, ଅଧାପିକା ଛାତ୍ରଛାତ୍ରୀ ଭାଗ ନେଇଥିଲେ।

**ସରକାରୀ ପଲିଟେନିକ:** ରେମୁଣା ବିଦ୍ୟାଧରପୁରସ୍ଥିତ ସରକାରୀ ପଲିଟେକନିକ ସମ୍ମିଳନୀ କକ୍ଷରେ ଅଧକ୍ଷ ଡ. ଲକ୍ଷ୍ମୀଧର ଜେନାଙ୍କ ଅଧକ୍ଷତାରେ ଜାତୀୟ ସଡ଼କ ସୁରକ୍ଷା ମାସ ଉପରେ ଆଲୋଚନା କରାଯାଇଛି। ସଡ଼କ ସୁରକ୍ଷା ପାଳନ କାର୍ଯ୍ୟକ୍ରମରେ ଏମଭିଆଇ ସ୍ୱାହା ହେମ୍ବ୍ରମ ଯୋଗଦାନ କରି ବିଭିନ୍ନ ସଡ଼କ ସୁରକ୍ଷା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ।

କାର୍ଯ୍ୟକ୍ରମରେ ବରିଷ୍ଠ ଅଧାପକ ଯଦୁନାଥ ମୁର୍ମୁ ଏବଂ ଶିକ୍ଷା ସଂଯୋଜକ ଯୋଗଶକ୍ତି ଯୋଗମାୟା ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧରେ ହିମାଂଶୁ ଭୂୟାଁ, ଗାୟତ୍ରୀ ଜେନା, ଲିପିକା ଷଣ୍ଢ, ପ୍ରକାଶ ଚନ୍ଦ୍ର ଦାସ, ନିବେଦିତା ସାମଲ, ସୁରେଶ ନାୟକ, ମୁକ୍ତିକାନ୍ତ ପାଢ଼ୀ ପ୍ରଭୃତି ଅଧାପକ ଅଧାପିକା ଯୋଗଦାନ କରିଥିଲେ।

**ସହଦେବଖୁଣ୍ଟା ପୁଲିସ ପକ୍ଷରୁ ଶୋଭାଯାତ୍ରା:** ସଡ଼କ ସୁରକ୍ଷା ମାସ ଅନୁଷ୍ଠିତ ହେଉଥିବା ବେଳେ ଆଜି ସହଦେବଖୁଣ୍ଟା ଥାନା ପକ୍ଷରୁ ମଧ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ବିରଞ୍ଚି ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅରଡବଜାର ଠାରୁ ଆରମ୍ଭ ହୋଇ ଫାଣ୍ଡିଛକ, ଫକୀରମୋହନ ଗୋଲେଇ, ଷ୍ଟେସନ ଛକ ହୋଇ ସହଦେବଖୁଣ୍ଟା ଥାନାରେ ପହଁଚିଥିଲା। ଏଥିରେ ବିଶେଷ କରି ଟ୍ରାଫିକ ନିୟମ ମାନି ଗାଡ଼ି ଚଳାଇବା, ଗାଡ଼ି ଚଳାଇବା ବେଳେ ନିଶାସେବନରୁ ଦୂରେଇ ରହିବା, ଦୁଇ ଚକିଆ ଯାନ ଚଳାଇବା ବେଳେ ହେଲମେଟ ପିନ୍ଧିବା ଓ ଚାରିଚକିଆ ଯାନ ଚଳାଇବା ବେଳେ ସିଟ ବେଲ୍ଟ ବ୍ୟବହାର କରିବା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ ସାମିଲ ହୋଇ ପ୍ଲା-କାର୍ଡ଼ ଓ ବ୍ୟାନର ମାଧମରେ ସଡକ ସୁରକ୍ଷା ନିୟମ ପାଳନ କରିବା, ସଡକ ସୁରକ୍ଷା ଦୂର୍ଘଟଣାରୁ ଦୂରେଇ ରହିବା ସମ୍ପର୍କରେ ବାର୍ତ୍ତା ପ୍ରଦାନ କରାଯାଇଥିଲା। ଥାନାର ସବ ଇନସପେକ୍ଟର ଅଭିଷେକ ସାମନ୍ତରାୟଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ।


SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ: 022-22820427

ଆବେଦନ କରିବା ପାଇଁ ସ୍କାନ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

| ବିଜ୍ଞାପନ ସଂ. CRPD/SCO/2025-26/22 (ଚୁକ୍ତିଭିତ୍ତିକ ପଦବୀ) | | | |
|---|---|---|---|
| ପୋଷ୍ଟର ନାମ | ଖାଲି ପଦବୀ | 31.12.2025 ରେ ବୟସ (ବର୍ଷ) | |
| | | ସର୍ବନିମ୍ନ | ସର୍ବାଧିକ |
| ଉପାଧକ୍ଷ (ୟୁଏକ୍ସ) | 1 | 40 | 50 |
| ଉପ-ଉପାଧକ୍ଷ (ୟୁଏକ୍ସ) | 1 | 36 | 44 |
| ସହାୟକ ଉପାଧକ୍ଷ (ୟୁଏକ୍ସ) | 1 | 32 | 40 |
| ବରିଷ୍ଠ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ (ୟୁଆଇ ଏବଂ ୟୁଏକ୍ସ) | 3 | 28 | 37 |

| ବିଜ୍ଞାପନ ସଂ. CRPD/SCO/2025-26/22 (ନିୟମିତ ପଦବୀ) | | | | |
|---|---|---|---|---|
| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ | 31.12.2025 ରେ ବୟସ (ବର୍ଷ) | |
| | | | ସର୍ବନିମ୍ନ | ସର୍ବାଧିକ |
| ଉପ-ପ୍ରବନ୍ଧକ (ୟୁଆଇ ଏବଂ ୟୁଏକ୍ସ) | ଏମ୍ଏମ୍‌ଜିଏସ୍-II | 6 | 25 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query)ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 16.01.2026 ରୁ 05.02.2026 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 16.01.2026

ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)